# ବେଦାନ୍ତା

Spreading Knowledge Amongst Mankind.....

ସେପ୍ଟେମ୍ବର – ୨୦୧୯ SEPTEMBER - 2019



# ବେଦାନ୍ତୀ

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ବେଦାନ୍ତୀ



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ନିଜ ମାତୃଭୂମି ପ୍ରତି ଅତୁଟ ପ୍ରେମ ଯାହାକ ସ୍ୱର୍ଗ ସୁଖଠାରୁ ମଧ ଅତ୍ୟନ୍ତ ମଧୁର, ଅତ୍ୟନ୍ତ ମନୋରମ । ସ୍ୱର୍ଗ ସୁଖଠାରୁ ବି ସୁନ୍ଦର ସୁଖ ସଂମୃଦ୍ଧିପୂର୍ଣ୍ଣ ମାତୃଭୂମି ପ୍ରେମ । ସ୍ୱର୍ଗୀୟ ସୁଖ କଳ୍ପନା ମାତ୍ର । ପୃଥିବୀ ବାସୀ ଜୀବନର ବାସ୍ତବିକତାକୁ ସ୍ୱର୍ଗ ସୁଖ ଠାରୁ ଅଧିକ ସୁଖ ମାନନ୍ତି । ଜୀବନ ଏବଂ ମାଟିର ପ୍ରେମ ପରେ ମନୁଷ୍ୟଠାରେ ଏ ଦିବ୍ୟତା ଆସେ ଯାହା ଆଗରେ ସ୍ୱର୍ଗ ସୁଖ ଫିକା ଫିକା ଲାଗେ । ଭୌତିକ ସୁଖ ସୁବିଧା ପଛରେ ଦୌଡି ଦୌଡି ମନୁଷ୍ୟ ଆଜି ଏହି ଅନୁଭୂତିକୁ ହଜେଇ ଦେଇଛି । ଜୀବନ ଏବଂ ପ୍ରକୃତିର ସମ୍ବନ୍ଧ ଆଜିର ଯୁଗରେ ମନୁଷ୍ୟର ଏକ ଅଖୋଜା ଅଲୋଡା ଅନୁଭବ । ଚାରି ବେଦ ମଧ୍ୟରୁ ଅର୍ଥବ ବେଦ ହେଉଛି ଲୋକ ଜୀବନର ଝଲକ, ଅତ୍ୟନ୍ତ ଆପଣାର । ଅଥର୍ବ ବେଦର ଗାୟକ ନିଜକୁ ଧରତି ପୁତ୍ର ମାନନ୍ତି, ଧରତି ଯେଉଁଠି ଅନମୋଲ ସମ୍ପଦର ଭଣ୍ଡାର ଲୁଚ ରହିଛି । ସାମାନ୍ୟ ଜନର ଅନୁଭବ ଆଧ୍ୟାତ୍ମିକ ଅନୁଭବ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାମାନ୍ୟ ଜନର ଅନୁଭବରେ ପରମ୍ପରାର ମୂଲ୍ୟ ସତ୍ୟ-ଶିବ-ସୁନ୍ଦର ପରି ଅମୂଲ୍ୟ । ମାଟିର ମନୁଷ୍ୟ ଠାରେ କୃତ୍ରିମତା ନଥାଏ, ଥାଏ ସ୍ୱାଭାବିକତା । ମାଟିର ମଣିଷ ମାଟିରେ ଜନ୍ମ ନେଇ, ପ୍ରକୃତିକୁ ଆପଣେଇ ନେଇ ପରମ୍ପରାର ମହିମା ଗାନ ଠିକ୍ ଅଥର୍ବ ବେଦର ଗାୟକ ପରି କରନ୍ତି । ମନୁଷ୍ୟ ଭିତରୁ ନିଃସୃତ ବାଣୀର ମାଧୁର୍ଯ୍ୟ ସ୍ରୋତ କୌଣସି ସୌନ୍ଦର୍ଯ୍ୟ ଅନୁଭୂତିରୁ କମ ନୁହେଁ । ତାଙ୍କ ପାଇଁ ମୁକ୍ତିର ମାର୍ଗ ସ୍ୱର୍ଗରେ ନୁହେଁ । ଲୋକ ଜୀବନରେ ହିଁ ରହିଛି । ଲୋକ ଜୀବନର ସମ୍ବେଦନାକୁ ଅନୁଭବ କଲା ପରେ ହିଁ ମନୁଷ୍ୟଠାରେ ଏହି ଆତ୍ମବିଶ୍ୱାସର ଭାବନା ଜାଗ୍ରତ ହୁଏ ।

ଏହି ମାଟିରେ ହିଁ ସ୍ୱର୍ଗ । ଏହାପରେ କୌଣସି ସ୍ୱର୍ଗ ନାହିଁ। ମାଟି ପ୍ରତି ମମତା ମନୁଷ୍ୟ କୁ ମନୁଷ୍ୟ ବନବାରେ ପ୍ରେରଣା ଦିଏ । ବିଶ୍ୱର ସମସ୍ତ ସଭ୍ୟତାର ବିକାଶ ପ୍ରକୃତିର କୋଳରେ ହିଁ ସୃଷ୍ଟି । ସେହିଠାରୁ ମନୁଷ୍ୟ ସହିତ ପ୍ରକୃତିର ରାଗାତ୍ମକ ସମ୍ପର୍କ ସ୍ଥାପିତ ହୋଇଛି । ଆମର ଧାର୍ମିକ ଗ୍ରନ୍ଥ, ଋଷିମୁନଙ୍କ ବାଣୀ, କବିର ରଚନା, ସନ୍ଥ ସାଧୁମାନଙ୍କର ଅମୃତ ବଚନ, ସବୁକଛି ପ୍ରକୃତିର ମହତ୍ତ୍ୱ ଉପରେ ଆଧାରିତ। ହିନ୍ଦୁ ଧର୍ମରେ ପ୍ରକୃତି ପୂଜା ପ୍ରକୃତି ସଂରକ୍ଷଣ ରୂପରେ ମାନ୍ୟତା ପ୍ରାପ୍ତ ହୋଇଛି । ଭାରତ ବର୍ଷରେ ବୃକ୍ଷ, ପବ୍ନ, ନଦୀ, ପର୍ବତ, ଗ୍ରହ, ନକ୍ଷେତ୍ରର ବିଭିନ୍ନ ରୂପ ସହିତ ମାନବୀୟ ସଂପର୍କର ସୂଚନା ମିଳେ । ବୃକ୍ଷକୁ ସନ୍ତାନ ସ୍ୱରୂପ ଏବଂ ନଦୀ ସମୁହକୁ ମାତୃତ୍ୱର ସମ୍ବନ୍ଧ ସହିତ ଯୋଡା ଯାଇଛି । ଗ୍ରହ ନକ୍ଷେତ୍ର, ପାହାଡ, ବାୟୁ, ଦେବତାଙ୍କ ରୂପରେ ପରିଚତ । ପ୍ରାଚୀନ ସମୟରୁ ହିଁ ଭାରତର ବୈଜ୍ଞାନିକ ଋଷି ମୁନ ମାନଙ୍କୁ ପ୍ରକୃତି ସଂରକ୍ଷଣ ଏବଂ ମାନବ ସ୍ୱଭାବ ବିଷୟରେ ଜଣାଥିଲା । ସେମାନଙ୍କୁ ଜଣାଥିଲା ମାନବ ତାର ସ୍ୱାର୍ଥ ପାଇଁ କୌଣସି ପ୍ରକାର ଭୁଲ କରିପାରେ । ଯେଉଁଥିରେ ତାର ସ୍ୱୟଂର କ୍ଷତି ସଂଭବ । ସେଇଥିପାଇଁ ପ୍ରକୃତି ସହିତ ମାନବ ସମ୍ବନ୍ଧର ବିକାଶକୁ ନେଇ ଭାରତରେ ପ୍ରକୃତି ସହିତ ସନ୍ତୁଳନ ରକ୍ଷା କରିବା ଉଦ୍ଦେଶ୍ୟରେ ମହତ୍ତ୍ୱପୂର୍ଣ୍ଣ ସଂସ୍କାର ନର୍ମାଣ ହୋଇଛି । ହିନ୍ଦୁ ଧର୍ମର ବିଶେଷତା ଅନ୍ୟ କୌଣସି ଧର୍ମରେ ନାହିଁ। ହିନ୍ଦୁ ଧର୍ମ ଅସ୍ତିତ୍ୱର ସିଦ୍ଧାନ୍ତ ହିନ୍ଦୁମାନଙ୍କୁ ପ୍ରକୃତି ପ୍ରତି ଅଧିକ ସମ୍ବେଦନଶୀଳ ବନେଇଥାଏ । ଆମର ଋଷି-ମୁନ ମାନଙ୍କୁ ଜଣାଥିଲା ପ୍ରକୃତିର ଆଧାର ଜଳ ଏବଂ ଜଙ୍ଗଲ ଅଟେ । ସେଥିପାଇଁ ପୃଥିବୀ ରକ୍ଷା ଉଦ୍ଦେଶ୍ୟରେ ବୃକ୍ଷ ଏବଂ ଜଳକୁ ମହତ୍ୱ ଦେଇ କହିଛନ୍ତି – ବୃକ୍ଷ ହେଉଛି ଜଳ, ଜଳ ହେଉଛି ଅନ୍ନ ଏବଂ ଅନ୍ନ ହିଁ ଜୀବନ। ଜଙ୍ଗଲକୁ ଋଷିମାନେ ଆନନ୍ଦଦାୟକ ମାନନ୍ତି । ଏହି କାରଣରୁ ହିନ୍ଦୁ ଜୀବନର ଚାରି ମହତ୍ୱପୂର୍ଣ୍ଣ ଆଶ୍ରମ ମଧ୍ୟରେ ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ଏବଂ ସନ୍ୟାସର ସିଧା ସମ୍ବନ୍ଧ ବନରେ ଥାଏ। ହିନ୍ଦୁ ସଂସ୍କୃତିରେ ବୃକ୍ଷକୁ ଦେବତା ମାନ ପୂଜା କରିବାର ବିଧାନ ରହିଛି। ବୃକ୍ଷ ପୂଜା କରିବାର ବିଧି ଦ୍ୱାରା ହିନ୍ଦୁମାନେ ବୃକ୍ଷର ସଂରକ୍ଷକ ବନଯାନ୍ତି । ସମ୍ରାଟ ବିକ୍ରମାଦିତ୍ୟ ଏବଂ ଅଶୋକଙ୍କ ଶାସନ କାଳରେ ବନର ରକ୍ଷା ସର୍ବୋପରି ଥିଲା। ଚାଣକ୍ୟଙ୍କ ଆଦର୍ଶ ଶାସନ ବ୍ୟବସ୍ଥାରେ ଅନର୍ବାଯ୍ୟ ରୂପରେ ଅରଣ୍ୟପାଳର ନଯୁକ୍ତି ବିଷୟରେ କହିଛନ୍ତି ।

ବୃକ୍ଷରେ ଚେତନା ଥାଏ ବୋଲି ଆମର ମହର୍ଷି ମାନଙ୍କୁ ଭଲିଭାନ୍ତି ଜଣାଥିଲା । ସେଥିପାଇଁ ସେମାନେ ବୃକ୍ଷକୁ ମନୁଷ୍ୟର ସମତୁଲ୍ୟ ମାନନ୍ତି । ଋକ୍ ବେଦ ଠାରୁ ଆରମ୍ଭ କରି ପଦ୍ମ ପୁରାଣ, ମନୁସ୍ମୃତିରେ ମଧ୍ୟ ଏହାର ସନ୍ଦର୍ଭ ମିଳେ । ଛାନ୍ଦୋଗ୍ୟ ଉପନଷଦ ରେ ଉଦ୍ଦାଳକ ଋଷି ନିଜ ପୁତ୍ର ଶ୍ୱେତକେତୁ ଆଗରେ ଆତ୍ମାର ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି – ବୃକ୍ଷ ଜୀବାତ୍ମା ସହିତ ଓତୋପ୍ରୋତ ଭାବରେ ଜଡିତ । ମନୁଷ୍ୟ ଭଳି ସୁଖ-ଦୁଃଖ ର ଅନୁଭୂତି ସେମାନେ ମଧ୍ୟ କରନ୍ତି । ହିନ୍ଦୁ ଧର୍ମରେ ଏକ ବୃକ୍ଷକୁ ଦଶ ପୁତ୍ର ସହିତ ତୁଳନା କରାଯାଇଛି । ଘରେ ତୁଳସୀ ଗଛ ଲଗେଇବାର ବିଧି ପଛରେ ଉଦ୍ଦେଶ୍ୟ ହେଉଛି ତୁଳସୀ ଗଛ ମନୁଷ୍ୟକୁ ସବୁଠାରୁ ଅଧିକ ପ୍ରାଣବାୟୁ, ଅକ୍ସିଜେନ ଦିଏ । ତୁଳସୀ ଗଛରେ ଅନେକ ଔଷଧୀୟ ଗୁଣ ଦେଖାଯାଏ । ଗୃହିଣୀମାନେ ପରମ୍ପରା ହିସାବରେ ତୁଳସୀ ପୂଜନର ବିଧି ଅନୁସାରେ ପ୍ରତିଦିନ ତୁଳସୀ ଗଛରେ ପାଣି ଦିଅନ୍ତି । ରାତିରେ ଗଛରୁ କାର୍ବନ ଡାଇଅକସାଇଡ୍ ବାହାରେ । ସେଥିପାଇଁ କହନ୍ତି ରାତିରେ ଗଛପତ୍ର ଛୁଇଁବା ମନା । ମହାଦେବଙ୍କୁ ବେଲପତ୍ର ପସନ୍ଦ, ସରସ୍ୱତୀଙ୍କୁ ଧଳା-ହଳଦିଆ, ଲକ୍ଷ୍ମୀଙ୍କୁ ପଦ୍ମଫୁଲ, ଗଣେଷଙ୍କୁ ଦୁର୍ବା ଦେଇ ପ୍ରସନ୍ନ କରାଯାଇଥାଏ । ଏହାସବୁ ପ୍ରକୃତିର ବିଭିନ୍ନ ଅବୟବର ସଂରକ୍ଷଣର ସଂଦେଶ ଦେଇଥାଏ ।

ଜଳସ୍ରୋତର ମଧ୍ୟ ହିନ୍ଦୁଧର୍ମରେ ବହୁତ ମହତ୍ତ୍ୱ ଦେଖାଯାଏ । ଅଧିକରୁ ଅଧିକ ଗାଁ, ନଗର, ନଦୀ କୂଳରେ ସ୍ଥାପିତ ହେଇଛି । ଏମିତି ଗାଁ, ଯାହା ନଦୀ କୂଳରେ ଅବସ୍ଥିତ ନୁହେଁ, ସେଠି ଗ୍ରାମୀଣମାନେ ମିଶି ପୋଖରୀ ଖୋଳଥାନ୍ତି । ବିନା ନଦୀ-ପୋଖରୀ ଗାଁରେ ବସତି ସମ୍ଭବ ନୁହେଁ । ହିନ୍ଦୁମାନଙ୍କର ଚାରି ବେଦ ମଧ୍ୟରୁ ଅଥର୍ବ ବେଦରେ ଦର୍ଶାଯାଇଛି "ବସତି ସମୀପ ଶୁଦ୍ଧ ଜଳଯୁକ୍ତ ଜଳାଶୟ ଆବଶ୍ୟକ" । ଜଳ ଦୀର୍ଘାୟୁ ପ୍ରଦାୟକ, କଲ୍ୟାଣକାରକ, ସୁଖମୟ ଏବଂ ପ୍ରାଣରକ୍ଷକ ହୋଇଥାଏ । ସୁଦ୍ଧ ଜଳ ବିନା ଜୀବନ ରକ୍ଷା ସମ୍ଭବ ନୁହେଁ । ଜଳସ୍ରୋତର ରକ୍ଷା ପାଇଁ ଆମର ଋଷିମାନେ ଏହି ସନ୍ଦେଶ ଦେଇଯାଇଛନ୍ତି । ହିନ୍ଦୁ ଧର୍ମରେ ଅନେକ ନଦୀ ଏବଂ ପୋଖରୀର ଉପାସନା ବିଧି ରହିଛି । ମା ଗଙ୍ଗେ, ମା ଯମୁନେ, ନଦୀମାନଙ୍କୁ ମାତୃ ରୂପରେ ପୂଜାର ବିଧି ଅଛି । ମହାନ ଜ୍ଞାନୀ ଋଷିମାନେ ଧାର୍ମିକ ପରମ୍ପରାକୁ ଯୋଡି ପର୍ବତର ମହତ୍ୱକୁ ମଧ୍ୟ ସ୍ଥାପନା କରିଛନ୍ତି । ଦେଶର ପ୍ରମୁଖ ପର୍ବତ ଦେବତା ମାନଙ୍କର ବାସସ୍ଥାନ ରହିଛି । ହିମାଳୟକୁ ଭାରତର କରୀଟ କୁହାଯାଏ । କୈଳାଶ ମହାଶିବଙ୍କର ତପୋଭୂମି

ଅଟେ । ବିନ୍ଧ୍ୟ ଗିରି ମହାଶକ୍ତିର ବାସସ୍ଥାନ ଅଟେ । ମହାକବି କାଳିଦାସ କୁମାରସମ୍ଭବରେ ହିମାଳୟର ମହାନତା ଏବଂ ଦେବତ୍ୱକୁ ଦର୍ଶାଇ କହିଛନ୍ତି – "ଅସ୍ତ୍ୟୁତ୍ତରସ୍ୟାଂ ଦିଶି ଦେବତାତ୍ମା ହିମାଳୟୋ ନାମ ନାଗାଧିରାଜ" । ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୋବର୍ଦ୍ଧନ ପୂଜାର ବିଧାନ ଆରମ୍ଭ କରିଥିଲେ । ଗୋବର୍ଦ୍ଧନ ପର୍ବତରେ ଅନେକ ଔଷଧୀୟ ଗଛ ସହିତ ମଥୁରାର ଗୋପାଳକଙ୍କ ସୁରକ୍ଷା, ଗୋଧନ ପାଇଁ ଭୋଜନ, ପାଣି ବ୍ୟବସ୍ଥା ସେହି ପର୍ବତରେ ଥିଲା । ସେଥିପାଇଁ ମଥୁରା, ବୃନ୍ଦାବନ ସହିତ ପୂରା ଦେଶରେ ଦୀପାବଳି ପରେ ଗୋବର୍ଦ୍ଧନ ପୂଜା ଧୁମଧାମରେ କରାଯାଏ ।

ହଜାର ବର୍ଷ ପୂର୍ବେ ଯେତେବେଳେ ମହାଭାରତ ରଚନା ହୋଇଥିଲା ସେତେବେଳେ ବ୍ୟାସଦେବଙ୍କ ଭଳି ମହାନ ପୁରୁଷ ମନୁଷ୍ୟକୁ ଏବଂ ପ୍ରକୃତିର ସମସ୍ତ ପ୍ରାଣୀ ଏବଂ ବନସ୍ପତିର ସଂରକ୍ଷଣ ପ୍ରତି ଜାଗୃତ ଏବଂ ସାବଧାନ କରିଥିଲେ । ଉଦ୍ୟୋଗ ପର୍ବର ଏକ ଘଟଣା ଉଲ୍ଲେଖନୀୟ । ଯେତେବେଳେ କୌରବ ଏବଂ ପାଣ୍ଡବ ମାନଙ୍କର ଯୁଦ୍ଧ ଘୋଷଣା ହେଲା, ସେତେବେଳେ ଭଗବାନ ଶ୍ରୀକୃଷ୍ଣ ଏକ ଅନ୍ତିମ ସଂଦେଶ ଦେଇଥିଲେ । ସଂଦେଶ ମହତ୍ତ୍ୱପୂର୍ଣ୍ଣ ସହିତ ଯେପରିଭାବରେ ଉପମା ଆବରଣରେ ପ୍ରସ୍ତୁତ କରାଯାଇଛି, ତାହା ଉଦ୍ଧୃତ । ଶ୍ରୀକୃଷ୍ଣ କହିଛନ୍ତି, ଯେତେବେଳେ ଯୁଦ୍ଧ ହେବ, ପାଣ୍ଡବ ଜଙ୍ଗଲୀ ପଶୁମାନଙ୍କ ପରି ଭୟଙ୍କର ହୋଇଯିବେ । ଧୃତରାଷ୍ଟ୍ର ଏବଂ ତାଙ୍କର ପୁତ୍ର ଜଙ୍ଗଲ ସମାନ ଏବଂ ପାଣ୍ଡବ ସେହି ଜଙ୍ଗଲରେ ରହୁଥିବା ବାଘ ସମାନ । ଏହି ଜଙ୍ଗଲକୁ ବାଘ ସହିତ ନଷ୍ଟ ହେବାରୁ ବଞ୍ଚିତ କରିବାକୁ ପଡିବ । ଜଙ୍ଗଲର ଅଭାବରେ ବାଘ ଅସୁରକ୍ଷିତ ହୋଇଯାଆନ୍ତି ଏବଂ ବାଘ ରହିତ ଜଙ୍ଗଲ ଅସୁରକ୍ଷିତ ହୋଇଯାଏ । ଏହିପ୍ରକାର ଜଣେ ଅନ୍ୟଜଣଙ୍କର ରକ୍ଷା କରିଥାନ୍ତି । ଏହା ହେଉଛି ସମୃଦ୍ଧିର ମାର୍ଗ । ବ୍ୟାସଦେବଙ୍କର କଳ୍ପନାଶୀଳତା ଏଠିମଧ୍ୟ ପ୍ରକୃତି, ପର୍ଯ୍ୟାବରଣ ସଂରକ୍ଷଣ ପ୍ରତି ସମସ୍ତଙ୍କୁ ଜାଗ୍ରତ କରିବାର ପ୍ରୟାସ ଉଲ୍ଲେଖନୀୟ ଅଟେ ।

ଆଜିକାଲି ସମାଚାରର ମୁଖ୍ୟ ଅଂଶ ଜଙ୍ଗଲି ପଶୁପକ୍ଷୀମାନେ କଭର କରୁଛନ୍ତି । ଜଙ୍ଗଲ ଭିତରୁ କୌଣସି ପଶୁ ବାହାରି କୌଣସି ଗାଁର ଛୁଆକୁ ଉଠେଇ ନେଲାଣି ତ, ବାଘ ଗାଁରେ ପଶିଲାଣି ତ କେଉଁଠି ହାତୀ ମାଡିଲାଣି । ଗାଁ ତ ଛାଡ, ସହରରେ ମଧ୍ୟ ବାଘ ଭାଲୁ ଭଳି

ପଶୁ ପଶି ଉତ୍ପାତ କରୁଛନ୍ତି । ନିରୀହ ପଶୁପକ୍ଷୀମାନେ ଯିବେ କୁଆଡେ । ଜଙ୍ଗଲ ବିନାଶ ଫଳରେ ପଶୁପକ୍ଷୀମାନଙ୍କର ଅସୁରକ୍ଷିତ ଭାବ ମନୁଷ୍ୟକୁ ମଧ୍ୟ ସହିବାକୁ ପଡୁଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ହିରୋସିମା-ନାଗାସାକି ଉପରେ ଆମେରିକା ଦ୍ୱାରା କରାଯାଇଥିବା ଅଣୁ ବମ୍ ର ବିସ୍ଫୋଟ ଏକ ହୃଦୟ ବିଦାରକ ଉଦାହରଣ । ଏହି ସନ୍ଦର୍ଭରେ ଯଦି ମହାଭାରତର ଉଲ୍ଲେଖ କରାଯାଏ ଏହା ଅସଂଗତ ନୁହେଁ । ମହାଭାରତ ର ରଚୟକ ଏହିପରି ବିନାଶର ଆଶଂକା କରିଥିଲେ । ଆଦି ପର୍ବରେ ବ୍ରହ୍ମାସ୍ତ୍ର ବିଷୟରେ କୁହାଯାଇଛି । ଏହି ଅସ୍ତ୍ର ପୁରା ପୃଥିବୀକୁ ଧ୍ୱଂସ କରିବାର ଶକ୍ତି ଅଛି । ଯେତେବେଳେ ଭିଷ୍ମ ଏବଂ ପର୍ଶୁରାମ ଜଣେ ଅନ୍ୟଜଣଙ୍କ ବିରୁଦ୍ଧରେ ଏହି ଅସ୍ତ୍ର ପ୍ରୟୋଗ କରିଥିଲେ, ସେତେବେଳେ ପୁରା ସଂସାର ପ୍ରଜ୍ୱଳିତ ହୋଇ ଉଠିଥିଲା । ଦେବତାମାନଙ୍କୁ ସେତେବେଳେ ଏହି ଅସ୍ତ୍ରକୁ ରୋକିବାକୁ ପଡିଥିଲା । ଉଦ୍ୟୋଗ ପର୍ବରେ ପାଶୁପାତ ଅସ୍ତ୍ର ବିଷୟରେ ଅର୍ଜୁନ କହିଛନ୍ତି, ଏହି ଅସ୍ତ୍ର ତିନିଲୋକର ଜୀବିତ-ନିର୍ଜୀବ ସମସ୍ତ ବସ୍ତୁକୁ ନଷ୍ଟ କରିପାରେ । ଗୋଟିଏ ଯୁଗର ଅନ୍ତ ପାଇଁ ପୁରା ବ୍ରହ୍ମାଣ୍ଡର ସମାପ୍ତ ପାଇଁ ଏହି ଅସ୍ତ୍ର ଉପଯୋଗ କରାଯାଏ । ଏହି ଉପାଖ୍ୟାନରୁ ଜଣାପଡେ ସେତେବେଳେ ଭାରତରେ ପ୍ରାଚୀନ କାଳରେ ବିନାଶ ରୂପକ ଅସ୍ତ୍ରଶସ୍ତ୍ର ବିଦ୍ୟମାନ ଥିଲା । କିନ୍ତୁ ତାର ପ୍ରୟୋଗ ର ଅଧିକାର ଥିବା ବ୍ୟକ୍ତିଙ୍କୁ ତାର ପ୍ରଭାବର ପ୍ରଚୁର ଜ୍ଞାନ ଥିଲା । ସେମାନେ ସ୍ୱାର୍ଥୀ ନଥିଲେ । ସେମାନଙ୍କ ନିର୍ଣ୍ଣୟ ବିବେକପୂର୍ଣ୍ଣ ଥିଲା । ଦ୍ରୋଣ ପର୍ବରେ ମଧ୍ୟ ନାରାୟଣାସ୍ତ୍ର ବିଷୟରେ କୁହାଯାଇଛି ଯେ ଏହାର ପ୍ରୟୋଗରେ ପୃଥିବୀ ପ୍ରକମ୍ପିତ ହୋଇଉଠେ । ପର୍ବତମାଳା ହଲିବାରେ ଲାଗନ୍ତି ।ବିଶାଳ ସମୁଦ୍ରରେ ମନ୍ଥନ ଆରମ୍ଭ ହୋଇଯାଏ । କୁରୁକ୍ଷେତ୍ର ଯୁଦ୍ଧର ପ୍ରାୟ ସମାପ୍ତି ସମୟରେ ଯେତେବେଳେ କୌରବ ମାନଙ୍କର ସମାପ୍ତ ହୋଇଯାଇଥିଲା, ସେତେବେଳେ ଅଶ୍ୱସ୍ଥାମାର ବିବେକ ତା ସହିତ ନଥିଲା । ପାଣ୍ଡବଙ୍କ ପ୍ରତି ବିଦ୍ୱେଷ ଭାବନାରେ ପ୍ରେରିତ ହୋଇ ଉତ୍ତରାର ଗର୍ଭରେ ଥିବା ଅଭିମନ୍ୟୁ ପୁତ୍ରକୁ ମାରିବାପାଇଁ ବ୍ରହ୍ମାସ୍ତ୍ରର ପ୍ରୟୋଗ କରିଥିଲେ । ସେତେବେଳେ ଭଗବାନ ଶ୍ରୀକୃଷ୍ଣ ଏହି ଅସ୍ତ୍ରକୁ ନିରସ୍ତ୍ର କରିବାକୁ ଯାଇ ସୁଦର୍ଶନ ଚକ୍ରର ବ୍ୟବହାର କରିଥିଲେ ଏବଂ ଉତ୍ତରାକୁ ରକ୍ଷା କରିଥିଲେ । ଅର୍ଥାତ, ଅସ୍ତ୍ରର ମାରକ ପ୍ରଭାବର ନିରାକରଣ ର ଉପାୟ

ଉପଲବ୍ଧ ଥିଲା । ଥରେ ଯୁଧିଷ୍ଠିର ଏହିପରି ଅସ୍ତ୍ରର ସଂଗ୍ରହନ ଦେଖିବାକୁ ମନ କରିଥିଲେ । ନାରଦ ମୁନି ଏହାଉପରେ ନିଷେଧ ଲଗାଇଦେଇଥିଲେ ।

୧୯୨୭ ରେ ଏଚ.ଜେ. ମୂଲରଙ୍କୁ ଆଣବିକ ବିକିରଣର ଆନୁବଂଶିକ ପ୍ରଭାବକୁ ପ୍ରମାଣିତ କରିବାରେ ନୋବେଲ ପୁରସ୍କାର ଦିଆଯାଇଥିଲା । କିନ୍ତୁ ଆମେରିକାର ଦିଗଜ୍ଞ ମାନେ ଅଣୁ ବମ୍ ର ବିସ୍ଫୋଟର ନିର୍ଣ୍ଣୟ ନେଇଥିଲେ । ସେମାନଙ୍କୁ ଏହାର ପରିଣାମ ବିଷୟରେ ଜଣା ନଥିଲା । ସେମାନେ ସ୍ୱାର୍ଥୀ ଥିଲେ । ଏହି ବିଷୟରେ ସମସ୍ତେ ଭାବିଥିବେ ନିଷ୍ଟୟ । କିନ୍ତୁ ଏହା ସହିତ ଉତ୍ପନ୍ନ ହୋଇଥିବା ହାନିକାରକ ତତ୍ତ୍ୱ ବିଷୟରେ କେହି ଧ୍ୟାନ ଦେଇ ନଥିଲେ । ପରମାଣୁ ଉର୍ଜାର ଅବଶେଷକୁ ନଦୀ ଏବଂ ସମୁଦ୍ରରେ ଛାଡି ଦିଆଯାଏ । ଯେଉଁଠାକି ଧିରେ ଧିରେ ଭୂମିଗତ ଜଳରେ ମିଶିଯାଇ ତାର ରେଡିଓଧର୍ମିତା ମାଟିର ଅଂଶ ବନିଯାଏ । ଆଜି ଭାରତ ବିଶ୍ୱର ସର୍ବାଧିକ ପ୍ରଦୂଷିତ ଦେଶରୁ ଅନ୍ୟତମ । ଏହାର ବାୟୁ, ମାଟି, ଜଳ ଏତେ ପ୍ରଦୂଷିତ ଯେ ବିଭିନ୍ନ ପ୍ରକାର ରୋଗଗ୍ରସ୍ତ ମନୁଷ୍ୟର ବିବେକହୀନତା ଏଥିରୁ ପ୍ରମାଣିତ ।

ଆଜି ଆମ ଦେଶ ଜନସଂଖ୍ୟା ବିସ୍ଫୋଟରେ ସଂନ୍ତ୍ରସ୍ତ । ବିକାଶର ଗ୍ରଦର ଉପରେ ସମସ୍ତ ଯୋଜନା ବ୍ୟର୍ଥ ଦେଖାଯାଏ । ସ୍ୱାର୍ଥୀ ମନୁଷ୍ୟ ପାହାଡକୁ ଭାଙ୍ଗି ଚୁନା କରି ନିଜର ଆବଶ୍ୟକତା ପୂର୍ତ୍ତି ପାଇଁ ଭୂମିସାତ କରିଦେଲା । ଜଙ୍ଗଲକୁ କାଟି ସମତଳ ମୈଦାନ ବନେଇଦେଲା । ନଦୀରେ ଭୟଙ୍କର ବନ୍ୟାର ପ୍ରାଦୁର୍ଭାବ ଦେଖା ଯାଉଛି । କେଉଁଠି ସୁଖା ପଡିଛି ତ କେଉଁଠି ଭୟଙ୍କର ବର୍ଷା । ଲୋକେ ବେଘର । ମହାଭାରତର ଏହି ପ୍ରସଂଗ ବୃକ୍ଷ ଏବଂ ଜଙ୍ଗଲ ପ୍ରସଙ୍ଗ ଉପରେ ଆଧାରିତ । ଏହି କଥା ପ୍ରକୃତି ପର୍ଯ୍ୟାବରଣ ପ୍ରତି ମହର୍ଷି ବ୍ୟାସଦେବଙ୍କ ସମ୍ବେଦନଶୀଳତା ପରୋକ୍ଷ ରୂପରେ ତତ୍କାଳୀନ ମାନବୀୟ ମୂଲ୍ୟର ବୋଧ କରାଏ । ଦ୍ୟୁତ କ୍ରିଡାରେ ପରାଜୟ ପରେ ନିର୍ବାସିତ ପାଣ୍ଡବ ମାନେ ଦ୍ୱୈତ ବନରେ ଶରଣ ନେଇଥିଲେ । ସେଠାରେ ସେମାନେ ଏକ ବର୍ଷ ଆଠମାସ ପର୍ଯ୍ୟନ୍ତ ରହିଥିଲେ । ପ୍ରବାସର ଏହି ଅବଧିରେ ବଣରେ ପ୍ରାୟ ସମସ୍ତ ପଶୁ ଧିରେଧିରେ ସମାପ୍ତ ହେବାକୁ ଲାଗିଲେ । ଏହି ସମୟରେ ଯୁଧିଷ୍ଠିର ଦିନେ ଦେଖିଲେ ଜଙ୍ଗଲର ସମସ୍ତ ପଶୁ ପ୍ରଳାପ କରି ତାଙ୍କ ଆଗରେ କହୁଛନ୍ତି – ମନୁଷ୍ୟ ଜଙ୍ଗଲି ପଶୁପକ୍ଷୀମାନଙ୍କ ଉପରେ ଦୟା କରୁ । ଏହାଶୁଣି ଯୁଧିଷ୍ଠିର ସେହି ବନ ଛାଡି କାମ୍ୟକ ବନଆଡକୁ ପ୍ରସ୍ଥାନ କରିବାର ନିର୍ଣ୍ଣୟ ନେଲେ । ବନ ପର୍ବ, ଏହା

ବିଭିନ୍ନ ପ୍ରକାର ପ୍ରାଣୀମାନଙ୍କ ମଧ୍ୟରେ ଅସ୍ତିତ୍ୱ ଏବଂ ପ୍ରାକୃତିକ ସନ୍ତୁଳନ ବନାଇ ରଖିବାରେ ଭାରତୀୟ ଦୃଷ୍ଟିକୋଣକୁ ପୁଷ୍ଟ କରେ । ଶାନ୍ତି ପର୍ବ – ଭୀଷ୍ମ କହୁଛନ୍ତି ଯେତେବେଳେ ଇନ୍ଦ୍ର ବୃତ୍ତ ଅସୁରର ବଧ କରିଦେଲେ, ସେତେବେଳେ ବ୍ରହ୍ମ ହତ୍ୟା ତାଙ୍କ ପଛରେ ପଡିଗଲା । ଇନ୍ଦ୍ର ଭୟଭୀତ ହୋଇ ବ୍ରହ୍ମାଙ୍କ ପାଖକୁ ଗଲେ । ସେତେବେଳେ ବ୍ରହ୍ମା ବ୍ରହ୍ମହତ୍ୟାକୁ ଶାନ୍ତ କରିବାକୁ ଯାଇ ଇନ୍ଦ୍ରଙ୍କୁ ବିଭିନ୍ନ ସ୍ଥାନରେ ଆଶ୍ରୟ ଦେଲେ । ସେଥିମଧ୍ୟରୁ ପୃଥିବୀର ବନସ୍ପତି ଜଗତ ଅନ୍ୟତମ । ବୃକ୍ଷ ଲତା ସମସ୍ତ ବନସ୍ପତି ନିବେଦନ କଲେ ବ୍ରହ୍ମହତ୍ୟାର ଭାର ବହନ କରିବା ଅତ୍ୟନ୍ତ କଠିନ । ଏହାକୁ ଅନ୍ୟ କାହାକୁ ଦେଇଦିଅନ୍ତୁ । ସେତେବେଳେ ବ୍ରହ୍ମା ବର ଦେଲେ, ଯେତେବେଳେ ମନୁଷ୍ୟ ଅକାରଣରେ ଗଛ କାଟିବ, ସେତେବେଳେ ବ୍ରହ୍ମ ହତ୍ୟାର ଭାର ସ୍ୱୟଂ ତାହା ଉପରେ ପଡିଯିବ । ଏହି କଥା ବନସ୍ପତିର ସଂରକ୍ଷଣର ଅନିର୍ବାଯ୍ୟତାକୁ ଇଙ୍ଗିତ କରେ ।

ଭାରତୀୟ ପରମ୍ପରା ଅନୁରୂପ ପ୍ରେମ, କରୁଣା, ଦୟା, ସହୃଦୟତା ଭଳି ଉଚ୍ଚ ମାନବୀୟ ଗୁଣକୁ ପୁନଃସ୍ଥାପିତ କରିବାକୁ ପଡିବ । ଏଥିପାଇଁ ସହ ଅସ୍ତିତ୍ୱ ଭାବନା ସହିତ ପ୍ରକୃତି ପୁନଃ ବାସ୍ତବିକ ରୂପ ପ୍ରାପ୍ତ କରିବାରେ ସକ୍ଷମ ହେବ । ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ସଜାଗ, ସତର୍କ ଏବଂ ସକ୍ରିୟ ରହିବା ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ

# ଭିତର ପୃଷ୍ଠାରେ....


| | | |
|---|---|---|
| ନବ-ପୁରାତନ | ମମତା ଦାଶ | ୧୪ |
| ହେମଲତାଙ୍କ ଚପଲ | ଲୋପାମୁଦ୍ରା ମିଶ୍ର | ୧୬ |
| ବାଧ ହେଲି ଦୋଷ ଦେବାକୁ | ଶାନ୍ତିଲତା ମିଶ୍ର | ୩୧ |
| ସୁନ୍ଦର ସତ୍ୟ,ସତ୍ୟ ସୁନ୍ଦର | ଆଶୁତୋଷ ମେହେର | ୩୩ |
| ସମୟ ର ସୁଅରେ ହଜିଗଲାଣି କେତେ | ରୀତା ଅପରାଜିତା ମହାନ୍ତି | ୩୪ |
| ସାତକୋଶିଆ ଗଣ୍ଡର କାହାଣୀ | ଅଶୋକ ବିଶ୍ୱାଳ | ୩୬ |
| ହଜିଲା ଅତୀତ | ଅମ୍ବିକା ସ୍ୱାଇଁ | ୪୫ |
| ବାହାଘର | ସୁଲୋଚନା ପଟ୍ଟନାୟକ | ୪୬ |
| ତୁମକୁ ଛୁଇଁଲେ ସତରେ କ'ଣ ସ୍ୱର୍ଗପ୍ରାପ୍ତି ? | ଶଶଧର ମହାପାତ୍ର | ୪୭ |
| ମୋ ପାଇଁ | ଲିଲି ଗୌଡ | ୪୯ |
| ଓଡ଼ିଶା ଓ ଗାନ୍ଧିଜୀ | ଗୁରୁକଲ୍ୟାଣ ମହାପାତ୍ର | ୫୦ |
| ହେ ମୃତ୍ୟୁ ଆଜି ତୁମେ ଖାଲିହାତ ଯାଅ | ସଂଯୁକ୍ତା ମହାପାତ୍ର | ୫୬ |
| ଜାତିବାଦ ଛାଡି ସରବେ ହସନ୍ତୁ ବିଜୟ ଧ୍ୱଜାର ତଳେ | ସନ୍ତୋଷ ପଟ୍ଟନାୟକ | ୫୮ |
| ବୋଉ ବିନା | ବୈଦ୍ୟନାଥ ପଣ୍ଡା | ୬୦ |
| ଫୁଟି ଉଠିବାର ବେଳ | ରାଜବାଳା ତ୍ରିପାଠୀ | ୬୨ |
| ସୁମଧୁର ସଂଯୋଗ | ରାଜଶେଖର ସି. "ଚମା" | ୬୬ |
| କବିତା ମନସ୍କ ହେଲେ | ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟ | ୬୮ |
| କହରେ କାଳିଆ କହ | ପ୍ରଣତି ମହାପାତ୍ର | ୬୯ |
| ସମାଜ ସଂସ୍କାରକ ସ୍ୱାମୀ ଦୟାନନ୍ଦ | ଅଧ୍ୟାପିକା ଡକ୍ଟର କୁମୁଦିନୀ ମିଶ୍ର | ୭୧ |

| | | |
|---|---|---|
| ନୀଳଚକ୍ର | ଉଦୟନ ସୂପକାର | ୭୮ |
| ତମେ,ବର୍ଷା ଓ ସ୍ମୃତି | ସ୍ନେହଲତା ଦାସଲେଂକା | ୭୯ |
| ତୁମ ପରଶରେ | ରଶ୍ମିତା ନାଥ | ୮୧ |
| ଆମ୍ଗ୍ଲାନ | ଆଶା ସାହୁ (ଆରତୀ) | ୮୨ |
| ଅଷ୍ଟବିନାୟକ ଗଣପତି ଏବଂ ଗଣେଶଙ୍କ ଦ୍ୱାଦଶ ନାମ | ମୈତ୍ରେୟୀ କମିଳା | ୮୭ |
| ସପନ ସ୍ୱଇଜ | ସୁମିତ୍ରା ପୃଷ୍ଟି | ୮୯ |
| ଏବର୍ଷ ଶ୍ରାବଣର ସୋମବାର | ଅନାମ ଚରଣ ସାହୁ | ୯୧ |
| ମୁଦ୍ରିକା ଖୋଜକ | ଡକ୍ଟର ବିଜ୍ଞାନୀ ଦାସ | ୯୪ |
| ଅଭ୍ବ | ନୂତନ କୁମାର ବେହେରା | ୧୦୫ |
| ସୁନା ହରିଣୀ, ମାୟାମୃଗ | ଚନ୍ମୟ ବାରିକ | ୧୦୭ |
| ସେଇ ଘର | ବ୍ରଜନାରାୟଣ ପାଣିଗ୍ରାହୀ | ୧୦୯ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୧୧୧ |
| ଭୋଜନ | ଶିବ ଚରଣ ମିଶ୍ର | ୧୧୯ |
| ମୁଁ ଟିକେ ଲେଖନ୍ତି | ତପସ୍ୱିନୀ ବେହେରା | ୧୨୦ |
| ପ୍ରେମ | ସ୍ୱାତୀ ବନ୍ଦନା କର | ୧୨୨ |
| ଭିକ୍ଷୁକ | ଜୟଲକ୍ଷ୍ମୀ ସେଠୀ | ୧୨୩ |
| ଜୀବନ | ପ୍ରଶାନ୍ତ କୁମାର ନାଥ | ୧୨୫ |
| କ୍ଷୁଦ୍ରଗଳ୍ପ- ତର୍କେ ବହୁଦୂର | ବିନୟ ମହାପାତ୍ର | ୧୨୬ |
| ବଦଳା ଦୁନିଆ<br>ବାହାଘର | ଭାରତୀ ସାହୁ<br>ପ୍ରେମଶିଲ୍ ରାଉତ | ୧୩୩<br>୧୩୪ |
| ମୋ ଧନ ଯିବ ମାଉସୀ ଘର | ସରୋଜିନୀ ବେହେରା(ଟିକି) | ୧୩୫ |
| ଜଣେ ଯବାନ ଙ୍କ ଲେଖା | ପ୍ରକାଶ ସାହୁ | ୧୩୬ |
| ମୌସୁମୀ ଗୋ ତୁମେ | ପ୍ରଶାନ୍ତ କୁମାର ପଧାନ | ୧୩୯ |
| ମୋ ପ୍ରିୟା ପାଇଁ ପଦେ | ଜୟପ୍ରକାଶ ଦୁରିଆ(ରମନ୍) | ୧୪୦ |

| | | |
|---|---|---|
| ବୈଚିତ୍ର୍ୟମୟୀ ପ୍ରକୃତି | କେଶରୀ ପ୍ରସାଦ ମହାନ୍ତି | ୧୪୧ |
| ମୁଁ ଓଡିଆଣୀ | ଅନଙ୍ଗ ମଞ୍ଜରୀ | ୧୪୩ |
| ନୈନା ଦେବୀଙ୍କ ସହର: ନୈନୀତାଲ୍ | ପ୍ରିୟବ୍ରତ ପାତ୍ର | ୧୪୪ |
| ମନ ମୋର କହେ | ଅଜୟ କୁମାର ବେହେରା | ୧୫୪ |
| ନାଁ ରେ ଜୀବନ ନାଁ<br>ଗୁରୁଶ୍ରେଷ୍ଠ | ନବ କୁମାର ଦାସ<br>ମୀନାକ୍ଷି ପାଢୀ | ୧୫୬<br>୧୫୮ |
| ମୁଁ କର୍ଣ୍ଣ | ସୀତାରାମ ଦାଶ | ୧୫୯ |
| ବ୍ରହ୍ମାସ୍ତ୍ର | ସ୍ନେହାଲିନ ମିଶ୍ର | ୧୬୧ |
| ସମୀକ୍ଷା | ଏସ. ଓଜସ୍ୱିନୀ | ୧୬୫ |
| ଗୁଲୁଥିବା ଭୟ | ଡ. ଜ୍ଞାନେଶ୍ବର ମିଶ୍ର | ୧୬୮ |
| ଓଡିଶାର ପ୍ରାକୃତିକ ବିପର୍ଯ୍ୟୟ ଓ ଗୋପବନ୍ଧୁଙ୍କ ପ୍ରାସଙ୍ଗିକତା | ସଂଗ୍ରାମ କେଶରୀ ପୃଷ୍ଟି | ୧୭୦ |
| ନିଃସଙ୍ଗତା | ନୃସିଂହ ଚରଣ ବେହେରା | ୧୭୬ |
| ଜୟ ରସଗୋଲା - ଜୟ | ହରେରାମ ପଣ୍ଡା | ୧୭୮ |
| ସେ ମୀରା<br>ମାତୃ ଅଭିଶାପ<br>ଅଭୁଲା ସ୍ମୃତି | ପ୍ରିୟଦର୍ଶିନୀ ମହାନ୍ତି<br>ଶିବରାମ ଦଳେଇ<br>ନବୀନ ପଧାନ | ୧୭୯<br>୧୮୧<br>୧୮୪ |
| ପ୍ରକୃତ ବନ୍ଧୁ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୮୬ |
| ସମର୍ପଣ | ଅକ୍ଷୟ କୁମାର ବେହେରା | ୧୮୮ |
| ଆଗତ ପ୍ରାୟ<br>ଛୋଟ ମୋର ନାଆଟି | ଅନିଲ କୁମାର ସାହୁ<br>ପ୍ରଫେସର ଅନିତା ପଣ୍ଡା | ୧୯୦<br>୧୯୨ |
| ରକତେ ଭିଜଲା ମାଏଟ୍ | ପ୍ରସନ୍ନ ପ୍ରୟାସ ଭୂଏ (ପ୍ରୟାସ) | ୨୦୦ |
| ପ୍ରେମ | ପ୍ରବୀଣ୍ ରମେଶ୍ | ୨୦୧ |
| କନ୍ୟାଦାନ | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୦୨ |
| ଜୀବନ ଚରିତ | ଶ୍ରୀକ୍ଷେତ୍ର ସୁନ୍ଦର | ୨୦୪ |
| ପ୍ରିୟ ଭାରତବର୍ଷ | ନିର୍ମଳ କୁମାର ଦଳାଇ | ୨୦୫ |

| | | |
|---|---|---|
| ତଥାପି କାହିଁକି ପୁଣି ବାରମ୍ବାର ଇଚ୍ଛା ହୁଏ | ଜଶିକାନ୍ତ କହଲସିଂହ | ୨୦୭ |
| କଏ ପର, କଏ ନିଜର | ସନ୍ତୋଷ କୁମାର ମହାନ୍ତି | ୨୦୯ |
| ଥିଲି ଝିଅ ହେଲି ବୋହୂ<br>ଅଭିଯାନ<br>ନୂଆଁ କଲେଜ୍ ପଢ଼ାକଥା<br>କୃଷ୍ଣ-ବଳରାମଙ୍କର ଗୁରୁ ଦକ୍ଷିଣା | ରମେଶ ଚନ୍ଦ୍ର ବେହେରା<br>ଶରତ ଚନ୍ଦ୍ର ଜାଲି<br>ସୁଧୀର ପଣ୍ଡା<br>ନରେନ୍ଦ୍ର ପ୍ରସାଦ ବେହେରା | ୨୧୩<br>୨୧୪<br>୨୧୬<br>୨୨୦ |
| ଆହୁରି ମୁକତି ଗୃହୁଁଛି | ନରେନ୍ଦ୍ର ସାହୁ | ୨୨୨ |
| ବୁହେନ୍ | ମନୋଜ ମହାନନ୍ଦ | ୨୨୪ |
| ବୟସର ଅପରାହ୍ନେ | ଶିଶିର କୁମାର ପଣ୍ଡା | ୨୨୭ |
| କି ସୁନ୍ଦର ମୋର ଜନ୍ମ ଭୂମି | ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ | ୨୨୮ |
| 'ବାଳ' ଗବେଷଣା | ଡମ୍ବରୁଧର ପଟ୍ଟନାୟକ | ୨୩୨ |
| ଅଭିମାନୀ ଉତ୍କଳ ସନ୍ତାନ | ସଂଯୁକ୍ତା ରାଉତ | ୨୩୪ |
| କବିତା... ଭିନ୍ନ ଏକ ପ୍ରେମ କଥା | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୨୩୬ |
| ଭିନ୍ନ ଏକ ଅନୁଚିନ୍ତା | ଅବିନାଶ ବେହେରା | ୨୫୦ |
| ସବୁଠୁ ସରସ | ଭଗିରଥୀ ଯାନୀ | ୨୫୨ |
| ବଗିଚ୍ଚର ଫୁଲ | ଚିତ୍ତରଞ୍ଜନ ପଧାନ | ୨୫୩ |
| ତୁମକୁ ଲାଗେ ଭାରି ଡର | ଆନନ୍ଦ ସାଗରିଆ | ୨୫୪ |
| ଅସହାୟ ଦୁଇ ବନ୍ଧୁ | କୃଷ୍ଣ ଚନ୍ଦ୍ର ଡାକୁଆ | ୨୫୫ |
| ଭୋକର ଭୂଗୋଳ | ଅରୂପ କୁମାର ବିଶ୍ୱାଳ | ୨୬୧ |
| ମାଟିର ମଣିଷ | କୁମୁଦିନୀ ବେହେରା | ୨୬୨ |
| ନମୋ ସିଦ୍ଧି ବିନାୟକ | ଅରୂପ କୁମାର ବିଶ୍ୱାଳ | ୨୬୪ |
| କେବଳ ଆଧାତ୍ମିକତା ହିଁ ନୈତିକତାର ଆଧାର ନୁହେଁ | ବାଲ୍ମୀକି ନାୟକ | ୨୬୫ |
| ଅହଂକାରୀ ମଣିଷ | ପ୍ରଭାସ ଚନ୍ଦ୍ର ଗୋଲଟିଆ | ୨୭୧ |
| ବେଙ୍ଗୁଲି ରାଣୀ | ଗୁରୁ ସୋମନାଥ ରାଜଗୁରୁ | ୨୭୩ |

| | | |
|---|---|---|
| ସମ୍ପର୍କର ସଂଜ୍ଞା | ପ୍ରୀତିରେଖା ପରିଡ଼ା | ୨୭୪ |
| ଜଗନ୍ତ ଗୀତା- ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସମର୍ପିତ | ଗୀତା ଷଡଙ୍ଗୀ | ୨୭୫ |
| ବିଦେଶ ଖବର | ସଂଗୃହୀତ | ୨୭୬ |


# ଶିଶୁ ବିଭାଗ


| | | |
|---|---|---|
| ଜଗନ୍ନାଥଙ୍କ ଗଣେଶ ବେଶ | ମମତା ଦାଶ | ୨୭୮ |
| ଶରତ କଥା | ସତ୍ୟବ୍ରତ ସାହୁ | ୨୭୯ |
| ଆମେରେ ସ୍ୱାଧୀନ ଭାରତ ପିଲା | ପ୍ରଣତି ମହାପାତ୍ର | ୨୮୦ |
| ଲହୁଣୀ ଗ୍ଭେର ନବନୀତ ଗ୍ଭେର | ରାଜଶେଖର ସି "ଚମା" | ୨୮୧ |
| ନାଲି | ଲକ୍ଷ୍ମୀକାନ୍ତ ପଟ୍ଟନାୟକ | ୨୮୨ |
| ବାଇଗଣୀ ବର୍ଣ୍ଣ ଆଳୁ | ରଞ୍ଜିତ କୁମାର ସାହୁ | ୨୮୩ |
| ଛୋଟିଆ ଗାଁ ଟି | ଅଭୟ କୁମାର ହେର୍ଣ୍ଣା | ୨୮୭ |
| କୁନା ପଢ଼ିବ ପାଠ | ନରେନ୍ଦ୍ର ପ୍ରସାଦ ବେହେରା | ୨୮୯ |
| ମନରେ କରିଛି ପଣ | ତପନ କୁମାର ସ୍ୱାଇଁ | ୨୯୧ |
| ବାଲୁତ ବୀର | ନବେଦିତା ମହାପାତ୍ର | ୨୯୩ |
| ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୯୫ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୯୬ |


ବେଦାନ୍ତୀ

# ନବ-ପୁରାତନ



ମମତା ଦାଶ

ପୂର୍ଣ୍ଣ ପୁରାତନ ସୁବର୍ଣ୍ଣ କାଳ
ମୂର୍ତ୍ତିମାନଙ୍କର ଦିଗନ୍ତ ଛବିଜାଲ
ଜ୍ୟୋତି ଚୁମ୍ବିତ ଜଗତର କପାଳ
ରାଶି ରାଶି ବିକଶିତ ବସୁଧାର ଯୌବନର ବିସ୍ତାର

ମଗଧର ସ୍ୱର, ଅଶୋକ
ଚନ୍ଦ୍ରଗୁପ୍ତ, ଅଜାତଶତ୍ରୁ, ବିମ୍ବିସାର
ତକ୍ଷଶିଳାରେ ଚନ୍ଦ୍ରଗୁପ୍ତର ଘୋଡାର ଦୌଡ
ବିମ୍ବିସାର ଅଜାତଶତ୍ରୁ ର ଭୂଜାର ବଳ

ଅବନ୍ତି, କୋଶଳ, ବିଦର୍ଭର ଶାସକ
ଶାସନ ବ୍ୟବସ୍ଥା କାନୁନ ସମାଜ
ବହୁ ସମ୍ଭବ, ସାଗର କୂଳରେ
ଦୂର ଯାତ୍ରାର ଜଳଯାନ ଯୁଗରେ

ବେଦାନ୍ତୀ

ଲିଭିଯାଇଥିବା ସନ୍ଧ୍ୟାରେ
ଅଜ୍ଞାତ ନବଯୁଗର
ସମୁଚ ବିଶ୍ୱରେ
ଭୋର ପୂର୍ବରୁ ଉଦୟର ଗୁଞ୍ଜ

କଛି ଲୋକ ମୂର୍ତ୍ତି ବନାଇ
ବିକବେ କ୍ରାନ୍ତିର
କଛି ଲୋକ ପୁଗ୍ସ ସମୟ
ଗ୍ସଣ ପକେଇ ଗାଇବେ ଲୋକତନ୍ତ୍ରର

ଅପେକ୍ଷାରେ କ୍ୟୁ ରେ
ପ୍ରାପ୍ତିର କୋଳରେ
ଭୁଜାର ବଳରେ
ଠଗର ପ୍ରେମରେ

ନେଇଯିବେ ସବୁ ଡଙ୍ଗାରେ
ବଳକା ସବୁ
ଜୀବନ ବିତେଇବେ
ମଲ୍ଲାହା ଭଳ
ବନ୍ଦରଗାହ ରେ

ପ୍ରତ୍ୟେକ ନୟତି ଏହିପରି
ଜଣାନାହିଁ ଜୀବନରୁ ଆସୁଛି
କମ୍ବା ଜୀବନରୁ ଯାଉଛି
ନ ପାଇବାର ବିଫଳତା ଆଉ ଦୁଃଖ
ସବୁ ଅର୍ଥହୀନ ହୋଇଯାଏ
ଇତିହାସର ପୁରୁଣା ପୃଷ୍ଠାରେ
ଶୁନସାନ ରାତିର ସାଗର ତଟରେ
ଶୁଣାଯାଏ ଦୂରରୁ ଆସୁଥିବା
ଶବ୍ଦର ଧ୍ୱନ, ଅନନ୍ତ ପର୍ଯ୍ୟନ୍ତ

ସ୍ୱୟଂସିଦ୍ଧ ଆନନ୍ଦର
ପୌଢ ଆଲିଙ୍ଗନରେ
ମିଶିଯାଏ ରକ୍ତର ଗୁଂଜ ରେ ଆର୍ଯ୍ୟାଲୋକ
ନୂଆ ନୂଆ ସଂସ୍କୃତିରେ
ବାଳ ମାନବତାର ସ୍ୱାଭାବିକ ସ୍ୱପ୍ନ ପର୍ଯ୍ୟନ୍ତ
ଏକ ସ୍ୱାତ୍ତିକ ଶାନ୍ତି
ପ୍ରଭାତର ସହଜ ବୈଭବରେ ସ୍ଥିର
ଅସହ୍ୟ ସୌନ୍ଦର୍ଯ୍ୟ ବିସ୍ମୟର ପରିଧିରେ
ଆକୁଳ ପ୍ରାଣରେ ମିଠା ମିଠା ସ୍ୱର

ସମ୍ପାଦିକା

# ହେମଲତାଙ୍କ ଚପଲ



ଲୋପାମୁଦ୍ରା ମିଶ୍ର

ହେମଲତା ବାର୍ଦ୍ଧକ୍ୟରେ ଉପନୀତ । ଲୋଳିତ ଚର୍ମ, ସେଥୁଆ ମୁହଁ, ଦୁର୍ବଳ ଶରୀର ଓ ଧୋବ ଫର ଫର କେଶକୁ ତାଙ୍କର ଦେଖିଲେ ଯେ କେହିବି ସହଜେ ତାଙ୍କ ବୟସକୁ ଅନୁମାନ କରିପାରିବ । ଉଣେଇଶ ବର୍ଷ ବୟସରୁ ସ୍ୱାମୀ ହରା, ସାଥୀ ହରା ହୋଇ ଏକାକୀ ଏକମାତ୍ର ପୁଅ ରମେଶକୁ ଆଠ ମାସ ରୁ ଅଠଚାଳିଶ ବର୍ଷ ବୟସ୍କ କରିପାରିଛନ୍ତି ।

ସ୍ୱାମୀ ଚାଲିଗଲା ପରେ ହେମ ଦମ୍ଭଧରି ବାଟ ଚାଲିଲେ । ରାସ୍ତାର ସବୁ ବନ୍ଧୁରତା କୁ ଖାଲିପାଦ ରେ ଏଡ଼ାଇ ଆଗକୁ ଯାଇଛନ୍ତି ବରଂ ସେହି କଳା ରଙ୍ଗର ହାତତିଆରି ଚମଡ଼ା ଚଟି ଚପଲ ହଳକ କୌଣସି ଦିନ  ପିନ୍ଧି ନାହାଁନ୍ତି  । ପୁଅ ତାଙ୍କର ବଡ଼ ହେଇଛି, ଚାକରୀ କରି ବାହା ହୋଇ ଘରକୁ ସୁନାନାକ ବୋହୂଟିଏ ଆଣିଛି, ନାତି ନାତୁଣୀ ରେ ଘର ପୁରି ଉଠିଛି ତଥାପି ସେହି ଚପଲ ହଳକ ଯେମିତି କୁ ସେମିତି ହେମଙ୍କ କାଠ ଆଲମିରା ତଳେ ସଯତ୍ନେ ସାଇତା ହୋଇ ରହିଛି । ହେମ ଯେ ସେବେଠୁ ସେହି ଆଗପରି ଅନ୍ୟ କୌଣସି ଚପଲ ନପିନ୍ଧି ଖାଲି ପାଦରେ ଘରୁ ଗୋଡ଼ କାଢନ୍ତି, ତାହା ଭାବିବା ଭୁଲ । ସେ ତ ଗୋଟେ ଯୁଗ ତଳର କଥା ଯେବେ ବିଧବା ମାନଙ୍କୁ ଚପଲ ମନା ହେଉଥିଲା । ଯୁଗ ଅନେକଟା ବଦଳିଛି । ଅନେକ । ଯୁଗ ସହ ତାଳ ଦେଇ ହେମଲତା  ଆଗକୁ ଯାଇଛନ୍ତି । ତାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଛି । ବଦଳିନ କେବଳ ସେହି କଳା ଚପଲ ହଳକ ପ୍ରତି ହେମଙ୍କ ଅଦ୍ଭୁତ ଶ୍ରଦ୍ଧା ।

ଅର୍ପିତା ଦେଖେ ଶାଶୂ ପ୍ରାୟ ସମୟରେ କାଠ ଆଲମିରା ତଳୁ ପୁରୁଣା ଜରି ବ୍ୟାଗ୍ ଟେ ଟାଣିଆଣନ୍ତି । ପଟି ଖୋଳ ଟେ ବାହାର କରି  ତହିଁରୁ ଚପଲ ହଳେ କାଢ଼ି ଆଣି ଯତ୍ନରେ

ଆଉଁଶି ପକାନ୍ତି । ପୁଣି ପୁରୁଣା ପେପର୍ ଟି ଗୁଡେଇ ଚପଲ ଟିକୁ ଖୋଳରେ ଭର୍ତ୍ତି କରି ଜାରିଟାକୁ ଅତି ସନ୍ତର୍ପଣରେ ଆଲମାରୀ ତଳକୁ ଠେଲି ଦିଅନ୍ତି ।

ବିବାହର ଅନେକ ବର୍ଷ ପରେ ଦିନେ ଅର୍ପିତା ଶାଶୂଙ୍କ ଚପଲର ରହସ୍ୟ ଜାଣିବା ପାଇଁ ଖୁବ ଆଗ୍ରହ ଦେଖେଇ ସ୍ୱାମୀଙ୍କୁ ପଚ୍ଚରିଲେ ଏବଂ ସନ୍ତୋଷ ଜନକ ଉତ୍ତର ନପାଇ ନିରାଶ ହୋଇ ପୁଣି ହେମଙ୍କୁ ପଚ୍ଚରିଲେ,

**--**ବୋଉ **!** ସେ ଚପଲ ହଳକ କାଢ଼ି ପିନ୍ଧୁନାହାଁନ୍ତି **?** କେତେଦିନ ଏମିତି ସାଇତି ରଖିବେ**?** ମୁଁ ତ ଏ ଘରକୁ ଆସିଲା ଦିନଠୁଁ ଦେଖୁଛି ଆପଣ ସେଇଟିକୁ ଖାଲି କାଢୁଛନ୍ତି ଆଉ ରଖୁଛନ୍ତି ।

**--**ନାଇଁଲୋ ମାଆ ଏ ଚପଲ ପିନ୍ଧିବା ପାଇଁ ହେଇନ । ହେଇ ଦେଖୁନୁ ୟା ତଳେ କେମିତି ଗୋଟେ ଅଠାରେ ଷ୍ଟିକର୍ ଲାଗିଛି । ପିନ୍ଧିଲେ ଷ୍ଟିକର୍ ଛାଡ଼ିଯିବନି **?**

**--**ଷ୍ଟିକର୍ ତ ସବୁ ଚପଲ ରେ ଲାଗିଥାଏ । ଏଥିରେ ଆଉ ନୂଆ କଥା କଣ **?**

**--**ହଁ ନୂଆ **!** ଏ ଚପଲ ନୂଆ ହେଇ ରହିବ । ମୁଁ ୟାକୁ ପିନ୍ଧି ପୁରୁଣା କରିବିନି ।

**--**କାହିଁକି ବୋଉ **?** ଆପଣଙ୍କୁ କଣ ବାପା ଏ ଚପଲ ଗିଫ୍ଟ କରିଥିଲେ କି**?**

**--**ବାପା **!** ହା ହା**...**

ହେମଲତା ଖୁବ ଜୋରରେ ହସି ଉଠିଲେ । ହସୁ ହସୁ ପୁଣି କାନ୍ଦିଲେ । ଗଡି ଯାଉଥିବା ଲୁହକୁ ତରତର ରେ ପୋଛି ପକେଇ ପୂର୍ବ ଅବସ୍ଥା କୁ ଫେରି ଆସି କହିଲେ**,** "ତୋ ଶ୍ୱଶୁରଙ୍କ ସହ ମୋର ଆଉ ଦେଖା କେବେ ହେଲେ ଯେ ସେ ମୋତେ ଚପଲ ଉପହାର ଦେବେ **?** ବରଂ ସେ କଛି ଦିନ ପାଇଁ ମୋ ପାଦ ତଳୁ ଖାଲି ଚପଲ ନୁହେଁ ମାଟି କୁ ବି

ଖସେଇ ଦେଇଥିଲେ । ରମୁ ଜନ୍ମ ହେବା ଆଗରୁ ହିଁ ସେ କଲିକତା ଗ୍ଲିଯାଇଥିଲେ । ପୁଅମୋର ଦୁନଆଁ ଦେଖିଲା ବେଳକୁ ବାପା ତାର ଆଖିବୁଜି ସାରିଲାଣି ।"

ଅର୍ପିତା ଶାଶୂଙ୍କ କଥା କଛି ବୁଝି ପାରୁନଥିଲେ । ଭାବୁଥିଲେ, "ଏ ବୋଧେ ଅଳ୍ପ ବୟସରେ ଏକଲା ସଂସାରର ବୋଝ ମୁଣ୍ଡେଇବାର କୁପରିଣତି । ସେଥିପାଇଁ ହୁଏତ ଶାଶୂଙ୍କର କଥାବାର୍ତ୍ତା ଓ ବ୍ୟବହାର ରେ ତାଳମେଳ ରହେ ନାହିଁ ।"

ମାମୁନ ଜେଜେମାଆର ରୁମ୍ କୁ ପଶିଗଲା ହାତରେ ଗୋଟେ ସ୍ମାର୍ଟ୍ ଫୋନ ଧରି ।

--ଜେଜେମାଆ ଆସ ତୁମ ସହ ଗୋଟେ ସେଲ୍ଫି ନେବି ।

ମାମୁନ ହେମଙ୍କୁ କୁଣ୍ଢେଇ ଧରି ଓଠରେ ପାଉଟ୍ କରି ଫୋଟୋ ଟେ ଉଠେଇନେଲା ।

"ହେଇ ଦେଖିଲ ଜେଜେମାଆ ! ସେଲ୍ଫି ଟା କେମିତି ହେଇଛି ?"

ମୋବାଇଲରେ ଫୋଟୋ ଟାକୁ ଅନେକ ସମୟ ଯାଏଁ ଅନେଇ ରହିଲେ ହେମ । ସେ ବହୁ ବର୍ଷ ତଳେ ନଜ ମୁହଁ କୁ ଆଇନା ରେ ଦେଖିଥିଲେ । ମୋବାଇଲ୍ ରେ ନଜକୁ ଦେଖି ହଠାତ ଚହ୍ନି ପାରିଲେନାହିଁ । କାନ୍ଥରେ ଝୁଲୁଥିବା ହେମଙ୍କର ଏକ ପୁରୁଣା କଳାଧଳା ଫୋଟୋ ହିଁ ତାଙ୍କ ମନରେ ଭ୍ରମ ସୃଷ୍ଟି କରିବାର କାରଣ । ସେ ଯେତେଥର ସେହି ପୁରୁଣା ଫୋଟୋଟିକୁ ନରିଖେଇ ଦେଖିଛନ୍ତି ତାଙ୍କୁ ସେତେଥର ଲାଗିଛି ସେ ସେହିପରି ହିଁ ଅଛନ୍ତି । ନଜକୁ ସେ କଦାପି ବୃଦ୍ଧା ଓ ଅସହାୟା ମନେ କରିନାହାଁନ୍ତି ।

"ଇଏ କଣ ମୁଁ ?

--ତୁମେ ନୁହେଁ ତ ଆଉ କଏ ?

--ଆରେ ମୋତେ ଏତେଗୁଡାଏ ବୟସ ହେଇଗଲାଣି ନା ?

--କେତେ ବୟସ ହେଲାଣି ତୁମକୁ ?

--ମୁଁ ଜାଣିନ । ତୋ ବାପା ର ବୟସରେ ଅଠର ମିଶେଇଦେଲେ ଯେତିକ ହେବ ସେତିକ ।

--ଓହ ତୁମକୁ ତାହେଲେ ସିକ୍ସଟି ସିକ୍ସ ମାନେ ଜମା ଛଷଠୀ ବର୍ଷ । ମୁଁ ତ ଭାବିଥିଲି ସତୁରୀ କ ଅଶୀ ହେଇଥିବ ।

--କାହିଁକି ଭାବୁଥିଲୁ ମତେ ଅଶୀ ହେଇଥିବ ?

--ତୁମେ ସେମିତି ବୁଢୀ ଦେଖାଗଲଣି । ହେମାମାଳନୀ କୁ ଚହ୍ନିଛ? ସେ ତୁମଠାରୁ ବୁଢ଼ୀ ହେଇକ ବି ୟଙ୍ଗ୍ ଦେଖାଯାଉଛି ।

ହେମଲତା ପୁଣି ଅନ୍ୟମନସ୍କ ହେଇଗଲେ । ମାମୁନ ତାଙ୍କୁ ହଲେଇ କଣ ଭାବୁଛ ପଗ୍ଦରିଲାରୁ କହିଲେ, "ଭାବୁଥିଲି ତାଙ୍କ କଥା । ସେ ବି ତ ବୁଢ଼ା ହେଇଯିବେଣି ? କେତେ ଆଉ ବୟସ ହେଇଥିବ ସେତେବେଳେ ତାଙ୍କୁ ! ହେଇ ହେଇ ପଚଶ, ଛବିଶ କମ୍ବା ସତେଇଶ । ନହେଲେ ଅତିବେଶି ରେ ଅଠେଇଶ । ହଁ ହଁ ସେତିକ । ତା ଠୁ ଆଉ ଅଧିକ ନୁହେଁ । ବଦଳ ହେଇ ଗ୍ଦଲିଗଲେ । ଆଉ ଆସିଲେ ନାହିଁ । କାହିଁକି ଆଉ ଥରଟେ ବି ଆସିଲେନ ? ଏ ଭିତରେ ଏତେଦିନ ହେଇଗଲାଣି ନା ? ମୁଁ କୋଉଠି ଥିଲି ଏତେଦିନ ଯାଏଁ ? ମୋର ତ କଛି ମନେପଡୁନାହିଁ ।"

--ଜେଜେମାଆ ! ଜେଜେମାଆ ! ତୁମେ କାହା କଥା କହୁଛ ଜେଜେମାଆ?

--ଆଏଁ ! ମୁଁ କଣ କଛି କହୁଥିଲି କ ? ମୁଁ ତ ଏଠି ନଥିଲି !

--ତୁମେ ପାଗିଳୀ ହେଇଗଲଣି ଜେଜେମାଆ ।

ହେମଲତା ମାମୁନ କଥାର ଆଉ କଛି ଉତ୍ତର ନଦେଇ ଆଲମାରୀ ତଳେ ବସି ପଡ଼ିଲେ ଓ ସେହି ଚପଲ ଜରିଟାକୁ ଟାଣି ଆଣିଲେ । ଚପଲଟା ହାତରେ ଧରି ଅତୀତ କୁ ଫେରୁଥିଲେ ବୋଧେ ମାମୁନ ଅଟକେଇ ଦେଲା ।

**--**ଜେଜେମାଆ ଏ ଚପଲଟା ତୁମର **?**

**--**ହଁ । ମୋର । ବହୁତ ନଜର ।

**--**ତୁମେ କାହିଁକ ଇୟୁଜ୍ କରନ ଏହିଟା **?** କଣ ବ୍ଲାକ କଲର୍ ବୋଲି ପସନ୍ଦ ଆସେନ**?**

**--**ନାଇଁ ଲୋ ବୁଢ଼ୀ ମୁଁ ତାକୁ ଚପଲ ବୋଲି କେବେ ଭାବି ନାହିଁ ।

**--**ଆଉ କଣ ଭାବିଛ **?** ତୁମେ କାହା ବୟସ କଥା କହୁଥିଲ ସେତେବେଳେ**?** ଏଇ ଚପଲ ର**?**

**--**ଆଁ **!** ଚପଲ ର ବୟସ **!!** ସତେତ ଇଏ ବି ତ ବୟସ୍କ ହେଇଯିବଣି **?** କହିଲୁ ଦେଖି ମାମୁନ ୟାର ବୟସ କେତେ **?**

ମାମୁନ ଟିକେ ଆଶ୍ଚର୍ଯ୍ୟ ହେଲା ପୁଣି ଚପଲର ଖୋଳ ଟାକୁ ଓଲଟ ପାଲଟ କରି ଭଲକ ଦେଖିଲା । ଖୋଳ ଭିତରେ ପଡିଥିବା ପୁରୁଣା ମାଟିଆ ପେପର୍ ଟାକୁ ଖୋଲିକ ପଢ଼ିଲା । ଉପର ଲେଖାଟା ସ୍ପଷ୍ଟ ପଢ଼ିହେଉଛି । "ସମାଜ"**,** ପ୍ରତିଷ୍ଠାତା **-**ଉତ୍କଳମଣି ଗୋପବନ୍ଧୁ ଦାସ**,** ତା ୭**.**୫**.**୧୯୭୧ ।

**--** ଜେଜେମାଆ ଚପଲ ଟାକୁ ନିଶ୍ଚୟ ସତଗ୍ଚାଳଶ ବର୍ଷ ହେବଣି ।

**--**ଏତେ ଗୁଡ଼ାଏ ବର୍ଷ **!** ଏଇତ କାଲି ଆଣିଥିଲି ନାଁ କଣ **!!**

--ଜେଜେମାଆ ! ତୁମର ଆଉ କଛି ମନେ ରହୁନ । ତୁମେ ଏଟା ମୋତେ ଦେଇଦିଅ । ମୁଁ ପିନ୍ଧିବି । ଏବେ ଏହି ଫ୍ଲାଟ ଫ୍ୟାସନ୍ ପୁଣି ଗ୍ଲିଲାଣି ।

--ତୁ ପିନ୍ଧିବୁ? ହଉ ଦେଖେ ।

ମାମୁନ ଆଗ୍ରହ ରେ ଚପଲ ହଳକ ନଜ ପାଦରେ ଗଳେଇଲା । ନାଁ ହେଉନାହିଁ । ପାଦ ଭିତରକୁ ଯାଉନ ।

--ହଉନ ଟି ତତେ । ମୁଁ ପା ଜାଣିଥିଲି । କନ୍ତୁ ସେ କେମିତି ମୋ ପାଦର ମାପ ଜାଣିଲେ, ଠିକ କଛିଲା ଭଳଆ ନେଇଆସିଲେ ?

--ଜେଜେମାଆ କଏ ସେ ? ତୁମ ବୟଫ୍ରେଣ୍ଡ ?

ହେମଲତା ପୁଣି ଅନ୍ୟମନସ୍କ । ମାମୁନ ତାଙ୍କୁ ତାଙ୍କ ଏକଲାପଣ ରେ ଏକା ରହିବାକୁ ଛାଡ଼ିଦେଇ ସେଠୁ ଉଠି ଗ୍ଲିଗଲା ।

ହେମଲତା ଅନେକ ସମୟ ଯାଏଁ ଉପରକୁ ଅନେଇ କଣ ସବୁ ମନେ ମନେ କହିଯାଉଥାନ୍ତି। ତକଆ ତଳୁ ପୁରୁଣା ବହିଟେ ବାହାରକରି ଆଣିଲେ । ଚହ୍ନ ଦେଇ ରଖିଥିବା ପୃଷ୍ଠାଟେ ଓଲଟାଇଲେ । କଛିଦିନ ହେବ ବାରମ୍ବାର ପଢୁଥିବା ସେହି ଧାଡ଼ି ଗୁଡ଼ିକ ପୁଣି ଥରେ ଚଷମା ଲଗେଇ ପଢ଼ି ଗ୍ଲିଲେ ।

"ଜୀବନ ସରିଯାଏ, ମଣିଷ ନଜ ପାଇଁ ଜୀଇ ପାରେନାହିଁ । କ୍ଷୁଦ୍ର ତୁମ ଜୀବନଟି ଶେଷ ହୋଇଯିବା ପୂର୍ବରୁ ବଞ୍ଚିଦେଖ ଥରେ । ପ୍ରେମ ପାଇଁ ବୟସ ଲୋଡ଼ା ନାହିଁ । ବାସ୍ ସଫା ହୃଦୟଟେ ବାଛିନଅ ।... ", ଏମିତି କଛି ଲେଖା ଥିଲା ସେଥିରେ ।

ହେମ ସେଦିନ ଅନେକ ରାତି ଯାଏଁ କୋଠରୀ ଭିତରେ କଣ ସବୁ ଖୁଡଖାଡ଼ କରୁଥିଲେ । ଆଲମିରା ଖୋଲି ଅନେକ ଦିନ ତଳର ଫୋଟୋ ଆଲବମ ଟେ କାଢ଼ିଲେ । କୋଣାର୍କ ଚକ୍ର

ପାଖରେ ଶାଶୂ ଆଉ ସ୍ୱାମୀ ଙ୍କ ସହ ନୂଆବୋହୂ ହେମଲତା ଠିଆ ହେଇଛନ୍ତି । ସେଦିନର ସୁନ୍ଦର କୋଣାର୍କ ଆଜି ଆଉ ନାହିଁ । ଭଗ୍ନ ସ୍ତୁପ କୁ ପରିବର୍ତ୍ତିତ ହେଇଯାଇଛି । ତଥାପି ତ ତା ପ୍ରତି ଲୋକଙ୍କ ଭଲ ପାଇବା କମି ନାହିଁ । ହେମ ନିଜକୁ ଆଶ୍ୱାସନା ଦେଉଥିଲେ ନିଷ୍ଟୟ । "କୋଣାର୍କର ଜୀବନ କଣ ଶେଷ ହେଇଯିବ ଦିନେ **?** ନାଁ ତାର ପୁଣି ଜୀବନ କୋଉଠୁ ଆସିଲା **?",** ମନେ ମନେ ନିଜକୁ ନିଜେ ପ୍ରଶ୍ନ କରୁଥିଲେ ଓ ଉତ୍ତର ଖୋଜୁଥିଲେ ।

ସକାଳୁ ଖବର କାଗଜ ବାଲା ତା ଚିରାଚରିତ ଢଙ୍ଗରେ କବାଟ ତଳକୁ ପେପର ଟି ଠେଲି ଦେଇ ଗଲା । ହେମ ସର୍ବପ୍ରଥମେ ଖବର କାଗଜ ଉଠେଇଲେ । ପୃଷ୍ଠା ପରେ ପୃଷ୍ଠା ଓଲଟେଇ ଗଲିଲେ । ଗୋଟେ ଛୋଟ ଖବର ପାଖରେ ଅଟକିଗଲେ । ଉପରେ ବଡ଼ ବଡ଼ ଅକ୍ଷର ରେ ଲେଖା ଅଛି 'ଲେଖକ ସୁରଜିତ ରାଉତ ଚଳିତ ବର୍ଷ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ' । ଏକ ନିଶ୍ୱାସ ରେ ପୁରା ଖବର ଟି ହେମ ପଢିନେଲେ । ଖବର ସହ ଛପା ହେଇଥିବା ଫୋଟୋ ଟିକୁ ମୁଗ୍ଧ ହୋଇ ଦେଖିଲେ ଓ ଭାବିଲେ, "ଆଖିରେ ସେହି ଚମକ ଆଜି ବି ଚକମିକ କରୁଛି । କି ଅଦ୍ଭୁତ ସ୍ଥିରତା ଗଭୀର ତାଙ୍କ ଗାହାଣୀ ରେ **!** କାହିଁ ବୟସ ଟା ତ ସେହି ସତେଇଶ -ଅଠେଇଶ ରୁ ଆଉ ଆଗକୁ ବଢିନି **!"** ହେମଙ୍କର ଅନନ୍ତ ଭାବନା ରେ ବିରାମ ଚିହ୍ନ ଲାଗିଗଲା । ରମେଶ ପଛପଟେ ଆସି ଠିଆ ହେଲେ ।

**--**ବୋଉ **!** ଦେଲୁ ପେପର ଟା । କଣ ପଢୁଛୁ **?** ଓହ ଇଏ ସେହି ସୁରଜିତ ରାଉତ ନାଁ ଯିଏ ଲେଖିଥିଲେ **'**ଶୂନ୍ୟ ସୋପାନ**'?** ତୁ ପଢୁନଥିଲୁ ବହି ଟା କଣି **?**

**--**ହଁ ସେଇ । ମୁଁ କିଣି ନଥିଲି । ସେଟା କେହି ଜଣେ ଦେଇଥିଲେ ମତେ ।

ଇଏ ପରା ଆମ ଗାଁ ହାଇସ୍କୁଲ ରେ ଇଂରାଜୀ ଶିକ୍ଷକ ଥିଲେ । ତୋର ହେତୁ ନାହିଁ । ଖୁବ ଛୋଟ ହେଇଥିଲୁ ତୁ । ଆମରି ଘରେ ଭଡ଼ା ନେଇ ରହୁଥିଲେ । ବଦଳି ହୋଇ ଗଲିଗଲେ ।

କଥା କହୁ କହୁ ହେମଙ୍କର କଣ ଗୋଟେ ମନେ ପଡିଯିବା ପରି ରମେଶର ମୁଣ୍ଡରେ ହାତ ବୁଲେଇ ଆଣି ଉଠିଗଲେ ସେଠୁ ।

"କୁଆଡ଼େ ଗଲା ସେହି 'ଶୂନ୍ୟ ସୋପାନ' ବହି ଟା ? କଏ ସେହିଟା ମୋତେ ପଠେଇଥିଲା ? ଡାକରେ ତ ଆସିଥିଲା । ହଁ ଡାକରେ । କଏ ପଠେଇଲା ? କଛି ମନେ ପଡୁନାହିଁ ।"

ସେହି ଯେ ପେପର ଟାରେ ଖବରଟେ ପଢ଼ିକି ହେମ ଖଟ ଉପରେ ଆସି ବସିଥିଲେ । ଅନେକ ସମୟ ଯାଏଁ ସେମିତି ବସିରହିଲେ ଯେଯାଏଁ ଅର୍ପିତା ଆସି ଖାଇବାକୁ ନଡାକଛି । ଖାଇବାରେ ଆଦୌ ଆଗ୍ରହ ନଥାଇ ବି ମନାକରି ପାରିଲେନ । ଆଗ ପରି ସେ ଆଜିକାଲି କାହାକୁ ଖେକଠୋକ ମନା କରିପାରୁନାହାଁନ୍ତି ।

'ଶୂନ୍ୟ ସୋପାନ' ବହିଟା କୋଉଠି ରଖିଦେଇଥିଲେ ହେମଲତାଙ୍କର ମନେ ପଡୁନଥିଲା କନ୍ତୁ ବହିର ପ୍ରତିଟି ଶବ୍ଦ, ବାକ୍ୟ, ଚରିତ୍ର ତାଙ୍କ ସ୍ମୃତିରେ ସେମିତି ସତେଜ ଥିଲା ସେହି କ୍ଷଣି ସଦ୍ୟ ପଢ଼ି ଶେଷ କଲାପରି । ଲେଖକ ମହାଶୟଙ୍କ ବର୍ଣ୍ଣନା ମଧ୍ୟ ଥିଲା ଚମତ୍କାର । ନାୟିକାର ନୟନରୁ କାହାଣୀଟି ଆରମ୍ଭ ହୋଇ ପାଦରେ ଶେଷ ହୋଇଥିଲା । ନାୟିକା ନଜ ଜୀବନର ପ୍ରତ୍ୟେକଟି ସୋପାନକୁ ଖାଲିପାଦରେ ସମ୍ପୂର୍ଣ୍ଣ ଏକାକୀ ଅତିକ୍ରମ କରିବାକୁ ସଂକଳ୍ପ ବଦ୍ଧ ହେଇଥିଲା ବେଳେ ନାୟକର ଆବିର୍ଭାବ । ସେ ସାଙ୍ଗ ଦେବାପାଇଁ ହାତ ବଢାଉଥିଲା ଆଉ ନାୟିକା ଲଜ୍ଜ୍ୟା, ଅପମାନ, ଦୁର୍ନାମର ଭୟରେ ସୋପାନରେ ଆଉ ଆଗକୁ ନଚଢି ତଳକୁ ଖସି ଆସୁଥିଲା । ପ୍ରକୃତ ପ୍ରେମ ସଦା ଗଠନ ମୂଳକ, ପ୍ରକୃତ ପ୍ରେମୀ ଟି ବି ଶୁଭ ଚନ୍ତକ । ସଚ୍ଚା ପ୍ରେମୀ ଭଲ ପାଉଥିବା ମଣିଷଟିକୁ କେବେ ନମ୍ନଗାମୀ ହେବାକୁ ଦିଏନାହିଁ । ସମାଜ, ସମୟ ତାକୁ ନଜ ପ୍ରେମ ସାଙ୍ଗରେ ଶିଖର ଯାଏଁ ପହଞ୍ଚିବାରୁ ନବୃତ କରିପାରେ, ବାଧା ସୃଷ୍ଟି କରିପାରେ, ସେ ନଜ ପ୍ରେମର ସହଯାତ୍ରୀ ହେବାରୁ ବଞ୍ଚିତ ହୋଇପାରେ ତଥାପି ସେ ନଜ ସାଥୀର ଉପଯୁକ୍ତ ପଥପ୍ରଦର୍ଶକ ହେବାକୁ କଦାପି ଭୁଲେନାହିଁ । ସାଥୀଟିକୁ କଣ୍ଟକତ ବନ୍ଧୁର ରାସ୍ତାରୁ କୁସୁମିତ ପଥ ଆଡକୁ ବାଟ କଢେଇନେବାକୁ ଭୁଲେନାହିଁ । ନାୟିକାଟି ସହଜରେ ଉପରକୁ ଉଠିଯିବା ପାଇଁ ତା ହାତରେ ମଜବୁତ ବାଡ଼ି ଟିଏ ଧରେଇ ଦେଇ ନାୟକ ପଛକୁ ଫେରିଯାଏ । ସେ ପୁଣି ଏକଦମ ଏକାକୀ ।

ଉପନ୍ୟାସ ର ଏହି କାହାଣୀ ଭିତରେ ହେମଲତା ନଜ ଜୀବନ କାହାଣୀକୁ ଆବିଷ୍କାର କରିଥିଲେ । 'ଶୂନ୍ୟ ସୋପାନ' ସେଥିପାଇଁ ତାଙ୍କର ଅପାସୋରା । ଶୂନ୍ୟସୋପାନ ରେ

ନାୟିକାର ହାତରେ ଥିଲା ପ୍ରେମିକର ଶକ୍ତି, ମଜବୁତ ଏକ ବାଡ଼ି, ଯାହାର ସାହାଯ୍ୟ ନେଇ ନାୟିକା ଗୋଟିଏ ପରେ ଗୋଟିଏ ଶିଡ଼ି ଏକାକୀ ପାର କରି ସଫଳତାରେ ଶୀର୍ଷ ରେ ପହଞ୍ଚିଗଲା । ହେମଲତାଙ୍କର ଆଗରେ ବି ଥିଲା ଆଖି ପାଉନଥିବା ଦିଗନ୍ତ ବିସ୍ତୃତ କଣ୍ଟାଟିଆ ରାସ୍ତା ଓ ଗୋଡ଼ ପାଖରେ ହଳେ ଚପଲ । ଚପଲ ତ ନୁହେଁ ଅଦିନରେ ପତ୍ରଝଡ଼ା ଦେଇଥିବା ଛୋଟିଆ ଗଛଟିରେ ଦୁଇଟି କଅଁଳିଆ ପତ୍ର । ନଛକ ପ୍ରୀତିର କଅଣ୍ଟିଆ ଉପହାର । ହେମଲତା ସେ ଉପହାରର କେତେ ସଦୁପୋଯୋଗ କଲେ ତାଙ୍କ ତମାମ ଜୀବନର ଉତ୍ଥାନ ପତନ ରୁ ବେଶ୍ ଅନୁମାନ କରିହୁଏ ।

ଅନେକ ଖୋଜିଲା ପରେ ମଧ୍ୟ ହେମ ଙ୍କୁ ବହିଟି ମିଳିଲାନ । ମାମୁନର ବହି ପଢିବାରେ ଅନେକ ଆଗ୍ରହ । ସେ ହୁଏତ ନେଇଯାଇ ଥାଇପାରେ । ଏବେ ଏହିକଛି ଦିନ ହେବ ସେ ବି ମୋବଇଲ ଧରି, ଲାପଟପ ଖୋଲି କଣ ସବୁ ଲେଖା ଲେଖି କରୁଛି ।

ମାମୁନ ଆଜି ଜେଜେମାଆଙ୍କ ରୁମ୍ କୁ ପୁଣିଥରେ ଆସିଛି ତା ସ୍ମାର୍ଟ୍ ଫୋନ ଟା ଧରି । ଫେସବୁକ ଖୋଲି ଫୋଟୋ ଟେ କାଢ଼ି ଦେଖେଇଲା ।

--ଜେଜେମାଆ ତୁମେ ୟେ ସାର୍ ଙ୍କୁ ଜାଣିଛ ??

--ଦେଖେଇଲୁ ଦେଖେଇଲୁ ! ଆଲୋ ତୁ ୟାଙ୍କୁ ଚହ୍ନିଲୁ କେମିତି ?

--ଇଏ ଜଣେ ବହୁତ ବଡ଼ ଲେଖକ । ତୁମ ସହ ଯେଉଁ ଫୋଟୋ ଟା ଉଠେଇଥିଲି, ତା ସହ ଗୋଟେ କବିତା ଲେଖି ମୁଁ ଫେସବୁକ ରେ ପୋଷ୍ଟ କରି ଦେଇଥିଲି । ଏ ସାର୍ ସେହି ଫୋଟୋ ଟା ଦେଖି ମତେ ମେସେଜ କରିଛନ୍ତି ।

--କଣ ମେସେଜ କରିଛନ୍ତି ?

--ପଚ୍ଚାରିଛନ୍ତି, "ହେମା ଦେବୀ ଏବେ କେମିତି ଅଛନ୍ତି? "

ଜେଜେମାଆ ସେ ତୁମକୁ 'ହେମା' କାହିଁକି କହିଲେ ? ତୁମେ ତାଙ୍କୁ ଜାଣ ?

ହେମଲତା ମାମୁନ ପ୍ରଶ୍ନର ଉତ୍ତର ଦେଉନଥିଲେ । ମୋବାଇଲ ରେ ସେହି ଲେଖକଙ୍କ ଫୋଟୋ ପାଖରେ ଅଟକ ଯାଇଥିଲେ । ଚଷମା ସଫା କରି ଆହୁରି ଭଲକରି ଫୋଟୋ ଟା ଦେଖୁଥିଲେ । ଦେଖୁ ଦେଖୁ ନାତୁଣୀ ଆଡ଼କୁ ଚାହିଁ କହିଲେ, "ମାମୁନ ! ତୁ ୟାଙ୍କୁ କେବେଠୁ ଜାଣୁ ? "

--ଏଇ ଦୁଇ ଚାରିମାସ ହେଲା । ମୁଁ ବି ଏବେ ଲେଖୁଛି ତ ବହୁତ ସାହିତ୍ୟିକ ଙ୍କ ସହ ସୋସିଆଲ ମିଡିଆରେ ଚହ୍ନା ପରିଚୟ ହେଇଗଲାଣି ।

--ୟାଙ୍କ ପରିବାର ର ଫୋଟୋ କାହିଁକି ଟିକେ ଦେଖନ୍ତି । ଇଏ ଆମ ଗାଁ ଘରେ ଭଡ଼ା ରେ ରହୁଥିଲେ ଅନେକ ବର୍ଷ ତଳେ ।

ମାମୁନ ଖୁବ ଆଗ୍ରହରେ ଜେଜେମାଆଙ୍କୁ ଆହୁରି ବହୁତ କଛି ପଚାରୁଥିଲା ହେମ କନ୍ତୁ ଉତ୍ତର ନଦେଇ ଅନ୍ୟମନସ୍କ ହୋଇ ଫୋଟୋ ଟା ହିଁ ଦେଖୁଥିଲେ । ମାମୁନର ମୋବାଇଲ କୁ ମେସେଜ୍ ଆସିଲା । ସେ ମୋବାଇଲ ନେଇ ଚାଲିଗଲା ।

ନାତୁଣୀ କୁ ହେମ କହିପାରିଲେନ କାହିଁକି ଏ ଲେଖକ ସେଦିନ ଗାଁ ଛାଡ଼ି, ଭଡ଼ା ଘର ଛାଡ଼ି ଓ ଅତି ପ୍ରିୟ ସ୍କୁଲ ଏବଂ ପ୍ରାଣର ଛାତ୍ର ଛାତ୍ରୀଙ୍କୁ ଛାଡ଼ି ଚାଲିଯାଇଥିଲେ । ଭୁଲ ସେଦିନ କାହାର ଥିଲା ? ଉହ ଉହ ଖରାବେଳେ ଖାଲିପାଦ ରେ ନାଲିଗୋଡି ରାସ୍ତାକୁ ଅତିକ୍ରମ କରି ଯାଉଥିବା ଅଳ୍ପବୟସ୍କା ନୀରିହା ନାରୀଟିର ପାଦ ପାଖେ ଚପଲ ହଳେ ରଖିଦେବା କଣ ଏତେବଡ଼ ପାପ ? ଜୀବନ ଆରମ୍ଭ ନହେଉଣୁ ନଜର ସର୍ବସ୍ୱ ହରେଇ ଦେହ, ମନ ଓ ହୃଦୟର ସବୁ ରଙ୍ଗକୁ ଏକାଠି ଠୁଳ କରି ପାଣିରେ ବୁହାଇ ବେରଙ୍ଗ, ସଫେଦ କରିଦେଇଥିବା ଅସହାୟ ନାରୀଟିକୁ ବୁନ୍ଦାଏ ରଙ୍ଗ ଯାଚି ଦେବା କଣ ପାପ ?

ସେଦିନ ନାରୀଟିର କୋଳରେ ବର୍ଷକର ଛୁଆ ଓ ମୁଣ୍ଡରେ ସଂସାରଯାକ ର ବୋଝ । ଅଣ୍ଟା ସଳଖି ପାରୁନଥିବା ସେହି ନାରୀଟି ସଦ୍ୟ ବୈଧବ ଓ ମାତୃତ୍ୱ ଦୁଇଟି ଜାକର ଦୁଇ ପ୍ରକାର

ବିପରୀତ ପ୍ରଭାବରେ ପ୍ରଚଣ୍ଡ ରୂପେ ପ୍ରଭାବିତ । ଜନ୍ମରୁ ପିତୃହରା ଛୁଆଟାକୁ ଚୁନକରିବାକୁ ସଫେଦ ଶାଢ଼ୀ ତଳୁ ମାଆ ର ମମତା ଜାଗ୍ରତ ହୋଇ ଉଠିଲା ବେଳେ ତା ଆଡ଼କୁ ଉଙ୍କି ମାରେ ସହସ୍ର ଲୋଲୁପ ଦୃଷ୍ଟି । ନାରୀ ନରୁପାୟ ।

ସାହାରା ହେବାକୁ ଆଗେଇ ଆସିଥିବା ଦୁଇଟି ହାତ କୁ ଲୋକେ ଅଶ୍ଳୀଳତା, ଅଭଦ୍ରାମୀ ର ଆଖ୍ୟା ଦେଇ ତଡି ଦେଲେ । ଆଗକୁ ଯିବାପାଇଁ ଖାଲି ରହିଗଲା ହଳେ ଚପଲ । ହେମ ତାକୁ ପାଦରେ ନପିନ୍ଧି ଛାତିରେ ଜାକ ଧରିଲେ । ଆଜିଯାଏଁ ଧରିରଖିଛନ୍ତି । ମୃତ୍ୟୁ ଯାଏଁ ରଖିଥିବେ।

ମାମୁନ ଏବେ ଯେବେ ବି ଜେଜେମାଆଙ୍କ ରୁମ୍ କୁ ଆସୁଛି, ହେମ ତାକୁ ଲେଖକଙ୍କ ଫୋଟୋ ଦେଖେଇବାକୁ କହୁଛନ୍ତି ।

--ଜେଜେମାଆ, ସେ ବେଶି କଛି ଫୋଟୋ ଅପଲୋଡ୍ କରିନାହାଁନ୍ତି । ଖାଲି ଗୋଟେ ଆଶ୍ରମ ର ଫୋଟୋ ଦେଇଛନ୍ତି । ତାଙ୍କର ପରିବାର ନାହିଁ ବୋଧେ । ଆଶ୍ରମ ଟେ କରିଛନ୍ତି । ସେଇଠି ରହନ୍ତି ।

ହେମଲତା ଆଶ୍ଚର୍ଯ୍ୟ ହେଲେ । "ସେ ବାହା ସାହା ହେଲେ ନାହିଁ ନାଁ କଣ ? କାହିଁକି ଏମିତି କଲେ ? କହୁଥିଲେ - ହେମ ତୁମେ ଏମିତି ଜଳ ଜଳ ବଞ୍ଚିବା ଶିଖିଗଲେ ମୁଁ ବି ସିଝି ସିଝି ଉତ୍ତାପ ସହିଯିବା ଶିଖିଯିବି । ସବୁ ଦୋଷ ମୋର । ମୁଁ ତାଙ୍କ ଜୀବନ ନଷ୍ଟ କରିଦେଲି । ମୁଁ ପ୍ରାୟଶ୍ଚିତ ହେଲେ କରିପାରନ୍ତି ! ସେଇ ଦିନଗୁଡ଼ିକ ସବୁ ଫେରିଆସନ୍ତା କ ! ମୁଁ ଶକ୍ତ ହେଇ ସମାଜର କ୍ରୁରତାକୁ ଆଡେଇ ଭଲପାଇବାର କୋମଳତା କୁ ଆପଣେଇ ନଥନ୍ତି ।"

"ଜେଜେମାଆ କଣ ପାଗିଳୀ ଭଳ ଗପୁଛ ?" ହେମ ଙ୍କୁ ଖୁବ ଜୋରରେ ହଲାଉ ହଲାଉ ମାମୁନ ପଗ୍ଚରିଲା । ହେମଲତା କଛି କହିଲେନ । ତାଙ୍କ ଆଖି ଖୋଲାଥିଲା କନ୍ତୁ ଶରୀର ନସ୍ତେଜ । ମାମୁନର ହାତରୁ ଖସିଯାଇ ବେଡ୍ ଉପରେ ଦୁମ କରି ପଡ଼ିଗଲେ । ଆଉ ଉଠିଲେନାହିଁ । ଘର ବେଡ୍ ରୁ ହସ୍ପିଟାଲ ର ଆଇ.ସି.ୟୁ, ତଥାପି ହେମଙ୍କର ସେହି ଜଡତା ଜାରିରହିଛି । ପ୍ରାଣ ଅଛି, ହୃତପିଣ୍ଡ ଧକ ଧକ କରୁଛି କନ୍ତୁ ଶରୀରର ଚଳନ ଶକ୍ତି ସମାପ୍ତ ପ୍ରାୟ ।

ମାମୁନ ଶୂନ୍ୟ ସୋପାନ ଆଗରୁ ପଢିଥିଲା । ଆଉଥରେ ଭଲକରି ପଢିଲା । ପ୍ରେରକ ଓ ଲେଖକ ଦୁହିଁଙ୍କର ଗୋଟିଏ ଠିକଣା, ନାଁ ବି ସମାନ । ମାମୁନ ସୁରଜିତ ବାବୁଙ୍କୁ ମେସେଜ୍ କଲା । "ହେମା ଦେବୀଙ୍କ ନିଶ୍ୱାସ ଅଟକି ରହିଛି ଆଇ.ସି.ୟୁ ରେ । ହୃଦୟରେ କେବଳ ଜଣେ ଲେଖକ ଓ ହଳେ ଚପଲ କୁ ସାଇତି ରଖି ତମାମ ତାଙ୍କ ଜୀବନ ବିତିଗଲା । ହୃତପିଣ୍ଡଟା ସମ୍ପୂର୍ଣ୍ଣ ଅକାମୀ ହେଇଯିବା ପୂର୍ବରୁ ଯଦି ସମ୍ଭବ ଆସିଯାଆନ୍ତୁ ଓ ଥରେ ଛୁଇଁ, କାନ ଡେରି ନିଜ ନାଁ ଟା କେମିତି ଧକ ଧକ ଶବ୍ଦ କରିପାରେ ସ୍ପର୍ଶ ରେ ଓ କାନରେ ଶୁଣିନିଅନ୍ତୁ ।"

ଡାକ୍ତର ମାନେ ଜବାବ ଦେଇଦେଲେ, ହାତରେ ଆଉ ବେଶି ସମୟ ନାହିଁ । ହେମଙ୍କ ପରିବାର ସ୍ତବ୍ଧ ହେଇଯାଇଛି । ହଠାତ ଏମିତି କାହିଁକି ହେଲା ? ରମେଶ ଓ ଅର୍ପିତା କୌଣସି ଦିନ ହେମଲତା ଙ୍କୁ ବୁଝିପାରନ୍ତିନି । ଯେବେ ବି ବୁଝିବାକୁ ଚେଷ୍ଟା କରନ୍ତି ଅଡୁଆ ସୂତାର ଗଣ୍ଠି ରେ ଛନ୍ଦି ଛାନ୍ଦି ହୋଇ ଆକ୍ତା ମାକ୍ତା ହୋଇପଡ଼ନ୍ତି ଓ ବାଧ ହୋଇ ବାହାରିଆସନ୍ତି ହେମଙ୍କ ଅବୁଝା କାହାଣୀର ପରିଧି ଭିତରୁ । ମାମୁନ ର ବୟସ କମ କିନ୍ତୁ ବୁଝିବା ଶକ୍ତି ଢେର ବେଶି ।

ମାମୁନ ଓ ତା ବାପା ମାଆ ଙ୍କୁ ଆଶ୍ଚର୍ଯ୍ୟ କରି ସୁରଜିତ ବାବୁ ଆସି ପହଞ୍ଚିଲେ ତାଙ୍କ ବିଗତ ଦିନର ପ୍ରାଣପ୍ରିୟା ହେମାଙ୍କ ପାଖରେ । ଚଷମା ତଳୁ ଆଖି ଦୁଇଟା ଫୁଲିଲା ଫୁଲିଲା ଲାଗୁଛି ।

ହେମ ଙ୍କ ବେଡ୍ କଡ଼ରେ ଠିଆ ହେଲେ ଲେଖକ ମହାଶୟ । କ୍ରମେ ବସିବାକୁ ଉପକ୍ରମ କଲେ । ମାମୁନ ପ୍ରଥମେ ନୀରବତା ଭାଙ୍ଗି କହିଲା, "ସାର୍ ବହୁତ ଡେରି କରିଦେଲେ । ଜେଜେମାଆ ର ସମୟ ଶେଷ ହେଇଯାଇଛି । ବୁଢ଼ୀ ହେବା ଯାଏଁ କେବଳ ଗୋଟିଏ ଝଲକ୍ ର ଅପେକ୍ଷା ରେ ଥିଲା ।"

"ତୁମେ କହୁଥିଲ ପରା ମୋର ସବୁ କାହାଣୀ ପଢିଛ ? ମୋ କାହାଣୀରେ ନାୟିକା କୁ କେବେ ବୁଢ଼ୀ ହେବାର ପଢିଛ କି ? ହେମା ମୋ ପାଇଁ ଚୀର ଯୌବନା । ମୋ ସବୁ କାହାଣୀର ନାୟିକା । ମୋର ପ୍ରେରଣା । ତାଙ୍କ ସମୟ ମୋ ପାଇଁ କେବେ ସରିବନି । ସେ ମୋତେ ମୁହୂର୍ତ୍ତେ ବି ଛାଡ଼ି କୁଆଡ଼େ ଯାଇନଥିଲେ । ମୋରି ଠାରେ ଥିଲେ, ଅଛନ୍ତି ।",

ସୁରଜିତ ବାବୁଙ୍କ ପାଟିରୁ ବାହାରୁଥିବା ଶବ୍ଦ ଗୁଡ଼ିକ କ୍ରମଶଃ ବାଷ୍ପ ରେ ପରିଣତ ହୋଇଗଲା। ସେ ଆସ୍ତେ କରି ନିଜ ଥରିଲା ଡାହାଣ ହାତର ପାପୁଲି ଟା ହେମଲତାଙ୍କ କୁଞ୍ଚିତ ଶୂନ୍ୟ କପାଳ ରେ ଥୋଇଲେ । ହେମଙ୍କ ହୃଦସ୍ପନ୍ଦନ ହଠାତ ଦ୍ରୁତ ହୋଇଉଠିଲା । କିଛି ସମୟ ଧଡ଼ ଧଡ଼ ହେଇ ଉପର ତଳ ହେଲା ଓ ଠିକ ପରେ ପରେ ଗୋଟିଏ ସରଳରେଖା କୁ ରୂପାନ୍ତରିତ ହୋଇଗଲା । ସବୁ ଶେଷ ହେଇଗଲା । ସେ ସତରେ ଛାତି ଭିତରେ ଜଣେ ଲେଖକ ଓ ହଳେ ଚପଲ କୁ ଘୁଚି ରଖି ଗ୍ଲଲିଗଲେ ।

ସୁରଜିତ ବାବୁଙ୍କ ଆଡ଼କୁ ତିନି ହଳ ଚକିତ ଚକ୍ଷୁ । ହେମଙ୍କ ଶେଷ ସମୟରେ ଆବଶ୍ୟକତା ରୁ ଅଧିକ ଦୁଃଖିତ ଜଣାଯାଉଥିବା ସେହି ଅଜଣା ଅପରିଚିତ ଲେଖକଙ୍କ ର କିନ୍ତୁ ସେ ପ୍ରତି ଭ୍ରୁକ୍ଷେପ ନାହିଁ । ସେ ସେମିତି ନିଷ୍ଚଳ ଶରୀର ପାଖରେ ବସି ରହି ଅଚଳ ହୃତପିଣ୍ଡ ଉପରେ ଅଶ୍ରୁ ବର୍ଷା କରିଗ୍ଲଲିଛନ୍ତି । ତାଙ୍କୁ ବାଧା ଦେବାକୁ ମଧ୍ଯ କେହି ଆଗେଇ ଆସୁନାହାଁନ୍ତି ।

ହେମଲତାଙ୍କ ଜୁଇ ସଜଡା ହେଲା । ସୁରଜିତ ବାବୁ ମାମୁନ କୁ କହି ସେହି କଳାରଙ୍ଗ ର ଚପଲ ହଳକ ଆଣି ହାତରେ ଧରିଲେ, ଛାତିରେ କିଛି ସମୟ ଘୁଚି ରଖି ହେମଙ୍କ ଉଷ୍ମତା କୁ ଅନୁଭବ କଲେ । ତାପରେ ଆସ୍ତେ କରି ଯାଇ ଗୋଟେ ଲଫାପା ଓ ତା ସହ ହେମଙ୍କ ସର୍ବସ୍ୱ ସେହି ଚପଲ ହଳକକୁ ନେଇ ଜୁଇ ତଳେ ରଖିଆସିଲେ ।

ସୁରଜିତ ବାବୁ ଫେରୁଥିଲେ, ମାମୁନ ଆସି ପଗ୍ଲରିଲା, "ସାର୍ ଆପଣ ଚପଲ ଟା ସାଙ୍ଗରେ ନେଇଯାଇ ପାରିଥାନ୍ତେ**?** "

**--**ନାଁ ଦେଇଆସିଲି । ଏଥର ସେ ସେଇଟି ବ୍ୟବହାର କରି ଠିକ ରାସ୍ତାରେ ପାଦ ଦେବେ । ମୋ ପାଖକୁ ଗ୍ଲଲିଆସିବେ ।

**--**ଆଉ ସେ ଲଫାପା **?**

**--**ଚିଠି ଟେ ଲେଖିଥିଲି, ସାହସ କରି ଦେଇଦେଇଥିଲେ ଏତେ ଲମ୍ବା ଜୀବନ ଟା ଏମିତି କଟିନଥାନ୍ତା । ତାଙ୍କ ପାଖରେ ତ ଚପଲ ହଳେ ଥିଲା, ମୋ ପାଖରେ କଣ ଥିଲା **?** ଗୁଡ଼ାଏ

କାହାଣୀ କୁ ଛାଡ଼ି ଆଉ କଛି ନଥିଲା । ଆଜି ସବୁ କାହାଣୀଙ୍କର ଅନ୍ତ ହେଇଗଲା । ନାୟିକାମାନେ କାହାଣୀ ଛାଡ଼ି ଚାଲିଗଲେ । ମୁଁ ବି ଆସୁଛି ।

ମାମୁନ କଛି ବୁଝିବା ଆଗରୁ ସୁରଜିତ ବାବୁଙ୍କ ଗାଡି ସେ ସ୍ଥାନ ଛାଡ଼ି ଅନେକ ଦୁରକୁ ଯାଇସାରିଥିଲା ।

ଠିକ ଦଶଦିନ ପରେ ମାମୁନ ଫେସବୁକ ଖୋଲୁ ଖୋଲୁ ଖବର ଟେ ପାଖରେ ତା ନଜର ଅଟକଗଲା, 'ଗତ କାଲି ରାତିରେ ବିଶିଷ୍ଟ ଲେଖକ ସୁରଜିତ ରାଉତ ଙ୍କର ହୃଦଘାତ ରେ ପରଲୋକ '।

ମାମୁନର ଆଖିରେ ମେଞ୍ଚାଏ ଲୁହ । ସେ ଆଖିପତା ବନ୍ଦ କରିପକାଇଲା । ଲୁହ ସବୁ ତଳକୁ ଗଡିଆସିଲା ଓ ମୁଦ୍ରିତ ତା ଚକ୍ଷୁ ସାମ୍ନାରେ ଜେଜେମାଆଙ୍କ ସହ ସୁରଜିତ ବାବୁଙ୍କ ଚେହେରା ତାକୁ ଜାଲଜାଲୁଆ ହେଇ ଦିଶିଗଲା ।

ନନ୍ଦିପୁର, ଦଶରଥ ପୁର, ଯାଜପୁର



# ବାଧ୍ୟ ହେଲି ଦୋଷ ଦେବାକୁ



ଶାନ୍ତିଲତା ମିଶ୍ର

ସମ୍ମାନର ସର୍ବୋଚ୍ଚ ଶିଖରେ ବସାଇ, ନିତି ତ କରୁଛି ପୂଜା ।
ନିର୍ବିକାର ଚିତ୍ତେ ତଥାପି କାହିଁକି, ଦେଇ ଚାଲୁଅଛ କୁହ ତ ଏପରି ସଜା ।।
କାହିଁକି ଯେ ଏତେ ଦ୍ୱେଷ, କୋଉଠି ରହି ଯାଉଛି ମୋ ଦୋଷ ।
କହି ଦେଲେ ଥରେ, ମେଣ୍ଟି ଯାଆନ୍ତା, ମୋ ମନର ଅବଶୋଷ ।।
ସମାଧାନ ହୋଇ ଯାଆନ୍ତା ସମସ୍ୟା, ହୋଇ ଯାଆନ୍ତି ବି ତୋଷ ।
ନ କରନ୍ତି କେବେ ସନ୍ଦେହ ତୁମକୁ, ଆଉ ନ କରନ୍ତି ଏତେ ଅବିଶ୍ୱାସ ।।
ବିନା ଯନ୍ତ୍ରଣା ରେ, କେବେ ଢାଳି ପାରିବନି କେହି, ଲୁହ ଆଖିରୁ ଏତେ ।
ନିଶ୍ଚୟ ତ ଥିବ କିଛି ତା କାରଣ, ଆସି ଥରେ ପଚାରିବନି କି ମତେ ।।
ମିଛ ନୁହେଁ ମୋର, ଏ ନିସୃତ ଲୁହ, ଝରେ ନାହିଁ ଅକାରଣେ ।
ଅଟକାଇବାକୁ ଚେଷ୍ଟା କରି, ବିଫଳ ହୋଇଛି, କଥା ନାହିଁ ମୋତେ ମାନେ ।।
ଜାଣିବାର ତୁମ ଆଗ୍ରହ ନାହିଁକି, ମୋର ଏ କ୍ଲିଷ୍ଟ ସଂପର୍କରେ ?
ଏତେ ଅଲୋଡା ଅଖୋଜା, ଜଣେ ଅବାଞ୍ଛିତ, ସତେ କି ତୁମ ସୃଷ୍ଟିରେ !!
ବଞ୍ଚିବା ନାମରେ ଜଳାଇ ଛଳାଇ, କରୁଅଛ କୁହ କାହିଁ ହନ୍ତସନ୍ତ ।
କାମନା ବାସନାର ଯେଉଁ ନିଆଁ ଜାଳ, ତାହା ହୁଏ ନାହିଁ ସହଜରେ ନିର୍ବାପିତ ।।

ଜାଣେ କଷ୍ଟ ସାଧ, ଏ ବିଶାଳ ଧନ୍ଦ, ବିନା ଦୋଷ ତୃଟିରେ ଚଳାଇବା ।
ସହଜ ନୁହେଁ ସର୍ବ ନିର୍ବିବାଦେ, ସଂସାରକୁ ସୁସ୍ଥରୁ ରୂପେ ତୁଲାଇବା ।।
ଦାୟିତ୍ୱର ବୋଝ ବୋହି ତୁମେ, ଯେ କପରି ଶୋଉଥିବ, ନାହିଁ ଭାବି ପାରେ ।
ଏହା କଥା ଭାବି, ତା କଥା ଭାବି, ମୁଁ ତ ଶୋଇପାରେ ନାହିଁ ନିଶ୍ଚିନ୍ତରେ ।।
ଭଲ କାମ କରି, ଭଲ ବିଗ୍ଭରରେ, ଦିନ ବିତେଇବାକୁ ଯେବେ ଇଚ୍ଛା କରେ ।
ବାଧା ବିଘ୍ନ ସବୁ ଏକଜୁଟ ହୋଇ, ଗ୍ଭଲିବାକୁ ଦିଅନ୍ତି ନ ନିର୍ବିଘ୍ନରେ ।।
ଯେତେ ସତର୍କତା ଅବଲମ୍ବିଲେ ବି, ଝୁଣ୍ଟି ବାରମ୍ବାର କ୍ଷତାକ୍ତ ହୁଏ ।
ଅନ୍ୟାନ୍ୟ ଉପାୟ ନ ପାଇ, ଶେଷରେ ତୁମକୁ, ଦୋଷ ଦେବାକୁ ମୁଁ ବାଧ ହୁଏ ।।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ସୁନ୍ଦର ସତ୍ୟ,ସତ୍ୟ ସୁନ୍ଦର



ଆଶୁତୋଷ ମେହେର

ସୁନ୍ଦର ଟା ସତ୍ୟ ଶୁଦ୍ଧ ଅନୁପମ
ସରଗ ର ପାରିଜାତ
ସୁନ୍ଦର ପଣରେ  ଝଟକେ ମହକେ
ଏଇ ତ ନର୍‌ଟ ସତ ।।
ସକାଳ ସୂରୁଯ ନତ୍ୟ ଶତ ସତ୍ୟ
ସୁନ୍ଦର ମୁରୁଜ ବୁଣେ
ଫୁଲ ହସି ନାଚେ ସୁଂଦର ପରଶେ
ରଙ୍ଗ ଭରି ମନ କଣେ ।।
ସଂଜ ନଇଁ ଗଲେ ବର୍ଣ୍ଣାଳୀ ରେ ଭରେ
ଆଂଧାର ପଣତ ଢାଳେ
ହସି ଉଠେ ପୁଣି ସୁନ୍ଦର ଚନ୍ଦ୍ରମା
ପୁରବେ ସତ୍ୟ ର ବଳେ ।।
ସତ୍ୟ ସବୁ ବେଳେ ହସ ହସ ମୁହେଁ
ଜୀବନ ର ଗୀତ ଗାଏ
ସୁଂଦର ବଢିଆ ସତ୍ୟ ନର୍‌କାର
ସଂସାର ଆଧାର ସିଏ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ସମୟ ର ସୁଅରେ ହଜିଗଲାଣି କେତେ



ରୀତା ଅପରାଜିତା ମହାନ୍ତି

ଝିପିଝିପି ବର୍ଷା ପଡ଼ିଲେ
ପବନରେ ଭସି ଆସେ
ଭିଜା ଭିଜା ମାଟିର ମହକ,
ସେଥିରେ ପୁଲକତ ହୋଇଉଠେ ମୋ ନାକପୁଡ଼ା ଯୋଡ଼ାକ ।
ଲହକା ଲହକା ଧାନ କ୍ଷେତ
ଅଙ୍କାବଙ୍କା ସରୁ ପାହାଡି ନଈ
ନୂଆଣିଆ ଗୃଳ ଘର ସେଥରେ ଅଙ୍କା ବିବିଧ ରଙ୍ଗର ଝୋଟି
ମେଞ୍ଜେ ଗ୍ରାମ୍ୟ ବଧୂ
ଧାନ କୁଟିବାର ଦୃଶ୍ୟ କବା ଗହମ ପାଛୋଡିବାର ମନୋରମ ଦୃଶ୍ୟ ।
ଏବେ ଏସବୁ ଖାଲି ଟି. ଭି ସିରିଏଲ ରେ ଦେଖିବାକୁ ମିଳେ
ସମୟ ସୁଅରେ ହଜିଗଲାଣି କେତେ ପାଦ ଚହ୍ନ
ଝିଅ ବାହାଘର ର କାନ୍ଦଣା ଗୀତ ଆଜିକାଲି କେହି କାନ୍ଦେନା
ଗାଁ ସେପାରିକୁ ଗଲେ ବୋଉ ନାଆଁ ମୋର ଲୁଚବ
ଏରୁଣ୍ଡି ବନ୍ଧ ଡେଇଁଲେ ତୋ ମୁହଁ କ ଦିଶିବ।
କେତେ ଦୁଃଖଭରା ଥିଲା
ଦେଖଣାହାରୀ ଙ୍କ ଆଖିରେ ବି ଲୁହ ଭରି ଦେଉଥିଲା।
ଆମେ ଅତ୍ୟାଧୁନକ ଯୁଗର ନାରୀ
ବିଉଟି ପାର୍ଲରରେ ସାଜିଗୁଜି
ଭିଡିଓ ସୁଟିଂ ରେ ମଜୁ

ମିଛରେ ମିଛରେ କାନ୍ଦିଲେବି ଡର ଲ୍ଗେ
କାଳେ ବୋହିଯିବ ଆଖିର ମସ୍କର୍ ।
ଆଜିକାଲି କେହି ଚଥିଲେଖେନ
ଚଠି ପନ୍ତ୍ରର ଆଦାନ ପ୍ରଦାନ
ସମୟ୍ ସୁଅରେ ହଜିଗଲ୍ଣି
ମନ କଥା କୁ କାଗଜରେ ଉତ୍ତାରିବାକୁ ଆଜି କାହିଁ ସମୟ୍ **??? ...???**
ମୋବାଇଲ ଯନ୍ତ୍ର ସାହାଯ୍ୟ ରେ ହେଇଯାଏ
ସବୁ ଖ୍ବର ଆଦାନ ପ୍ରଦାନ।
ଆଜି ବି ଝିପିଝିପି ବର୍ଷା ପଡିଲେ
ବେଙ୍ଗୁଲି ର୍ଣୀ ଶାରୁ ଗଛମୂଳେ ଚମକ୍ାର
କେଂ କଟର ଶଦ୍ଧ କରି
ଆମକୁ ପାଖକୁ ଡାକେ
ହେଲେ ଏସବୁ ଶୁଣିବାକୁ ଅଛି କାହାର ସମୟ୍ **????**
ଆମେ ସବୁ ଯନ୍ତ୍ରଗ୍ଳତ ବିଜ୍ଞାନ ଟେକନକ ଜାଲରେ ଛନ୍ଧା ମଣିଷ
ନା ମାନୁ ଧର୍ମ ପରମ୍ପର୍ ଆଦର୍ଶ ନୀତି
ଆମେ ଏଠି ଖାଲି ଗୋଟିଏ ମୁଁ ସର୍ବସ୍ୱ ଗୋଟିଏ ଇଗୋଷ୍ଟିକ ଜୀଇଁ ଗ୍ଲିଛୁ
ତା ଛଡ଼ା ଆମର କଛି ଗ୍ରା ନାହିଁ

ପ୍ଲଟ ନ -୮୩(ସି) ଆମ୍ରପଲ୍ଲୀ,
ଭୁବନେଶ୍ୱର-୨୧

# ସାତକୋଶିଆ ଗଣ୍ଡର କାହାଣୀ

## (ସପ୍ତମ ଏବଂ ଶେଷ ଭାଗ- ମହାନଦୀ)



ଅଶୋକ ବିଶ୍ୱାଳ

## ସାତକୋଶିଆ ଗଣ୍ଡର କାହାଣୀ - ମହାନଦୀ

ବୈଶାଖର ମାସ, ପ୍ରବଳ ଖର୍ ହୋଇଥାଏ । କେତେକ ଗ୍ରାମବାସୀ ସକାଳୁ ଗାଧୋଇବା ପାଇଁ ମହାନଦୀକୁ ଯାଇଥାନ୍ତି । ପଣା ସଂକ୍ରାନ୍ତି ର ଦନ, ପ୍ରତି ଓଡିଆ ଘରେ ବେଲ, ନଡିଆ, ଛତୁ, ଗୁଡ ଆଦି ମିଶାଇ ପଣା କର୍‌ଯାଏ । ଘରର ଅନ୍ୟ ଲୋ୍କମାନଙ୍କୁ, ଅତିଥିମାନଙ୍କୁ ଦିଆଯାଏ । ମହାନଦୀର ପାଣିରେ ସେମାନଙ୍କର ଶିବ ପଇତା ନେବାର ଥିଲ।। ପଇତା ନେଲ୍ ପରେ ସେମାନେ ଗ୍ଭଲି ଗ୍ଭଲି ଆସୁଥଆନ୍ତି । ଲମ୍ବା ପଠା, ସେମାନେ ଦେଖିଲେ ଦୁଇଟି ସାପ ମିଳନରେ ବ୍ୟସ୍ତ । ଖୋଲ୍ ପଡିଆରେ, ବାଲିର ଧାରରେ। ସେମାନେ ଠିଆ ହୋଇ ସାପମାନଙ୍କର ମିଳନ ପର୍ବ ଦେଖୁଥାନ୍ତି । ସାପ ଗୁଡିକ ଗାଁର ବାହାରେ ଥିଲେ । ଏତେ ବଡ ସାପଙ୍କୁ ଦେଖି ସେମାନେ ଡରରେ ଆଗକୁ ଗଲେ ନାହିଁ । ମିଳନ ସମୟରେ ସାପମାନେ ମଧ ଆକ୍ରାମଣାମ୍ଚକ ହୋଇ ଉଠନ୍ତି । ଗୋଟିଏ ସାପ ଆଉ ଗୋଟିଏ ସାପ ଦେହରେ ଗୁଡେଇ ହୋଇଯାଉଥାଏ । ମୁଣ୍ଡ ଉଠାଉଥାଏ । ଆଉ ସେମାନଙ୍କର ଶରୀରକୁ ଦୋଳ ପରି ବୁଲ୍‌ଉଥାଆନ୍ତି । ଏହା ଥିଲ୍ ବହୁତ ସୁନ୍ଦର ନୃତ୍ୟ । ସାପମାନେ ମଣିଷ ମାନଙ୍କର ଉପସ୍ଥିତି ଜାଣିପାରୁ ନାହାନ୍ତି । ହଠାତ୍ ନାଲି ଧୂସରିଆ ରଙ୍ଗର ଗାଁ କୁକୁରମାନେ ପାଖକୁ ଆସିଲେ, ସାପକୁ ଦେଖି ଭୁକବାକୁ ଲ୍‌ଗିଲେ । ସେମାନଙ୍କର ମାଲିକର ପାଖରେ ଥିଲେ, କୁକୁରମାନଙ୍କର ସାହସ ହୋଇଗଲ୍ । ସେମାନେ ମିଳନରେ ବ୍ୟସ୍ତଥିବା ସାପମାନଙ୍କ ଆଡକୁ ଦୌଡିଗଲେ, ଜୋରରେ ଭୁକବାକୁ ଲ୍‌ଗିଲେ । ଏମିତି ହଠାତ୍ କୁକୁରମାନଙ୍କୁ ଦେଖି ସାପମାନେ ବହୁତ ର୍‌ଗିଗଲେ । ଛୋଟ ସାପଟି ବୁଦା

ଗହଳକୁ ଚାଲିଗଲା । ଆଉ ବଡ ସାପଟି କୁକୁରମାନଙ୍କ ଆଡକୁ ଜୋରରେ ମାଡି ଆସିଲା । ମୁହଁରୁ ସୁ..ସୁ.. ଶବ୍ଦ ବାହାରୁଥିଲା । ତା ମୁଣ୍ଡଟା ଠିଆ ହୋଇ ରହିଥିଲା, ମାଟିଠାରୁ ପ୍ରାୟ ୫ ଫୁଟ ଉପରେ । ଏହା ବିଜୁଳି ବେଗରେ ଆସୁଥାଏ ।

ବର୍ତ୍ତମାନ ସାପଟି ଏବେ ଖୋଲା ଜାଗାରେ, ଚାରି ଦିଗରୁ ତା ଉପରେ ଆକ୍ରମଣ ହୋଇପାରେ। ଜଙ୍ଗଲ ସେଠୁ ପ୍ରାୟ ୨୦୦ ଫୁଟ ଦୂରରେ । କୁକୁରମାନେ ସାଙ୍ଗେ ସାଙ୍ଗେ ପଛକୁ ହଟିଗଲେ, କିନ୍ତୁ ସାପର ପିଛା ଛାଡିଲେ ନାହିଁ । ଏମାନେ ସାପକୁ ପଛଆଡୁ ଆକ୍ରମଣ କରୁଥାଆନ୍ତି । ଯେତେବେଳେ ସାପଟି ମୁହଁ ବୁଲାଉଥାଏ ଜଙ୍ଗଲକୁ ଯିବା ପାଇଁ, ଏମାନେ ମାଡି ଯାଉଥାଆନ୍ତି । ସାପଟି ବହୁତ ରାଗି ଯାଇଥିଲା । ମୁହଁ ବୁଲାଇ କୁକୁରମାନଙ୍କ ଆଡକୁ ମାଡି ଆସିଲା, କୁକୁରମାନେ ଖୁବ୍ ଶିଘ୍ର ପଛକୁ ଫେରିଗଲେ, କିନ୍ତୁ ସେମାନଙ୍କର ସାହସ ବଢିଯାଉଥାଏ । ସାପଟି ଜାଗା ଛାଡି ଯାଇପାରୁନଥାଏ । ଯେତେବେଳେ ସାପଟି ମୁହଁ ବୁଲାଉଥାଏ, କୁକୁରମାନେ ତାର ଲାଞ୍ଜ ପର୍ଯ୍ୟନ୍ତ ମାଡି ଯାଉଥାଆନ୍ତି ଆଉ ସେଇଠାରୁ ଭୁକବାକୁ ଲାଗିଥାନ୍ତି । ସାପଟି ଏପଟେ ବୁଲିଲା ବେଳକୁ କୁକୁରମାନେ ସେପଟେ ଲାଞ୍ଜ ଆଡ଼କୁ ବୁଲିଯାଉଥାନ୍ତି ଏବଂ ସେଠାରେ ଭୁକଥାନ୍ତି, କେବେ ବି ସାପର ଚୋଟ ମାରିବା ଦୂରତା ମଧ୍ୟକୁ ଆସିନଥାନ୍ତି । ଆଉ ଦୁଇଟି କୁକୁର ଆସି ଏଇ କୁକୁର ଦଳ ସହିତ ଯୋଗ ଦେଲେ, ବର୍ତ୍ତମାନ ଚାରେଟି କୁକୁର । ସମସ୍ତେ ସାପକୁ ଚାରି ଦିଗରୁ ଆକ୍ରମଣ କରିବାକୁ ଲାଗିଥାଆନ୍ତି ।

ଗ୍ରାମବାସୀମାନେ ଏଣେ କୁକୁର ଆଉ ସାପର ଯୁଦ୍ଧ ଦେଖୁଥାଆନ୍ତି । ପାଖାପାଖି ଦୁଇଶହ ଲୋକ ଜମା ହୋଇଗଲେ । ସେମାନେ ସାପର ଆକାର ଦେଖି ଆଶ୍ଚର୍ଯ୍ୟ ହେଉଥାନ୍ତି । ଏତେ ବଡ ସାପ, ମଣିଷ ଗାଇକୁ ସହଜରେ ଖାଇଦିଏ, ଗାଁରେ ଏତେ ପାଖରେ ଅଛି । ଲୋକମାନେ ସେ ବଡ଼ ସାପ ଆଡକୁ ପଥର ଫୋପାଡ଼ିବାକୁ ଲାଗିଲେ । ଅନ୍ୟ ଦିଗରୁ କୁକୁରମାନେ ସାପକୁ ଆକ୍ରମଣ କରୁଥାଆନ୍ତି । ଅନେକ ପଥର ସାପ ଦେହରେ ବାଜୁଥାଏ। ଲାଗୁଥାଏ, ସାପରେ ବାଜୁଥିବା ପଥର ଯେମିତିକି ଏକ ରବରରେ ବାଜୁଛି, ବାଜି ଫେରି ଆସୁଥାଏ । ବର୍ତ୍ତମାନ ସାପଟି ବହୁତ ରାଗିଗଲାଣି । ତାର ସୁ....ସୁ.... ଶବ୍ଦ ବଢି ଚାଲିଥାଏ। ସାପଟି ଆଗେଇ ଆସିଲାମାତ୍ରେ ଲୋକମାନେ ଦୌଡି ପଳାଉଥାଆନ୍ତି । ଏଣେ କୁକୁରମାନେ ସାପକୁ କ୍ରମାଗତ ଭାବେ ଆକ୍ରମଣ କରିଚାଲିଥାଆନ୍ତି । ଲୋକମାନଙ୍କର ପଥର

ଫୋପାଡିବା ବଢ଼ିଗ୍ଲଲିଲ୍ । ଯିଏ ଯାହା ପାଉଥାଏ ସାପ ଉପରେ ଫୋପାଡୁଥାଏ । ଗୋଟିଏ ବଡ ପଥର ସାପର ମୁଣ୍ଡରେ ବାଜିଲ୍, ସାପଟି ତଳେ ପଡିଗଲ୍ । ଦୂରରୁ ଲୋକମାନେ ସେମିତି ପଥର ଫୋପାଡୁଥାଆନ୍ତି, ପଥରର ଆଘାତରେ ସାପର ମୃତ୍ୟୁ ଘଟିଲ୍ । ସାତକୋଶିଆର ଏହି ମହାବିଶାଳ ସାପ ମଣିଷମାନଙ୍କର ଆଘାତରେ ପ୍ରାଣତ୍ୟାଗ କଲ୍ ।

ଏହି ବିଶାଳ ସାପମାନଙ୍କର ଭୟଙ୍କର ରୂପ, ସାପରାଜାର ଶକ୍ତିର କଥା ଶୁଣି ମୋ ମନଟା କେମିତି ଗୁଣିଆମାନଙ୍କ ଆଡକୁ ଗ୍ଲଲିଯାଉଥିଲ୍ । ସେହି ଗୁଣିଆମାନେ, ଯେଉଁମାନେ ସାପକୁ ଧରନ୍ତି ଓଡିଶାର ଅଭ୍ୟନ୍ତର ଅଞ୍ଚଳରୁ । ମୋ ଆଗରେ ଥିବା ଲୋକଟି ଥିଲ୍ ଏମିତି ପୁରୁଣା କାହାଣୀମାନଙ୍କର ଗନ୍ତାଘର ।

"ଗୁଣିଆ ସାପକୁ କେମିତି ଧରେ?" ମୁଁ ପଗ୍ଲରିଲି ।

"ଗୁଣିଆ ନୁହେଁ, ସାପୁଆ କେଳା ହିଁ ସାପକୁ ଧରନ୍ତି । ଯେଉଁଠି ସାପ ଥାଆନ୍ତି ସେ ସ୍ଥାନକୁ ସାପୁଆ କେଳାମାନେ ଆସନ୍ତି, ସପ୍ତେଶ୍ୱର ବଜାଇ ଗାନ କରନ୍ତି । ଡ଼ମ୍ବରୁ ମଧ ବଜାନ୍ତି । ସାପ ସପ୍ତେଶ୍ୱର ଶୁଣିଲେ ସ୍ଥିର ହୋଇପାରିବ ନାହିଁ, ଯେଉଁଠି ବି ଥାଉ ବାହାରି ଆସିବ । ସାପୁଆ କେଳା ତା ପରେ ସାପକୁ ଧରିବାକୁ ଚେଷ୍ଟା କରେ, ସେ ସାପ ଧରିବାରେ ଓସ୍ତାଦ୍ । ତଥାପି ବେଳେ ବେଳେ ସାପ ତାକୁ କାମୁଡିଦିଏ । ଲୋକଟି ଆଗରୁ ଗଦ ଖାଇଥାଏ, କମ୍ବା ଗଦକୁ ତା ମୁହଁରେ ରଖିଥାଏ । ଆଉ ସେଥିରୁ ରସ ଶୋଷୁ ଥାଏ । ସାପ ବିଷ ବେଶି କ୍ଷତି କରିପାରେ ନାହିଁ । ଯଦି ସାପର ବିଷ ମୁଁହରେ ଥିବା ଗଦର ଶକ୍ତିଠାରୁ ବେଶି ହୋଇଯାଏ, ପାଖରେ ଥିବା ଲୋକ ତାକୁ ଆହୁରି ଗଦ ଦିଏ । ଲୋକଟି ବଞ୍ଚିଯାଏ । ସାପଟିକୁ ସେମାନେ ଧରିଥାଆନ୍ତି । ସାପ ଧରିଲ୍ ପରେ ସେମାନେ ତାର ବିଷ ଦାନ୍ତ ଭାଙ୍ଗି ଦିଅନ୍ତି । ତାପରେ ବାଉଁଶ ପେଡିରେ ରଖନ୍ତି ।" ମୋତେ ବୁଢ଼ା ଲୋକଟି ବୁଝାଉଥିଲେ, ସାପକୁ କେମିତି ଧରାଯାଏ ।

ମୁଁ ଜାଣିଥିଲି କେଳାକୁ ସାପ କାମୁଡିଲେ ଗୁଣିଆ ଜଲମହୁରା ବା ଜାରମହୁରୀ ଲଗାନ୍ତି । ଏହା ବିଷକୁ ନାଶ କରେନାହିଁ, ବିଷାକ୍ତ ରକ୍ତକୁ ଶୋଷିବାରେ ସାହାଯ୍ୟ କରେ । ଏହି

ଜାରମହୁରୀ ପ୍ରକୃତରେ ଅଙ୍ଗାରୀକୃତ ଅସ୍ଥିଖଣ୍ଡ । ତଥାପି ବି ମୁଁ ତାଙ୍କୁ ପଚାରୁଥିଲି, ଶୁଣୁଥିଲି, ତାଙ୍କର ବିଶ୍ୱାସ ଥିଲା ପ୍ରଗାଢ଼ ।

"ସପ୍ତେଶ୍ୱର, ଡମ୍ବରୁ, ପଦ୍ମତୋଳା ମନ୍ତ୍ର ଏସବୁର ମଣିଭଦ୍ରା ପାହାଡ଼ର ସାପ ଧରିବା ପାଇଁ ପର୍ଯ୍ୟାପ୍ତ ନୁହେଁ । ମଣିଭଦ୍ରା ପାହାଡ଼ର ସାପଗୁଡିକ ଏ ମନ୍ତ୍ର ଠାରୁ ମଧ୍ୟ ଶକ୍ତିଶାଳୀ । ସେଇଥି ପାଇଁ ସାପୁଆ କେଳାମାନେ ମଣିଭଦ୍ରା ପାହାଡ଼ରୁ ସାପ ଧରିବା ପାଇଁ ଆସନ୍ତି ନାହିଁ।" ସେ ବୁଝାଉଥିଲେ, ମୋ ମନରେ ଥିବା ସନ୍ଦେହକୁ ଦୂର କରିବାକୁ ଚେଷ୍ଟା କରୁଥିଲେ ।

"ଆପଣ କ'ଣ ମୋ ପାଇଁ ପଦ୍ମତୋଳା ମନ୍ତ୍ର ବୋଲିପାରିବେ?" ମୁଁ ପଚାରିଲି । ସେ ମୋ ଆଡକୁ ଅନାଇଲେ । ମୁହଁରେ ଟିକେ ହସ ଖେଳି ଗଲା । ମୁଣ୍ଡରେ ଥିଲା ଗଭୀର ଗାରସବୁ। ଲୋକଟି ପଦ୍ମତୋଳା ମନ୍ତ୍ରକୁ ମନେ ପକାଇବା ପାଇଁ ଚେଷ୍ଟା କରୁଥିଲା । ସାପ ଧରିବାର ସବୁଠାରୁ ଶକ୍ତଶାଳୀ ମନ୍ତ୍ର । ମହାଶକ୍ତିଶାଳୀ ସାପ ଶାନ୍ତ ହୋଇଯାଏ । ମୁଁ ପ୍ରଥମେ ଭାବୁଥିଲି ଏହା ଏକ ଆଶ୍ଚର୍ଯ୍ୟଜନକ ଆବୃତ୍ତି ଥିବ । କିନ୍ତୁ ସେମିତି ନଥିଲା । ତା ପରେ ମୁଁ ଶୁଣିଲି ସେହି ମନ୍ତ୍ର ।

ଏହି ସବୁ ଗୀତ ଗୁଡିକ ବଡ଼ ସାଧାରଣ ଗୀତ ଜଣା ପଡୁଥିଲା । କାଳୀୟ ମନ୍ଥନର ଗୀତ। ମହାକାଳୀୟ ନାଗକୁ ଶ୍ରୀକୃଷ୍ଣ ଦଳନ କରିଥିଲେ । କାଳୀୟ ନାଗ ଜୀବନ ବିକଳରେ ବଶତା ସ୍ୱୀକାର କରିଥିଲା । ଏହା ଏମିତି କିଛି କଠିନ ଆବୃତ୍ତି ନଥିଲା । ମନ୍ତ୍ରର ସବୁକଥା ଜଣେ ସାଧାରଣ ଲୋକ ବି ବୁଝିପାରେ । ତାହାହେଲେ ସାପୁଆ କେଳାମାନେ କେମିତି ନିଜ ସାପ ଧରିଥାନ୍ତି ବା ଖେଳାନ୍ତି । ସାପୁଆ କେଳା ଗୀତ ଗାଏ ଲୋକମାନଙ୍କ ପାଇଁ, ତା ହାତ ଓ ଶରୀର ଗତିରେ ଆକର୍ଷିତ ହୁଏ ସାପ, ମଣିଷ ଶରୀର ହଲେ, ସାପ ଦୋହଲେ ।

ଛୋଟ ଛୁଆ ବେଳୁ ମୁଁ ଗଦର ଶକ୍ତି ବିଷୟରେ ଜାଣିଥିଲି । ଗଦ ସାପ କାମୁଡାରେ ଉପଯୋଗୀ ହୁଏ । ମୁଁ ଜାଣିନଥିଲି ଏହା କ ପ୍ରକାର ଜିନିଷ । ମୁଁ ସେ ଲୋକଟିକୁ ଏ ପ୍ରଶ୍ନ ପଚାରିଲି । ସେ ମୋତେ ମୁଣ୍ଡ ହଲାଇଲେ । ସେ ମଧ୍ୟ ଭଲକି ଜାଣି ନାହାନ୍ତି । ସେ ଗଦକୁ ଚିହ୍ନି ନାହାନ୍ତି । ଖାଲି ଜାଣିଛନ୍ତି ଘୋର ଜଙ୍ଗଲରେ ମିଳେ । ଯେଉଁଠି ମିଳେ ସେ ବିଷୟରେ

ଜାଣି ନାହାନ୍ତି । ରାତି ଧିରେ ଧିରେ ଅଧିକରୁ ଅଧିକ ଗଭୀର ହୋଇଯାଉଥିଲା । ଅନ୍ଧାର ସେ ବିସ୍ମୟକର ପାହାଡର ଆକାର ବଢ଼ାଇ ଦେଉଥିଲା, ପାହଡ ଆକାଶ ମଧରେ ଲୀନ ହୋଇଯାଉଥିଲା । ଉପରେ ଜଳୁଥିଲା ଛୋଟ ଛୋଟ ତାରାମାନ । ସେ ଆଲୁଅ ଗୁଡିକ ବଡ ନସ୍ତେଜ ଲାଗୁଥିଲା । ଥଣ୍ଡା ପବନ ପାହାଡରୁ ବୋହି ଆସୁଥିଲା । ସେଥିରେ ଭାସି ଆସୁଥିଲା ଅଂସଖ୍ୟ ଅଜଣା କାହାଣୀ ଆମ ଆଡ଼କୁ । ମୁଁ ସେହି ପାହାଡ ସହିତ ଲାଗି ରହିଥିବା ଅନ୍ୟ କାହାଣୀ ବିଷୟରେ ଜାଣିବାକୁ ଚାହିଁଲି । ସେମିତି କଛି ଅସ୍ୱାଭିବିକ ଘଟଣା ଘଟିଛି କ ସେ ପାହଡରେ**?**

## ଋଷି ଗୁମ୍ଫା

ମୋ ଆଗରେ ବସିଥିବା ଛାଇ ତା ପରେ କହିଚାଲିଲା ମଣିଭଦ୍ରା ପାହାଡ ମଧରେ ଲୁଚ ରହିଥିବା ଗୁମ୍ଫା ମାନଙ୍କର କଥା । ସାପମାନଙ୍କର ଗୁମ୍ଫା, ବାଘହା ମାନଙ୍କର ଗୁମ୍ଫା । ଝିଙ୍କମାନଙ୍କର ଗୁମ୍ଫା । ସାପମାନଙ୍କର ଗୁମ୍ଫାହେଉଛି ଚଉଡା । ତା ମଧରେ ୧୫/ ୨୦ ଲୋକ ରହିପାରିବେ । ବାଘହାମାନଙ୍କର ଗୁମ୍ଫା ହେଉଛି ଗାତ ଭଳ । ଝିଙ୍କମାନଙ୍କର ଗୁମ୍ଫା ହେଉଛି ଛୋଟ । ଋଷି ଗୁମ୍ଫା ଏହି ସବୁ ଗୁମ୍ଫମାନଙ୍କ ଉପରେ ଅଛି, ଏହା ଏକ ବିଶାଳ ଗୁମ୍ଫା । ଲୋକମାନେ ଏହା ମଧକୁ ୨୦୦/୩୦୦ ଫୁଟରୁ ଅଧିକା ଯାଇପାରିନାହାନ୍ତି । ସେମାନେ ବିଶ୍ୱାସ କରନ୍ତି, ତା ମଝିରେ ଗୋଟିଏ ସୁନାର ଗାଦି ଅଛି । ଅନେକ ଲୋକ ତା ମଧକୁ ପ୍ରବେଶ କରିବା ପାଇଁ ଚେଷ୍ଟା କରିଛନ୍ତି । କନ୍ତୁ ଗୁମ୍ଫା ମଧରେ ପୂରା ଭାବରେ ପ୍ରବେଶ କରିପାରିନାହାନ୍ତି ।

"ପ୍ରାୟ ୫୦ ବର୍ଷ ତଳର କଥା । ଲକ୍ଷ୍ମଣ ବେହେରା ସେତେବେଳେ ପୂର୍ଣ୍ଣ ଯୁବକ । ସେ ତାଙ୍କ ସାଙ୍ଗମାନଙ୍କ ଠାରୁ ଶୁଣିଲେ, ଲୋକ କାହାଣୀ ମଧ ଥିଲା । ସେମାନଙ୍କର ଅଜା ପଣଅଜାମାନେ ସେହି ଗୁମ୍ଫା ବିଷୟରେ କହୁଥିଲେ । ମଠର ଅମାପ ଧନ ସେ ଗୁମ୍ଫା ମଧରେ ଅଛି । ରାତିର ଗଭୀରତାରେ ଲୋକମାନେ ଶୁଣିଛନ୍ତି ଭଜନ, କୀର୍ତ୍ତନ । ରାତିର ସବୁଠାରୁ ଶାନ୍ତ ପ୍ରହରରେ ଖୋଳ ତାଳ ଧ୍ୱନ ଭାସି ଆସେ ଗୁମ୍ଫାରୁ । ସଂକୀର୍ତ୍ତନ, ଗାନ ଶୁଣାଯାଏ । ଖୁବ୍ ଉଜ୍ଜ୍ୱଳ ଆଲୋକ ଦେଖାଦିଏ, ସେହି ପାହାଡ଼ରେ ବୁଲିବାର ଦେଖାଯାଏ । ଏହା ହେଉଛି ବିଶ୍ୱାସ ଅବିଶ୍ୱାସର କାହାଣୀ । ଏହା ହେଉଛି ସାପମାନଙ୍କର ରାଜ୍ୟ ।

ମଣିନାଗ ଏବଂ ଅନ୍ୟ ବଡ ସାପମାନେ ଗୁମ୍ଫାରେ ରହନ୍ତି । ବହୁତ ଲୋକ ସେହି ସୁନାଗାଦି କଥା ଶୁଣିଛନ୍ତି । ତେଣୁ ଏସବୁ ଶୁଣିଲା ପରେ ତା ଭିତରକୁ ଯିବା ପାଇଁ ସେ ଚାହିଁଲେ ।

ଆଗରୁ ଜଣେ ମଙ୍ଗଳ ନାମକ ବ୍ୟକ୍ତି ତା ମଧ୍ଯକୁ ପ୍ରଥମେ ପ୍ରବେଶ କରିଥିଲେ । ସେ ଦେଢ ଦିନ ପରେ ବାହାରକୁ ଆସିଥିଲେ । ତାଙ୍କର କାହାଣୀ ଲୋକମାନଙ୍କୁ କହିଥିଲେ । ସେଠାରେ ଏମିତି ଏକ ଗଭୀର ଗୁମ୍ଫା ଅଛି । ଯିବା ପାଇଁ ରାସ୍ତା ବହୁତ ଅଣଓସାରିଆ । ପ୍ରାୟ ୨ ଫୁଟ ଚଉଡ଼ା । ପ୍ରଥମେ ସେ ଗୁରୁଣ୍ଡି ଗୁରୁଣ୍ଡି କଛି ବାଟ ଯାଇଥିଲେ, ସାପ ଭଳ ଘୋଷାରି ହୋଇଯାଇଥିଲେ । ତାପରେ ଗୁମ୍ଫାର ମୁହଁଟି ଚଉଡା ହୋଇଯାଇଥିଲା । ସେ ଆଣ୍ଠେଇକରି ଯାଇପାରୁଥିଲେ । ଭିତରେ ଆଉ କଛି ସମୟ ପରେ ଗୁମ୍ଫାର ଉଚ୍ଚତା ଆଉ ଚଉଡା ବଢିଯାଇଥିଲା । ସିଏ ବଙ୍କେଇ ହୋଇ ଯାଇପାରୁଥିଲେ । ତା ପରେ ଗୁମ୍ଫାର ଉଚ୍ଚତା ଆହୁରି ବଢିଯାଇଥିଲା । ସେ ସେଠି ଠିଆ ହୋଇପାରୁଥିଲେ । ସେ ଗୋଟିଏ ଚଉଡ଼ା ଜାଗାରେ ପହଞ୍ଚିଲେ । ଆଉ ତାପରେ ସେ ଆଗକୁ ଯିବା ପାଇଁ ସାହସ କରିନଥିଲେ ।

ଏମିତି ଏକ ସୂତ୍ର ପାଇ ଲକ୍ଷ୍ମଣ ଗୁମ୍ଫା ଭିତରକୁ ପ୍ରବେଶ କଲେ । ପ୍ରଥମେ ପଶିବାଟା ବଡ ଅସହଜ ଥିଲା । ସେ କଛି ସମୟ ପରେ ଚଉଡା ସ୍ଥାନକୁ ଆସିଲେ । ସେଠୁ ଅନେକ ରାସ୍ତାମାନ ଯାଇଥିଲା । ଯଦି ଏମିତିଆ ଅନ୍ଧାର ଗୁମ୍ଫାରେ ରାସ୍ତା ଭୁଲ ହୋଇଯାଏ, ତେବେ ଫେରିବା ଅସମ୍ଭବ । ଗାଉଁଲି ଅଭିଯାତ୍ରୀ ପାଖରେ ସେମିତି କଛି ଅସ୍ତ୍ରଶସ୍ତ୍ର ବା ଉପକରଣ ନଥିଲା । ଗାଉଁଲି ପରିବେଶରେ ସିଏ ବା କଣ ପାଇପାରିଥାନ୍ତା ? ତେଣୁ ଯାହା କଛି ଥିଲା ତାହା ଭିତରକୁ ଧରି ଆସିଥିଲା । ଲକ୍ଷ୍ମଣ ପ୍ରାୟ ୧୦୦ ଫୁଟ ଖଣ୍ଡେ ଭିତରେ ଗଲା । ଆଣ୍ଠେଇ ଆଣ୍ଠେଇ ତା ପରେ ସେ ବଡ ହଲରେ ପହଞ୍ଚିଲା । ସେହି ହଲରେ ପ୍ରାୟ ୨୦୦ /୩୦୦ ଲୋକ ବସିପାରନ୍ତି । କାନ୍ଥ ଗୁଡିକ ଅତି ମଶୃଣ ଥିଲା, ଯେମିତକ ଘରର କାନ୍ଥ ଭଳ । ଗୁମ୍ଫାର ଉଚ୍ଚତା ପ୍ରାୟ ୨୦ ଫୁଟ । ଗୋଟିଏ କାନ୍ଥ ପାଖରେ କୂଅଟିଏ ଥିଲା । ଆଉ ତା ଭିତରେ ଅନେକ ଚେମେଣୀ ଥିଲେ । ସେଠୁ ତିନୋଟି ରାସ୍ତା, ଅତି ଅଣଓସାରିଆ । ସିଏ ଭିତରକୁ ଯିବା ପାଇଁ ସାହସ କରିପାରିଲେ ନାହିଁ । ସବୁ ରାସ୍ତା ଗୁଡିକର ଚଉଡା ମଧ୍ଯ ଖୁବ୍ କମ୍ ଥିଲା ।”

ସେ ପୁଣି ମନେ ପକେଇଲେ । "ଏଠି ଜଣେ ଋଷି କେବେ ରହୁଥିଲେ । ଏତେ ପ୍ରଶସ୍ତ ଜାଗା । କାନ୍ଥ ଗୁଡିକ ଏତେ ମଶୃଣ । କୂଅଟି ଏତେ ମଶୃଣ ଆଉ ଗଭୀର । ନିଶ୍ଚିତଭାବରେ ଏଠି ସେହି ପୁରୁଣା ଦିନରେ ଥିଲେ । ସିଏ ସେଠୁ କିଛି ପାଇପାରିଲେ ନାହିଁ। ଜୀବନର କିଛି ଲକ୍ଷଣ ନଥିଲା କେବଳ ସେ ବାଦୁଡିମାନଙ୍କ ବ୍ୟତୀତ ଚେମେଣିମାନଙ୍କ ବ୍ୟତୀତ । ସେ ମନେପକାଇଲେ ଭାଗ୍ୟବାନ୍ ଲୋକ, ତା ମଧ୍ୟରୁ ବହୁତ କିଛି ପାଇଛନ୍ତି । କିଛି ଖାଦ୍ୟ ପଦାର୍ଥ ମଧ୍ୟ ପାଇଛନ୍ତି । ବର୍ତ୍ତମାନ ଲୋକମାନେ ଅପବିତ୍ର, ଋଷି ଅନ୍ୟମାନଙ୍କ ଆଖିରୁ ନିଜକୁ ଲୁଚାଇ ଦେଇଛନ୍ତି । ତଥାପି ଆଜି ରାତ୍ରିର ଗଭୀର ପ୍ରହରରେ ଶୁଭ ଦିନମାନଙ୍କରେ ଖୋଳ, ତାଳ, ଧ୍ୱନି କିଛି କ୍ଷଣ ପାଇଁ ପାହାଡ ଉପରକୁ ତଳକୁ ଭାସି ଆସେ । ଋଷି ଭଗବାନଙ୍କ ନାମ ନିଅନ୍ତି ସେଇ ଦିନମାନଙ୍କରେ ।"

ମୁଁ ଅବିଶ୍ୱାସ ବିଶ୍ୱାସର ଦୁନିଆରେ ଅନେକ ଦୂରକୁ ଚାଲିଯାଉଥିଲି । ସାତକୋଶିଆର ଘନ ଘୋର ଅରଣ୍ୟ ଏହା ଭିତରେ ଏତେ ଯେ ରୋମାଞ୍ଚ, ଏତେ ଯେ ଅଭିଯାନ ଘଟିଯାଇଛି, ଯିଏ ଅବିଶ୍ୱାସର ଦୁନିଆରୁ ବାହାରି ଆସିଛି। ସେ କିଛି ସାହସରେ କାମ କରିଛି । ଏ ଅନ୍ଧ ବିଶ୍ୱାସର ଦୁନିଆରେ କିଛି ସାହସିକ କାମ କରିବା ଏତେ ସହଜ ନୁହେଁ । ଦୁନିଆ ଏତେ ଛୋଟ ସେମାନଙ୍କ ପାଇଁ । ଏତେ ଠାକୁର ଠାକୁରାଣୀ, ଭୂତ ପ୍ରେତ, ସାପ; ଆଉ ମଣିଷର କାମ କରିବାର କ୍ଷମତା ଏତେ କମ୍, ଏ ଭିତରେ ଏତେ ଯେ କାହାଣୀ । ଏତେ ଦୁଃଖ, କଷ୍ଟ ସବୁଆଡେ, ତଥାପି ତା ମଧ୍ୟରେ ଏଠିକାର ମଣିଷ ଦିନେ ସାହସ କରିଛି । ମୋତେ ଲାଗୁଥିଲା ଏ ଦୁଃସାହସୀ ଲୋକମାନେ ଯେମିତି ସୁଉଚ୍ଚ ଶୃଙ୍ଗକୁ ଆରୋହଣ କରିଯାଇଛନ୍ତି । ମୋ ଆଖି ଅବିଶ୍ୱାସର ଦୁନିଆରେ ବନ୍ଦ ହୋଇ ଯାଉଥିଲା, ମୁଁ ସେ ଦୁନିଆକୁ ଯେମିତି ଚାଲିଯାଉଥିଲି । ମୋ ଭିତରେ ଥିବା ଶକ୍ତି କେମିତି କମିଯାଉଥିଲା । ସେ ଟିକିଏ ହସିଲେ । ସେ ବୁଝିପାରୁଥିଲେ ମୋ ଭିତରେ ଥିବା ଦ୍ୱନ୍ଦ । କେଉଁଠୁ ପାଇଲେ ଏତେ ସାହାସ, କେତେ ବାଧା ବିଘ୍ନ ଆଗରେ, ତଥାପି ତା ମଧ୍ୟରୁ ସାହସ ଏକାଠି କରିଛନ୍ତି । ତା ପରେ ସେ କହିଲେ ଏହି ଅନାମଧେୟ ଲୋକଙ୍କ ପ୍ରେରଣା ଉତ୍ସ । ଏହି ଭୂମିରେ ଦିନେ ମହାଭାରତର ମହାନ୍ ପୁରୁଷମାନେ ଆସିଥିଲେ, ଏହାର ଘଞ୍ଚ ଜଙ୍ଗଲରୁ ଶକ୍ତି ସଂଗ୍ରହ କରିଥିଲେ । ଭଗବାନଙ୍କୁ ବିଶ୍ୱାସ କରିଥିବା ଲୋକ ସେହି ଶକ୍ତି ସଂଗ୍ରହ କରେ ଘଞ୍ଚ ଜଙ୍ଗଲରୁ । ଆଉ ନିଜର ଇଚ୍ଛାଶକ୍ତିକୁ ଦୃଢ କରେ ।

ତା ପରଦିନ ସକାଳେ ମୁଁ ଗଣ୍ଡର ଶେଷ ଭାଗକୁ ଆସିଥିଲି । ବଡ ବଡ ପାହାଡ ଗୁଡିକ ଦୂରକୁ ଦୂରକୁ ଘୁଞ୍ଚିଯାଉଛନ୍ତି, ଦୁଇ କୂଳରେ ଆଉ ପାହାଡ଼ ଲାଗିନାହିଁ, ପାହାଡମାନେ ଆଉ ପାଖକୁ ଆସୁନାହାନ୍ତି । ନଦୀଟି ଧିରେ ଧିରେ ପ୍ରସସ୍ତ ହୋଇଯାଇଛି । ବାଲିର ବେଳାଭୂମି ବଢିଯାଉଛି । ମୁଁ ମୋ ପଛକୁ ଅନାଇଲି । ମହାନଦୀର ପାଣି ପୋଖରୀର ପାଣି ଭଳ ଥିଲା ଶାନ୍ତ, କେଉଁଠି ଟିକେ ଛୋଟ ଠେଉ ମଧ ନଥିଲା, ସମ୍ପୂର୍ଣ୍ଣ ଶାନ୍ତ । କୂଳରେ ବିଶାଳ ସବୁଜ ପାହାଡମାନ ସକାଳର ସୂର୍ଯ୍ୟକରଣରେ ଝଲସୁଥିଲା । ବିଗବଳୟ କୁହୁଡିରେ ଢାଙ୍କି ହୋଇ ଥିଲା । ତା ମଧରେ ଥିଲା ଅନେକ ବଙ୍କା ଡଙ୍କା ତରଙ୍ଗ ଭଳ ଗାରମାନ । ସେ ସବୁ ଗାରମାନ ପାହାଡ ଉପରକୁ ପାହାଡ଼ରୁ ତଳକୁ ଓହ୍ଲାଇ ଆସିଥିଲା । ସବୁଜ ପାହାଡ଼ର ଛାୟା ପଡିଥିଲା ମହାନଦୀର ପାଣିରେ । ସେଇଠି ପାଣି କେମିତି ଅଲଗ ଥିଲା । ସେ ଛାଇମାନଙ୍କ ଯୋଗୁଁ ନଦୀଟି କେମିତି ସଙ୍କୀର୍ଣ୍ଣ ହୋଇଯାଇଥିଲା । ଆଗକୁ ଅନାଇଲି, ଲମ୍ବା ଉଜ୍ଜ୍ୱଳ ସବୁଜ ଧଳା ରେଖା କ୍ରମଶଃ ଚଉଡ଼ା ହୋଇଯାଇଛି । ଧଳା, ଧୂସରିଆ, ବାଲି ର ଚଡ଼ା ବଢ଼ିଯାଉଛି । ଗୋଟିଏ କେଉଟ ଡଙ୍ଗାରେ ବସି ଆମ ଆଡକୁ ଆସୁଥିଲା । ପତଳା ଛୋଟ ଡଙ୍ଗା । ନାଲି ଖୋର୍ଦ୍ଧା ଗାମୁଛାଟିଏ ତାଙ୍କର କାନ୍ଧରେ ପଡିଥିଲା । ଅଣ୍ଟାରେ ଥିଲା ଲେଙ୍ଗୁଟି । ସେ ମହାନଦୀର ଭଗୀର ପାଣିକୁ ଅନାଇଥିଲା । ତାଙ୍କ ହାତର ଆହୁଲା ଜୋରରେ ଘୁଲୁଥିଲା । ଲୋକଟି ଆଗକୁ ଆସୁଥିଲା ଏକଦମ୍ ଶାନ୍ତ ପାଣିରେ ଆମ ଆଡକୁ । ପାଖରେ ଗୋଟିଏ ବାଲିର ଚଡ଼ା ଥିଲା । ସେଠି ଥିଲେ ଗୋଟିଏ ବୁଢ଼ା କେଉଟ ଆଉ ତାର ନାତି । ଛାତି ଗୁଡିକ ଖୋଲା ଥିଲା । ସେମାନେ ନିଜ ଡଙ୍ଗାରେ ବସିଥିଲେ । ବୁଢ଼ା ଲୋକଟି ନିଜର ନାଇଲନ୍ ଜାଲକୁ ଉଠାଉଥିଲେ, ଛୁଆଟି ଲାଗୁଥିବା ମାଛ ଛଡ଼ାଉଥିଲା । ଡ଼ଙ୍ଗାଟି ବାଲିଚଡାରେ ଲାଗିଥିଲା । ସେମାନେ ସେମାନଙ୍କର ଗୋଡ ପାଣିରେ ବୁଡାଉଥିଲେ । ଛୋଟ ଛୋଟ ଢେଉ ସେମାନଙ୍କୁ ଓଦା କରିଦେଉଥିଲା । ମହାନଦୀର କେଉଟ ପୁଅ ନିଜ କାମରେ ବ୍ୟସ୍ତ ଥିଲା । ଜ୍ଞାନ ଗୋଟିଏ ପୁରୁଷରୁ ଆଉ ଗୋଟିଏ ପୁରୁଷ ପାଖକୁ ଆସୁଥିଲା ।

ଏପଟେ ଦଳେ ଗାଇଗୋରୁ ପାଖରେ ଥିବା ନାଳ ଭିତରକୁ ଓହ୍ଲାଇଲେ । ସେମାନେ ପ୍ରଥମେ ପାଣି ପିଇଲେ । ସେମାନଙ୍କର ପ୍ରତିଛବି ନାଳରେ ପଡିଥିଲା । ସବୁଜ ପାଣି ବର୍ତ୍ତମାନ ଲାଲ, କଳା, ଧଳା ରଙ୍ଗରେ ରଞ୍ଜିତ ହୋଇଯାଇଥିଲା । ଧିରେ ଧିରେ ସେମନେ ପାଣି ଭିତରକୁ ଓହ୍ଲାଉଥିଲେ । ପରେ ଗଭୀରତା ବଢିବାରୁ ସେମାନେ ପହଁରିବାକୁ ଆରମ୍ଭ କଲେ। ମୁଣ୍ଡ ଗୁଡିକ ଠିଆ ହୋଇଥିଲା, ଲାଞ୍ଜ ଗୁଡିକ ଠିଆ ହୋଇଥିଲା, କାନ ଗୁଡିକ ପାଣି

ଉପରେ ଠିଆ ହୋଇଥିଲା । ପ୍ରାୟ ୧୦୦ ମିଟର ଦୂରତା ସେମାନେ ପହଁରିଲେ, ଅନ୍ୟ କୂଳରେ ପହଞ୍ଚିଲେ । ସେଠି ଦଳେ ସାହାଡା ଦାନ୍ତ କାଠିରେ ସ୍ତ୍ରୀ ଲୋକ ଦାନ୍ତ ସଫା କରୁଥିଲେ । ସେମାନଙ୍କ ଉଜ୍ଜ୍ୱଳ ଦେହ ଘାଟକୁ ଆଲୋକିତ କରୁଥିଲା । ମୁଁ ଆଗରେ ଥିବା ଲମ୍ବା ବାଲି ଚଡ଼ାକୁ ଅନାଇଲି, ଖୁବ୍ କମ୍ ପାଣି ପାଖରେ । ମହାନଦୀ ଶାନ୍ତ । କଛି ଟେଇଁଆ ପକ୍ଷୀମାନେ ସୁନେଲି ବାଲି ଉପରେ ବସିରହିଥିଲେ, ଏହା ଏକ ଛୋଟ କଳା ଧୂସରିଆ ରଙ୍ଗର ପକ୍ଷୀ । ମୁଣ୍ଡଟି କଳ, ଥଣ୍ଟଟି କଳା ଆଉ ପଛରେ କଳା ପର ଥିଲା । ସକାଳର ସୂର୍ଯ୍ୟକୁ ଉପଭୋଗ କରୁଥିଲେ, ସେମାନେ ବସି ରହି ଦୁନଆକୁ ଦେଖୁଥିଲେ । ଟିକଏ ଦୂରରେ ପକ୍ଷୀଟିଏ ବସିଥିଲା, ଏକୁଟିଆ, ଗୋଟିଏ ପଡିଥିବା କାଠ ପାଖରେ। ଏହାର ପେଟ ବାଲି ଉପରେ ଚପି ହୋଇଯାଇଥିଲା। କଳା ଆଖିଗୁଡିକ ପାଣିକୁ ଅନାଇ ରହିଥିଲା । ମହାନଦୀ ଏବେ ବିଶ୍ୱାସ, ଅବିଶ୍ୱାସ, ରହସ୍ୟର ଦେଶଛାଡି ଆଗକୁ ଗ୍ଭଲି ଯାଉଛି ।

-ସମାପ୍ତ-

ସେକ୍ଟର-୩, ସଲ୍ଟଲେକ, କଲିକତା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ହଜିଲା ଅତୀତ



ଅମ୍ବିକା ସ୍ୱାଇଁ

ହଜିଲା ଅତୀତ ଗଲା
ଆଉ କ ଆସିବ ସେଇ
ଫେରି ବାକୁ ବାଟ କାହିଁ
ସେ"ତ ଅଫେରନ୍ତା ନଇ ।୧।

ନ ଆସୁ ସେ ହାତ ଧରି
ଗ୍ଲି ଯାଉ ବହୁ ଦୂର
ଲୋଡା ନାହିଁ ସେ ଅତୀତ
ତାକୁ କଅାଁ ଝୁରି ମର ।୨।

ନୂତନ ସୁରୁଜ ଆସେ
ଆଶାର ଆଲୋକ ବୁଣି
ତାକୁ ଦେଖି ଯିବା ଆଗେ
ପୁଲକ ରେ ମନ କଣି ।୩।

ଅତୀତର ଦୁଃଖ, ସୁଖ
ସମୟ ଯାଇଛି ସରି
ତାକୁ ଭୁଲି ପଥ ଗ୍ଲ
ଭବିଷ୍ୟତ ସ୍ୱପ୍ନ ଧରି ।୪।

ଶ୍ୟାମପୁର, ଭୁବନେଶ୍ୱର

# ବାହାଘର



ସୁଲୋଚନା ପଟ୍ଟନାୟକ

ଆଜି ମୋର ଝିଅ ବାହାଘର
କୋଳାହଳ ହୁଏ ଘର ମୋର
କଏ ସେ ଆସୁଛି କଏ ସେ ଯାଉଛି
ସେଥିରେ ନ ଥାଏ ଦରକାର ।
କାଲି ହୋଇଯିବ ପର ସିଏ
ଯେବେ ଯିବ ସିଏ ଶାଶୁଘର
ଗଢିବ ସେଠି ତା ନିଜ ଘର
ପରକୁ କରିବ ଆପଣାର ।
ବୋହୁ ସେ ହୋଇବ ଶାଶୁଘରେ
ନୂଆ ଘରେ ସିଏ ଗଢିବ ସଂସାର
କଥା କହିବନି କଡା କରି
ଦିନ କାଟୁଥିବ ଡରିଡରି ।
ଜାଣୁଥିବ ସିଏ ସବୁ କଥା
କହିବନି କାରେ ମନ କଥା
ସ୍ୱାମୀର ସଂସାର ହୋଇବ ନିଜର
ଆଣିଦେଉ ପଛେ ମନେ ବ୍ୟଥା ।
ଝିଅ ହେଉ ଅବା ପୁଅ ହେଉ
ବାହାଘର ଆଣୁ ଯେତେ ଦାଉ
ସହିଗଲେ ସବୁ ହାଲୁକା ଲାଗଇ
ଯିଏ ଯେତେ କଥା କହୁଥାଉ ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ତୁମକୁ ଛୁଇଁଲେ ସତରେ କ'ଣ ସ୍ୱର୍ଗପ୍ରାପ୍ତି ?



ଶଶଧର ମହାପାତ୍ର

ବିପଦେ ଆପଦେ ଯେତେ ଡାକୁଥିଲେ
ତୁମେ ଦିଅନାହିଁ ଦେଖା
ଅକାଳେ ସକାଳେ ବିନା ନିମନ୍ତ୍ରଣେ
ତୁମେ ଦେଖାଦିଅ ସଖା
ନିଜେ ଖେଳୁଥାଅ ଭକ୍ତଙ୍କୁ ଖେଳାଅ
ତୁମେ ବଡ ଖେଳୁଆଳ
କାହା ପ୍ରାଣ ନେଇ କାହା ପ୍ରାଣ ଦେଇ
ଦେଖାଅ ତୁମର ବଳ
କିଏ କହେ ଥରେ ତୁମକୁ ଛୁଇଁଲେ
ସ୍ୱର୍ଗପ୍ରାପ୍ତି ଲାଭ ହୁଏ
କିଏ କହେ ପୁଣି ତୁମକୁ ଯେ ଛୁଏଁ
ପାପ କର୍ମ ଲଭିଥାଏ
କିଏ କହେ ତୁମ ରଥ ଦଉଡିକୁ
ମୁଣ୍ଡର ଯେ ମାରିଥାଏ,
ଚତୁର୍ଦ୍ଧାମୂରତୀ ରଥରେ ଯେ ଦେଖେ
ପୁଣ୍ୟପ୍ରାପ୍ତି ହେଇଥାଏ

କଏ ଅଟେ ସତ କଏ ଅଟେ ମିଛ
ମୁଁ ଅବା କାହୁଁ ଜାଣିବି?
ମୁଁ ଛାର ମଣିଷ ପଢିନାହିଁ ଶାସ୍ତ୍ର
ଯିଏ ଯାହା କହୁ ଶୁଣିବି
ମଣିଷ ଜନମ ଦୁର୍ଲ୍ଲଭ ଜନମ
ମୁନ, ଋଷି କହିଥାନ୍ତି
ଚୌରାଅଶୀ ଲକ୍ଷ ଜନମ ପରେ
ମଣିଷ ହୋଇ ଜନ୍ମନ୍ତି
ମଣିଷ ଜନମ ଯଦି ତୁମ ଦାନ
ଏତେ ଜନମର ପରେ
ପୁଣି ତୁମେ କଆଁ ବୁଡାଉଛ ନେଇ
ପାପ ପଙ୍କ ଦୁନଆରେ ?
କଏ ହୁଏ ପାପି କଏ ହୁଏ ତପି
ଯଦି ଭୋଗି କର୍ମଫଳ
ତୁମ ବାହାଦୁରୀ ରହିଲା କେଉଁଠି
କହିବକ ମହାକାଳ ?

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ମୋ ପାଇଁ



ଲିଲି ଗୌଡ

ତୁମେ ହସି ଦେଲ ଯେ
ଝରଣା ଝରିଗଲା
ଦୁଃଖ କଲ ଯେ
କରୁଣା ବଂଶୀଟି ବାଜିଗଲା
ଆଉ ରାଗିଗଲ ଯେ
ଦିନ ଝଡ ମାଡି ଆସିଲା ।
ତୁମ ହସ
ତୁମ ଦୁଃଖ
ତୁମ ରାଗ
ସବୁ ତ ମୋ ପାଇଁ

ଗ୍ରାମ/ପୋଷ୍ଟ-ବେରୁଆଁବାରୀ, ଜିଲ୍ଲା-ନୟାଗଡ, ଓଡିଶା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଓଡ଼ିଶା ଓ ଗାନ୍ଧିଜୀ



ଗୁରୁକଲ୍ୟାଣ ମହାପାତ୍ର

'ପୁରୀ ଅଭିମୁଖେ ତାଳଚେର ଗାଡ଼ିର ଏକ ଥାର୍ଡ଼କ୍ଲାସ ବଗିରେ ମହାତ୍ମା ଗାନ୍ଧୀ ଓ ତାଙ୍କ ଦଳର ଲୋକେ ଯାଉଛନ୍ତି । ସନ୍ଧ୍ୟା ୭ଟା ହେବ । ବିପୁଳ ସଂଖ୍ୟକ ଜନତା କଟକ ଷ୍ଟେସନକୁ ଅବରୋଧ କରି ରଖିଥାନ୍ତି । ଷ୍ଟେସନର ପ୍ଲାଟଫର୍ମରେ ଇଞ୍ଚେ ମାତ୍ର ସ୍ଥାନ ଖାଲି ନାହିଁ । ଗାନ୍ଧିଜୀ ଏକ ବେଞ୍ଚରେ ବିଶ୍ରାମ କରୁଥିଲେ । ଜନତା ଉନ୍ମତ୍ତ ପରି ଚତ୍କାର କରି ଉଠିଲେ- 'ମହାତ୍ମା ଗାନ୍ଧୀ କି ଜୟ' । ଏପରି ଚତ୍କାର କରିବାକୁ ଆଗରୁ ମନା ଥିଲା । କିଏ ମାନୁଛି? କିଏ ଶୁଣୁଛି? ସେ କୋଳାହଳ ମଧ୍ୟରେ ଯେ କୌଣସି ମତେ ଟିକେଟ ଖଣ୍ଡେ କିଣି ଉଠି ପଡ଼ିଲି ଗାନ୍ଧିଜୀଙ୍କ ପାଖ ବଗିରେ । ଗାନ୍ଧିଜୀ ଗାଡ଼ିର ଝରକା ପାଖକୁ ଆସି ବାହାରକୁ ଚାହିଁ ହରିଜନ ପାଣ୍ଠି ପାଇଁ ଲୋକଙ୍କ ପାଖରେ ହାତ ବଢ଼ାଇଲେ । ପଇସାର ସ୍ରୋତ ତାଙ୍କ ହାତକୁ ଗଡ଼ିଲା । ଲୋକେ ଏକା ବେଳକେ ଉନ୍ମତ୍ତ । କେବଳ ଏହା ଓଡ଼ିଶାର କଥା ନୁହେଁ । ଦକ୍ଷିଣରେ ମାନ୍ଦ୍ରାଜଠାରୁ ପଶ୍ଚିମରେ ଲାହୋର ପର୍ଯ୍ୟନ୍ତ ସବୁ ସ୍ଥାନରେ ଦେଖିଛି, ଲୋକେ ଗାନ୍ଧିଜୀଙ୍କୁ ଦେଖି ଏହିପରି ଉନ୍ମତ୍ତ ହୋଇଉଠନ୍ତି । କି ଆକର୍ଷଣୀ ଶକ୍ତି ଏହି କ୍ଷୀଣ ବୃଦ୍ଧଠାରେ ଅଛି କିଏ ଜଣେ?' (ସ୍ମୃତିର ଉଦ୍‌ବୋଧନ- ମହାତ୍ମାଙ୍କ ଉତ୍କଳ ବନ୍ଦନା; ଔପନ୍ୟାସିକ- ସାମ୍ବାଦିକ ରାମ ପ୍ରସାଦ ସିଂହ)

ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଔପନ୍ୟାସିକ ଓ ସାମ୍ବାଦିକ ସ୍ୱର୍ଗତଃ ରାମ ପ୍ରସାଦ ସିଂହ ୧୯୩୪ ମସିହାରେ ପୁରୀଠାରୁ ବାଲେଶ୍ୱର ମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ପଦଯାତ୍ରାରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଂଶଗ୍ରହଣ କରିଥିଲେ । 'ଆସୋସିଏଟେଡ୍ ପ୍ରେସ୍'ର

ସ୍ପେଶିଆଲ କରେସପଣ୍ଡେଣ୍ଟ ଭାବରେ ଏହି ପଦଯାତ୍ରର ପ୍ରତ୍ୟେକ କାର୍ଯ୍ୟକୁ ଲକ୍ଷ୍ୟ କରିବାର ସୌଭାଗ୍ୟ ତାଙ୍କୁ ମିଳିଥିଲା । 'ସହକାର' ପତ୍ରିକାରେ ପ୍ରକାଶିତ ହୋଇଥି 'ସ୍ମୃତିର ଉଦ୍ବୋଧନ (ମହାତ୍ମାଙ୍କ ଉତ୍କଳ ବନ୍ଦନା)' ଲେଖାଟି ତାହାର ଷୋଡ଼ଶ ଭାଗ ସଂଖ୍ୟାରେ । ମାତ୍ର ଓଡ଼ିଶା ସରକାରଙ୍କ ପତ୍ରିକା 'ଉତ୍କଳ ପ୍ରସଂଗ'ର ସମ୍ପାଦନା ବେଳେ ଏ ଲେଖକ ସେହି ଲେଖାଟିକୁ ଜାନୁଆରୀ ୨୦୦୨ ସଂଖ୍ୟାରେ ପୁନରୁଦ୍ଧାର କରିଥିଲା ।

ପ୍ରକୃତରେ ମହାତ୍ମା ଗାନ୍ଧୀ ଓଡ଼ିଶାକୁ ସାତ ଥର ଗସ୍ତ କରିଥିଲେ । ୧୯୨୧ରେ ପ୍ରଥମ ଥର ଲାଗି ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସିଥିଲେ । ୧୯୨୦ ମସିହାରେ ଓଡ଼ିଶା ଦୁର୍ଭିକ୍ଷ ପ୍ରପୀଡ଼ିତ ପଲ୍ଲୀବହୁଳ ଓଡ଼ିଶାର ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କ ଦୁର୍ଦ୍ଦଶା ଦେଖିବାକୁ ଗାନ୍ଧିଜୀ ଓଡ଼ିଶା ଆସିବାକୁ ଚାହିଁଥିଲେ । ତେଣୁ ସେ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଟେଲିଗ୍ରାମ ଜରିଆରେ ଖବର ପଠାଇଲେ, '୨୪ ତାରିଖରେ ଆପଣଙ୍କ ପାଖରେ ପହଞ୍ଚିବି ବୋଲି ଆଶା କରୁଛି - ଓଡ଼ିଶା ପାଇଁ ମୁଁ ପାଞ୍ଚ ଦିନ ସମୟ ଦେଇପାରେ ।' ଏହାପରେ ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖ ଦୋଳପୂର୍ଣ୍ଣିମାରେ ଗାନ୍ଧିଜୀ କସ୍ତୁରବାଙ୍କ ସହ କଟକରେ ପହଞ୍ଚି ଥିଲେ । କଟକ ସଭା ପରଦିନ ସେ ଭଦ୍ରକ ଓ ତହିଁ ପରଦିନ ପୁରୀ ଓ ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଯାତ୍ରା କରିଥିଲେ ।

ଦ୍ୱିତୀୟ ଥର ଲାଗି ମଧୁସୂଦନ ଦାସ, ବାରିଷ୍ଟରଙ୍କ ଆମନ୍ତ୍ରଣକ୍ରମେ ୧୯୨୫ ଅଗଷ୍ଟ ୧୯ ତାରିଖରେ ଗାନ୍ଧିଜୀ ହାୱଡ଼ା-ପୁରୀ ଏକ୍ସପ୍ରେସରେ ଆସି କଟକରେ ପହଞ୍ଚି ଥିଲେ । 'ଉତ୍କଳ ଟ୍ୟାନେରୀ' ପରିଦର୍ଶନ କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । କଟକରେ ସେ ମଧୁବାବୁଙ୍କ ବାସଭବନକୁ ଯିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ମଧୁବାବୁ ବିଭିନ୍ନ ସ୍ଥାନରେ ଓଡ଼ିଆରେ ରୂପାନ୍ତର କରି କହୁଥିଲେ। ଅଗଷ୍ଟ ୨୦ ତାରିଖ ରାତିରେ ସେ ସେହି ଟ୍ରେନରେ କଲିକତା ପ୍ରତ୍ୟାବର୍ତ୍ତନ କରିଥିଲେ ।

ତୃତୀୟ ଥର ଲାଗି ୧୯୨୭ ଡିସେମ୍ବର ମାସରେ ଖଦୀ ପ୍ରଚାର ଉଦ୍ଦେଶ୍ୟରେ ଗଞ୍ଜାମ ଅଂଚଳକୁ ଆସିଥିଲେ । ସେତେବେଳେ ଗଞ୍ଜାମ ଜିଲ୍ଲା ଥିଲା ମାନ୍ଦ୍ରାଜ (ଏବର ତାମିଲନାଡୁ) ଅନ୍ତର୍ଭୁକ୍ତ । ୧୯୨୭ ଡିସେମ୍ବର ୫ ତାରିଖରୁ ଗାନ୍ଧିଜୀଙ୍କ ଗସ୍ତ ବ୍ରହ୍ମପୁରରୁ ଆରମ୍ଭ ହୋଇଥିଲା । ଏହାପରେ ସେ ବୋଲଗଡ଼ (ଖୋର୍ଦ୍ଧା), ବେଗୁନିଆ, ସାକ୍ଷୀଗୋପାଳ, ପୁରୀ, ବାଲେଶ୍ୱର, ଭଦ୍ରକ, ଚାନ୍ଦବାଟିଆ, କଟକ ପ୍ରଭୃତି ସ୍ଥାନରେ ବିଭିନ୍ନ ସଭା ସମିତିରେ ଯୋଗ ଦେଇଥିଲେ ।

ଗାନ୍ଧିଜୀ ଚତୁର୍ଥ ଥର ଓଡ଼ିଶା ଗସ୍ତରେ ଆସି ୧୯୨୮ ମସିହା ଡିସେମ୍ବର ୨୨ ତାରିଖରେ ଝାରସୁଗୁଡ଼ାରେ ଅଟକ ଯାଇ ପରେ ସମ୍ବଲପୁର ଯାଇଥିଲେ । କଲିକତାରେ ଅଖିଳ ଭାରତ କଂଗ୍ରେସ କମିଟି ଅଧିବେଶନରେ ଯୋଗ ଦେବାକୁ ଯିବା ବାଟରେ ସେ ଝାରସୁଗୁଡ଼ାରେ ଓହ୍ଲାଇ ପଡ଼ିଥିଲେ । ସେ ଖଦୀ ବସ୍ତ୍ର ସପକ୍ଷରେ ବକ୍ତୃତାମାନ ଦେଇଥିଲେ । ସମ୍ବଲପୁର ଏକ ଶକ୍ତିଶାଳୀ ଖଦୀ ବସ୍ତ୍ର କେନ୍ଦ୍ର ହେବାକୁ ଗାନ୍ଧିଜୀ ଚାହିଁଥିଲେ ।

ପଞ୍ଚମ ଥର ଓଡ଼ିଶା ଗସ୍ତରେ ଆସି ଗାନ୍ଧିଜୀ ୧୯୩୪ ମସିହା ମେ' ମାସ ୫ ତାରିଖରେ ଝାରସୁଗୁଡ଼ା ରେଳ ଷ୍ଟେସନଠାରେ ପହଞ୍ଚିଥିଲେ । ମୁଖ୍ୟତଃ ଅସ୍ପୃଶ୍ୟତା ନିବାରଣ ଓ ହରିଜନ ଉନ୍ନୟନ ପାଇଁ ଗାନ୍ଧିଜୀ ବିଭିନ୍ନ ସ୍ଥାନରେ ପଦଯାତ୍ରା କରିଥିଲେ । ସେଠାରୁ ପୁରୀ ମଧ୍ୟ ଯାତ୍ରା କରିଥିଲେ । ଗାନ୍ଧିଜୀ ବିଭିନ୍ନ ଗସ୍ତ ସମୟରେ ପାଣ୍ଠି ମଧ୍ୟ ସଂଗ୍ରହ କରୁଥିଲେ। ଏହି ଗସ୍ତ କାଳରେ ଗାନ୍ଧିଜୀ ଅନୁଗୁଳ ମଧ୍ୟ ଯାଇଥିଲେ, କଟକ ଯାଇଥିଲେ । ପୁରୀ ଅଂଚଳର ଅନ୍ୟ ଯେଉଁ ସ୍ଥାନମାନଙ୍କୁ ଗାନ୍ଧିଜୀ ଗସ୍ତ କରିଥିଲେ, ସେଗୁଡ଼ିକ ହେଲା - ହରେକୃଷ୍ଣପୁର, ଚନ୍ଦନପୁର, ସାକ୍ଷୀଗୋପାଳ, କାଦୁଆ ଆଶ୍ରମ, ବୀରପୁରୁଷୋତ୍ତମ, ଦାଣ୍ଡମୁକୁନ୍ଦପୁର, ପିପିଲି । ଗାନ୍ଧିଜୀ ମଧ୍ୟ ସତ୍ୟଭାମାପୁର, ବାଲିଅନ୍ତା, ତେଲେଙ୍ଗାପେଣ୍ଠ, କାଜିପାଟଣା ଓ କଟକର ବିଭିନ୍ନ ସଭା ସମିତିରେ ଯୋଗ ଦେଇଥିଲେ । ପଞ୍ଚମ ଥରର ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ମଧ୍ୟରେ କେତେଗୋଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଉଲ୍ଲେଖନୀୟ । ୧୯୩୪ ମେ' ମାସ ୮ ତାରିଖ ସନ୍ଧ୍ୟା ୬ଟା ସମୟରେ ଗାନ୍ଧିଜୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଶ୍ରୀମନ୍ଦିର ନିକଟରେ ଉନ୍ମୋଚନ କରିଥିଲେ ଓ ପ୍ରକାଶ କରିଥିଲେ ଯେ

ଗୋପବନ୍ଧୁଙ୍କ ଆଦର୍ଶକୁ ଓଡ଼ିଶାର ଲୋକେ ଅନୁସରଣ କରିବା ଉଚତ୍ । ସେ କେବଳ ଓଡ଼ିଶାରେ ନୁହନ୍ତି, ଭାରତର ଜଣେ ବିଶିଷ୍ଟ ବ୍ୟକ୍ତି ବୋଲି ମଧ କହିଥିଲେ । ମାତ୍ର ଦୁଃଖର କଥା, ଗୋପବନ୍ଧୁଙ୍କୁ ଆମେ ଓଡ଼ିଶା ଭିତରେ ସୀମିତ ରଖିଲୁ ଓଡ଼ିଆମାନେ । ଅନ୍ୟ ଘଟଣାଟି ହେଲା ୧୯୩୪ ମେ' ମାସ ୧୬ ତାରିଖରେ କାଠଯୋଡ଼ି ନଦୀକୂଳରେ ଗାନ୍ଧିଜୀଙ୍କ ସାଧାରଣ ସଭା ।

ଗାନ୍ଧିଜୀ ଓ ତାଙ୍କ ଦଳ ପୁରୀରୁ କଟକ ମଧ୍ୟରେ ୧୪ ମାଇଲ ପଦଯାତ୍ରା ସମାପ୍ତ କରି ମେ' ୧୬ (୧୯୩୪)ରେ ପୁରୀ ଏକ୍ସପ୍ରେସ୍ ଯୋଗେ କଟକରୁ ପାଟଣା ଯାତ୍ରା କରିଥିଲେ । ପାଟଣାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇ ଫେରି ଆସିବା ପରେ ପୁଣି ମେ' ୨୧ ତାରିଖରେ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରି ବରୀ ରେଳ ଷ୍ଟେସନ (ଯାଜପୁର ଜିଲ୍ଲା)ରେ ଓହ୍ଲାଇ ଥିଲେ । ଏହାପରେ ସେ ଚମ୍ପାପୁର, ଭେଡ଼ା, ଲେଖନପୁର, ସତ୍ୟଭାମାପୁର, ବହୁକୁଦ, ପାଟପୁର, ନଷ୍ଟିନ୍ତକୋଇଲି, କାକଡ଼ିଆ, ସଲାର, କେନ୍ଦ୍ରାପଡ଼ା, ବରୀକୂଳ, କବୀରପୁର, ବୁଢ଼ାଘାଟ, ଯାଜପୁର, ବାଲେଶ୍ୱର ଓ ଭଦ୍ରକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବର୍ଷା ଯୋଗୁଁ ଗାନ୍ଧିଜୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଥିଲା । ୧୯୩୪ ଜୁନ ୮ ତାରିଖ ପର୍ଯ୍ୟନ୍ତ ସେ ଭଦ୍ରକର ଗରଦପୁର ଆଶ୍ରମରେ ରହିଥିଲେ । ଷଷ୍ଠ ଥର ପାଇଁ ଗାନ୍ଧିଜୀ ଓଡ଼ିଶା ଗସ୍ତରେ ୧୯୩୮ ମସିହାରେ ଆସିଥିଲେ । କସ୍ତୁରବା ଗାନ୍ଧୀ ମଧ ତାଙ୍କ ସହିତ ଆସିଥିଲେ । ଡେଲାଙ୍ଗଠାରେ ଗାନ୍ଧୀ ସେବାସଂଘର ଚତୁର୍ଥ ବାର୍ଷିକ ଅଧିବେଶନରେ ୧୯୩୮ ମାର୍ଚ୍ଚ ୨୫ ତାରିଖ ସକାଳେ ଯୋଗ ଦେବାକୁ ଯାଇ ବେରବୋଇଠାରେ ପହଞ୍ଚିଚ ଥିଲେ । ଗାନ୍ଧିଜୀ ଓଡ଼ିଶାର ହସ୍ତଶିଳ୍ପ ଉପରେ ଗୁରୁତ୍ୱାରୋପ କରିଥିଲେ । ଜନସାଧାରଣ କୃଷି ଉପରେ ନିର୍ଭରଶୀଳ ହେବାକୁ ମଧ ଆହ୍ୱାନ ଦେଇଥିଲେ।

ଗାନ୍ଧିଜୀଙ୍କର ସପ୍ତମ ଥର ଅନ୍ତିମ ପର୍ଯ୍ୟାୟର ଓଡ଼ିଶା ଗସ୍ତ ହୋଇଥିଲା ସ୍ୱାଧୀନତା ପ୍ରାପ୍ତିର ପ୍ରାୟ ବର୍ଷେ ସାତମାସ ପୂର୍ବରୁ ୧୯୪୬ ଜାନୁଆରୀ ୨୦ ତାରିଖରେ । କଲିକତା (ଏବର କୋଲକତା) ଓ ମାନ୍ଦ୍ରାଜ (ଏବର ତାମିଲନାଡୁ)କୁ ଫେରୁଥିବା ବେଳେ ସେ ଓଡ଼ିଶା ଗସ୍ତରେ

ଆସି ନଥିଲେ ମଧ୍ୟ କଟକ ଓ ବ୍ରହ୍ମପୁର ଓ ଅନ୍ୟାନ୍ୟ ରେଳ ଷ୍ଟେସନମାନଙ୍କରେ ଅଟକ ରହିଥିଲେ । ଗାନ୍ଧିଜୀଙ୍କୁ ଭାଷଣ ଦେବା ଲାଗି ଷ୍ଟେସନ ବାହାରକୁ ନିଆଯାଉଥିବାରୁ ଏହାକୁ ତାଙ୍କର ଓଡ଼ିଶା ଗସ୍ତ ବୋଲି ମଧ୍ୟ କୁହାଯାଇଥାଏ । ମାତ୍ର ଓଡ଼ିଆ ଲୋକଙ୍କ ବିଶୃଙ୍ଖଳ ଆଚରଣ ଗାନ୍ଧିଜୀଙ୍କୁ ବ୍ୟଥିତ କରିଥିଲା । ତେଣୁ ଗାନ୍ଧିଜୀ ଲୋକଙ୍କୁ ଉଦ୍ବୋଧନ ଦେଇ କହିଥିଲେ, 'ମୁଁ ବାଟରେ ଅଟକିବା ବେଳେ ଆପଣମାନଙ୍କ ଚିତ୍କାର ବା ସ୍ୱାଗତ ଧ୍ୱନି କିମ୍ବା ଆପଣମାନଙ୍କ ଟଙ୍କା ପଇସା ଚାହୁଁ ନାହିଁ । ମୁଁ ଚାହୁଁଛି ଆପଣମାନେ ନିଜ ନିଜ ଆତ୍ମାରୁ ପାପ ପୋଛି ପକାନ୍ତୁ । ଆପଣମାନଙ୍କ ଦାନ ଅପେକ୍ଷା ତାହା ମୋତେ ଅଧିକ ସନ୍ତୋଷ ଦେବ। କିନ୍ତୁ ଗୋଳମାଳ ମୋତେ କେବେ ସନ୍ତୋଷ ଦେଇନାହିଁ କି ଦେବ ନାହିଁ ।'

ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତର ଇତିହାସ ଅତ୍ୟନ୍ତ ଉପାଦେୟ । ଏଠାରେ ଦୁଇଗୋଟି ଘଟଣା ଉଲ୍ଲେଖ କରୁଛି । ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ନିତ୍ୟାନନ୍ଦ ମହାପାତ୍ର ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସଂପର୍କରେ ଗୋଟିଏ କଥା କହୁଥିଲେ । ଗାନ୍ଧିଜୀ ତାଙ୍କର ହରିଜନ ପଦଯାତ୍ରା ଶେଷ କରି ଭଦ୍ରକ ରେଳଷ୍ଟେସନରୁ ବାଲେଶ୍ୱର ଅଭିମୁଖେ ଗସ୍ତ କରିଥିଲେ । ଡକ୍ଟର ହରେକୃଷ୍ଣ ମହତାବଙ୍କ ସମେତ ସେ ସେହି ଗସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ରେଳ ଡବାର ତୃତୀୟ ଶ୍ରେଣୀରେ ବାଲେଶ୍ୱର ପର୍ଯ୍ୟନ୍ତ । ଗାନ୍ଧିଜୀ ହାତଘଣ୍ଟା ନ ପିନ୍ଧି ନିଜ ଲୁଗାରେ ଘଣ୍ଟାଟିଏ ଟାଙ୍ଗୁଥିଲେ ଅଣ୍ଟିରେ । ସେ ବିଶ୍ରାମ ନେବାକୁ ଶୋଇଗଲେ ଓ ପିତୃବ୍ୟଙ୍କୁ ପଚାରିଲେ, 'ପରବର୍ତ୍ତୀ କେଉଁ ଷ୍ଟେସନରେ ଗାଡ଼ି ଅଟକିବ?' ପିତୃବ୍ୟ ନିତ୍ୟାନନ୍ଦ କହିଲେ, 'ସୋର ଷ୍ଟେସନରେ ଗାଡ଼ି ଅଟକିବ ।' ଏହାପରେ ସେ ପଚାରିଲେ, 'କେତେ ସମୟ ଲାଗିବ?' ପିତୃବ୍ୟ କହିଲେ, 'ପ୍ରାୟ ଘଣ୍ଟାଏ ।' ଏହାପରେ ନିଘୋଡ଼ ନିଦରେ ଗାନ୍ଧିଜୀ ଶୋଇ ପଡ଼ିଲେ । ମାତ୍ର ଠିକ୍ ଘଣ୍ଟାଏ ପରେ ଗାଡ଼ି ସୋର ଷ୍ଟେସନରେ ପହଞ୍ଚିବା ବେଳକୁ ଗାନ୍ଧିଜୀଙ୍କ ନିଦ୍ରାଭଙ୍ଗ ହେଲା । ସେ ଆପେ ଆପେ ଉଠି ପଡ଼ିଲେ । ନିଦ୍ରା କିପରି ଗାନ୍ଧିଜୀଙ୍କର ନିୟନ୍ତ୍ରଣାଧୀନ ଥିଲା, ତାହା ଭାବି ପିତୃବ୍ୟ ନିତ୍ୟାନନ୍ଦ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ।

କଟକରେ ସ୍ୱର୍ଗାରୋହଣ କରିଥିବା ଆମ୍ଭର ପିତା ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମଧ ଆଉ ଗୋଟିଏ ଘଟଣାର ଉଲ୍ଲେଖ କରିଥିଲେ । ସ୍କୁଲ ଛାତ୍ର ଥିବା ବେଳେ ସେ ଗାନ୍ଧିଜୀଙ୍କ ଆଶୀର୍ବାଦ ଲାଭ କରିଥିଲେ ଓ ଭଗବାନ ଅଛନ୍ତି କି ନାହାନ୍ତି ବୋଲି ସେ ଗାନ୍ଧିଜୀଙ୍କୁ ପଚାରିଥିଲେ । ଗାନ୍ଧିଜୀ ତାଙ୍କ ମୁଣ୍ଡରେ ହାତ ରଖି କହିଥିଲେ, 'ମେଁ ହୁଁ ତୋ ଭଗବାନ ହେଁ ।' ସେ ମଧ କହୁଥିଲେ ଯେ ଗାନ୍ଧିଜୀଙ୍କ ଖାଇବା ଲାଗି କଲିକତାରୁ ବହୁ ଫଳମୂଳ ଅଣାଗଲା । ମାତ୍ର ଗାନ୍ଧିଜୀ ସେସବୁ ଗ୍ରହଣ ନକରି ସ୍ଥାନୀୟ ଫୁଲ ଓ ଫଳମୂଳ ଦେଲେ ସେ ଗ୍ରହଣ କରିବେ ବୋଲି କୁଆଡ଼େ ରୋକଠୋକ୍ କହିଥିଲେ । ଏହି ଘଟଣା ମଧ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ବିଶ୍ୱମ୍ବର ପରିଡ଼ା କହୁଥିଲେ ।

ଓଡ଼ିଶା ସଂପର୍କରେ ଗାନ୍ଧିଜୀ କହିଥିଲେ- 'ଭାରତବର୍ଷରେ ଓଡ଼ିଶା ମୋର ପ୍ରିୟ ଭୂମି । ଯେତେବେଳେ ମୁଁ ଭାରତବର୍ଷରେ ପଦାର୍ପଣ କଲି, ସେତେବେଳେ ଓଡ଼ିଶାର ଦାରିଦ୍ର୍ୟ ଓ ଦୁର୍ଭିକ୍ଷ ସଂପର୍କରେ ଶୁଣିବାକୁ ପାଇଲି । ଠକ୍କର ବାପା ଓଡ଼ିଶା ସଂପର୍କରେ ଆସିଥିଲେ ଓ ଦୁର୍ଭିକ୍ଷ ସାହାଯ୍ୟ ସଂଗଠନ କରିଥିଲେ । ମୁଁ ମଧ ବୁଝିପାରିଲି ଯେ ଯଦି ମୁଁ କୌଣସି ପ୍ରକାରେ ଓଡ଼ିଶାର ସେବା କରିପାରେ, ତା'ହେଲେ ସେହି ବାଟରେ ମୁଁ ଭାରତବର୍ଷର କିଛି ସେବା କରିପାରିବି ।

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଲାଗି ଭାରତ ସରକାର ବଜେଟରେ ୧୫୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ । ଏହାକୁ ଭଲଭାବେ ପାଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଲ୍ଲେଖ କରିଛନ୍ତି । ଅନୁରୂପ ଭାବେ ରାଜ୍ୟ ସରକାର ମଧ ଦୁଇବର୍ଷ ପାଇଁ ଗାନ୍ଧିଜୀଙ୍କର ୧୫୦ତମ ଜୟନ୍ତୀ ପାଳନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସେପ୍ଟେମ୍ବର ୨୫ (୨୦୧୮) ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକରେ ଘୋଷଣା କରିଛନ୍ତି । ମାତ୍ର ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶର ପ୍ରଭାବ ଓଡ଼ିଶା ଉପରେ ପଡୁ- ଏହା ହିଁ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ କାମନା ।

ଭିଏ ୨୯/୩, ୟୁନିଟ୍-୨, ଭୁବନେଶ୍ୱର
ମୋ- ୯୪୩୭୦୧୨୧୨୩

# ହେ ମୃତ୍ୟୁ ଆଜି ତୁମେ ଖାଲିହାତ ଯାଅ



ସଂଯୁକ୍ତା ମହାପାତ୍ର

ହେ ମୃତ୍ୟୁ !
ଆଜି ତୁମେ ଫେରି ଯାଅ,
ଆଉ ଦିନେ ଆସିବ,
ମୋ ପ୍ରିୟ ସଙ୍ଗେ
ମୋତେ ଆଉ କିଛି ଦିନ ରହିବାକୁ ଦିଅ ।
କିଏ ଜାଣିଛି,
ଏ ସମୟ ଆଉ ଆସିବ କି ନାହିଁ,
କେତେ କଥା ବାକି ଅଛି,
କହିବାକୁ ଶୁଣିବାକୁ,
ସ୍ୱପ୍ନ କେତେ ବାକି ଅଛି,
ସାଥି ହୋଇ ଏକାଠି ଦେଖିବାକୁ,
ପଥ ଥିଲା ଅନେକ ଦୂର,
ସାଥେ ସାଥେ ଚାଲିବାକୁ ।
କିନ୍ତୁ,
କିଏ ଜାଣିଥିଲା, ଏଇମିତି
ଅଧା ବାଟେ ସଙ୍ଗ ତୁଟି ଯିବ ?
ହେ ମୃତ୍ୟୁ ସତେ କେତେ ନିଷ୍ଠୁର ତୁମେ,
ବୁଝି ନାହିଁ ଆମ କଥା,
ଆମ ନିବିଡତା, ଆମ ଅନ୍ତର ବ୍ୟଥା ।

ହେ ମୃତ୍ୟୁ ଏତେ ଅବୁଝା,
ଅମାନିଆ ଆଉ ହୁଅ ନାହିଁ,
ଆଜି ତୁମେ ଖାଲିହାତ ଫେରିଯାଅ
ପ୍ରିୟ ସାଥେ କଟିଛିଟା ମୁହୂର୍ତ୍ତ
ତୁମେ କବା ପାରିବନି ଦେଇ ।

ହେ ସମୟ ରହି ଯାଅ ଥରେ,
ମୋ ପ୍ରିୟଙ୍କୁ ବୁଝାଇ ଦେବି,
ତାଙ୍କ ଆଖି ଲୁହ ପୋଛିବାକୁ
ମୋ ପଣତଯେ ଥିବ ନାହିଁ ଆଉ,
ଲୁହ ନଢାଳିବାକୁ ଆଖିକୁ ତାଙ୍କର
ଟିକିଏ ବୁଝେଇ ଦେବି ।
ଖେଳ ଭାଙ୍ଗି ଗଲି ବୋଲି
ଅଭିମାନ କରିବେନି କେବେ ।
ମୋତେ ତ ଯିବାକୁ ହେବ,
ସଙ୍ଗ ଥିଲା ଏତିକି ସମୟ,
କିଛି ପ୍ରିତି, କିଛି ସ୍ମୃତି ଦେଇଦେବି
ପ୍ରିୟତମଙ୍କୁ, ପୋଛି ନେବି ଲୁହ,
ଆଉ ଦିନେ ଆସିବ ହେ ମୃତ୍ୟୁ
ଆଜି ତୁମେ ଖାଲି ହାତ ଯାଅ ।

# ଜାତିବାଦ ଛାଡି ସରବେ
# ହସନ୍ତୁ ବିଜୟ ଧ୍ୱଜାର ତଳେ



ସନ୍ତୋଷ ପଟ୍ଟନାୟକ

ମୁକ୍ତାକାଶ କୋଳେ ଲହରେ ତ୍ରିରଙ୍ଗା ବଖାଣି ଗୌରବ ଗାଥା
ସ୍ୱାଧିନ ଭାରତ ବିଜୟ ଧ୍ୱଜା'ଏ ଚରଣେ ନୂଆଁଅ ମଥା
ହଜିଛି ଗୌରବ ଲୁଚଛି ବୈଭବ ଶାସକ ଆଜି ଶୋଷକ
ଅମୂଲ୍ୟ ରକତ ଢ଼ାଳୁଛି ସୈନିକ ବିଷ ଆଦରେ କୃଷକ ।।

ସ୍ୱାର୍ଥକୁ ଆଦରି ସ୍ୱାଭିମାନ ବନ୍ଧା ଜନନୀ ସମ୍ମାନ ବିକ
ଜନନୀ ବି ଏଠି ନିର୍ଦ୍ଦୟ ସାଜିଛି ସନ୍ତାନକୁ ତାର ଫିଙ୍ଗି
ଆଦର୍ଶବାଣୀକୁ ଧିକ୍କାରୁଛି ମନ ଚାଲୁଛି ଅନୀତି ତାଳେ
ମାନ ସନମାନ ବିକରି ଚାଲିଛି ଅର୍ଥ ଖର୍ଚ୍ଚ ଆଢୁଆଳେ ।।

ମାତୃଭାଷା ଭୁଲି ବିଦେଶୀ ଭାଷାରେ ଶିକ୍ଷା ପଦ୍ଧତି ତିଆରି
ସଂସ୍କୃତି ବିହୀନ ଶିକ୍ଷାକୁ ଆଦରି ଯୁବକ ଏଠି ବେକାରୀ
ଭାଷଣ ବାଜିରେ ସରଇ ଦିବସ ତୁଚ୍ଛା ମିଛ ଆସ୍ଫାଳନ
ଛାତ୍ରଛାତ୍ରୀ ଗଣ ମଞ୍ଚରେ ଗାଆନ୍ତି ଘୋଷା "ଜନ ଗଣ ମନ" ।।

କନ୍ୟା ରତନକୁ ଚିହ୍ନନ୍ତିନି ଜନେ ବୃଦ୍ଧ-ବୃଦ୍ଧା ହୀନମାନ
ଅନ୍ୟାୟ ଅନୀତି ସୀମା ଟପିଲାଣି ସହା ହୁଅ ଜନାର୍ଦ୍ଦନ
ସ୍ୱରାଜ ସପନ ଉଭେଇ ଯାଇଛି ନାହିଁ ଆଉ ଭାତୃଭାବ
ଉତ୍ଥାନ ଆଳରେ ଶାସକ ଗଢ଼ିଛି ଜାତିଆଣ ଭେଦଭାବ ।।

ସାହାସ ଶକତି ଦିଅ ମହାବାହୁ ଦିଅଏକ ମହାପୁରୁଷ
ଉଜୁଡା ଦେଶକୁ ସଜାଡି ପାରିବ ସମ୍ପର୍କର ହୋଇ ଦାସ
ଆସନ୍ତା ଦିବସେ ମୋଦେଶ ଜନତା ବିଜୟ ଧ୍ଵଜାର ତଳେ
ଜାତିବାଦ ଛାଡ଼ି ସରବେ ହସନ୍ତୁ ଭାରତ ମାତାର କୋଳେ ।।

ବେଗୁନଆପଡା ବ୍ଲକ୍, ଡିରିଡା, ଗଞ୍ଜାମ

ବେଦାନ୍ତୀର ଆଗାମୀ ସଂଖ୍ୟା ଅକ୍ଟୋବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ଵାଟସଆପ୍ ଜରିଆରେ ପଠାଇପାରିବେ ।
ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ଵାଟସଆପ୍ ନଂ -9594993733

# ବୋଉ ବିନା

ବୈଦ୍ୟନାଥ ପଣ୍ଡା

ମୋ ପାଇଁ ସଦା ଅମୃତର ଧାର୍
ସେ, ଦୁଇଟି ଅକ୍ଷର ବୋଉ
ସ୍ୱର୍ଗ ମର୍ତ୍ତ୍ୟରେ ନଥିବ କୋଉଠି
ସେ ପବିତ୍ର ଶବଦ ଆଉ
ସତ କାନ୍ଦୁଛିଲେ ତୋ କୋଳ ଛାଡି
ବାହାରକୁ ଯେବେ ଆସିଲି
ତୋ କୋଳ ପରି ନରମ ଶେଯ ଲେ
କୋଉଠି ମୁଁ ନ ପାଇଲି
ତୋ ପଣତ ବିଞ୍ଚଣା ଦିଏ କେତେ
ମୋତେ ଶୀତଳ ପବନ
ସହରର ଏ.ସି. ପଙ୍ଖା ତଳେ
ମୋ ରୁନ୍ଧି ହେଉଛି ଜୀବନ
ବାବୁ ବାବୁ ଡାକେ ଅଣନଶ୍ୱାସୀ
ନଶ୍ୱାସ ମୋ ପାଉ ନାହିଁ
ତୋର ସେହି ସ୍ନେହ ବୋଳା ଡାକଟା
କୋଉଠି ବି ଶୁଭୁ ନାହିଁ
ଗାଆଁ ରେ ଯେବେ ଖେଳ ସାରି ମୁହିଁ
ଝାଳ ନାଳ ହେଇ ଫେରେ
ପୋଛି ଦେଉ ତୁ ଆହା ବୋଲି କହି

ଶ୍ରଦ୍ଧାରେ ତୋ ପଣତରେ
ଏଠି ମୁଁ ପୋଛୁଛି ମୋ ଗାମୁଛାରେ
କାମ ରୁ ଫେରିବା ପରେ
ଖାଇ ବସିଲେ ବିଞ୍ଚି ଦେଉଥାଉ
ଗୃହିଁ ଥାଉ ମୋ ଥାଳକୁ
କେତେ ସର୍ଗ ରେ ପଗ୍ରୁ ତୁ ଲୋ
ଆଉ ଟିକେ କଛି ଦେବିକ
ଭଲ ଲାଗୁନଲୋ ତୋ ବିନା ମତେ
ତୁ ମୋର ହୃଦ ସ୍ପନ୍ଦନ
ଭାବିଲେ ତୋ ସ୍ନେହ ଲୁହ ଝରଇ
ତୋ ବିନା ତୁଚ୍ଛ ଜୀବନ
ଆଉ ସିନା ଥରେ ଫେରି ଆସନ୍ତା
ମୋର ସେଇ ପିଲା ଦିନ
ତୋ କୋଳେ, ଶୋଇ ଆନନ୍ଦ ମନରେ
ଦେଖୁ ଥାଆନ୍ତି ମୁଁ ଜହ୍ନ ।



ଅବଦଲପୁର, ଯାଜପୁର

# ଫୁଟି ଉଠିବାର ବେଳ



ରାଜବାଳା ତ୍ରିପାଠୀ

"କଣ ଭାଉଜ ଲାଜ କରୁଛ କି? ଏତେ ଲାଜ କଲେ କଣ ଚଳିବ। ଆଜି ରାତି କଣ ଆଉ ଜୀବନରେ ଆସିବକି ଯେ। ଭାଇ ବେଶି ଡେରି କରିବେନି ମ" ଖିଲି ଖିଲି ହସି ହସି କାମିନୀ ତା ନୂଆ ଭାଉଜକୁ ସୁନ୍ଦର କରି ସଜା ଯାଇଥିବା ଏକ କୋଠରୀରେ ଛାଡି କବାଟ ଆଉଜେଇ ନେଲା। ନଣନ୍ଦ କାମିନୀର ଏପରି ପରିହାସରେ ରେଣୁକୁ ଲଜ୍ୟା କି ଖୁସି କିଛି ଅନୁଭବ ହେଲା ନାହିଁ।

ବିବାହ ଓ ବିବାହ ପରର କର୍ମସବୁ ଯନ୍ତ୍ରଟିଏ ପରି କରିଚାଲିଥିବା ରେଣୁର ଦେହକୁ ଏ ଏକୁଟିଆ କୋଠରୀଟିର ନୀରବତାରେ ହଠାତ ଯେମିତି ଜୀବନ ଫେରି ଆସିଲା। କିଛି ସମୟ ଘୁରି ଘୁରି କୋଠରୀଟିକୁ ଦେଖିଲା ସେ। ତା ଦେହରେ ଥିବା ଦାମୀ ବନାରସୀ ପାଟ, ମୋଟା ମୋଟା ଗହଣା, ହାତ ଭର୍ତି ଚୁଡି ତାକୁ ଭାରି ଅସହଜ ଲାଗୁଥିଲା। ଇଛା ହେଉଥାଏ ସବୁତକ ବାହାର କରି ନାଇଟିଟେ ପିନ୍ଧି ଲମ୍ବା ହୋଇ ଶୋଇଯାଆନ୍ତା। ବେଶ କିଛି ଦିନହେବ ଯନ୍ତ୍ର ଭଳି ଅଭିନୟ କରି କରି ତାକୁ ଭାରି ଥକ୍କା ଲାଗୁଛି।

ଖଟ ଉପରେ ବସିପଡ଼ିଲା ରେଣୁ। ଗୋଟେ ଅପରିଚିତ ଘରେ ଅପରିଚିତ ଲୋକମାନଙ୍କ ମଧ୍ୟରେ କଣ କରୁଛି ସେ। କୁଆଡେ ଗଲା ତା ନିଜ ଘର କୁଆଡେ ଗଲେ ବାପା, ମାଆ, ସାନ ଭଉଣୀ ରୁବି। ଏତେ ବଡ଼ ଦୁନିଆରେ ସେ ଯେ ବର୍ତ୍ତମାନ ଏକା।

କାଲି ପରି ଲାଗୁଛି। ଭଦ୍ରକ କଲେଜର ବିଏସସି ଫିଜିକ୍ସ ଅନର୍ସର ଛାତ୍ରୀ ସେ । ଏଇତ ଲାଷ୍ଟ ସେମିଷ୍ଟର ଏକଜାମ ସରିଥିଲା। ଭାରି ଭଲ ହେଇଥିଲା ଏକଜାମରେ । ପ୍ରତି ସେମିଷ୍ଟରରେ ଅଶି ପ୍ରତିଶତ ମାର୍କ ରଖୁଥିଲା ସେ। ଜଣେ ମେଧାବୀ ଛାତ୍ରୀଭାବେ ବେଶ ଜଣା ଶୁଣା। ଭାରି ଇଚ୍ଛା ଥିଲା ବାଣୀବିହାରରେ ଫିଜିକ୍ସରେ ଏମଏସସି ପରେ ରେଡ଼ିଓଲଜି ନେଇ ବାର୍କରେ ପିଏଚଡି କରିଥାନ୍ତା। ଦିନେ ନିଶ୍ଚୟ ବୈଜ୍ଞାନିକଟେ ହେଇଥାନ୍ତା, ଠିକ ତା ପିଲାଦିନର ଆଦର୍ଶ ମ୍ୟାରି କ୍ୟୁରୀଙ୍କ ପରି।

ହେଲେ ସବୁ ସ୍ୱପ୍ନ ଅଧୁରା ରହିଗଲା। ଏକଜାମ ସରୁ ସରୁ ହିଁ ବାପା ବାହାଘର ପକ୍କା କରିଦେଲେ। ଭଲ ପରିବାର, ଗ୍ରାଜୁଏଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବର, ଏତେ ଭଲ ପ୍ରସ୍ତାବ ପୁଣି ଛାଡିବେ କେମିତି । ରେଣୁର ଯେତେ ଅନୁନୟ ବିନୟ କିଛି କାମ ଦେଲାନି।

"ଯେତେ ପଢ଼ିବୁ ବାହାଘର ପରେ। ତୋ ବାହାଘର ସରିଲେ ତ ପୁଣି ରୁବି ପାଇଁ ଭାବିବି ନା।" ଗୋଟିଏ ଠୋକ କହିଦେଇଥିଲେ ବାପା।

ପିଲାଦିନୁ ବାପାଙ୍କର ଏ ଭଳି ରୁକ୍ଷ ବ୍ୟବହାର ସହ ଅଭ୍ୟସ୍ତ ସେ। ଝିଅ ନୁହେଁ ତ ବୋଝଟେ ପରି ଅନୁଭବ କରନ୍ତି। ସବୁ ବେଳେ ଖାଲି ବାହାଘର ପାଇଁ ଚିନ୍ତା। ଶେଷରେ ମନକୁ ମାରି ବାହାଘର ପାଇଁ ପ୍ରସ୍ତୁତ ହେଇଥିଲା ରେଣୁ। ଥରେ ହେଲେ ଦେଖିବାକୁ ବା କଥା ହେବାକୁ ଇଚ୍ଛା କରିନଥିଲା ଭାବି ସ୍ୱାମୀ ବୈଭବଙ୍କ ସହ।

ବାହାଘରର ବାଜା ମହୁରୀର ଶବ୍ଦରେ ଲୁଚି ଯାଇଥିଲା ତା ହୃଦୟରେ ଉଠୁଥିବା ବେଦନାର ସ୍ୱନ। ବାହାବେଦୀର ହୋମ ନିଆଁଠୁ ବି ବେଶି ଜଳୁଥିଲା ତା କ୍ଷତାକ୍ତ ହୃଦୟ। ପଢ଼ା ଘରର ଚେୟାର ଟେବୁଲରେ ପଢ଼ିବା ବଦଳରେ ଆଜି ଆସି ବସିଛି ସେ ତା ବାସର ଶେଯରେ।

ପ୍ରକୃତିସ୍ଥ ହେଲା ରେଣୁ। କଛି ସମୟ ପରେ ବୈଭବ ଆସି ପହଞ୍ଚିବେ। ତାର ପତି, ଇହପରକାଳର ଦେବତା। ମଥାରେ ସିନ୍ଦୁର ଗଳାରେ ମଙ୍ଗଳସୂତ୍ର ପିନ୍ଧେଇ ଅଧିକାରଭୁକ୍ତ କରିନେଇଛନ୍ତି ସେ ତାର ମନ ଆତ୍ମା ଶରୀର । କନ୍ତୁ ତା ପାଇଁ ଯେ ସେ ସମ୍ପୂର୍ଣ୍ଣ ଅପରଚିତ। ଜଣେ ଅପରିଚିତ ବ୍ୟକ୍ତି ସହ ଶାରିରୀକ ସମ୍ପର୍କ କେମିତି ପାରିବ ସେ। ଏ ତ ଆଉ ବୋହୁ ବୋହୁକା ଖେଳ ନୁହେଁ ଯେ ଅଭିନୟ କରିଗ୍ଲିବ। ଭୟରେ ଥରି ଗଲା ତା ସମଗ୍ର ଶରୀର। ଇଛା ହେଲା ଏଇ ମୁହୂର୍ତ୍ତରେ ଫାଟି ଯାଆନ୍ତା କ ପୃଥିବୀ, ମାତା ସୀତାଙ୍କ ପରି ପୃଥିବୀ ଗର୍ଭରେ ମିଶିଯାଆନ୍ତା ସେ। ବଡ଼ ପାଟି କରି କାନ୍ଦିବାକୁ ଇଛା ହେଲା ତାର। ହେଲେ ଏଇଟା ଯେ ତା ଘର ନୁହେଁ। ଧାଇଁ ପଳେଇ ପାରନ୍ତା କ ତା ଘରକୁ। କନ୍ତୁ ସେଠି ଆଉ ତାର ସ୍ଥାନ ହିଁ ନାହିଁ। ତେବେ...।।

ରେଣୁର ଅସହାୟ ଅବସ୍ଥାକୁ ଆହୁରି ଅସହାୟ କରି ଧୀରେ କବାଟ ଖୋଲିଲେ ବୈଭବ। ଖଟ ଉପରେ ଆହୁରି ସଙ୍କୁଡି ହେଇ ବସିଲା ରେଣୁ। ଭୁଲି ଗଲା, ସେ ଭଦ୍ରକ କଲେଜର ଡ୍ରାମା କୁଇନ ମେଧାବୀ ଛାତ୍ରୀ ରେଣୁ। ତାକୁ ଲାଗିଲା ସେ ଏକବିଂଶ ଶତାବ୍ଦୀର ରେଣୁ ନୁହେଁ କାହିଁ ପୁରୁଣା କାଳରେ ମିଞ୍ଜି ମିଞ୍ଜି ଦୀପ ଆଲୁଅରେ ବାସର ରାତିରେ ଜେଜେବାପାକୁ ଦେଖି ଶେଯରେ ସଂକୁଡି ଯାଇଥିବା ତା ଜେଜେମା। ବିଶେଷ କଛି ବଦଳନ। ନା ଅନୁଭବ ନା ପରିସ୍ଥିତି। ଛାତି ଭିତରରେ ଧଡ଼କୁ ଥିବା ତା ହୃତପିଣ୍ଡର ଶବ୍ଦ ସେ ସ୍ପଷ୍ଟ ଶୁଣିପାରିଲା। ସତେ ଯେପରି ବାହାରି ଆସିବ ବାହାରକୁ ଏଇ କ୍ଷଣି।

ବାଥରୁମରୁ ଫ୍ରେଶ ହେଇ ଆସି ତାଠୁ କଛି ଦୂରକୁ ଲାଗି ଖଟ ଉପରେ ବସି ପଡିଲେ ବୈଭବ। ପିନ୍ଧି ଥିଲେ କମ୍ଫୋରଟେବଲ ନାଇଟ ୱେର, ଟ୍ରାଉଜର ଆଉ ଗଂଜି। ତାଙ୍କୁ ଦେଖି ମନେ ମନେ ଆହୁରି ରାଗିଗଲା ରେଣୁ। ଦେଖ ନଜେ କେତେ ସହଜରେ ଅଛନ୍ତି କନ୍ତୁ ସେ ଶାଢ଼ୀ ଗହଣାର ମହଣ ମହଣ ଓଜନରେ ପୋତି ହେଇଯାଉଛି।

ହଁ ସେ ପୁରୁଷ, ତାଙ୍କର ଏ ନିଜ ଘର, ହେଲେ ସେ ଯେ ଅନ୍ୟ କାହା ଘରେ। ଏ ପ୍ରଥା କିଏ କରିଲା କେଜାଣି। ଲୁହ ଜକେଇ ଆସିଲା ରେଣୁ ଆଖିରେ। ଭଲରେ ଅଛ କି ନାହିଁ। ଘର କେମିତି ଲାଗୁଛି । ବାପମାଆଙ୍କ କଥା ମନେ ପଡୁଚକି। ଏଭଳି ଅନେକ କିଛି ପଚାରୁଥାଆନ୍ତି ବୈଭବ। କିଛି କଥା କାନକୁ ଶୁଣା ଯାଉଥିଲା କେବଳ, ମୁଣ୍ଡ ଯାଏ ଯାଉନଥିଲା। ଅତି ଅସହଜତାରେ ଅନ୍ୟମନସ୍କ ହୋଇ ଖାଲି ମୁଣ୍ଡ ହଲେଇ ଉତ୍ତର ଦେଉଥାଏ ରେଣୁ।ଆଗକୁ କଣ ହେବ ଭାବି ଭାବି ଆହୁରି ସଂକୁଡି ଯାଉଥାଏ ।

"ମୁଁ ତୁମକୁ ମ୍ୟାରି ଡାକପାରିବି"!!

କଥାଟି ଶୁଣି ଚମକି ପଡିଲା ରେଣୁ। ମ୍ୟାରି ...ମ୍ୟାରି କ୍ୟୁରି। ତା ପିଲାଦିନର ଆଦର୍ଶ। ବୈଭବ ଜାଣିଲେ କେମିତି ।

"ତୁମ ଆଦର୍ଶ ନା ମ୍ୟାରି କ୍ୟୁରି। ତୁମେ ତାଙ୍କ ପରି ବୈଜ୍ଞାନିକ ହେବାକୁ ଚାହଁ।" ଆବାକ ହେଇ ମୁହଁ ଟେକି ଚାହିଁଲା ରେଣୁ ବୈଭବ ଏତେ ସବୁ କେମିତି କହୁଛନ୍ତି।

"ତୁମ ସ୍ୱପ୍ନକୁ ମୁଁ ମୋର ସ୍ୱପ୍ନ ବୋଲି ଭାବି ଦେଇଛି ଯେବେଠୁ ତୁମକୁ ଦେଖିଛି। ତୁମେ ମୋର, ତୁମର ସବୁ ସ୍ୱପ୍ନ, ଇଛା, ଆକାଂକ୍ଷା ସବୁ ବି ମୋର। ଆଉ ତାକୁ ପୂରଣ କରିବା ଦାୟିତ୍ୱ ବି। କଣ ମୋ ସହ ତୁମ ସ୍ୱପ୍ନ ସବୁ ବାଣ୍ଟିବ ନି । " ହସି ହସି କହିଲେ ବୈଭବ। ରେଣୁ ନିଜକୁ ଚମୁଟି ଦେଖୁଥିଲା। ସେ ସ୍ୱପ୍ନ ଦେଖୁଛି ନା ଯାହା ଶୁଣୁଛି ସତ।

"ରୁବି ମୋତେ ସବୁ କହିଛି। ବ୍ୟସ୍ତ ହୁଅନି। ମୋ ମ୍ୟାରି କ୍ୟୁରି, ତୁମେ ବାଣୀ ବିହାରରେ ପିଜି କରିବ ଆଉ ବାର୍କରେ ପିଏଚଡି ବି । ବଡ଼ ବୈଜ୍ଞାନିକଟେ ହେବ ନିଶ୍ଚିତ, ହେଲେ ଏ ସାମାନ୍ୟ ଚଟାର୍ଡ ଅକାଉଣ୍ଟାଣ୍ଟ ସ୍ୱାମୀକୁ ଭୁଲି ଯିବନିତ" ରସିକତା କରି କହିଲେ ବୈଭବ।

ରେଣୁକୁ ଲାଗୁଥିଲା ତା ଛାତି ଭିତରଟା ପୁରା ବତୁରି ଯାଉଛି। ଅପ୍ରତ୍ୟାଶିତ ଖୁସି ସବୁ ଉଛୁଳ ଲୁହ ହୋଇ ବୋହି ଯାଉଥିଲା ତା ଆଖିରୁ।

"ଡରନି, ତୁମ ଅନିଚ୍ଛା ବିନା ମୁଁ ତୁମ ଉପରେ ନିଜ ଅଧିକାର ସାବ୍ୟସ୍ତ କରିବିନି। ସେ ପାଇଁ ତ ଜୀବନ ପଡିଛି। ଆଗ ଫ୍ରେଣ୍ଡଶିପ ତ କରିନିଅ ମୋ ସହ। ଲେଟସ ବି ଫ୍ରେଣ୍ଡସ" ହାତ ବଢେଇଲେ ବୈଭବ ରେଣୁ ଆଡକୁ। ସେମିତି ଆବାକ ହେଇ ବସିଥିଲା ରେଣୁ। ଏବେ ବି ବିଶ୍ୱାସ ହେଉ ନଥିଲା ତା ଆଗରେ ଘଟି ଯାଉଥିବା ଘଟଣାଗୁଡିକ ସତ କି ସ୍ୱପ୍ନ।

"ବି କମଫରଟେବଲ "ନାଇଟ ଡ୍ରେସର ପ୍ୟାକେଟଟେ ବଢ଼େଇ ଦେଲେ ବୈଭବ ରେଣୁ ଆଡକୁ। ହାତ ବଢ଼େଇ ପ୍ୟାକଟି ଧରିନେଲା ରେଣୁ।

"ଯାଅ ଜଲଦି ଫ୍ରେଶ ହେଇ ଆସ। ବହୁତ ନିଦ ଲାଗୁଚ। ଏମିତି ଓଜନିଆ ଶାଢ଼ି ଗହଣା ପିନ୍ଧି କିଏ ଶୁଏ" ହସି ହସି କହିଲେ ବୈଭବ। ସେ ହସରୁ ଫାଳେ ସଂଚରି ଗଲା ରେଣୁର ଓଠରେ। ତାକୁ ଲାଗିଲା ଯେମିତି ହଠାତ ଗୋଟେ ଘରି ମିଠା ମହକରେ ପୁରି ଉଠିଛି ତା ଆଖପାଖ, ସତେ ଯେମିତି ଦୂର କେଉଁଠି ଏକା ସଂଗେ ଫୁଟି ମହକି ଉଠିଛନ୍ତି ଗୁଛାଏ ମଲ୍ଲିକଢ଼।

ସହାୟକ ପ୍ରଫେସର, ସରକାରୀ ବିଜ୍ଞାନ କଲେଜ,
ଛତ୍ରପୁର, ଗଞ୍ଜାମ, ଓଡିଶା।

ବେଦାନ୍ତୀ

# ସୁମଧୁର ସଂଯୋଗ



ରାଜଶେଖର ସି. "ଚମା"

ତୁମ ମଧୁର ସୁର ଲାଗେ ସୁଗମ ରାଗ,
ତୁମ ପରିଚୟ ଯେ ସୁମଧୁର ସଂଯୋଗ,
ଦିଅ ମୋତେ ସୌମ୍ୟ ସୁବର୍ଣ୍ଣ ସୁଯୋଗ
ଉପନ କରିବି ପ୍ରୀତିକର ପ୍ରେମ ପରାଗ ।୧।

ଅତିକ୍ରମ କରିଲାଣି ଆନନ୍ଦ ଅନୁରାଗ
ସହି ପାରୁ ନାହିଁ ତୁମ ବିରହ ବିୟୋଗ,
ମୋ ପ୍ରଣୟକୁ ଦିଅ ସରସ ସହଯୋଗ,
କରିବି ନବତନ ଜୀବନ ର ଉପଭୋଗ ।୨।

ଯୌବନ ଯେ ଜୀବନର ଉତ୍କୃଷ୍ଟ ବିଭାଗ
ତୁମ ସାମିପ୍ୟ ଯେ ଯୁଗ ଯୁଗ ର ଯୋଗ,
ଶୀଘ୍ର କର ମୋ ପ୍ରେମପାଶର ଉପଯୋଗ,
କରନ ମୋ ବିରୁଦ୍ଧେ କୌଣସି ଅଭିଯୋଗ ।୩।

ତୁମ ବିନା ଆସୁନ ଜୀବନ ରେ ବେଗ,
ମତି ର କରିପାରୁନ ଭୋଗ ବିନଯୋଗ,
କେବେ କରିବ ନଜ ସମ୍ମତି ର ପ୍ରୟୋଗ,
ସାର୍ଥକ ହେବ ପ୍ରେମର ସୁମଧୁର ସଂଯୋଗ ।୪।

chvrajasekhar@gmail.com

# କବିତା ମନସ୍କ ହେଲେ



ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟ

କବିତା ମନସ୍କ ହେଲେ
ମୁଗ୍ଧ ହୋଇ କବିଟିଏ
କବିତା ଲେଖିବ,
ମାଟିରୁ ଆକାଶ ଯାଏ
ପହଁରି ପାରିବ,
ଶବ୍ଦର ମୋତିମାଣିକ
ଅନାୟାସେ ସାଉଁଟି ଧରିବ,
ରୋମାଞ୍ଚ ପୁଲକଭରା
ମନେ ତାର କଦମ୍ବ ଫୁଟିବ,
ସୃଜନୀ ଆହ୍ଲାଦ ଥିବ,
କଳ୍ପନାର ମାନଚନ୍ଦ୍ର
ଉଙ୍କି ମାରୁଥିବ,
ଭାବନାର ସାଗରରେ
ଲହଡି ପିଟିବ

ଢେଉ ପରେ ଢେଉ ଆସି
ତାକୁ ସିଏ ବିବଶ କରିବ,
ସୁଖ ଦୁଃଖ ଘାତ ପ୍ରତିଘାତ
ଦୁଃସହ ଏ ଜୀବନର ବ୍ରତ
ସବୁଦେଖି ସବୁ ଜାଣି
ସେ କି କେବେ ରହିପାରେ ତୁନି,
କବି ସେ ତ ପ୍ରଜାପତି,
ଶବ୍ଦବ୍ରହ୍ମେ ସର୍ଜନା କରିବ,
କବିତାର ନବଜନ୍ମ ହେବ
ସ୍ୱାତୀ ନକ୍ଷତ୍ରରେ ହିଁ ତ
ଶାମୁକାରେ ମୁକ୍ତା ପ୍ରକଟିବ ॥

ବାଲେଶ୍ୱର, ଓଡିଶା

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# କହରେ କାଳଆ କହ



ପ୍ରଣତି ମହାପାତ୍ର

ଏ ଜଗତ ସତ୍ୟ ଚନ୍ଦ୍ର ସୂର୍ଯ୍ୟ ସତ୍ୟ
ଅନ୍ଧାର ଆଲୋକ ସତ୍ୟ,
ଦିବସ ରଜନୀ ପୁଣି ଜନ୍ମ ମୃତ୍ୟୁ
ଜୀବନଧାରଣ ସତ୍ୟ।
ସତ୍ୟ ସଂସାରରେ ନେତ୍ର ଯାହାଦେଖେ
ନୁହଁଇ କେବେ ଅସତ୍ୟ,
ତୋ ଅସ୍ତିତ୍ୱ କେବେ ପାଇନାହିଁ ସତ
ତଥାପି ତୁ ମୋ ପାଇଁ ସତ୍ୟ ।
ତୁ ଏ ଜଗତର ସତ୍ୟ ସନାତନ
ଦାରୁବ୍ରହ୍ମେ ଜଗନ୍ନାଥ,
ବ୍ରହ୍ମ ସଂସ୍ଥାପନେ ହେଉ ତୁ ଜୀବନ୍ତ
ତୁ ପରା ତ୍ରୈଲୋକ୍ୟନାଥ।
ବିଶ୍ୱାସରେ କାଳେ ତୁହି ମିଳଥାଉ
ତର୍କେ ଯାଉ ବହୁଦୂର,
ତର୍କଠାରୁ ବହୁଦୂରେ ମୁଁ କାଳଆ
ତୁ କାହିଁ ହେଉ ଅନ୍ତର।

ଭାବର ଠାକୁର ଭାବ ବିନୋଦିଆ
ବସିଛୁ ବଡ ଦେଉଳେ,
ପଲକ ପଡେନ ତୋ ଚକାନୟନେ
ସବୁ ଦେଖୁ ଶୁଣୁ କାଳେ ।
ତୋ ବଡ଼ ଦେଉଳେ, ବଡ଼ଦାଣ୍ଡେ ପୁଣି
ତୋର ଆନନ୍ଦ ବଜାରେ,
ଏମିତି ଅନ୍ୟାୟ ଅନୀତି ଦୁର୍ନୀତି
ହେଉଛି କାହିଁ କହ ରେ ।
ନ୍ୟାୟଧୀଶ କାଳେ ଉଚତ୍ ଶାସନ
କରୁ ତୋର ଦରବାରେ,
ଭୋକ ଉପବାସେ ରଖୁଛନ୍ତି ତୋତେ
କେମିତି ତୁ ସହୁଛୁରେ ।
କହରେ କାଳଆ କହ

ବାଲେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ଯ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସମାଜ ସଂସ୍କାରକ ସ୍ୱାମୀ ଦୟାନନ୍ଦ

ଅଧ୍ୟାପିକା ଡକ୍ଟର କୁମୁଦିନୀ ମିଶ୍ର

ମଧ୍ୟଯୁଗୀୟ ହିନ୍ଦୁ ସମାଜ ବୈଦିକ ଆଦର୍ଶବୋଧରୁ ଦୂରେଇ ଯାଇ କେତେଗୁଡିଏ ଅହେତୁକ ନିରର୍ଥକ ଆଗ୍ରହ ଓ ମତାନ୍ଧତାକୁ ସାମାଜିକ ଚଳଣୀ ରୂପେ ଗ୍ରହଣ କରି ନେଇଥିଲା । ପ୍ରକୃତ ଶାସ୍ତ୍ର କଣ ନ ଜାଣି କେବଳ ପୂର୍ବପୁରୁଷଙ୍କ ଚଳଣିକୁ ଅନୁସରଣ କରି ସେ ସମୟର ବ୍ରାହ୍ମଣମାନେ ନିଜ ନିଜକୁ ଶାସ୍ତ୍ରଜ୍ଞ ପଣ୍ଡିତ ବୋଲି ପରିଚିତ କରାଇ ଅପର ଲୋକଙ୍କ ଭାଗ୍ୟ ନିୟନ୍ତ୍ରଣ କରୁଥିଲେ । "ଆମ ପୂର୍ବପୁରୁଷ ଏହା କରୁଥିଲେ ସତରାଂ ଏହା ଆମର କର୍ତ୍ତବ୍ୟ", "ଆମ ବାପ ଅଜା ଯାହା କରୁଥିଲେ ତାହା ହିଁ ଅକାଟ୍ୟ ଶାସ୍ତ୍ର ।" – ଏଇ ଧାରଣାର ବଶବର୍ତ୍ତୀ ହୋଇ ସେମାନେ ଯହା ଯୁକ୍ତିସଙ୍ଗତ ନୁହେଁ ସେହିପରି ଅନେକ କାର୍ଯ୍ୟ କରୁଥିଲେ ଏବଂ ତାହାକୁ ହିଁ ସାମାଜିକ ନିୟମରେ ପରିଣତ କରୁଥିଲେ । ଏହା ଫଳରେ ଧର୍ମ ନାମରେ ହିନ୍ଦୁ ସମାଜରେ ବହୁ କୁସଂସ୍କାର ପ୍ରବେଶ କଲା । ନାନାପ୍ରକାର ଭ୍ରଷ୍ଟାଗ୍ରହରେ ସମାଜ ପରିପୂର୍ଣ୍ଣ ହେଲା । ଧର୍ମ ନାମରେ ମଦ୍ୟପାନ, ମାଂସ ଭୋଜନ, ଅଗମ୍ୟା ଗମନ କରି ପରମପଦ ଲାଭ କରିବାର ଆକାଂକ୍ଷା ଜନମାନସରେ ଜାଗ୍ରତ ହେଲା । ଅଜସ୍ର ଭକ୍ତିକ ମିଥ୍ୟାରେ ହିନ୍ଦୁଧର୍ମ କଳୁଷିତ ହେଲା । ବେଦକାଳୀନ ଉଜ୍ଜ୍ୱଳ ଅତୀତକୁ ଭୁଲି ଆର୍ଯ୍ୟଜାତି ଅଧଃପତନର ଅତଳ ଗହ୍ୱରରେ ଲୀନହେବାକୁ ବସିଲା । ଜାତିଭେଦ, ଅସ୍ପୃଶ୍ୟତା, ରକ୍ଷଣଶୀଳତା, ଅନ୍ଧବିଶ୍ୱାସ, ମିଥ୍ୟାଗ୍ରହ ଆଦି ଦୁଷ୍କୃତି ସାମାଜିକ ଶୃଙ୍ଖଳାକୁ କ୍ଷତବିକ୍ଷତ କଲା ।

ଏପରି ଏକ ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ଭାରତରେ ଇଂରେଜ ଶାସନ ପ୍ରତିଷ୍ଠିତ ହେଲା । ଇଂରେଜମାନେ ଆମ ଦେଶରେ ପାଶ୍ଚାତ୍ୟ ଶିକ୍ଷାର ପ୍ରବର୍ତ୍ତନ କରାଇବାଦ୍ୱାରା ଊନବିଂଶ

ଶତାବ୍ଦୀର ମଧ୍ୟଭାଗରେ ଏକଶିକ୍ଷିତ ଯୁବଗୋଷ୍ଠୀର ଅଭ୍ୟୁଦୟ ଘଟିଲା । ସେଇ ଶିକ୍ଷିତ ଯୁବକମାନେ ତାଙ୍କ ଯୁକ୍ତିପ୍ରବଣ ମନ ନେଇ ହିନ୍ଦୁ ସମାଜରେ ପ୍ରଚଳତ ପରମ୍ପରା ଓ ଚଳଣି ଅନୁଧ୍ୟାନ କରି ଅନୁଭବ କଲେ ଯେ କେତେକ ଅହେତୁକ ବିଶ୍ୱାସ ଓ ରକ୍ଷଣଶୀଳ ମନୋବୃତ୍ତି ହିଁ ହିନ୍ଦୁ ସମାଜର ଉନ୍ନତିରେ ପ୍ରଧାନ ଅନ୍ତରାୟ ସୃଷ୍ଟି କରିଛି । ସଂସ୍କାର ତଥା ପ୍ରଗତିର ପରିପନ୍ଥୀ ଏହି ଅନ୍ଧବିଶ୍ୱାସ ଓ ରକ୍ଷଣଶୀଳତାକୁ ସେମାନେ "ଜାତୀୟ କୁସଂସ୍କାର" ଆଖ୍ୟା ଦେଲେ । ଯୁଗ ଯୁଗ ଧରି ଜନସମାଜକୁ ଜାବୋଡି ଧରିଥିବା ଏହି କୁସଂସ୍କାରର କୁହେଳକୁ ଅପସାରଣ କରି ବିଚାର, ବୁଦ୍ଧି ଓ ଯୁକ୍ତି ଦ୍ୱାରା ଜାତୀୟ ଜୀବନକୁ ଦୀପ୍ତ କରିବା ପାଇଁ ଶିକ୍ଷିତ ଯୁବଗୋଷ୍ଠୀ ସଙ୍କଳ୍ପବଦ୍ଧ ହେଲେ । ଆର୍ଯ୍ୟ ଜାତିର ମାନମର୍ଯ୍ୟାଦା ଓ ଆର୍ଯ୍ୟ ଗୌରବର ପୁନରୁଦ୍ଧାର ପାଇଁ ସେମାନେ ଜାତୀୟ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଂସ୍କାର କାମନା କଲେ । ଏହିପରି ଭାବେ ଭାରତୀୟ ଶିକ୍ଷିତ ଯୁବ-ପ୍ରାଣରେ ହେତୁବାଦୀ ଚେତନାର ବିକାଶ ଘଟିଲା ଏବଂ ଭାରତରେ ଏକ ନବଯୁଗର ପ୍ରବର୍ତ୍ତନ ହେଲା ।

ଭାରତରେ ନବଯୁଗର ପ୍ରବର୍ତ୍ତକ ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୮୩) । ଆଧୁନକ ଭାରତର ନର୍ମାତା, ଆର୍ଯ୍ୟଧର୍ମ ଓ ସଂସ୍କୃତିର ପୁନରୁଦ୍ଧାରକ ମହାପୁରୁଷମାନଙ୍କ ମଧ୍ୟରେ ମହର୍ଷି ଦୟାନନ୍ଦ ଥିଲେ ଅନ୍ୟତମ । ଜାତୀୟ ଜୀବନର ବିକାଶ ପାଇଁ ସେ ସଂସ୍କାର ଚେତନାକୁ ସର୍ବୋପେକ୍ଷା ଅଧିକ ଗୁରୁତ୍ୱ ଦେଇଥିଲେ । ତାଙ୍କ ଯୁକ୍ତିରେ, ପ୍ରତ୍ୟେକ ମନୁଷ୍ୟର ଜୀବନ ଆତ୍ମଶୋଧନର ଏକ ସୋପନ । ପୂର୍ବବର୍ତ୍ତୀ କୁସଂସ୍କାରକୁ ଶୋଧନ କରିବା ପାଇଁ, ସଂସ୍କାରକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଆତ୍ମା ଦେହ ଧାରଣ କରେ । ସଂସ୍କାର ହେଉଛି ପ୍ରଗତିର ଲକ୍ଷଣ । ସଂସ୍କାରରୁ ମନୁଷ୍ୟତା ବିକଶିତ ହୁଏ । ସଂସ୍କାର ଦ୍ୱାରା ସଭ୍ୟତା ମପାଯାଏ । ତେଣୁ ସମାଜ ସଂସ୍କାର ଦ୍ୱାରା ହିଁ ଦେଶବାସୀଙ୍କୁ ଧ୍ୱଂସମୁଖରୁ ବଞ୍ଚାଇ ହେବ – ଏ ବିଶ୍ୱାସ ମହର୍ଷିଙ୍କ ମନରେ ଦୃଢ଼ୀଭୂତ ହେଲା । ଭାରତୀୟ ଧର୍ମଧାରା, ଭାରତୀୟ ଜୀବନ ଦର୍ଶନ ଓ ଭାରତୀୟ ଚଳଣୀରେ ସଂସ୍କାର ଆଣି ସମଗ୍ର ଦେଶରେ ଗୌରବମୟ ଆର୍ଯ୍ୟ ସଂସ୍କୃତିର ପୁନରୁତଥାନ ସକାଶେ ମହର୍ଷି

ଦୟାନନ୍ଦ ୧୮୭୫ ଖ୍ରୀଷ୍ଟାବ୍ଦ ଏପ୍ରିଲ ୭ ତାରିଖରେ "ଆର୍ଯ୍ୟ ସମାଜ" ର ପ୍ରତିଷ୍ଠା କଲେ। ଏହି ଅନୁଷ୍ଠାନଟି ସମାଜ ସଂସ୍କାର ପାଇଁ ଏକ କଳ୍ପତରୁ ସଦୃଶ କାର୍ଯ୍ୟ କଲା ।

ସ୍ୱାମୀ ଦୟାନନ୍ଦ ବେଦରୁ ବହୁ ଉକ୍ତି ଉଦ୍ଧାର କରି "ଆର୍ଯ୍ୟ" ଶବ୍ଦକୁ ଏକ ଗୁଣବାଚୀ ଶବ୍ଦ ଭାବରେ ଗ୍ରହଣ କରିଛନ୍ତି । ବେଦ ଅନୁଯାୟୀ "ଆର୍ଯ୍ୟ" ଶବ୍ଦର ଅର୍ଥ ହେଉଛି – ଉଦାରତା, ନମ୍ରତା, ସୌଜନ୍ୟ, ପବିତ୍ରତା ଆଦି ସଦଗୁଣ। ତେଣୁ ଯେଉଁ ବ୍ୟକ୍ତି ମାନବ ସମାଜରେ ସତ୍ୟ, ଅହିଂସା, ପରୋପକାର ଆଦି ଉତ୍ତମ ବ୍ରତ ଧାରଣକରି ମର୍ଯ୍ୟାଦା ସମ୍ପନ୍ନ ଜୀବନଯାପନ କରେ, ସେ ଆର୍ଯ୍ୟ । ବେଦ ଯୁଗରେ ଭାରତୀୟମାନେ ଏହିସବୁ ସଦଗୁଣରେ ପରିପୂର୍ଣ୍ଣ ଥିବାରୁ ସେମାନେ "ଆର୍ଯ୍ୟ" ଭାବେ ପରିଚିତ ଥିଲେ ଏବଂ ସେମାନଙ୍କ ନିବାସ ସ୍ଥାନ ଭାରତ – "ଆର୍ଯ୍ୟାବର୍ତ୍ତ" ଭାବେ ପରିଚିତ ଥିଲା । ଭାରତୀୟମାନଙ୍କ ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ସ୍ୱାମୀଜୀ "ଆର୍ଯ୍ୟସମାଜ" ପ୍ରତିଷ୍ଠା କରି ସମଗ୍ର ଦେଶରେ ଅବିଦ୍ୟା ସ୍ଥାନରେ ବିଦ୍ୟା, ଅସତ୍ୟ ସ୍ଥାନରେ ସତ୍ୟ, ପାପ ସ୍ଥାନରେ ପୁଣ୍ୟ, ଅନ୍ଧବିଶ୍ୱାସ ସ୍ଥାନରେ ଯୁକ୍ତିନିଷ୍ଠାର ପ୍ରସାର ଘଟାଇବା କ୍ଷେତ୍ରରେ ଉଦ୍ୟମଶୀଳ ହେଲେ। ଏଥିପାଇଁ ସେ ଆର୍ଯ୍ୟସମାଜର ଦଶଗୋଟି ନିୟମ ପ୍ରଣୟନ କରିଥିଲେ । ଏହି ଦଶଗୋଟି ନିୟମ ମଧ୍ୟରେ ମନୁଷ୍ୟର ଈଶ୍ୱରଙ୍କ ପ୍ରତି କର୍ତ୍ତବ୍ୟ, ନିଜ ପ୍ରତି କର୍ତ୍ତବ୍ୟ ଓ ସମାଜ ପ୍ରତି କର୍ତ୍ତବ୍ୟ ସୂଚିତ ହୋଇଅଛି ।

ମହର୍ଷି ଦୟାନନ୍ଦ ଥିଲେ "ସତ୍ୟମେବ ଜୟତେ ନାନୃତମ" ରେ ବିଶ୍ୱାସୀ। ଜନସାଧାରଣଙ୍କ ମନରୁ ଅସତ୍ୟ, ଅନ୍ଧବିଶ୍ୱାସ ଓ ଅନାଚାର ଦୂର କରିବା ପାଇଁ ସେ ନିଜେ ଜଣେ କ୍ରାନ୍ତିକାରୀର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। "ସତ୍ୟାର୍ଥ ପ୍ରକାଶ" ଗ୍ରନ୍ଥରେ ସେ ଲେଖିଛନ୍ତି – "କୌଣସି ନୂତନ କଳ୍ପନା ବା ନବୀନ ମତ ପ୍ରତିଷ୍ଠା କରିବା ମୋର ଅଭିପ୍ରାୟ ନୁହେଁ। ଯାହା ସତ୍ୟ ତାକୁ ମାନିବା ଓ ମନାଇବା, ଯାହା ଅସତ୍ୟ ତାକୁ ଛାଡିବା ଓ ଛଡାଇବା ମୋର ଲକ୍ଷ୍ୟ ।"

ସତ୍ୟାର୍ଥ ପ୍ରକାଶ" ସ୍ୱାମୀଜୀଙ୍କ ଅନବଦ୍ୟ ସୃଷ୍ଟି । ଏ ଗ୍ରନ୍ଥର ମୁଖ୍ୟ ମୁଖ୍ୟ ବିଷୟ ହେଉଛି ସତ୍ୟାସତ୍ୟ ଅର୍ଥ ପ୍ରକାଶ କରିବା –ଯାହା ସତ୍ୟ ତାକୁ ସତ୍ୟ ରୂପେ ଯାହା ମିଥ୍ୟା ତାକୁ ମିଥ୍ୟା ରୂପେ ପ୍ରତିପାଦନ କରିବା । ଏହି ଗ୍ରନ୍ଥ ସମାଜସଂସ୍କାର କ୍ଷେତ୍ରରେ ଏକ ସଫଳ ସୃଷ୍ଟି ଓ ମାର୍ଗଦର୍ଶନ । ଏହି ଗ୍ରନ୍ଥ ସମ୍ପର୍କରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଯଥାର୍ଥରେ ଲେଖିଛନ୍ତି – ସମାଜ ସଂସ୍କାର ସମ୍ବନ୍ଧରେ ମହର୍ଷି ଦୟାନନ୍ଦଙ୍କ ରଚତ "ସତ୍ୟାର୍ଥ ପ୍ରକାଶ" ପରି ଅନ୍ୟ କୌଣସି ଗ୍ରନ୍ଥ ମୁଁ ଦେଖିନାହିଁ । ଅଣ୍ଡୃଜ ସାହେବ କହନ୍ତି – "ମୁଁ ଭାରତକୁ ଆସି "ସତ୍ୟାର୍ଥ ପ୍ରକାଶ" ଅଧ୍ୟୟନ କରି ଧର୍ମର ପ୍ରକୃତ ପରିଚୟ ପାଇଲି । ଧର୍ମରୁ ବିଚ୍ୟୁତ ହେଉଥିବା ଲୋକଙ୍କ ପାଇଁ ଏହା ପଥପ୍ରଦର୍ଶକ ।"

ଭାରତବର୍ଷକୁ ଅବିଦ୍ୟା, ଆଳସ୍ୟ ଓ ଅଜ୍ଞତାରୁ ମୁକ୍ତ କରି ତାହାକୁ ସତ୍ୟ ଓ ପବିତ୍ରତାର ଜାଗୃତି ପ୍ରଦାନ କରିବା ଥିଲା ସ୍ୱାମୀ ଦୟାନନ୍ଦଙ୍କ ସଂସ୍କାର ଚେତନାର ମୁଖ୍ୟ ଉଦ୍ଦେଶ୍ୟ । ଏଥିପାଇଁ ସେ ବେଦପାଠ ଓ ତାହାର ବ୍ୟାଖ୍ୟା କରିବାର ଆବଶ୍ୟକତା ଉପଲବ୍ଧି କରିଥିଲେ । ତାଙ୍କ ଯୁକ୍ତିରେ, ବେଦ ହେଉଛି ମନୁଷ୍ୟ ଜ୍ଞାନର ଆଦି ଉତ୍ସ । ଜ୍ଞାନ, କର୍ମ, ଉପାସନା ଓ ବିଜ୍ଞାନ ସମ୍ବନ୍ଧରେ ସମସ୍ତ ଜ୍ଞାତବ୍ୟ ବିଷୟ ଋଗ୍, ଯଜୁଃ, ସାମ ଓ ଅଥର୍ବ ବେଦରେ ରହିଛି । ତେଣୁ ବୈଦିକ ପରମ୍ପରାର ପୁନଃ ପ୍ରତିଷ୍ଠା କରି ଲୋକଙ୍କ ମନରୁ ବିଦ୍ୱେଷ, ସଂକୀର୍ଣ୍ଣତା ଓ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ମହର୍ଷି ଦୟାନନ୍ଦ ଆପ୍ରାଣ ଉଦ୍ୟମ କରିଥିଲେ । ବେଦର ସ୍ତୋତ୍ରମାନ ଉଦ୍ଧାର କରି ମନୁଷ୍ୟକୁ ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ – ଏ ଦୁଃଖ ତ୍ରୟରୁ ଉଦ୍ଧାର ପାଇବାର ଉପାୟ ବୁଝାଇ ସେ କହୁଥିଲେ – ସ୍ରଷ୍ଟାଙ୍କ ଗୁଣଗାନ କରିବା, ସତ୍ୟ-ନ୍ୟାୟର ଅନୁସରଣ କରିବା, ଜିତେନ୍ଦ୍ରିୟ ସଂଯମୀ ହେବାଦ୍ୱାରା ମନୁଷ୍ୟର ମୁକ୍ତିର ଦ୍ୱାର ପ୍ରଶସ୍ତ ହୁଏ ।

ବେଦକୁ ପରମଶାସ୍ତ୍ର ରୂପେ ଅଭିହିତ କରି ସ୍ୱାମୀ ଦୟାନନ୍ଦ କହୁଥିଲେ, ସମଗ୍ର ଭାରତରେ ଏକମାତ୍ର ଧର୍ମ ପ୍ରଚାରିତ ହେବା ଉଚତ ଏବଂ ତାହା ହେଉଛି ବୈଦିକ ଧର୍ମ । ସେ ବେଦକୁ କେବଳ ଭାରତରେ ନୁହେଁ, ଭାରତ ବାହାରେ ମଧ୍ୟ ପ୍ରସାରିତ କରିଥିଲେ । ତାଙ୍କ ଯୁକ୍ତିରେ ବେଦ ହେଉଛି – ସତ୍ୟ ବିଦ୍ୟା **(True Knowledge)** ଓ ସତ୍ୟ ଶାସ୍ତ୍ର **(Books of scientific**

and Rational Truth) । ତେଣୁ ଭାରତବାସୀଙ୍କ ପାଇଁ ତାଙ୍କ ବାଣୀ ଥିଲା – "ବେଦକୁ ଫେରିଚାଲ" (Go Back to Vedas).

ତତକାଳୀନ ସମାଜରେ ପ୍ରତିଷ୍ଠିତ ଜାତିଭେଦ ଓ ଅସ୍ପୃଶ୍ୟତା ନିବାରଣ ପାଇଁ ସ୍ୱାମୀ ଦୟାନନ୍ଦ ବହୁ ଯୁକ୍ତି ଉପସ୍ଥାପନ କରିଥିଲେ। ତାଙ୍କ ମତରେ, କୌଣସି ମନୁଷ୍ୟ ଜନ୍ମବେଳେ ଉଚ୍ଚ ବା ନୀଚ ହୋଇ ଜନ୍ମ ହୋଇ ନଥାଏ। ସେ ନିଜର ସତକର୍ମ ବଳରେ ଉଚ୍ଚଜାତି (ବର୍ଣ୍ଣ) ଓ କୁକର୍ମ ଯୋଗେ ନୀଚ ଜାତି (ବର୍ଣ୍ଣ) ରୂପେ ପରିଚିତ ହୋଇଥାଏ। ସତ୍ୟନିଷ୍ଠା, ଆତ୍ମୋତ୍ସର୍ଗ, ବେଦ ଓ ଈଶ୍ୱର ସମ୍ପର୍କୀୟ ଜ୍ଞାନ, ସ୍ୱଚ୍ଛ ଜୀବନଯାପନ ଆଦି ସତ୍ ସଂସ୍କାର ଯୋଗେ ନିଚବର୍ଣ୍ଣ ଜାତ ବ୍ୟକ୍ତି ଉଚ୍ଚ ବର୍ଣ୍ଣରେ ପରିଣତ ହୋଇପାରେ, ମାତ୍ର ଅସତ୍ୟ, ଅଜ୍ଞାନ, ସ୍ୱାର୍ଥ ପରାୟଣତା, ବେଦ ଓ ଈଶ୍ୱରଙ୍କ ପ୍ରତି ଅନାସ୍ଥାଭାବ ଆଦି ହୀନ ସଂସ୍କାର ଯୋଗେ ଉଚ୍ଚବର୍ଣ୍ଣ ଜାତ ବ୍ୟକ୍ତି ନୀଚ ବର୍ଣ୍ଣରେ ପରିଣତ ହୁଏ। ତେଣୁ ଜନ୍ମଗତ ଜାତିପ୍ରଥାରେ ବିଶ୍ୱାସ ନକରିବାକୁ ସ୍ୱାମୀଜୀ ଜନସାଧାରଣଙ୍କୁ ପରାମର୍ଶ ଦେଉଥିଲେ। ବେଦପାଠ ଓ ଯାଗ ଯଜ୍ଞାଦିରେ ମଧ୍ୟ ସ୍ତ୍ରୀ ଜାତି ଓ ନୀଚବର୍ଗର ଲୋକଙ୍କ ସମାନ ଅଧିକାରକୁ ସ୍ୱୀକାର କରି ସେ କହନ୍ତି – ତଥାକଥିତ ଅସ୍ପୃଶ୍ୟମାନଙ୍କ ଶିକ୍ଷାଦୀକ୍ଷାର ଯଥୋଚିତ ବ୍ୟବସ୍ଥା କରାଯାଇ ଯଜ୍ଞୋପବୀତ ପ୍ରଦାନ ପୂର୍ବକ ସେମାନଙ୍କୁ ଦ୍ୱିଜ ଭାବରେ ଗ୍ରହଣ କରାଯିବା ଉଚିତ। ତାଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜରେ ପୁରୁଷଙ୍କ ପରି ସ୍ତ୍ରୀମାନେ ମଧ୍ୟ ଯଜ୍ଞୋପବୀତ ଧାରଣ କରିବାର ପ୍ରଥା ପ୍ରଚଳିତ ହେଲା। ଆର୍ଯ୍ୟସମାଜର ଗୁରୁକୁଳମାନଙ୍କରେ ଦଳିତ ଜାତିର ପିଲାମାନେ ଉଚ୍ଚବର୍ଣ୍ଣ-ଜାତ ପିଲାଙ୍କ ସହ ଏକତ୍ର ବେଦପାଠ ଓ ଯଜ୍ଞାଦି କର୍ମରେ ନିଯୁକ୍ତ ହେଲେ। ଏଥିରୁ ଜଣାଯାଏ, ମହାତ୍ମାଗାନ୍ଧୀ ଆମ ଦେଶରେ ଅସ୍ପୃଶ୍ୟତା ନିବାରଣ ଲାଗି ଆନ୍ଦୋଳନ ଚଳାଇବା ପୂର୍ବରୁ ସ୍ୱାମୀ ଦୟାନନ୍ଦ ଏ ଦିଗରେ ସଫଳ ପଦକ୍ଷେପ ଗ୍ରହଣ କରିଥିଲେ। ରକ୍ଷଣଶୀଳ ବ୍ରାହ୍ମଣମାନଙ୍କ ନିନ୍ଦା, ଭର୍ତ୍ସନା ବା କଟୁ ସମାଲୋଚନାକୁ ସେ ଖାତିର ନ କରି ଦଳିତ ଉଦ୍ଧାର ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ତେଣୁ ଗାନ୍ଧିଜୀଙ୍କୁ "ଜାତିର ପିତା" କୁହାଯିବା ବେଳେ ସ୍ୱାମୀଜୀଙ୍କୁ "ଜାତିର ପିତାମହ" କୁହାଯାଏ।

ଭାରତର ମୁସଲମାନ ରାଜତ୍ୱ ପ୍ରତିଷ୍ଠିତ ହେବା କାଳରୁ ନାରୀମାନେ ତାଙ୍କର ପୂର୍ବ ଗୌରବ ହରାଇ ପର୍ଦ୍ଦାପ୍ରଥା ଭିତରେ "ଅସୂର୍ଯ୍ୟଂପଶ୍ୟା" ହୋଇ ରହିଲେ । କ୍ରମେ ପୁରୁଷମାନେ ନାରୀଙ୍କୁ ହେୟଜ୍ଞାନ କଲେ । ନାରୀମାନଙ୍କୁ ସମାଜରେ ପୁନଃ ପ୍ରତିଷ୍ଠା ଦେବା ଲାଗି ସ୍ୱାମୀ ଦୟାନନ୍ଦ ସରସ୍ୱତୀ "ସତ୍ୟାର୍ଥ ପ୍ରକାଶ" ଗ୍ରନ୍ଥରେ ଗୃହସ୍ଥାଶ୍ରମର ମହତ୍ୱ ପ୍ରତିଷ୍ଠା କ୍ଷେତ୍ରରେ ନାରୀମାନଙ୍କ ଅବଦାନ ସମ୍ପର୍କରେ ପୁରୁଷମାନଙ୍କୁ ସଚେତନ କରାଇଲେ । ବେଦରେ ନାରୀଜାତିକୁ କପରି ଗୌରବାନ୍ୱିତ କରାଯାଇଛି ତାହାର ବହୁ ବ୍ୟାଖ୍ୟା କରି ସେ ଲୋକଙ୍କ ମନରେ ନାରୀଜାତି ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜାଗ୍ରତ କରିବା ପାଇଁ ଉଦ୍ୟମ କଲେ । ତାଙ୍କ ଯୁକ୍ତିରେ ନାରୀ ପରିବାରର ସାମ୍ରାଜ୍ଞୀ, ଶିଶୁର ପ୍ରଥମ ଶିକ୍ଷାଦାତ୍ରୀ, ସମାଜରେ ସମ୍ମାନ ଓ ମାନବ ଜାତିର ଯଜ୍ଞ ବେଦୀ । ତେଣୁ ସେ ସମାଜରେ ଉତ୍ତମାଙ୍ଗ । ନାରୀ ନିର୍ଯ୍ୟାତିତା ହେଲେ ମାନବ ସମାଜ ଧ୍ୱଂସମୁଖୀ ହେବ । ଯେଉଁଠି ନାରୀ ସମ୍ମାନଲାଭ କରେ ସେଠାରେ ଦେବତା ସନ୍ତୁଷ୍ଟ ହୁଅନ୍ତି ।


ନାରୀମାନଙ୍କୁ ସମାଜରେ ସୁପ୍ରତିଷ୍ଠିତା କରିବା ପାଇଁ ନାରୀ ଶିକ୍ଷାର ବିକାଶ ଅନିବାର୍ଯ୍ୟ – ଏହା ଉପଲବ୍ଧି କରି ନାରୀ ଶିକ୍ଷାର ଉନ୍ନତି ଲାଗି ସ୍ୱାମୀଜୀ ବହୁ ପ୍ରୟାସ କରିଥିଲେ । ବାଲ୍ୟ ବିଧବାଙ୍କର ଦୟନୀୟ ଅବସ୍ଥା ଦେଖି ବାଲ୍ୟବିବାହ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କ ପରିକଳ୍ପନା ଅନୁଯାୟୀ ଆର୍ଯ୍ୟସମାଜ ମାଧ୍ୟମରେ କନ୍ୟାମାନଙ୍କ ଶିକ୍ଷା ପାଇଁ ସ୍ୱତନ୍ତ୍ର ଗୁରୁକୁଳମାନ ପ୍ରତିଷ୍ଠା କରାଗଲା । ସେଠାରେ ନାରୀମାନଙ୍କୁ ଯୋଗ, ପ୍ରାଣାୟାମ, ବେଦପାଠ, ଯଜ୍ଞାଦି ଅନୁଷ୍ଠାନ, ହସ୍ତଶିଳ୍ପ, ସଙ୍ଗୀତ ଆଦି ବିଦ୍ୟା ପ୍ରଦାନର ବ୍ୟବସ୍ଥା ହେଲା । ଦୟାନନ୍ଦଙ୍କ ଅନୁଗାମୀ ଆର୍ଯ୍ୟ ସମାଜୀ ହରବିଳାସ ଶାରଦା କେନ୍ଦ୍ର ଆସେମ୍ବ୍ଲିରେ ବାଲ୍ୟବିବାହ ନିରୋଧ ପାଇଁ ଶାରଦା ଆଇନ କାର୍ଯ୍ୟକାରୀ କରାଇଲେ, ଯାହା ଫଳରେ ଚଉଦ ବର୍ଷରୁ କମ୍ ବୟସ୍କା ବାଳିକାକୁ ବିବାହ ଦେଲେ ପିତାମାତା ଦଣ୍ଡନୀୟ ହେବେ ବୋଲି ଗୃହୀତ ହେଲା । ବିଧବାମାନଙ୍କ ସୁରକ୍ଷା ଓ ସୁଶିକ୍ଷା ପାଇଁ ଆର୍ଯ୍ୟ ସମାଜ ଦ୍ୱାରା ବହୁ ଅନୁଷ୍ଠାନ ସ୍ଥାପିତ ହେଲା ।

ବିଶ୍ୱକବି ରବୀନ୍ଦ୍ରନାଥ କହିଲେ – "Our real problem in India is not political, but social" – ଭାରତର ସମସ୍ୟା ରାଜନୀତିକ ନୁହେଁ, ସାମାଜିକ । ଏହି ସାମାଜିକ ସମସ୍ୟାର ଦୂରୀକରଣ ପାଇଁ ସମାଜ ସଂସ୍କାର ଏକାନ୍ତ ଆବଶ୍ୟକ । ଏହି ଦୃଷ୍ଟିରୁ ବିଚାର କଲେ ସମାଜ ସଂସ୍କାର ମାଧ୍ୟମରେ ଦେଶ ସେବା କରି ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜଣେ କ୍ରାନ୍ତିକାରୀ ମହାପୁରୁଷ ଭାବେ ସ୍ୱୀକୃତ ହୋଇଛନ୍ତି । ସେ ଭାରତର କୋଟି କୋଟି ଲୋକଙ୍କୁ ନୂତନ ଜୀବନ, ନୂତନ ଚେତନା ଓ ନୂତନ ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି ।

ଅଧ୍ୟାପିକା, ରମାଦେବୀ ମହିଳା କଲେଜ, ଭୁବନେଶ୍ୱର



# ନୀଳଚକ୍ର....



ଉଦୟନ ସୂପକାର

ନୀଳଚକ୍ରେ ହୋ ଦେଖ ଉଡୁଛି ବାନା
ସକାଳୁ ଓପାସେ ବସିଛି ଜଗନା ||,.....
ଆସ ଆସ ବୋଲି ଭକତ ମାନଙ୍କୁ
ଦେଶବିଦେଶରୁ ଡାକେ ସେ ଅନା
ସିଂହଦ୍ୱାର ଏବେ ପୋଲିସ ଛାଉଣୀ
ଅପୂର୍ଣ୍ଣ ରହିଲ୍ ଦର୍ଶନ ର କାମନା ||.....
ସେବାୟତେ ହେଲେ ବଳୟାର ଭୂଜ
ଜଗା ବଳଆ କୁ ତ ପଗ୍ରେ କେ ନା
ତାଙ୍କ ପ୍ରତିପତ୍ତି ତ ହେଲ୍  ବିପତ୍ତି
ଶ୍ରଦ୍ଧା ଭକ୍ତି ଏବେ ହେଲ୍ଣି ରେ ଚୁନା||........
ତୁ ହି ଦେଖା ଏବେ ତୋର କର୍ମତି
କାଳଆ ଜଗତେ କଏ ସେ ତୋ ବିନା
ଅଧର୍ମ ଆଉ ଦୁଷ୍କୃତ ନାଶିବାକୁ ରେ
ବାଟ ଗୃହିଁ ଆମେ ବସି ରହିଲୁ ରେ ସିନା||......

ଆଜି ଶ୍ରୀ ମନ୍ଦିର ର ଅବ୍ୟବସ୍ଥା ଦେଖି ମନ ଯାହା କହିଲ୍ ଲେଖିଲି|

ଭୁବନେଶ୍ୱର, ଓଡିଶା।

ବେଦାନ୍ତୀ

# ତମେ,ବର୍ଷା ଓ ରାତି



ସ୍ନେହଲତା ଦାସଲେଂକା

ତୁମେ ଥିଲ ଚୁପ୍
ମୁଁ ଥିଲି  ଚୁପ୍
ଅନ୍ଧାର ଠୁଁ ବି ଗାଢ ଥିଲା ରାତି
ବର୍ଷା କନ୍ଯା ନାଚୁଥିଲା
ଟିପ୍ ଟିପ୍ ଟିପ୍ ଟିପ୍
ଆମ ଗାଁ ବାବାଜୀ ସାହୁର
ଚୁଲ୍ ବୁଲି କୁନଝିଅ ପରି

ପୋର୍ଟିକର ସେପାଖରେ
ଘରପଛ ବଗିଚ୍ଚାରେ
ଦପ୍ ଦପ୍ ଜଳଯାଇ
ଲିଭୁଥିବା ବତୀଖୁଂଟ ଗୁଡିକରେ
ସୁନାରୀ ଗଛରେ
ନୂଆକରି ଅଣ୍ଡା ଦେଉଥିବା
ନାମହୀନ ଚଢେଇର ବସାରେ ।
ନାଚୁଥିଲା ବର୍ଷା
ଭିଜୁଥିଲା ରାତି
ତମେଥିଲ ସେପାଖରେ
ମୁଁ ଥିଲି ଏପାଖରେ
ବୋଧହୁଏ ଝର୍କାଟା ଖୋଲାଥିଲା

ଗ୍ରେ କରୀ ଟା ଡାକଦେଲା୍

ଇସ୍............................

କ୍ଷ ବିକଳ ସେ ସ୍ୱର

ଏଥର ବର୍ଷା ହେଲ୍ ଚଂଚଳ

ନାଚୁଥିଲ୍ ଛମ୍ ଛମ୍ ଛମ୍

ନୂଆକରି ବସନ୍ତକୁ ଛୁଇଁ ଥିବା

ୟୁନିଭର୍ସିଟିର ମୀର୍‌ଦାସ ପରି

ନାଚୁଥିଲ୍ ବର୍ଷା

ଝୁମିଝୁମି ଝୁମିଝୁମି

ବୟସ୍କ ହେଉଥିଲ୍ ର୍‌ତି

ଥକ୍କଥକ୍କ ପଡୁଥିଲ୍ ବର୍ଷା

ଝାପ୍ସାଝାପ୍ସା ଦିଶୁଥିଲ୍ ସକାଳର ମୁହଁ

ସଦ୍ୟ ବିବାହିତ ନୂଆବୋହୁ ପରି

ତଥାପି........

ଆମେ ଥିଲୁ ଲକ୍ଷ୍ମଣର ଏପାଖେ ସେପାଖେ

ନରବତା ଛୁଇଁ ଛୁଇଁ ଯାଉଥିଲ୍

କାଲିର୍‌ତିରେ ଛାଡିଯାଇଥିବା ବର୍ଷାର

କ୍ଷଛି ଖଟାମିଠା ଅବ୍ୟନସ୍ତ ମଧୁର ସ୍ମୃତିରେ

ଭୁବନେଶ୍ୱର

# ତୁମ ପରଶରେ



ରଶ୍ମିତା ନାଥ

ମୌସୁମୀ ଗୋ.....
ଆମ ଦେଶ ଆଡ଼େ
ଥରେ ବୁଲି ଆସନ୍ତନ,,,,
ଅନୁଗ୍ରହ କରି,,,,
ଅଭିମାନ ଭଙ୍ଗି,,,,,
ହେଉ ପଛେ ଅଢ଼େଇ ଦିନ ଲାଗି.....

ମୟୁର ପୁଚ୍ଛ ଟେକ ସଜେଇ ହେଲାଣି
ତୁମ ସମ୍ବର୍ଦ୍ଧନା ଲାଗି
ପବନ ବି ବ୍ୟାକୁଳ ହେଲାଣି
ଭିଜା ମାଟିର ଭୁରୁ ଭୁରୁ ବାସ୍ନା
ବୋଳହେବା ଲାଗି.....

ଚାତକ ଟା ଚାହିଁ ରହିଛି
ତା' ଶୋଷ ର ସମାପ୍ତି ତୁମେ
ତା' ପିପାସା ର ପୂର୍ତ୍ତି ତୁମେ,,,

ପ୍ରକୃତି,,,ପ୍ରସୂନ ସବୁ
ଦିଶିଲେଣି ଶ୍ରୀହୀନ,,,
ଛୁଇଁ ଦେଇ ନବ ଜନ୍ମ ଦିଅ ତୁମେ

ଦୂର ଗାଁ ଶେଷେ,,
କାଗଜ ଡଙ୍ଗା ଟେ ଧରି
ପ୍ରିୟ ଚାହିଁ ବସେ
ପ୍ରିୟା ର ଖବର ଆଶେ
ମାନ ମୟୀ ମାନ ଛାଡ ଏଥର
ହସିବ ଧରଣୀ ପୁଣି ତୁମ ପରଶରେ.....

ପିରହାଟ, ଭଦ୍ରକ

# ଆତ୍ମଗ୍ଲାନି



ଆଶା ସାହୁ (ଆରତୀ)

ଭୈରବଶାଳ ଶ୍ମଶାନର ଅଖଣ୍ଡ ନିରବତା । ମଝିରେ ମଝିରେ ଜଳୁଥିବା ଜୁଇରୁ ସେଁ ସାଁ ଫଟ୍ ଫାଟ୍ ସେ ଭୟଙ୍କର ନିରବତାକୁ ଶବ୍ଦ ଦେଉଥିଲା, ଏବଂ ରକ୍ତ ମାଂସର ଅସ୍ତିତ୍ୱଟି ଯେ ସମ୍ପୂର୍ଣ୍ଣ ଭାବେ ପଞ୍ଚ ମହାଭୂତରେ ବିଲୀନ ହୋଇ ଯାଇ ନାହିଁ ତାର ସମ୍ୟକ ସୂଚନା ଦେଉଥିଲା । ଧଳା ଧଳା ପାଉଁଶ ଭିତରେ ଲାଲ ଟହଟହ ସର୍ବଗିଳା ରଡ଼ ନିଆଁ । ସତେଯେମିତି ଧବଳ ଶଙ୍ଖଚୁଡ଼ର ମୁଖ ସଦ୍ୟ ରକ୍ତପାନରେ ଲେଲିହାନ । ସନ୍ଧ୍ୟା ବିଦାୟ ଘେନିବାକୁ ତତ୍ପର ରାତ୍ରି ଅଭିସାର ନିମନ୍ତେ । ଅଶ୍ୱତ୍ଥ ଓ ବରଗଛର ଲିଭି ଆସୁଥିବା ଛାଇ ସବୁ ବିଦାୟ ଜଣାଉଥିଲେ ଅମର ଆତ୍ମାଟିକୁ । ସନ୍ନିକଟରେ ବହି ଯାଉଥିବା ଖଡ଼କେଇ ନଈ କୁଳୁକୁଳୁ ନାଦରେ ମୃତ୍ୟୁର କରୁଣ ରାଗ ଆଳାପୁଥିଲା । ଦୁଇଟି ଗିଧ ଅଦୂରରୁ ନିଜର ଫରହୀନ ଦୀର୍ଘ ଗ୍ରୀବାକୁ ଇତସ୍ତତଃ ହଲାଇ ନିରାଶ ହେଉଥିଲେ ଆଧାର ମିଳିଲିନି ବୋଲି। ପାଖରେ ଖଣ୍ଡେ ଖୁରଭଙ୍ଗା ଦଉଡ଼ିଆ ଖଟ, କେତେ ଖଣ୍ଡ ଭଙ୍ଗା ହାଣ୍ଡି ଖପର୍ ଆଉ ଧଳା ଧଳା ଅଶରୀରି ଆତ୍ମା ଭଳି ଫରଫର ଉଡୁଥିବା ଲୁଗା । ମୋତେ ବିଦ୍ରୁପ କରୁଥାନ୍ତି, ଦେଖ ଏଇ ତୋର ଭବିଷ୍ୟତ, ଏହା ହିଁ ଜୀବନର ପରାକାଷ୍ଠା ।

ଶବ ସତ୍କାର ନିମନ୍ତେ ଆସିଥିବା ସବୁ ଲୋକ ଚାଲି ଗଲେଣି । କିନ୍ତୁ ମୁଁ ଯାଇ ପାରୁନାହିଁ । ମୋ ଗୋଡ଼ରେ ଯେମିତି ବେଡ଼ି ପଡ଼ିଛି । ଖଣ୍ଡେ ପଥର ଉପରେ ବସିଥାଏ ଡିମିରି ଗଛକୁ ଆଉଜି । ନିର୍ନିମେଷ ଦୃଷ୍ଟି ମୋର ଜୁଇରେ ନିବଦ୍ଧ । ମୋତେ ନା ଶୀତ ହେଉଥାଏ ନା ନିଆଁ ଧାସରେ ମୋର ଶରୀର ପୋଡୁଥାଏ । ମୁଁ ବି ଯେମିତି ପାଲଟି ଯାଇଥାଏ ଅଶରୀରି ।

ମୋର ଶୈଶବରେ କୌତୁହଳ ହୋଇ ମୁଁ କେତେଥର ଗ୍ଭଲି ଆସେ ଭୈରବଶାଳକୁ, ମୋର ସାଙ୍ଗ ମାନଙ୍କର ଚଣ୍ଡାଳ ମଣ୍ଡଳୀ ସହ । ମାଆ ତାଗିଦ କରିଥାଏ,

- ଭୈରବଶାଳକୁ ଯିବୁ ନାହିଁଟି । ଡାଆଣୀ, ଚରିଗୁଣି, ଭୂତ ପିଶାଚଙ୍କୁ ହାବୁଡ଼ରେ ପଡିବୁ ।

ମୁଁ ସୁନାପିଲ୍ ପରି ମୁଣ୍ଡ ହଲେଇ ଗ୍ଭଲିଆସେ । କନ୍ତୁ ପୁଣି ସାଙ୍ଗ ମାନଙ୍କ ସହ ଏପଟେ ଆସୁ ଆମେମାନେ । କେତେଥର ନର କଙ୍କାଳ, ଖପୁରି ହାଡ଼ ଦେଖି ଧରିଛି । ଗ୍ଭତିରେ ବିଳବିଳେଇଛି । ଆତଙ୍କ ଜ୍ୱରରେ କମ୍ପିଛି । ମାଆ କେତେଥର ଲଙ୍କା ପୋଡ଼ିଛି, ଝାଡୁରେ ସର୍ବାଙ୍ଗ ଝାଡି ଆଣିଛି । କନ୍ତୁ ମୁଁ ତଥାପି ଭୈରବଶାଳ ଯାଇଛି ।

ସେତେବେଳେ ଭୟଟା ଏକ ଏଡଭେଞ୍ଚର ଥିଲ୍ । ସେହି ଡରିବାରେ ଏକ ଅଦ୍ଭୁତ ଆନନ୍ଦ ଥିଲ୍ । ଡରିବା ଡରାଇବା ଏକ ପ୍ରକାର ମନୋରଞ୍ଜନ ଥିଲ୍ । ଭୈରବଶାଳ ନକଟବର୍ତ୍ତୀ ହେଲେ ଆମେ ସବୁ ସାଙ୍ଗମାନେ ପରସ୍ପର ବେକରେ ହାତ ଛନ୍ଦି କୁଣ୍ଢାକୁଣ୍ଢି ହେଇ ଯାଉଥିଲୁ। ସେଠାରେ କୁକୁରଟାଏ କ ବିଲୁଆ ଟାଏ ବୋବେଇଲେ ଛାତିରେ ଅତଡ଼ା ଖସି ପଡୁଥିଲ୍ । କନ୍ କନ୍ ଭୟଭୀତ ଦୃଷ୍ଟି ଏପଟେ ସେପଟେ ବୁଲି ଆସେ । ତଥାପି ଆଗକୁ ଯାଉ । ଖପୁରି ଟିଏ ଦେଖିଲେ ଲ୍ଗେ ଦୁଇଟା ବଡ଼ ବଡ଼ କଣାରେ ସତେ ଯେମିତି କଏ ଢିମା ଢିମା ଆଖିରେ ଅନେଇଛି । ସମସ୍ତେ ଏକାସାଙ୍ଗରେ ଧସ୍ତାଧସ୍ତି ହୋଇ କଳକଳା ରଡ଼ି ଦେଇ ପ୍ରାଣମୂର୍ଚ୍ଛା ଦଉଡୁ ଗାଁ ଆଡ଼କୁ । ସର୍ବାଙ୍ଗରୁ ଝାଳ ବୋହି ପଡୁଥାଏ । ଛାତି ପଡୁଥାଏ ଦୁମ୍ ଦାମ୍ । କଳ୍ପନାକୁ ରୂପ ଦେଇ କେତେ କାହାଣୀ ଛିଡ଼ା ହୋଇ ଯାଆନ୍ତି ଡରିବାର ଖୋରାକ ନେଇ ।

ବୟସର ଅପରାହ୍ନରେ ମୁଁ ଆଜି ବସିଛି ସେହି ଭୈରବଶାଳରେ । ନର୍ଜନ ନଛାଟିଆ ନସଙ୍ଗ ଅବସ୍ଥାରେ । ମୋର ପାଦ ଚଳୁନାହିଁ । ମୁଣ୍ଡଟା ବି ଶୂନ୍ୟ । ଏମିତି କାହାର ଚତା ଜଳୁଛି ଯେ ମୋର ହୃଦୟରେ ଏତେ ଆଲୋଡ଼ନ, ମୁଁ ନରବଚ୍ଛିନ୍ନ ଭ୍ଭବରେ ତାରି କଥା ହିଁ ଭ୍ଭବି ଗ୍ଭଲିଛି । ହୃଦୟ ତନ୍ତ୍ରିରେ ସେହି ଗୋଟିଏ ନାମ ଝଂକୃତ ହେଉଛି, 'ଅପଣ୍ଡିଆ' ।

ହଁ , ଅପତ୍ତିଆର ହିଁ ଚତା ଜଳୁଛି । ତାର ଶରୀରର ପ୍ରତ୍ୟେକଟି ଅବୟବ, ପ୍ରତ୍ୟେକଟି ଅଣୁ ପରମାଣୁ ପ୍ରକୃତି ଦେହରେ ବିଲୀନ ହେବାକୁ ବସିଛି । କିନ୍ତୁ ତାର ସ୍ମୃତି ମୋର ସମ୍ପୂର୍ଣ୍ଣ ମନ ମସ୍ତିଷ୍କକୁ ଆବୋରି ବସିଛି । ଅବଶ୍ୟ ଗାଁର ପାଁଶହ ଯାକ ଲୋକ ବିଚଳିତ ହେଲେ ତାର ମୃତ୍ୟୁରେ, ସମସ୍ତେ ଦୁଃଖ ପ୍ରକାଶ କଲେ । ଆହା ଚୁ ଚୁ କଲେ । ଯିଏ ଶୁଣିଲା ଦଣ୍ଡେ ରହିଗଲା ସ୍ଥାଣୁ ପରି ।

ଅପତ୍ତିଆ ନଥିଲା ତ ଏକ ପ୍ରସିଦ୍ଧ ବ୍ୟକ୍ତିତ୍ୱ, ଅଥବା ବିରାଟ ପୁଞ୍ଜିପତି । ସିଏ ଥିଲା ଗାଁର ଚୌକିଦାର, ସମସ୍ତଙ୍କର ଟହଲିଆ ଆଉ ଏକ ଦରଦୀ ବନ୍ଧୁ । ଯେଉଁଠି ଯାହାର ଆବଶ୍ୟକ ପଡ଼ିଲା ଅପତ୍ତିଆ ସବୁ ପରିସ୍ଥିତିରେ ସେ ଯାଇ ଠିଆ ହୋଇ ଯାଉଥିଲା, ସାହାଯ୍ୟର ହାତ ନେଇ । କାହାର ଘରେ କଳି କନ୍ଦଳ ଉପୁଜିଲେ ସେ ମଝିରେ ପଶି ହାତ ଓଠ ଧରି ସାଲିସ କରଉଥିଲା । କାହାର ଗାଈ ଛେଳି ସୁଦ୍ଧା ବେମାର ହେଲେ ଭୋକ ଶୋଷ ଭୁଲି ଔଷଧ ନିମନ୍ତେ ଏ ଗାଁ ସେ ଗାଁ ବୈଦ୍ୟ ପାଖକୁ ଧାଉଁଥିଲା । ଗାଁରେ ଏପରି କୌଣସି ଘର ନଥିବ ଯାହାର ମୃତକ କର୍ମରେ ସେ କାନ୍ଧ ଦେଇ ନଥିବ । କହିବାକୁ ଗଲେ ସେ ଥିଲା ସମ୍ପୂର୍ଣ୍ଣ ଗାଁ ଲୋକଙ୍କର ପ୍ରିୟ । ତେଣୁ ସେମାନେ ଦୁଃଖରେ ମ୍ରିୟମାଣ ହେବାଟା ସ୍ୱାଭାବିକ ।

କିନ୍ତୁ ସବୁଠାରୁ ଅଧିକ ଦୁଃଖୀ ଆଜି ମୁଁ । ଜୁଇ ଚତାଗ୍ନୀରେ ଅପତ୍ତିଆ ଜୁହୁଳୁଥିବା ବେଳେ ପଶ୍ଚାତାପର ବଡ଼ବାଗ୍ନୀରେ ମୋର ହୃଦୟ ଜୁହୁଳୁଛି ।

ମୋର ଦୁଃଖ ଏଇୟା ଯେ ଶେଷ ପର୍ଯ୍ୟନ୍ତ ମୁଁ ତାଠାରୁ କ୍ଷମା ମାଗିନେଇ ପାରିଲି ନାହିଁ । ଏକଥା ନୁହେଁ ଯେ କ୍ଷମା ମାଗିବାର ସୁଯୋଗ ଆଦୌ ଆସିନଥିଲା, ବରଂ ମୁଁ ସେ ସୁଯୋଗକୁ କରଛଡ଼ା କରିଥିଲି କିଛିଟା ଭୟରେ କିଛିଟା ସଂକୋଚରେ ।

ବଣ ପାହାଡ଼, ନଈ ପୋଖରୀ ଘେରା ଅତି ଛୋଟ ଗାଁ ଆମର । ସମସ୍ତେ ସମସ୍ତଙ୍କର ଦୁଃଖ ସୁଖରେ ସହଭାଗୀ । ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମେ ପଢୁଥାଉ । ଯେତେ ଚେଷ୍ଟା ଯେତେ ପରିଶ୍ରମ କଲେ ସୁଦ୍ଧା ମୁଁ ଅପତ୍ତିଆକୁ ଟପି ପାରେନାହିଁ । ପ୍ରଥମ ସ୍ଥାନ ସେ ହିଁ ଅଧିକାର କରୁଥିଲା । ଉପରେ ଉପରେ ଆମେ ଭଲ ସାଙ୍ଗ ଥିଲେ ସୁଦ୍ଧା ଭିତରେ ମୁଁ ତା ପ୍ରତି ପ୍ରବଳ ଈର୍ଷ୍ୟାତୁର ହୋଇ ପଡୁଥିଲି । ସପ୍ତମ ଶ୍ରେଣୀର ବାର୍ଷିକ ପରିକ୍ଷା । ବାପା

ମୋତେ କହିଥାନ୍ତି ପ୍ରଥମ ହେଲେ କଟକ ହାଇସ୍କୁଲରେ ପଢେଇବେ ବୋଲି । ଅପତ୍ତିଆ ଭାବୁଥାଏ ପ୍ରଥମ ହେଲେ ଗାଁ ଛାତ୍ରବୃତ୍ତିଟା ତାକୁ ମିଳଯିବ । ଯଦ୍ଵାରା ସେ ହାଇସ୍କୁଲରେ ପଢ଼ିବା ର ସୁଯୋଗ ପାଇବ । ମୂଲିଆ ତିନଟି ଝିଅର ବାପା, ତା ମାମୁଁଙ୍କର ଦୁଃଖ ଦୂର ହେବ । ଅନାଥ ପ୍ରତିଭାଶାଳୀ ଅପତ୍ତିଆକୁ ସେହି ଆଶାରେ ସେ ମୂଲ ନ ଲଗେଇ ପାଠ ପଢ଼ଉଛନ୍ତି । ସେ ଚାକରୀ କରି ମାମୁଁଙ୍କ ଇଚ୍ଛା ପୂରଣ କରିବ ।

ପ୍ରାଣପଣେ ସେ ଲାଗି ପଢ଼ିଥାଏ । ମୁଁ ମଧ ରାତିଦିନ ଏକ କରି ପାଠ ପଢୁଥାଏ । ଜରାସିନ ଅଭାବରୁ ଅପତ୍ତିଆ ରାତିରେ ସ୍କୁଲ ବାରଣ୍ଡାରେ ଯାଇ ପାଠ ପଢେ ଯେଉଁଠାରେ ଲଣ୍ଠନଟିଏ ରାତିସାରା ଜଳୁଥାଏ । ପ୍ରଥମ ହେବା ନିଶାରେ ମୋ ମୁଣ୍ଡରେ ହଠାତ ଗୋଟିଏ ଦୁର୍ବୁଦ୍ଧି ଯୁଟିଲା । ଗାଁ ସ୍କୁଲ । ତେଣୁକରି ସୁରକ୍ଷାର ଏତେଟା ଆବଶ୍ୟକତା ନଥିଲା କି ବ୍ୟବସ୍ଥା ମଧ ନଥିଲା । ପରୀକ୍ଷା ପ୍ରଶ୍ନପତ୍ର ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠରେ ଏକ ସାଧାରଣ ତାଲା ଦେଇ ରଖା ହୋଇଥାଏ । ମୁଁ ଓର ଉଣ୍ଡି ଯେତେବେଳେ ଅପତ୍ତିଆ ପଢୁ ପଢୁ ଘୁମେଇ ପଡ଼ିଥାଏ, ଚୁପଚାପ ଯାଇ ତାଲା ଭାଙ୍ଗି ପ୍ରଶ୍ନପତ୍ର ଦେଖି ପଳେଇ ଆସେ । ତା ପରଦିନ ସ୍କୁଲରେ ତୁମୁଳ ହଟଗୋଳ ସୃଷ୍ଟି ହୁଏ । ପରୀକ୍ଷା ପ୍ରଶ୍ନପତ୍ର ଚୋରି ହୋଇଛି । ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଜେରା କରନ୍ତି କିନ୍ତୁ ସନ୍ଦେହଟା ସିଧା ଅପତ୍ତିଆ ଆଡ଼କୁ ଯାଏ । ସମସ୍ତେ ଜାଣନ୍ତି ଅପତ୍ତିଆ ରାତିରେ ସ୍କୁଲ ବାରଣ୍ଡାରେ ପାଠ ପଢେ ।

ଅପତ୍ତିଆ ଆଉ ପରୀକ୍ଷା ଦେଇ ପାରିଲାନାହିଁ । ମୁଁ କଟକ ହାଇସ୍କୁଲରେ ପଢ଼ିଲି । ମୁଁ ପଶ୍ଚାତାପରେ ସଢ଼ିଲେ ସୁଦ୍ଧା ସତ୍ୟତା ଉଦଘାଟନ କରିବାର ସତ୍ ସାହସ ଜୁଟେଇ ପାରିଲି ନାହିଁ । ନିଜକୁ ନିଜେ ସାନ୍ତ୍ଵନା ଦେଲି, ଓଃ, ଆରବର୍ଷ ତ ଅପତ୍ତିଆ ପରୀକ୍ଷା ଦେଇ ପାରିବ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି । ପଛରେ ସମସ୍ତେ ଜାଣି ପାରିଥିଲେ ଯେ ପ୍ରଶ୍ନପତ୍ର ଚୋରି ଅନ୍ୟ କୌଣସି ଦୁଷ୍ଟ ପିଲା କରିଛି, ଅପତ୍ତିଆ ନିର୍ଦୋଷ । ମୋ ଛାତିରୁ ବୋଝ ଟିକିଏ ହାଲୁକା ହୋଇଥିଲା । କିନ୍ତୁ ତା ପରବର୍ଷ ମଧ ସେ ପରୀକ୍ଷା ଦେଇ ପାରିଲା ନାହିଁ । ମାମୁଁଙ୍କୁ ତାର ପକ୍ଷାଘାତ ରୋଗ ମାଡ଼ି ବସିଲା । ଏତେବଡ ପରିବାରର ବୋଝ ଅପତ୍ତିଆ କାନ୍ଧରେ ଆସି ପଡ଼ିଲା । ତତ୍ସଙ୍ଗେ ମାମୁଁଙ୍କ ରୋଗ । ମେଧାବୀ ଅପତ୍ତିଆର ପ୍ରତିଭା ଅତୀତରେ ହଜିଗଲା । ସେ ହେଲା ଦିନ ମୂଲିଆ । ଗାଁ ଚଉକିଆ । ମାମୁଙ୍କ ଝିଅ ମାନଙ୍କର ବାହାଘର କଲା । ମାମୁଁ ବଞ୍ଚିଥିଲା ପର୍ଯ୍ୟନ୍ତ ତାର ସେବା କଲା । ମୁଁ ଅଫିସର ହେଲି । ଗାଁକୁ ଗଲେ

ତାକୁ ସାହାଯ୍ୟ ଯାଚଲି । ଯୋରକରି କଛି ଦେବାକୁ ଚେଷ୍ଟା କରି ନିରାଶ ହେଲି । ସ୍ୱାଭିମାନୀ ଅପତ୍ତିଆ କାହାଠାରୁ କୌଣସି ସାହାଯ୍ୟ ନେଇ ନଥିଲା, ବରଂ ସମସ୍ତଙ୍କୁ ସାହାଯ୍ୟ ହେଉଥିଲା । ଆଜୀବନ ଅବିବାହିତ ରହିଗଲା ସିଏ ।

ମୁଁ ଅନେକ ଥର ଚାହିଁଲି ତା ଠାରୁ କ୍ଷମା ମାଗିବା ପାଇଁ । ବେଳେ ବେଳେ ସେ ପ୍ରସଙ୍ଗ ଉପରେ କଥା ବାହାରିଲେ ସେ କଥାକୁ ବୁଲେଇ ଦେଉଥିଲା । ମୁଁ ଭାବୁଥିଲି ସେ ଲଜ୍ଜିତ ହେଉଛି, ଅପମାନ ଅନୁଭବ କରୁଛି । ଏଥରକ ମୁଁ ଆସିଥିଲି ଯେମିତି ହେଲେ ମୁଁ ତାକୁ ସବୁକଥା କହି ଦେବି ଓ କ୍ଷମାପ୍ରାର୍ଥନା କରିବି । କନ୍ତୁ ବରାଦ ନଥିଲା ମୋ ଭାଗ୍ୟରେ । ଅପତ୍ତିଆ ଚାଲିଗଲା ମୁଁ ପହଞ୍ଚିବା ପୂର୍ବରୁ । ଭାରୀ ମନରେ, ଭାରୀ ସନ୍ତପ୍ତ ହୃଦୟ ନେଇ ମୁଁ ଗାଁ ଆଡ଼କୁ ଆସିଲି । କଛି ତ କରି ପାରିଲି ନାହିଁ ତା ଜୀବଦ୍ଦଶାରେ, ଅନ୍ତତଃ ତାର କ୍ରିୟା କର୍ମ ମୁଁ ତୁଲାଇଦେବି ସମସ୍ତ ଖର୍ଚ୍ଚ ବହନ କରି ।

ଏକାଦଶାହ, ବ୍ରାହ୍ମଣ ମାନେ ଖାଇ ବସିଥାନ୍ତି । ତାର ମାମୁଁ ର ସାନଝିଅ ଆସି ମୋତେ ଲୁହାଖଡୁଟିଏ ଦେଇ କହିଲା ଯେ ଅପତ୍ତିଆ ତାର ଶେଷ ମୁହୂର୍ତ୍ତରେ ଏହା ମୋତେ ଦେବାପାଇଁ କହିଥିଲା । ମୁଁ ସତେକ ଆକାଶରୁ ଖସି ପଡ଼ିଲି । ଏହା ତ ମୋରି ଖଡୁ । ମୋ ଉପର ସବୁ ଭାଇ ଭଉଣୀ ମାନେ ଜନ୍ମ ନେବା ମାତ୍ରେ ମରିଯାଉଥିବା ଯୋଗୁଁ ମୋ ଜେଜେମା ମୋ ବାମ ଗୋଡ଼ରେ ଏହା ପିନ୍ଧାଇ ଦେଇ ଥିଲା ଯମ ନେବନାହିଁ ବୋଲି । ମୋର ଅଜାଣତରେ ପ୍ରଶ୍ନପତ୍ର ଚୋରି ଦିନ ବୋଧେ ସ୍କୁଲରେ ଗଳ ପଡ଼ିଛି । ମୋର ହୃଦୟ ହାହାକାର କରି ଉଠିଲା । ଧନ୍ୟରେ ଅପତ୍ତିଆ, ଧନ୍ୟ ତୋର ବନ୍ଧୁତ୍ୱ, ସବୁ ଜାଣି ମଧ କେମିତି ସେ ସବୁ ସହ୍ୟ କଲା । ଜୀବନ ସାରା ଏ ରହସ୍ୟକୁ ନଜ ଭିତରେ ରଖିଲା କେବଳ ମୋର କଲ୍ୟାଣ ସକାଶେ । ଆହା !! ମୁଁ କ ଅଧମ ସତେ । ଆର୍ତ୍ତନାଦ କରି ଉଠିଲି !!

ଓଃ ଓଃ, ମୁଁ ଯେ ବର୍ତ୍ତମାନ ପଶ୍ଚାତାପ ସହ କୃତଜ୍ଞତାର ଅସହ୍ୟ ଭାରରେ ସତେକ ପାତାଳ ଭିତରେ ପଶି ଯାଉଥିଲି !!!!

ବସନ୍ତ ବିହାର, ନୂଆ ଦିଲ୍ଲୀ

# ଅଷ୍ଟବିନାୟକ ଗଣପତି ଏବଂ ଗଣେଶଙ୍କ ଦ୍ୱାଦଶ ନାମ



ମୈତ୍ରେୟୀ କମିଳା

ତୁମେ ବିଘ୍ନ ବିନାସକ ଗଣ ନାୟକ ହେ ଗଜମୁଖ
ପ୍ରଥମ ଅଗ୍ରପୂଜ୍ୟ
ତୁମେ ରିଦ୍ଧି ସିଦ୍ଧି
ତୁମେ ଗତି ମୁକ୍ତି ଦାତା
ଏ ଭବ ସଂସାର ଭାଗ୍ୟ ବିଧାତା
ପ୍ରଣତି ଘେନ ମୋର
ହେ ମୁଶିକ ବାହନ ଧାରୀ

ସିଦ୍ଧିବିନାୟକ, ମୟୁରେଶ୍ୱର,
ବଲ୍ଲେଶ୍ୱର, ବରଦ ବିନୟକ,
ଚନ୍ତାମଣି, ଗିରିଜାତ୍ମଜ, ବିଘନେଶ୍ୱର, ମହାଗଣପତି

ତୁମେ ଶୁଭ ତୁମେ ଲାଭ
ତୁମେ କାର୍ଯ୍ୟ ତୁମେ କାରଣ

ହେ ଦେବ ଦେବ ମହାଦେବ ସୁତ

ପାର୍ବତୀ ନନ୍ଦନ ତୁମେ ବକ୍ର ତୁଣ୍ଡ, ଏକ ଦନ୍ତ,

କୃଷପିଗା କ୍ଷମ, ଗଜବକ୍ର,

ତୁମେ ଲମ୍ବୋଧର ତୁମେ ବିକଟମେବଚ, ବିଘଂର୍ଗ୍ଜେନ୍ଦ୍ରମ,

ଧୁମ୍ର ବର୍ଣ୍ଣ, ତୁମେ ପୁଣି ଭ୍ଲଚନ୍ଦ୍ର,

ବିନାୟକଂ, ଗଣପତି ଆଉ ଗଜାନନମ

ନଭିମୁମ୍ବାଇ

ବେଦାନ୍ତୀର ଆଗାମୀ ସଂଖ୍ୟା ଅକ୍ଟୋବର ମାସ ୧ ତାରିଖରେ ପ୍ରକାଶ ପାଇବ ।

ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।

ଆପଣମାନଙ୍କ ଲେଖା ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।

ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /

editor.vedantimagazine@gmail.com

ହ୍ୱାଟସଆପ୍ ନଂ -9594993733

# ସପନ ରାଇଜ



ସୁମିତ୍ରା ପୃଷ୍ଟି

ନୟନ ଥାଏ ମୋର ମୁଦ୍ରିତ
ଗାଢ ନିଦ୍ରାରେ ଅଭିଭୂତ
ଏତିକିବେଳେ ମୋ ସ୍ୱପ୍ନର ଦୁଆର ଫିଟେ
ମୁଁ ଯାଇ ଦେଖେ ଅନେକ ଦୃଶ୍ୟ
ମୋ ଅବଚେତନ ମନର
ଅନେକଙ୍କ ସହିତ ଭେଟେ
ଦୁଃଖସୁଖ ହୁଏ
ହଠାତ୍ ବୋଉ ଡାକେ
ଭାଙ୍ଗିଯାଏ କଅଁଳ ନିଦ
କିଛି ଅପାଶୋରା ଦୃଶ୍ୟଗୁଡିକ
ଘୂରି ବୁଲନ୍ତି ନିରବ ବାସ୍ତବତା ମଧ୍ୟରେ
ମୋ ଚତୁଃପାର୍ଶ୍ୱରେ
କେତେ ଯନ୍ତ୍ରଣା ପୁଣି କେତେ ପ୍ରତିଶ୍ରୁତି
ଆଉ ଭରସା ଦେଇ ଚାଲିଯାଆନ୍ତି ସେମାନେ
ଅବଶୋଷ ଲାଗେ
ପୁଣି ସେଇ ବୋଉର ଗାଳି
ଟିଉସନ୍ ସାରଙ୍କ ମାଡ
ଓଃ କି ଦୁଃସହ!

କ ଆରାମଦାୟକ ଥିଲା ସେହି ସ୍ୱପ୍ନଦୁନିଆ!
ପୁଣି ଫେରିଯାଆନ୍ତି କି ସେଠିକି
ସେଠାରେ ସାପ କାମୁଡେ, ଭୂତ ଗୋଡାଏ
ହେଲେ ଆଖି ଖୋଲିଦେଲେ ସବୁ ଠିକଠାକ୍
ନା ଅଛି କ୍ଷତଚିହ୍ନ ନା ଅଛି ଭୂତଭୟ
ସବୁ ଯେମିତି ସେମିତି
ଆଃ କି ରହସ୍ୟମୟ ଏଇ ଦୁନିଆ!
ପୁଣି ଥରେ ବୁଲିଆସନ୍ତି କି
ଆଉ ପରଖିନିଅନ୍ତି ଏହାର
ବାସ୍ତବ ଆଉ ଅବାସ୍ତବତାକୁ।

ପ୍ରାକଗବେଷିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଏବର୍ଷ ଶ୍ରାବଣର ସୋମବାର



ଅନାମ ଚରଣ ସାହୁ

(୧)

-----

ପ୍ରଥମ ସୋମ ଏ ଶିର୍‌ବଣ ମାସେ
ଭ୍‌ରତ ବିଜୟ ଘୋଷ
ଇସ୍ରୋ ବୈଜ୍ଞାନିକ ପଦରେ ସଲ୍‌ମ
ମହାକାଶେ ହସେ ଦେଶ ।
ଚନ୍ଦ୍ରାୟଣ ଦୁଇ ବ୍ୟୋମପଥ ଦେଇ
ଚନ୍ଦ୍ରପୃଷ୍ଠେ ଚଳମାନ
ଖଗୋଳ ବିଜ୍ଞାନୀ ଦଣ୍ଡ, ଲିତା ମାନ
କରି ଅଛନ୍ତି ପ୍ରେରଣ ।
ଅଦୃଶ୍ୟ ର୍‌ଇଜେ ଅଛି କ୍କ ଭ୍‌ବରେ
କେଉଁ କେଉଁ ଦ୍ରବ୍ୟମାନ
ଅବା ଜଳ, ସ୍ଥଳ ବନ, ଗିରି ମାଳ
ଜୀବନର ଅଭ୍ୟୁଥାନ ।
ଅଛିକ୍କ ଜୀବନ ବିଶ୍ୱରେ ଯେସନ
ସତ୍ୟ ଅନ୍ୟ ଗ୍ରହ ଜୀବ
ଶିଶୁ ଦେଖୁଥିବା ଗୁଣ୍ଟୁଚ ଚେହେର୍‌
ନତ୍ୟ ତା'ର ମନୋଭ୍‌ବ ।
କେଉଁ ଜଳବାୟୁ କେତେ କାଳ ଆୟୁ
ବାଳ ସୂରୁଜ ପ୍ରଭ୍‌ବ
ଜୀବନ ବାନ୍ଧବ ହେବକ୍କ ସୈନ୍ଧବ!
ସମୟ ଦେବ ହିସାବ ।

(୨)

-----

ଦ୍ୱିତୀୟ ସୋମ ଏ ଶିର୍‌ବଣ ମାସେ
ସମ୍ବିଧାନ ମନ୍ଦିରରେ
ତିନ ତଲ୍‌କର ଉଚ୍ଛେଦ ହୋଇଲ୍‌
ଆନନ୍ଦ ଉଲ୍ଲାସ ଭରେ ।
ସମୟ ସହିତ ବଦଳଇ ଦେଶ
ବଦଳେ ବିଗ୍ଚର ଧାର୍‌
ଅନ୍ଧ ନୟମର ହୁଅଇ ବିନାଶ
ଅବଲୁପ୍ତ ମହୀ ଭ୍‌ର୍‌ ।
ନାରୀ ଅତ୍ୟାଗ୍ଚର ଥିଲ୍‌ ସେ ଆଧାର
ନଥିଲ୍‌ ନ୍ୟାୟ ସଙ୍ଗତ
କହି ତିନଥର ତଲ୍‌କ୍‌ ତଲ୍‌କ୍‌
ଛିଡେ ବନ୍ଧନର ସୂତ୍ର ।

ନ୍ୟାୟଧୀଶ ପାଶେ ନ୍ୟାୟ ଫଳ ଆଶେ
ଯିବାକୁ ନଥିଲା ବାଟ
ଧରମ ରକ୍ଷକ ଥିଲେତ ଭକ୍ଷକ
ବାଜୁଥିଲା ଧର୍ମ ଛାଟ ।
ନାରୀକୁ ମିଳଛି ସାହସ ଶକତି
ଅନ୍ୟାୟ ବିପକ୍ଷେ ଆଜ
ସମ୍ବିଧାନ ଆମ ଅଟଇ ସମାନ
ନୁହେଁ କାହାଲାଗି ବୋଝ ।

---------------

(୩)

-----

ଏବର୍ଷ ଶ୍ରାବଣର ସୋମବାର
ତୃତୀୟ ସୋମ ଏ ଶିରାବଣ ମାସେ
ଦେଶ ପାଇଁ ଖୁସି ଦିନ
ଜାମ୍ମୁ ଓ କାଶ୍ମୀର ସ୍ୱାଧୀନ ଦେଶର
ଆପଣାଏ ସମ୍ବିଧାନ ।
ତିନ ରଙ୍ଗେ ରଙ୍ଗା ନାମ ତା ତ୍ରିରଙ୍ଗା
ଉଡିବ ଗଗନ ଛୁଇଁ
କାଶମୀର ଠାରୁ କୁମାରୀକା ଯାଏଁ
ଏକତା ମନ୍ତର ଗାଇ ।
ଜାତୀୟତା ପ୍ରେମେ ମୋ ଦେଶର ଜନେ
ପାଗଳ ପରାଏ ଆଜି
ପ୍ରତିଟି ସନ୍ତାନ ଗାଏ ଜନ-ଗଣ
ସତେକ ଜିତିଛି ବାଜି ।

ତିନଶ ସତୁରୀ ଧାରା ଦେଲୁ ହରି
ଜାତୀୟତା ମନ୍ତ୍ର ଗାଇ
ଏକ ସମ୍ବିଧାନ କରିବୁ ପାଳନ
ହୋଇ ଆମେ ଭାଇଭାଇ ।
ନାହିଁ କା ଶକତି ଲଭିଛି ବିଭୂତି
ଏକତା କରିବ ନଷ୍ଟ
ଆମେ ମୁସଲିମ ଶିଖ୍ ଖ୍ରୀଷ୍ଟିଆନ
ଜୈନ ବୌଦ୍ଧ ହିନ୍ଦୁ ଶ୍ରେଷ୍ଠ ।
ନାନା ଭାଷା ଜାତି ରହିଛୁ ଏକାଠି
ଗୁନ୍ଥି ଦେଶପ୍ରେମ ମାଳ
ବିଶ୍ୱ ଗାଏ ଜୟ ଆମେ ଯେ ଅଜୟ
ଜାତିସଂଘେ ଧର୍ମପାଳ ।

--------------

(୪)

-------

ଶେଷ ସୋମବାର ଶିରାବଣେ ବର
ପ୍ରଭୁ ଭୋଳାବାବା ପାଇଁ
ଦିଅନ୍ତି ଆଶିଷ ହୋଇଥିଲେ ତୋଷ
ସେପରି ଦେବତା କାହିଁ ।
ମଥାରେ ଜାହ୍ନବୀ ସୁଧା, ଆହ୍ଲାଦିନୀ
ଆନନ୍ଦେ ଯାଆନ୍ତି ବହି

ତଥାପି ଶଙ୍କର ଭକତି ଅଧିନ
ଜଳ ଅଭିଷେକ ପାଇଁ ।
ତୀର୍ଥ ନୀରେ ସ୍ନାନ କରି ଭଗବାନ
ହୋଇଥାନ୍ତି ସ୍ଥିର ମନା
ଭକତି ସୁମନ କରେ ଅରପଣ
ହୁଅ ବାରେ ପ୍ରଭୁ ଘେନା ।
ମୁସଲିମ ଭାଇ ଭକ୍ତି ମନା ହୋଇ
ପାଳନ୍ତି ଇଦୁଲ ଜୁହା
ଭାଇଗୃହ ଭାବ ଚଳେ ଦେଶ ନାବ
ଆହ୍ଲାଙ୍କୁ କରନ୍ତି ଦୁଆ ।
କାଶମୀର ଠାରୁ କୁମାରୀକା ଯାଏଁ
ବାନ୍ଧି ଆମ ପ୍ରେମ ଡୋର
ଅନେକ ଜାତି ଓ ଧରମର ହୋଇ
ଆମେ ସୁତ ଭାରତର ।

ବିଭୁତିପୁର, କାକଟପୁର, ପୁରୀ

# ମୁଦ୍ରିକା ଖୋଜକ



ଡକ୍ଟର ବିଜ୍ଞାନୀ ଦାସ

ସାରା ରାତି ମିନ ଶୋଇପାରିନି । କଣ କରୁଛି ସେ ଲୋକଟା ଏତେ ରାତିରେ **?** କଣ ଗୋଟିଏ ଲାଇଟ୍ ଲଗେଇ ପାଗଳଙ୍କ ଭଳି ବୁଲୁଛି ଘରର ପଛପଟ ଲନରେ । ନା ରାତିରେ ତାକୁ ନିଦ ମାଡୁଛି ନା ସରୀସୃପଙ୍କୁ ଭୟ ଅଛି **?**

ପଛପଟ ଖୋଜି ସାରି ସିଏ ପୁଣି ଘରର ଆଗପଟ ଲନ୍‌କୁ ଆସିଲା ଓ ସେମିତି ପାଗଳଙ୍କ ଭଳି ଖୋଜି ଚାଲିଲା । ମିନ ମଝିରେ ମଝିରେ ଝରକା ଫାଙ୍କରେ ସେ ଲୋକଟିର କାର୍ଯ୍ୟକଳାପ ଚାହିଁ ଦେଖୁଥିଲା । ସେ ଲୋକଟି ସେଇ ଏକା ଭଳି ତା' କାମରେ ବ୍ୟସ୍ତଥିଲା ।

ବେସମେଣ୍ଟରେ ଝିଅମାନେ ଅଗଷ୍ଟ ୩ ତାରିଖ ରିସେପ୍‌ସନ୍ ପାଇଁ ନାଚ ପ୍ରାକ୍‌ଟିସ୍ କରୁଥିଲେ। ତାଙ୍କ ମଧ୍ୟରୁ ସମସ୍ତେ ତ ଘରେ ରହିବାର ଥିଲା । ହେଲେ ଶିବାନୀର ରକ୍‌ଭିଲ୍‌କୁ ଫେରିବାର ଥିଲା । ଘରେ ଏତେ ଝିଅ ପିଲା । ରାତିସାରା ଭିତର**,** ବାହାର ହେଉଛନ୍ତି । ତା ସାଙ୍ଗକୁ ସେ ମୁଦ୍ରିକା ଖୋଜକ ଚେଇଁ ରହିଛି ଓ କାରରେ ଶୋଇବ ବୋଲି ଜଣେଇଛି । ତା ଯନ୍ତ୍ରପାତି ସମସ୍ତ ମଧ୍ୟ ଘର ବାରଣ୍ଡାରେ ରଖିଛି ।

ରାତି ଏଗାରଟା । ବଡ ବୋହୂ ପ୍ରିୟା ସାନବୋହୂ ସୁପ୍ରିୟାକୁ ନେଇ ତା' ମା ରହୁଥିବା ହୋଟେଲକୁ ଗଲା ସେମାନଙ୍କ ସହିତ ଟିକେ ମିଶିକରି ଆସିବା ପାଇଁ । ମିନ ଉପଦେଶ ଦେଲା**,** "ଫେରିବା ବେଳକୁ ସାବଧାନ ହୋଇ ଫେରିବ । ସେ ଲୋକଟା ବାହାରେ ଅଛି। କେମିତି ଲୋକ କେଜାଣି **?** ମତେ ଭାରି ଡର ମାଡୁଛି ।"

ରାତି ବାରଟା ବେଳକୁ ଝିଅମାନଙ୍କ ନାଚ ସରିଲା । ଶିବାନୀ ଫେରିବ । ରାଜୁ ଆଜି ଫେରିଯିବାକୁ ଭାବିଥିଲା**,** ତେଣୁ ତା' ଗାଡିରୁ ଜିନିଷପତ୍ର କିଛି ବାହାର କରି ନଥିଲା । ସିଏ ମଧ୍ୟ ବାହାରକୁ ଗଲା । କବାଟ ଖୋଲିବା ସମୟରେ ଶବ୍ଦ ହେଲାରୁ ମିନ ନିଜରୁମ୍‌ରୁ

ବାହାରକୁ ଆସିଲା । ସାନ ଝିଅର ସାଙ୍ଗ ଟମ୍ ମଧ ଏମାନଙ୍କ ସହିତ ରହିଥିଲା । ମିନ ଟମ୍‌କୁ କହିଲା, "ଟିକେ ଶିବାନୀ ସହିତ ତା' କାର୍ ନକଟକୁ ଛାଡିବାକୁ ଯାଅ ଓ ରାଜୁକୁ ମଧ ତା ଗାଡିରୁ ଜିନଷ ଆଣିବା ପାଇଁ ସାହାଯ୍ୟ କର ।"

ଟମ୍ ଠିକ୍ ସେମିତି କଲା । ଶିବାନୀ ଓ ରାଜୁ ଯିବା ପରେ ଟମ୍ ମଧ ତା' ହୋଟେଲ୍‌କୁ ଚାଲିଗଲା ।

ସେ ମୁଦି ଖୋଜକକୁ ମଝିଆଁ ଝିଅ ରୀତୁ ହିଁ ଯୋଗାଡ କରିଥିଲା । ଇଣ୍ଟରନେଟ୍‌ରୁ ଦେଖି, ତାର ଭିଡିଓ ସବୁ ଦେଖି, ସିଏ ଏ ମୁଦି ଖୋଜକକୁ ପାଇଥିଲା । ମୁଦି ଖୋଜକର ନାମ ହେଲା ବ୍ରାୟାନ୍ ରୁଡୋଲ୍‌ଫ୍ । ତେବେ ମୁଦି ଖୋଜକ ଯେମିତି ପାଗଳାମୀ ଦେଖାଉଥିଲା, ସେଥିପାଇଁ ତାର ଖୋଜିବାର ଦକ୍ଷତା ଉପରେ ମିନର ସନ୍ଦେହ ହେଉଥିଲା । ମିନ ମଝିଆଁ ଝିଅ ଉପରେ ରାଗିଲା । "ଏତେ ରାତିରେ କିଏ କଣ ମୁଦି ଖୋଜେ ? ଖୋଜିଲେ ବି ଏଭଳ ସମୟରେ କଣ ମୁଦି ମିଳବ ? କେଉଁଠୁ କେଜାଣି ଗୋଟିଏ ପାଗଳ ଲୋକକୁ ଆଣି ଜୁଟେଇଲୁ ଯେ, ରାତାସାରା ତା ପାଇଁ ମଣିଷ ଶୋଇପାରିବନ । ମହରଗରୁ ଆଣି କାନ୍ତାରରେ ପୁରେଇଲୁ।"

ସମସ୍ତେ ଥଇଥାନ୍ ହୋଇ ଶୋଇବାକୁ ଯାଉଯାଉ ରାତି ୨ଟା । ସେତେବେଳକୁ ଦୁଇବୋହୂ ଫେରିଆସିଥିଲେ ।

ମିନ ଗଲା ବିଛଣାରେ ଶୋଇବାକୁ । ସକାଳ ୬ଟା ୧୫ ବେଳକୁ ମେକ୍‌ଅପ୍ ଓ କେଶ ସଜେଇବା ଲାଗି ସାନୋବାର ଆସି ପହଞ୍ଚିଯିବ ।

ଅଗଷ୍ଟ ୨ ତାରିଖ, ଶୁକ୍ରବାର । ସକାଳ ପାଞ୍ଚଟା ବେଳକୁ ମିନ ଉଠିପଡିଲା ଓ କଚେନ୍ ସିଙ୍କ୍‌ରେ ଜମା ହୋଇଥିବା ସମସ୍ତ ବଡବଡ ବାସନ ସଫା କରିଦେଲା । ତାପରେ ବିବାହ ମଣ୍ଡପରେ ବ୍ୟବହୃତ ହେବାକୁ ଥିବା ସମସ୍ତ ସାମଗ୍ରୀ ଏକାଠି କରି ଗୋଟିଏ ଜାଗାରେ ରଖିଲା । ସାନୋବାର୍ ୬ଟା କୋଡିଏ ବେଳକୁ ଘରେ ପହଞ୍ଚିଲା । ସିଏ ସିଧା ମାଷ୍ଟର୍ ବେଡ୍‌ରୁମ୍‌କୁ ଆସିଲା । ସେଇଠାରେ ମେକ୍‌ଅପ୍ ହେବାର ବ୍ୟବସ୍ଥା ହୋଇଥିଲା ।

ପ୍ରଥମେ କେଶ ସଜାଇବା ଆରମ୍ଭହେଲା ମିନଠାରୁ । ଜୀବନରେ ଏ ପ୍ରଥମ ଅନୁଭୂତି । ଏକ ପ୍ରଫେସ୍‌ନାଲ୍ ପ୍ରସାଧନ ବିଶେଷଜ୍ଞ ଦ୍ୱାରା କେଶ ସଜେଇବା ଓ ମେକ୍‌ଅପ୍ ହେବା । ଜୀବନର ଅର୍ଦ୍ଧଶତାବ୍ଦୀ ପରେ ସୁନ୍ଦରତାକୁ ଆଲିଙ୍ଗନ କରିବାର ଅଭୀପ୍ସା ।

ଯେତେବେଳେ ବୟସ ଥିଲା, ସେତେବେଳେ ସମୟ ନଥିଲା କ ଅର୍ଥ ନଥିଲା । ଏଣୁ ଏ ପରିଣତ ବୟସରେ ସେମିତି ସବୁ ଅଭିଜ୍ଞତାକୁ ଅନୁଭବ କରିବାକୁ ଇଚ୍ଛା ହେଉଛି । ତେବେ କେଶ ସଜାଇବା ଓ ମେକ୍‌ଅପ୍ ସରିବା ପରେ ମିଠି ନିଜକୁ ବି ଚହ୍ନି ପାରିଲାନି । ନିଜେ ଯେ ସେ ଏତେ ସୁନ୍ଦର, ଏତେ ଅଲଗା ଦିଶିପାରିବ, ତାହା କେବଳ ସାନୋବାର୍‌ର ହାତର ଚମତ୍କାରିତା ବ୍ୟତୀତ ଆଉ କଛି ନୁହେଁ ।

ମିନିର ସାଜସଜ୍ଜା ପରେ ନବବଧୂ ହେବାକୁ ଯାଉଥିବା ବଡଝିଅ ଗୀତୁର ବେଶ ହେବା ଆରମ୍ଭ ହେଲା । ମିନି ଯାଇ ଅନ୍ୟ ସବୁ କାମର ତଦାରଖ କଲା । ବର ବସିବାକୁ ପ୍ରସ୍ତୁତ ହୋଇଥିବା ଛୋଟ ରଥଟିର ସାଜସଜ୍ଜା ଦେଖି ରକ୍ତ ଚଢିଗଲା ମୁଣ୍ଡକୁ । ରଥଟିର ପଛପଟ ସଂପୂର୍ଣ୍ଣ ଫାଙ୍କା ଓ କଡ ବି ସେମିତି ଫାଙ୍କା ଦିଶୁଥିଲା । ରଥ ଉପରେ ପଡିଥିବା ସାଟିନ୍ କପଡାଟି ସଂପୂର୍ଣ୍ଣ ରୂପେ ରଥକୁ ଘୋଡାଇ ପାରୁଥିଲା । "ଏ କେମିତି ରକମର ସଜ୍ଜା ?" ଶ୍ୟାମଳ ଦୁର୍ବାଦଳକୁ କୋଡିରେ ଗୁଞ୍ଜିପକା' ସାହିତ୍ୟ ଭଳି ବର ବସିବା ପାଇଁ ଏ ରଥ ସଜ୍ଜା।"

ମିନିର ମନ୍ତବ୍ୟ ଶୁଣି, ପୁତୁରା ଓ ଦିଅର ଦୁଇଜଣ ମିଶି, ସେ ବିଷୟରେ ଭାବିଲେ । ସ୍ୱାମୀ ମହେଶ ସାଜସଜ୍ଜା ପାଇଁ ରହିଥିବା ବାକ୍ସ ଖୋଲି ପିପିଲିର ସମସ୍ତ କପଡାମାନ କାଢି ରଖିଦେଲେ ଓ ରଥଟିକୁ ପୁନଶ୍ଚ ନୂଆରୂପରେ ସଜାଗଲା ।

ମିନି ମାଷ୍ଟର୍ ବେଡ୍‌ରୁମ୍‌କୁ ଆସି ବଡଝିଅର ବେଶ ତଦାରଖ କରୁଥିଲା । ଏହି ସମୟରେ, ନାତୁଣୀ ସାଗ୍ ଆସି ଖବରଦେଲା, "ମୁଦି ମିଳଗଲା ।"

ମିନି ପଚାରିଲା, "ସତରେ ! ସତରେ ମୁଦି ମିଳଗଲା ?"

ସାଗ୍ ଉତ୍ତରଦେଲା, "ହଁ, ସତରେ । କାଲି ଯେଉଁଠୁ ଘଣ୍ଟା ମିଳଥିଲା, ମୁଦି ସେଇଠାରୁ ମିଳଲା ।"

ଗୀତୁ ପ୍ରସାଧନ କରିବା ସ୍ଥାନରୁ ଉଠି ତଳକୁ ଗଲା । ଆଉ ଦୁଇଝିଅ ମଧ ତଳକୁ ଗଲେ । ସମସ୍ତେ ସେ ମୁଦ୍ରିକା ଖୋଜକକୁ ଧନ୍ୟବାଦରେ ଆପ୍ୟାୟିତ କଲେ । ଏ ମୁଦ୍ରିକାଟି ଗୀତୁର ନିର୍ବନ୍ଧ ମୁଦି । ତାକୁ ତାର ଭାବୀ ପତି ମାର୍କ ସେ ମୁଦି ଦେଇ ପ୍ରପୋଜ୍ କରିଥିଲା । ସେ ମୁଦିଟି ହଜିଯାଇଥିବାରୁ ଏ ବିବାହ ବାତାବରଣରେ ସବୁକଛି ଫାଙ୍କାଫାଙ୍କା ଲାଗୁଥିଲା । ଏବେ ମୁଦ୍ରିକାଟି ମିଳଯିବାରୁ ସତେ ଯେମିତି ନୂତନ ପ୍ରାଣ ସଞ୍ଚାର ହେଲା । ଗୀତୁର ଖୁସି

କହିଲେ ନ ସରେ । ସାନ ଝିଅ ମିତୁ ଆସି ପଚାରିଲା, "ସେ ମୁଦ୍ରିକା ଖୋଜକକୁ କେତେ ଡଲାର୍ ଦେଇ ଧନ୍ୟବାଦ ଦେବ ?" ମିନ କହିଲା, "ପାପାଙ୍କୁ କହ ଶହେ ଡଲାର୍ ଦେବାକୁ ।"

ମିତୁ କହିଲା, "ଜମା ଶହେ ଡଲାର୍ ?"

ମିନ - "ତେବେ କେତେ ଦେବାକୁ କହୁଛୁ ତୁ ? ଯାହା କହୁଛୁ, ଯାଇ ପାପାଙ୍କୁ କହ ।"

ମିତୁ ତା' ପାପାଙ୍କ ପାଖକୁ ଗଲା ।

ଏ ମୁଦିଟି ପଅରିଦିନ ଅପରାହ୍ନରେ, ଜୁଲାଇ ୩୧ ତାରିଖ ଦି ହଜି ଯାଇଥିଲା ।

ଜୁଲାଇ ୩୧ ତାରିଖ ଦିନ ଗୀତୁର ମେହେନ୍ଦି ହେବାର ଥିଲା । ମାଲା ଅମିନ୍ ମେହେନ୍ଦି କରିବାକୁ ସାଢେ ତିନଟାରେ ଆସିବାକୁ ଚୁକ୍ତି କରିଥିଲା । ସେଦିନ ଦୁଇଟା ପୂର୍ବରୁ ଖିଆପିଆ ସରିଥିଲା । କଛି ଲୋକ ଓ୍ୱାସିଂଟନ୍ ଡିସି ବୁଲିବାକୁ ଚାଲିଯାଇଥିଲେ । ଆଉ ଯେତେ ଜଣ ଘରେ ଥିଲେ ସମସ୍ତେ ଖାଇସାରି ବିଶ୍ରାମ ନେଉଥିଲେ । କଛି ଲୋକ ଶୋଇ ପଡିଥିଲେ । ମାଲାକୁ ଅପେକ୍ଷା କରି ମିନ ବ୍ରେକ୍‌ଫାଷ୍ଟ ଟେବୁଲ୍ ପାଖରେ ବସି କଂପ୍ୟୁଟର୍ ଚେକ୍ କରୁଥିଲା ଓ ଫ୍ୟୁଜନ୍ ବାହାଘର ସମୟରେ କ ପ୍ୟାସେଜ୍ ପଢିବ, ସେଥିପାଇଁ ଇଣ୍ଟରନେଟରେ ଖୋଜୁଥିଲା । ତିନଟା ପର୍ଯ୍ୟନ୍ତ ବି ଗୀତୁ, ରୀତୁ କେହି ପହଞ୍ଚି ନଥିଲେ । ଘରକୁ କାମରେ ସାହାଯ୍ୟ କରିବାକୁ ଆସିଥିବା ବିଷ୍ଣୁ ଶ୍ରେଷ୍ଠ ମଧ୍ୟ ବସି ରହିଥିଲା । ଏବେ ବିଶେଷ କଛି କାମ ନଥିଲା । ଘରକୁ ଫେରିବା ପୂର୍ବରୁ ତାର ୩୦ଟି ରୁଟି ଓ ଦୁଇଟି ତରକାରୀ ତିଆରି କରିବାର ଥିଲା । ସେଥିପାଇଁ ସମୟ ଥିଲା ।

ମିନ ବ୍ୟସ୍ତ ହୋଇପଡିଲା । ପିଲା ଦୁଇଟି ଏପର୍ଯ୍ୟନ୍ତ ଆସିନାହାନ୍ତି । ଯଦି ମାଲା ଆସିଯିବ?

ଫୋନ୍ କରିବାରୁ ରୀତୁ ଜଣେଇଲା, "ଆମେ ଆଉ ଦଶମିନଟ୍ ଭିତରେ ପହଞ୍ଚିବୁ । ଆମ ସାଙ୍ଗରେ ଆମ କୁକୁର ଦୁଇଟି ବି ଥିବେ?"

ମିନ କହିଲା, "ଘରେ ଏତେ ଲୋକ ଭର୍ତ୍ତି । କୁକୁର ଦୁଇଟିକୁ ମାର୍କର ଦାୟିତ୍ୱରେ ଦେଇ ଆସିଲନ ?"

ରୀତୁ କହିଲା, "ସିଏ ବି ଆଜି ହୋଟେଲ୍‌କୁ ଆସୁଛନ୍ତି । ତେଣୁ କୁକୁରକୁ ତାଙ୍କ ଦାୟିତ୍ୱରେ ଛାଡିହେଲାନ ।"

ମିନର ମୁଣ୍ଡ ଖରାପ ହୋଇଗଲା । ଏତେ ଲୋକଙ୍କ ସହିତ ଏ କୁକୁର ଦୁଇଟିଙ୍କୁ କେଉଁଠି ଥଇଥାନ କରାଯିବ ?

ଗୀତୁ ଓ ରୀତୁ ଘରେ ପହଞ୍ଚିବା ପରେ ମୁଁ ସେମାନଙ୍କୁ କୁକୁରକୁ ରୀତୁର ରୁମ୍ ଭିତରେ ଭର୍ତ୍ତି କରି ରଖିବାକୁ ପରାମର୍ଶ ଦେଲି । ରୀତୁ ସେମିତି ହିଁ କଲା ।

ମାଲା ଗୁରିଟା ବେଳେ ପହଞ୍ଚିଲା । ମାଲାର ପରାମର୍ଶ ନେଇ, ତାକୁ ସନ୍‌ରୁମରେ ମେହେନ୍ଦୀ ପାଇଁ ଥଇଥାନ୍ କରେଇ ମିନ ଆସି ଗୀତୁକୁ ଡାକଲା । ଗୀତୁର ଟିକେ ଥଣ୍ଡା ଥାଏ ଓ ତା' ନାକରୁ ପାଣି ଗଡୁଥାଏ । ହୁଏତ ଆସୁଥିବା ବାହାଘର ଚନ୍ତାରେ ଏମିତି ହେଉଥିଲା କ କଣ?

ମାଲା ସାଙ୍ଗେସାଙ୍ଗେ ତା' କାମରେ ଲାଗିଗଲା । ନବବଧୂର ମେହେନ୍ଦୀ କରିବା ବହୁତ ଜଟିଳ କଳା କାମ । ତେଣୁ ଧ୍ୟାନ ରଖିବା ପାଇଁ ଓ ବାତାବରଣକୁ ହାଲୁକା କରାଇବା ପାଇଁ ରୀତୁ ତା' ସେଲଫୋନରେ ହିନ୍ଦି ଗୀତ ସବୁ ଲଗେଇଦେଲା ।

ଏଇ ସମୟରେ ଯେଉଁମାନେ ଓ୍ୱାସିଂଟନ୍ ଡିସି ବୁଲିବାକୁ ଯାଇଥିଲେ, ସେମାନେ ଫେରିଆସିଲେ । ସେମାନଙ୍କ ଖାଇବା ପାଇଁ ଡାଇନଙ୍ଗ୍ ରୁମରେ ସବୁ ଖଞ୍ଜା ହୋଇ ରହିଥିଲା। ସେମାନଙ୍କୁ ଖାଇବା ପାଇଁ ପଠେଇ ମିନ ପୁଣି ସନ୍‌ରୁମ୍‌କୁ ଆସି ମେହେନ୍ଦି ତଦାରଖ କଲା ଓ କଛି ଫଟୋ ଉଠାଇ ରଖିଲା ।

କୁକୁରମାନଙ୍କୁ ବାହାରକୁ ନେବାର ସମୟ ହୋଇଥିଲା । ତେଣୁ ରୀତୁ ଉପର ମହଲାରେ ଥିବା ତା' ରୁମ୍‌କୁ ଯାଇ କୁକୁରମାନଙ୍କୁ ବାହାରକଲା ଓ ସେମାନଙ୍କୁ ନେଇ ବାହାରକୁ ନେବାକୁ ପ୍ରସ୍ତୁତ କଲା । ଏତେ ସମୟ ଭିତରେ ଆବଦ୍ଧ ହୋଇ ରହିଥିବାରୁ କୁକୁରମାନେ ଉତ୍ତେଜିତ ହୋଇପଡିଲେ ଓ ବିଶୃଙ୍ଖଳ ହୋଇ ଧରା ଦେଲେନ । ଏହି ସମୟରେ ମିନର ସ୍ୱାମୀ ମହେଶ ଆସି ରୀତୁର କୁକୁର ଲିଓର ଦାୟିତ୍ୱ ନେଲେ ଓ କୁକୁର ବେକରେ ପଘା ଲଗେଇ ତାକୁ ବାହାରକୁ ନେଲେ । ସେ କୁକୁରଟି ଆକାରରେ ଛୋଟ ଓ ଅପେକ୍ଷାକୃତ ଶାନ୍ତଶିଷ୍ଟ ।

ରୀତୁ ଅଗତ୍ୟା ଗୀତୁର କୁକୁର ଭିଟୋର ଦାୟିତ୍ୱ ନେଇ ତାକୁ ଆୟତ କଲା ଓ ତା' ବେକରେ ପଘା ଲଗେଇଲା । ତାପରେ ତାକୁ ବାହାରକୁ ନେଲା । ମିନ ମଧ ବାହାରକୁ ଆସିଲା । ସେତେବେଳେ ସବା ବଡ ଯା' ମଧ ବାହାରେ ବସିଥିଲେ । ମିନ ବି ବସିଲା । ବାହାରେ ଏତେ ଗରମ ନଥିଲା ।

କୁକୁର ମାନଙ୍କ ଦାୟିତ୍ୱ ଶେଷ କରି ରୀତୁ ତା ରୁମ୍ ଭିତରେ ପୁଣି କୁକୁରମାନଙ୍କୁ ନେଇ ଛାଡିଲା ଓ ଫ୍ୟାମିଲି ରୁମରେ ବସି ବହି ପଢିଲା ।

ଗୀତୁ ଏତିକି ବେଳେ, ତା ଘଣ୍ଟା ଓ ମୁଦି କଥା ରୀତୁକୁ ପଗ୍ଚରିଲା । ରୀତୁ ତା ପ୍ୟାଣ୍ଟ ପକେଟ୍ ଦେଖିବା ବେଳକୁ ସେଠି ମୁଦି କି ଘଣ୍ଟା କିଛି ନାହିଁ । ସେ ମୁଦି ଓ ଘଣ୍ଟା ମେହେନ୍ଦୀ କରିବା ପୂର୍ବରୁ ହାତରୁ ବାହାର କରି ରୀତୁକୁ ଦେଇଥିଲା ଗୀତୁ । ହେଲେ ଏବେ ରୀତୁ ପକେଟରେ ସେସବୁ ନ ମିଳବାରୁ ହଠାତ୍ ବାତାବରଣରେ ପରିବର୍ତ୍ତନ ଆସିଲା । ରୀତୁ ଯେଉଁ ଯେଉଁ ଆଡେ ଯାଇଥିଲା, ସେସବୁ ସ୍ଥାନରେ ଯାଇ ମୁଦି ଖୋଜିଲା । ଠାକୁର ଘରେ, ବେସମେଣ୍ଟରେ, ଡାଇନଙ୍ଗ୍ ରୁମରେ, ସବୁ ସ୍ଥାନରେ ତନତନ କରି ଖୋଜିବା ପରେ ବି ମୁଦିର ଚହ୍ନବର୍ଣ୍ଣ ମିଳଲାନ । ତାପରେ ଘରର ଆଗ ଓ ପଛ ଲନ୍ର ଘାସରେ ଖୋଜା ଗ୍ଚଲିଲା । ସେ ଘାସ ବଡବଡ ହୋଇଥାଏ । ତା ଭିତରେ କୌଣସି ଜିନଷ ସହଜରେ ମିଳବ ବୋଲି ମନେ ହେଉନଥାଏ । ତଥାପି ବୁଡିଗଲା ଲୋକ କୁଟାଖିଅକୁ ଆଶ୍ରା କରିବା ଭଳ ଘରର ସମସ୍ତ ଲୋକ ଲନରେ ମୁଦିକୁ ଖୋଜିବାରେ ଲାଗିଲେ ।

ଗୀତୁର ମୁହଁ କାନ୍ଦକାନ୍ଦ ହୋଇଗଲା । ସବୁ ସରସତା ମରିଗଲା । ଏମିତିକି ବାହାରକୁ ନ ଦେଖେଇଲେ ବି ମିନର ମନଟା ମଧ ମରିଗଲା । "ଏ କଭଳ ଅଘଟଣ କଲ ପ୍ରଭୁ ? ତମେ ସବୁବେଳେ ମୋ ଜୀବନର ଖୁସି ସମୟକୁ ଏମିତି ଜଟିଳ କାହିଁକି କର ? ଠାକୁର ଘରେ ଟିକେ ବସି ପ୍ରଭୁଙ୍କୁ ପ୍ରାର୍ଥନା କରି ଅଭିମାନରେ କାନ୍ଦି ପକେଇଲା ।"

ମାଲା ମେହେନ୍ଦୀ କରି ଫେରିଗଲା । ବିଷ୍ଣୁ ମଧ ତା' କାମ ସାରି ଫେରିଗଲା । ମିନ ଗୀତୁକୁ ବୁଝେଇଲା, "ଠାକୁରଙ୍କୁ ଧ୍ୟାନରେ ଡାକେ । ମୁଦି ନଶ୍ଚୟ ମିଳଯିବ ।" ଗୀତୁକୁ ସିନା ବୁଝେଇଦେଲା ମିନ, ହେଲେ ତା ନଜ ମନଟା ବି ଫିକା ପଡିଗଲା । ସିଏ ବି ପ୍ରାୟ ଦୁଇଘଣ୍ଟା ସେ ମୁଦି ଖୋଜିବାରେ ବିତେଇଲା । ଭାରି ରାଗ ଚଡିଲା ସେ କୁକୁରମାନଙ୍କ ଉପରେ । ମୁଦି ଯେ ନଶ୍ଚୟ ଲନରେ କେଉଁଠି ପଡିଛି, ସେ ଧାରଣା ସ୍ପଷ୍ଟ ହୋଇଗଲା । ଯେଉଁଭଳ ବେଗରେ କୁକୁର ପଛରେ ଦଉଡୁଥିଲା ରୀତୁ, ସେଥିରେ ମଣିଷ ବି

କେତେବେଳେ ଢୋ ହେଇ ତଳେ ପଡିବ । ହଲଚଲ ହୋଇ ମୁଦି ଓ ଘଣ୍ଟା ବାହାରି ପଡିଯିବା ତ ସ୍ୱାଭ୍ବିକ ।

ଅନେକ ର୍ଗ ଲ୍ଗୁଥିଲ୍ ଗୀତୁ ଆଉ ରୀତୁଙ୍କ ଉପରେ । ଏତେ ଖାମଖିଆଲି ଭ୍ବେ ଏମିତି ଦୁର୍ଲଭ ଜିନଷକୁ ରଖୁଛନ୍ତି ଯେ, ସେ ଜିନଷ ଯେମିତି ମୂଲ୍ୟହୀନ । ଏମିତି କଏ କଣ ନର୍ବନ୍ଧ ମୁଦିକୁ ରଖେ ? ହେଲେ ସେ ସମୟରେ ଏମିତି କହିଥିଲେ, ଝିଅମାନେ ଆହୁରି ନଜକୁ ଦୋଷୀ ଭ୍ବି ବ୍ୟସ୍ତ ହୋଇଥାନ୍ତେ । ତେବେ ମନକଥା ମନରେ ରଖି ସିଏ ସେମାନଙ୍କୁ ବୁଝାଇ କହିଲ୍, "ଏବେ ମୁଦି କେମିତି ମିଳବ, ସେ ବିଷୟରେ ଭ୍ବ । ଯଦି ବି ନ ମିଳଲ୍, ତେବେ ବି ଚନ୍ତା କରି ଏ ଯେଉଁ ମୁହୂର୍ତ୍ତ ଆମ ପାଖରେ ଅଛି, ସେ ମୁହୂର୍ତ୍ତର ଅସମ୍ମାନ କରନ । ସମସ୍ତଙ୍କ ଗହଣରେ ଆନନ୍ଦ ନେବାର ସମୟ ଆଉ ପୁଣି କେବେ ଆସିବ କଏ ଜାଣେ ? ତେବେ ଗୋଟିଏ ଶିକ୍ଷା ତମମାନଙ୍କ ପାଇଁ । ନଜର ପ୍ରିୟ ବସ୍ତୁର ଯତ୍ନ ତମେ ନଜେ ନେବା ଉଚତ । କାହା ଦାୟିତ୍ୱରେ ଏମିତି ଦେଇଦେବା ଉଚତ ନୁହେଁ । ସେ ପ୍ରିୟ ବସ୍ତୁ, ଦୁର୍ଲଭ ଅଳଙ୍କାର ହୋଇପାରେ, ଦୁର୍ଲଭ ସଂପର୍କ ବି ହୋଇପାରେ । ସେ ସବୁର ଯତ୍ନ ସବୁ ସମୟରେ ନଜେ ହିଁ ନେବ ।"

ସେ ଘଣ୍ଟାଟି ଫିଟ୍‌ବିଟ୍ ଘଣ୍ଟା ଥିଲ୍ । ତାକୁ ସେଲଫୋନ୍‌ରୁ ଡାକବାରୁ, ସିଏ ସିଗନାଲ୍ ଦେଲ୍ ଓ ଘଣ୍ଟାଟି ମିଳଗଲ୍ । ସେଇ ପାଖଆଖରେ ମୁଦିଟି ପଡିଥିବ ବୋଲି ସମସ୍ତେ ପୁଣିଥରେ ବହେ ସେ ଘଣ୍ଟା ମିଳବା ଜାଗାର ଆଖପାଖରେ ଖୋଜିଗଲେ । ହେଲେ ମୁଦି ମିଳଲ୍‌ନ । ସେ ଦିନଟା ସେମିତି ବିଷର୍ଣ୍ଣତାରେ ବିତିଲ୍ । ର୍ତି ଏଗାରଟାରେ ବଡବୋହୂ ପ୍ରିୟା, ସାନବୋହୂ ସୁପ୍ରିୟା ଓ ସାନପୁଅ ଆପୁ ଆସି ଘରେ ପହଞ୍ଚିଲେ । ତାଙ୍କୁ ବନ୍ଦାପନା କରି, ତାଙ୍କ ଖିଆପିଆ ଓ ଶୋଇବାର ବ୍ୟବସ୍ଥା କରି, ମିନ ଶୋଇବାକୁ ଗଲ୍ । ଆସନ୍ତା କାଲି ମଙ୍ଗଳପାଗ ବିଧିର ବ୍ୟବସ୍ଥା ହେବାର ଥିଲ୍ ।

ଅଗଷ୍ଟ ୧ ତାରିଖ ସକାଳୁ ନଦ ଭ୍ଙ୍ଗିବା ବେଳକୁ ବଡ ଅପା ସୁପ୍ରିୟାକୁ ଲଗେଇ ଆଗପଟ ଦ୍ୱାର ପାଖରେ ଦୁଇଟି କଳସ ବସେଇ ଦେଇଥିଲେ । ଘର ସାମନାରେ ଚତା ମଧ୍ୟ ପକେଇ ଦେଇଥିଲେ । ଏବେ ଦ୍ୱିତୀୟ କାମ ହେଲ୍ ଦେବୀଙ୍କ ପାଖକୁ କାଠକଳସୀ ସହିତ ଶଙ୍ଖା, ସିନ୍ଦୂର ଓ ସୁନା ଗହଣା ନେଇ ପୂଜା କରେଇବାକୁ ଯିବା କଥା । ପ୍ରିୟା ନୂଆ ଶାଢୀ ପିନ୍ଧି କାଣ୍ଡ କଳସୀ ଧରିଲ୍ । ମିନ, ତିନ ଯା, ଭ୍ଣିଜୀ, ଭ୍ଉଜ, ପ୍ରିୟା ଓ ସୁପ୍ରିୟାନଉ ଧରି

ମଙ୍ଗଳ ମନ୍ଦିରି ଗଲା । ସେଠି ଦେବୀ ଦୁର୍ଗାଙ୍କ ନିକଟରେ ପୂଜା କରେଇ, ତାଙ୍କ ପାଖରେ ବି ମୁଦି ମିଳିଯିବା ପାଇଁ ପ୍ରାର୍ଥନା କରି ସେମାନେ ଘରକୁ ଫେରିଲେ ।

ଦି ସାଢେ ଏଗାରଟା ବେଳେ ସାନୋବାରର ସେଲୁନରେରେ ଫେସିଆଲ୍ ଆପଏଣ୍ଟମେଣ୍ଟ ଥିଲା । ତେଣୁ ତରବର ହୋଇ ସମସ୍ତଙ୍କୁ ଘରେ ଛାଡି ମିନି ସିଧା ସେଲୁନକୁ ଗଲା । ଜୀବନରେ ପ୍ରଥମ ଥର ଫେସିଆଲ୍ କରିବାର ଅନୁଭୂତି । ପ୍ରଥମେ ଷ୍ଟିମ୍ ଦେଇ ମୁହଁକୁ କୋମଳ କରିଦେଲା ସେ । ତାପରେ ମୁହଁ ଉପରେ ଯାବତୀୟ ଉପଗ୍ରହ । ବ୍ଲାକହେଡକୁ କାଢି ପରିଷ୍କାର କରିବା ସହିତ ଇଉକାଲିପଟାସ୍ ତେଲ ଓ ଅନ୍ୟ କଣସବୁ ତେଲ ଘସିବା, ମୁହଁରେ ମାସ୍କ ଲଗେଇବା ଓ ବେକ ଘସିବା ଇତ୍ୟାଦି କେତେ ସବୁ ପଦ୍ଧତି । ସତ କହିବାକୁ ଗଲେ, ସିଏ ଏକ ସ୍ୱର୍ଗୀୟ ଅନୁଭୂତି ଭଳି ଲାଗିଲା । ଅନ୍ଧାର ଘର, ଧ୍ୟାନ ମଗ୍ନ ହେବା ପାଇଁ ଧୀମାଧୀମା ଗୀତ ଓ ତା' ସହିତ ମାଲିସ ହେବା, ବହୁତ ସୁଖଦ ଅନୁଭୂତି ।

ଘରେ ପହଞ୍ଚିବା ବେଳକୁ ସମସ୍ତେ ପ୍ରାୟ ଖାଇସାରିଥିଲେ । ଆଜି ବିଷ୍ଣୁ ଆସି ଥିଲା । ତାର ଆଜି ଚାଇଲ୍ଡ୍ କେୟାର୍ ସେଣ୍ଟରରେ କାମ ଥାଏ । ତେଣୁ ଖରାବେଳର ଖାଇବା, ରାନ୍ଧଣା ସବୁ ନିଜେନିଜେ କରିବାର କଥା । ହେଲେ ଗତକାଲିର ସମସ୍ତ ଖାଦ୍ୟ ରହିଥିଲା । ଆଜି ସରିଗଲା ।

ଏ ଭିତରେ ଗୀତୁ ନିଜ ମନକୁ ବୁଝାଇ ଦେଇଥିଲା । ରୀତୁ ମେଟାଲ୍ ଡିଟେକ୍ଟର କଥା ବୁଝିବା ପାଇଁ ରକ୍‌ଭିଲ୍ ଯାଇଥିଲା ।

ହଳଦୀ ବିଧି କେତେବେଳେ ଆରମ୍ଭ ହେବ ବୋଲି ଦେଖିବା ବେଳକୁ ଦୁଇଜଣ ସ୍ତ୍ରୀ ଲୋକ, ଭାଣିଜୀର ଶାଶୁ ଓ ଜିମି ତଥାପି ପହଞ୍ଚି ନଥିଲେ । ସେମାନଙ୍କୁ ଅପେକ୍ଷା କରିକରି ସମୟ ବିତୁଥିଲା । ଏହି ସମୟରେ ପହଞ୍ଚିଥିଲା ସେ ମୁଦ୍ରିକା ଖୋଜକ । ପ୍ରଥମେ ମିନି ତାକୁ ଭିଡିଓଗ୍ରାଫର୍ ଭାବିଥିଲା । ସିଏ ସାରାକୁ ଅନେକ ପ୍ରଶ୍ନ ପଚାରୁଥିଲା, କିଏ ବାହା ହେଉଛି ବୋଲି ପ୍ରଶ୍ନ କରୁଥିଲା । ତାପରେ ଫ୍ୟାମିଲି ରୁମ୍‌ର ଭିଡିଓ ନେଲା । ବେସ୍ ଗ୍ୱତିମେଣ୍ଟର ମେହେନ୍ଦୀ ପାଇଁ ସଜାସଜି ଚାଲିଥିଲା, ସେଠାରେ ବି ଭିଡିଓ ନେଲା । ଏମିତି ପଚାରି ପଚାରି ଯେଉଁ ଯେଉଁ ରୁମ୍‌କୁ ରୀତୁ ଯାଇଥିଲା, ସେ ସମସ୍ତ ରୁମ୍‌କୁ ଗଲା, ପ୍ରଶ୍ନ ପଚାରିଲା, ନୋଟ୍‌ବୁକରେ କଣ ଟିପିଲା ଓ ଭିଡିଓ ନେଲା । ପରେ ବୁଝୁବୁଝୁ ସିଏ ସାଧାରଣ ଭିଡିଓଗ୍ରାଫର୍ ନୁହେଁ, ରିଙ୍ଗ୍ ଫାଇଣ୍ଡର୍ ଅର୍ଥାତ୍ ମୁଦ୍ରିକା ଖୋଜକ । ତେବେ ସେ ଲୋକର ଚାଲିଚଲନ ଓ ବ୍ୟବହାର ଅତ୍ୟନ୍ତ ଅଦ୍ଭୁତ ଥିଲା । ସାରା ୧୦ ବର୍ଷର ଝିଅ । ତା ସହିତ

ଏକାଏକା ଯାଇ ଠାକୁର ଘରେ କଣ ଖୋଜାଖୋଜି କରୁଥିବା ବେଳେ, ମିନ ରୀତୁକୁ ତାଗିଦ୍ କରି କହିଲା, "ତୁ ଟିକେ ସେମାନଙ୍କ ପାଖେପାଖେ ରହ । ଏକାଟିଆ ଝିଅପିଲାଟା ସହିତ ତାକୁ ଛାଡିଦେଏନ ।"

ତାପରେ ସେ ମୁଦ୍ରକା ଖୋଜକ ଯାଇ ତା ଯନ୍ତ୍ରପାତି ଧରି ଲନରେ ଖୋଜାଖୋଜି କଲା । ରୋଷେଇ ଘରେ ଖୋଜୁଥିବା ବେଳେ ମିନକୁ ଭେଟିଲା । ରୀତୁ ପରିଚୟ କରେଇଦେଲା, "ସିଏ ହେଉଛି ନବବଧୂ ହେବାକୁ ଯାଉଥିବା ଗୀତୁ ଓ ମୋର ମାମା ।" ଏକଥା ଶୁଣି ସେ ମୁଦ୍ରିକା ଖୋଜକ ଆଶ୍ୱାସନା ଦେଇ କହିଲା, "ଜମା ଚିନ୍ତା କରନ୍ତୁ । ତମ ଝିଅ ତା ଏନେଗେଜମେଣ୍ଟ ରିଙ୍ଗ୍ ନିଶ୍ଚୟ ପାଇବ ।" ତା' କଣ୍ଠରେ ଏତେଟା ଦୃଢତା ଦେଖି ମିନ ଆଶ୍ୱସ୍ତ ହେଲା । "ଭଗବାନ, ତମେ ତ ଏ ସଙ୍କେତ ଦେଇଛ, ମୁଦ୍ରିକା ଖୋଜକକୁ ଭେଟାଇଛ, ତାରି ମାଧ୍ୟମରେ କୃପାକରି ଏ ମୁଦିଟି ମିଳାଇଦିଅ ।"

ଏ ଭିତରେ ପାଞ୍ଚଜଣ ସ୍ତ୍ରୀ ଲୋକଙ୍କୁ ନେଇ ହଳଦୀ ବିଧି କରାଗଲା । ବାହାରେ ସକାଳେ ତମ୍ବୁବାଲା ଆସି ତମ୍ବୁ ପକେଇ ଦେଇଥିଲା । ଖରାବେଳେ କାଜଲ୍ ଆସି ଭିତରେ ମଣ୍ଡପ ସଜେଇ ଦେଲା । ହେଲେ ସିଏ ବାହାର କଛି ଠିକରେ ସଜେଇଲାନ, କାରଣ ଆସନ୍ତା କାଲିର ପାଗ ସକାଳେ ଶତକଡା ପଗ୍ଶ ଭାଗ ଝଡବର୍ଷା ହେବାର ଦେଖାଉଥିଲା । ତଥାପି ସିଏ ଗେଟ୍‌ଟି ସଜେଇ ଦେଇ ଗଲା ।

ହଳଦୀ ବିଧି ପରେ ପୂଜା ତା ସାଥୀକୁ ଧରି ମେହେନ୍ଦୀ କରାଇବାକୁ ଆସିଗଲା । ମିନ ସେମାନଙ୍କୁ ବେସମେଣ୍ଟକୁ ପଠେଇଦେଲା ସେଠି ପ୍ରଥମେ ସାନ ଯା' ଓ ସାନ ବୋହୂ ସୁପ୍ରିୟାକୁ ମେହେନ୍ଦୀ କରିବା ପାଇଁ ବସେଇଦେଇ ଅନ୍ୟ ମାନଙ୍କୁ ତଳକୁ ଡାକନେଲା ।

ଆଜି ବାହାରୁ ଖାଦ୍ୟ ମଗା ଯାଇଥିଲା । ତେଣୁ ରୋଷେଇ କରିବାର ଗୃପ ନଥିଲା । ବେସମେଣ୍ଟରେ ରଙ୍ଗୀନ୍ ବତୀ ଜଳୁଥିଲା ଓ ହିନ୍ଦୀ ଓ ଓଡିଆ ଗୀତ ବାଜୁଥିଲା । ସାଢେ ଛଟା ବେଳକୁ ମାର୍କର ମା', ଭଉଣୀ, ଝିଆରୀ ଇତ୍ୟାଦି ମେହେନ୍ଦୀ ଲଗେଇବାକୁ ପହଞ୍ଚିଗଲେ । ଘରର ଅନ୍ୟ ସମସ୍ତେ ମଧ ପହଞ୍ଚିଲେ । ଗୀତୁର ସାଙ୍ଗସାଥୀ ମାନେ ମଧ ପହଞ୍ଚିଗଲେ । ମେହେନ୍ଦୀ ଲଗାଉଥିବା ଦୁଇ ଜଣଙ୍କୁ ଆଉ ଫାଙ୍କା ସମୟ ମିଳଲାନ । ଏତେ ସବୁ ଭିତରେ ବି ସେ ମୁଦ୍ରକା ଖୋଜକ ମୁଦ୍ରିକା ଖୋଜବାରେ ବ୍ୟସ୍ତ ଥାଏ । "ଏତେ ସମୟ ଖୋଜୁଛି କଣ ? ତା ମେଟାଲ୍ ଡିକ୍ଟେଟର୍ କଣ ଠିକରେ କାମ କରୁ ଥିଲେ ? ଏତେ ସମୟ ଖୋଜିଲାଣି । ଗ୍ରରିଆଡେ ଖୋଜିଲାଣି । ତଥାପି ମିଳନ ?" ମିନର ଏ ପ୍ରଶ୍ନରେ

ଗୀତୁ ଉତ୍ତରଦେଲା, "ସିଏ ଆଜି ରାତିରେ ବି ଖୋଜିବ । ଯଦି ନ ମିଳଲା, ତା' କାରରେ ଶୋଇବ ଓ ସକାଳୁ ପୁଣି ଖୋଜିବ ।"

ତାକୁ ସାନ ଝିଅର ସାଙ୍ଗ ଟମ୍ ନେଇ ପାଣି ଓ ଜୁସ୍ ଦେଇଥିଲା । ହେଲେ ସିଏ ଖାଇଲା କି ନାହିଁ, ମିନ ଜାଣିପାରିଲାନ । ତେବେ ମୁଦିକୁ ଏମିତି ପାଗଳ ରୀତିରେ କଏ ଖୋଜେ, ବିଶ୍ୱାସ ହେଉନଥିଲା ।

"ସତରେ କଣ ସିଏ ମୁଦି ପାଇବ ? ସେ ଲୋକ ତ ସାଧାରଣ ଲୋକ ଭଳି ଲାଗୁନ । ଆମ ଘରର ସବୁ ଭିଡିଓ କରିକି ନେଲାଣି । ଏଇନେ ନେଟରେ ଛାଡିବ । ମତେ ଜମା ବି ଭଲ ଲାଗୁନ । ଡର ଲାଗୁଛି ।"- ମିନ ମନରେ ଡର ଥିଲା ।

ମେହେନ୍ଦୀ ପରେ ସମସ୍ତେ ଖାଇପିଇ ସାରି ଶୋଇବାକୁ ଯିବା ପରେ ବି ସେ ବ୍ରାୟାନ୍ ସେମିତି ପାଗଳଙ୍କ ଭଳି ଅର୍ଦ୍ଧରାତ୍ରିରେ ମଧ୍ୟ ଲନରେ ମୁଦ୍ରିକା ଖୋଜୁଥିଲା ।

ଭଲହେଲା, ଅଗଷ୍ଟ ୨ ତାରିଖ, ବାହାଘର ଦି ସକାଳେ, ସିଏ ମୁଦିଟି ପାଇଲା । ମୁଦିଟି ସେ ଘଣ୍ଟା ପଡିବା ଜାଗାର ପାଖରେ ହିଁ ପଡିଥିଲା । କିଛି ଲୋକ ସେ ସ୍ଥାନରେ କାର୍ ପାର୍କ କରିଥିବାରୁ, ମୁଦିଟି ଭିତରକୁ ପଶିଯାଇଥିଲା ଓ ଟିକେ ଚେପା ହୋଇଯାଇଥିଲା । ତେବେ ମୁଦିଟି ମିଳଗଲା । ଆପାତତଃ ଦୁଇ ହଜାର ଡଲାରର ମୁଦି । ଅର୍ଥ ଠାରୁ ଅଧିକ ଥିଲା, ସେ ମୁଦି ସହିତ ଜୋଡି ହୋଇ ରହିଥିବା ଭାବନା । ମୁଦିଟି ନ ମିଳଥିଲେ ଗୀତୁ ମନରେ ସଂପୂର୍ଣ୍ଣ ସରସତା ନଥାନ୍ତା । ମିନର ମନ ମଧ୍ୟ ଦକଦକ ହେଉଥାନ୍ତା । "କଣପାଇଁ ଏମିତି ଖେଳ ଠାକୁରଙ୍କର ?" ଭାବି ଭାବି ତା ମସ୍ତିଷ୍କ ଭାରାକ୍ରାନ୍ତ ରହିଥାନ୍ତା ।

ହେଲେ ମୁଦିଟି ମିଳଗଲା । ସେ ମୁଦ୍ରିକା ଖୋଜକକୁ ଭେଟିବାକୁ ସମୟ ପାଇଲାନ ମିନ, ହେଲେ ମନେମନେ ଅନେକ ଧନ୍ୟବାଦ ଦେଲା । ବରଂ ପାଗଳାମୀ ଅବଲମ୍ବନ କରି ହେଉ, ତା' କାର୍ଯ୍ୟ ସିଏ ସଂପନ୍ନ କରିଥିଲା ଓ କେତେ ବିଷର୍ଣ୍ଣ ହୃଦୟକୁ ଆନନ୍ଦିତ କରେଇ ପରିବେଶକୁ ମୁଖରିତ କରିଥିଲା ।

ମିନ ଭାବୁଥିଲା, "ପ୍ରାପ୍ତିର ଇଚ୍ଛାକୁ ଏମିତି ପାଗଳଙ୍କ ଭଳି ହିଁ ଖୋଜିବା ଉଚିତ । ତାହେଲେ ଇଚ୍ଛା କରୁଥିବା ଜିନଷଟିକୁ ନିଶ୍ଚୟ ପାଇବ ।"

ମୁଦ୍ରିକା ଖୋଜକ ବ୍ରାୟାନ୍ ରୁଡୋଲ୍ଫ୍ ଅଗଷ୍ଟ ୨ ତାରିଖ ସକାଳେ ବିଦାୟ ନେଇ ଗଲା ତାର ପରବର୍ତ୍ତୀ ଅଭିଯାନରେ । କଏ ସମୁଦ୍ରରେ ମୁଦି ହଜେଇ ଦେଇଛି । ସେ ମୁଦ୍ରିକା ଖୋଜକ

ସମୁଦ୍ର ଭିତରେ ମୁଦି ଖୋଜିବାକୁ ଯିବ । ପାଇବ କି ନା କେଜାଣି ? ତେବେ ଏମିତି ପାଗଳଙ୍କ ଭଳି ଖୋଜିବ ନିଶ୍ଚୟ ।

ମିନିର ଅବଶୋଷ ରହିଗଲା, ଯେଉଁ ମୁଦ୍ରିକା ଖୋଜକ ତା' ଝିଅର ବିବାହ ଉତ୍ସବ ରେ ଘେରି ରହିଥିବା ବିଷର୍ଣ୍ଣତାର କୁହୁଡିକୁ ନିଜର ଇଚ୍ଛାଶକ୍ତି ପ୍ରୟୋଗ କରି ଏତେ ନିଷ୍ଠାର ସହିତ ରାତି ଉଜାଗର ରହି, ନିଜ ବୁଦ୍ଧିମତ୍ତାର ସୌରରଶ୍ମିରେ ନିର୍ବାପିତ କରିଥିଲା, ସେ ବ୍ୟକ୍ତିଙ୍କୁ ସିଏ ଏପର୍ଯ୍ୟନ୍ତ ଭୁଲ୍ ବୁଝି ଆସିଥିଲା ଓ ସିଏ ବିଦାୟ ନେବା ପୂର୍ବରୁ ତାଙ୍କୁ ଭେଟି ଧନ୍ୟବାଦଟିଏ ବି ଅର୍ପଣ କରିପାରିଲାନି । ପରେ ଜାଣିଲା, ମହେଶ ସେ ବ୍ରାୟାନ୍‌କୁ ୩୦୦ ଡଲାର୍ ଦେଇଥିଲେ ବୋଲି ।

ତେବେ ଶିକ୍ଷା ମିଳିଲା, ମଣିଷର ଉପରକୁ ଦେଖି ଭିତରକୁ କଳନା କରିବା ଠିକ୍ ନୁହେଁ । କିଏ ଜାଣେ, ଶ୍ରୀଫଳ ଭଳି ଉପରର କଠୋରତା ଭିତରେ, ମଧୁରତା ଭରି ରହିଥିବ ? ବିଶ୍ୱାସର ବଳ ପ୍ରୟୋଗ କରି ସେ କଠୋରତାକୁ ଛିନ୍ନ କରିବାର ମାନସିକତା ଆବଶ୍ୟକ । ସେ ମାନସିକତା, ମିନିର ଝିଅ ମାନଙ୍କଠାରେ ଥିଲା । ଏବେ ସେକଥା ମିନି ସେମାନଙ୍କଠାରୁ ଶିଖିଲା ।

ରଦରେଫର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା



# ଅଭାବ



ନୂତନ କୁମାର ବେହେରା

ଅଭାବ ମାନବର ଚର ସାଥୀ
ଜୀବନେ ଆସେ ହୋଇ ସେ ଅତିଥି ।
ବୁଝେନା କାହାର କେଉଁ ଅବସ୍ଥା
ତା' ପାଇଁ ହେଉ ଅନେକ ହୀନସ୍ଥା ।

ପାଶେ ଆସେ ଯାଏ ସେ ବାରବାର
ଦିଏ ଦୁଃଖ କଷ୍ଟ ଥରକୁ ଥର ।
ଲକ୍ଷ୍ୟପଥରେ ରହିଥିଲେ ସ୍ଥିର
ତାକୁ ଘୁଞ୍ଚାଇ କରିହୁଏ ଦୂର ।

ଅଭାବର ବିରାଟ ବଂଶଧର
ନାହିଁ ତାର ସ୍ଥାୟୀ ଘର କ ଦ୍ୱାର ।
ସପରିବାର ବୁଲି ଗୃରି ଆଡେ
ସାହାର୍ଯ୍ୟ ସହଯୋଗ ଖାଲି ଲୋଡେ ।

ମଣିଷ ସ୍ୱଭାବକୁ କରେ ନଷ୍ଟ
ହରାଇ ସମ୍ମାନ ପାଏ ସେ କଷ୍ଟ ।
ଯେତେ ଯାର ଥାଉ ଧନ ସମ୍ପତ୍ତି
ଆସଇ ଅଭାବ କଲେ ପ୍ରଗତି ।

ଗୋଟିଏକୁ କଲେ ବେଗେ ପୂରଣ
ଆଉ ଗୋଟିଏ କରେ ପଦାର୍ପଣ ।

ହଇରାଣ ପରେ ବି ହଇରାଣ
ଖୋଜି ମିଳେନା ସଠିକ କାରଣ ।

ଜୀବନେ ଯନ୍ତ୍ରଣା ଦିଏ ଅନେକ
ହଜାଇ ଦିଏ ସେ ବୁଦ୍ଧି ବିବେକ ।
ଭାବି ଚିନ୍ତି କଲେ ଯେତେ ଉପାୟ
ଆସିଗଲେ ସିଏ କରେ ଅଥୟ ।

ଅଭାବ ଦିଏ ସମ୍ପର୍କ ବିଗାଡି
କେବେ କାହାଠାରୁ ଯାଏନା ଛାଡ଼ି ।
ନିଜକୁ ନିଜେ ନେବାକୁ ସଜାଡ଼ି
ତାର ବଶେ ପଡି ହୁଏ କଗୃଡି ।

ଅଭାବ ଲାଗିଥିଲେ ଅବିରତ
ମଣିଷ ହୁଅଇ ବ୍ୟସ୍ତ ବିବ୍ରତ ।
ଖାଇ ଯାଏ ତାକୁ ଚିନ୍ତାର ଘୁଣ
ଜୀବନ ତାର ହୁଏ ଅକାରଣ ।

ଅଧିକ ଯିଏ କରଇ କାମନା
ଅଭାବ ଦିଏ ତାକୁ ହିଁ ତାଡ଼ନା ।
ଉଚିତକୁ ଚାହିଁ କଲେ ଭାବନା
ସଫଳ ହୁଏ ତା' ଶ୍ରମ ସାଧନା ।

କରୁଥାଏ ଯିଏ ସଦା ଉଦ୍ୟମ
ଅଭାବ ଘୁଞ୍ଚାଇ ପାଏ ସୁନାମ ।
ସାର୍ଥକ ହୁଏ ମାନବ ଜୀବନ
ଯଶ ଖ୍ୟାତି ଅର୍ଜି ହୁଅଇ ଧନ୍ୟ ।

କୋହି, ଗଡ଼ିଆ, ମୟୂରଭଞ୍ଜ

ବେଦାନ୍ତୀ

# ସୁନା ହରିଣୀ, ମାୟାମୃଗ



ଚନ୍ମୟ ବାରିକ

ଫୁଲ ଫୁଟେ
ପୁଣି! ଭୂମିଛୁଏଁ,
ଆଞ୍ଜୁଳାଏ ଫୁଲ ସାଇତି ରଖିଛି
ସୁନା ହରିଣୀର ଭୁଲତାରେ ବିଚ୍ଛୁରୀତ,
କରିବାପାଇଁ।।

କ ସୁନା ହରିଣୀ?
କ ମୃଗ?
ସବୁତକ ମୁହୂର୍ତ୍ତ ଯେମିତି ପଙ୍ଗୁହୋଇ
ଅକାମି ପାଲଟି ଯାଇଛି,
ସେଇ ସୁନା ହରିଣୀ
ଆଉ ମାୟାମୃଗ ର ସନ୍ଧାନରେ।।

ବେଳେବେଳେ ବର୍ଷା ନଥାଇବି
ମାଟିର ମାଦୁଆ ବାସ୍ନାକୁ ମୁଁ ପିଇଗଲେ,
ଆନମନା ହୋଇ!
ଏଇ କଛିକ୍ଷଣ ପାଇଁ।
ଯେମିତି ଶୋଷ ମେଣ୍ଟିଗଲା
ଏଇ ଅପୂର୍ବ ମହକରେ,
ଆଉ ଆତ୍ମା ବି ସାନ୍ତୋଷ ଲାଭକଲା ।
ଆଉ ମୁଁ ଯେମିତି ଲଘି ଯାଉଛି

ଏ ବିଶାଳ ସମୁଦ୍ରକୁ ଅଚେତନ ଭାବରେ,
ସେଇ ଉପସ୍ଥିତ କୁ ଯାହିର କରିବା ପାଇଁ ।।

କେବଳ ତା'ର ସାନ୍ନିଧ୍ୟରେ
ଆଜି ମୁଁ ଆବାକ୍ ।
ସୁନା ହରିଣୀ ନାହିଁ କ?
ମୃଗ ବି...?
କେବଳ କୋଷ ଦୂରରେ
ଦିକ ଦିକ ଜଳୁଛି ବତିଟି,
ଅନ୍ଧର ସିକୁଳ ନୟନେ ବାନ୍ଧି ।।

କେବଳ ମାୟା
ମୃଗର ସନ୍ଧାନରେ
ଆଜି ଭାଙ୍ଗି ଦେଇଛି
ନିଜ ହାତଗଢ଼ା
ସୌନ୍ଦର୍ଯ୍ୟ ର ମହଲକୁ ।।

ଆଜି ହରେଇଛି
ସୌନ୍ଦର୍ଯ୍ୟର ପର୍ବକଷ୍ଟାକୁ,
ଆଉ ପାଇଛି?
ମୋହ ଆଉ କୋହରେ
ପରିପୂର୍ଣ୍ଣ,
ବତୀ ଘରକୁ ।।
(କେଏ ଜାଣେ କେବେ ଆଉ କଉଠି)।

"ଆଜି ବି ସୁନା ହରିଣୀ ଆଉ ମାୟାମୃଗ ସନ୍ଧାନରେ?"

ବ୍ରାହ୍ମଣଡିହି, ବାଲିକୁଦା,ଜଗତସିଂହପୁର

# ସେଇ ଘର



ବ୍ରଜନାରାୟଣ ପାଣିଗ୍ରାହୀ

ଯେଉଁ ଘରଟିରେ ଜନମ ମୋର,
ସେହି ଘର ଆଜି କାହିଁରେ କାହିଁ ??
କଏ କଲା ତାକୁ କାଟି ଛ'ଫାଳ
ନିଶ୍ୱାସ ନେବାକୁ ସୁଖଣ୍ଡେ ଭୂଇଁ ।।
ଆଗ ହସ ଖୁସି ପିଲାଙ୍କ ଗୋଳ,
କେତେ ଲୋକ କେତେ ପାଟି ଚହଳ,
ଖାଁ ଖାଁ ସବୁ କଏ କେଉଁଠି;
ଫାଙ୍କା ଘର ଦ୍ୱାର ଲାଗେ ବିକଳ ।।

ଆଉ କାହିଁ ସେଇ ଖନ୍ଦା ରୋଷେଇ;
ଏକାଠି ଖାଇବା ନାହିଁରେ ନାହିଁ,
କାହା ଥାଳ ଏବେ କେଉଁଟି ସଜ;
କଏ ପଚାରୁଛି କେ ଗଲା କାହିଁ ।।
ନୋଡୁ୍ୟଲ୍ ଚାଓମିନ୍ ସୁଆଦ ଭରି,
ପିଲେ ଖୋଜନ୍ତିନି ମଣ୍ଡା ଆରିଷା ।
ପିଠା ପଣା କରି ବସୁନି ଖୁଡୀ,
ନାହିଁ ଖାଇବାର ଅଝଟ ନିଶା ।।

ଆଉ ନାହିଁ ସେଇ ପୁରୁଣା କଥା,
ବୁଢୀମା' ବୁଢାପା' କାହାଣୀ ନାହିଁ;
ଫୋନ୍ ଧରିକି ନେଟ୍ ଖୋଲି,
ପିଲାଏଁ ପାଗଳ ମଉଜ ପାଇଁ ।।
ଯେଉଁଠାରେ ଥିଲା ଫୁଲ ବଗିଚା,
ସେଠି ଚରୁଅଛି ଗାଇ ବାଛୁରୀ;
ଫୁଟେନା ତ ଜାତି ଜାତିକା ଫୁଲ,
କାଟି ଦେଲା କଏ ଧରି କତୁରୀ ।।

ଘର ପାଖ ସେହି ବଡ ଗଡିଆ,
କାଚ କେନ୍ଦୁ ପାଣି ଥିଲା ବଢିଆ;
ନଇତି ଯେଉଁଠି ଗାଧୁଆ ଘାଟ,
ସେଇଠି ହେଲାଣି ବଣ ଅଡୁଆ ।।
ଡୁବ ମାରି କଏ ଠିଆ ପହଁରା,
ସ୍କୁଲ ଯିବା ଆଗେ କେତେ ଚହଳ;
ବାଥରୁମରେ ତ ସାୱାର ବାଥ;
କଏ ବା ଖୋଜୁଛି ଗଡିଆ ଜଳ ?

ସେଦିନର ଘର ବଦଳ ଗଲ୍
କାହିଁ ଟିଣ ଘ୍ରଳ କାହିଁ ଦି' ତାଲ୍;
ଅଗଣା ମଝିରେ ପାଚେରୀ ଉଠି,
କାହିଁକି ଏସବୁ ହେଲ୍ ଝାମେଲ୍ ।।
ସବୁ ବାଣ୍ଟି କୁଣ୍ଟି ଯେ ଯାହା ନେଲେ,
ପିଣ୍ଡାରେ କାନ୍ଦୁଛି ବେଞ୍ଚଟିଏ ।
କେହି ନେଉନାହିଁ କାଟି ତା' ଭ୍ରଗ,
ସଭିଙ୍କର ନାଆଁ ତାରି ଦେହେ ।।

ଏକ ହାଣ୍ଡି ଛାଡି ଅନେକ ହାଣ୍ଡି,
ଏକ ଘର ଏବେ ଅନେକ ଘର;
ଗଲ୍ କଥା ଏବେ ପଡ଼ଇ ମନେ ,
ପାଟିଗୋଳ ହେଉ ଯେତେ ଯାହାର ।।
ଏକାଠି ସଭିଙ୍କୁ ନେଇ ସେ ଦିନ,
ଆମଘର ଥିଲ୍ ବୈକୁଣ୍ଠ ପୁର !!!
ଆମଘର ଆଉ ଅଛି କେଉଁଠି !!
କେମିତି ଭ୍ରଙ୍ଗିଲ୍ ଭୁଲ କାହାର ???

ମଧୁବନ, ବାଲିଆପାଳ, ବାଲେଶ୍ୱର

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

**(ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ରଚନା । ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ (ସତ୍ୟର ସନ୍ଧାନ) ମାଧ୍ୟମରେ ।)**

**ପ୍ରଶ୍ନ - ୧୩ : ସାଧୁ, ସନ୍ନ୍ୟାସୀ ବା ବାବାଜୀମାନଙ୍କ ସମ୍ବନ୍ଧରେ ଆପଣଙ୍କ ମନ୍ତବ୍ୟ କ'ଣ?**

## -ଉତ୍ତର-

- ମାନେ ଯଦି ପ୍ରକୃତ ସାଧୁ, ସନ୍ନ୍ୟାସୀ, ବାବାଜୀ ହୋଇ ତ୍ୟାଗୀ ହୋଇଥାଆନ୍ତି, ତେବେ ନିଶ୍ଚିତ ଭାବେ ସେମାନେ ସମସ୍ତଙ୍କର ନମସ୍ୟ ।

**[ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]**

- ଯେଉଁମାନେ ସତ୍ୟନିଷ୍ଠ ଓ ସତ୍ୟ ସମର୍ପିତ ସେମାନେ ପ୍ରକୃତ ସନ୍ନ୍ୟାସୀ, ଲୋକହିତ ପାଇଁ ସେମାନେ ତ୍ୟାଗୀ ଓ ଏକନିଷ୍ଠ ହୋଇ ଚଳନ୍ତି । ସେମାନେ ସମ୍ପୂର୍ଣ୍ଣ ସକ୍ତିରହିତ, ଜଳରେ ପଦ୍ମ ପତ୍ର ସଦୃଶ ସଂସାର ମଧ୍ୟରେ ଲୋକ କଲ୍ୟାଣ କରିଚାଲିଥାନ୍ତି । ମହିମା ଧର୍ମର ଅବଧୂତାଶ୍ରମ ପରମ୍ପରାର ସନ୍ନ୍ୟାସୀମାନଙ୍କ ପାଇଁ ଗୁରୁ ମହିମା ସ୍ୱାମୀଙ୍କ ଆଜ୍ଞା ହେଉଛି ଯେ ଗ୍ରାମକେ ରାତିଏ ଓ ଘରକେ ମୁଠିଏ ଏହି ନିଷ୍ଠାରେ ଚର ପରିବ୍ରାଜକ ହୋଇ ଭ୍ରମଣ କରନ୍ତି । ଏକ ପ୍ରଭୁ ପରଂବ୍ରହ୍ମ ହେଉଛନ୍ତି

ସେମାନଙ୍କ ଉପାସ୍ୟ, ସ୍ମରଣୀୟ, ଶରଣୀୟ ଓ ଚନ୍ଦନୀୟ । ଏପରି ସନ୍ନ୍ୟାସୀମାନଙ୍କୁ ଆତିଥ୍ୟ ଦେବା ଗୃହସ୍ଥର କର୍ତ୍ତବ୍ୟ ।

[ପ୍ରଫେସର ଶତ୍ରୁଘ୍ନ ନାଥ]

- ଅନେକ ଭଲ ସାଧୁ ସନ୍ନ୍ୟାସୀ ଅଛନ୍ତି । କେତେକ କପଟାଗ୍ରୁରୀ ମଧ୍ୟ ଦେଖାଯାଆନ୍ତି।

[ଡ. ସଚ୍ଚି ରାଉତରାୟ]

- ସବୁ ସାଧୁ ସନ୍ନ୍ୟାସୀ ବା ବାବାଜୀ ପ୍ରକୃତ ପଦବାଚ୍ୟ ନୁହନ୍ତି । ପୂର୍ବରୁ କହିବା ଅନୁସାରେ ଶ୍ରୀ ସତ୍ୟସାଇ ବାବା ଜଣେ ଅବତାର ବୋଲି ମୋର ବିଶ୍ୱାସ ଓ ଧାରଣା। ବହୁ ସାଧୁ ସନ୍ନ୍ୟାସୀ ବା ବାବାଜୀ ଭଣ୍ଡ । ସେମାନଙ୍କ ଉପରେ ଆସ୍ଥା ରଖି ପ୍ରତାରିତ ହେବାର ଦୃଷ୍ଟାନ୍ତ ଅଜସ୍ର ରହିଛି ।

[ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ରାମକୃଷ୍ଣ ପରମହଂସଙ୍କର ଜୀବନୀ ପ୍ରାୟ ନବେବର୍ଷ ପୂର୍ବେ ଲଣ୍ଡନରୁ ପ୍ରକାଶ ପାଇଥିଲା । ତାହାର ମୂଳ ଅଂଶ ପଢ଼ନ୍ତୁ । ଏହା ଏକ ଅଭ୍ରାନ୍ତ ସତ୍ୟ । କିନ୍ତୁ ବହୁ ସ୍ଥଳରେ ଲୋକଙ୍କର ଅସତ୍ୟ ଆଚରଣ ଆମ୍ଭମାନଙ୍କ ମନରେ ସନ୍ଦେହ ଜାତ କରାଉଛି । ଏଭଳି ଏକ ଘଟଣାରେ ୬୬ ବର୍ଷ ପୂରିବା ପରେ ମୁଁ ହଠାତ୍ ସଂସ୍କୃତରେ କବି ହୋଇଗଲି ।

[ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ରାମକୃଷ୍ଣ ପରମହଂସ ପ୍ରଭୃତି ସେହି ଭାବର ସାଧୁ - ଯୀଶୁ ବା ମହମ୍ମଦ ଏହିଭଳି ସାଧୁଙ୍କୁ ଛାଡ଼ିଦେଲେ ମୋର ଅନ୍ୟ ସାଧୁ, ସନ୍ନ୍ୟାସୀ ଓ ବାବାଜୀମାନଙ୍କ ଉପରେ ବିଶ୍ୱାସ ନାହିଁ ।

[ଜଷ୍ଟିସ୍ ନବକୁମାର ଦାସ]

- ଅନେକ ଭଲ ଲୋକ ଏମାନଙ୍କ ଭିତରେ ଅଛନ୍ତି, କିନ୍ତୁ ଅଧିକାଂଶ ଲୋକଙ୍କୁ ଠକିବାରେ ସାଧୁସନ୍ଥ ହୋଇଥାଆନ୍ତି ।

[ପ୍ରଫେସର ରାଧାନାଥ ରଥ]

- ପ୍ରକୃତ ସାଧୁ ସନ୍ନ୍ୟାସୀଙ୍କ ପ୍ରତି ମୋର ଅଚଳା ଭକ୍ତି ରହିଛି, କାରଣ ସେମାନେ ଆମମାନଙ୍କଠାରୁ ଉଚ୍ଚତର ଜୀବନ ଧାରଣ କରନ୍ତି । କିନ୍ତୁ ଏବର ଠକେଇ ଯୁଗରେ କାହାକୁ କହିବା ସାଧୁ ସନ୍ନ୍ୟାସୀ ବୋଲି? ଗେରୁଆ ପିନ୍ଧା ଏମାନଙ୍କୁ ଚହ୍ନିବା କଷ୍ଟ ।ତେଣୁ ମୁଁ ସେମାନଙ୍କଠାରୁ ଦୂରେଇ ରହେ ।

**[ନାଟ୍ୟକାର ମନୋରଞ୍ଜନ ଦାସ]**

- ସାଧୁ-ସାଧନାତ୍ ସାଧୁ, ଯେ କି ସାଧନାରେ ରତ ହେବାପାଇଁ ଭଗବତ୍ନିଷ୍ଠ ହୁଏ । ସନ୍ନ୍ୟାସୀ - ଯେ କି ସମଗ୍ର ଇନ୍ଦ୍ରିୟଭୋଗ୍ୟ ପଦାର୍ଥକୁ ତ୍ୟାଗ କରେ । ସେପରି ସାଧୁ ସନ୍ନ୍ୟାସୀ ବିରଳ । ଏତାଦୃଶ ନାମ ପାଇ ଅଯୋଗ୍ୟ ବାବାଜୀ ପର୍ଯ୍ୟାୟ ବିକ୍ଷିପ୍ତ, ତାଙ୍କ ଉପରେ ବିଶ୍ୱାସ ହିଁ କାରଣ ।

**[ପଣ୍ଡିତ ଶ୍ରୀ ଯଜ୍ଞ ସୋମନାଥ ଦାଶ ଶର୍ମା]**

- ଯିଏ ଭେକଟାଏ ଧରେ, ସିଏ ଆରମ୍ଭରୁ ହିଁ ଅସାଧୁ ହୁଏ । ସନ୍ନ୍ୟାସ ଆପଣା ଜୀବନର ନ୍ୟାସ କରିଥିବା ବ୍ୟକ୍ତି ସଂସାର ଛାଡ଼ି ବାବାଜୀ ହେବ କାହିଁକି? ସଂସାରରେ କ'ଣ ସତ୍ ନାହିଁ?

**[ଅଧ୍ୟାପକ ଚିତ୍ତରଞ୍ଜନ ଦାସ]**

- ସେମାନଙ୍କୁ ଶ୍ରେଣୀଭୁକ୍ତ କରି କୌଣସି ଗୋଟିଏ ମନ୍ତବ୍ୟ ପ୍ରକାଶ କରିବା ଅନୁଚିତ। ତେବେ ମୁଁ ଜାଣେ ଯେ ସେମାନଙ୍କ ମଧ୍ୟରୁ କେତେକ ନାନାଦି ଯୋଗ ସାଧନା ବଳରେ ଅସାଧାରଣ ମାନସିକ ଶକ୍ତି ଓ ପ୍ରଶାନ୍ତିର ଅଧିକାରୀ ହୋଇପାରିଛନ୍ତି । ସେମାନଙ୍କୁ ମୁଁ ଶ୍ରଦ୍ଧା ଓ ଭକ୍ତି କରେ ।

**[କିଶୋରୀ ଚରଣ ଦାସ]**

- ପ୍ରକୃତ ସାଧୁ ଓ ସନ୍ନ୍ୟାସୀମାନଙ୍କ ସାନ୍ନିଧ୍ୟ ଲାଭ କରିବା ସୌଭାଗ୍ୟର ବିଷୟ । ସେମାନଙ୍କ ଉପଦେଶ ଓ ବାସନାହୀନ ଜୀବନଯାତ୍ରା ଆଧ୍ୟାତ୍ମିକ ଚେତନା ପାଇଁ ଉପଯୋଗୀ ହୋଇଥାଏ ।

**[ଡ. ମନ୍ମଥ ନାଥ ଦାସ]**

- ସାଧକ, ସାଧୁ, ସନ୍ନ୍ୟାସୀ ଓ ବାବାଜୀ ନମସ୍ୟ ।

**[ଜଷ୍ଟିସ୍ ରଙ୍ଗନାଥ ମିଶ୍ର]**

- କେବଳ ପୋଷାକ ଧାରଣ କଲେ ଲୋକେ ସାଧୁ-ସନ୍ଥ ହୁଅନ୍ତି ନାହିଁ । ଆଚରଣ ହିଁ ପ୍ରଧାନ ।

[ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ମାଳା, ତିଳକ, ରୁଦ୍ରାକ୍ଷ ଧାରଣ, ଜଟା ଓ ଗେରୁଆ ବସ୍ତ୍ର ଆବରଣ ମଧ୍ୟରେ ପ୍ରକୃତ ସାଧୁସନ୍ଥ ଦୁର୍ଲଭ । ଭାଗ୍ୟ କ୍ରମେ ପ୍ରକୃତ ସାଧୁସନ୍ଥଙ୍କର ସଖ୍ୟ ଲାଭ ହୋଇପାରିଲେ ଜୀବନ ଧନ୍ୟ ହୋଇଯାଏ ।

[ପ୍ରଫେସର ପଠାଣି ପଟ୍ଟନାୟକ]

- ଠକ, ଭଣ୍ଡ, ଅକର୍ମା ମୂର୍ଖମାନଙ୍କୁ ଛାଡ଼ିଦେଲେ ବାକି ସମସ୍ତେ ଭଲ ।

[ଡ. ଲଡୁକେଶ୍ୱର ଶତପଥୀ]

- କ୍ୱଚତ୍ ପ୍ରକୃତ ସାଧୁ ଅଛନ୍ତି । କିନ୍ତୁ ଅନେକ ଭଣ୍ଡ ଓ ଭଣ୍ଡ ।

[ହରିହର ବାହିନୀପତି]

- ଏମାନେ ଅସାଧାରଣ ଆତ୍ମା । ଉଚ୍ଚାଧିକାରୀ ପୁରୁଷ । ସଂସାରର ମାୟା ତ୍ୟାଗ କରିବାର ଶକ୍ତି ଏମାନଙ୍କର ଅଛି । ଏମାନେ ସମସ୍ତଙ୍କର ବାପା, ଖ୍ରୀଷ୍ଟଧର୍ମରେ ଫାଦର । ସନ୍ନ୍ୟାସୀ ନାରାୟଣ ସ୍ୱରୂପ । ଏଣୁ ଆମେ ସେମାନଙ୍କୁ ଭକ୍ତି କରିବା ଉଚିତ ।

[ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ମୋର ଯେତେ ବନ୍ଧୁ ଅଛନ୍ତି, ସେଥିରୁ ଅଧିକାଂଶ ହେଉଛନ୍ତି ସାଧୁ, ସନ୍ନ୍ୟାସୀ ଓ ବାବାଜୀ । ଏମାନଙ୍କୁ ସ୍ୱୀକାର ନ କରୁଥିବା ଲୋକମାନେ ମୋର ବନ୍ଧୁ । ବନ୍ଧୁତା ପାଇଁ ମୁଁ ସାଧୁ, ସନ୍ନ୍ୟାସୀ ଓ ବାବାଜୀମାନଙ୍କ ସଙ୍ଗେ ମିଶେ । ଯାହା ସଙ୍ଗରେ ମୋର ବନ୍ଧୁତା ନ ହୁଏ ମୁଁ ତାଙ୍କଠାରୁ ଟିକଏ ଦୂରେଇ ଯାଏ । ମୋ ଭିତରେ ସାଧୁ ସନ୍ନ୍ୟାସୀ ହେବାପାଇଁ ଏକ ବଳିଷ୍ଠ ଆକର୍ଷଣ ଅଛି ।

[ପ୍ରଫେସର ହୃଦାନନ୍ଦ ରାୟ]

- ସାଧୁ, ସନ୍ନ୍ୟାସୀ, ବାବାଜୀ - ଆମ ହିନ୍ଦୁଧର୍ମର ମହାନ୍ ସୃଷ୍ଟି । ପ୍ରକୃତ ସାଧୁ ସନ୍ନ୍ୟାସୀମାନେ ନିଜେ ଦୁଃଖରେ ରହିଥିଲେ ମଧ୍ୟ ଯଦି ଜଣେ ବିଶ୍ୱାସରେ ତାଙ୍କ ପାଖକୁ ଯାଏ, ତେବେ ତା'ର ଦୁଃଖ ଲାଘବ ହୁଏ ବୋଲି ମୋର ବିଶ୍ୱାସ ।

ସେମାନେ ଅବିବାହିତ ହୋଇଥିବାରୁ ଜନସଂଖ୍ୟା ହ୍ରାସ ଦିଗରେ ଅନେକଟା ସହାୟକ ହୋଇପାରିଛି ।

[ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ସେମାନେ ମହାନ୍ ହୋଇପାରନ୍ତି, କିନ୍ତୁ ସମାଜ କଲ୍ୟାଣ ସହିତ ତାଙ୍କର ସମ୍ପର୍କ କ'ଣ? ରାଜନୀତିକ ନେତାମାନଙ୍କ ପରି ସେମାନେ ମଧ୍ୟ ନିଜର ବିକାଶ, ମୁକ୍ତି, ସମୃଦ୍ଧି ଉପରେ ବିଶ୍ୱାସ କରନ୍ତି । ଗଣର ମୁକ୍ତି ସମୃଦ୍ଧି କିନ୍ତୁ ଆମର କାମ୍ୟ ।

[ଗିରିଜା ଭୂଷଣ ପଟ୍ଟନାୟକ]

- ମନୁଷ୍ୟର ସ୍ୱାଭାବିକ ଚାରି ଆଶ୍ରମ ମଧ୍ୟରେ ସନ୍ନ୍ୟାସ ଅନ୍ତିମ ଅଟେ । ଯେ ପୁତ୍ରୈଷଣା, ବିତ୍ତୈଷଣା ଓ ଲୋକୈଷଣା ପରିତ୍ୟାଗ କରନ୍ତି, ସେ ହିଁ ସନ୍ନ୍ୟାସୀ ହୁଅନ୍ତି । (ଏଷଣା-ବନ୍ଧନ) । ସନ୍ନ୍ୟାସୀ ସୃଷ୍ଟିର ସକଳ ଜୀବଙ୍କୁ ଆତ୍ମବତ୍ ମଣନ୍ତି । ବସ୍ତ୍ର ବଦଳାଇବା ନୁହେଁ, ମନ ବଦଳାଇବା ସନ୍ନ୍ୟାସ ।

[ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ହଜାରେ ଭଣ୍ଡ, ସାଧୁ ସନ୍ନ୍ୟାସୀ ବା ବାବାଜୀଙ୍କ ଉପରେ ଆମେ ସନ୍ଦେହଶୀଳ ଦୃଷ୍ଟି ନିକ୍ଷେପ କଲେ ମଧ୍ୟ ଯଥାର୍ଥ ସନ୍ଥ ଏବେ ବି ଅଛନ୍ତି । ସବୁ ଧର୍ମରେ ଯଥାର୍ଥ ସନ୍ଥ ଥିଲେ ଓ ଅଛନ୍ତି ।

[ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ମୁଁ ବ୍ୟକ୍ତିଗତ ଭାବରେ କୌଣସି ସାଧୁ ସନ୍ନ୍ୟାସୀଙ୍କ ଶରଣାଗତ ହୋଇନାହିଁ । କିନ୍ତୁ ବାୟାବାବାଙ୍କ ପରି ସାଧୁଙ୍କ ପ୍ରତି ମୋ ଭିତରେ ଭକ୍ତି ଓ ଶ୍ରଦ୍ଧା ରହିଛି । ଅଧିକାଂଶ ଶଠ - କ୍ୱଚତ୍ ମଣିଷ ସମାଜର ଉପକାର ସାଧନରେ ବ୍ରତୀ ।

[ଡ. ରେଖା ମହାନ୍ତି]

- ମୋର କୌଣସି ଅଭିଜ୍ଞତା ନାହିଁ ।

[ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ସଂସାରର ସବୁ କ୍ଷେତ୍ରରେ ଯେଉଁ ନିୟମ ଅଥବା ସତ୍ୟ ପରିଲକ୍ଷିତ ହୁଏ, ସାଧୁ ସନ୍ନ୍ୟାସୀ ଓ ବାବାଜୀମାନଙ୍କ କ୍ଷେତ୍ରରେ ମଧ୍ୟ ସେହି ସତ୍ୟଟି ପ୍ରଯୁଜ୍ୟ । ଅର୍ଥାତ୍, ଖାଣ୍ଟି, ନିର୍ଭେଜାଲ୍ ଅଥବା ବିଶୁଦ୍ଧ ବସ୍ତୁ ସଂସାରରେ ବିରଳ । ବାକି ସବୁ ନକଲି ।

[ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ଡାକ୍ତର, ଇଞ୍ଜିନୟର, ଶିକ୍ଷକ, ନେତା ଇତ୍ୟାଦି ସମସ୍ତେ ସଚ୍ଚୋଟ, ଉତ୍ତମ ବା ଠକ ହୋଇପାରନ୍ତି । ସେହିପରି ତଥାକଥିତ 'ସାଧୁ', 'ସନ୍ନ୍ୟାସୀ' ପ୍ରକୃତ ସଚ୍ଚୋଟ ସାଧୁ ବା ଠକ ହୋଇପାରନ୍ତି । ଏହା ଏକ ବ୍ୟକ୍ତି ବିଶେଷ ଅବସ୍ଥା ।

[ଡାକ୍ତର କବି ପ୍ରସାଦ ମିଶ୍ର]

- ଶତକଡ଼ା ନବେରୁ ଅଧିକ ହେଉଛନ୍ତି ଭଣ୍ଡ ।

[ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ସମାଜରେ ବହୁ ସାଧୁ, ସନ୍ନ୍ୟାସୀ ଓ ବାବାଜୀ ଅଛନ୍ତି । ଏମାନଙ୍କ ଭିତରେ ପାର୍ଥକ୍ୟ ଅନେକ । ଅଚ୍ୟୁତାନନ୍ଦ (ଓଡ଼ିଶାର ପଞ୍ଚସଖାଙ୍କ ଭିତରୁ ଜଣେ) ମତରେ କୋଟିଏ ମନୁଷ୍ୟରେ ଜଣେ ସାଧୁଙ୍କର ଆବିର୍ଭାବ ହୁଏ ଏବଂ କୋଟିଏ ସାଧୁଙ୍କ ଭିତରେ ଜଣେ ସନ୍ନ୍ୟାସୀ ଉଦ୍ଭବ ହୁଅନ୍ତି । ସାଧୁ କହିଲେ ଜଣେ ସଚ୍ଚରିତ୍ର, ନୀତି ପରାୟଣ ଓ ଉତ୍ତମ ଲୋକଙ୍କୁ ବୁଝାଏ । ସନ୍ନ୍ୟାସୀର ଅର୍ଥ କାମନା-ତ୍ୟାଗୀ ଈଶ୍ୱରପରାୟଣ ନିରଭିମାନ ବ୍ୟକ୍ତି । କନ୍ତୁ ଚତାତିଳକାଦି ଶୋଭିତ ଭିକ୍ଷାଶୀ ଏବଂ ଗୁହାରେ ବା ନିଃସଙ୍ଗ ସଦୃଶ ଜୀବନଯାପନ ପୂର୍ବକ ଈଶ୍ୱରାଭିଳାଷୀ ବ୍ୟକ୍ତିଙ୍କୁ ବାବାଜୀ କୁହାଯାଏ । ସମାଜରେ ବହୁ ଭଣ୍ଡ ବାବାଜୀ ଅଛନ୍ତି, ମାତ୍ର ସାଧୁ ଓ ସନ୍ନ୍ୟାସୀଙ୍କ ସଂଖ୍ୟା ସେ ତୁଳନାରେ କମ୍ ।

[ଡ. ରତ୍ନାକର ସାହୁ]

- ଭଣ୍ଡ ।

[ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ପ୍ରକୃତ ସାଧୁଙ୍କ ସହିତ ଚଳାଚଳ କଲେ ଆନନ୍ଦ ମିଳଥାଏ ।

[ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ମନ୍ତବ୍ୟ ଉତ୍ତମ, ତେବେ ବର୍ତ୍ତମାନ ଯୁଗରେ କେତେକ ନାମଧାରୀ ସାଧୁ ଏହି ମହାଜନ ପଥକୁ କଳୁଷିତ କରିବା ଫଳରେ ଲୋକମାନଙ୍କର ଅଭକ୍ତି, ଅସମ୍ମାନ

ଏବଂ ଘୃଣାର ପାତ୍ର ହେଉଛନ୍ତି । ମାତ୍ର ପ୍ରକୃତ ଯେ ସାଧୁ ସେ ତ ଏସବୁର ବହୁ ଊର୍ଦ୍ଧ୍ୱରେ । ଈଶ୍ୱରଙ୍କର ଅତ୍ୟନ୍ତ ନିକଟବର୍ତ୍ତୀ । ଏଣୁ ସେମାନେ ନମସ୍ୟ ।

[ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ଖୁବ୍ ଭଲ । ଯିଏ ସାଧୁ ସିଏ ସଦାସର୍ବଦା ସାଧୁ । ସାଧୁଙ୍କ ନାମରେ ଯେଉଁ ଅସାଧୁମାନେ ଭଣ୍ଡାମୀ କରୁଛନ୍ତି, ତା'ର ପରିଣତି ବିଷମୟ ପରିସ୍ଥିତି ସୃଷ୍ଟି କରି ସମସ୍ତ ସାଧୁ ସମାଜକୁ ବଦନାମ କରୁଛି । ଏବେ ଭଲ ସନ୍ନ୍ୟାସୀ ଓ ଭଲ ବାବା ମଧ୍ୟ ଅଛନ୍ତି । ନଚେତ୍ ଏ ସମାଜ ନଥାନ୍ତା ।

[ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ସେମାନଙ୍କର ପ୍ରକୃତ ସ୍ୱରୂପ ଉପରେ ହିଁ ସେମାନଙ୍କର କାର୍ଯ୍ୟକାରୀତା ନିର୍ଭର କରେ । ମତ ଦେବାର ଆବଶ୍ୟକତା ଏଥିରୁ ହିଁ ବୁଝିପାରିବ ।

[ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ଯେଉଁ ବ୍ୟକ୍ତି ଈଶ୍ୱରଙ୍କଠାରେ ବିଶ୍ୱାସ ସ୍ଥାପନ କରି ତାଙ୍କଠାରେ ଉଦ୍ବୁଦ୍ଧ ହୋଇ ଜନସମାଜର ହିତ ଓ ସେବା ନିମନ୍ତେ ନିଜକୁ ଉତ୍ସର୍ଗ କରିଛନ୍ତି, ଏଥିନିମନ୍ତେ ସମସ୍ତ ତ୍ୟାଗ କରିଛନ୍ତି, ସେହିମାନେ ହିଁ ପ୍ରକୃତ ସାଧୁ, ସନ୍ନ୍ୟାସୀ । କୌଣସି ନିର୍ଦ୍ଦିଷ୍ଟ ବସ୍ତ୍ର ପରିଧାନ କରିବା ଦ୍ୱାରା ଜଣେ ସାଧୁ ସନ୍ନ୍ୟାସୀ ହୋଇ ନ ଥାଏ । ଦୁଃଖର ବିଷୟ କେତେକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ସବୁ ଧର୍ମ ଓ ସମ୍ପ୍ରଦାୟରେ ନିଜକୁ ସାଧୁ ବୋଲି ସମାଜର ସରଳ ନିରୀହ ଲୋକମାନଙ୍କୁ ଭଣ୍ଡାଇଥାଆନ୍ତି । ସେମାନଙ୍କ ପ୍ରତି ସଜାଗ ରହିବା ଉଚିତ ।

[ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ]

- ସବୁ ସମାଜରେ ସାଧୁ ସନ୍ନ୍ୟାସୀ, ବାବାଜୀ ରହନ୍ତି । ସାଧୁ ସନ୍ନ୍ୟାସୀ ଓ ବାବାଜୀ ଯଦି ପ୍ରକୃତ ଶୁଦ୍ଧପୂତ ଜୀବନଯାପନ କରନ୍ତି, ସେମାନେ ହୁଅନ୍ତି ସମାଜର ଆଦର୍ଶ। ସେମାନଙ୍କର ଉତ୍ସର୍ଗୀକୃତ ଜୀବନ ସମାଜକୁ ଦିଗ୍ଦର୍ଶନ ଦେଇଥାଏ । ସୁତରାଂ ଏମାନେ ସମାଜରେ ରହିବା ଦରକାର ।

[ଡ. ଲୁଇ ସତ୍ୟସୁନ୍ଦର, କାଥଲିକ୍]

- ଏକ ହଜାର 'ସାଧୁ'ଙ୍କ ମଧ୍ୟରେ କେବଳ ଗୋଟିଏ ସଦ୍ ପଥଗାମୀ, ଅନ୍ୟ ସମସ୍ତେ ଠକ ।

**[ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]**

ଆଜିର ସାଧୁ, ସନ୍ନ୍ୟାସୀ ଓ ବାବାଜୀମାନଙ୍କ ମଧ୍ୟରେ ଭଣ୍ଡାମୀ ବୃଦ୍ଧି ପାଇଥିବାରୁ ଏଇ ପ୍ରଶ୍ନର ଗୁରୁତ୍ୱ ଉପଲବ୍ଧ ହୋଇଛି ଓ ମୋ ମନରେ ଏ ପ୍ରଶ୍ନ ଘୂରିଛି । ପ୍ରକୃତ ସାଧୁଙ୍କ ଦ୍ୱାରା ସଂସାରରେ ଲୋକମାନଙ୍କର ଦୁଃଖ ଲାଘବ ହୁଏ ଓ ସେମାନେ ଅବିବାହିତ ହୋଇଥିବାରୁ ଜନସଂଖ୍ୟା ହ୍ରାସ ଦିଗରେ ସହାୟକ ହୋଇପାରିଛନ୍ତି ବୋଲି ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ତଥା ସଂସ୍କୃତି ପ୍ରିୟ ବ୍ୟକ୍ତି ଶ୍ରୀ ଶ୍ୟାମସୁନ୍ଦର ପାଢ଼ୀ ମତ ଦେଇଛନ୍ତି । ସେମାନେ ମହାନ୍ ହୋଇପାରନ୍ତି, କିନ୍ତୁ ସମାଜର କଲ୍ୟାଣ ସହିତ ତାଙ୍କର ସମ୍ପର୍କ କ'ଣ?

ରାଜନୀତିକ ନେତାମାନଙ୍କ ପରି ସେମାନେ ମଧ୍ୟ ନିଜର ବିକାଶ, ମୁକ୍ତି, ସମୃଦ୍ଧି ଉପରେ ବିଶ୍ୱାସ ରଖିଥିବାବେଳେ ଗଣର ମୁକ୍ତି ଆମର କାମ୍ୟ ହେବା ଉଚିତ ବୋଲି ସମାଲୋଚକ ଗିରିଜା ଭୂଷଣ ପଟ୍ଟନାୟକ ମତ ଉପସ୍ଥାପନ କରିଛନ୍ତି । ଆଜି ସମାଜରେ ବହୁ ବ୍ୟକ୍ତି କୌଣସି ନା କୌଣସି ସାଧୁଙ୍କ ଅନୁଗାମୀ । କିଏ କାହା ପ୍ରତି କିପରି କେଉଁ କାରଣରୁ ଆକୃଷ୍ଟ ହୋଇପଡ଼ିଛନ୍ତି ତାହା ଆମେ ଜାଣୁନାହିଁ ।

ମାତ୍ର ସେମାନଙ୍କ ଭିତରୁ କେତେକ ନିଶ୍ଚିତ ଭାବରେ ସଦଗୁରୁ ପାଇଛନ୍ତି । ଅନେକେ ମଧ୍ୟ ଲୋକଦେଖାଣିଆ ଭକ୍ତ ପାଲଟିଥାଆନ୍ତି । ଆଉ କିଛି ବ୍ୟକ୍ତି ବାହାରକୁ ମୁଖା ପିନ୍ଧି ଅଭିନୟ କରନ୍ତି, ଭିତରେ ଯେପରି ସେପରି । ବ୍ୟକ୍ତିତ୍ୱ ଅପରିବର୍ତ୍ତନୀୟ । ତେଣୁ ଯିଏ ଯାହା ଅଙ୍ଗେ ନିଭାଇଛନ୍ତି ତା'ରି ଅନୁଭୂତିରୁ ସେମାନେ ସେଇଆ ବିଶ୍ୱାସ କରିବା ହିଁ ତାଙ୍କର ଆଦର୍ଶ ହେଉ। ଆମ ଶାସ୍ତ୍ର ବିନା କୁଶିକ୍ଷାର ଫଳ । ଗୁରୁ ମାଧ୍ୟମରେ ଭଗବାନଙ୍କ ନିକଟତର ଭାବନା ଆମର ବଳବତ୍ତର ଥିବାରୁ ସାରଥି ବାବା, ପୋଥିବାବା ପରି ଅନେକ ଆଜି ବେଶ୍ ପ୍ରତିଷ୍ଠିତ ହୋଇ ଜେଲଖାନାରେ ଜୀବନ କାଟୁଛନ୍ତି । ଏହା ମଧ୍ୟ ଅନ୍ଧବିଶ୍ୱାସର କୁପରିଣାମ। ଏଥିରୁ ଦୂରେଇଲେ ସମାଜ ତଥା ନିଜର ମଙ୍ଗଳ । ଏକଥା ଗ୍ରହଣଯୋଗ୍ୟ ହେବା ଆଜିର ବେଶୀ ଆବଶ୍ୟକତା । ତେଣୁ ଶାସ୍ତ୍ର ଚର୍ଚ୍ଚା ଅପରିହାର୍ଯ୍ୟ।

**(ଲେଖକ)**
ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

# ଭୋଜନ



ଶିବ ଚରଣ ମିଶ୍ର

ଭୋଜନ ଯଦିବା ପ୍ରାଣ କରେ ଦାନ
ତଥାପି ବି ସାବଧାନ
ସମୟ ସହିତ ପରିମାଣ ଆଦି
ଗୁଣବତ୍ତା କରି ଧ୍ୟାନ ।୧।
ଫଳ ମୂଳ ଅନ୍ନ ଶୁଦ୍ଧ ଶାକାହାରୀ
ସୁଆଦ ଯୁକ୍ତ ବ୍ୟଞ୍ଜନ
ଅତି ହିତକାରୀ ଶରୀରକୁ ଆମ
ସୁସ୍ଥ ରଖେ ସଦା ମନ ।୨।
ଆଜିର ଯୁଗରେ ଏ ନେଇ ଟିକଏ
ରହିଥିବା ସଚେତନ
କୃତ୍ରିମତା ଯୁକ୍ତ ଭୋଜନଠୁ ସଦା
ରଖି ନିଜ ବ୍ୟବଧାନ ।୩।
ଘରେ ଅବା କେବେ ବାହାର ଜାଗାରେ
କ୍ଷୁଧା କଲେ ମୁହ୍ୟମାନ
ସ୍ଥିର ଚିତ୍ତେ ଧୀର ବିଚାର ସହିତ
ଖାଦ୍ୟେ ଦେବା ନିର୍ବାଚନ ।୪।
ଭୋଜନର ମାନେ ନୁହଁଇ କେବଳ
ଉଦରକୁ କର ପୂର୍ଣ୍ଣ
ଭୋଜନର ମାନେ "ମୃତ ସଞ୍ଜିବନୀ"
ବିକାର ମୁକ୍ତ ଜୀବନ ।୫।



ବିଜିପୁର, ବାଲିତୁଠ

# ମୁଁ ଟିକେ ଲେଖନ୍ତି

ତପସ୍ୱିନୀ ବେହେରା

ଇଚ୍ଛା ହୁଏ ମୁଁ ଟିକେ ଲେଖନ୍ତି,
ଲେଖନ୍ତି ଗୋଟେ କାହାଣୀ
ପୋଡିଯାଉଥିବା ଭେକଲ୍ ମା'ର
ମାତୃତ୍ୱର କଥା
ଶୋଷରେ ଶୁଖିଯାଉଥିବା
ତା ଅନ୍ତରର ଦାରିଦ୍ର୍ୟତା
ପୁଣି ଲେଖନ୍ତି ଲହୁ ଲୁହର
ଶ୍ରାବଣରେ ଭିଜୁଥିବା
ତା ଆଖି ତଳର ଅକୁହା କଥା....
ଲେଖନ୍ତି ଆଉ ଗୋଟେ କାହାଣୀ
ନଈ ପାଣିର ଉଛୁଳା ଶୈଶବକୁ
ବାଡ଼ ବାନ୍ଧୁଥିବା ବହି ବସ୍ତାନ,
ଘରକଣ ଗୃରି କାନ୍ଥର
ପ୍ରାଚୀର ଭଙ୍ଗି ଡେଇଁ ଆସୁଥିବା
ବାଟି ଆଉ ବାଗୁଡିର ସ୍ୱର
ଆଉ କେବେ କ୍ରିକେଟର ବିଗ୍‌ଟ
ତ କେବେ ଧ୍ୱନ,
ପୁଣି ଲେଖନ୍ତି ଟିକ ଓଠର
ମଉଳ ଯାଉଥିବା ହସଟିରେ
ଭରିଯାଉଥିବା ଦୁଇମହଲା ବାଲକୋନ....
ଲେଖନ୍ତି ନୂଆ ଗୋଟେ କାହାଣୀ
ବୃଦ୍ଧାଶ୍ରମ ନରବ କୋଠରୀର ଉଷ୍ଣତାରେ

ମୁଠାଏ ତରଳ ଯାଉଥିବା ଲୁହ,
ପୁଅ ଫେରେଇ ନେବାର
ଅପେକ୍ଷା କରୁଥିବା ହିମ ଖଣ୍ଡରେ
ଜମାଟ ବାନ୍ଧୁଥିବା କୋହ,
ଆଉ ଲେଖନ୍ତି ଅଲେଡା ମା'ର
କଛି ନର୍ଜୀବ ଆଶାମାନଙ୍କୁ
ଫୁଙ୍କି ଫୁଙ୍କି ଜଳେଇବାର ମୋହ....
କନ୍ତୁ ହୁଅନ୍ତାନ ଏମିତି...!!!
ଏ ଲେଖିବାର ଇଚ୍ଛାସବୁ ମାଡି ଯାଆନ୍ତା।
କ୍ୟାନସର ପରି ମୋ ଦେହସାରା,
ଜାବୁଡି ଧରନ୍ତା ହାଡ଼ତଳ ହୃଦୟକୁ
ଆଉ ଗାରେଇ ଦିଅନ୍ତା ଲେଖନୀକୁ
ମୋ ଶିରା ପ୍ରଶିରାର ରକ୍ତସାରା
ଯାହା ମୋ ଚତ୍କାରର ପ୍ରତିଧ୍ୱନରେ
ବୋଳ ହେଇ ଯାଆନ୍ତା।
ପ୍ରତ୍ୟେକଟି ପାଶବିକ
ମଣିଷର ଆତ୍ମାସାରା...

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ପ୍ରେମ



ସ୍ୱାତୀ ବନ୍ଦନା କର

ପ୍ରେମ ଯେ ସଜାଏ କା ଆଖିରେ ସ୍ୱପ୍ନ
ଜୋଛନାର ଜହ୍ନର୍ତି ।
ପ୍ରେମ ଯେ ସଜାଏ କା ତନୁରେ ଭ୍ରମ
ଅଦେଖା ଅଶ୍ରୁର ତାତି ॥
ସାଉଁଟି ଖୋଜୁଥାଏ ସେ
ଶାମୁକା ଭିତରୁ ମୋତି
ହୃଦୟ ମନ୍ଦିରେ ଜାଳୁଥାଏ ବସି
ପ୍ରେମପାଇଁ ନିତି ବତି
ପ୍ରଣୟ ପସର୍ ଭେଟି ସେ ସାଉଁଟି
ଲୋଡି ବସେ ପାଶେ ସାଥୀ ॥
ସପନତ ଭଙ୍ଗେ ସମୟତ ବିତେ
ଭରିଯାଏ ମନେ କୋହ
କେତେଯେ ପଲକେ ସ୍ମୃତି କୁ ସାଉଁଟି
ନୀରବେ ଅନ୍ତର ଦେହ
ବିରହ ବେଦନା ସହି ସହି ସିଏ
ପାଷାଣ କରଇ ଛାତି ॥

ସୁଖ ପରେଦୁଃଖ ପରେ ସୁଖ
ରହିଛି ଜୀବନ ସାର୍
କା ଜୀବନଭରେ ସ୍ନେହ ପ୍ରୀତି
ପ୍ରେମେ
କା ପାଇଁ ଲୁହର ଧାର୍
ଯେତେ ଗୃହିଁଲେ ବି ଭୁଲି ଯେ
ହୁଏନା
ନର୍ଶା ହୁଅଇ ନିତି ॥

ଜଗତସିଂହପୁର

# ଭିକ୍ଷୁକ

ଜୟଲକ୍ଷ୍ମୀ ସେଠୀ

ମୁକୁନ୍ଦ ମୁରରୀ  ଆହେ ଚକ୍ରଧାରୀ
ତୁମ ପାଇଁ ଜନ୍ମ ମୋର,
ଶାନ୍ତିର ବଲ୍ଲଭ  ପ୍ରଶାନ୍ତି ମଳୟ
ସୁଖ ,ଦୁଃଖ ଦାନ ତୋର  ।।
ସର୍ବ ଲୋକନାଥ  ବେଦ ଗନ୍ତାଘର
କର୍ପୁର ତୁଳସୀ ବାସ,
ଅଖିଳ ବେଦର ଗଭୀର ସାଗର
ତୁମେ ହୃଦେ ହୃଷୀକେଶ  ।।
ମୋକ୍ଷ ତବ ନାମେ ଲଭିଲେ ସୁମନ
ପାପୀ ପାଏ ମୁକ୍ତି ଦାନ,
ଅମୃତ ଭକତି ତନୁ ମନ ପ୍ରୀତି
ସମର୍ପି  ଦେଲି ମୋହନ  ।।
ସର୍ବ ଯୋଗ, କ୍ରିୟା ତୁମରି ଅଧିନ
କାମ, କ୍ରୋଧ ବିନାଶିଛ,
ଇନ୍ଦ୍ରିୟ କାମନା ମାୟାର ବ୍ୟାକୁଳ
ହୃଦୟର ଦୁଃଖ ଗଛ  ।।
ଜ୍ଞାନ ତପ ଜପ  ପବିତ୍ର ବିଭୂତି
ସୃଷ୍ଟି, ଲୀନ ତୁମ ଠାରେ,
ମୁକ୍ତି  ଗନ୍ତାଘର  ବ୍ରହ୍ମଚର୍ଯ୍ୟ ପୁଣି
ଦିବ୍ୟଶାନ୍ତି ଚେତନାରେ  ।।

କର୍ମ ଫଳ ତ୍ୟାଗ ମୋକ୍ଷର ଆଧାର
ସନ୍ୟାସୀନ ଭ୍ବ ଭର,
ଭ୍ବବିନୋଦିଆ ମୁକତି ପଥରେ
ଶ୍ରୀଚରଣେ ଆଶ୍ରା  କର  ।।
ଧର୍ମ ଗତି ତୁମ ଶାନ୍ତିର ପିୟୁଷ
କସ୍ତୁରୀ ସ୍ୱସ୍ତିର ସ୍ତୁପ,
ଦଦଗ୍ ହୃଦୟେ  ନଃଶବ୍ଦ ଜଳଇ
ଚନ୍ମୟ ସତ୍ତାର ଦୀପ  ।।
ଅବଜ୍ଞା ଆଚରି ଅନୀତି କୁ ଧରି
ଗହନେ ତୋଳୁଛି ପାପ,
ନରତେ କୀର୍ତ୍ତନ ପ୍ରୀତି ଅନୁରାଗ
ଧ୍ୟାନରେ ମୋହନ ରୂପ  ।।
ଷଡରସ ଝରୁ ଧର୍ମର ତୁଠରେ
ସତନାମ  ତୁଣ୍ଡେ ଧରି,
ଭିକ୍ଷୁକ ସଜାଇ ତୁମରି ପ୍ରେମରେ
ମୋ ଜୀବନ ଦିଅ ସାରି  ।।

ଚୌଦ୍ୱାର, କଟକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଜୀବନ



ପ୍ରଶାନ୍ତ କୁମାର ନାଥ

ଜୀବନଟା ଅଟେ ଯେତିକ ଜଟିଳ
ତାଠାରୁ ସରଳ ବେଶି
ଜଟିଳକୁ ଯେତେ ସରଳ ଭାବିବ
ଆଣିଦେବ ହସଖୁସି
ଜିଲ୍‌ବି ପରିକା ଜୀବନଟା ସିନା
ରହିଥାଏ ହୋଇଛନ୍ଦି
ହେଲେ ସ୍ୱାଦତାର ଭରି ମିଠାଲ୍‌ଗେ
ପାଇଗଲେ ତାର ଫନ୍ଦି ।
ଜୀବନ ଏମିତି ସତେକ ଯେମିତି
ଅଡୁଆ ସୁତାର ଖିଅ
ସେ ସୂତା ଗଣ୍ଠିକୁ ଖୋଲି ନପାରିଲେ
ଆଖିରୁ ଝରିବ ଲୁହ ।
ସେ ସୂତା ଖିଅକୁ ଖୋଜି ନପାଇଲେ
ଗୁଡେଇ ତୁଡ଼େଇ ହେବ
ଖୋଲିବା ଉପାୟ ଜାଣିଗଲେ ଥରେ
ଜୀବନେ ମଜା ମିଳିବ ।
ଜୀବନର ମଜା ପାଇବା ପାଇଁକ
ଜଟିଳ ପଥରେ ଯାଇ
ସରଳ ଢଙ୍ଗରେ ସମାଧାନ କଲେ
ସୁଖରେ ପାଇବା ଜିଇଁ ।

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

# କ୍ଷୁଦ୍ରଗଳ୍ପ- ତର୍କେ ବହୁଦୂର



ବିନୟ ମହାପାତ୍ର

ଗଳ୍ପଟି କହିବା ଆଗରୁ ମୁଁ ପ୍ରଥମେ ଆପଣଙ୍କୁ ଚନ୍ଦ୍ର ମୋହନଙ୍କ ସହିତ ଆପଣଙ୍କର ପରିଚୟଟା କରେଇ ଦିଏ । ଚନ୍ଦ୍ର ମୋହନ ନାମକ ଚରିତ୍ରଟି କୌଣସି ଏକ ସରକାରୀ ଅଫିସରେ କିରାଣୀଟିଏ, ଯିଏ ଆଗରୁ ଏତେ ଦୁର୍ବଳ ନଥିଲା ! ମନରେ ତାର ବହୁତ ସାହସ ଥିଲା, ବଡ ଉତ୍ସାହୀ ଯୁବକଟିଏ, ସବୁ କାମରେ ଆଗୁଆ ଥିଲା ସିଏ । ତା କହିବା ଅନୁଶାରେ ଦୁନିଆରେ କିଛିବି କାର୍ଯ୍ୟ ଅସମ୍ଭବ ନୁହେଁ । ସଫଳତା ପାଇଁ ଖାଲି ଟିକିଏ ଧୈର୍ଯ୍ୟ ଆଉ ଟିକିଏ ପରିଶ୍ରମ ଲୋଡା । କାମ ଆରମ୍ଭ କରିବା ଆଗରୁ ସବୁକଥା ଏମିତି କଠିନ ଲାଗେ, କିନ୍ତୁ ଥରେ ବାହାରକୁ ଗୋଡକାଢି ଦି'କଦମ ଚାଲିବା ଆରମ୍ଭ କରିଦେଲେ, ଦୂରତା ଆଉ ଦୂରତାପରି ଲାଗନା । ପାଦ ଚାଲିଲେ ବାଟ ବି ସରିଯାଏ । ଆଗରୁ ସେ କେବେବି କଥା କଥାରେ ଭାଗ୍ୟ କିମ୍ବା ଭଗବାନଙ୍କ ପ୍ରସଙ୍ଗ ଉଠଉ ନଥିଲା । ନିଜର ସୌଭାଗ୍ୟ ପାଇଁ ନିଜକୁ ଯେପରି ଖୁବ୍ ପାରିବାର ଭାବୁଥିଲା, ନିଜର ଦୁର୍ଭାଗ୍ୟ ପାଇଁ ସେମିତି କେବଳ ନିଜର ଅପାରଗତାକୁ ହିଁ ଦୋଷୀ କରୁଥିଲା । ହେଲେ ହଠାତ୍ ଦିନେ ଚନ୍ଦ୍ର ମୋହନର କାୟାପଲଟ ହୋଇଗଲା । ସେ ଏପରି ଦୁର୍ବଳ ହୋଇଗଲା ଯେ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏଇ ଲୋକଟି କଣ ସେଇ ଚନ୍ଦ୍ର ମୋହନ ? ଆଜି ଯିଏ କଥା କଥାକେ କହୁଛି ଛାଡ, ଭାଗ୍ୟରେ ନଥିଲା ! "ଭାଗ୍ୟଂ ଫଳତି ସର୍ବତ୍ରଃ, ନଃ ଚ ବିଦ୍ୟାଂ ନଃ ଚ ପୌରୁଷଃ", କିମ୍ବା 'ଏହା ଭଗବାନ ଇଚ୍ଛା ନଥିଲା' ଏପରି କହି ଗୁଡାଏ ଦୀର୍ଘ ନିଶ୍ୱାସ ହିଁ ଛାଡିପକଉଥିଲା । ବିଶ୍ୱାସ ହୁଏନା, ଚନ୍ଦ୍ର ମୋହନର ହଠାତ୍ ଏତେ ପରିବର୍ତ୍ତନ କେମିତି ହୋଇଗଲା ? ସତେ ଯେପରି ଜନାର୍ଦ୍ଦନଙ୍କ ପାଦତଳେ ଗାଣ୍ଡିବ ଧନୁ ଥୋଇଦେଇ ହଠାତ୍ ଏ ଅର୍ଜୁନ ଏତେ ନିଶ୍ୱ ଏତେ ଦୂର୍ବଳ କିପରି ହୋଇଗଲା ? ଘଟଣା କଣ ? ପ୍ରେମରେ ଧୋକା ପାଇଗଲା ନା ପରୀକ୍ଷାରେ ଫେଲ ହୋଇଗଲା ?

ବାହାଘର ପୂର୍ବର ଚନ୍ଦ୍ର ମୋହନ ଆଉ ବାହାଘର ପରେ ଆଜିର ଚନ୍ଦ୍ର ମୋହନ ଭିତରେ ଆକାଶ ପାତାଳର ଫରକ୍ । ସତେ ଅବା, ଦଗବିଜୟରେ ବାହାରିଥିବା ଚଣ୍ଡାଶୋକ, ଧଉଳୀର ପାଦଦେଶରେ ପହଞ୍ଚି ହଠାତ୍ ନଶ୍ୱ ନର୍ବିର୍ଯ୍ୟ, ଶୋକାକୁଳ ହୋଇ ଧର୍ମାଶୋକ ପାଲଟି ଯାଇଛି । ହଠାତ୍ ଦିନେ ଚନ୍ଦ୍ର ମୋହନ ମଥାରେ ଚନ୍ଦନ ଟିପାଟିଏ ଦେଖି ମୋ ପରି ଅନେକ ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ । ଘଟଣାଟା କଣ ବୁଝୁବୁଝୁ ଜଣାପଡିଲା, ତାର ଧର୍ମପତ୍ନୀ ଯେଉଁ ଗୁରୁଙ୍କର ଶିଷ୍ୟା, ସେ ମଧ ସେହି ଗୁରୁଙ୍କର ଦୀକ୍ଷା ନେଇ ଯାଇଛି । ବାସ, ତା'ପର ଠାରୁ ଚନ୍ଦ୍ର ମୋହନର ଏ କାୟାକଳ୍ପ । ଏବେ ସେ କଥା କଥାକେ ସେହି ଗୁରୁଙ୍କର ଗୁଣ କୀର୍ତ୍ତନ କରିବା ଏବଂ ମହିମା ବଖାଣ କରିବାକୁ ଲାଗିଗଲା । ଗୁରୁଙ୍କର ବେଶ୍ ଗୁଡିଏ ବାଣୀ କଣ୍ଠସ୍ଥ, ମୁଖସ୍ଥ କରି ବ୍ୟାଖ୍ୟା କରିବାକୁ ଆରମ୍ଭ କରିଦେଲା । ତାର ଏପରି ଗୋଟିଏ ବିଶ୍ୱାସ ଆସିଗଲା ଯେ ଏ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡରେ, ପ୍ରତି ମୁହୂର୍ତ୍ତରେ ଯାହାବି ଘଟୁଚ ବା ଘଟିବ, ସବୁ ସେଇ ତାର ଗୁରୁଙ୍କର ଅପାର କରୁଣାରୁ ହିଁ ଘଟିବ । ନହେଲେ କେଉଁ ମୁହୂର୍ତ୍ତରେ କେଉଁଠିନା କେଉଁଠି, କଛିନା କଛି ବିଭ୍ରାଟ ନଷ୍ଟୟ ଘଟିଯିବ ।

ସେଦିନ ଚନ୍ଦ୍ର ମୋହନ ଆଉ ଶ୍ୟାମ ସୁନ୍ଦର ବାବୁଙ୍କ ମଧରେ ସୁଖ୍ଲାଟାରେ ଏମିତି ଝଗଡା ଆରମ୍ଭ ହୋଇଗଲା । କଥା ଏପରି ଗୁରୁତର ହେଲାଯେ, ଆସେମ୍ବ୍ଲି କ ପାର୍ଲିଆମେଣ୍ଟରେ ଚଉକ ଫିଙ୍ଗା କ ଚପଲ ଫିଙ୍ଗା କଥାଠାରୁ ମଧ ବହୁତ ଆଗକୁ ବଢିଗଲା । ଶେଷରେ ହାତାହାତି ପର୍ଯ୍ୟନ୍ତ କଥା ପହଞ୍ଚିଗଲା । କଥା ସେମିତି କଛି ଗୁରୁତର ନଥିଲା । ଝଗଡାର କାରଣଟା ବୁଝୁବୁଝୁ ଜଣା ପଡିଲା ଯେ, ଦୁଇଜଣଙ୍କ ମଝିରେ ଏଇକଥାକୁ ନେଇ ମିମାଂସା ହୋଇପାରିଲା ନାହିଁ ଯେ ଚନ୍ଦ୍ର ମୋହନର ଗୁରୁ ବଡ ନା ଶ୍ୟାମ ସୁନ୍ଦର ବାବୁଙ୍କ ଗୁରୁ ବଡ**?** ଏଇ କଥାରୁ ହାତା ହାତି ମୁଥ ମରା ମରି ପର୍ଯ୍ୟନ୍ତ ମାମଲା ବଢିଗଲା । ଠିକ୍ ସମୟରେ ବଡବାବୁ ହସ୍ତକ୍ଷେପ କରି ନଥିଲେ ଅଫିସରେ ହୁଏତ ମିନ ମହାଭାରତ ଯୁଦ୍ଧଟିଏ ଘଟି ଯାଇଥାନ୍ତା । ତୃତୀୟ ବିଶ୍ୱଯୁଦ୍ଧ ଟଳଗଲା କହିଲେ ଚଳେ, ନହେଲେ ଯୁଦ୍ଧ ପାଇଁ ଆଉ ମାତ୍ର ମୁହୁର୍ତ୍ତେ ବାକଥିଲା ।

କଥା କଣ ପଚାରିବାରୁ ଜଣା ପଡିଲା ଯେ ଚନ୍ଦ୍ର ମୋହନ ତାର ଗୁରୁଙ୍କୁ ସ୍ୱୟଂ ଈଶ୍ୱର ସାବ୍ୟସ୍ଥ କରି ଶ୍ୟାମ ସୁନ୍ଦର ବାବୁଙ୍କ ଗୁରୁଙ୍କୁ ତାଙ୍କର ଜଣେ ଅବତାର ଅର୍ଥାତ୍ ତା ଗୁରୁଙ୍କ ଠାରୁ ଶ୍ୟାମ ସୁନ୍ଦରବାବୁଙ୍କ ଗୁରୁ ଛୋଟ, ମାନେ ଜୁନୟର ବାବା ବୋଲି ପ୍ରମାଣିତ କରିବାକୁ ଯାଉଥିଲା । ହେଲେ ଏତେ ଧୃଷ୍ଟତାକୁ ଶ୍ୟାମ ସୁନ୍ଦରବାବୁ କେମିତି ବରଦାସ୍ତ କରିପାରି

ଥାଆନ୍ତେ ଭଲ୍ ? ଯେତେବେଳେ ତାର ଗୁରୁଙ୍କର 'ଇଜ୍ଜତ୍ କା ସୱାଲ', ହାଟ ମଝିଟାରେ, ବିଚ୍ ବଜାର ଭିତରେ ତା ଗୁରୁଙ୍କର ନାକ ନଶ ତଳେ ପଡିଯାଇ ନଥାନ୍ତା ? ଥ୍ୟାଙ୍କ ଗଡ୍, ଠିକ୍ ସମୟରେ ବଡବାବୁ ହସ୍ତକ୍ଷେପ କରିଦେଲେ, ନହେଲେ ଅଫିସରେ କଣ ଯେ ହୋଇଯାଇ ନଥାନ୍ତା ଆଜି !

ଶେଷରେ ସୁପ୍ରୀମ କୋର୍ଟର ଅଧ୍ୟାଦେଶ ଜାରି କରିଲା ପରି ବଡବାବୁ କହିଲେ, ସମସ୍ତେ ଶୁଣନ୍ତୁ, ଆମ ଦେଶ ଭାରତବର୍ଷ ଏକ ଧର୍ମ ନୀରପେକ୍ଷ ରାଷ୍ଟ୍ର । ଏଇ ଦେଶରେ ସବୁ ଧର୍ମ, ସବୁ ଗୁରୁ ସମାନ, କେହି ଛୋଟ ବା ବଡ ନୁହଁନ୍ତି । ତେଣୁ ସବୁ ଧର୍ମ, ସବୁ ଦେବାଦେବୀ, ସବୁ ଗୁରୁଜୀ, ମାତାଜୀ, ବାବାଜୀ ସମାନ ସମ୍ମାନର ହକଦାର । ସମସ୍ତଙ୍କୁ ସମାନ ସମ୍ମାନ ଦେବା ଜଣେ ଭଲ ନାଗରୀକର କର୍ତ୍ତବ୍ୟ । ଏକଥା ଆମର ସମ୍ବିଧାନ କହୁଛି । ଆମେ ନାଗରୀକ ହିସାବରେ ଆମର ସମ୍ବିଧାନକୁ ସମ୍ମାନ ଦେବା ଉଚତ୍ । ବାକ୍ ସ୍ୱାଧୀନତାର ଦ୍ୱାହୀ ଦେଇ କେହି କାହାର ଗୁରୁଙ୍କର ଅପମାନ କରିବା ଉଚତ୍ ନୁହେଁ । ବୁଝିଲେ ସମସ୍ତେ? ଏବେ ଯାଆନ୍ତୁ ନିଜ ନିଜ ସିଟକୁ । କାମ କରନ୍ତୁ, ଅଫିସ କାମ କରିବାକୁ ଆସୁଛନ୍ତି ନା ଏପରି ବେକାର କଥାକୁ ନେଇ ଝଗଡା କରିବାକୁ ? ଚନ୍ଦ୍ର ମୋହନ ସଙ୍ଗେ ସଙ୍ଗେ ପ୍ରତିବାଦ କରି କହିଲା, ସାର୍ ଆପଣ ଧର୍ମଚର୍ଚ୍ଚାକୁ ବେକାର କଥା କହୁଛନ୍ତି ? ବଡବାବୁ ବିରକ୍ତହୋଇ କହିଲେ ବେକାର କଥା ନୁହେଁତ ଆଉ କଣ ? ଅଫିସରେ ଅଫିସକାମ ବିଷୟରେ କଥାବାର୍ତ୍ତା କରନ୍ତୁ, ସେଇଟା କାମର କଥା । ଧର୍ମଚର୍ଚ୍ଚା ପାଇଁ ସଂଧ୍ୟାରେ ପ୍ରବଚନ କି ଭଜନମଣ୍ଡଳୀକୁ ଯାଆନ୍ତୁ, ସେଇଠି ଏସବୁ ଚର୍ଚ୍ଚା କରିବେ, ସେଇଟା ଏପରି ଆଲୋଚନା ପାଇଁ ଠିକ୍ ଜାଗା । ବଡବାବୁଙ୍କ ହସ୍ତକ୍ଷେପ ପରେ କେବଳ ଯୁଦ୍ଧବିରାମ ହୋଇଯାଇଥିଲା । କିନ୍ତୁ ମନେ ହେଉଥିଲା ଏ ଯୁଦ୍ଧ ପୁଣି ଆରମ୍ଭ ହୋଇଯିବ । ନିଆଁ କୁହୁଳୁଥିଲା, କିନ୍ତୁ କେତେବେଳେ ତାର ଲେଲିହାନ ଶିଖା ଟେକ ପୁଣି ଜଳଉଠିବ କେହି ଜାଣିନଥିଲେ ।

କଥା କିନ୍ତୁ ଏତିକରେ ସମାପ୍ତ ହେଲା ନାହିଁ । ଯାହା ଅନୁମାନ ଥିଲା ତାହାହିଁ ଘଟିଲା । ପୁଣି ଆରମ୍ଭ ହୋଇଗଲା ଶିତଳଯୁଦ୍ଧ, ଗୁରିଟାବେଳ ଟି-ବ୍ରେକ୍ ସମୟରେ କଥାଟିକୁ ନେଇ ପୁଣି ଟୀ' କପ୍ ରେ ଏକ ମୃଦୁ ଝଡ ଉଠିଲା, ଏକ ଲଘୁ ବ୍ୟକ୍ତିଙ୍କ ସଭାପତିତ୍ୱରେ । ସେ ହେଲେ ସୁଧାଂଶୁ ଶେଖର, ସିଧା କଲେଜରୁ ବାହାରି ନୁଆକରି ଏଲଡି କ୍ଲର୍କ ପୋଷ୍ଟରେ ପିଛିଲା ଛମାସ ହେଲା ଜଏନ୍ କରିଛନ୍ତି । ଚଙ୍ଗ ଚଙ୍ଗିଆ ଗଜା ଭେଣ୍ଡିଆଟିଏ । କଲେଜ

ଇଲେକ୍ସନରେ ପିଲ୍ଏ ଯେମିତି ଭାଷଣ ଦିଅନ୍ତି ସେମିତି ବଡ ପାଟିଟାଏ କରି କହିଲ୍, ଆମର ଏଇ ଯେଉଁ ଧର୍ମ, ବାବା ଫାବା, ଦର୍ଶନ, ଶାସ୍ତ୍ର ଏ ସବୁ ଶଳା ଗୋଟେ ଫାର୍ସ । ଶଳା ସବୁଯାକ ବାବା ହେଉକ ମାତା ସମସ୍ତେ ଗୋଟିଏ ଗୋଟିଏ ଭଣ୍ଡ କମ୍ବା ପକ୍କା ବିଜିନେସମ୍ୟାନ, ନହେଲେ ମେଜିସିଆନ୍ । ଶଳେ ଏମିତି ନହେଲେ ଶୁନ୍ୟରୁ କଦଳୀ ଖସେଇବା କ ହାତ ମୁଠାରୁ ବିଭୁତି କ ସିନ୍ଦୁର ବାହାର କରିବା, ପ୍ରସାଦ ସେବନ କରେଇ ବାଞ୍ଝ ସ୍ତ୍ରୀଙ୍କୁ ଗର୍ଭବତୀ କରେଇ ଦେବା, ଏସବୁ କେତେ ଅଜବ କଥା କହୁନାହାନ୍ତି ସତେ । ୟା ଠାରୁ ଭଲ ମେଜିକ୍ ତ ପି.ସି ସରକାର ଜୁନୟର ଦେଖେଇ ପାରିବ। ଶଳେ ଧର୍ମ ଧର୍ମ କହି ଗୋଟାଏ ତାମସା ଚଳେଇଛନ୍ତି, ଧର୍ମ ନାଆଁରେ ଖାଲି ନିରହ ଜନତା ନୁହନ୍ତି ପାଠ ପଢୁଆ ବଡ ବଡ ଲୋକଙ୍କୁ କଥାରେ ଭୁଲେଇ କ ଡରେଇ ଡରେଇ ଦୋକାନ ଚଳେଇଛନ୍ତି। କୋଟି କୋଟି ଟଙ୍କାରେ ଖେଳୁଛନ୍ତି । ଗୋଟାଏ ଲୀଳା ଚଲେଇଛନ୍ତି, ସତ କହିବାକୁ ଗଲେ ଆମ ଲୋକେ କେବଳ ସରଳ କ ଧର୍ମଭୀରୁ ନୁହଁନ୍ତି, ସେମାନଙ୍କୁ ଅତି ଲୋଭି ଆଉ ନିହାତି ବୋକା କହିଲେବି ଭୁଲ ହେବନି । ଶଳେ ହିନ୍ଦୁ ମୁସଲମାନ କହି ଭାରତ ପାକିସ୍ଥାନ କରିଦେଲେ, ଏବେ ଗୁରୁ ଗୁରୁ କରି ଲୋକଙ୍କୁ ଲୋକଙ୍କ ଠାରୁ ଅଲଗା କରୁଛନ୍ତି ।

ତା ପରେ ପରେ ଆରମ୍ଭ ହେଲ୍ ଅସଲ ହଟ୍ ଟପିକଟା, ଭଗବାନ ଅଛନ୍ତି କ ନାହିଁ, ପୁଣି ଗୋଟିଏ ବିବାଦାସ୍ପଦ ପ୍ରଶ୍ନ, ମଞ୍ଜି ଆଗ ନା ଗଛ, ଅଣ୍ଡା ଆଗ ନା ମୁର୍ଗୀ ! ଏପରି ଏକ ଅସମାଧିତ ପ୍ରଶ୍ନ ଯେଉଁଟା ଯୁଗଯୁଗ ଧରି ନିଜ ଜାଗାର ଠିଆ ହୋଇଛି, ଏ ପ୍ରଶ୍ନର ଉତ୍ତର ନାହିଁ । ପୁଣି ପ୍ରଶ୍ନ ଉଠେ ଭଗବାନ ଯଦି ନାହାନ୍ତି ତେବେ ଗୁରୁବାଦର ସୃଷ୍ଟି କାହିଁକି ଓ କପରି ସୃଷ୍ଟି ହେଲ୍ ? ମୃତ୍ୟୁ ପରେ ମଣିଷ, ଆଉ ଥରେ ଜନ୍ମ ହୁଏକ ନାହିଁ ? ମଲ୍ ପରେ ମୁକ୍ତିମିଳେ ଅଥବା ନର୍କ ଗମନ ଅବା ପୁନର୍ଜନ୍ମ ? ମଲ୍ ପରେ କଣ ହୁଏ ? କଏ ଦେଖିଛି, କଣ ହୁଏ ଅବା ନାହିଁ ?

ସୁଧାଂଶୁ ପୁଣି କହିଲ୍, ମୁଁ ମାନୁଛି, ସବୁକଛି ଆପେ ଆପେ ହୁଏନା । କଛି ଘଟୁଛି ମାନେ କେହିତ କଛି କରୁଛି । ଯେମିତି ଗଛର ପତ୍ର ହଲୁଛି ମାନେ ପବନ ହେଉଛି ନହେଲେ ଗଛରେ ମାଙ୍କଡ ବସିଛି । ଆମେ ଭାବୁଛୁ ଏଇ ପାଣି ପବନ ପୃଥିବୀ ଏ ସବୁ ଅନଲିମିଟେଡ, କନ୍ତୁ ଅନଲିମିଟେଡ କଛିବି ନାହିଁ । ପୃଥିବୀର କ୍ଷେତ୍ରଫଳ ମପା ସରିଛି, ପାଠପଢା ବହିରେ ପଢା ହେଉଛି । ସେମିତି ପବନବି, ସେଥିରେ ଅକ୍ସିଜେନ, ଅଙ୍ଗାରକାମ୍ଳ ଆଉ ଅନ୍ୟ କେତେ ପ୍ରକାରର ଗ୍ୟାସ ରହିଛି । ତାହା ସୀମିତ । ଆମେ ମଣିଷ ଯେତେ

ଅକ୍ସିଜେନ ଖର୍ଚ୍ଚ କରୁଛୁ ଆଉ ଯେତେ ଅଙ୍ଗାରକାମ୍ଳ ଛାଡୁଛୁ ଗଛ ସେଇ ପବନକୁ ରିସାଇକ୍ଲିଂ କରି ଆମ ନିଶ୍ୱାସ ପାଇଁ ପୁଣି ଫେରେଇ ଦେଉଛି । କିନ୍ତୁ ଆଜି ଆମେ ଜଙ୍ଗଲକୁ କାଟିକୁଟି ସବୁ ଖାଇଗଲେ । ଅଙ୍ଗାରକାମ୍ଳକୁ ରିସାଇକ୍ଲ କରିବାକୁ ଗଛନାହିଁ । ତେଣୁ ଅଙ୍ଗାରକାମ୍ଳ ବଢୁଛି, ଓଜନ ସ୍ତରରେ କଣା ବଡ ହେଉଚ ଆଉ ପାଣିପାଗ ବିଗିଡି ଯାଉଛି । ଏଥିରେ କୋଉ ଭଗବାନ କି ଗୁରୁ କଣ କରିକି ଦୁନିଆକୁ ବଞ୍ଚେଇଦେବ ?

ସାମାନ୍ୟ ଫୋନଟିଏ, ଆଜି ତିଆରିହେଲେ ଆରମାସକୁ ଡିଜାଇନ୍ ଚେଞ୍ଜ କରି ନୁଆ ପ୍ରକାର ଫୋନ ହୋଇଯାଉଛି । କିନ୍ତୁ ଲକ୍ଷଲକ୍ଷ ବର୍ଷ ଆଗରୁ ମଣିଷର ଯେଉଁ ଡିଜାଇନ୍ କରାଯାଇଥିଲା ତାହା ଆଜିବି ସେମିତି ଅଛି । ଆଖି କାନ ନାକ ପେଟ ମୁଣ୍ଡ ହୃତପିଣ୍ଡ କି ଝାଡା ପରିଶ୍ରାଯିବା ବାଟ ସବୁ ସେମିତି ଏକା, ସେଇ ଗୋଟିଏ ଜାଗାରେ ସବୁ ମଣିଷ ଦେହରେ ଖଞ୍ଜା ହୋଇଛି । ଭାବିଲେ ଦେଖି, ଯିଏ ମଣିଷର ଶରୀରତନ୍ତ୍ରର ଡିଜାଇନ କରିଛି ସେ କେତେବଡ ଇଞ୍ଜିନିୟର ? ହଁ କେହିତ ଡିଜାଇନ୍ କରିଛି ଏ ମଣିଷ ପଶୁ ପକ୍ଷୀ ଗଛ ଲତା ସବୁ କିଛି । ସେଇ ଶକ୍ତିର ନାଆଁ ପ୍ରକୃତି କି ଭଗବାନ, ସେ ପୁରୁଷ କି ନାରୀ ସେକଥା କେହି ଜାଣିନି କି ଦେଖିନି । ତା ନାଆ, ଇଶ୍ୱର କି ଆଲ୍ଲା, ଗଡ କି ବୁଦ୍ଧ କି ଆଉକଣ ମୁଁ ଜାଣେନା, ଆପଣମାନେ ବି ଜାଣନ୍ତିନାହିଁ । ସେଇ ଅଜଣା ଜିନିଷଟି ମଣିଷ କି ଗୋଟାଏ ଶକ୍ତି କି ଗୋଟାଏ ବସ୍ତୁ ସେକଥା ନଜାଣି ତାଆରି ପାଇଁ ଆମେ ସବୁ ଜୀଅନ୍ତା ମଣିଷଗୁଡାକ ମରାମରି ହଣାକଟା ହେଉଛେ ? ଧୀକ୍ ଆମ ମଣିଜ ଜନ୍ମକୁ ।

ସଭା ମଝିରେ ତାର ଏହି ସଂକ୍ଷିପ୍ତ ଭାଷଣରେ ଚନ୍ଦ୍ର ମୋହନ ଯାହା କହିଲା, ତାର ସାରମର୍ମ ଏତିକି ବୁଝି ହେଲା ଯେ, ଭଗବାନ ବୋଲି ଗୋଟାଏ ଶକ୍ତି ଅଛି, ତାର କିଛି ନିର୍ଦ୍ଦିଷ୍ଟ ନାମ ନାହିଁ । ସେ ନିରାକାର, ଅଦୃଶ୍ୟ, ସ୍ପର୍ଶର ପରିସୀମାରୁ ବହୁତ ଦୂର, ସେଇ ଶକ୍ତିଟି କେବଳ ବିଶ୍ୱାସ ଆଉ ଅନୁଭବର ଜିନିଷ, ଏବଂ ଭକ୍ତ ପ୍ରହଲ୍ଲାଦ ଉପାଖ୍ୟାନଟିକୁ ସଂକ୍ଷିପ୍ତରେ ବର୍ଣ୍ଣନାକରି କହିଲା, ଭଗବାନ ସର୍ବ ଶକ୍ତିମାନ, ସର୍ବତ୍ର ବିଦ୍ୟମାନ ।

ଶ୍ୟାମ ସୁନ୍ଦର କିନ୍ତୁ କଥାଟାକୁ ମଝିରେ କାଟି କହି ଉଠିଲେ - ଭଗବାନ ନିରାକାର ନୁହନ୍ତି, ଆମ ଗୁରୁଜୀ ହିଁ ହେଉଛନ୍ତି ସାକ୍ଷାତ ପରମେଶ୍ୱର । ସବୁ ଅସମ୍ଭବକୁ ସମ୍ଭବ କରି ପାରିବାର ଚମତ୍କାରୀ କ୍ଷମତା ଥିବା ଗୁରୁ ହିଁ ଭଗବାନ, ଯେପରି ଆମ ଗୁରୁ । ଏତିକି କହି ସେ ଦୁଇହାତ ଯୋଡି ତାର ଗୁରୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲା ଓ ରକ୍ଷାକର ହେ

ଗୁରୁଦେବ, ଶରଣରେ ନିଅ, ଏ ସମସ୍ତଙ୍କୁ କ୍ଷମାକର ଏବଂ ସଦବୁଦ୍ଧି ଦିଅ ବୋଲି ବୀନତି କଲ୍ ।

ସୁଧାଂଶୁ ଶେଖରର ଧର୍ଯ୍ୟର ବନ୍ଧ ଯେମିତି ଭାଙ୍ଗିବ, ଭାଙ୍ଗିବ ହେଉଥିଲ୍ । ସିଏ ଆଉ ସମ୍ଭାଳି ନପାରି ହଠାତ୍ ଠିଆ ହୋଇ ପଡିଲ୍, କହିଲ୍, ଭଗବାନ ଫଗବାନ କିଛି ନୁହେଁ ହୋ, ଭଗବାନ ଆଉ ଭୂତ ଏକା କଥା, ଯାହାକୁ ନା' କେବେ କିଏ ଦେଖିଛି ନା ଛୁଇଁଛି । ଖାଲି ଗୁଲି ଗପରେ ବଢେଇ ଚଢେଇ କହିବା ପାଇଁ ଭଗବାନ ଗୋଟିଏ ବିଷୟ । ଭଗବାନଙ୍କର ଗୋଟିଏ ମୁଣ୍ଡ କି ଦୁଇଟି, କାହାର ଦୁଇ ତ କାହାର ପାଞ୍ଚ ପାଞ୍ଚଟା ମୁଣ୍ଡ, ଆଠ ଦଶଟା ହାତ, ହାତରେ କଣ କଣ ସବୁ ଧରିଥିବେ, ପଦ୍ମ ଫୁଲଠାରୁ ଆରମ୍ଭ କରି ଖଣ୍ଡା ତଲୁଆର, ଧନୁତୀର ଠାରୁ ଆରମ୍ଭ କରି ବର୍ଚ୍ଛା ଭାଲ୍ ପର୍ଯ୍ୟନ୍ତ କେତେ ଅସ୍ତ୍ର ଶସ୍ତ୍ର । ସତେ ଯେପରି ଏଇ ଗୁରୁମାନେ ସବୁ ସକ୍ଷାତରେ ଭଗବାନଙ୍କ ଦର୍ଶନ କରି ଫଟୋ ଉଠେଇ ନେଇ ଆସିଛନ୍ତି । ମୋର କେବେ ଭଗବାନଙ୍କ ସଙ୍ଗେ ଭେଟ ହେଲେ, ମୁଁ ସତ କହୁଛି ଗୋଟେ ସେଲ୍ଫି ଜରୁର ନେବି । ସେଃ ଏସବୁ କି ପ୍ରକାରର କିମ୍ଭୁତ କିମାକାର ଅଦ୍ଭୁତ କଳ୍ପନା? ପିଲାଙ୍କୁ ଡରେଇବା ପାଇଁ ଯେପରି ଭୂତ କଥା କୁହନ୍ତି, ସେମିତି ବଡମାନଙ୍କୁ ଡରେଇବା ପାଇଁ ଭଗବାନ ଗୋଟିଏ ହତିଆର । ଏୟା କଲେ ସ୍ୱର୍ଗଯିବ ଏଇଆ କଲେ ନର୍କ ଯିବ । ସତେ ଯେପରି ସବୁ ଦେଖିଛନ୍ତି । ଆଜିଯାଏ କିଏ ସ୍ୱର୍ଗ ଯାଇକି ଫେରିଛି ? ଆଉ ତାର ଭ୍ରମଣ କାହାଣୀରେ ସବୁ ଲେଖିଛି ? ଅବା କିଏ ନର୍କର ଜେଲଖାନା ଭାଙ୍ଗି ଫେରାର ହୋଇ ଆସି କହିଛି, ନର୍କରେ କଣ କଣ ଦେଖିଲ୍ ବୋଲି ? ଏସବୁ ମଣିଷର କଳ୍ପନା । ପଡିଶାଘର ରୋଷେଇଘରୁ ଦେଶିଘିଅର ଛୁଙ୍କ ବାସନା ଆସିଲେ ମନେମନେ ଜଳି ଯାଉଥିବେ, ପଡୋଶି ଚୁଲିରେ ଯାଇ ମୁତିବାକୁ ମନେମନେ ଭାବୁଥିବେ । ଭୋକିଲା ଲୋକକୁ ଦୂରଦୂର କହି ମୁଠାଏ ଖାଇବାକୁ ଦେବେନାହିଁ, ହେଲେ ମନ୍ଦିରରେ ଯାଇ ଠାକୁରଙ୍କୁ ସୁନା ମୁକୁଟ ଦାନ କରୁଥିବେ। ଏସବୁ ପରେ ଭଗବାନ ଭଗବାନ କହି ଚତା ତିଳକ ଲଗେଇ ଭଜନ କୀର୍ତ୍ତନ କରୁଥିବ । ଆଜି ଧର୍ମ କହିଲେ ତ ଲୋକେ ଏଇଆ ବୁଝୁଛନ୍ତି ।

କିନ୍ତୁ ସବୁ କଥାର ଅସଲ ସାରକଥା ହେଲ୍ ମଣିଷ ମଣିଷକୁ ଭଲପାଅ, ଭଲ କାମ କର, ଅନ୍ୟ ପ୍ରତି ଇର୍ଷା, ହିଂସା, ଛଳ କପଟ କର ନାହିଁ । ନିଜେ ସୁଖରେ, ଖୁସିରେ ରୁହ, ଅନ୍ୟକୁ ମଧ୍ୟ ସୁଖରେ ରହିବାକୁ ଦିଅ । ଅସଲ ଧର୍ମ ହେଲ୍ ମାନବିକତା ଆଉ ମାନବ ଧର୍ମ । ମଣିଷକୁ ଭଲପାଅ, ଜାତି, ଧର୍ମ, ବର୍ଣ୍ଣ, ପୁରୁଷ କି ସ୍ତ୍ରୀ ସବୁ ଭେଦଭାବ ଭୁଲି

ମଣିଷ ମଣିଷକୁ ଭଲପାଅ, ଅନ୍ୟର ସୁଖରେ ଖୁସି ହୁଅ, ଦୁଃଖରେ ସମଭାଗୀ ହୁଅ, ସମ୍ବେଦନଶୀଳ ହୁଅ । ସତକଥା ହେଲା ଭଗବାନ କୁହ କ ଗୁରୁ ସେସବୁ କେବଳ ଗୋଟିଏ ଅବଲମ୍ବନ ମାତ୍ର । ଏଇଟା ହେଉଛି ପ୍ରକୃତ ଧର୍ମ, ମୋ ପାଇଁକି ତ ଧର୍ମ କହିଲେ ମୁଁ ଏଇଆ ବୁଝେ । ବାକି ଆପଣମାନେ ନିଜର ଧର୍ମ ବିଷୟରେ ଡିସାଇଡ କରନ୍ତୁ ଓ୍ୱ ।

ଚନ୍ଦ୍ର ମୋହନ କୌଣସି ସାଧୁବାବାଜୀଙ୍କର ପ୍ରବଚନ ଶୁଣିଲା ପରି ଏକଲୟରେ ସୁଧାଂଶୁ ବାବୁଙ୍କ କଥା ପିଇ ଯାଉଥିଲେ । ଶେଷରେ ଜଣେ ଦାର୍ଶନୀକ ପରି ନାକ ଉପରେ ଦୁଇ ଆଙ୍ଗୁଠି ରଖି ଊର୍ଦ୍ଧମୁଖରେ କିଛି ସମୟ ସିଲିଂ ଫ୍ୟାନକୁ ଚାହିଁ ରହିଲେ । ସତେ ଯେପରି କିଛି ମନେ ପକଉଛନ୍ତି । କଣ ଭାବି ହଠାତ୍ ଠିଆ ହୋଇପଡିଲେ, ପୁଣି କହିଲେ ବୁଝିଲେ ସୁଧାଂଶୁ ବାବୁ, ଆପଣ ପିଲା ଲୋକ, ଧର୍ମ ଆଉ ଦର୍ଶନ ଉପରେ ଆପଣଙ୍କର କିଛି ଅନୁଭବ ନାହିଁ । ଆପଣ କଣ ଜାଣିଛନ୍ତି ଆମର ସଂସ୍କୃତି, ଗୀତା, ଭାଗବତ, ବେଦ, ପୁରାଣ ବିଷୟରେ ? ଭାଗବତ କହେ, 'ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର' । ଭଗବତ୍ ସଂପର୍କିତ କୌଣସିବି ଆଲୋଚନାରେ ତର୍କ ବିତର୍କର ସ୍ଥାନ ନାହିଁ । ସତେଅବା ଚନ୍ଦ୍ରମୋହନ, ସୁଧାଂଶୁର ସବୁକଥା ଠିକ୍ ଶୁଣି, ସବୁ ଠିକ୍ ବୁଝି ପାରୁଥିଲେ ବି ନିଜର ମତ ପରିବର୍ତ୍ତନ କରିବାକୁ କୁଣ୍ଠିତ ହେଉଥିଲେ । କମ୍ବା ସେ ଇଚ୍ଛାକରି ମଧ୍ୟ ଗୁରୁଦ୍ରୋହୀ ହେବା ଭୟରେ ସୁଧାଂଶୁ ବାବୁଙ୍କ କଥାକୁ ମାନିନେବାକୁ ପ୍ରସ୍ତୁତ ନଥିଲେ । ସେଇଥି ପାଇଁ ତର୍କର ନାଆରେ ବସି ଏଇ ଆଲୋଚନାରୁ ପଳେଇ ଯିବାକୁ ବାଟ ଖୋଜୁଥିଲେ ।

ଟି-ବ୍ରେକ ସମୟ ସମାପ୍ତ ହୋଇ ସାରିଥିଲା । ଅନ୍ତତଃ ସମସ୍ତେ ନିଜ ନିଜର ସିଟ୍ କୁ ଚୁପଚାପ ଫେରିଗଲେ । ଅଫିସରେ ଶାନ୍ତିର ଏକ ବାତାବରଣ ଖେଳିଯାଇଥିଲା । ସମସ୍ତେ ଯେପରି ମନେମନେ ସୁଧାଂଶ ଶେଖରର କ୍ଷୁଦ୍ର ଭାଷଣର ତର୍ଜମା କରୁଥିଲେ । ଗୋଟେ ପଟରେ ସୃଷ୍ଟିର ଗୁଣତତ୍ତ୍ୱ, ଧର୍ମ ପୁରାଣ ଶାସ୍ତ୍ର ଆଉ ଗୋଟେ ପଟେ ସୁଧାଂଶୁର ବଳିଷ୍ଠ ଯୁକ୍ତି, ଏଇ ଦୁଇଟିକୁ ନିଜର ମନ ଆଉ ଜ୍ଞାନର ନିକତିର ତଉଲି ଦେଖୁଥିଲେ । କିନ୍ତୁ ତଥାପି ମୁଁ ଭାବୁଥିଲି, ସତ ଆଉ ଠିକ୍ କଥା କିଏ କହୁଥିଲା ? ସୁଧାଂଶୁ ଶେଖର ନା' ଚନ୍ଦ୍ର ମୋହନ ? ମୁଁ ତ କିଛି ଠିକ୍ ଭାବରେ ତର୍ଜମା କରିପାରୁନି, ମୋତେବି କିଛି ସଠିକ୍ ଉତ୍ତର ମିଳୁନି । ଯଦି ଆପଣଙ୍କୁ କିଛି ମିଳିଯାଏ, ଦୟାକରି ମୋତେ ନିଶ୍ଚୟ କହିବେ ବୋଲି ଅପେକ୍ଷା କରୁଛି, ଧନ୍ୟବାଦ୍ ।

କଟ୍ ସ୍କୋୟାର, ପଟିଆ

# ବଦଳା ଦୁନିଆ



ଭାରତୀ ସାହୁ

ସାରା ଦୁନିଆର ଭୌଗଳିକ ସ୍ଥିତି ବଦଳି ଯାଇଛି ଆଜି,
ଆଣ୍ଠୁଏ ବହଳ କାଦୁଅରେ ଗାଁ ମନରୁ ଗଲାଣି ହଜି ।
ଗାଆଁ ଆଉ ଗାଆଁ ହୋଇ ରହିନାହିଁ ଲାଗୁଛି ସହର ଭଳି,
ରାସ୍ତା ଦୁଇ ପାଖେ ଗଛ ଲାଗିଅଛି ବତୀ ଜଳେ ନାଲି ନେଳି ।
ଗାଆଁ ମାଟି ଖାଲି ବଦଳି ଯାଇନି ବଦଳିଛି ପରିବେଶ,
ମାଆ ବଦଳରେ ମମି, ମାମା ଡାକ କାହାକୁ ଦେବା ଯେ ଦୋଷ ।
ମାଆ ପରିଭୂଷା ବଦଳି ଯାଇଛି ଶାଢ଼ୀ ଛାଡି ଡ୍ରେସ ପିନ୍ଧେ,
ଶାଗ ପଖାଳକୁ ଭୁଲିଯାଇ ମାଆ ମାଂସ, ବିରିଆନି ରାନ୍ଧେ ।
ଭାଇରାଲ୍ ଆଉ କେଉଁଠି ଦେଖୁନି ନଦେଖିବା କଥା ଦେଖ,
ସ୍ୱାମୀ ଛୁଆ ଛାଡି ନାରୀ ଚାଲିଯାଏ ମେଣ୍ଟାଏ ଦେହର ଭୋକ ।
ଲୁହ ଲହୁ ଢାଳି ଶ୍ରମ ଦେଇ ଯିଏ ବଗିଚା ତିଆରି ଥିଲା,
ଗାଈ ଖାଇଯିବ ଭାବି ବଗିଚାକୁ ମାଳିକୁ ଜଗାଇ ଦେଲା ।
ଜଗିବା ଆଳରେ ତାକୁ ଶୋଷୁଅଛି ଦାନା ଦେଉଥିଲା ଯିଏ,
କହିବା କାହାକୁ ଯେବେ ବଗିଚାକୁ ମାଳି ଉଜୁଡ଼ାଇ ଦିଏ ।

ଯୁନଦା ପାଟଣା, ଦଶରଥପୁର, ଯାଜପୁର

# ବାହାଘର



ପ୍ରେମଶିଲା ରାଉତ

ଦୁଇଟି ମନର ମିଳନ ଯେ ପ୍ରେମ
ହାତଗଣ୍ଠି ବାହାଘର
ସାତ ଜନମର ସାଥି ହୋଇ ସଦା
ରହିଥାଏ ଶଙ୍ଖା ସିନ୍ଦୂର ।

ପବିତ୍ର ବନ୍ଧନ ଦେହ ଓ ମନର
ସ୍ନେହ ପ୍ରେମ ଡୋରେ ବନ୍ଧା
ସ୍ମୃତିଭରା ସେତ ପ୍ରତିମୂହୁର୍ତ୍ତର
ଅଟେ ପ୍ରୀତି ନଶିଗନ୍ଧା ।

ମୁଠାଏ ବିଶ୍ୱାସେ ସଂପର୍କ ଦଉଡି
ରହେ ଜନ୍ମ ଜନ୍ମ ପାଇଁ
ଉପରବାଲାର ଯୋଗସୂତ୍ର ବଳେ
ଦୁଇ ଆତ୍ମ ଏକ ହୋଇ ।

ଅଗ୍ନି ସାକ୍ଷୀ ସାଥେ ଚଉଦିଗ ସାକ୍ଷୀ
ରହନ୍ତି ଯେ ଚରଞ୍ଜିବୀ
ଆଜୀବନ କାଳ ବିବାହ ବନ୍ଧନେ
ବାନ୍ଧି ହୋଇ ରହି ଥିବି ।

ଗ୍ରାମ-ବୃନ୍ଦାବାହାଲ, କଳାହାଣ୍ଡି

# ମୋ ଧନ ଯିବ ମାଉସୀ ଘର



ସରୋଜିନୀ ବେହେରା (ଟିକି)

ମୋ ଧନ ଯିବ ମାଉସୀ ଘରକୁ
ଭାଇ ଭଉଣୀ କୁ ନେଇ
ନଅ ଦିନ ପରେ ଲେଉଟିବ ବୋଲି
ରହିବି ତା ବାଟ ଚାହିଁ।

ଲୁହ ମୋ ଝରୁଛି ଧନ ଚାଲିଯିବ
ମତେ ଏକୁଟିଆ କରି
ଏତେ ଦିନ ତାକୁ ନଦେଖିଲେ ମୁହିଁ
ଝୁରି ଝୁରି ଯିବି ମରି।

ତୁଳସୀର ମାଳ ଦୟଣାର ଝରି
ଲାଗିବ ଲୋ ଖାଁଆ ଖାଁଆ
ମୋ ଘର ଅଗଣା ଶୂନ୍ୟ ହୋଇଯିବ
ବହିବନ ମୃଦୁ ବାଆ।

ଆସିଲାଣି ନନ୍ଦି ନେଇଯିବ ବାନ୍ଧି
କେତେ ରୂପ ବେଶ କରି
ଜନମାନ ଖୁସି ଦୁଆରେ ମୋହର
ବଜାନ୍ତି ମାଦଳ ତୂରୀ।

କିଏ ବା ଜାଣିବ ମୋ ମନ ଯନ୍ତ୍ରଣା
ଧନ ଯଦି ବୁଝୁନାହିଁ
ମୋ ସ୍ନେହ ଆଦର ପାଶୋରି ଦେଇଣ
କେମିତି ରହିବ ଯାଇ।

ଅଗରପଡା, ଭଦ୍ରକ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଜଣେ ଯବାନ ଙ୍କ ଲେଖା



ପ୍ରକାଶ ସାହୁ

ସମସ୍ତେ ଶୋଇ ରହିଥିବା ସମୟରେ, ନିଜ ସ୍ୱପ୍ନ ର ଦୁନିଆ ରେ ହଜିଯାଉଥିବା ସମୟ ରେ ଆମେ ହସି ହସି ଚେଇଁ ରହୁ ରାତି ତମାମ ସୀମା ର ଘଞ୍ଚ ଜଙ୍ଗଲ ଭିତରେ ଇଚ୍ଛା ଆଉ ଅନିଚ୍ଛା କୁ ଭୁଲି ଯାଇ। ରାତି ର ନିଦ ଆମ ପାଇଁ ସ୍ୱପ୍ନ ହୋଇ ରହିଯାଏ । ଗୋଟିଏ ଦିନ ରେ ପାଞ୍ଚ ରୁ ଛଅ ଘଣ୍ଟା ଶୋଇବାକୁ ମିଳିଗଲେ ଆମ ପାଇଁ ଯଥେଷ୍ଟ। ବିଛଣା ଆଉ ତକିଆ ର ଆବଶ୍ୟକ ପଡେନି ସେହି ପ୍ରକୃତି ର କୋଳ ରେ ମାତୃଭୂମି ର ବକ୍ଷ ରେ କେତେବେଳେ ଆଉ କେମିତି ଯେ ଆଖି ଲାଗିଯାଏ ଆମେ ଜାଣି ନାହୁଁ। ଆଜିକାଲି ଆମେ ସେଇଠି ରହୁଛୁ ଯେଉଁଠି କେହି ରୁହନ୍ତି ନାହିଁ କେବେ ଶତ୍ରୁ ପକ୍ଷ ର ବନ୍ଧୁକ ଆଗରେ, କେବେ ହିମାଳୟ ର ବରଫ ରେ ପୁଣି କେବେ ମରୁଭୂମି ର ଉଚ୍ଚ ଉତ୍ତାପ ରେ। ପାକିସ୍ତାନ ର ସୀମା ରେ ତ କେବେ ଚାଇନା ର ଆସପାସ ରେ। ମାନସିକ ଆଉ ଶାରୀରିକ ଦୁହେଁ ରେ ଆମେ ଫିଟ।

କେତେ ଖୁସି ଲାଗେ ସେହି ଦିନ ଗୁଡିକ ଯେତେବେଳେ ଛୁଟି ଯିବାର ମାତ୍ର ଆଉ କେଇଟା ଦିନ ବାକି ରହିଥାଏ। କେତେ ଆଶା, ଭରଷା ଆଉ ଇଚ୍ଛା ବସା ବାନ୍ଧେ ମନ ଭିତ ରେ। ପୁଣି ଥରେ ମା ହାତ ରନ୍ଧା ଖାଇ ଦିନ ତମାମ ଘର ଅଗଣା ରେ ଶୋଇ ରହିବ ପାଇଁ। ଆରମ୍ଭ ହୁଏ ପନ୍ଦର ଦିନ ଛୁଟି ର କାର୍ଯ୍ୟସୂଚୀ ତା ଭିତରେ ଥାଏ ମାମୁଁଘର, ମାଉସୀ ଘର, ପିଉସୀ ଘର, ଏମିତି ଅନେକ ଏ ସବୁ ଭିତରେ ଆମେ ଏତେ ବ୍ୟସ୍ତ ହୋଇଯାଉ ଯେ ଆମେ ନିଜ କୁ ସମୟ ଦେଇ ପାରୁନା। କେବେ ମଉକା ବି ମିଳେନି। ଜୀବନ ଟା ଆମର ଏମିତି ବିତି ଯାଏ ଅନ୍ୟ ଙ୍କୁ ଭେଟି ଭେଟି କେବେ ସମୟ ମିଳେନି ନିଜ କୁ ଭେଟିବାର।

ଆମେ ଏଠି କାମ କରି ଏତେ ଶୃଙ୍ଖଳତ ଆଉ ସମାୟାନୁବର୍ତି ହୋଇ ଯାଉ ଯେ ଆମର ଆହୁରି ପରୀକ୍ଷା ନଥ ଯାଏ senior ଙ୍କ ର ଆଦେଶ ଆମ ପାଇଁ final । ଭୁଲ ଠିକ ର ତର୍ଜମା କରିବା କମ୍ବା ବିରୋଧ କରିବାର କ୍ଷମତା ଆମ ହାତ ରେ ନାହିଁ। କେବେ କୌଣସି ସ୍ଥାନ କୁ କୌଣସି ଜିନଷ କଣିବାକୁ କରିବାକୁ ଗଲେ ଆମ ଶରୀର ଆଉ hair cutting କୁ ଦେଖି ଦୋକାନୀ ଜିନଷ ର ମୂଲ୍ୟ ବଢ଼ାଇ ଦିଅନ୍ତି କାରଣ ସେମାନେ ଜାଣିଛନ୍ତି ଆମକୁ ମୁଲଗୁଲ କରିବା ର ଜଣା ନାହିଁ। ପ୍ରକୃତ ରେ ମୁଲଗୁଲ କରିବା ଆମ କୁ କେହି ଶିଖାଇ ନାହାଁନ୍ତି। କେବେଳ ଶିଖିଛୁ life କୁ adjust କରିବାର, ସବୁ ପରିସ୍ଥିତି କୁ adjust କରିବାର।

ଆଜି ଚାକରୀ ର କଛି ବର୍ଷ ବିତି ଗଲା ପରେ ସେହି ସାଙ୍ଗ ମାନେ ଯେଉଁମାନେ ଆମ କୁ best friend ଭାବେ ଦେଖୁ ଥିଲେ। ଆଜି ସେମାନେ ଆମ କୁ Defence Canteen ଭାବୁଛନ୍ତି। ଏବେ ସେମାନଙ୍କ ପାଇଁ ଆମ liquor card ର ଦାରୁ ହେଉଛି ଆମ ପରିଚୟ। ଆଜି ର ଶସ୍ତା call ଆଉ data plan ରେ ବି ସେମାନେ ପୂର୍ବ ପରି call କରନ୍ତି ନାହିଁ। ଆଉ ଯଦି କେବେ call କରନ୍ତି କେବଳ canteen ସାମାନ ପାଇଁ କାହାକୁ wrist watch ଦରକାର ତ କାହାକୁ fair handsome ତ କାହାକୁ sports shoe ଦରକାର। ପୂର୍ବେ ପଚ୍ଚାରୁ ଥିଲେ କେବେ ଆସୁଛ ହୋଲି ରେ ଆସୁଛ କ**?** ଯଦି ଆସୁଛ ମୋ ପାଇଁ ଗୋଟିଏ BP ନେଇ ଆସିବ ଶୁଣିଛି canteen liquor ର ନଶା ଅଲଗା ପ୍ରକର ର।

କମ ବୟସ ରେ ସେନା ରେ ଯଏନ କରିବା ପରେ ଆମେ ଭୁଲି ଯାଉ ସମସ୍ତ Social life । କାହାର ବାହାଘର ରେ ଯାଇ ହୁଏନ ତ କାହାର ଜନ୍ମ ଦିନ ରେ। ଇଛା ତ ଆମର ବି ଅଛି। ହେଲେ ଆମେ ମଜବୁର personal life ର ବାହାନା ରେ social life କୁ ଭୁଲି ଯାଉ। ପ୍ରକୃତ ରେ ଆମ ପାଇଁ personal life ଆଉ social life meaning କଛି ହି ନାହିଁ।

କୁହାଯାଏ ଛୁଟି ଆମର ଏକ **rights** ନୁହେଁ ଏହା ଆମ ପାଇଁ ଏକ **priviledge** । ଛୁଟି ମଞ୍ଜୁର ତ ଦୂର କଥା।ଦୁଇ ମାସ ପୂର୍ବ ରୁ ଆମର **railway ticket confirm** ହୁଏନ ଆଉ ଯଦି ଛୁଟି ମଞ୍ଜୁର ହୁଏ ତାହା ପୁଣି ଦୁଇ ତିନ ଦିନ ପୂର୍ବରୁ ପରେ ଆମ ମାନ ଙ୍କ ହାତ ରେ ଧର୍ଇ ଦିଆ ଯାଏ ଗୋଟିଏ **free railway warrant** ଯେଉଁଥିରେ କେବଳ **From** ଆଉ **To** ଲେଖା ଥାଏ। ସେଥିରେ ଲେଖା ଯାଏନ ସେହି **route** ରେ ଟ୍ରେନ ଅଛି କ ନାହିଁ ଆଉ ଯଦି ଅଛି ସମୟ ଅଛି କ ନାହିଁ।

ବାସ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡି ସାଲୁଟ ମାରି **Jai hind** କହି ଟ୍ରେନ ରେ ଯାତ୍ରା କରୁ କେଉଁ ଏକ **Bath room** କୋଣ ରେ ବା ଅନ୍ୟ କେଉଁଠି ବି **...**ନିଜ ଘର**,** ଗାଁ କୁ ଫେରିଯିବା ପାଇଁ।

ନଭି ମୁମ୍ବାଇ, ମହାରାଷ୍ଟ୍ର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମୌସୁମୀ ଗୋ ତୁମେ



ପ୍ରଶାନ୍ତ କୁମାର ପଧାନ

ଲୁହରେ ଲୁହରେ ଭିଜାଏ ଶ୍ରାବଣ
ତୁମେ ଦେଲ୍ ପରେ ଧୋକା
ବିନା ମେଘରେ ବି ବରଷି ଯାଉଛି
ଡେଇଁ ସବୁ ସୀମାରେଖା ।।
ଭସାମେଘ ପରି ଭସି ଯାଉଥିଲି
ତୁମ ପ୍ରେମ ଆକାଶରେ
ଭିଜା ଶ୍ରାବଣୀଟେ ସାଜି ତୁମେ ପ୍ରିୟା
ଭିଜେଇଦେଲ ଲୁହରେ ।।
ଶେଷ ଶ୍ରାବଣରେ ପକେଇଥିଲ ଗୋ
ପ୍ରେମରେ ତ ଯବନିକା
ସେଇ ଋତୁ ଠାରୁ ଦିଗହର୍ ଏଇ
ହାତ ପାପୁଲିର ରେଖା ।।
ତପ୍ତ ଜୀବନରେ ସାଜିଥିଲ ଦିନେ
ମିଠାଝର୍ ନିର୍ଝରିଣୀ
କାକଟସ୍ ଗଛର କଣ୍ଟା ଏବେ ତୁମେ
ହୃଦୟ ମୋ ମରୁଭୂମି ।।
ଆସ ସାଥି ଥରେ ଏ ମରୁବାଲିରେ
ଶ୍ରାବଣ ମେଘଟେ ସାଜି
ଝିପିଝିପି ତୁମ ପ୍ରେମର ପରଶେ
ଇଚ୍ଛାହୁଏ ଯିବି ଭିଜି ।।

ଗ୍ରାମ – ବୁଢ଼େମୁଣ୍ଡା, ଜିଲ୍ଲା - ବରଗଡ

# ମୋ ପ୍ରିୟା ପାଇଁ ପଦେ



ଜୟପ୍ରକାଶ ଦୁରିଆ (ରମନ୍)

ମିଷ୍ଟ ଭାଷା ତାର ଅଧରୁ ଝରଇ – ହସିଲେ ଝରେ ମୁକୁତା,
ତାର୍ ଫୁଲ ପରି ଚମକ ସତେତ – ତା ମୁଖର ସୌନ୍ଦର୍ଯ୍ୟତା ।୧।
ମିନ୍ରାଭିମୁଖୀ ସେ ମୃଗୟା ନୟନୀ – ଚମକ ବରଦୀ ସେ ତ,
ତାମ୍ର ସୁନା ରୂପା ଅଲଙ୍କାରେ ତାର – ବାହ୍ୟଙ୍ଗ ଦିଶେ ଶୋଭିତ ।୨।
ମିଳନ୍ଦ ପର୍ଏ ଆକର୍ଶିତ ପ୍ରାୟେ –କେଶ ଗୁଚ୍ଛେ ଦେଖି ଆଭ୍,
ତା ଗଭ୍ରୁ ସୁମ କଢ଼ି ଝରି ଝରି – ଦିଶଇ ଅତ୍ୟନ୍ତ ଶୋଭ୍ ।୩।
ମିଳତ ଭ୍ବରେ ସହଚରୀ ସଙ୍ଗେ –ହସୁଥାଏ ଖେଳୁଥାଏ
ତାଳ ମିଳାଇ ସେ ସମୟ ସହିତ – ଜୀବନକୁ ଜିଉଥାଏ ।୪।
ମୀର୍ ନୁହେଁ କ ସେ ର୍ଧା ବି ନୁହେଁ – ସେ ମୋ ଛାତିତଳର ପ୍ରେମ,
ତା ପାଇଁ ସାଜିଛି କଳାନଗର ମୁଁ – ପଇବାକୁ ତାର ପ୍ରେମ ।୫।

ନୂଆପଡା, ଓଡିଶା

# ବୈଚିତ୍ର୍ୟମୟୀ ପ୍ରକୃତି



କେଶରୀ ପ୍ରସାଦ ମହାନ୍ତି

ପ୍ରଶାନ୍ତ ଉଦାର ରୂପେ ପ୍ରକୃତି ନୈପୁଣ୍ୟ ।
କେ ଅବା ବର୍ଣ୍ଣିପାରେ ତା ସୌନ୍ଦର୍ଯ୍ୟ ସିମା ॥
ସବୁଜ ଶ୍ୟାମଳ ବସ୍ତ୍ରେ ଦିଶେ ସେ ଅନନ୍ୟା ।
ନଦ ନଦୀ ବକ୍ଷେ ଧରି ତ୍ରିଭୁବନେ ରମ୍ୟା ॥
ପକ୍ଷୀମାନେ ଗାଆନ୍ତି ତା ମଧୁର ସଂଗୀତ ।
ତାର ମାଧୁର୍ଯ୍ୟ ବଳେ ସର୍ବେ ହୁଅନ୍ତି ପ୍ରିତ ॥
ଅପରୂପ ଶୋଭାକୁ ତା ହୃଦପଦ୍ମେ ଧରି ।
ବାରମାସେ ଛ ଋତୁ ଗାଆନ୍ତି ସୌନ୍ଦର୍ଯ୍ୟ ଶିରି ॥
ତା କୋଳର ବୃକ୍ଷଲତା ନସ୍ତବ୍ଧ କାନନ ।
ମୁନ ଋଷି ତପସ୍ୱୀଙ୍କୁ କରେ ଉନ୍ମାଦନ ॥
ପ୍ରାତ ସୂର୍ଯ୍ୟାଲୋକେ ତାର କଷାୟ ବସନ ।
ହରି ନିଏ କବି ଲେଖକ ଭାବୁକ ମନ ॥
ସଂଧ୍ୟାରେ ତାରକା ମେଳେ ଶୋଭାପାଏ ବ୍ୟୋମ ।
ଶୀତଳ ସମୀରଣ ମନେ ଭରିଦିଏ ଶମ ॥
ମିଛମାୟା ପ୍ରକୃତିରେ ସର୍ବେ ସ୍ୱାର୍ଥପର ।

ଖାଦ୍ୟ ବସ୍ତ୍ର ଆଶୟ ଦାତ୍ରୀ ପ୍ରକୃତି ନଜର ॥
ରାଗିଗଲେ ଦେଖାଏ ସେ ତା କରାଳ ରୂପ ।
କେବେ ବନ୍ୟା, କେବେ ବାତ୍ୟା ଅବା ଭୂମିକମ୍ପ ॥
ପ୍ରକୃତି ଔଦାର୍ଯ୍ୟ ଆଗେ ସବୁ ପଡେ ଫିକା ।
କବି ମନରେ ଜଳାଏ ସ୍ୱପ୍ନର ଦିପ ଶିଖା ॥
କବିହିଁ ତ ପଢିପାରେ ଏହି ନରବତା ।
ଏଣୁ ତା ବକ୍ଷେ ଭରିଛି ନନା ବୈଚିତ୍ର୍ୟତା ।
ଗଛ ଲଗାଇଣ କର ପ୍ରକୃତିର ରକ୍ଷା
ଯେତେ ବର୍ଣ୍ଣିଲେ ବି ସରେନ ତାହାର ବ୍ୟାଖ୍ୟା ॥

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଯାଜପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମୁଁ ଓଡିଆଣୀ



ଅନଙ୍ଗ ମଞ୍ଜରୀ

ଛୋଟ ମୋ ଆଶା ର ଓଡ଼ିଶା -
ମନକୁ ନେଇ ଥିଲ୍ କଣି।
ଫୁଲର ପାଖୁଡା ଖେଳଲ୍ ପରି
ଫଗୁଣ ରେ ବରଷିଲ୍ ରଙ୍ଗ ଯେପରି।
ମୁଁ ଓଡିଆଣୀ......

ଶବ୍ଦ କେତୋଟି କହୁଥିଲ୍ -
ଗୁଣୁ ଗୁଣ କରି ଗାଉଥିଲ୍।
ଆକାଶ ରେ ଖଣ୍ଡ ଖଣ୍ଡ ବାଦଲ ପରି
ଲ୍‌ଗୁଥି ହୃଦୟରେ ବିନ୍ଦୁ ବିନ୍ଦୁ ବର୍ଷା ର ପାଣି।
ମୁଁ ଓଡ଼ିଆଣୀ.......

ଛାଇ ପରି ଘେରିଥିଲ୍
ପାହଡ଼, ପର୍ବତ, ସୂର୍ଯ୍ୟ ର କୀରଣ କୁ
ଫାଟକ ବନ୍ଦ ଆଣି ଦେଉନଥିଲ୍ ।
ଝଡ ତୋଫାନ ର ଘଡି।
ମୁଁ ଓଡ଼ିଆଣୀ.......

ସ୍ୱପ୍ନ ଭଳ ଦିବା, ଋତି ଥିଲ୍
ଚନ୍ଦ୍ରମାର କୀରଣ ରେ -
ଆଙ୍କୁ ଥିଲ୍ ମିଞ୍ଜି ମିଞ୍ଜି ସ୍ୱପ୍ନର ତାର
ସାକ୍ଷୀ କରି ରଖିଥିଲ୍
ଧରତୀ କୁ ଦୂରେ ।
ଜଳେ ଫୁଟିଥିବା କଇଁ
ମୁଁ ଓଡ଼ିଆଣୀ........

ମୋହ ମାୟା ରେ ବାନ୍ଧି ରଖିଥିଲ୍
ଝରଣା ଠୁ ନଦୀ ପର୍ଯ୍ୟନ୍ତ
ପୁଣି ପହଞ୍ଚେଇ ଦେଉଥିଲ୍
ନଦୀ ଠୁ ନୀଳ ସମୁଦ୍ର କୁ ।
ମୁଁ ଓଡ଼ିଆଣୀ.....

ମନ ପକାଇ ଦେଉଥିଲ୍
ପ୍ରତି ଟି ପର୍ବ, ପର୍ବାଣୀ
ଶ୍ରୀ କ୍ଷେତ୍ରଠୁ ନୀଳ ସମୁଦ୍ର ତଟ
ତାର କଳା ଆଉ କାରିଗରୀର
କୋଣାର୍କ ର ସ୍ୱଷ୍ଟ ଭୂମି ।
ମୁଁ ଓଡିଆଣୀ.......

ଛାଡି ଗ୍ଋଲି ଆସି ଥିଲୁ
ସାଙ୍ଗ ସାଥୀ ଆଉ ସହୋଦର
ମାଟିର ମହକ, ଖାଦ୍ୟ ର ସ୍ୱାଦ
ମନ ପଡ଼ିଯାଏ ଯେବେ
ସେ ନଏ ମୋ କାହାଣୀ ର ନାୟକ ।
ମୁଁ ଓଡ଼ିଆଣୀ.......

ଆଜି ମୁଁ ପ୍ରବାସୀ
ଗର୍ବ ଆଉ ଗୌରବ ର
ଇତିହାସ ର ସାକ୍ଷୀ
ମୋ ଜନ୍ମ ମୋ ମାଟି ।
ଗର୍ବିତ ଆଜି ମୁଁ ହୋଇ ପ୍ରବାସୀ ।
ମୁଁ ଓଡ଼ିଆଣୀ......

ତାର ଐତିହ କୁ ବର୍ଣୀ ପାରୁଛି
ମୁଁ ଛବି ହାଇଦ୍ରାବାଦୀ ।
ବନ୍ଦେ ଉତ୍କଳ ମୋ ମାଟି ।
ବନ୍ଦେ ଉତ୍କଳ ଜନନୀ
ମୁଁ ଓଡିଆଣୀ......

ହାଇଦରାବାଦ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ନୈନା ଦେବୀଙ୍କ ସହର: ନୈନୀତାଲ୍

ପ୍ରିୟବ୍ରତ ପାଣ୍ଡ

ନୈନୀର ଅର୍ଥ ହେଲା ଆକ୍ଷି ଓ ତାଲର ଅର୍ଥ ହେଲା ହ୍ରଦ । ପ୍ରାଚୀନ ଭାରତୀୟ ପୁରାଣ ସବୁରେ ଏହି ହ୍ରଦଟିକୁ ତ୍ରିଋଷି ବୋଲି କୁହାଯାଉଥିଲା, ଯେଉଁମାନଙ୍କ ନାମ ଯଥାକ୍ରମେ ଅତ୍ରି, ପୁଲସ୍ତ୍ୟ ଓ ପୁଲହ । କିମ୍ବଦନ୍ତୀ କହେ ରାଜା ଦକ୍ଷ ପ୍ରଜାପତି ଗୋଟିଏ ବିରାଟ ଯଜ୍ଞକଲେ, ସବୁ ଦେବଦେବୀ ରାଜା ମହାରାଜାଙ୍କୁ ନିମନ୍ତ୍ରଣ କଲେ, କେବଳ କନ୍ୟା ପାର୍ବତୀଙ୍କ ଅଯୋଗ୍ୟ ବର ଶିବଙ୍କୁ ଛାଡି । କନ୍ୟାର ଅଧିକାର ନେଇ ପାର୍ବତୀ ପିତାଙ୍କ ଯଜ୍ଞରେ ଯୋଗଦେଲେ ସତ କିନ୍ତୁ ଭୋଳାନାଥ ଶିବଙ୍କୁ ବରରୂପେ ବାଛିଥିବା ଯୋଗୁଁ ସେଠାରେ ତାଙ୍କୁ ଅନେକ ଲାଞ୍ଛନା ମିଳିଲା । ଲଜ୍ୟା ଓ ଅପମାନରେ ପାର୍ବତୀ ଝାସ ଦେଲେ ଯଜ୍ଞର ଅଗ୍ନି ଭିତରକୁ । କ୍ରୁଦ୍ଧ ଶିବ କୋପାନଳ ହୋଇ ଯଜ୍ଞସ୍ଥଳରେ ପହଞ୍ଚିଲେ ଓ ଅର୍ଦ୍ଧଦଗ୍ଧ ପାର୍ବତୀଙ୍କ ଶରୀରକୁ କାନ୍ଧରେ ବହନ କରି କ୍ରୋଧରେ ତାଣ୍ଡବ ନୃତ୍ୟ କଲେ । ଡମ୍ବରୁର ଡିବିଡିବି ଶବ୍ଦ ହିମାଳୟର କୋଣେ ଅନୁକୋଣେ ପ୍ରତିଧ୍ୱନି ତୋଳିଲା ଓ ତିନିଲୋକ ଆତଙ୍କରେ ଥରହର ହେଲା । କାନ୍ଧରେ ଝୁଲାଇ ପାର୍ବତୀଙ୍କ ଶବ କୈଳାସ ଦିଗେ ନେଇ ଯାଉଥିବା ବେଳେ ମାତାଙ୍କର ଅପୂର୍ବ ନୟନ ଯୁଗଳ ଯେଉଁ ଜାଗାରେ ପଡିଲା ସେଠାରେ ସୃଷ୍ଟି ହେଲା ନୈନୀ ହ୍ରଦ । ଆକାଶ ମାର୍ଗରୁ ଏହି ଅଞ୍ଚଳକୁ ଦେଖିଲେ ହ୍ରଦଟି ସତରେ, ଲୁହରେ ଡବଡବ ଏକ ବିଶାଳ ଭସାଭସା ଚକ୍ଷୁ ପରି ଦେଖେ । ନୈନୀତାଲର ଆଖପାଖ ଯେକୌଣସି ଉଚ୍ଚ ଗିରିଶିଖରକୁ ଅନେଇଲେ ହ୍ରଦଟି ଏକ ଶାନ୍ତ ସମାହିତ – ସମାଧିସ୍ଥ ଉଜ୍ଜ୍ୱଳ ଚକ୍ଷୁ ପରି ପ୍ରତୀୟମାନ ହୁଏ । ଏହି ହ୍ରଦର ଉପରମୁଣ୍ଡରେ କାହିଁ କେଉଁ ଯୁଗରୁ ଦୁଇଟି ମନ୍ଦିର ରହିଛି, ଗୋଟିଏ ପାର୍ବତୀ ମାତାଙ୍କ, ଅନ୍ୟଟି ଶିବଙ୍କର । ସେହି ମନ୍ଦିର ହିଁ ନୈନା ଦେବୀଙ୍କ ମନ୍ଦିର – ଯାହାକୁ କେନ୍ଦ୍ର କରି ଏହି ସହରଟି ଗଢି ଉଠିଛି ।

ନୈନୀତାଲ୍ ସହର ଏକ ପ୍ରସିଦ୍ଧ ଶୈଳ ନିବାସ । ସମୁଦ୍ର ପତ୍ତନ ଠାରୁ ୧୯୩୯ ମିଟର ଉଚ୍ଚରେ କଛି ଚମତ୍କାର ଗିରି ଶିଖର ତଥା ପର୍ବତମାଳାଙ୍କ ଘେର ଭିତରେ ଥିବା ଯୋଗୁଁ ସମଗ୍ର କୁମାୟୁନ୍ ପର୍ବତାଞ୍ଚଳ ତୁଳନାରେ ଏହା ଅଧିକ ଶୀତଳ ଓ ସ୍ୱାସ୍ଥ୍ୟକର । କୁମାୟୁନରେ ରହିଛି ନୈନୀତାଲ, ଆଲମୋଡା ଓ ପିଥୋରଗଡ ଭଳି ତିନୋଟି ଜିଲ୍ଲା । **P. BARON** ନାମକ ଜନୈକ ଇଂରେଜ ଅଫିସର କୁମୟୁନ୍ ଜଙ୍ଗଲ ବୁଲୁବୁଲୁ ଅଗ୍ନକ ଏହି ଅପୂର୍ବ ଶୋଭାମୟୀ ହ୍ରଦଟିକୁ ଆବିଷ୍କାର କରିଥିଲେ ଏବଂ ତାରିଖଟି ଥିଲା ୧୮ ନଭେମ୍ବର ୧୮୪୧ । ନିଜେ ଏହାର ଆବିଷ୍କାରକ ବୋଲି ଦାବୀ କରି ସୁଦୂର ଇଂଲଣ୍ଡ ପର୍ଯ୍ୟନ୍ତ ଚଠି ଲେଖିଲେ, ଯଦିଓ ହିନ୍ଦୁମାନେ ସେଠାକୁ ତୀର୍ଥାଟନରେ ଯିବା ଆସିବା କରୁଥିଲେ । କିନ୍ତୁ ପରାଧିନ ଭାରତରେ ବଳବନ୍ତ ଇଂରେଜଙ୍କୁ ବିରୋଧ କରିବାକୁ ଏହି ପାହାଡୀ ଇଲାକାରେ କେହି ନଥିଲେ । ସେ ପ୍ରଥମେ ହ୍ରଦ କୂଳେ ଯେଉଁ କୁଟୀରଟି ନିର୍ମାଣ କରି ରହିଥିଲେ, ତାର ନାମ ଥିଲା – ତୀର୍ଥ କୁଟୀର । ପରେ ପରେ ଅନେକ ଇଂରେଜ ଆସି ସେଠାରେ ବସବାସ କରିବାକୁ ଲାଗିଲେ, ଆମୋଦ ପ୍ରମୋଦ ଓ ଛୁଟି କଟେଇବା ପାଇଁ ଆସିଲେ । ତାପରେ ରାସ୍ତାଘାଟ ତିଆରି ହେଲା, ସହର ବଢି ଚାଲିଲା । ମିଶନାରୀମାନେ ଆସିଲେ, ଚର୍ଚ୍ଚ ଗଢିଲେ, କନଭେଣ୍ଟ ସ୍କୁଲ୍ ସବୁ ପ୍ରତିଷ୍ଠା କଲେ । ଧୀରେ ଧୀରେ ନୈନୀତାଲ ଇଂରେଜଙ୍କ ଖରାଦିନିଆ ରାଜଧାନୀ ହୋଇଗଲା । ଭାରତର ସବୁ ପ୍ରାନ୍ତରୁ, ସବୁ ବର୍ଗର ଲୋକଙ୍କ ସୁଅ ଛୁଟିଲା ।

ବିଭିନ୍ନ ଋତୁରେ ଏଠାରେ ଅନୁଭବ ଭିନ୍ନ ଭିନ୍ନ । ଅତ୍ୟଧିକ ଉତ୍ତାପରେ ଛଟପଟ ହେଉଥିବା ସମତଳ ଭୂମିର ଲୋକଙ୍କ ପାଇଁ ଗ୍ରୀଷ୍ମ ଋତୁଟି ଏଠାରେ ଅତ୍ୟନ୍ତ ଆନନ୍ଦମୟ, ସତେ ଅବା ମଧୁ ଚନ୍ଦ୍ରିକାର ପର୍ବ । ସେପ୍ଟେମ୍ବର ଠାରୁ ନଭେମ୍ବର ପର୍ଯ୍ୟନ୍ତ ପାଗ ଖୁବ୍ ପରିଷ୍କାର ଥିବା ଯୋଗୁଁ କୁହୁଡି ନଥାଏ, ମେଘ ନଥାଏ, ତେଣୁ ବହୁ ଦୂର ପର୍ଯ୍ୟନ୍ତ ଦେଖି ହୁଏ, ହିମାଳୟର ଅନ୍ୟାନ୍ୟ ପ୍ରସିଦ୍ଧ ଗିରିଶୃଙ୍ଗ ସବୁକୁ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିହୁଏ । ଝରଝର ବର୍ଷା ସାଙ୍ଗକୁ କୋହଲା ପବନ, ମେଘମାଳାଙ୍କ ଦେହକୁ ଛୁଇଁକରି ଚାଲିଯିବାର ଅପୂର୍ବ ଶିହରଣ ତଥା ପାର୍ବତ୍ୟ ଝରଣାମାନଙ୍କ ବଣୁଆ ଉଦ୍ଦଣ୍ଡ ନୃତ୍ୟ ଦେଖିବା ପାଇଁ ବ୍ୟାକୁଳ ପ୍ରକୃତି ପ୍ରେମୀଙ୍କୁ ବର୍ଷା ଦିନଟି ସବୁଠୁ ବଢିଆ । ରଙ୍ଗବେରଙ୍ଗୀ ଛତା ଧରି ଅଙ୍କାବଙ୍କା

ରାସ୍ତାରେ ଚାଲିଯାଉଥିବା ପାହାଡୀ ଯୁବତୀମାନେ ସାକ୍ଷାତ ପରୀଙ୍କ ପରି ଦେଖାଯାନ୍ତି । ରଙ୍ଗବେରଙ୍ଗୀ ପୋଷାକ ପିନ୍ଧିରେ ଇତସ୍ତତଃ ଭ୍ରମୁଥିବା ଜନତା, ହାତ ଧରାଧରି ହୋଇ ଚାଲିଥିବା ସ୍ୱପ୍ନବିଭୋର ନବଦମ୍ପତିଗଣ ସବୁଜ ଘାସ ପଡିଆରେ ଅଳସ ଭଙ୍ଗି ଚାଲୁଥିବା ସାଧବ ପୋକଙ୍କ ପରି ଦେଖାଯାନ୍ତି । ବର୍ଷାଦିନେ ଚାରିପଟ ଏତେ ସବୁଜ ଦେଶେ ଯେ ସବୁଜ ପଟାଳ ସବୁ ଉଠେଇ ନେଇ ପର୍ବତ ଉପରେ ଥାପି ଦେଲା ପରି ଦିଶୁଥାଏ ଏବଂ ତା ଭିତରେ ଗଢି ଉଠିଥିବା ଘର ସବୁ କଣ୍ଟାମାରି ଲଟକା ଯାଇଥିବା ଚନ୍ଦ୍ରପଟ ପରି ଦିଶିଥାଏ ।

ଶୀତ ଦିନେ ସହରଟି ଅଲଗା ଅଲଗା ଲାଗେ, ହୋଟେଲ୍ ସବୁର ଦର କମିଯାଏ, ଭିଡ କମିଯାଏ । ପ୍ରଚଣ୍ଡ ନୀରବତା ଓ ଜନମାନବ ହୀନ ଏକାନ୍ତତା ସହ ଏକାତ୍ମ ହେବାକୁ ଚାହୁଁଥିବା ଭ୍ରମଣାର୍ଥୀମାନେ ଶୀତ ଋତୁକୁ ଉତ୍କୃଷ୍ଟ ବୋଲି ଭାବନ୍ତି । ଏହି ଦିନେ ଆଖପାଖରେ ବରଫପାତ ଦେଖିହୁଏ । ସୁଦୂର ବରଫାବୃତ ଧବଳ ଗିରି ଶିଖର ସବୁ ଧ୍ୟାନସ୍ଥ ପରି ଦିଶୁଥାନ୍ତି । ଶୁନଶାନ୍ ରାସ୍ତାରେ କଦବା କେବେ ଇଉରୋପୀୟ ଲମ୍ବା ଲମ୍ବା ଓଭରକୋଟ୍ ଓ ଗନବୁଟ୍ ପିନ୍ଧା ଦମ୍ପତିଙ୍କୁ ପାଟିରୁ ଭକ୍ ଭକ୍ ଧୂଆଁ ଛାଡି (ଅତ୍ୟଧିକ ଥଣ୍ଡା ଯୋଗୁଁ) ଚାଲୁଥିବାର ଦେଖାଯାଏ । ଚା ଦୋକାନ ପାଖରେ ଯାହାଟିକେ ଭିଡ ଲାଗିଥାଏ ।

ଭାରତର ଅନ୍ୟ ପ୍ରସିଦ୍ଧ ଶୈଳନିବାସ ଯଥା ଉଟି, ଦାର୍ଜିଲିଂ, କାଲିମ୍ପଙ୍ଗ୍, ମସୌରୀ, ସିମଲା, ଗାଙ୍ଗଟକ୍, ସିଲଂ ତୁଳନାରେ ନୈନୀତାଲ ଖୁବ ସୁନ୍ଦର ଓ ଐତିହ୍ୟପୂର୍ଣ୍ଣ । ଏତେବଡ ପ୍ରାକୃତିକ ଓ ସ୍ୱଚ୍ଛ ପାଣିର ହ୍ରଦ କେଉଁଠାରେ ନାହିଁ । ପ୍ରସିଦ୍ଧ ହିମାଳୟ ଟ୍ରେକ୍ସ ସବୁ ଏଠାରେ ରହିଛି । ପାହାଡ ଚଢା, ସନ୍ତରଣ, ନୌ ଚାଳନ, ସ୍କେଟିଂ ଶିକ୍ଷା ପରି ଅନେକ ଦୁଃସାହସିକ କ୍ରୀଡା ପାଇଁ ତାଲିମ କେନ୍ଦ୍ର ସବୁ ରହିଛି । ଅତୀତର ଲୋକସଂଖ୍ୟା, ଘରଦ୍ୱାର ତଥା ପ୍ରଦୂଷଣକାରୀ ଗାଡିମୋଟରଙ୍କ ସଂଖ୍ୟା ଯେବେ କମ ଥିଲା – ଏଠାରେ ଶୀତଦିନେ ପ୍ରବଳ ତୁଷାରପାତ ହେଉଥିଲା । ଏପରିକି ଖୋଦ୍ ନୈନୀ ହ୍ରଦ ଉପରେ ବରଫର ଏକ କଠିନ ଆସ୍ତରଣ ସୃଷ୍ଟି ହେଉଥିଲା, ଯାହା ଉପରେ ପିଲାଏ ସାଇକଲ୍ ଚଳାଉଥିଲେ, କ୍ରିକେଟ୍ ଖେଳୁଥିଲେ । ଶୀତଦିନେ ତୁଷାର କଣା କୁଣ୍ଡା ଝାଡିଲା ପରି ପଡିଥାଏ ସତ, ରାସ୍ତାଘାଟ, ଘରଦ୍ୱାର ଢାଙ୍କି ପକାଇଲା ଭଳି ବରଫପାତ ଧୀରେ ଧୀରେ ଜନଶ୍ରୁତିରେ

ରହିଯାଇଛି । ତା ସତ୍ତ୍ୱେ ଏଠାରେ ଖରାଦିନେ ବିନା କମ୍ବଳରେ ଶୋଇବା କଷ୍ଟକର । ବସ୍ ଯୋଗେ ଦିଲ୍ଲୀରୁ ନୈନତାଲ (୩୨୦ କିଲୋମିଟର) ଗୋଟିଏ ରାତିର ଯାତ୍ରା । ରେଳଯୋଗେ ଲକ୍ଷ୍ନୌରେ ଓହ୍ଲେଇ, ପୁନଶ୍ଚ ମିଟର-ଗଜ ରେଳରେ କାଠ ଗୋଦାମ (୪୦୪ କିଲୋମିଟର) ଯାଇ ସେଠାରୁ ୨୦ କିଲୋମିଟର ଗଲେ ନୈନୀତାଲ୍ । ତୀର୍ଥାଟନରେ ହରିଦ୍ୱାର ଆସିଥିବା ଲୋକେ ମାତ୍ର ୨୪୯ କିଲୋମିଟର ବସ୍ ଯୋଗେ ଯାତ୍ରା କରି ଏଠାକୁ ଆସିପାରନ୍ତି । ପନ୍ତନଗରଠାରେ ବିମାନରୁ ଓହ୍ଲେଇ ୭୧ କିଲୋମିଟର ରୋଡ୍ ରେ ଗଲେ ନୈନୀତାଲ୍ ରେ ପହଞ୍ଚିହୁଏ । ଏଠାରେ କଣ ସବୁ ଦର୍ଶନୀୟ ଜାଗା ଦେଖିବାକୁ ପଡିବ ଏହା ନିର୍ଭର କରେ ଦର୍ଶନାର୍ଥୀ ଜଣକ କେତେଦିନ ରହିବାକୁ ମନସ୍ଥ କରିଛନ୍ତି । ଦିନେ ଦେଢ ଦିନରେ ବୁଲିବାକୁ ଚାହୁଁଥିବା ଲୋକ ଖୁବ୍ ବେଶୀରେ ସହର ଭିତର ଓ ହ୍ରଦରେ ସମୟ କଟାଇବାକୁ ପଡିବ । ନୈନୀତାଲ ଆଖପାଖର ପ୍ରାକୃତିକ ଦୃଶ୍ୟଭରା ଗିରି ଶିଖର ସବୁ ଦେଖିବା ପାଇଁ ଅତି କମ ରେ ତିନ ଚାରି ଦିନ ଲାଗିବ । ନୈନୀତାଲ ଚାରିପଟେ ଥିବା ଅନ୍ୟାନ୍ୟ ଜାଗା ଯଥା ରାଣୀକ୍ଷେତ, ଆଲମୋଡା, କଇଁଚ, କଉୌନୀ ଆଦି ଦେଖିବା ପାଇଁ, ଟ୍ରେକିଂରେ ଯିବା ପାଇଁ ଦଶ ବାର ଦିନ ସମୟ ଲାଗିବ ।

ନୈନୀ ହ୍ରଦକୁ କେନ୍ଦ୍ର କରି ଗଢି ଉଠିଛି ସମଗ୍ର ସହର । ହ୍ରଦଟି ମୁଖ୍ୟତଃ ଆୟତାକାର ଓ ଉତ୍ତର ମୁଣ୍ଡଟି ହେଉଛି ତଲି ତାଲ, ଦକ୍ଷିଣ ଅଂଶଟି ହେଉଛି ମଲି ତାଲ । ଉତ୍ତର ମୁଣ୍ଡରେ ରହିଛି ବସ୍ ଷ୍ଟାଣ୍ଡ, ପୁଛତାଛ କେନ୍ଦ୍ର, ପୋଲିସ୍ ଫାଣ୍ଡି, ଟୁରିଷ୍ଟ ଅଫିସ, ରେଲୱେ ଅତିରିକ୍ତ କାଉଣ୍ଟର, ଟେଲିଫୋନ୍, ଟେଲିଗ୍ରାଫ୍ ଓ ପୋଷ୍ଟ ଅଫିସ୍ । ସେଠାରୁ ଇଂରାଜୀ "U" ଅକୃତିର ଦୁଇଟି ରାସ୍ତା ହ୍ରଦର ଦୁଇକଡେ ଯାଇ ଦକ୍ଷିଣ ମୁଣ୍ଡରେ ମିଶିଛନ୍ତି । ହ୍ରଦର ଡାହାଣ କଡେ ଯାଇଥିବା ରୋଡ୍ ର ନାମ ମାଲ୍ ରୋଡ୍ ଯାହାକି ଦେଢ କିଲୋମିଟର ଲମ୍ବ ଓ ଜନଗହଳରେ ପୂର୍ଣ୍ଣ, ହୋଟେଲ୍, ଦୋକାନ ତଥା ଫେସନ୍ ଦୁନିଆର ଝଲକରେ ପରିପୂର୍ଣ୍ଣ । ମାଲରୋଡର କଡକୁ ପାହାଡର ଉପରକୁ ଥାକ ଥାକ ହୋଇ ହୋଟେଲ ଘର ସବୁ ରହିଛି, ତାକୁ ସୁଖତାଲ୍ କହନ୍ତି । ଦକ୍ଷିଣ ମୁଣ୍ଡରେ ରହିଛି ନୈନାଦେବୀଙ୍କ ମନ୍ଦିର, ଆଉଟିକେ ଦୂରରେ ରହିଛି ସିନେମା ଘର, ଘୋଡାମାନଙ୍କ ରହିବା ଜାଗା, ଫୁଟବଲ୍ ଷ୍ଟାଡିୟମ୍, ସ୍କେଟିଂ

ଖେଳବା ପାଇଁ ଘର, ନେପାଳୀମାନଙ୍କ ଶୀତ ବସ୍ତ୍ରର ଆକର୍ଷଣୀୟ ମାର୍କେଟ ଇତ୍ୟାଦି। ହ୍ରଦର ବାମକଡେ ଯାଇଥିବା ରାସ୍ତାଟି ଶୁନ୍ ଶାନ୍, କେବଳ ପାଦଚଲା ପାଇଁ ଉଦ୍ଦିଷ୍ଟ। ସେହି ରାସ୍ତା କଡରେ ରହିଛି ସୁନ୍ଦର ସୁନ୍ଦର କଟ୍ଟେଇ ପରି ଦିଶୁଥିବା ବଙ୍ଗଳା ସବୁ। ଏକଦା ଏଠାରେ ଉଚ୍ଚପଦସ୍ଥ ଇଂରେଜ ସାମରୀକ କର୍ମଚାରୀ ତଥା ଅଫିସରମାନେ ରହୁଥିଲେ ଏବଂ ସ୍ୱାଧୀନତା ପର୍ଯ୍ୟନ୍ତ ଏହି ରାସ୍ତାରେ ସର୍ବସାଧାରଣ ଯିବା ନିଷେଧ ଥିଲା। ନୈନୀତାଲ ପୂର୍ବେ ଉତ୍ତର ପ୍ରଦେଶର ଗ୍ରୀଷ୍ମକାଳୀନ ରାଜଧାନୀ ଥିଲା। ନୈନୀ ହ୍ରଦକୁ ନେଇ ଅସୁମାରୀ ଜନଶ୍ରୁତି ଏବେ ବି ବଞ୍ଚିଛି। ଲୋକେ କହନ୍ତି ଏହି ପାର୍ବତ୍ୟାଞ୍ଚଳରେ ଏକଜାତୀୟ ଗନ୍ଧର୍ବ ସଦୃଶ୍ୟ ଅଶରୀରୀ ଜୀବ ବାସ କରନ୍ତି ଏବଂ ଅବଗାହନ ପାଇଁ ନୈନୀ ହ୍ରଦକୁ ଆସନ୍ତି। ବହୁ ଦୁଃସାହସୀ ଏଭଳ ମଣିଷାକୃତି ଗନ୍ଧର୍ବଙ୍କ ଦର୍ଶନ ପାଇଥାନ୍ତି ଓ ପରେ ଜନଶ୍ରୁତିର ଗନ୍ଧର୍ବ ବିଷୟରେ ଅବଗତ ହୋଇ ଶିହରିତ ହୋଇଥାନ୍ତି। ଇଂରେଜମାନଙ୍କ ଦ୍ୱାରା ବୋଟ୍ କ୍ଲବ କାଠ ଘରଟି ହ୍ରଦ କୂଳରେ ଏବେ ରହିଛି ଏବଂ ସେଠାରୁ ବିଭିନ୍ନ ପ୍ରକାରର ବୋଟ, ଡଙ୍ଗା ଓ ପେଡେଲ୍ ମାରା ଡଙ୍ଗା ଉପଲବ୍ଧ ହୋଇଥାଏ। ଦିନକ ପାଇଁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହି ବୋଟ୍ ଚାଳନ ଅନୁଭୂତି ନିଶ୍ଚିତ କାମ୍ୟ। ଏକଦା କେବଳ ନିରୋଳା ଇଂରେଜମାନେ ଏହି କ୍ଲବ୍ ର ମେମ୍ବର ହୋଇ ପାରୁଥିଲେ, ଏପରିକ ଭାରତ ଜନ୍ମିତ ଜିମ୍-କରବେଟ୍ ଙ୍କୁ ମଧ୍ୟ ଅନୁମତି ମିଳି ନଥିଲା। ମାଲ୍ ରୋଡ୍ ରେ ମିଳେ ଝୁଲନ୍ତା ମଟରର ସୁବିଧା । ଏହି ମଟରଗାଡି ସବୁ ଝୁଲନ୍ତା କେବୁଲ୍ ରେ ଶୁନ୍ୟରେ ଚାଲନ୍ତି ଓ ଏକାଥରକେ ୩୩୦ ମିଟର ଉଚ୍ଚରେ ଥିବା "Snow View" ରେ ପହଞ୍ଚାଇ ଦିଅନ୍ତି। ସେଠାରେ ରହିଛି ଉଚ୍ଚ କ୍ଷମତା ସମ୍ପନ୍ନ ଦୂରବୀକ୍ଷଣ ଯନ୍ତ୍ର। ପାଗ ସଫା ଥିଲେ ଦୂର ଗିରି ଶୃଙ୍ଗ ସବୁ ଦୃଷ୍ଟିଗୋଚର ହୁଏ, ଏପରିକ ଚାଇନାର ସୀମାନ୍ତ ମଧ୍ୟ ଦିଶିଥାଏ। ଏଠାରେ ପାରମ୍ପରିକ ଗଡ଼ୱାଲି ପୋଷାକପତ୍ର ଭଡାରେ ମିଳେ, ସେସବୁ ପିନ୍ଧି କଛି ଲୋକ ନିଜର ଫଟୋ ଉଠେଇଥାନ୍ତି ଓ ନିଜକୁ ଭିନ୍ନ ରୂପରେ ଦେଖି ଆମୋଦିତ ହୋଇଥାନ୍ତି। ସେଠାରେ ଗୋଟିଏ କଂସା ପ୍ଲେଟ୍ ଉପରେ ଇଂରେଜମାନେ ଲେଖିଥିଲେ – "ବିଶାଳ ଇଂରେଜ ସାମ୍ରାଜ୍ୟର ସର୍ବୋଚ୍ଚ ଗିରିଶୃଙ୍ଗ ନନ୍ଦାଦେବୀ ୭୮୧୬ ମିଟର ଉଚ୍ଚ।" ସେଠାରୁ ଆଉଟିକେ ଉପରକୁ ଗଲେ ପଡେ ତିବ୍ବତୀୟମାନଙ୍କ ଉପାସନା ସ୍ଥଳୀ। ରଙ୍ଗବେରଙ୍ଗୀ ପତାକା ଉଡୁଥିବା ଏହି

ମନ୍ଦିରକୁ ଦଲାଇଲାମା କେତେଥର ଆସିଛନ୍ତି । ଏଠାରୁ କଲବରୀ, ଚୀନା ପିକ୍ ବା ନୈନା ପିକ୍, ଡରୋଥି ସିଟ୍ ବା ଟିଫିନ୍ ଟପ୍, LAND's END ଆଦିକୁ ଟ୍ରେକିଂ ରାସ୍ତା ରହିଛି, ସେସବୁ ବୁଲିବା ପାଇଁ ଏକାଧିକ ଦିନ ନୈନୀତାଲରେ ରହିବା ଆବଶ୍ୟକ । ଉତ୍ତର ଭାରତର ବହୁ ଶିଳ୍ପପତି ବିଶ୍ରାମ ନେବା ପାଇଁ ଏଠାରେ ବଙ୍ଗଳା ସବୁ ନିର୍ମାଣ କରିଛନ୍ତି ଏବଂ ଖରାଦିନେ କିଛି ଦିନ ସପରିବାରେ ଏଠାରେ ରହିଥାନ୍ତି । ବାକି ସବୁ ସମୟ ନେପାଳୀ ଦରୱାନ୍ ଟିଏ ସପରିବାରେ ଘରର ତଦାରଖ କରୁଥାଏ । କାଶ୍ମୀର ଅସୁରକ୍ଷିତ ହୋଇ ପଡିବା ପରେ ସିନେମା ସୁଟିଂ ପାଇଁ ନୈନୀତାଲ ଏବେ ସମସ୍ତଙ୍କ ପସନ୍ଦ ଜାଗା । ମନୁ ମହାରାଣୀ ନାମକ ପ୍ରାଚୀନ ଓ ପ୍ରଖ୍ୟାତ ହୋଟେଲ୍ ଚଳଚ୍ଚିତ୍ର ତାରକାଙ୍କ ରହଣି ପାଇଁ ବେଶୀ ଚର୍ଚ୍ଚିତ ।


୧୮୯୮ ମସିହାରେ ବିବେକାନନ୍ଦ କିଛି ଗୁରୁ ଭ୍ରାତୃବୃନ୍ଦ , ଶିଷ୍ୟମଣ୍ଡଳୀ, କିଛି ପାଶ୍ଚାତ୍ୟ ଶିଷ୍ୟା ଯଥା ଧୀରା ମାତା, ଦୟା ଓ ଭଗିନୀ ନିବେଦିତାଙ୍କ ସହ ନୈନୀତାଲ ଆସିଥିଲେ । ତିନୋଟି ଘଟଣା ନୈନୀତାଲରେ ସ୍ୱାମୀଜୀଙ୍କ ରହଣିକୁ ମଧୁମୟ କରିଥିଲା, ତାହା ହେଲା ଖେତଡୀରାଜଙ୍କୁ ନିଜ ଅନୁଗାମୀଙ୍କ ସହ ପରିଚୟ କରାଇ ପ୍ରାଣଭରି ଖୁସି, ଦୁଇ ବାଇଜୀଙ୍କ ସହ ସାକ୍ଷାତ ଓ ଜଣେ ଗୁଣଗ୍ରାହୀ ମୁସଲମାନ୍ ଭଦ୍ରଲୋକଙ୍କ ସ୍ୱାମୀଜୀଙ୍କ ସହ ପରିଚୟ ପରେ ହୃଦୟରୁ ବାହାରି ପଡିଥିବା କଥା ପଦକ – ସ୍ୱାମୀଜୀ ଯଦି ଭବିଷ୍ୟତରେ କେହି ଆପଣଙ୍କୁ ଅବତାର ବୋଲି ଦାବୀ କରନ୍ତି, ସ୍ମରଣ ରଖିବେ ମୁଁ ମୁସଲମାନ୍ ହୋଇ ମଧ୍ୟ ସମସ୍ତଙ୍କଠାରୁ ଅଗ୍ରଣୀ । ସ୍ୱାମୀଜୀ ରହଣି କାଳରେ ଯେଉଁ ସବୁ ବକ୍ତବ୍ୟ ରଖିଥିଲେ, ତା ଭିତରେ ଥିଲା ରାମ ମୋହନ ରାୟଙ୍କ ବେଦାନ୍ତ ଗ୍ରହଣ, ସ୍ୱଦେଶ ପ୍ରେମର ପ୍ରଚାର ତଥା ହିନ୍ଦୁ ଓ ମୁସଲମାନ ମାନଙ୍କୁ ସମଭାବରେ ଭଲ ପାଇବା । ଖେତଡୀ ହେଉଛି ରାଜପୁତନାର ଗୋଟିଏ କରଦୀ ରାଜ୍ୟ ଓ ଶ୍ରୀ ଅଜିତ୍ ସିଂହ ତାହାର ତତକାଳୀନ ରାଜା ଥିଲେ । ନୈନୀତାଲ ରହଣି, ସ୍ୱାମୀଜୀଙ୍କ ସହ ବନ୍ଧୁତା ସୃଷ୍ଟି ପାଇଁ ଖେତଡୀ ରାଜଙ୍କୁ ଏକାଧିକ ଅବସର ଯୋଗାଇ ଦେଇଥିଲା ।

ହ୍ରଦ ନିକଟସ୍ଥ ଜାମା ମସଜିଦରୁ ୩୦ ମିନଟ୍ ଗ୍ଭଲି ରାସ୍ତା ପରେ ଗର୍ନି ହାଉସ୍ ନାମକ ଏକ ଦୁଇତାଲିଆ ପ୍ରାଚୀନ କାଠଘର ପଡେ ଯେଉଁଠି ଏକଦା ପୃଥିବୀ ବିଖ୍ୟାତ ଶିକାରୀ ଜିମ୍ କରବେଟ୍ ରହୁଥିଲେ । ସେ ଅବିବାହିତ ଥିଲେ ଓ ଶିକାର ଅନୁଭୂତି ସବୁ କହିଗଲାବେଳେ, ପାଖରେ ବସି ତାଙ୍କର ଅବିବାହିତା ଭଉଣୀ ସେସବୁକୁ ଲେଖି ଯାଉଥିଲେ । ଚମ୍ପାରନର ବାଘ, କୁମାୟୁନର ନରଖାଦକ, ପିଥୋରାଗଡର ଆତଙ୍କ ଆଦି ତାଙ୍କର ବିରଳସୃଷ୍ଟି। ଅନୁରୋଧ କଲେ ସେହି ଘରର ମାଲିକ ଭିତରକୁ ଯିବାକୁ ଅନୁମତି ଦେଇଥାନ୍ତି । ୧୯୨୬ ରେ ସ୍ଥାପିତ ହୋଇଥିବା ରାଜଭବନ ଗଲଫ୍ କ୍ଲବ୍ ରହିଛି ରାଜଭବନ ପଖରେ, ବାରା ପଥର ନିକଟରେ ପର୍ବତାରୋହଣ କ୍ଲବ୍ ରହିଛି । ଟ୍ରେକିଂ ପାଇଁ ସେମାନେ ଗାଇଡ୍ ମଧ୍ଯ ଯୋଗାଇ ଦେଇଥାନ୍ତି । ଗଭର୍ଣ୍ଣର ରହୁଥିବା ରାଜଭବନ ଦର୍ଶନୀୟ କିନ୍ତୁ ସେଥିପାଇଁ ଅନୁମତି ପର ଆବଶ୍ୟକ ।

ନୈନୀତାଲକୁ ଆସିଥିବା ଆଉଜଣେ ମହାମନିଷୀ ହେଲେ ଶ୍ରୀ ଅରବିନ୍ଦ । ବିବାହ ପରେ ପତ୍ନୀ ମୃଣାଳିନୀଙ୍କ ସହ ସେ ଏଠାରେ କିଛି ଦିନ କଟେଇଥିଲେ ଓ ସେଥିପାଇଁ ସମସ୍ତ ବନ୍ଦୋବସ୍ତ ବରୋଦାର ମହାରାଜା କରିଥିଲେ । ଚେୟାର ଉପରେ ବସିଥିବା ଶ୍ରୀ ଅରବିନ୍ଦଙ୍କ କଡକୁ ଲାଗି ବଙ୍ଗାଳୀ ଶାଢୀ ପରିହିତା ପତ୍ନୀ ମୃଣାଳିନୀଙ୍କ ବିରଳ ଭଙ୍ଗୀରେ ଠିଆ ହୋଇଥିବା ଚିତ୍ରପଟଟି ଏଠାକାର ରହଣି ସମୟରେ ଉଠାଯାଇଥିଲା । ଏହି ସୁନ୍ଦର ଫଟୋଟି ଅଜଣା ଲୋକଙ୍କୁ ଲାଗେ – ପ୍ରାଚୀନ କଳାଧଳା ସିନେମାରେ ବିସ୍ମୃତ ନାୟକ / ନାୟିକାଙ୍କ ଏକ ମନଲୋଭା ରୋମାଣ୍ଟିକ୍ ପୋଜ୍ । ଆଉ ଥରେ କୌଣସି ଏକ ଗିରିଶୃଙ୍ଗରେ (ବର୍ତ୍ତମାନ ତାର ନାମ ଶ୍ରୀ ଅରବିନ୍ଦ ପିକ୍) ଦୀର୍ଘ ଗ୍ଭରିମାସ ଧରି ଯୋଗ ଧ୍ୟାନରେ ନିମଗ୍ନ ରହିଥିଲେ । ସେହି ସବୁ ମହାନ ସିଦ୍ଧିକୁ ସ୍ମରଣ କରି ତିଆରି ହୋଇଛି ନୈନୀତାଲର ବନ ନିବାସ, ଯାହାକି ଦିଲ୍ଲୀରେ ଥିବା ଶ୍ରୀ ଅରବିନ୍ଦ ଆଶ୍ରମର ଏକ ଅଂଶ ବିଶେଷ । ଏହି ବନନିବାସ ତରଫରୁ ପ୍ରତି ବର୍ଷ ଜାତୀୟ ଯୁବ ଶିବିର, ଜାତୀୟ ସଂହତି ଶିବିର ତଥା ବୟସ୍କ ଲୋକଙ୍କ ପାଇଁ ସ୍ୱାଧ୍ୟାୟ ଶିବିର ସବୁ ସଂଗଠିତ ହୋଇଥାଏ ।

ଶ୍ରୀ ଅରବିନ୍ଦ ପିକ୍ ରୁ ତଳକୁ ଅନାଇଲେ ଅଦୂରରେ ଯେଉଁ ସ୍କୁଲ୍ ଟି ଦେଖାଯାଏ ସେଠାରେ ଶ୍ରୀନିବାସ ଆୟାଙ୍ଗାର ଓ ଅମିତାଭ ବଚ୍ଚନଙ୍କ ଭଳି ଖ୍ୟାତନାମା ଲୋକ ପଢ଼ିଥିଲେ। ଅମିତାଭ୍ ଙ୍କୁ ନେଇ ଅନେକ ରୋଚକ ଘଟଣା ଶୁଣିବାକୁ ମିଳେ। ଥରେ ସ୍କୁଲରେ ବାର୍ଷିକ ଉତ୍ସବକୁ ନିମନ୍ତ୍ରିତ ହୋଇ ଆସିଥିଲେ ଅମିତାଭ୍। ଭାବପ୍ରବଣ ହୋଇ ପୁରୁଣା ରୁମ୍, ପୁରୁଣା କାନ୍ଥ, କାନ୍ଥ ଉପରେ ମାଡିଥିବା ଫୁଲ ଭର୍ତ୍ତି ଲତାଙ୍କୁ ଦେଖୁଦେଖୁ ଦଳେ ପିଲା ତାଙ୍କୁ ଘେରିଗଲେ ଏବଂ ବିଚିତ୍ର ପ୍ରଶ୍ନ ସବୁ ପଚାରିଲେ ଯଥା – ତମେବି ମାଙ୍କ ଠୁ କାନମୋଡା ଖାଉଥିଲ କ**?** ତୁମେ ବି ଘୁଙ୍ଗୁଡି ମାର କ**?** ଲେଟ୍ ରେ ପହଞ୍ଚିଲେ ପ୍ରିନ୍ସପାଲ୍ ସାର୍ ତୁମକୁ ବି କହୁଥିଲେ- "You are too early for tomorrow"| ଆଉଜଣେ ପଚାରିଲା – ସାର୍ଟ ବଦଳେଇଲା ବେଳେ ଟଙ୍କାଟିଏ ଖସି ଖଟ ତଳକୁ ଗଡି ଗଡି ଗଲିଲେ, ତୁମେ ବି କଣ ଲଇଁ ପଡି ତାକୁ ଆଣ**?** ଇତ୍ୟାଦି। ପୁରୁଣା ନଥିପତ୍ର ଓ ଫଟୋ ଦେଖୁଦେଖୁ ଥରେ ଜଣେ ପ୍ରୌଢ଼ା ସେହି ସ୍କୁଲ୍ ଅଫିସରେ ଜଙ୍ଘିଆ ପିନ୍ଧି ସନ୍ତରଣ ପାଇଁ ଉଦ୍ୟତ ବାଳକ ଅମିତାଭଙ୍କ ଫଟୋକୁ ଚୁମାଟିଏ ଦେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲେ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା।



# ମନ ମୋର କହେ



ଅଜୟ କୁମାର ବେହେରା

ମନ ମୋର କହେ
ପକ୍ଷୀଟିଏ ହୁଅନ୍ତି କି ମୁହିଁ
ଦୁନିଆର ଯେତେ
ଖୁସିର ପସରା
ସୁଷମା ଭରା ସୌନ୍ଦର୍ଯ୍ୟକୁ ଦେଖି
ଦୁନିଆକୁ
ଦେଖେଇବା ପାଇଁ।।୧।।

ମନ ମୋର କହେ ସୂର୍ଯ୍ୟଟିଏ
ହୁଅନ୍ତି କି ମୁହିଁ
ସକାଳର ସୁନେଲି କିରଣ
ଧରାରେ ବିଛାଇ
ଆବଶ୍ୟକତା ମତେ
ଆଲୋକ ଦିଅନ୍ତି ଯୋଗାଇ
ଜଗତର ହିତ ପାଇଁ।।୨।।

ମନ ମୋର କହେ
ବୃକ୍ଷଟିଏ ହୁଅନ୍ତି କି ମୁହିଁ
ଫୁଲ,ଫଳ, ଡ଼ାଳେ
ବିହଙ୍ଗମ ତାଳେ ନମ୍ରତା ହୋଇ
ଖୁସିରେ ପାଳନ୍ତି ଜୀବ ଜଗତକୁ
ସୁଶୀତଳ ଛାୟା ସହ
ଶୁଷ୍କ,ଡାଳ,ପତ୍ର ଅମ୍ଳଜାନ ଦେଇ।।୩।।

ମନ ମୋର କହେ
ମଧୁମକ୍ଷିକାଟିଏ
ହୁଅନ୍ତି କିମୁହିଁ
ଦିବାରାତ୍ରୀ ଫୁଲରୁ ଫୁଲ ଭ୍ରମି
ମଧୁ ସଂଗ୍ରହ କରନ୍ତି ମୁଁ ଯେ
ଜଗତ ହିତ ପାଇଁ।।୪।।

ମନ ମୋର କହେ
କୂପଟିଏ ହୁଅନ୍ତି କି ମୁହିଁ
ବର୍ଷ ଯାକ ଯୋଗାନ୍ତି ଜଳ
ସଭିଙ୍କ ହିତ ପାଇଁ।।୫।।
ମନ ମୋର କହେ
ପିମ୍ପୁଡିଟିଏ ହୁଅନ୍ତି କି ମୁହିଁ
ଶ୍ରମର ମୂଲ୍ୟ ଦେଖାନ୍ତି ସଭିଙ୍କୁ
କର୍ମେ ବ୍ୟସ୍ତ ଥାଇ।।୬।।

ମନ ମୋର କହେ
ଘଣ୍ଟାଟିଏ ହୁଅନ୍ତି କି ମୁହିଁ
ଅବିରତ ଅତିକ୍ରମୀ
ଗଳିବାର ରହସ୍ୟ
ବୁଝନ୍ତି ମୁଁ ଯେ
ଉଦାହରଣ ହୋଇ।।୭।।
ମନ ମୋର କହେ
ପାହାଡ଼ଟିଏ ହୁଅନ୍ତି କି ମୁହିଁ
ଖରା,ବରଷା କି ଶୀତ ସହି
ଧୈର୍ଯ୍ୟ ଧରି ରହିବାର
ମହାନତା ବୁଝାନ୍ତି ଲୋକଙ୍କୁ ଯାଇ।।୮।।

ମନ ମୋର କହେ ମଶାଲଟିଏ
ହୁଅନ୍ତି କି ମୁହିଁ
ସଂସାର ର ଯେତେ ସବୁ ଅଛି
ରାଗ,ଈର୍ଷା,କ୍ରୋଧ,ହିଂସା
ରିପୁ ଜାଳି ପକାନ୍ତି ମୁହିଁ।।୯।।

ମନ ମୋର କହେ
ମାଟି ମାଆ ହୁଅନ୍ତି କି ମୁହିଁ
ସବୁ ଦୁଃଖ ପୀଡ଼ନ ସହନ୍ତି
ଆପଣା ଲୋକର ଖୁସି ପାଇଁ।।୧୦।।

ମୋରଡ଼ା, ମୟୂରଭଞ୍ଜ

# ନାଁ ରେ ଜୀବନ ନାଁ

ନବ କୁମାର ଦାସ

ନାଁ ରେ ଜୀବନ ନାଁ
ଏତେ ଦାଉ ସାଧନା
କାହାକୁ ଅଧବାଟେ ଛାଡ଼ିଦେଇ
ଆତ୍ମହତ୍ୟା କରି ଦେଏନା...
ଏକାକୀ ବଞ୍ଚିବାରେ
ଯନ୍ତ୍ରଣା ର ବିଷ ପୁରି ଦେଏନା....

ନାଁ ରେ ଜୀବନ ନାଁ
ଏତେ ଲୁଚକାଳି ଖେଳନା
ଖେଳୁ ଖେଳୁ ଖେଳାଳି କୁ
ସବୁବେଳେ ହାରିଦେଏନା....
ତା ର ଜିତିବା ର ନିଶାରେ
ସର୍ବସ୍ୱ କୁ ଲୁଟି ନେଏନା......

ନାଁ ରେ ଜୀବନ ନାଁ
ଏତେ ମିଛ ସ୍ୱପ୍ନ ଦେଖାନା
ସ୍ୱପ୍ନ ରେ ହସେଇ ହସେଇ
ବାସ୍ତବ ରେ ଲୁହ ଦେଏନା.....
ଅଭିଳାଷୀ ଟିକି ମନରେ
ପ୍ରତାରଣା ଦୁଃଖ ପୁରି ଦେଏନା.....

ନାଁ ରେ ଜୀବନ ନାଁ
ଏତେ ପ୍ରଶ୍ନ ପଘରନା
ଉତ୍ତର ଖୋଜୁ ଖୋଜୁ କାହାକୁ
ଦିଗହରା କରି ଦେଏ ନା
ଅପରିଚ ଚରିତ୍ରରେ
ମୃତ୍ୟୁ ଶଯ୍ୟାକୁ ଡାକ ନେଏନା....

ଶିକ୍ଷକ, ବାଲିଆପାଳ, ବାଲେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ଅକ୍ଟୋବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।
ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ -9594993733

# ଗୁରୁଶ୍ରେଷ୍ଠ



ମୀନାକ୍ଷି ପାଢୀ

ପରମ୍ ବ୍ରହ୍ମ ସ୍ୱରୁପାୟ ପରମାତ୍ମା ପରମ୍ ଗୁରୁ,
ସଚ୍ଚିଦାନନ୍ଦ ସଦାନନ୍ଦ ସଦାଗ୍ଯରୀ ସଦ୍ ଗୁରୁ।
ଜ୍ଞାନାଲୋକ ପ୍ରଦାୟକ ସତ୍ ପଥ ପ୍ରଦର୍ଶକ,
ସ୍ୱର୍ଗ, ମର୍ତ୍ତ୍ୟ, ଭୂଗରଭ ତବ ଜ୍ଞାନେ ଆଲୋକତ ।
ପିତା, ମାତା, ଭ୍ରାତା, ସଖା ଗୁରୁ ନାମ ସର୍ବମୟ,
ଗୁରୁ ନାମେ ସର୍ବ ମୁକ୍ତି ସର୍ବ ପାପ ଭୟ କ୍ଷୟ ।
ନିରପେକ୍ଷ, ନିର୍ବିକାର, ନିର୍ମୋହୀ ଧୃତି ଅଚଳ,
ଗୁରୁ ଆତ୍ମା ନିର୍ବିଶେଷେ ସ୍ଥିତ ପ୍ରଜ୍ଞ ସୁବିମଳ ।
ଆଚରଣେ ସଦାଶ୍ରେଷ୍ଠ ଆଗ୍ଯର୍ଯ୍ୟ ପଦେ ମଣ୍ଡିତ,
ଅହଂ ଶୂନ୍ୟ ନିରଳସ ନିରବଧି ସ୍ୱପ୍ରତିଷ୍ଠିତ ।
ପିତା ଗୁରୁ ମାତା ଗୁରୁ ତଥି ପରେ ନାରାୟଣ,
ସର୍ବଶ୍ରେଷ୍ଠ ଜ୍ଞାନ ଗୁରୁ ନର ଦେହେ ନାରାୟଣ।
ସ୍ୱ ସ୍ଥାନେ, ସ୍ୱ ଅଧିକାରେ ପୂଜ୍ୟ ପାଦ ରଜନ,
ସର୍ବ ସ୍ଥାନେ, ସର୍ବ ଜନେ ଗୁରୁପଦ ବନ୍ଦନ।
ଜ୍ଞାନ, ବିଦ୍ୟା, ବୁଦ୍ଧି, ସିଦ୍ଧି ସର୍ବ ଗୁରୁ ପ୍ରଦାୟକ,
ସର୍ବ କାଳେ ଅଗ୍ରେ ସ୍ଥିତ ଗୁରୁ ପରମ ନାୟକ।
ଗୁରୁ ପଦେ ତନୁ, ମନ, ଜୀବନ ସମର୍ପଣ,
ଗୁରୁସେବା ଶ୍ରେଷ୍ଠ ସେବା ଅନ୍ୟଥା ଅକାରଣ।
ଗୁରୁର୍ବ୍ରହ୍ମାଃ, ଗୁରୁର୍ବିଷ୍ଣୁଃ, ଗୁରୁଦେବ ମହେଶ୍ୱରଃ,
ଗୁରୁ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ।

ଶିକ୍ଷୟତ୍ରୀ, ଚକଟା ପେଣ୍ଠ, ଗଂଜାମ

# ମୁଁ କର୍ଣ୍ଣ



ସୀତାରାମ ଦାଶ

ମା' ତୁମେ ପରମ ମମତାମୟୀ,
କେମିତି ପାରିଲ ମତେ ନଦୀରେ ଭସାଇ।

ଥରେ ହେଲେ ଚାହିଁଲନି ମୋ କୋମଳ ମୁହଁ,
ଜୀବନରେ ଭରିଦେଲ ଅସରନ୍ତି ଲୁହ।

ସେ ଦିନ ମୁଁ ନେଇଥିଲେ ସଲିଳ ସମାଧି,
ଉପେକ୍ଷିତ ଜୀବନରୁ ପାଇଥାନ୍ତି ମୁକ୍ତି।

ମା' ମତେ କରିଦେଲ ଏମିତି ପର,
ସଂପର୍କଟା ଲାଗେ ଆଜି ପାଣିର ଗାର।

ତୁମେ ଥାଇ ମୁଁ ଆଜି ସାଜିଲି ଅନାଥ,
ଅନୁଜ ବୋଲଇ ମତେ "ହେ ସୁତ ପୁତ୍ର"।

ବୃଥା ମୋର ଗୁରୁଭକ୍ତି, ବୃଥା ପରାକ୍ରମ,
ଅପମାନେ କଟିଗଲା ମୋ ସାରା ଜୀବନ।

ବିନା ଦୋଷେ ଅଭିଶପ୍ତ ମୁଁ ସାରା ଜୀବନ,
ମିଳିଲାନି କୃଷ୍ଣା ଆଉ ମିଳିଲାନି ପ୍ରକୃତ ପ୍ରାଙ୍ଗଣ।

ଏତିକ କରିବ ମା ପକାଉଛି ଋଣ
ମରଣ ପୂର୍ବରୁ କେବେ କହିବନ ମୁଁ ତୁମ ସନ୍ତାନ।

ମା ମୋର ମହାସତୀ, ପିତା ସୂର୍ଯ୍ୟ ନାରାୟଣ
ବିଧାତା ଲେଖିଛି ମୋର ଅଲୋଡ଼ା ଜୀବନ।

"ମୁଁ କର୍ଣ୍ଣ"

ସାନମୂଳେଇ, କଟକ



# ବ୍ରହ୍ମାସ୍ତ୍ର



ଶେଫାଳିକା ମିଶ୍ର

ହେଇଟି ........ ଶୁଣୁଛ .......

ଶୋଷେଇ ଘରୁ ଡାକ ପକେଇଲେ ମମତା। ହଁ ହଁ ଯାଉଛି କହି ଭିତରକୁ ପଶି ଆସିଲେ ସନାତନ ବାବୁ। ସ୍ୱାମୀଙ୍କ ହାତ ରେ ଲଞ୍ଚ ବକ୍ସ ଟା ଧରେଇ ଦେଇ ମମତା କହିଲେ ନଅ ତୁମ ଲଞ୍ଚ ରେଡି। କନ୍ତୁ ଆଜି ତୁମର ପ୍ରିୟ ବାଇଗଣ ଭର୍ତ୍ତା ଟା କରିନ ମୁଁ। ଘରେ ବାଇଗଣ ନ ଥିଲା ତ ସେଥିପାଇଁ କରି ପାରିଲିନ। ଚଳେଇ ଦବ ଆଜି ଗୋଟେ ଦିନ। ହଉ କହି ଲଞ୍ଚ ବକ୍ସ ଟା ଧରି ଅଫିସ ବାହାରି ଗଲେ ସନାତନ ବାବୁ।

ସନାତନ ବାବୁଙ୍କର ବାଇଗଣ ଭର୍ତ୍ତା ଟା ଭାରି ପ୍ରିୟ। ଲଞ୍ଚ ରେ ଯେମିତି ହେଲେ ଅତି ଯତ୍ନ ରେ ବାଇଗଣ ଭର୍ତ୍ତା ତିଆରି କରି ଦେଇଥାନ୍ତି ମମତା। ବାଇଗଣ ଭର୍ତ୍ତା ସହ ସନାତନ ବାବୁଙ୍କର ସମ୍ପର୍କଟା ଅଫିସରେ ବି ସମସ୍ତେ ଜାଣିଛନ୍ତି।

ସବୁଦିନ ଅଫିସରୁ ଫେରି ସନାତନ ବାବୁ ବସି ପଡନ୍ତି ଡ୍ରଇଂ ରୁମରେ । ଅପେକ୍ଷା କରନ୍ତି ଚା କପ୍ କୁ। ତା ପରେ ମମତା ଚା କପ୍ ଟିଏ ଧରେଇ ଦେଇ ପାଖରେ ବସି ପଡନ୍ତି ସରାଗରେ। ଆଉ ଦିନଯାକ ର ହାଲଚାଲ ପଚାରି ବୁଝନ୍ତି। ଅଫିସରେ ସନାତନ ବାବୁ ଦୁଇ ଜଣ ସହକର୍ମୀଙ୍କ ସହ ମିଶିକ ଲଞ୍ଚ କରନ୍ତି। ସମସ୍ତେ ମମତାଙ୍କ ହାତରନ୍ଧା ର ବହୁତ ପ୍ରଶଂସା କରନ୍ତି। ସେତିକ ଶୁଣିବା ପାଇଁ ମମତା ଅପେକ୍ଷା କରି ରହିଥାନ୍ତି ସନ୍ଧ୍ୟା ପର୍ଯ୍ୟନ୍ତ। ଆଉ ସ୍ୱାମୀ ଘରକୁ ଆସିବା ମାତ୍ରେ ପାଖରେ ବସି ପଡ଼ି ଭଲମନ୍ଦ ପଚାରି ବୁଝନ୍ତି। ଭଲମନ୍ଦ ପଚାରିବାଟା ଖାଲି ଗୋଟେ ବାହାନା ମାତ୍ର, ମନ ଟା କନ୍ତୁ ଥାଏ ପ୍ରଶଂସା ଶୁଣିବାରେ। ସନାତନ ବାବୁ ବି ମନ ଜାଣି ବହୁତ ପ୍ରଶଂସା କରନ୍ତି। ବେଳେବେଳେ ଟିକେ ଟିକେ ମିଛ ବି କହି ପକାନ୍ତି। ସେ ଜାଣିଛନ୍ତି ପତ୍ନୀଙ୍କୁ ଖୁସିରେ ରଖିବା ପାଇଁ ଏ ମିଛ ପ୍ରଶଂସାଟା ହେଉଛି ଏକ ବଢିଆ ଅସ୍ତ୍ର । ଅସ୍ତ୍ର ତ ନୁହେଁ ବ୍ରହ୍ମାସ୍ତ୍ର କହିଲେ ବି ଚଳବ। ଅତି ଆନନ୍ଦରେ କାନ

ଢେରି ପ୍ରଶଂସା ଗୁଡାକ ପିଇ ଯାଆନ୍ତି ମମତା ଆଉ ତା ପରେ ରୋଷେଇ ଘରକୁ ଯାଆନ୍ତି ରାତ୍ରିଭୋଜନ ତିଆରି କରିବା ପାଇଁ । ଏଇଟା ଗୋଟାଏ ନିତିଦିନିଆ ଘଟଣା ।

ଆଜି କିନ୍ତୁ ସେଇ ଚିରାଚରିତ ଘଟଣାରେ ଟିକେ ବିଘ୍ନ ଘଟି ଯାଇଛି। ଅନ୍ୟମନସ୍କ ରେ କିଛି ଭୁଲ କହିଦେଇଛନ୍ତି ସନାତନ ବାବୁ। ଆଉ ଏଇ ଅନିଚ୍ଛାକୃତ ତ୍ରୁଟି କୁ କେମିତି ସୁଧାରିବେ ବାଟ ପାଉ ନାହାଁନ୍ତି ସିଏ।

ଅଫିସରୁ ଆସି ଡ୍ରଇଂରୁମରେ ବସି ପଡିଲେ ସନାତନ ବାବୁ। ସବୁଦିନ ପରି ମମତା ଆସି ଭଲମନ୍ଦ ପଚାରି ବୁଝିଲେ। କଥା ହଉହଉ ସନାତନ ବାବୁ କହି ପକାଇଲେ, ଜାଣିଲ ମମତା ଆଜି ପଣ୍ଡା ବାବୁଙ୍କ ସ୍ତ୍ରୀ ବଢିଆ ଜହ୍ନି ତରକାରୀ ବନେଇକି ଦେଇଥିଲେ ମ। ତାକୁ ଖାଇ ମୋତେ ମୋ ବୋଉ ହାତରନ୍ଧା ମନେ ପଡିଗଲା।ଏ କଥା ଶୁଣି ମମତାଙ୍କ ମୁହଁ ଟି ଶୁଖିଗଲାଣି କିନ୍ତୁ ସେଥିକୁ ଆଉ ନଜର ନାହିଁ ସନାତନ ବାବୁଙ୍କର। ସେ ପୁଣି ଆରମ୍ଭ କଲେ, ଆଜି ଦାସ ବାବୁଙ୍କ ସ୍ତ୍ରୀ ବି ବଢିଆ ବିରିୟାନି ବନେଇକି ଦେଇଥିଲେ। ଆଚ୍ଛା ତୁମେ ତ ତାଙ୍କ ସହ ଫୋନ ରେ ମଝିରେ ମଝିରେ କଥା ହଉଛ, ପଚାରିକି ବୁଝୁନ ସେ କେମିତି ବିରିୟାନି ଟା ବନାଉଛନ୍ତି। ମମତା ସେତେବେଳକୁ କ୍ରୋଧ ରେ ଜଳିଲେଣି ପୁରା। କିଛି କହି ପାରୁନାହାନ୍ତି ଆଉ।ସନାତନ ବାବୁ ପୁଣି ଆରମ୍ଭ କଲେ ଆଜି ତୁମ ବାଇଗଣ ଭର୍ତ୍ତାର ....... ବାସ୍ ଏତିକି କହିଛନ୍ତି ବିସ୍ଫୋରଣ ଘଟିଲା ମମତାଙ୍କ ଭିତରେ। ଆରମ୍ଭ ହୋଇଗଲା...." କାହିଁ ଗୋଟେ ବାଇଗଣ ବାଇଗଣ ହଉଛ ହୋ ସକାଳୁ। ସବୁଦିନ ବାଇଗଣ ଭର୍ତ୍ତା ଖାଇବ ବୋଲି କଣ କୋଉଠି ଲେଖା ହେଇଛି। ବାଇଗଣ କେଜି ଶହେ ଟଙ୍କା ଟପିଲାଣି ତୁମେ ନ ଖାଇଲେ କଣ ବେଦ ଅଶୁଦ୍ଧ ହେଇଯିବ। କାଲିଠାରୁ ପଣ୍ଡା ବାବୁଙ୍କ ସ୍ତ୍ରୀ କୁ କହିବ ତୁମକୁ ବାଇଗଣ ଭର୍ତ୍ତା କରିକି ଦବ। ଏତିକି ଶୁଣେଇଦେଇ ଦୁମ୍ ଦୁମ୍ ହୋଇ ରୋଷେଇ ଘରକୁ ଚାଲିଗଲେ ମମତା।

ତା ପରେ ହୋସ ଆସିଲା ସନାତନ ବାବୁଙ୍କର। ସେ କହି ଆସୁଥିଲେ ଯେ ଆଜି ତୁମ ବାଇଗଣ ଭର୍ତ୍ତା ର କିଛି ଆବଶ୍ୟକ ପଡିଲାନି । ବିନା ବାଇଗଣ ଭର୍ତ୍ତାରେ ବି ଆଜି ବଢିଆ ମଧ୍ୟାହ୍ନ ଭୋଜନଟେ ହେଇଛି। କିନ୍ତୁ ଅଧା ବାକ୍ୟକୁ ଅଧାରେ ରଖି ଚୁପ ରହିଗଲେ ସନାତନ ବାବୁ। ମନେ ମନେ ଭାବିଲେ ଏବେ ଏ ପରିସ୍ଥିତି କୁ ସୁଧାରିବେ କେମିତି। କଣ କରିବେ ଭାବୁଛନ୍ତି ବସିକି ରୋଷେଇ ଘରୁ ଶୁଭିଲା ଦୁମ୍ ଦାମ୍ ଧଡ ଧାଡ଼ ବାସନକୁସନର ଶବ୍ଦ। କିଛି

ସମୟ ପରେ ପୁଣି ଶୁଣାଗଲା ମମତାଙ୍କ ପାଟି, "ସକାଳୁ ମଣିଷ ମରିପଡି କେତେ ଯତ୍ନରେ ରାନ୍ଧି ବାଢି ଖାଇବାକୁ ଦଉଛି। ଆଉ ବାବୁ ଆମର ସନ୍ଧ୍ୟା ବେଳକୁ ଘରକୁ ଫେରି ପର ହାତରନ୍ଧାର ପ୍ରଶଂସା ଗାନ କରୁଛନ୍ତି। ମୋର ତ ଭାଗ୍ୟ ଖରାପ କହିବି କାହାକୁ। ମୋ ଭାଗ୍ୟରେ ତ ପ୍ରଶଂସା ନାହିଁ।"

ସନାତନ ବାବୁ ବିଚରା କିଂକର୍ତ୍ତବ୍ୟମୂଢ ହେଇ ବସିଛନ୍ତି। ମମତା ପୁଣି ଆଉଥରେ ବଡ ପାଟିରେ ସ୍ୱାମୀଙ୍କୁ ଶୁଭିଲା ପରି କହିଲେ, ବୁଝିଲ ମାଗି ଆଣିଲା ତିଅଣ ହାପୁଡ଼ାଏ। ଏମିତି ସବୁ ବାକ୍ୟବାଣୀ ମାନ ଶୁଣେଇଶୁଣେଇ ପର୍ସଟିଏ ହାତରେ ଧରି ଡ୍ରଇଂ ରୁମକୁ ଆସିଲେ ମମତା। ସନାତନ ବାବୁଙ୍କୁ କହିଲେ ମୁଁ ଯାଉଛି ମୋ ଭଉଣୀ ଘରକୁ। ଦୁଇ ତିନଦିନ ରହିକି ଫେରିବି। ସକାଳର ତରକାରୀ ଅଛି ଗରମକରି ଖାଇଦବ। କାଲି ହାତରେ ରାନ୍ଧିକି ଅଫିସ ନେଇଯିବ। ଫୋନ କରି ଚଡ୍ଢା ଅଟୋବାଲାକୁ ଡାକ ଘରୁ ବାହାରି ଗଲେ ମମତା। କିଛି ମନେ ପଡିଗଲା ପରି ପୁଣି ଦୁଆରମୁହଁରୁ ଫେରିଆସି ସନାତନ ବାବୁଙ୍କୁ କହିଲେ କାଲି ଯଦି ହାତରେ ରାନ୍ଧି ନପାରିବ ତାହେଲେ ଦାସ ବାବୁଙ୍କ ସ୍ତ୍ରୀ ଙ୍କୁ ଫୋନ କରିଦିଅ। ସେ ତୁମପାଇଁ ବିରିୟାନ ପଠେଇଦେବେ। ତା ପରେ ମମତା ବାହାରି ଗଲେ ମାତ୍ର ଦୁଇ କିଲୋମିଟର ଦୂରରେ ରହୁଥିବା ନିଜ ଭଉଣୀ ଘରକୁ।

ସନାତନ ବାବୁ ଏକା ଏକା ବସି ଟିଭି ଦେଖିଲେ। ତା ପରେ ତରକାରୀ ଗରମ କରି ବ୍ରେଡ୍ ସହ ଖାଇ ଶୋଇବାକୁ ଗଲେ। ସେପଟେ ମମତାଙ୍କ ମନଟା ବି ଗୋଳେଇଘାଣ୍ଟି ହଉଛି। ରାଗରେ ତ ବାହାରି ଆସିଛନ୍ତି। ସ୍ୱାମୀ କଣ ଖାଇଲେ କେମିତି ଖାଇଲେ ଜାଣିବା ପାଇଁ ମନ ହଉଛି କିନ୍ତୁ ଫୋନ କରି ପାରୁନାହାନ୍ତି।

ଏପଟେ ସନାତନ ବାବୁ କଣ କରିବେ ଭାବିଭାବି ରାତି ପ୍ରାୟ ୧୧ ଟା ବେଳକୁ ଫୋନ କଲେ ମମତାଙ୍କ ପାଖକୁ। ସେପଟୁ ବିନା ଉପକ୍ରମରେ ଗମ୍ଭୀର ସ୍ୱର ରେ ମମତା କହିଲେ, କଣ ହେଲା? ସନାତନ ବାବୁ ଉତ୍ତର ଦେଲେ ନା କିଛି ହେଇନି ଯେ ତୁମେ ମୋର କଥାଟା ଅଧା ଶୁଣିକି ରାଗିକି ପଳେଇଛ ତ ପୁରା କହିବା ପାଇଁ ଫୋନ କରିଛି। ମୁଁ ସେତେବେଳେ କହୁଥିଲି ଯେ ପଣ୍ଡାବାବୁଙ୍କ ସ୍ତ୍ରୀ ଆଜି ବଢିଆ ଜହ୍ନି ତରକାରୀ ଆଉ ଦାସବାବୁଙ୍କ ସ୍ତ୍ରୀ ବଢିଆ ବିରିୟାନ ବନେଇକି ଦେଇଥିଲେ। କିନ୍ତୁ ସମସ୍ତେ ଆଜି ଆମେ ତୁମ ବାଇଗଣ ଭର୍ତ୍ତାକୁ ଝୁରୁଥିଲୁ। କେହି ଶାନ୍ତିରେ ଖାଇନୁ ଆଜି। ଅଫିସରୁ ଫେରିଲା ବେଳେ ଦାସବାବୁ

ମୋତେ କହିଲେ, ବୁଝିଲ ସନାତନ ବାବୁ ମାଡାମଙ୍କୁ କହିବେ ଆଉ ଯାହା ଦିଅନ୍ତୁ ନଦିଅନ୍ତୁ ସବୁଦିନ ବାଇଗଣ ଭର୍ତ୍ତାଟା ନହାତି ଭ୍ବରେ ଦେବେ। ନହେଲେ ଖାଇବାରେ ମଜା ଆସୁନ। ଏକା ନିଃଶ୍ୱାସରେ ଏତିକ କଞ୍ଜାମିଛ କହିଗଲେ ସନାତନ ବାବୁ ମମତାଙ୍କୁ।

ମମତାଙ୍କ କ୍ରୋଧାଗ୍ନି ଉପରେ ଯେମିତି ପାଣି ବାଲ୍ଟିଏ କିଏ ଢାଳଦେଲ୍। କଣ କହିବେ ନ କହିବେ ହଉହଉ ସନାତନ ବାବୁ କହିଲେ ହଉ ମୁଁ ରହୁଛି। ଯାଉଛି ଶୋଇବି। ସକାଳୁ ଜଲଦି ଉଠି ପୁଣି ହାତରେ ରାନ୍ଧିବାର ଅଛି। ତୁମେ ଦୁଇ ତିନଦିନ ରହି ଜଲଦି ପଳେଇ ଆସିବ।

ସକାଳୁ କଲିଂବେଲ ର ଶବ୍ଦରେ ନିଦ ଭାଙ୍ଗିଲ୍ ସନାତନ ବାବୁଙ୍କର। ଘଣ୍ଟାକୁ ଗ୍ୱହିଁ ଦେଖିଲେ ୬:୩୦ ବାଜିଛି। ଏତେ ସକାଳୁ କିଏ ହୋଇଥିବ ଭାବିଭାବି କବାଟ ଖୋଲିଲ୍ ବେଳକୁ ଆଗରେ ମମତା। ଗୋଟାଏ ହାତରେ ପର୍ସ ଆଉ ଗୋଟାଏ ହାତରେ ଦୁଇତିନ କିଲୋ ବାଇଗଣ ପଲିଥିନରେ ଧରି ଠିଆ ହେଇଛନ୍ତି ସାମ୍ନାରେ। ଆଶ୍ଚର୍ଯ୍ୟ ହୋଇ ଗ୍ୱହିଁ ରହିଲେ ସନାତନ ବାବୁ। ମମତା କହିଲେ ସକାଳୁ ସକାଳୁ ଭୁତ ଦେଖିଲ୍ ପରି ଗ୍ୱହିଁଛ କଣ। ଯାଅ ଅଫିସ ପାଇଁ ରେଡି ହୁଅ। ମୁଁ ଯାଉଛି ରୋ୍ଷେଇ କରିବି। ମୋତେ ପୁଣି ବାଇଗଣ ଭର୍ତ୍ତା ବନେଇବାର ଅଛି। ମମତା ପଶିଗଲେ ରୋ୍ଷେଇ ଘରକୁ। ବ୍ରହ୍ମାସ୍ତ୍ର ଠିକ ଜାଗାରେ ବାଜିଛି ଜାଣି ଆଶ୍ୱସ୍ତ ହେଲେ ସନାତନ ବାବୁ ଆଉ ନିଜ ହସକୁ ନିୟନ୍ତ୍ରଣ କରିବା ପାଇଁ ପଶିଗଲେ ବାଥରୁମ ରେ।

ଭି ଏସ ଏସ ନଗର, ଭୁବନେଶ୍ୱର

# ସମୀକ୍ଷା

ଏସ. ଓଜସ୍ୱିନୀ

ଅହଂକାର, ସ୍ୱାଭିମାନ, ମର୍ଯ୍ୟାଦା, ଅସ୍ତିତ୍ୱ
ଆଜି ବି ବୁଝି ପାରିନାହିଁ ଏ ସବୁ ଶବ୍ଦ ର ଶବ୍ଦାର୍ଥ
ବୁଝିବି ବା କେମିତି, ସ୍ଥାନ କାଳ ପାତ୍ର ଦେଖି
ଶବ୍ଦ ର ଚକ୍ରବ୍ୟୁହ ଭିତରେ ଛନ୍ଦାଛନ୍ଦି ହେଇ
ଏ ଶବ୍ଦ ର ଅର୍ଥ ବଦଳଥାଏ ମୁହୂର୍ତ୍ତ ମୁହୂର୍ତ୍ତ
ଗୁଲୁଗୁଲିଆ ଛୋଟ ପିଲା ଟିଏ ଥିଲି
ପ୍ରାୟ ସଭିଙ୍କ ର ଅଲିଅଳ
ସରଗର ପରୀ ଅଥବା ରାଜକୁମାରୀ
ପାକୁଆ ପାଟିରେ ହସ ହସ ମୁହଁରେ
ମୋ ଜେଜି କହେ " ଇଏ ଆମ ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ'

ନୀରିହ, ନିଷ୍ପାପ ଛୋଟ ଶିଶୁ ଟିଏ ଥିଲି
କିନ୍ତୁ ମୋ ଅସ୍ତିତ୍ୱ ନିଃସନ୍ଦେହ ଖୁବ୍ ବଡ଼ ଥିଲା।
ସମୟ କ୍ରମେ କିଶୋରୀ ହେଲି
ଜୀବନର ଲକ୍ଷ୍ୟ ପାଇଲି
ମନରେ ଅସୀମ ବିଶ୍ୱାସ ଥିଲା
ବଞ୍ଚିବା ର ଲାଳସା ଥିଲା
ଲଢ଼ିବା ର ଇଛା, ଜିତିବା ର ଜିଦ୍ ଥିଲା
ମୋ ଅସ୍ତିତ୍ୱ ରେ ପ୍ରଶ୍ନବାଚୀ ନ ଥିଲା
ସାରା ଆକାଶ ମୋ ହାତ ମୁଠାରେ ଥିଲା

ମୋ ସାଙ୍ଗ ସାଥି ପ୍ରିୟ ପରିଜନ
ପିତା ମାତା ଗୁରୁଜନ

ସଭିଏଁ ମୋ ପ୍ରତିଭାକୁ ପ୍ରୋତ୍ସାହନ ଦେଲେ
ମୋ ବ୍ୟକ୍ତିତ୍ୱ ର ବିକାଶ ରେ ସହଭାଗୀ ହେଲେ
ମୋ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ ମନାସିଲେ

ଧୀରେ ଧୀରେ ସମୟ ଗଡି ଚାଲିଲା
ଅଳସ କଅଳ, ସପନ ଭାଂଗିବା କୁ ଲାଗିଲା

ପ୍ରଣୟ ର ପ୍ରଥମ ସ୍ପର୍ଶ ରେ
କୋଇଲି ର କୁହୁତାନ ରେ
ଫୁଲ ର ସୁଗନ୍ଧ ରେ
ଚନ୍ଦ୍ରମା ରାତିର ଶୀତଳତା ରେ
ନଦୀ ର କୁଳୁକୁଳୁ ନାଦରେ
ପୁଲକତ, କୁସୁମିତ ହେଲା ମୋ ଜୀବନ
ବିଧି ର ବିଧାନ ରେ ହେଲି ମୁଁ ପରିଣୀତା
ଏକ ନୂତନ ଅଧ୍ୟାୟ ର ଶୁଭାରମ୍ଭ ହେଲା।
ଝିଅ ରୁ ସ୍ତ୍ରୀ ହେବାର ସମୟ ଆସିଲା
କାନେ କାନେ ସଭିଏଁ କହିଲେ "ବାସ୍ ବହୁତ ହେଲା'
ଗେଲବସର ର ସମୟ ସରିଲା
ଏଥର ନଜକୁ ହରେଇବା ଶିଖ
ଭୁଲ ନ କରି ଭୁଲ ମାଗିବା ଶିଖ
ନଜକୁ ଭୁଲି ବାକ ସମସ୍ତ   କୁ ମନେରଖ
ନଜକୁ ଜାଳ ଅନ୍ୟ ମାନଙ୍କୁ ଆଲୋକତ କରିବା ଶିଖ
ସମସ୍ତଙ୍କ ସହାୟତା କରି ନଜକୁ ଅସହାୟ ଭାବ
ସମସ୍ତଙ୍କୁ ସଶକ୍ତ ସବଳ କରି ସାରିବା ପରେ
ନଜକୁ ଦୁର୍ବଳ   ମନେକର, ସର୍ବସହା, ସମର୍ପିତା ହୁଅ।
ଯୋଉ ଦିନ ମା ହେଲି
ସେଦିନ ପୁଣି ଥରେ ନଜ କୁ ଫେରି ପାଇଲି

ତା'ର ଗୁଲୁଗୁଲୁ କଥା ମୋ ମନ କଣିନେଲା
ମୋ ଅସ୍ତିତ୍ୱ କୁ ପୁନଃ ଜାଗ୍ରତ କଲା
ମନେ ହେଲା ସାରା ସଂସାର ର ଗ୍ଭବିକାଠି ଅଛି ମୋ ହାତରେ
ପୂରା ଦୁନଆ ଗ୍ଭଲୁଛି ମୋ ଇଂଗିତ ରେ, ଅନୁମତି ରେ
ବିନା ଦ୍ୱିଧାରେ ରେ ତା'ର ସବୁ ସର୍ତ ମାନନେ ଲି
ଅଖଣ୍ଡ ମାତୃତ୍ୱ ର ଦାୟିତ୍ୱ ତୁଲାଇ
ଖୁବ୍ ଗର୍ବାନ୍ୱିତ ମନେ କରୁଥିଲି
ସତେ ଅବା ଏକ ଅଖଣ୍ଡ ସାମ୍ରାଜ୍ୟ ର ଏକାକୀ ଅଧିକାରୀ ଥିଲି

ମୋ ଧନ ପ୍ରତି ଟି କଥା ରେ ମତେ ଖୋଜୁଥିଲା, ମତେ ଲୋଡୁଥିଲା
ବିନା ପର୍‌ମର୍ଶରେ, ବିନା ଅନୁମତିରେ ପାଦେ ଘୁଞ୍ଚୁ ନ ଥିଲା
ସେଦିନ, ମାଆ ର ଅସ୍ତିତ୍ୱ, ଅହଂକାର, ମର୍ଯ୍ୟାଦା ବୁଝି ପାରିଥିଲି
ଏକ ବିଶାଳ ହୃଦୟ , ଅତୁଲ୍ୟ ମମତା ର ବୋଝ ମୁଣ୍ଡାଇ ଥଲି

ବୟସ ଓ ସମୟ ସମାନ୍ତରାଳ ଗତି ରେ ତ ମାଡ଼ି ଗ୍ଭଲିଲେ
ସମୟ ପୁଣି ଚକ୍ରାନ୍ତ କଲା
"ଉଡିଗଲା ପକ୍ଷୀ ସେ ଯେ ଆଉ ନ ଫେରିଲା
ସାତ ସମୁଦ୍ର ପାର ହୋଇ ନଜ ବସା ବାନ୍ଧିଲା"

ଆଜି ଜୀବନ ର ଶେଷ ପର୍ଯ୍ୟାୟରେ
ବାର୍ଦ୍ଧକ୍ୟ ର ଆଲିଙ୍ଗନ ରେ
ମୁଁ ଆତ୍ମସମୀକ୍ଷା କରୁଛି
ଏକ ଦୀର୍ଘ ନଶ୍ୱାସ ନେଇ
ମୁଁ ଆଇନାରେ ନଜ କୁ ଦେଖୁଚ
ମୁଁ ଦିଇ ଧାଡ଼ି ଗୀତ ଗାଉଚ
"ଆସିଛି ଏକା ଯିବି ମୁଁ ଏକା ଏକା ହୋଇ"

# ଗୁଲୁଥିବା ଭୟ



ଡ. ଜ୍ଞାନେଶ୍ୱର ମିଶ୍ର

କାନ୍ଥରୁ ଫଡାଫଡା ସିମେଣ୍ଟ ଖସୁଛି
ଆଜବେଷ୍ଟସ ଛାତ ଦିନରେ ସୂର୍ଯ୍ୟ
ଗ୍ତିରେ ଜହ୍ନ ଦେଖିବାରେ ସାହାଯ୍ୟ କରୁଛି
ସଳତା ତେଲ ସରି ଆସୁଛି ମୋ ଜୀବନ ଦୀପରେ
ଭୟ ଆଶଙ୍କାରେ ସ୍ନାନ କରୁଛି ସବୁ ମୁହୂର୍ତ୍ତରେ
ଭୟ ପ୍ରଥମଥର ମୋ କୋଳ ପୁରେଇଥିବା ବଡ ଟୋକାକୁ
ମଇଳା ହ୍ୟାଣ୍ଡ ବ୍ୟାଗଟେ ଧରି ଜେନେରାଲ କଂପାର୍ଟମେଣ୍ଟରେ
ସୁରଟରୁ କେତେବେଳେ ବି ଆସିପାରେ ବିନା ଖବରରେ
ଆଉ ଡାକ୍ତର ହୋଇ ଦିଲ୍ଲୀରେ ଗ୍କରୀ କରୁଥିବା ସାନଟାକୁ
ଡାକ୍ତରାଣୀ ସ୍ତ୍ରୀ ମୋ ବୋହୂକୁ ନଆଣି
କେତେବେଳେ ଆସିପାରେ
ଶୂନ୍ୟରେ ବାହନ କରି ଉଡାଜାହାଜକୁ
ବଡ କହିବ ମୋ ସାଙ୍ଗରେ ଆସ
ଲିଭିବାର ନାହିଁ ମୋତେ ଗ୍ନ୍ନ
ଏ ଭଂଗାଘରକୁ ବିକ୍ରୀ କରିଦେବା
ମିଳମିଶି ସୁରଟରେ ଖୁସିରେରହିବା
ସାନ କହିବ –ମୋ ସାଙ୍ଗରେ ଆସ
କଛି ନାହିଁ ଘରଟିକେ ଝାଡିଦେବୁ
ବାସନ ମାଜି ସଫା କରିଦେବୁ
ଆନନ୍ଦରେ ଖାଇପିଇ ଜୀବନ କାଟିବୁ

ସେମାନେ ଆସିବା ଆଗରୁ
ମରିବା ପୂର୍ବରୁ ତାଙ୍କ ବାପା କରିଥିବା
ଘରବାଡି ବିକ ବହୁଦୂରେ ଗଲି
ଏକ ନଗ୍ରପଦ ଜରାଶ୍ରମରେ ରହିଲି
ମୋବାଇଲରେ ଫୋନ୍ କରିଦେଲି
ହ୍ୟାଲୋ ! ମୁଁ ଭଲରେ ଅଛି
ମୋ ଚଷମାର କାଚ ନବଦଳାଇବି
ପାଖ ଦୂର ସବୁ ଚକଚକ ଦିଶୁଅଛି
ଏତିକ କହି ମୋବାଇଲରୁ ସିମ୍ ଟା
କାଢି ଫିଙ୍ଗିଦେଲି ଅଂଧାରକୁ
ପବନ ତାକୁ ଉଡାଇ ନେଲା
ଅଦେଖା, ଅଜଣା ଜାଗାକୁ

୪୯/୫/ଏଚ୍, କାର୍ଲ ମାର୍କ୍ସ ସରଣୀ,
ଖିଦିରପୁର, କୋଲକତା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଓଡିଶାର ପ୍ରାକୃତିକ ବିପର୍ଯ୍ୟୟ ଓ ଗୋପବନ୍ଧୁଙ୍କ ପ୍ରାସଙ୍ଗିକତା



ସଂଗ୍ରାମ କେଶରୀ ପୃଷ୍ଟି

[ଶ୍ରୀ ସଂଗ୍ରାମ କେଶରୀ ପୃଷ୍ଟି ଓଡିଆ ସାହିତ୍ୟ ଜଗତର ଜଣେ ସ୍ମରଣୀୟ ସ୍ରଷ୍ଟା। ଶିଶୁ ସାହିତ୍ୟ, ଫିଚର ଓ ସ୍ତମ୍ଭ ରଚନା କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ଶିଶୁ ମନସ୍ତତ୍ତ୍ୱ ଆଧାରରେ ଶିଶୁଗଳ୍ପ ରଚନାରେ ଯେପରି ସେ ସିଦ୍ଧହସ୍ତ, ସେହିପରି ସାଂପ୍ରତିକ ସମସ୍ୟା ଓ ମାନବୀୟ ଚେତନାର ଉତ୍ତରଣ ଦିଗରେ ତାଙ୍କ ସ୍ତମ୍ଭ ରଚନା ମଧ ଚଳଚଞ୍ଚଳ । ୨୦ ଗୋଟି ଶିଶୁ ଗଳ୍ପ ପୁସ୍ତକର ସ୍ରଷ୍ଟା ଶ୍ରୀ ପୃଷ୍ଟିଙ୍କ ଏଯାବତ୍ ୧୨୦୦ ରୁ ଉର୍ଦ୍ଧ ଲେଖା ପ୍ରକାଶ ପାଇଥିବା ବେଳେ ସେ ୫୦ ରୁ ଉର୍ଦ୍ଧ୍ୱ ସାହିତ୍ୟ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ଆଠମଲ୍ଲିକର କଥା ଓ କାହାଣୀ ତାଙ୍କ ଜନାଦୃତ ଫିଚର ପୁସ୍ତକ। ଶ୍ରୀ ପୃଷ୍ଟି ସଂପ୍ରତି ଅନଗୁଳ ଜିଲ୍ଲା କୋଶୋରନଗର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି ।]

---

ପ୍ରକୃତିର ପ୍ରକୋପ ଅତୀବ ଭୟଙ୍କର । ଯାହା ଯୋଗୁଁ ବିପର୍ଯ୍ୟସ୍ତ ହୋଇପଡେ ସମଗ୍ର ଜନଜୀବନ । ହୋଇଥାଏ ବ୍ୟାପକ କ୍ଷୟକ୍ଷତି । ତା ସଂହାର ଲୀଳା ମନରେ ଭୀତି ସଂଗ୍ଚର କରିଥାଏ । ପ୍ରକୃତିର ଅଦ୍ଭୁତପୂର୍ବ ତାଣ୍ଡବଲୀଳାକୁ ହୁଏତ ରୋକାଯାଇ ପାରିବାନାହିଁ, କିନ୍ତୁ ତା କବଳରୁ ବର୍ତ୍ତିବାକୁ ହେଲେ ନିଜ ପାଇଁ ପ୍ରସ୍ତୁତ ହେବାକୁ ପଡିବ । ଏଥିସହିତ ପରବର୍ତ୍ତୀ ସ୍ଥିତିକୁ ସମ୍ଭାଳିବା ପାଇଁ ପହଞ୍ଚି ସେମାନଙ୍କୁ ସହାୟତାର ହାତ ବଢାଇଦେଇ ପାରିଲେ ଏହାହିଁ ହେବ ଶ୍ରେଷ୍ଠ ମଣିଷ ପଣିଆର ପରିଚୟ । ଏପରି ଏକ ପ୍ରେରଣା ଦାୟକ ପ୍ରସଙ୍ଗ ଉପଲବ୍ଧି କାଳରେ ଯାହାଙ୍କ କଥା ସର୍ବାଗ୍ରେ ମନକୁ ଆସେ, ସେ ହେଉଛନ୍ତି ଉତ୍କଳମଣି

ପଣ୍ଡିତ ଗୋପବନ୍ଧୁ ଦାସ । ନିଃସ୍ୱାର୍ଥପର ସେବା ଓ ତ୍ୟାଗ ଥିଲା ତାଙ୍କ ଜୀବନର ଆଦର୍ଶ । କଥାରେ ନୁହେଁ, କାମରେ ବିଶ୍ୱାସ ରଖୁଥିଲେ ସେ । ବିପନ୍ନଙ୍କ ସେବାପ୍ରତି ତାଙ୍କ ସମର୍ପିତ ଭାବନା ହିଁ ତାଙ୍କୁ "ଉତ୍କଳମଣି" ଭାବେ ପରିଚିତ କରାଇପାରିଛି । ନିଜ ମହାନତା ପାଇଁ ସେ କୋଟିକୋଟି ଓଡିଆଙ୍କ ପାଇଁ ସାଜିଛନ୍ତି ହୃଦୟର ମଣି ।

ମହାପୁରୁଷ ଭାବରେ ଚିର ପୂଜନୀୟ, ଚିର ବନ୍ଦନୀୟ ପୁଣ୍ୟାତ୍ମା ଗୋପବନ୍ଧୁ ଥିଲେ ଆମପରି ମଣିଷ ଜଣେ । ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରା ଥିଲା ତାଙ୍କର ମହାନତା । ବ୍ୟକ୍ତିଗତ ଜୀବନରେ ଏ ଦୁନିଆ ପାଇଁ ସେଯେଉଁ କାର୍ଯ୍ୟକରି ଦେଖାଇ ଯାଇଛନ୍ତି ଓ ମାନବୀୟ ଗୁଣର ପରିଚୟ ଦେଇଛନ୍ତି, ସମ୍ଭବତଃ ସେଇଥିପାଇଁ ତାଙ୍କୁ ଆମେ ମହାପୁରୁଷ ଭାବରେ ମାନି ନେଇଛୁ । ଦୁଃଖର କଥା, ତାଙ୍କ ପଦାଙ୍କ ଅନୁସରଣ କରିବାକୁ ଭୁଲିଯାଇଛୁ ଆମେ । ମଣିଷପଣିଆରେ ଆମେ ବହୁତ ପଛରେ ଅଛୁ । ଗୋପବନ୍ଧୁଙ୍କୁ ମହାପୁରୁଷର ଆଖ୍ୟା ଦେଇ ଆମ ଦାୟିତ୍ୱ ଏକରକମ ଶେଷ କରିଦେଇଛୁ କହିଲେ ବୋଧହୁଏ ଅତ୍ୟୁକ୍ତି ହେବନାହିଁ । ସେ ପର୍ଯ୍ୟନ୍ତ ପହଞ୍ଚିବାକୁ ଆମର ସ୍ପୃହା ନାହିଁ କି ଆଗ୍ରହ ନାହିଁ ।

ଏସବୁ ଭିତରେ କେବେକେବେ, କେଉଁଠି ନା କେଉଁଠି ଉଙ୍କି ମାରୁଥାଏ ମଣିଷପଣିଆଟିଏ । ଯାହାଙ୍କୁ ଦେଖିଲେ ମନେହୁଏ, ସତେଯେପରି ଆମରି ଭିତରେ ବଞ୍ଚି ରହିଛନ୍ତି ସେହି ପୁଣ୍ୟ ପୁରୁଷ ଜଣକ । ତାଙ୍କ କାର୍ଯ୍ୟକଳାପକୁ ଆକଳନ କଲେ ବିପର୍ଯ୍ୟୟ କାଳରେ ମନେପଡନ୍ତି ଗୋପବନ୍ଧୁ । ୧୯୯୯ ମହାବାତ୍ୟା, ତିତଲି, ହୁଡହୁଡ୍, ଫାଇଲିନ୍, ଫୋନି ପରି ବାତ୍ୟା ସମୟରେ, ଭୂମିକମ୍ପ ବେଳରେ ଓ ବନ୍ୟାସମୟରେ ଓଡିଶାରୁ ଜୀବନଯାତ୍ରା ଠପ୍ ହୋଇପଡିଥିବା ବେଳେ ଅସହାୟ ଙ୍କୁ ସହାୟତାର ହାତ ବଢାଇବା ପାଇଁ ଯେଉଁମାନେ ଅଣ୍ଟାଭିଡି ବାହାରିଥିଲେ, ସେମାନେ କଣ କମ୍ କି : ସେମାନଙ୍କ ନିଃସ୍ୱାର୍ଥପର ସେବା ଓ ତ୍ୟାଗକୁ ଦେଖିଲେ କିଏ କହିବ ଗୋପବନ୍ଧୁଙ୍କ ମହାନ ଆଦର୍ଶଠାରୁ ଆମେ ଦୂରେଇଯାଇଛୁ ବୋଲି ! ଆମ ଭିତରେ ଥିବା ସୁପ୍ତ ମଣିଷପଣିଆ ଟିକକ ସେତେବେଳେ ଜାଗ୍ରତ ହୋଇଥାଏ, ଯେତେବେଳେ ବିପନ୍ନର ଆର୍ତ୍ତଚିତ୍କାର ଆମେ ହୃଦୟତନ୍ତ୍ରୀକୁ ଥରାଇ ଦେଇଥାଏ ।

ପାଣିପାଗ ସମ୍ବନ୍ଧୀୟ ଉନ୍ନତ ବୈଜ୍ଞାନିକ କୌଶଳର ପ୍ରୟୋଗ ପରଠାରୁ ହିଁ ଆମେ ଏ ସମ୍ବନ୍ଧୀୟ ଖବର ସଠିକ ଭାବରେ ପାଇପାରୁଛୁ । ଏ ସଂସ୍ଥାର ସତର୍କବାଣୀ ପରଠାରୁ ସମସ୍ତେ ହୋଇଉଠନ୍ତି ଚଳଚଞ୍ଚଳ । ବିପଦସଂକୁଳ ସ୍ଥାନଠାରୁ ଲୋକମାନଙ୍କୁ ଆଶ୍ରୟସ୍ଥଳ ପର୍ଯ୍ୟନ୍ତ ସ୍ଥାନାନ୍ତରଣ ଓ ସେଠାରେ ସେମାନଙ୍କ ପାଇଁ ଖାଦ୍ୟପାନୀୟର ବନ୍ଦୋବସ୍ତ ଏକ ଆହ୍ୱାନ ଭାବରେ ଛିଡାହୁଏ । ଆଶା-ଆଶଙ୍କା ଭିତରେ ଦେଖିବାକୁ ହୋଇଥାଏଆସନ୍ନ ବିପଦକୁ ।

ସବୁ ସତର୍କତା ପରେ ମଧ୍ୟ ବନ୍ୟା ଆସେ । ବାତ୍ୟା ଆସେ । ନିଜନିଜ ଶକ୍ତି ପ୍ରଦର୍ଶନ କରିବାକୁ ସେମାନେ ତାଣ୍ଡବ ରଚ୍ଚନ୍ତି । ଉଜାଡି ଦିଅନ୍ତି ଏ ସୁନ୍ଦର ପୃଥିବୀକୁ । ଭାଙ୍ଗିଦିଅନ୍ତି ସୁନା ସଂସାରକୁ । ବିପର୍ଯ୍ୟସ୍ତ କରିପକାନ୍ତି ସମଗ୍ର ଜୀବନଧାରା । ଛଡାଇ ନିଅନ୍ତି ହସଖୁସି । ଜୀବନ ହୋଇଯାଏ ବାଟବଣା । ପରିସ୍ଥିତି କ୍ରମଶଃ ଜଟିଳ ରୂପ ଧାରଣକରେ । ଚାରିଆଡୁ ଶୁଭେ ହାଅନ୍ନର ଚିତ୍କାର । ଟୋପାଏ ପାଣି ପାଇଁ ଆର୍ତ୍ତନାଦ । ଏ ପରିସ୍ଥିତି ସହିତ ମୁକାବିଲା କରିବା ପାଇଁ ତତ୍ପର ହୋଇଉଠେ ମଣିଷ । ଦାୟିତ୍ୱ ବଢିଯାଏ ସରକାରଙ୍କର । ସରକାରଙ୍କ ନିର୍ଦ୍ଦେଶ ମୁତାବକ କର୍ମଚାରୀମାନେ ପ୍ରାଣମୂର୍ଚ୍ଛା ଯେ ଯାହା କାମରେ ଲାଗିପଡନ୍ତି । ନିଜ ପରର ମାୟା ପରିତ୍ୟାଗ କରି ନିଜ ଜୀବନକୁ ବିପନ୍ନ କରି ସମୟ ଅସମୟର ବାଛବିଚାର ନକରି ସେମାନେ ଯେପରି ଭାବରେ ନିଜକୁ ସେଥିରେ ନିୟୋଜିତ କରିଥାନ୍ତି, ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ।

ଦିନେ ଗୋପବନ୍ଧୁ ନିଜର ରୋଗାଗ୍ରସ୍ତ ଶଯ୍ୟାଶାୟୀ ପୁତ୍ରକୁ ଛାଡିଦେଇ ଚାଲିଯାଇଥିଲେ ବନ୍ୟାରେ ପୀଡିତ ଲୋକମାନଙ୍କୁ ସାହାଯ୍ୟ କରିବାକୁ । ଏବେବି ସେମିତି କିଛି ଲୋକ ତମାମ ଦିନରାତି ନିଜକୁ ନିୟୋଜିତ ରଖନ୍ତି ବନ୍ୟା/ବାତ୍ୟା ପ୍ରପୀଡିତଙ୍କୁ ସାହାଯ୍ୟ କରିବାପାଇଁ । ଭୁଲିଯାଆନ୍ତି ନିଜ ପରିବାର । ବାପା-ମା, ସ୍ତ୍ରୀ ପିଲାଛୁଆ । ସେମାନଙ୍କ ଭଲମନ୍ଦ ବୁଝିବାରେ ଅବସର ନଥାଏ । ଜାଣିଲେ ମଧ୍ୟ କିଛି କରିବାର ଉପାୟ ନଥାଏ । ଅବେଳରେ ସେମାନେ ପାଲଟି ଯାଆନ୍ତି ଅସହାୟଙ୍କ ପାଇଁ ଭଗବାନ । ସେମାନ୍ ରିଲିଫ ବାଣ୍ଟନ୍ତି, ସ୍ୱାସ୍ଥ୍ୟସେବା ଦିଅନ୍ତି, ରାସ୍ତା ସଫା କରନ୍ତି, ପାଣିର ବନ୍ଦୋବସ୍ତ କରନ୍ତି । ସବୁ ଖବର ଟିକିନିଖି କରି ହିସାବ ରଖନ୍ତି । ସରକାରୀ ବା ବେସରକାରୀ କର୍ମଚାରୀ ମାନଙ୍କର ଏହି ସମୟରେ

କାର୍ଯ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ, ସତେ ଯେମିତି ସେମିତି ଗୋପବନ୍ଧୁଙ୍କ ତ୍ୟାଗପୂତ ଆଦର୍ଶର ଗୋଟିଏ ଲେଖାଏଁ ନମୁନା ।

ଏହି ପରିପେକ୍ଷୀରେ ମନକୁ ଆସେ ବାତ୍ୟା ଫୋନୀର କଥା ଓ ବ୍ୟଥା । ଫୋନୀର ଭୟାଭୟତା ମନରେ ଯେତିକ ଆଲୋଡନ ଓ ଭୟ ସଂଗ୍ରର ସୃଷ୍ଟି କରିଥିଲା, ପରବର୍ତ୍ତୀ ସମୟରେ ସାମଗ୍ରିକ ଉଦ୍ୟମ ଯୋଗୁ ମନରେ ଆଶ୍ୱସ୍ତି ଆଣି ଦେଇଥିଲା । ପ୍ରବଳ ଝଡବାତ୍ୟା ତା ବିଭୀଷିକା ସୃଷ୍ଟି କରୁଥିବାବେଳେ ଏଣେ ତା ଗତିବିଧିର ସିଧାପ୍ରସାରଣ କରିଥିଲା ଟିଭି ଚ୍ୟାନେଲ । ସେତେବେଳେ ଏହାର ଖବରଦାତାମାନେ ନିଜ ଜୀବନକୁ ବାଜି ଲଗାଇ ଯେପରି ଭାବରେ ବିଭିନ୍ନ ଅଂଚଳର ସର୍ବଶେଷ ତଥ୍ୟ ଜନସାଧାରଣ ଓସରକାରଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରୁଥିଲେ, ତାହା ପ୍ରଶଂସନୀୟ ଥିଲା, କିନ୍ତୁ ସେମାନଙ୍କ ପାଇଁ ଥିଲା ଯନ୍ତ୍ରଣାଦାୟକ । ବାତ୍ୟାକୁ ଡର ନଥିଲା ସେମାନଙ୍କର । ଉଦ୍ଦେଶ୍ୟ ଥିଲା ଏ ବିପର୍ଯ୍ୟୟର ବାସ୍ତବ ଚିତ୍ର ଉପସ୍ଥାପନ କରିବା ତଥା ବାତ୍ୟା ବେଳର ଓ ପରବର୍ତ୍ତୀ ସମୟର ସମସ୍ୟାକୁ ପ୍ରଶାସନ ପାଖରେ ପହଞ୍ଚାଇବା । ଏ କ୍ଷେତ୍ରରେ ସେମାନେ ସଫଳ ହୋଇଛନ୍ତି ବୋଲି କୁହାଯାଇପାରେ । ଦାୟିତ୍ୱ ସଂପନ୍ନ କର୍ମଗ୍ରରୀ ଭାବରେ ଏ କଣ ସେମାନଙ୍କର ତ୍ୟାଗ ନୁହେଁ!

ବାତ୍ୟା ପରର ସ୍ଥିତି ହୋଇପଡିଥିଲା ସଙ୍ଗୀନ । ଯୋଗାଯୋଗ ବ୍ୟବସ୍ଥାରେ ଦେଖାଦେଇଥିଲା ସଂକଟ । ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଲା । ତାର ଛିଣ୍ଡିଗଲା । ମୋବାଇଲ ଟାୱାର ଭାଙ୍ଗିଗଲା । ବିଦ୍ୟୁତ, ଫୋନ୍ ସେବା ଠପ୍ ହୋଇଗଲା । ବିଶାଳକାୟ ବୃକ୍ଷ ଉପୁଡିପଡି ରାସ୍ତାକୁ ଅବରୋଧ କଲା । ଗମନାଗମନ ବ୍ୟବସ୍ଥା ବି ଏକରକମ ବନ୍ଦ ହୋଇଗଲା । ଏ ବେଳରେ ଆଗେଇ ଆସିଥିଲେ ଓଡ୍ରାଫ ଟିମ୍, ଏନ୍.ଡି.ଆର୍.ଏଫ୍. ଏବଂ ଅଗ୍ନିଶମ ବାହିନୀ । ପ୍ରଥମ କାମଥିଲା ବଡବଡ ଗଛ ସବୁକୁ ରାସ୍ତା ଉପରୁ ହଟେଇବା । ଯାହା ଫଳରେ ସବୁ ସ୍ଥାନକୁ ରିଲିଫ ପହଞ୍ଚାଇ ହେବ । ସମସ୍ତେ ମନ, ପ୍ରାଣ ଦେଇ କାମରେ ଲାଗିପଡିଥିଲେ । ତ୍ୱରାନ୍ୱିତ ବେଗରେ ଏ କାର୍ଯ୍ୟ ଗ୍ରଲୁ ରହିଲା । ରାତିଦିନ ଏକ ହୋଇଗ୍ଲା । ଏ କାର୍ଯ୍ୟ ପଛରେ ସ୍ୱେଚ୍ଛାସେବୀ ସଂଗଠନ ଓ ଜନସାଧାରଣଙ୍କ ସହଯୋଗ ମଧ୍ୟ ବିଶେଷ ଉପଯୋଗୀ ହୋଇପାରିଥିଲା ।

ଘରଦ୍ୱାର ଭାଙ୍ଗିଯାଇଥିବା ଲୋକଙ୍କୁ ଅନେକ ମାତ୍ରାରେ ଥଇଥାନ କରାଯାଇ ରନ୍ଧାଖାଦ୍ୟ ବନ୍ଦୋବସ୍ତ ହୋଇପାରିଥିଲା । ତେଣେ ଘରର କିଛି ନଷ୍ଟ ନହୋଇ ମଧ୍ୟ ଯେଉଁ ବଡ ସମସ୍ୟାକୁ କିଛି ଲୋକ ସାମ୍ନା କରିଥିଲେ ତାହା ହେଲା ପାନୀୟ ଜଳ ସମସ୍ୟା । ବିଦ୍ୟୁତ ନଥିବା କାରଣରୁ ଜଳଯୋଗାଣ ବ୍ୟାଘାତ ଘଟିଥିଲା । ଖାସ୍ ପାଣିପାଇଁ ଦହଗଞ୍ଜ ହେବାକୁ ପଡିଲା ।

ଏ ସମୟରେ ଜଳଯୋଗାଣ ବିଭାଗର କର୍ମଚାରୀମାନେ ନିଷ୍ଠାପରଭାବରେ କାର୍ଯ୍ୟରେ ଲାଗିପଡିଥିଲେ । ଜେନେରେଟର ମାଧ୍ୟମରେ ପାଣି ଚଳାଇବାରେ ଉଦ୍ୟମ କେତେକାଂଶରେ ସଫଳହେଲା । ମାତ୍ର ତାହା ପର୍ଯ୍ୟାପ୍ତ ନଥିଲା । ଜଳଯୋଗାଣଠାରୁ ଆରମ୍ଭ କରି ଟେଲି ଯୋଗାଯୋଗ ସବୁକିଛି ନିର୍ଭର କରୁଥିଲା ବିଦ୍ୟୁତ ଉପରେ । ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିଲେ ବିଦ୍ୟୁତ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ । ଏଥିଲାଗି ସେମାନଙ୍କୁ ଉତ୍ତପ୍ତ ଖରା, ଅନ୍ଧାର ରାତି,ମାଟିଓ ପାଣିର ସାମ୍ନା କରିବାକୁ ପଡିଥିଲା । ହେଲେ କାର୍ଯ୍ୟରେ ସେମାନଙ୍କର ହେଳା ନଥିଲା କି କାର୍ଯ୍ୟପ୍ରତି ବିତୃଷ୍ଣା ନଥିଲା । ଲକ୍ଷ୍ୟଥିଲା, କାର୍ଯ୍ୟରେ ସଫଳ ହେବା । ଏପରି ନିଜ କାର୍ଯ୍ୟରେ ଅଟଳବିଶ୍ୱାସ ରଖୁଥିବା ବ୍ୟକ୍ତିଙ୍କୁ କଣ ଗୋପବନ୍ଧୁଙ୍କ ପ୍ରତୀକ ଭାବରେ ନେଇପାରିବା ନାହିଁ!

ବାତ୍ୟାପରେ ଚାରିଆଡୁ ଶୁଭୁଥିଲା ଭୁଭୁକ୍ଷୁଙ୍କ ହା ଆଉ ଚିତ୍କାର । କିଏ କହୁଥିଲା ରିଲିଫ ଦିଅ, କିଏ କହୁଥିଲା ପାଣି ଦିଅ, କିଏ କହୁଥିଲା ବିଜୁଳି ଦିଅ, କିଏ କହୁଥିଲା ରାସ୍ତା ଦିଅ, କିଏ କହୁଥିଲା କ୍ଷତିପୂରଣ ଦିଅ । ଏମାନଙ୍କ ମଧ୍ୟରୁ କିଏ ହକ୍ ଜାହିର କରୁଥିଲା ତ ପୁଣି କିଏ ଆକୁଳ ବିନତୀ କରୁଥିଲା । ସରକାରଙ୍କ ସବୁ ବିଭାଗର କର୍ମଚାରୀମାନେ ଏ ଦିଗରେ ନିଜକୁ ନିୟୋଜିତ କରିଥିଲେ । ସାଧ୍ୟମତେ ସମ୍ଭାଳିବାକୁ ଚେଷ୍ଟା କରୁଥିଲେ ପରିସ୍ଥିତିକୁ । ଏଥିରେ ସୁଧାର ଆଣିବା ଥିଲା ସେମାନଙ୍କ ଏକମାତ୍ର ଲକ୍ଷ୍ୟ ।

ସାତ ହଜାର ଲୋଷଶାଳା ମାଧ୍ୟମରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା । ତୁରନ୍ତ ରିଲିଫ ପ୍ୟାକେଟ ବଣ୍ଟା ଯାଇଥିଲା । ଏହି ପୁନଃଉଦ୍ଧାର ଓ ସହାୟତା କାମରେ ୪୫ ହଜାର ସ୍ୱେଚ୍ଛାସେବୀଙ୍କ ସହିତ ଏକ ଲକ୍ଷ ସରକାରୀ କର୍ମଚାରୀ ନିୟୋଜିତ ହୋଇଥିଲେ । ଏଥି

ସହିତ ଦୁଇହଜାର ଜରୁରୀ କାଳୀନ କର୍ମୀ, ଯୁବ ସଂଗଠନ, ଓଡ୍ରାଫ୍ ଟିମ୍, ଅଗ୍ନିଶମ ବାହିନୀ, ଆନ୍.ଡି.ଆର.ଏଫ., ପଞ୍ଚାୟତରାଜ ସଂସ୍ଥା ନିଷ୍ଠା ଓ ଆନ୍ତରିକତାର ସହିତ କାର୍ଯ୍ୟ ସଂପାଦନ କରିଥିଲେ । ଏ ସମୟରେ ସ୍କାଉଟ, ଏନ.ସି.ସି. ଓ ଆଇ.ଟି.ଆଇ.ର ଛାତ୍ରମାନେ ମଧ୍ୟ ଯେପରି କାର୍ଯ୍ୟକରି ଦେଖାଇଛନ୍ତି ତାହା ଥିଲା ଅତୀବ ପ୍ରଶଂସନୀୟ । ସେମାନଙ୍କ କାର୍ଯ୍ୟରେ ତିଳେ ହେଁ ଆବିଳତା ନଥିଲା । ଫୁରୁସତ ନଥିଲା । ବରଂ ମନରେ ନିଃସ୍ୱାର୍ଥପର ଭାବ । ଆଗରେ ଥିଲା ଏକବଡ ଚ୍ୟାଲେଞ୍ଜ – ସମସ୍ୟାକୁ ମୁକାବିଲା କରିବା ।

ଏ ମହତ୍ତର କାର୍ଯ୍ୟପଛରେ ସମର୍ପିତ ଭାବନା, ନିଃସ୍ୱାର୍ଥପର ସେବା, ଆସୀମ ତ୍ୟାଗ, ନିଷ୍ଠା, ଆତ୍ମବଳ ଓ ସର୍ବୋପରି ଧୈର୍ଯ୍ୟ ଯେ ଥିଲା, ଏକଥା କୁହାଯାଇପାରେ । ଏସବୁ ଭିତରେ ଉପଲବ୍ଧି କରିହେଉଥିଲା ଉତ୍କଳମଣୀ ଗୋପବନ୍ଧୁଙ୍କୁ । ତାଙ୍କର ମହାନ ଆଦର୍ଶ ଏବେ ମଧ୍ୟ ମଣିଷ ମନରୁ ଥମିଯାଇନି କି ଲିଭିଯାଇନି – ଏକଥା ସ୍ପଷ୍ଟ ବାରି ହୋଇ ପଡୁଥିଲା । ମଣିଷ ସମୟ ସମୟ ଓ ପରିସ୍ଥିତିର ଦାସ । ଯିଏ ତା ସହିତ ଲଢେ ସେ ଡରିଯାଏ । ଯିଏ ଡରେ ସେ ମରିଯାଏ । କ୍ରମାଗତ ଭାବରେ ଘଟିଆସୁଥିବା ପ୍ରାକୃତିକ ବିପର୍ଯ୍ୟମ ମାନ ମନୁଷ୍ୟ ପାଇଁ ଏକ ପରୀକ୍ଷାର କ୍ଷଣ କହିଲେ ବୋଧହୁଏ ଅତ୍ୟୁକ୍ତି ହେବନାହିଁ । ଏସବୁ ବିପତ୍ତି ହିଁ ମଣିଷକୁ ଲଢିବା ପାଇଁ ଶିକ୍ଷା ଦେଇଛି । ଜୀଇଁବା ପାଇଁ ବାଟ ବଢାଇଛି । ଏ ବେଳରେ ତା ପାଖରେ ଯେଉଁ ମଣିଷ ଠିଆ ହୋଇ କିଛି ସାହାଯ୍ୟ କରିପାରୁଛୁ, ସେ ଭବବାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ । ଅସହାୟ ବା ବିପନ୍ନଙ୍କ ପାଇଁ ଏ ସମୟରେ କିଛି ଲୋକଙ୍କ ମନରେ ମଣିଷପଣିଆ ର ଭାବ ଉଦ୍ରେକ ହେବା ନିଶ୍ଚିତ ଆନନ୍ଦ ଓ ଆଶ୍ୱାସନାର ବିଷୟ । ସ୍ୱାର୍ଥକୁ ସର୍ବସ୍ୱ ବୋଲୁଥିବା ମଣିଷ ବିପଦବେଳେ ସେଇ ମଣିଷ ପାଖରେ ଲୁକ୍କାୟିତ ହୋଇ ରହିଥିବା ଏହି ସକାରାତ୍ମକ ଦିଗଟିକୁ ଆମେ ସବୁବେଳେ ସମ୍ମାନ ଜଣାଇବା ଉଚିତ୍ । ଯା ଫଳରେ ଆମେ ତା ହୃଦୟରେ ଥିବା ଗୋପବନ୍ଧୁଙ୍କ ଅସ୍ତିତ୍ୱକୁ ଅନୁଭବ କରିପାରିବା । ଜାଣିପାରିବା ଆଚରଣ ଓ ଉଚ୍ଚାରଣ ମଧ୍ୟରେ ଥିବା ସମାନତା । ଏହି ଚିନ୍ତାଧାରା ହିଁ ଉତ୍କଳମଣିଙ୍କ ଦାୟିତ୍ୱଭାବରେ ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିପାରିବାରେ ବିଶେଷ ସଫଳ ହୋଇପାରିବ ।

ଶିକ୍ଷକ, କିଶୋରନଗର ହାଇସ୍କୁଲ, ରାଜକିଶୋରନଗର, ଅନୁଗୋଳ

# ନିଃସଙ୍ଗତା



ନୃସିଂହ ଚରଣ ବେହେରା

ନିଃସଙ୍ଗତା...ସବୁବେଳେ

ସାଥି ହୋଇ ରହିଥାଏ ମଣିଷ ସହିତ,

ନା ତାର କେହି ମିତ୍ର ଅଟନ୍ତି

ନା ତାର କେହି ଅଟତି ଶତ୍ରୁ...

ତଥାପି ସେ ହେଳା କରେ ନାହିଁ...

ଦାୟିତ୍ୱ ନେବାକୁ ଆଉ ମୁଣ୍ଡେଇବାକୁ ବୋଝ

ସବୁ ଏକଲା ମଣିଷର... ।

ହେଲେ ଯେତେବେଳେସେ ଦାୟିତ୍ୱ ନିଏ

କାହାର...ସେତେବେଳେ ସାଙ୍ଗରେ

ନେଇ ଆସେ ମାନସ ମନ୍ଥନ ଆଉ

ମାନସିକ ଅସ୍ଥିରତା...

ଯାହା ମଣିଷକୁ ଚେତେଇ ଦିଏ ସାରା ଜୀବନ

କରିଥିବା ପାପ ଆଉ ପୂଣ୍ୟର ଗଣିତକୁ

ଗାଇ ଦୁଃଖର ରାଗିଣୀ... ।

ମଣିଷ ପାଇଁ ନିଃସଙ୍ଗତାକୁ ରହଣ କରିବାଟା

ନୁହଁଇ ସହଜ ମଜାରୁ...

କାରଣ ସମୟ ସହିତ ତାଳ ଦେଇ

ସୁଖ ଦୁଃଖ ପସର୍ ମେଲନ୍ତି ଜୀବନରେ

ଆଉ ତା ସହ ହାତ ଧରି ଆସନ୍ତି

ଅନେକ ସମ୍ପର୍କ ରକ୍ତର... ।

ହେଲେ ନିଃସଙ୍ଗତା ହେଉଛି ନିରୋଳା ମଣିଷ

ହେବାର ପ୍ରଥମ ପଦକ୍ଷେପ

ତାର ଆଗମନେ ମଣିଷ ସନ୍ଧାନ କରିବାକୁ

ଲାଗେ ସେହି ଅଦୃଶ୍ୟ ଈଶ୍ୱରୀୟ ସତ୍ତାକୁ...

ଯାହା ଆଗରେ ପୃଥିବୀରେ ସବୁ ସମ୍ପତ୍ତି

ମନେ ହୁଏ ତୁଚ୍ଛ ଆଉ ଅଦରକାରୀ...

ଆଉ ମଣିଷ ସମୟ ସହିତ ତାଳ ଦେଇ

ବନ୍ଧୁତା କରିନିଏ ନିଃସଙ୍ଗତା ସହିତ ।

୨୧୭, ବାୟାବାବା ମଠ ଲେନ
ଭୋଇ ନଗର, ଭୁବନେଶ୍ୱର – ୧୧

# ଜୟ ରସଗୋଲା - ଜୟ



ହରେରାମ ପଣ୍ଡା

ଓଡ଼ିଶା ବଙ୍ଗଳା ମହା ଲଢ଼େଇରେ
ହୋଇଛି ଆମର ଜୟ,
ଶୁଭେ ଓଡ଼ିଶାର କୋଣେ ଅନୁକୋଣେ
"ଜୟ ରସଗୋଲା - ଜୟ ।"
ଚଞ୍ଚକତା କରି ବଙ୍ଗଳା ପ୍ରଦେଶ
କହୁଥିଲା ଦମ୍ଭ କରି,
"ଆମେ ତ ପାଇଛୁ ଜି.ଆଇ. ମାନ୍ୟତା
ରସଗୋଲା ତ ଆମରି ॥"
ଓଡ଼ିଆ ପ୍ରାଣରେ ଲାଗିଲା ଆଘାତ
କିପରି ଏହା ସମ୍ଭବ ?
ରସଗୋଲା ଆମ ମାଟିରେ ଜନମ
କିପରି ଅନ୍ୟଥା ହେବ ?
ବଳରାମ ଦାସ ଦାଣ୍ଡୀ ରାମାୟଣେ
କରିଛନ୍ତି ତ ପ୍ରମାଣ,
ରସଗୋଲା ଭୋଗ ଜଗନ୍ନାଥଙ୍କର
ପ୍ରମାଣ କରେ ପୁରାଣ ।

ଉତ୍କଳେ ଜନମି ଏହି ରସଗୋଲା
ସମଗ୍ର ଦେଶରେ ପ୍ରିୟ,
ଜଗନ୍ନାଥଙ୍କର ଜୟ ହେଲା ଆଜି
"ଜୟ ରସଗୋଲା - ଜୟ !"
ଜି.ଆଇ. ମାନ୍ୟତା ଲଭି ରସଗୋଲା
ଆନନ୍ଦ ଓଡ଼ିଶା ସାରା,
ଏତେ ଦିନେ ବଙ୍ଗ ପ୍ରଦେଶ ଗାଲରେ
ବାଜିଛି ଶକ୍ତ ଚାପୁଡ଼ା ।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ,
କୁଆଁସ, ମେର୍ଦ୍ଧା କାଟିଆ ଛକ,
ଯାଜପୁର

# ସେ ମୀରା



ପ୍ରିୟଦର୍ଶିନୀ ମହାନ୍ତି

ସେ ମୀରା..
କେବେ ଚାହିଁଛି କ କାହ୍ନୁ,
ବନ୍ଦୀ ହେବାକୁ
ତୋ ବାହୁ ବନ୍ଧନେ...
ରାଧା ପରି ସେ ବି ସର୍ବସ୍ୱ ତ୍ୟାଗୀ,
ତୋ ଚରଣେ ଗାଏ
ଭଜନ ଆନନ୍ଦ ମନେ...

ଦୁନିଆଟା ସାରା
ପ୍ରଘଟ କରିଲୁ
ରାଧା ତୋ ପ୍ରେମିକା ବୋଲି...
ମିରାବାଈ କ ବା
ଭୁଲ କରିଥିଲା
କାହ୍ନୁ ତୁ କେମିତି ଗଲୁରେ ଭୁଲି!!..

ଯୋଗିନିଟିଏ ମୀରା
ତୋ ଚରଣେ ବନ୍ଦେ
ଭୁଲି ମାନ ମର୍ଯ୍ୟାଦା..

ସମ ଭାବେ କାହୁଁ
ପ୍ରେମ କଲେ ତତେ
ଶୁଣି ଅପବାଦ ନନ୍ଦା...

ମିରାକୁ କରାଲୁ
ସାତ ପର ତୁହି
ରାଧା କୁ ନଜର କଲୁ...
ଭକ୍ତି ଅର୍ଘ୍ୟ ଦେଇ
ମୀରା ପୂଜୁଥିଲା
ପାତର ଅନ୍ତର କାହିଁକି କଲୁ...

ଏସ ଆର ୭, ଟଙ୍କପାଣି ରୋଡ ୪
ପାଣ୍ଡବନଗର, ଭୁବନେଶ୍ୱର ୭୫୧୦୧୮

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ମାତୃ ଅଭିଶାପ



ଶିବରାମ ଦଳେଇ

ସକାଳୁ ସକାଳୁ ବୃଦ୍ଧାଆଶ୍ରମ ରେ ପୁଅ ବୋହୂକୁ ଦେଖି ଚମକି ପଡିଲା ହାରାବୁଢ଼ୀ । ମନେ ମନେ ଭାବିଲା ଦୁଇ ଦିନ ତଳେ ତ ତାର ସାନ ପୁଅ ତା ଭାଗ **(ବାର୍ଦ୍ଧକ୍ୟ ଭତ୍ତା)** ନେଇ ସାରିଛି, ଆଉ ମାସରେ ବଡ଼ ପୁଅର ପାଳି କିନ୍ତୁ ଏବେ କଣ ଏମାନେ ଆସି ପହଂଚଲେଣି । କାହିଁ ଏମାନଙ୍କ ର ଅଲଗା କିଛି ଯୋଜନା ନାହିଁ ତ **?** ଦୁହେଁ ଆସି ମାଆ ର ପାଦ ତଳେ ଲୋଟିପଡି ଖୁବ ଜୋରରେ କାନ୍ଦିବାକୁ ଲାଗିଲେ । ହାରାବୁଢ଼ୀ କିଛି ବୁଝି ପାରୁ ନଥାଏ । ତାକୁ ଖାଲି ଅତୀତ ଘଟଣା ଗୁଡା ଜଳ ଜଳ ଦିଶୁଥିଲା ।

ସେଦିନ ତା ଗେରସ୍ତ ରିକ୍ସା ଟାଣି ଘରକୁ ଫେରିବା ସମୟରେ ଦୁର୍ଘଟଣା ର ଶିକାର ହେଇ ହାରାବୁଢ଼ୀ ଆଉ ଦୁଇ କୁନ ଛୁଆକୁ ଜୀବନ ର ଅଧା ବାଟରେ ଛାଡ଼ିଗଲା ସତ, ହାରା କିନ୍ତୁ ହାର ମାନି ନଥିଲା ଏ ସମାଜ ଆଗରେ । ମାଗିଯାଚ, ବାର ଦୁଆର ଗୁଣ୍ଡିପିଣ୍ଡା ହେଇ, ଅନ୍ୟ ର ପାହିଟି କରି ଦୁଇ ପୁଅକୁ ଭେଣ୍ଡିଆ କରିଛି ସେ । ହେଲେ ଆପଣା ସୁନା ତ ଭେଣ୍ଡି, ସେମାନେ ତ ମାଆ ର ଦରଦ ବୁଝିଲେ ନାହିଁ, ବୋହୂମାନେ ଦରଦୀ ହେଇଥାଆନ୍ତେ କିପରି **?** ଯୋଉ ବୋହୂର ହାତ ମୁଠେ ପଖାଳ ଦେବାକୁ କୁଣ୍ଠାବୋଧ କରୁଥିଲା, ଭାତ ବଦଳରେ ଗୀପୁଡ଼ା ଦେବାକୁ ପଛାଉ ନଥିଲା । ଗଦାଗଦା କାମ ଆଣି ଫୋପାଡ଼ି ଦଉଥିଲା ସେ ହାତ ଆଜି ମୋ ପାଦ ତଳେ କଣ ପାଇଁ **?** ଯୋଉ ହାତ ମୋ କେଶ କୁ ଟାଣି ଟାଣି

ବୃଦ୍ଧାଆଶ୍ରମ ରେ ପହଞ୍ଚାଇ ଥିଲା ସେ ହାତ ପୁଣି ମୋ ପାଦ ତଳେ? ହାବୁଡ଼ୀ ର ଅପାଠୁଆ ମୁଣ୍ଡରେ ଏ ସବୁ ଅଡୁଆ ସୁତା ପରି ଛନ୍ଦି ହେଇଯାଉଥିଲା ।

ପିଲା ଯେତେ ଖରାପ ହେଲେ ବି ମାଆ ର ହାତ ସର୍ବଦା ପିଲା ର ମୁଣ୍ଡ ଉପରେ । ମାଆ ମନ ତ, ହାବୁଡ଼ୀ ସେଥିରୁ ବର୍ତ୍ତି ଯାଇଥାନ୍ତା କପରି ? ପଛ କଥାକୁ ଭୁଲି ପୁଅ ବୋହୁକୁ ନଜ ଛାତିକୁ ଟାଣିନେଲା । ତା ବୋହୁ ଏବେ କହିବାକୁ ଲାଗିଲା, ମାଆ ମୋତେ କ୍ଷମା କର ମୁଁ ମୋର ଭୁଲ ବୁଝିସାରିଛି । ଭଗବାନ ମୋତେ ମୋର କଲା କର୍ମର ଫଳ ଦେଇସାରିଲେଣି। ଏବେ ଆମେ ଆପଣଙ୍କୁ ସାଥିରେ ନେଇଯିବା ପାଇଁ ଆସିଛୁ । ବୋହୂର କଥା ନ ସରୁଣୁ ପୁଅ କହିବାକୁ ଲାଗିଲା ହଁ ମାଆ ତୁ ଆମକୁ କ୍ଷମା କରି ଆମ ସାଥିରେ ତୁ ଗଢିଥିବା ଅଧାଗଢା ମନ୍ଦିର କୁ ଚାଲେ ମାଆ । ତୁ ଆମ ସାଥିରେ ଗଲେ ହୁଏତ ତୁ ଦେଇଥିବା ଅଭିଶାପକୁ ଭଗବାନ ତୋ ବୋହୂର ଦଣ୍ଡରୁ କଛି କମେଇ ଦେଇ ପାରନ୍ତି । ଅଭିଶାପ, ଦଣ୍ଡ ଏସବୁ ଶବ୍ଦ ହାବୁଡ଼ୀ ର ମୁଣ୍ଡକୁ ଆହୁରି ଅଡୁଆ ସୁତା ପରି ଛନ୍ଦି ଦେଉଥିଲା । ସେ ବୁଝିପାରୁ ନଥିଲା ଅତୀତରେ ଦେଇଥିବା ଅଭିଶାପ ଆଜି ଜୀବନ୍ତ ରୂପ ନେଇଛି । ପୁଅ ବୋହୁଙ୍କ ଏପରି ବଦଳିବା ଦେଖି ବୃଦ୍ଧଆଶ୍ରମ ରୁ ବିଦାୟ ନେଇ ପୁଣି ଫେରି ଆସିଲା ତା ଅଧାଗଢା ମନ୍ଦିର କୁ ।

ଚାରି ପାଞ୍ଚ ମାସ ପୁଅ ବୋହୁଙ୍କ ଗହଣରେ ଭଲରେ କଟିଗଲା । କନ୍ତୁ ସେ ପୁଅ ବୋହୁଙ୍କ କମ ଖୁସି କୁ ଅନୁଭବ କରିପାରୁଥିଲା । ହଠାତ ଦିନେ ବୋହୂ ସନ୍ଧ୍ୟା ଦେବା ସମୟରେ କଚାଡି ହେଇ ତଳେ ପଡ଼ିଗଲା । ହାବୁଡ଼ୀ, ପୁଅ ଦୁହେଁ ଦୌଡ଼ି ଆସି ବୋହୂକୁ ଡାକ୍ତରଖାନା ନେଇ ଗଲେ ।ସ ବୁ ପରୀକ୍ଷା ନରୀକ୍ଷା ପରେ ଡାକ୍ତରବାବୁ ହାବୁଡ଼ୀ ପୁଅକୁ କହୁଥାନ୍ତି "ସେ ଆଉ ଅଳ୍ପ ଦିନର ଅତିଥି, ତାଙ୍କର ଦୁଇଟା ଯାକ କଡ଼ିନୀ ଏବେ କାମ କରିବା ବନ୍ଦ କରିଦେଲାଣି । ସେ ଆଉ ବଞ୍ଚିବା ଭାରି କଷ୍ଟ । ଯଦି କୌଣସି ମତେ କଡନୀ ଯୋଗାଡ଼ କରି ହେବ ତେବେ ତୁମର ପତ୍ନୀ ବଂଚିବା ସମ୍ଭବ, ନଚେତ ଭଗବାନ ହିଁ

ଭରଷା" । ଏ ସବୁ କଥା ହାଡ଼ିବୁଢ଼ୀ ଡାକ୍ତରଖାନାର କବାଟ ଫାଙ୍କରେ ଶୁଣୁଥାଏ । ଏବେ ମନେ ପଡ଼ିଲା ତା ଅଭିଶାପ କଥା ।ସେଦିନ ବୋହୂ ତାର କେଶକୁ ଧରି ଘୋଷାଡି ଘୋଷାଡି ନେଉଥିଲା, ବୁଢ଼ୀ ପଡିଗଲେ ମଝିରେ ମଝିରେ ଠିଆ ଗୋଇଠା ମାରୁଥିଲା । ବୁଢ଼ୀ ଭଗବାନଙ୍କୁ ସୁମୋରି କାନ୍ଦି କାନ୍ଦି କହୁଥିଲା ବୋହୂ ତୋ ଅଙ୍ଗ ଅଚଳ ହେଇଯାଉଲେ, ତୁ ଅଧା ବର୍ଷ ରେ ଗ୍ଲି ଯାଆ ଲେ ଏମିତି ଅନେକ କଛି । ଡାକ୍ତରବାବୁ, ହାଡ଼ିବୁଢ଼ୀ ର ପୁଅ କବାଟ ଖୋଲି ବାହାରକୁ ଆସିବା ସମୟରେ କବାଟର ଖଡ଼ କନା ଶବ୍ଦରେ ବୁଢ଼ୀ ପ୍ରକୃତିସ୍ଥ ହେଲା। ସେ ନଜକୁ ଧିକ୍କାର କରୁଥିଲା । ଯେତେ ହେଲେ ସେ ମାଆ । ବଂଚ ଥାଉ ଥାଉ ପୁଅର କେବେ ସର୍ବନାଶ ଦେଖିବ କୌଣସି ମାଆ ଗ୍ହେଁ ନାହିଁ । ସେ ଦୌଡ଼ି ଗଲା ପାଖରେ ଥିବା ମଙ୍ଗଳା ମନ୍ଦିରକୁ । ମୁଣ୍ଡ ବାଡ଼େଇ କାନୀ ପତେଇ ଭିକ ମାଗୁଥିଲା ପୁଅର ସଂସାର । ସେତେବେଳେ ମନେ ପଡିଲା ଡାକ୍ତର ବାବୁଙ୍କ କେଇ ପଦ କଥା "ଯଦି କଡନୀ ଯୋଗାଡ଼ ହେଇଯାଏ ତେବେ ତୁମ ପତ୍ନୀ ବଞ୍ଚିଯିବ" । ହାଡ଼ିବୁଢ଼ୀ ଭ୍ବିଲା ମୁଁ ତ ବୁଢ଼ୀ ହେଲିଣି, ମୋର ବଂଚବା ମରିବା ସବୁ ସମାନ, ଯଦି ମୋ କଡନୀ ରେ ମୋ ବୋହୂ ବଞ୍ଚିପାରିଲା ତେବେ ମୋ ପୁଅର ସଂସାର ସହ ମୋର ଆତ୍ମା ବଂଚରହିବ ମୋ ବୋହୂ ପେଟ ଭିତରେ । କାଳବିଲମ୍ବ ନ କରି ହାଡ଼ିବୁଢ଼ୀ ଧାଇଁ ଗଲା ଡାକ୍ତର ବାବୁଙ୍କ ପାଖକୁ । ଆଉ ଆଙ୍ଗୁଠି ଚହ୍ନ ଲଗେଇ ଦେଲା କଡନୀ ଡୋନେଟ ପେପର ଉପରେ ।

ଲେଖନପୁର, ସାଲେପୁର

ବେଦାନ୍ତୀ

# ଅଭୁଲା ସ୍ମୃତି



ନବୀନ ପଧାନ

ଶାନ୍ତ ସରଳା ମାଆଁ ଟିଏ ମୁହିଁ
ମନେ ନାହିଁ ଅଭିମାନ ।
ନୀତି ଆଦର୍ଶରେ ଗଢା ହୁଏଁ ବୋଲି
ଜଗତେ ପାଏଁ ସମ୍ମାନ ।।

ମନେପଡେ ଆଜି ସତୁରି ବରଷ
ତଳର ସେହି ଦୁର୍ଦ୍ଦିନ ।
ଦୁନଆଁ ଦାଣ୍ଡରେ କଳଙ୍କିନୀ ସାଜି
ବିତଉ ଥାଏ ମୁଁ ଦିନ ।।

ମାଆ  ଅଟେ ମୁହିଁ ସବୁ ସନ୍ତାନ ମୋ
ନୁହେଁ କେହି ବଡ଼ ସାନ ।
ତିନଶ ସତୁରି ଧାର୍ ପାଇଁ କ ମୁଁ
ବିଶ୍ୱେ ପାଏ  ଅପମାନ ।।

ମୋ ଜାତୀୟ ନେତ ପାଖେ ଉଡୁଥାଏ
ଆହୁରି ଗୋଟଏ ନେତ।
ମୋ ଜାତୀୟ ସଙ୍ଗୀତର ସହ ଶୁଭେ
ଭିନ୍ନ ଜାତୀୟ ସଙ୍ଗୀତ ।।

ମୋ ଜୀବନେ କେତେ ଆତଙ୍କବାଦୀଙ୍କ
ତାଣ୍ଡବ ଲୀଳା ସହିଛି ।
ବାସଲ୍ୟମୟୀ ମୁଁ ପୁଅ ମୃତ୍ୟୁ ଦେଖି
ଚକ୍ଷୁ ଅଶ୍ରୁ ଝରେଉଛି ।।

ତିନଶ ସତୁରି ଉଚ୍ଛେଦ ହୋଇ
ମୋ ସୁଦିନ ଆସିଅଛି ।
ଦୁର୍ଦ୍ଦିନ ଯାଇଛି ସେ ଅଭୁଲା ସ୍ମୃତି
ଏବେବି ମନେ ରହିଛି ।।

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ବାବୁଫାସଡ଼

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ପ୍ରକୃତ ବନ୍ଧୁ



ପ୍ରକାଶ ଚନ୍ଦ୍ର ପଣ୍ଡା

ବନ୍ଧୁ ପରି ବନ୍ଧୁଟିଏ କେଉଁଠି ପାଇବି
ଯା ପାଖରେ ଭଲ ମନ୍ଦ ସବୁ ମୁଁ କହିବି
ଯିଏ ସେ ହୋଇବ ମୋର ବିପଦରେ ସାହା
ଦୁଃଖରେ ସେ ପାଖେ ଥାଇ କହୁଥିବ ଆହା ।
କାତର ନହୋଇ ସିଏ ପାଖେ ହେବ ଠିଆ
ପରାମର୍ଶ ଦେଉଥିବ ବ୍ୟସ୍ତ ହେଉଁ କିଆଁ ।
ସଂପଦରେ ଖୁସି ହୋଇ ହସି ଗଡିଯିବ
ମୋ ଖୁସିରେ ତିଳେମାତ୍ର ଈର୍ଷା ନ କରିବ ।
ନିସ୍ୱାର୍ଥପର ଭାବରେ ପାଖେ ପାଖେ ରହି
ଭଲ ବାଟ ଚାଲିବାକୁ ସେ ଦେବ ବତାଇ ।
ହୃଦୟର ଭାଷାକୁ ମୋ ବୁଝି ପାରୁଥିବ
ଆବେଗରେ କେବେ କେବେ ତୋଳ ଧରୁଥିବ ।
ରୋଗ ଶଯ୍ୟାପରେ ଯଦି ପଡିବି କେବେ
ଚିକିତ୍ସାଳୟକୁ ଆସି ଧାଇଁ ଆସେ ଆଗେ ।
ମଜା ଥଟ୍ଟା କରୁଥିବ କେତେ କଥା କହି

ଟାହି ଟାପରାରେ ମନ ନେଉଥିବ ମୋହି ।
ସଂସାରରେ ଏହିଭଳି ସାଂଗ ଅଛି କେହି
ମୋର କାହିଁ ହୃଦବୋଦ୍ୟ ହେଉନାହିଁ ଭାଇ
ଭଲ ବନ୍ଧୁଟିଏ ଏବେ ଖୋଜୁଅଛି ମୁହିଁ
କେଉଁଠି ମିଳବ କହି ପାରିବକ ଭାଇ ।
ମିଛମାୟା ସଂସାର ମୁଁ ଜାଣିଶୁଣି କାହିଁ
ବୃଥା ଆଷ୍ଫାଳନ କରେ ବୁଝିପାରେ ନାହିଁ ।
ବନ୍ଧୁପରି ବନ୍ଧୁଟିଏ ଖୋଜୁଅଛି ମୁହିଁ
କେଉଁଠି ମିଳବ କହି ପାରିବକ ଭାଇ.....।

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସମର୍ପଣ



ଅକ୍ଷୟ କୁମାର ବେହେରା

ଜନମ ରୁ ଜୁଇ ପ୍ରଯ୍ୟନ୍ତ
ଅଟେ ଅଳପ ବାଟ,
ଅଢେଇ ଦିନ ଏ ଜୀବନ
କରେ ଅନେକ ନାଟ ।୧।

ମାତୃଗର୍ଭ ନର୍କ କୁଣ୍ଡରୁ
ସୃଷ୍ଟି ଜୀବ ର ଦେହ,
ମାନବ ଶ୍ରେଷ୍ଠ ଏ ସଂସାରେ
ସତ୍ୟ ସର୍ବଦା କୁହ ।୨।

କଥା ଦେଇଥିଲ ପ୍ରଭୁଙ୍କୁ
ନାମ ଜପିବା ପାଇଁ,
ଜନ୍ମ ହେଲ୍ ପରେ ଭୁଲିଲ
ଜମା ମନରେ ନାହିଁ ।୩।

ମାୟା ସଂପର୍କର ବନ୍ଧନେ
ପଡି ହୋଉଛ ବନ୍ଦି,
ବିକଳ ହଇଣ ଅକାଳେ
ଡାକ ପ୍ରଭୁଙ୍କୁ କାନ୍ଦି ।୪।

ଷଡରିପୁ ଠାରୁ ଦୂରରେ
ସଦା ମନକୁ ରଖ,
ଇନ୍ଦ୍ରିୟ କବଳେ ନ ପଡି
ଚାଲ ଆଗକୁ ଦେଖ ।୫।

ମିଛ ମାୟାର ଏ ସଂସାର
ଜମା ନାହିଁ ଭରଷା,
ତେଲ ଲୁଣ ଭର୍ ଜଞ୍ଜାଳେ
ତୁଚ୍ଛ ସୁଖର ଆଶା ।୬।

ସୁଖ ନାହିଁ ତିଳେ କୋଉଁଠି
ଦୁଃଖେ ବିତୁଛି ଦିନ,
ଗର୍ବ ଅହଂକାର ଅଜ୍ଞାନେ
ପୁରି ରହିଛି ମନ ।୭।

ଶୂନ୍ୟ ହାତେ ହୋଇ ଜନମ
କଛି ନ ଥିଲ ଆଣି,
କେତେ ପାପ ପୁଣ୍ୟ ଅର୍ଜିଲ
ନଜେ ନପାର ଜାଣି ।୮।

ସଂସାରେ ଏଠି କଛି ନାହିଁ
ସବୁ ପ୍ରଭୁଙ୍କ ଦାନ,
ତାଙ୍କ ପାଶେ ଭକ୍ତି ଭାବରେ
ଅର୍ପି ଦିଅ ଜୀବନ ।୯।

ସମର୍ପଣ କଲେ ନଜକୁ
ଶେଷେ ମୁକ୍ତି ପାଇବ,
ଅଧମ ଅକ୍ଷୟ କହଇ
କଥା ମନେ ରଖିବ ।୧୦।

କେନ୍ଦୁଡିହା, ବଡସାହି, ମୟୂରଭଞ୍ଜ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଆଗତ ପ୍ରାୟ

ଅନିଲ କୁମାର ସାହୁ

ନୁହେଁ ବେଶୀ ଦିନ ଦେଖିବ ନୟନ
ଆସିବ ଯେବେ ସେ ବେଳ
ଘୂରିଆଡେ ନଷ୍ଟେ ହେବ ହାହାକାର
ଧରା ହେବ କଳବଳ ॥

ପୃଥିବୀ ଜଳବ ସମୁଦ୍ର ବଢ଼ିବ
ଶୁଭିବ ଆର୍ତ୍ତଚିତ୍କାର
ମରୁଡି ସଙ୍ଗେ କେତେ ବିପର୍ଯ୍ୟୟ
ମାଡିଯିବେ ଥରଥର ॥

ସାଗର ବଢ଼ିବ ଗାଁ ବୁଡିଯିବ
କେ ପଶୁରେ ନଦୀ, ନାଳ
କେତେ ଯେ ଶରୀର ଜଳମଗ୍ନ ହେବ
ମାଡି ଆସିବ ସେ କାଳ ॥

ଫାଇଲିନ୍, ହୁଡହୁଡ, ତିତିଲି କେତେ ଆସୁଥିବେ
କଳନା ନାହିଁ ଟି ତାର
ଏ ଯୁଗ ମଣିଷ କରୁଛି ସଂହାର
ବୁଡିବ ଦିନେ ସଂସାର ॥

ଦୁର୍ବଳ କୁ କରେ ସବଳ ଶୋଷଣ
ଦୁଃଖୀ କୁ ଧନୀ ଯେସନ
ରାଜନୀତି ଯୋଗୁଁ ଗୁଣ୍ଡା ରାଜନେତା
ଦିଅନ୍ତି ଲମ୍ବା ଭାଷଣ ॥

ନାହିଁ ତ ସମୟ କର ହେ ଉପାୟ
କରୁଅଛ କଣ କଣ
ଜଙ୍ଗଲ ହାଣିଲ ମରୁଭୂମି କଲ
ପୁଣି ପରିବେଶ ପ୍ରଦୁଷଣ ॥

କେତେ ଯେ ସହିବ ଏ ଧରଣୀ ମାତା
ଦେଖିବ ଦିନେ ତା ଖେଳ
ଖେଳ ଆରମ୍ଭିଲେ ପୃଥିବୀ କଂପିବ
ନାଶ ଯିବ ଏ ସକଳ ॥

ସତର୍କ ହୁଅ ହେ ମଣିଷ ସମାଜ
କର ନାହିଁ ଅତ୍ୟାଚାର
କାହା ଉପକାର ନ କର ପଛକେ
କରନାହିଁ ଅପକାର ॥

ମୁଣ୍ଡାପାଲି, ନଅଗାଁ, ଆଗଲପୁର, ବଲାଙ୍ଗିର

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ୧୬- ଅଦୃଶ ପଙ୍କ - କଟକ ସହର ବଡ ମହରଗ

### ପ୍ରଥମ ପର୍ଯ୍ୟାୟ

ବହୁଦିନ ପରେ ମାଉସୀ (କୁନୁବାବୁର ମା) ବେବି (ତାଙ୍କ ଝିଅ) ସଙ୍ଗେ ଆମ ଘରକୁ ବୁଲି ଆସିଥିଲେ । ଗାଁରେ ତାଙ୍କର ଜଣେ ସର୍କୀୟଙ୍କର ବାହାଘରରେ ଯୋଗ ଦେବାକୁ ଯାଇଥିଲେ। ଭୁବନେଶ୍ୱରରେ ଗୋଟିଏ ଘର ତିଆରି କରାଉଛନ୍ତି । ତେଣୁ ମଉସା (ସୁନ୍ଦର ରାୟ ବାବୁ) ସେଠାରେ ପୁରାଦିନ ବ୍ୟସ୍ତ ରହିବେ । ବେବି ସଙ୍ଗେ ସେ 'ଟୁଲୁ' (ବଡନନାଙ୍କ ପୁଅ) କୁ ଦେଖିବାକୁ ଆସିଗଲେ । ମାଉସୀ ବେଶୀ କାମ କରି ପାରନ୍ତିନି ସିନା ବରାଦ କରି ସବୁ କାମ ସୁନ୍ଦର ରୂପେ କରାଇ ପାରନ୍ତି । କିଏ କହେ ସେ ବହୁତ ମୋଟା ତ ତେଣୁ କାମ କରିପାରନ୍ତିନି । କିଏ କହେ କଲେକଟରଙ୍କର ପତ୍ନୀ କାମ କରିବେ? ତାଙ୍କ ଷ୍ଟେଟସ୍ କୁ ନେଇ ସେ ନିଜକୁ ସମସ୍ତଙ୍କ ଠାରୁ ଦୂରରେ ରଖିବାକୁ ଚାହାନ୍ତି । ଆଉ କିଏ କହେ ମୁଁ କିନ୍ତୁ ଏ ସବୁ ମନ୍ତବ୍ୟରେ ଟିକିଏ ବି ଏକମତ ହୁଏନା । କାହିଁକି ନା ମାଉସୀ ଖୁବ୍ ସ୍ନେହୀ, ଏବଂ ମେଳାପୀ ।

ମାଉସୀ ଆଉ ନୂଆବୋଉଙ୍କର ଚାହାପାନ ଆସର ଜମିଥିଲା । ଆମ ଦୁହିଁଙ୍କୁ ପାଖକୁ ଡାକି ଜଳଖିଆ ପ୍ଲେଟରୁ କିଛି ନେବାକୁ କହିଲେ, ମାତ୍ର ନୂଆବୋଉ ଆମ ପାଇଁ ସ୍ୱତନ୍ତ୍ର ପ୍ଲେଟ ମଗାଇ ସାରି ଥିଲେ । ବେବି ମୋ ଠାରୁ ଗୋଟାଏ ବର୍ଷ ସାନ । ମାତ୍ର ଏବେ ମୋ ଠାରୁ ଖୁବ୍ ବଡ ମନେ ହେଉଛି । କାହିଁକି ନା ଏମିତି ତ ସେ ଡେଙ୍ଗା । ଏଇ ବର୍ଷକ ଭିତରେ ସେ

ଖୁବ୍ ମୋଟା ହୋଇ ଯାଇଛି । ସେମାନେ ଏବେ ମଧ ଭଦ୍ରକ ରେ ଅଛନ୍ତି । ଭଦ୍ରକ ବିଷୟରେ ଅସରନ୍ତି ଗପ ।

ପୁଣି ଥରେ ମାଉସୀ ଆମ ଦୁହିଁଙ୍କୁ ପାଖକୁ ଡାକଲେ । ନିଜ ନିଜର ଜଳଖିଆ ପ୍ଲେଟ, ପାଣି ଗ୍ଲାସ୍ ଉଠାଇ ନେଇ ତାଙ୍କ ପାଖରେ ବସିଲୁ । ମାଉସୀଙ୍କର ପୁଅ ଝିଅ ମିଶାଇ ସାତଟି । ତେଣୁ ସେ ପିଲାଙ୍କର ମନ କଥା ଭଲଭାବେ ବୁଝି ପାରନ୍ତି । କହିଲେ ୧୯୬୦ରୁ ଆଜି ଭିତରେ ତୁମ ଘରକୁ କେତେ ଖୁସି ଆସିଲାଣି ମିସେସ ପଣ୍ଡାଙ୍କର ୧୯୬୦ରେ ଲକ୍ଷ୍ମୀ ପ୍ରତିମା ଭଳି ଝିଅ, ଏବେ ପୁଅ ଏ ଦୁହେଁ ପଠା ବାବୁଙ୍କ ଉପରେ ଯିବେ । କେତେ କେତେ ନାଁ କମାଇବେ ।

ଭଗବାନ ଦୁହିଁଙ୍କୁ ଦୀର୍ଘାୟୁ କରନ୍ତୁ । ପୁଅ, ଝିଅଙ୍କର ପ୍ରଶଂସା ଶୁଣିଲେ କୋଉ ମା ବାପାର ଛାତି କୁଣ୍ଢେ ମୋଟ ନ ହୋଇଯାଏ । ନୂଆବୋଉ ବା ସେଥିରୁ କେମିତି ବାଦ୍ ଯାଇପାରନ୍ତି ।

ଆହୁରି କେତେ ଟା କଥା ଖୁସି ତୁମେ ଛାଡିଗଲ ମା? ଅନୁଦେଇଙ୍କର ପାଠ ଆରମ୍ଭ ଆଉ ମାଟ୍ରିକ୍ ପରୀକ୍ଷାରେ ବାଲେଶ୍ୱର ଜିଲ୍ଲାର ସବୁ ଝିଅଙ୍କ ଠାରୁ ବେଶୀ ନମ୍ବର ରଖିଛନ୍ତି । କଲେଜରେ ତାଙ୍କୁ ସ୍କଲାରସିପ୍ ମିଳିବ । କହିଲା ବେବି ।

ଆଲୋ ହଁ ତ, ଅନୁ ମାଟ୍ରିକ୍ ପାସ୍ କଲାଣି । ମୁଁ ତାକୁ ସବୁବେଳେ କୁନୁବାବୁ ସଙ୍ଗେ ତୁଳନା କରେ । ଦୁହେଁ ସମବୟସୀ ତ ! କୋଉ କଲେଜରେ ନାଁ ଲେଖେଇବୁ? ନାନାଙ୍କୁ କହ ରେଭେନ୍ସା କଲେଜରେ କରାଇ ଦେବେ । ମୋ ଆଡକୁ ଗୃହିଁ କହିଲେ ମାଉସୀ ।

ଆଡମିଶନ୍ କରେଇଦେବେ କ'ଣ, ଅନୁ ଦେଇଙ୍କୁ ତ ମେରିଟ୍ ରେ ମିଳିବ । ମୋ ଆଡକୁ ଗୃହିଁ କହିଲା ବେବି ।

ଶୈଳବାଳା ପାଇଁ ଭାବୁଛୁ । ମୁହଁ ଖୋଲିଲେ ନୂଆବୋଉ । ଠିକ୍ ଅଛି,ଶୈଳବାଳା ବି ଭଲ । ଉଇମେନ୍ସ କଲେଜ । ୟା ନାଚ ଗାନା ବହୁ କାମରେ ଆସିବ । ତୁମେ ତ ସେଇ କଲେଜର, ତୁମକୁ ବେଶୀ ଜଣାଥିବ । ଗ୍ଲାଲ୍ ଲୋ ବେବି, ଡ୍ରାଇଭରକୁ ଡାକ । ପହଞ୍ଚିବାକୁ ଦି ଘଣ୍ଟା ଲାଗିଯିବ ।

ୟେ କଟକ, ଭୁବନେଶ୍ୱର ମା । ହାଓଡା ବ୍ରିଜ୍ ଭ୍ୱିଲ କ ? ବୀର ଭ୍ଇ ପଇଁଗ୍ଲଶ ମିନଟ୍ ରେ ପହୁଞ୍ଚାଇ ଦେବ । ନୂଆ ବୋଉଙ୍କ ପାଖେ ତୁମେ ଆଉ କପେ ଗ୍ହା ପିଅ । ମୁଁ ଅନୁଦେଇଙ୍କ ରୁମ୍ ରୁ ତାଙ୍କ କାରସାଦୀ ଦେଖି ଆସୁଛି ।

ଦୁଇ ବର୍ଷ ତୋ ପାଖରେ ଥିଲ୍, କଛି ଶିଖିଲୁ ତା ଠୁ? ହଉ ଯା । ହେଲେ ବେଶୀ ଡେରି କରିବୁନ । ବାପା ଅପେକ୍ଷା କରିଥିବେ ।

ମାଉସୀ, ବେବି ଯିବା ପରେ ମୁଁ ଦୁଇ କଲେଜ ବିଷୟରେ ଚନ୍ତା କରି ଗ୍ଲିଥିଲି । ବାପା, ବଡନନା ଦୁହେଁ ଶୈଳବାଳା ଗ୍ହାନ୍ତିନ । ମୋ ନଜର ଏତେ ବେଶୀ ବିଗ୍ଚର କରିବାର ଶକ୍ତି ନାହିଁ । ମାତ୍ର ବଡନନା, ନୂଆବୋଉଙ୍କ ମଧ୍ୟରେ ଏଇ ବିଷୟ ନେଇ ତର୍କ ଆଜି ମୁଁ ଖାଇବା ଟେବୁଲ୍ ରେ ଶୁଣିଲି । ସୁଶୀ ନାନୀ କଛି ମତାମତ ନ ଦେଲେ ମଧ୍ୟ ମୁଁ ତାକୁ ମୋ ଚନ୍ତା ବିଷୟରେ କହି ମନ ହାଲକା କରେ । ସେ ବି ନାହିଁ, ବାହା ହୋଇ ଶାଶୁଘରେ । ମିଲୁ (ବଡନନାଙ୍କ ଝିଅ) ମାତ୍ର ଦୁଇବର୍ଷର ପିଲ୍ଟା । ହେ ଭଗବାନ୍, ମିଲୁକୁ ଶୀଘ୍ର ବଡ କରିଦିଅ ।

ଯେତେ ଚେଷ୍ଟା କଲେ ମଧ୍ୟ ଶୋଇ ପାରିଲିନ । ବାପା କହୁଥିଲେ, "କେବଳ ପୁରୁଣା ନୁହେଁ ପ୍ରଖ୍ୟାତ ଏବଂ ଏଷ୍ଟାବ୍ଲିସଡ୍ କଲେଜ । ଓଡିଶାର ଯେତେ ବଡ ବଡ ପ୍ରତିଷ୍ଠିତ ଲୋକମାନଙ୍କୁ ଦେଖୁଛୁ ସମସ୍ତେ ରେଭେନ୍ସା କଲେଜରୁ ପଢିଛନ୍ତି । ବଡନନାଙ୍କର ମତ ମଧ୍ୟ ସେଇଆ ଥିଲ୍ ।"

ରେଭେନ୍ସା କଲେଜରେ ଆଡମିଶନ୍ ର ଶେଷ ତାରିଖ । ମାତ୍ର ଏଇ ବିଷୟ ନେଇ ନୂଆବୋଉ ତାଙ୍କ କଥା ନ ରହିଲ୍ ବୋଲି ଦୁଃଖ ନ କରନ୍ତୁ । ଦୁଇଟି ଯାକ କଲେଜର ପ୍ରସପେକ୍ଟସ ଆଣି ବାରଂବାର ଆମୂଳ ଚୂଳ ପଢିଲି । ଯଦି କଛି ଏଥିରୁ ସଲ୍ୟୁସନ ମିଳଯାଏ । ବଡନନା ଅଫିସରୁ ଆସି ଫ୍ରେସ୍ ହୋଇ ଅଫିସ୍ ରୁମରେ ବସିଲେ । ପାଖରେ ବାପା । ମତେ ଡାକଗ୍ ଆସିଲ୍ ।

ମୁଁ କାଲି ଅଫିସରୁ କାହାକୁ ପଠାଇ ତୋର ଆଡମିଶନ୍ ରେଭେନ୍ସା କଲେଜରେ କରାଇ ଦେଉଛି । ଦୃଢ କଣ୍ଠରେ କହିଲେ ବଡନନା ।

ନାଁ ମୁଁ ଭାବୁଛି, ଶୈଳବାଳା ମୋ ପାଇଁ ଭଲ ରହିବ ।

ମାତ୍ର କାହିଁକି ?

ମଧୁସୂଦନ ଦାସଙ୍କ ଜୀବନୀ ଖୁବ୍ ଭଲ ଲାଗେ । ବହୁ ଜ୍ଞାନୀ, ସେ ଏଇ କଲେଜଟି ତାଙ୍କ ପୋଷ୍ୟା ପୁତ୍ରୀଙ୍କର ଦ୍ୱାରା ପ୍ରତିଷ୍ଠିତ ।

ଯେଉଁ ଉତ୍କଳଗୌରବ ମଧୁସୂଦନଙ୍କ ବିଷୟରେ କହୁଛୁ, କେବଳ ସେଇ ମହାନ୍ ବ୍ୟକ୍ତି ନୁହନ୍ତି, ଉତ୍କଳମଣି ଗୋପବନ୍ଧୁ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଡକ୍ଟର ପ୍ରାଣକୃଷ୍ଣ ପରିଜା, ଶ୍ରୀ ନତ୍ୟାନନ୍ଦ କାନୁନଗୋ, ଶ୍ରୀ ବିଶ୍ୱନାଥ ଦାସ ଓଡିଶାର ମୁଖ୍ୟମନ୍ତ୍ରୀ ସମୂହ (ଶ୍ରୀ ହରେକୃଷ୍ଣ ମହାତାବ, ଶ୍ରୀମତି ନନ୍ଦିନୀ ଶତପଥୀ, ଶ୍ରୀ ବିଜୁ ପଟ୍ଟନାୟକ) ଭାରତର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ରବିରାୟ ଏବଂ ଓଡିଶାର ସମସ୍ତ ବଡ ବଡ ସାହିତ୍ୟିକ ରେଭେନ୍ସା କଲେଜରୁ ଶିକ୍ଷା ଲାଭ କରି ଓଡିଶାର ଗୌରବ ଧ୍ୱଜା ସମ୍ପୂର୍ଣ୍ଣ ଭାରତ ବର୍ଷରେ ଉଡାଉଛନ୍ତି ।ଏଇ କଲେଜଟି ହେଉଛି ଓଡିଶାର ପ୍ରଥମ କଲେଜ ।

ଶୈଳବାଳା କଲେଜଟି ଉତ୍କଳ ଗୌରବ ମଧୁସୂଦନଙ୍କ ଘରେ ଅବସ୍ଥିତ । ଏତେବଡ ଜ୍ଞାନୀ ମହାପୁରୁଷଙ୍କର ଚଳ ପ୍ରଚଳ ଯେଉଁ ଘରେ ହେଉଥିଲା, କେତେବେଳେ କେମିତି ସେଇ ସ୍ଥାନ ମାନଙ୍କରେ ବସିବାର ତ ସୌଭାଗ୍ୟ ମିଳବ ।

ଏ ସବୁ ଜଷ୍ଟ ଇମୋସନ୍, ନଥିଙ୍ଗ ପ୍ରାକ୍ଟିକାଲ୍ । ବିରକ୍ତି ସହ କହି ଉଠିଗଲେ ବଡନନା ।

ବଡନନା ଉଠି ଯିବା ପରେ ମତେ ନଶ୍ଚିତ ଭାବେ ଖରାପ ଲାଗିଲା । ମାତ୍ର ପ୍ରକୃତ କଥାଟି ମୁଁ କେମେତି ପ୍ରକାଶ କରିବି?

"ନନା ଠିକ୍ କହିଲ ଏ ସବୁ ଇମୋସନ ପିଲାମାନଙ୍କ ପାଖେ ଦେଖାଯାଏ । ତୁ ଏବେ ବଡ ହୋଇ ଗଲୁଣି" କହିଲେ ବାପା ।

ନୂଆବୋଉ ତ ପୁଣି ସେଇ କଲେଜରେ ପଢୁଥିଲେ । ସେ କଲେଜ କ'ଣ ଖରାପ ?

ତୋ ବାପା, ଭାଇ ଯେଉଁ କଲେଜରେ ପଢି ଏତେ ଉପରକୁ ଯାଇ ପାରିଛନ୍ତି ତାକୁ ଛାଡି ତୁ ଭାଉଜ ପିଛା ଧରିବାକୁ ଚାହୁଁଛୁ ?

ହଁ, ମୋର ଶେଷ ସିଦ୍ଧାନ୍ତ, ମୁଁ ଶୈଳବାଳା ଉଇମେନ୍ସକଲେଜରେ ପଢିବି ।

କାଲି ଦିନଟା ଚାଲିଗଲେ ଶତ ଚେଷ୍ଟା କଲେ ବି ତୁ ଆଉ ରେଭେନ୍ସାରେ ଆଡମିଶନ୍ ପାଇବୁନ ।

ଟିକଏ ଚଢା ଗଳାରେ କହିଲେ ବାପା ।

ମୁଁ କଛି ନ କହି ତଳକୁ ମୁହଁ ପୋତି ଛିଡା ହୋଇରହିଲି ।

ବଡ ମାନଙ୍କର ଅବାଧ୍ୟତା ମଣିଷକୁ ବହୁ ଅସୁବିଧାରେ ସମ୍ମୁଖୀନ କରାଇଥାଏ । ମୋର ଯାହା ମନେ ହୁଏ ତୁ ରେଭେନ୍ସା କଲେଜ ବିଷୟରେ କଛି ଜାଣିନୁ ।

ଦୁଇଟି ଯାକ କଲେଜର ବିଷୟରେ ମୁଁ ଖୁବ୍ ଭଲ କରି ପଢିଛି ବାପା, ମାତ୍ର ମୋର ଶେଷ ସିଦ୍ଧାନ୍ତ ମୁଁ କହି ସାରିଛି ।

ଏଥର କ'ଣ ଟିକଏ ଚନ୍ତା କରି ଅପେକ୍ଷା କୃତ ନରମ ଗଳାରେ ବାପା କହିଲେ ମୋର ଯାହା ମନେ ହୁଏ ତୁ ରେଭନ୍ସା କଲେଜ ବିଷୟରେ କଛି ଜାଣିନୁ । ଯଦି ତୁ ମତେ ଦୁଇ କଲେଜର ସଂପୂର୍ଣ୍ଣ ବିବରଣୀ କହି ଶୁଣାଇବୁ ତେବେ ମୁଁ ତୋ ମତାମତକୁ ସମ୍ମାନ ଦେବି । ନଚେତ୍ ମନେ ରଖ ତତେ ମୋ କଥା ମାନିବାକୁ ହେବ ।"

ବାପାଙ୍କ କଥାରେ ମୁଁ ମନକୁ ମନ ହସି ପକାଇଲି । ଇମୋସନାଲ୍ ହେବାଟା ପିଲ୍ ଗୁଣ, ଆଉ ବାପା ଯାହା କହୁଛନ୍ତି ତାର କଲେଜ ଆଡମିଶନ୍ ସହ ସଂପର୍କ । କେଉଁ ଏକ ବଡ ଲେଖକଙ୍କର ଗୋଟିଏ ପଂକ୍ତି ମନକୁ ଆସିଲା, "ସ୍ୱର୍ଗକୁ ନଶୁଣୀ ନାହିଁ, ବଡ ଲୋକଙ୍କୁ ଉତ୍ତର ନାହିଁ ।" ବାପାଙ୍କ କଥାର ପ୍ରତିବାଦ ନ କରି ମୁଁ କହିବା ଆରମ୍ଭ କଲି ।

୧୮୬୬ ନିର୍ମମ ନଅଙ୍କ ଦୁର୍ଭିକ୍ଷ ପରେ ୧୮୬୯ ମସିହା ଜାନୁଆରୀ ମାସ ରେଭେନ୍‌ସା କଲେଜର ଜନ୍ମ, ଏହି କଲେଜର ଏଷ୍ଟାବ୍ଲିସମେଣ୍ଟ ପାଇଁ ସେତେବେଳର ଓଡିଶା କମିଶନ୍ ର ଶ୍ରୀ ଥୋମାସ୍ ଏଓବାର୍ଡ ରେଭେନ୍‌ସା ଏବଂ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ମେରୀ ସୁସନଦା ସାଇମଣ୍ଡ ରେଭେନ୍‌ସାଙ୍କର ଦାନ ଅତୁଳନୀୟ । ପ୍ରାରମ୍ଭରେ ଏହି କଲେଜ ଜିଲ୍ଲା ସ୍କୁଲ ସଙ୍ଗେ ଥିଲା ଏବଂ ଏହିପରି ଚାଲୁଥିବା ପରେ ୧୮୭୫ ମସିହା ଜାନୁଆରୀ ମାସରେ କମିଶନର ରେଭେନ୍‌ସା ଏହାକୁ ସଂପୂର୍ଣ୍ଣ ଅଲଗା ରୂପେ ପ୍ରତିଷ୍ଠା କରିବାକୁ ଇଚ୍ଛା ପ୍ରକାଶ କଲେ । ବେଙ୍ଗଲ ଗଭରମେଣ୍ଟ ଏହି ଦାବୀ ଗ୍ରହଣ କରି ପ୍ରପୋଜାଲ୍ ଦେଇଥିଲେ ଯେ ଏହା କରିବା ପୂର୍ବରୁ ପବ୍ଲିକ ଜନଷ୍ଟିଚ୍ୟୁସନ ଦ୍ୱାରା ତିରିଶ ହଜାର ଟଙ୍କା ଜମା ହେବ । ଏଇ ପ୍ରସ୍ତାବଟିକୁ ଆନନ୍ଦରେ ଗ୍ରହଣ କରି ରେଭେନ୍‌ସା ସାହେବ କଲିକତାର ବହୁ ସରକାରୀ ଅଫିସରଙ୍କ ସାହାଯ୍ୟରେ ଆଗକୁ ବଢିଥିଲେ । ତାଙ୍କର ଅଦ୍ୟମ ପ୍ରଚେଷ୍ଟା ଏବଂ ପରେ ପରେ ମୟୁରଭଞ୍ଜ ରାଜାଙ୍କର ସାହାଯ୍ୟରେ ୧୮୭୬ ମସିହାରେ ଏହା ଏକ ସ୍ୱତନ୍ତ୍ର ସରକାରୀ ଡିଗ୍ରୀ କଲେଜ (କଟକ କଲେଜ) ନାମରେ ପରିଚିତ ହେଲା ଏବଂ ଏହା କଲିକତା ବିଶ୍ୱବିଦ୍ୟାଳୟ ସହ ସଂପୃକ୍ତ ରହିଲା । ଶ୍ରୀ ସାମୁଏଲ ଏହାର ପ୍ରଥମ ପ୍ରିନ୍‌ସିପାଲ ଥିଲେ । ସେତେବେଳେ ଛାତ୍ର ସଂଖ୍ୟା ୧୯ ଥିଲା । ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ଦ୍ୱାରା କୋଡିଏ ହଜାର ଟଙ୍କା ଦାନରେ ଏହି କଲେଜ ଉତ୍ତମ ରୂପେ ଚାଲୁ ହୋଇ ୧୮୭୮ ମସିହାରେ ଏହା ରେଭେନ୍‌ସା କଲେଜ ନାମରେ ପରିଚିତ ହେଲା । ୧୮୮୧ ମସିହାରେ ଏହାକୁ ସ୍ଥାୟୀ ସ୍ଥିତି (ମର୍ଯ୍ୟାଦା) ପ୍ରାପ୍ତ ହେଲା । ଚଳିତ ବର୍ଷ ଏଠାରେ ଇଣ୍ଡିଆନ ସାଇନ୍‌ସ କଂଗ୍ରେସ ଆସୋସିଏସନ୍ ର ୪୯ତମ ବାର୍ଷିକ ଉତ୍ସବ ପାଳନ ହେବ ବୋଲି ସ୍ଥିର କରାଯାଇଛି ।

ମତେ ଚୁପ୍ ରହିବା ଦେଖି ବାପା କହିଲେ ଆଉ ଶୈଳବାଳା କଲେଜ?

ଶୈଳବାଳା ଉଇମେନ୍‌ସ କଲେଜ ଗଠନ ପାଇଁ ଉତ୍କଳ ଗୌରବ ମଧୁସୂଦନଙ୍କର ପୋଷ୍ୟା କନ୍ୟା ଶୈଳବାଳା ଦାସଙ୍କର ଦାନ ଅତୁଳନୀୟ । ୧୯୧୨ ମସିହାରେ ଶ୍ରୀମତୀ ଶୈଳବାଳାଙ୍କ ଉପରେ ମହିଳା ଓଡଶୀ ଗଉ ମାନଙ୍କ ଶିକ୍ଷା ପ୍ରଗତି କାର୍ଯ୍ୟ ନ୍ୟସ୍ତ କରିଥିଲେ । ଶ୍ରୀମତୀ ଦାସ୍ ଏବଂ ଶ୍ରୀମତୀ - ବ୍ୟାଙ୍କସ୍ ପ୍ରତିନିଧି ଭାବେ ରାଞ୍ଚି ମିଟିଙ୍ଗ୍ ରେ

ଯୋଗଦାନ ଦୋଇଥିଲେ । ସେହି ମିଟିଙ୍ଗ୍ ରେ ଓଡିଶାରେ ମହିଳା ମାନଙ୍କ ପାଇଁ ଏକ କଲେଜ ଖୋଲିବାର ପ୍ରତିଶୃତି ମିଳଥିଲା । ୧୯୧୭ ମସିହାରେ ଏହା କଟକର ଚଉଧୁରୀ ବଜାରକୁ ଏହାର ସ୍ଥାନ ପରିବର୍ତ୍ତନ ସିଫ୍ଟ ହୋଇଥିଲା । ୧୯୪୬ରେ ଏହା ମହିଳା ମାନଙ୍କ ପାଇଁ ଡିଗ୍ରୀ କଲେଜ ରୂପେ ପରିଚତ ହୋଇଥିଲେ ମଧ୍ୟ ସ୍ୱତନ୍ତ୍ର ବିଲଡିଙ୍ଗ୍ ଥିବା ହେତୁ ଏହାର ନାମ ସ୍କୁଲରେ ହେଉଥିଲା ଏହି ଅସୁବିଧାକୁ ଅନୁଭବ କରି ଶ୍ରୀମତୀ ଶୈଳବାଳା ଦାସ ଉତ୍କଳ ଗୌରବ ଶ୍ରୀ ମଧୁସୂଦନ ଦାସଙ୍କର ଆବାସଟିକୁ କଲେଜ ପାଇଁ ଦାନ କରିଥିଲେ । ଯାହା ଆଜି ଶୈଳବାଳା ଉଇମେନସ୍ କଲେଜ ରୂପେ ପରିଚତ । କଲେଜ ବିଷୟରେ ସିନା ଏତିକ, ଏତଦ୍ ବ୍ୟତିତ ଶ୍ରୀମତୀ ଶୈଳବାଳା ଦାସ ଓଡ଼ିଶାର ପ୍ରଥମ ନାରୀ ସେବା ସଦନ ଏବଂ ବିଧବା ମାନଙ୍କ ପାଇଁ ଟ୍ରେନିଂ ସ୍କୁଲ୍ ଖୋଲିଥିଲେ । ସେ ଯେହେତୁ ମହିଳା ମାନଙ୍କ ପାଇଁ ଏତେଟା ତତ୍ପର ତେବେ ତାଙ୍କରି ଅନୁଷ୍ଠିତ ମହିଳା କଲେଜଟିରେ ମଧ୍ୟ ନିଶ୍ଚୟ କିଛି ମହିଳା ଉପଯୋଗୀ ବିଷୟ ମାନ ନହିତ ଥିବ ।

କିଛି ନ କହି ବାପା ମୋ ମୁହଁକୁ ଗୃହିଁଲେ । ହୁଏତ ନିଜର ପ୍ରତିଶୃତି ଭଙ୍ଗ ନ କରିବା ପାଇଁ ଗୃହୁଁଥିଲେ ।

କିନ୍ତୁ ମୋ ମନରେ ପ୍ରକୃତ ସନ୍ତୁଳନଟିକୁ ମୁଁ ପ୍ରତ୍ୟକ୍ଷରେ ପ୍ରକାଶ ନକରିପାରି "ଅବାଧତାର ଶେଷ ପରିଣତି" କ'ଣ ହୋଇପାରେ ବୋଲି ଚନ୍ତା କରୁଥିଲି ।

## କଲେଜ

ମୋର ଆଡମିଶନ୍ ଶୈଳବାଳା ଉଇମେନସ୍ କଲେଜରେ ହେଲା । ସବୁ ସାଥୀମାନେ ପ୍ରଥମ କରି କଲେଜ ଜୀବନ ପାଇଁ ଉଚ୍ଚାଟିତ ହେଉଥିଲେ । ମାତ୍ର ମୁଁ ଏତେଟା ଖୁସି ହୋଇପାରୁ ନଥିଲି । ତାହାର କାରଣ ହେଲା, କଟକ ସହର । ମୁଁ ଖୁବ୍ ସାହାସୀ ହେଲେ ମଧ୍ୟମନଟା ଟିକଏ ଉଣା ହୋଇ ଯାଉଥିଲା । ନିଜ ମନକୁ ସାନ୍ତ୍ୱନା ଦେଉଥିଲି, ପୁରୀରେ ତ ପୁଣି ବର୍ଷରୁ ଅଧିକ ବିତାଇ ଆସିଛି । କିଏ ଯେମିତି ଛାତି ଭିତରୁ କହି ଉଠୁଥିଲା "ହେଲେ କଟକୀ!"

ମନ ହେଲେ କ୍ଲାସ୍, ନହେଲେ ନାହିଁ ମ୍ୟାଟିନ୍ ସୋ ସିନେମା । ଭିନ୍ନ ଭିନ୍ନ ପ୍ରକାର ଫ୍ୟାସନ। ମୁଁ ଅଣ ନଶ୍ୱାସୀ ହୋଇ ପଡୁଥିଲି । ସମସ୍ତଙ୍କର ଥଟ୍ଟାର ପାତ୍ରୀ । ମୋର ମୁଣ୍ଡ ବାଳ ଖୁବ୍ ଘନ ମାତ୍ର ଅସାଧାରଣ ଭାବେ କୁଞ୍ଚୁକୁଞ୍ଚିଆ, କେହି କେହି ମତେ ସାଇ ବାବା ବୋଲି ଡାକବା ଆରମ୍ଭ କରି ଦେଉଥିଲେ । ମୁଁ ହଷ୍ଟେଲରେ ଥିଲି । ଫାଷ୍ଟ ଇୟର ଝିଅମାନଙ୍କୁ ଡରମିଟୋରୀରେ ଯେଉଁଠି ଛତିଶ ଜଣ ଝିଅ ରହନ୍ତି, ପ୍ରଥମେ ରହିବାକୁ ହୁଏ।

ମୋ ଅଜାଣତରେ ଚାଲିଲା ବେଳେ ତଳକୁ ମୁହଁ କରି ଚାଲେ ବୋଲି ଅନ୍ୟମାନଙ୍କ ଅଭିଯୋଗ ତାଛଡା ଯେତେ ଚଉଡା ରାସ୍ତା ଥିଲେ ବି ମୁଁ ଏକଦମ୍ ବାଁ କଡ ସାଇଡ୍ ରେ ଚାଲେ । ତେଣୁ କେତେଜଣ ସରିସୃପ ବୋଲି ମଧ ଡାକୁଥିଲେ । ଆଉ କେତେଜଣ ପରିହାସ କରି କହୁଥିଲେ ଏଇଟା ପବ୍ଲିକ୍ ରୋଡ୍ ନୁହେଁ । ଏସବୁ ବ୍ୟବହାରରେ ମୁଁ ମୋର ଦୁଇଟା ଯାକ ସ୍କୁଲକୁ ମିସ୍ କରୁଥିଲି । ଡେ ସ୍କୋଲାର୍ ପିଲାମାନେ ହଷ୍ଟେଲ ପିଲାମାନଙ୍କ ଠାରୁ ବହୁ ଗୁଣରେ ସ୍ମାଟ୍ । କାହିଁକ ନା ହଷ୍ଟେଲ୍ ଝିଅମାନେ ପ୍ରାୟତଃ ଗାଁରୁ ଆଉ ଗୋଟିଏ କଥାର ପ୍ରଥଳ ଥିଲା, ସାଇନ୍ସ ଝିଅମାନେ ଆର୍ଟସ ଝିଅମାନଙ୍କ ସଙ୍ଗେ ବନ୍ଧୁତା କରିବା ଯେମିତି ନୀତି ବିରୁଦ୍ଧ । ମୋର ଦୁଇଜଣ ଆର୍ଟସ ଷ୍ଟୁଡେଣ୍ଟ ଖୁବ୍ ଅନ୍ତରଙ୍ଗ ଥିଲେ । ତେଣୁ ମତେ ଆଉ ଗୋଟିଏ ଉପାଧି ମଧ ମିଳଥିଲା ସେ ହେଲା "ଇନ୍‌ଫିଅରିଟି କମ୍ପ୍ଲେକ୍ସ" । ବେଳେ ବେଳେ ବହୁ ମନକଷ୍ଟ ହେଲା ନଜକୁ ସାନ୍ତ୍ୱନା ଦେଉଥିଲି । କମସେ କମ୍ ଭିନ୍ନ ପଦବୀ ମିଳୁଛି ତ । ପୁଣି କେବେ ମନକୁ ଆସୁଥିଲା ଏଇ କ'ଣ ଅବାଧତାର ଫଳାଫଳ!

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ରକତେ ଭିଜଲା ମାଏଟ୍



ପ୍ରସନ୍ନ ପ୍ରୟାସ ଭୁଏ (ପ୍ରୟାସ)

ଦୟା ଧିରଜ୍ କେତେ ଦେଖାମା
ସହି ନ ହଏ ଆଉ ରକମ୍,
ସହେବାର୍ ସୀମା ଟପି ଗଲାନ
ମୁଲ୍'ହୁ କରିଦେମା ଖତମ୍ ।
ଉତାକେ ଉତା ମାଡି ବସୁଛନ୍
ପଛାଡୁ ଫିଙ୍କୁଛନ୍ ବମ୍,
କେତେ ସହେବୁ ଆଉରେ ଜୀବନ
କେତେ ଧର୍ବୁ ଆର୍ ଦମ୍ ।
କେତେ ବୀର୍ ଜୀବନ୍ ହରାଲେ
ରକତେ ଭିଜଲା ମାଁର୍ ଛାତି,
ସାରା ଦେଶେ କାଲ୍ ପଡିଗଲା
ଯେନ୍ତା ହରିଆଲି ଉଆଁସ ରାତି ।
ଭିଜିଗଲା ଦେଶ୍ ଲୁହର୍ ଧାରେ
ମାଏଟ୍ ହେଲା ରକତେ ଉଦା,
ତାକର ବଲିଦାନ ବେକାର ନହଏ
ପାକସ୍ତାନ କରିଦେମା ପଦା ।
ହେଁକେଇ କାନ୍ଦୁଛେ ଭାରତ ମାଁ
ଅନାଥ୍ ହେଲେ କେତେ ଛୁଆ,
ଜୁଆନ୍ ପୁଓକେ ବୁଢା ବଏସେ ହରାଇ
କାନ୍ଦୁଅଛନ୍ କେତେ ମାଁ ବୁଆ ।
ଇଁଟାର୍ ଜବାବ୍ ପଥରେ ଦେମା
ଶାନ୍ତି ଦେଖିଛନ୍ ନଦେଖି ରାଗ୍,
ଭୁଗୋଲ୍ ନୁ ତାର୍ ନାଁ ମେଟିଯିବା
ମାଟି ମିଶି ହଇଯିବା ଖାକ୍ ।
ଭାରତ୍ ମାଁର୍ ହେ ବୀର୍ ପୁଓମାନେ
ଆସ ନେମା ଆଏଜ୍ ଶପଥ୍,
ଆତଙ୍କବାଦ୍ କେ ମୁଲ୍'ହୁ ମେଟାମା
ଦିହେଁ ଥିବାର୍ ତକ୍ ରକତ୍ ।

ପ୍ରଧାନପାଲି, ସମ୍ବଲପୁର

# ପ୍ରେମ



ପ୍ରବୀଣ୍ ରମେଶ୍

ନୀଳ ଆକାଶ ତଳେ ମଧୁଭରା ଜହ୍ନ
ଆଲୁଅରେ
ଦେଖିଲି ମୁଁ ତାକୁ ଅତି ନିକଟରେ
ଘନ ଘନ ଦେଖୁଥାଏ ମୁକ୍ତା ପରି ଆଖିରେ
ମୁହଁ ତାର ଜହ୍ନ ପରି ସ୍ୱଚ୍ଛ
ହସିଦିଏ ଲାଜରେ,
ମତେ ଲାଗେ ତାକୁ ଦେଖି ସେ ଗଠନ କି
ପୁଷ୍ପରେ
ହୃଦୟକୁ କ୍ଷଣେ ପଗୃରେ ମୋ ମନ
କି ଅର୍ଥ ଅଛି ଏ ପ୍ରେମରେ,
ହୃଦୟ କହୁଛି ବିଶ୍ୱାସ କର ଜାଣିନାହିଁ ମୁଁ
ସତରେ
ଜାଣିଲେ କହିବି ପଛରେ
ଝିଅ ନୁହେଁ ସିଏ ପରିଟିଏ ପରି
ଲାଗୁଥିଲା ମତେ ସତରେ
ଭାବନା ରାଇଜେ ଦେଖିଲି ମୁଁ ତାକୁ
ଘର ଅଛି ତାର ସ୍ୱର୍ଗରେ
ସ୍ୱର୍ଗକୁ ଯିବାକୁ ଇଚ୍ଛା ହେଉଥାଏ
କାହିଁକି ଏ ମନ ଭିତରେ,
ସେଇ ଝିଅ ମୁହଁ କାହିଁକି ମୋ ଆଗେ
ନାଚ ଉଠେ ଦିନ ରାତିରେ
ମନ କହେ ତୋ ଭିତରେ
ଜାଣିକି ଅଜଣା ହଉଛୁ କାହିଁ ତୁ
ଇଏ ବୋଧେ ପ୍ରେମ ମିତରେ ।।

ଗଣ୍ଡାବାହାଲି, ନୂଆପଡ଼ା

# କନ୍ୟାଦାନ



ସୁଧାଂଶୁ ଶେଖର ଦ୍ୱିବେଦୀ

ସୁଚନ୍ଦ୍ରା ଓ ତା ବାପା ନିଜ ସମ୍ପର୍କିତ ବନ୍ଧୁଙ୍କ ଘରେ ଆୟୋଜନ ହୋଇଥିବା ଗୋଦାନ ସମାରୋହରୁ ଫେରିଥାନ୍ତି । ହଠାତ୍ ସୁଚନ୍ଦ୍ରା କଣ ଭାବିଲା କେଜାଣି ପଚାରିଲା, "ବାପା ଗୋଦାନ କଣ? ତାକୁ କହିଁକି କରନ୍ତି?"

ବାପା କହିଲେ, "ଗୋଦାନ ଲୋକଙ୍କ ଦ୍ୱାରା ସଂକଳ୍ପ କରାହୋଇ ବ୍ରାହ୍ମଣ ମାନଙ୍କୁ ଦାନ କରାଯାଏ, ଯାହା ଫଳରେ ଲୋକକ ଜୀବନରେ ଘଟିଥିବା ପାପରୁ ମୁକ୍ତି ମିଳେ ।"

"ଆଚ୍ଛା ବାପା, ବ୍ରାହ୍ମଣମାନେ ଗୋରୁଗୁଡିକ ନେଇ କଣକରିବ?" ସୁଚନ୍ଦ୍ରା ପୁଣି ପଚାରିଲା ।, ପାଳବେ ନହେଲେ ବିକିଦେବେ । ବୁଝିଲୁରେ ମା । ଏ ସଂସାରରେ ଗୋଦାନ ଓ କନ୍ୟାଦାନ ଦୁଇଟି ଶ୍ରେଷ୍ଠ ଦାନ ।" ବାପା ବୁଝେଇ କହିଲେ ।

"ତା ହେଲେ କଣ କନ୍ୟାମାନଙ୍କ ପିତାମାନେ ଅନ୍ୟ କାହାକୁ କନ୍ୟାଦାନ କରିଥାନ୍ତି ଗୋରୁମାନଙ୍କ ପରି ବ୍ୟବହାର କରିବାଲାଗି?"

"ନା ରେ ମା, ମଣିଷ ସହ ସେମିତି କଛି ହୁଏନି, ହଉ ତୁ ଯା – ମୁହଁ ହାତ ଧୋଇ ପାଠ ପଢିବୁ ।" ଝିଅର ଧ୍ୟାନକୁ ଏସବୁ କଥାରୁ ହଟେଇବା ପାଇଁ ବାପା ପ୍ରୟାସ କଲେ ।

କନ୍ତୁ ଜିଦ୍ ଖୋର ଝିଅ ସୁଚନ୍ଦ୍ରା ସେହିପରି ପଗ୍ଗରି ଗ୍ଗଲିଥାଏ, "ହେଲେ ବାପା ଦାନର ଉଦ୍ଦେଶ୍ୟ ଯଦି ଏଇୟା, ତାହେଲେ ଦାନ ନେଉଥିବା ଲୋକ ଯେମିତି ବ୍ୟବହାର କରିବ କନ୍ୟାମାନଙ୍କୁ ମଧ୍ୟ ସେଇପରି ଚୁପ୍ ଗ୍ଗପ୍ ସହିବାକୁ ହେବ ।"

"ସେସବୁ ସାଂସାରିକ ନିୟମରେ ମା" ।

"ଆଚ୍ଛା ବାପା ଆପଣ କଣ ମୋତେ କାହାକୁ ଦାନ କରିଦେବେ?"

ବାପାଙ୍କ ପାଖରେ ସୁଚନ୍ଦ୍ରା ପ୍ରଶ୍ନର ଉତ୍ତର ନଥାଏ ।

"ଏଭଳି କନ୍ୟାଦାନର ଉଦ୍ଦେଶ୍ୟ କଣ ବାପା? ଯେଉଁଠି ପ୍ରତିଦିନ ଡାଉରି ପାଇଁ କନ୍ୟା ଟେ ପୋଡିଯାଏ, ସିଲିଂ ଫୋନ୍ ରେ ଝୁଲିରହେ ତା ମର ଶରୀର । ହଠାତ୍ ଗ୍ୟାସ ସିଲିଣ୍ଡର ଫାଟିଯାଏ"

ସୁଚନ୍ଦ୍ରାର ପ୍ରଶ୍ନ ଶୁଣି ବାପା ଆଉ କଛି କହିପାରିଲେ ନାହିଁ ।

ସତରେ ଯେଉଁଠି ହଜାର ହଜାର ନାରୀମାନଙ୍କର ଆର୍ତ୍ତନାଦ ଶୂନ୍ୟରେ ମିଶିଯାଉଛି, ସେଠି କନ୍ୟାଦାନ କରିବା ପ୍ରହସନ ନୁହେଁ ତ ଆଉ କଣ? ନଜକୁ ପ୍ରକୃତିସ୍ଥ କରି ଖୁବ୍ ଧିର କଣ୍ଠରେ ସେକହିଲେ, "ଆଜି ତୁ ମୋ ଆଖି ଖୋଲି ଦେଇଛୁରେ ମା" । ମୁଁ ତୋ ପାଖେ ନିୟମ କରି କହୁଛି ତୋ ବାହାଘରରେ ମୁଁ ତୋତେ କନ୍ୟାଦାନ କରିବିନ ।"

ସଂଭବତଃ ସୁଚନ୍ଦ୍ରା ତା ବାପାଙ୍କ ଆଖିରେ ସଂକଳ୍ପର ଦୃଢତାକୁ ଖୋଜୁଥିଲା ।

ଯୋଗ ଫର ଲାଇଫ, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ଜୀବନ ଚରିତ



ଶ୍ରୀକ୍ଷେତ୍ର ସୁନ୍ଦର

ମଣିଷତ ଏମିତି ବୁଝିସେ ପାରେନା କିଛି
କିଏ ଏଠି ପର ତାର କିଏ ଆପଣାର

କେବେ ସାର୍ ଦୁନିଆଟା ନିଜଠୁ ନଜର ଲ୍ଗେ
କେବେ ପୁଣି ସାଜେ ସାତ ପର

ସମ୍ପର୍କର ମାୟା ଜାଲେ ଛନ୍ଦି ହୋଇଥାଏ
ଜୀବନ ନାଟକେ ଅଙ୍କ ନିତି କଷୁ ଥାଏ

ଜୀଏଁ ମରେ ମାରେ ଲହୁ ଲୁହ ଏକାକାର କରେ
ସପନ ବି ଦେଖେ କେ**6**ତ ସପନ ଉଜାଡ଼େ

କାହାଣୀ ତା ସରେନା ଜୁଇ ନିଆଁ ଲିଭେ
ମୁଠାଏ ପାଉଁଷ ହୁଏ ମଶାଣିରେ ଶେଷେ

ସଂଗୀତ ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ , ବରଗଡ

# ପ୍ରିୟ ଭାରତବର୍ଷ



ନିର୍ମଳ କୁମାର ଦଳାଇ

ବିସ୍ତାରିତ ହୃଦୟ
ବିଚ୍ଛୁରିଯାଉଛି ସ୍ୱପ୍ନ ସମ୍ଭାବନା ହର୍ଷଉଲ୍ଲାସ,
ଶାନ୍ତିର କପୋତ ଗୁଣୁଗୁଣାଉଛି
ଗୋଟାଏ ଗୀତ
ମୋ ପ୍ରିୟ ଭାରତବର୍ଷ ।
କଳ କଳ ନିନାଦିତ ଗଙ୍ଗା ଗୋଦାବରୀ
ସିନ୍ଧୁ ବ୍ରହ୍ମପୁତ୍ର କୃଷ୍ଣା କାବେରୀ,
ସତେ ଛାତି ଚିରି ଝରୁଛି ଅମୃତ
ସେ ମୋର ଅତି ପରିଚିତ,
ସେ ହିଁ ମୋର ଏକମାତ୍ର ଉଦ୍ଦେଶ୍ୟ
ମୋ ପ୍ରିୟ ଭାରତବର୍ଷ ।
ଲେପିଦିଅ ସାରା ଦେହମନ
ମହଣ ମହଣ ଅଗୁରୁ ଚନ୍ଦନ,
ଗାଇଗଲ ସମ୍ପ୍ରତି
ଶାନ୍ତି ମୈତ୍ରୀ ପ୍ରେମ ପ୍ରୀତି,
ବଞ୍ଚିଥାଉ ଅହିଂସା ଯେ ମୂଳମନ୍ତ୍ର
ଶତ ଶତ ଦିନ ମାସ ବର୍ଷ,
କାଳେ କାଳେ ଶାନ୍ତ ଶୀତଳ
ମୋ ପ୍ରିୟ ଭାରତବର୍ଷ ।

ଗାଇଗଲ ଶାନ୍ତି ସୌହାର୍ଦ୍ଦ୍ୟ
ପ୍ରେମ ପ୍ରୀତି ସଦଭାବନାର ଗାଥା,
ବାଣ୍ଟିଗଲ ଗୀତା ଭାଗବତ
ବାଇବେଲ କୋରାନର ବାର୍ତ୍ତା ।
ଛତି ଛାଡ ଛାତି ଚରି
ବୋହିଯାଉ ମାନବତାର ରକ୍ତ,
ସେହି ରାମ ସେହି ଯୀଶୁ
ସେହି ଆଲ୍ଲା ସେହି ବିଷ୍ଣୁ
ଆମେ ଯାହା ବହୁ ବିଭାଜିତ ଭକ୍ତ ।
ଆକୁମାରୀ କାଶ୍ମୀର ଅଖଣ୍ଡ ଭାରତ
ଏକ ସମ୍ଭାବନା ଏକ ଦେଶ,
ଏକ ସ୍ୱପ୍ନ ଏକ ସ୍ୱର
ମୋ ପ୍ରିୟ ଭାରତବର୍ଷ ।।

ପାଇକସାହି, ବ୍ରହ୍ମଗିରୀ, ପୁରୀ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ତଥାପି କାହିଁକି ପୁଣି ବାରମ୍ବାର ଇଚ୍ଛା ହୁଏ

ନଶିକାନ୍ତ କହଲସିଂହ

ପ୍ରେମପକ୍ଷୀ ସାଜିଥିଲେ
ଆମେ ଦୁହେଁ ଦୁନିଆଠୁ ଦୂରେ
କାଲି ମୁଁ ଦେଖିଲି ସ୍ୱପ୍ନ ପାହନ୍ତି ନଦରେ,
ଗାଁ ନଈବନ୍ଧ ପରେ-
ଆକାଶକୁ ଚାହିଁଥିବା ଖଜୁରୀ ଗଛରେ
ଆମେ ଦୁହେଁ ବାନ୍ଧିଥିଲେ ବସା
ସ୍ନେହ-ପ୍ରୀତି କାଠି ଓ କୁଟାରେ ।।

ଛୋଟିଆ ସଂସାରଟିଏ ଗଢିବାକୁ
ଡେଇଁଥିଲେ ବାରଣର ସୀମା,
ମୋ' ମୁହଁର ଆକାଶରେ
ଲୁଚକାଳି ଖେଳୁଥିଲ
ତୁମ ଓଠ ଗୋଲାପୀ ଚନ୍ଦ୍ରମା ।।

ନୂଆଘର ତୋଳୁଥିଲି ଖଞ୍ଜିଖଞ୍ଜି
କାଠି,କୁଟା,ଖଜୁରି ପତର,
ନଈ ସେପାରି ଗାଆଁରୁ, ତୁମେ-
ବାଛି ଆଣୁଥିଲ ଗୋଡ଼ିରୁ ଚାଉଳ ।
କୋଳରେ କୁନି ଚଢେଇ
ହସୁଥିଲ, କାନ୍ଦୁଥିଲ-
କୁନିକୁନି ଓଠ ମେଲି ଗୀତ ଗାଉଥିଲ,

ଆମ ପାଖେପାଖେ ରହି
ଖଣ୍ଡିଉଡା ଦେଉଦେଉ ପଡିଯାଉଥିଲା ।।

*    *    *    *    *

ହଜିଗଲା ଆଶା ଯେବେ ତୁଟିଗଲା ତନ୍ଦ୍ରା
ଅଣ୍ଡାଳ ଦେଖିଲି ଖୋଜି
କୋଳରେ ସନ୍ତାନ ନାହିଁ
ପାଶେ ତୁମେ ନାହଁ ପ୍ରୀତିଛନ୍ଦା ।।

ଜାଣିଲି ତା' ଥିଲା ସ୍ୱପ୍ନ
ନିମିଷକେ ଗଢେ ଯିଏ ଫୁଲର ନଅର,
ନିମିଷକେ ପୁଣି ସିଏ ଦେଇଯାଏ
ଛିଣ୍ଡା ପାଖୁଡା କେତୋଟି
ଗନ୍ଧହୀନ, ରଙ୍ଗହୀନ ପ୍ଲାଷ୍ଟିକ୍ ଫୁଲର ।।

ଅନେକ ଗୃହିଁଛି ପୁଣି
ଏବେବି ଗୃହୁଁଛି ଟିକେ
ସ୍ୱପ୍ନ ଠାରୁ ଦୂରେ ରହିବାକୁ,
ତଥାପି କାହିଁକି ପୁଣି
ବାରମ୍ବାର ଇଚ୍ଛାହୁଏ
ସ୍ୱପ୍ନକୁ ବି ସତ ମଣିବାକୁ ।।

ଲୋକପୁର, ଗଡ଼ମାଣତୀର, ଖୋର୍ଦ୍ଧା-୭୫୨୦୬୨



# କିଏ ପର, କିଏ ନିଜର

ସନ୍ତୋଷ କୁମାର ମହାନ୍ତି

ମଣିଷ ସବୁବେଳେ ଏକାଠି ହୋଇ ରହିବାକୁ ଭଲ ପାଏ | ସେଥିପାଇଁ ସେ ପରିବାର, ଗାଁ, ସଂଘ, ସମିତି, ଅନୁଷ୍ଠାନ ଓ ବନ୍ଧୁବର୍ଗ ସହ ଯୋଡି ହେଇ ନିଜ ବାଟରେ ଆଗକୁ ଚାଲୁଥାଏ| ଏହି ସଂସାରରେ ମଣିଷ କେବେ ଏକାକୀ ରହିପାରିବ ନାହିଁ | ସବୁ ସମୟ ଓ ପରିସ୍ଥିତିରେ ସିଏ ଅନ୍ୟ ଉପରେ ନିର୍ଭର କରେ | ଜୀବନରେ ବାଟ ଚାଲିବା ଭିତରେ ଆମେ ଘରେ ଓ ବାହାରେ ଅନେକ ପ୍ରକାର ଲୋକଙ୍କ ସଂସ୍ପର୍ଶରେ ଆସିଥାଉ | କିଏ ଆମ ଜୀବନର ଚଲାପଥରେ ଆମ ସହ ଛାଇ ଭଳି ରହି ଆମ ଶୁଭ କାମନା କରୁଥାଏ | ଆଉ କିଏ ପୁଣି ଭଲ ମନ୍ଦରେ ଆମ ପାଖରେ ବନ୍ଧୁ, ସହଯୋଗୀ ଓ ଶୁଭେଚ୍ଛୁ ଭଳି ପାଖରେ ରହି ଆମ ଜୀବନକୁ ପୁଷ୍ପିତ କରୁଥାଏ | ପୁଣି କିଛି ଲୋକବି ଆମ ସମ୍ପର୍କର ପରିସର ଭିତରେ ଥାଇ ଉପରକୁ ଆମ ପାଇଁ ଭଲ ଜଣା ପଡୁଥିଲେ ମଧ୍ୟ ଭିତରେ ଆମକୁ ଖାଲରେ ପକାଇବାର ରାସ୍ତା ତିଆରି କରୁଥାଏ | ସେହି ଲୋକମାନେ କେବେ ଅନ୍ୟର ଭଲ ଦେଖି ପାରନ୍ତି ନାହିଁ | ସବୁ ଭଲ ଭିତରେ ଭେଲ କରିବା ସେହି ଲୋକ ମାନଙ୍କ ଗୋଟେ ଚାରିତ୍ରିକ ଗୁଣ | ଯାହାକି ଏ ସମାଜରେ ଅନେକ କ୍ଷତି ସାଧନ କରେ |

ସଂସାରରେ ସମସ୍ତେ ଖୁସି ଚାହାନ୍ତି | ମଣିଷ ସବୁବେଳେ କିପରି ଖୁସିରେ ରହିବ ସେଥିପାଇଁ ବାଟ ଖୋଜୁଥାଏ | ସିଏ ଯେତେ ସିଧା ରାସ୍ତାରେ ବାଟ ଚାଲିବାକୁ ଚାହିଁଲେ ବି ତାର ଚଲାପଥରେ ଅନେକ କଣ୍ଟା ବିଛେଇ ହେଇପଡ଼େ | ମଣିଷ ନିଜର ଭୁଲ ପାଇଁ ଦୁଃଖ ଭୋଗିଥାଏ, ତାହା ସହିତ ଏ ସମାଜର କିଛି ଲୋକଙ୍କ ହୀନ କାମ ଓ କୁଟବୁଦ୍ଧି ପାଇଁ କଷ୍ଟ ପାଏ | ମଣିଷର ଅଜାଣତରେ କଣ ସବୁ ଘଟି ଯାଉଥାଏ ଆଉ କିଏ ନାଟ ସବୁ

ଲଗାଉଥାଏ ତାହା ବୁଝିଲା ବେଳକୁ ଅନେକଙ୍କର କ୍ଷତି ହୋଇ ସାରିଥାଏ । ମଣିଷର ଚେହେରା ବଦଳବା ଭଳ ତାର ଗୁଣ, ଗ୍ଲିଚଳନ, ଆଗ୍ଭର ଓ ବିଗ୍ଭର ବଦଳୁଥାଏ । ଦୁନଆରେ ମଣିଷକୁ ବୁଝିବା ଏତେ ସହଜ ନୁହେ । ଉପରକୁ ସୁନ୍ଦର କଥା କହୁଥିବା ଓ ଭଲ ବ୍ୟବହାର ଦେଖାଉଥିବା ଲୋକଟି ଭିତରେ କଣ ସବୁ କରୁଛି ଓ କରିବ ତାହା ଜାଣିବା ଭାରି କାଠିକର ପାଠ ।

ଏହି ଜଗତରେ କଛି ଲୋକ ଅଛନ୍ତି ସେମାନେ ଭାରି ଖେଳୁଆଡ଼ । ସବୁଥିରେ ଥାଆନ୍ତି ପୁଣି କୋଉଥିରେ ନ ଥାଆନ୍ତି । ନାଟ ଲଗେଇ ଦେଇ ବସିଯାନ୍ତି । ଠିକ ଗଣ୍ଡଗୋଳଆ ପରିସ୍ଥିତି ଉପୁଜିଲେ ଅତି ଚତୁରତାର ସହ ଖସିଯାଆନ୍ତି । ସେହି ଭଳ ଲୋକମାନଙ୍କୁ ଆମେ ଗ୍ଭରିଆଡେ ଦେଖିବାକୁ ପାଇବା । ଏମାନଂକୁ ଗାଁ, ସହର, ଗଳକନ୍ଦି, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସବୁଠି ଦେଖିବାକୁ ମିଳେ । ଆପଣ ସେମାନଙ୍କୁ ବିଭିନ୍ନ ସଭା ଯଥା -ପଲ୍ଲୀ ସଭା, ସାହିତ୍ୟ ସଭା, ସାଙ୍ଗଠନକ ସଭା, ରାଜନୈତିକ ସମାବେଶ, ବିଭିନ୍ନ ପ୍ରକାର ସାମାଜିକ ଓ ପାରିବାରିକ ଉତ୍ସବରେ ଦେଖିବାକୁ ପାଇଥିବେ ।

ପଛରେ ରହି ନାନା ପ୍ରକାର ନାଟ ଲଗାଉଥିବା ଲୋକର କଥା ଓ କାମକୁ ବୁଝିବା ପାଇଁ ସେତିକ ବୁଦ୍ଧି ଦରକାର । ସେମାନେ କେତେବେଳେ କଣ ସବୁ କରିବେ ତାହା ଆକଳନ କରିବା ଏତେ ସହଜ ନୁହେ । ସେମାନଙ୍କ ପାଇଁ ଘର ଠାରୁ ନେଇ ବାହାର ପର୍ଯ୍ୟନ୍ତ ନାନା ପ୍ରକାର ଅଶାନ୍ତିର ବାତାବରଣ ତିଆରି ହେଉଥାଏ । ସେମାନଙ୍କ କୂଟନୀତି ଓ କୁଚକ୍ରୀ ବୁଦ୍ଧିରେ ଅନେକ ମଣିଷ ଅଠାକାଠିରେ ପଡି ଘାଣ୍ଟି ହେଉଥାନ୍ତି । କନ୍ତୁ ସେମାନଙ୍କ କାରନାମାକୁ ଜାଣିବା ଏତେ ସହଜ ନୁହେ । ସେମାନେ ସବୁବେଳେ ପଛ ଧାଡିରେ ରହି ନିଆଁ ଲଗେଇ ଦେଇ ମଜା ଦେଖନ୍ତି ।

ପଛରେ ଥାଇ ନାଟ ଲଗାଉଥିବା ଲୋକଟି ଦୁର୍ବଳମନ ଲୋକମାନଙ୍କୁ ସାଥି କରିଥାଆନ୍ତି । ସେମାନଙ୍କୁ ହାତବାରିସୀ କରି ନାନା ପ୍ରକାର ଘଟଣା ଓ ଦୁର୍ଘଟଣା ସବୁ ସେମାନେ ସମାଜରେ ଭିଆଇ ଥାଆନ୍ତି । ଅମୃତ ଭାଣ୍ଡରେ ବିଷ ପକେଇବା ସେହି ଲୋକମାନଙ୍କ

ଗୋଟେ ପ୍ରକୃତି । ସେମାନଙ୍କ ପାଇଁ ଗାଁ, ସହର, ବିଭିନ୍ନ ଅନୁଷ୍ଠାନରେ ନାନା ପ୍ରକାର ବିଭ୍ରାଟ ଜାତ ହେଉଥାଏ । ଅନେକ ଲୋକ ସେଥିପାଇଁ ଦୁଃଖ ପାଆନ୍ତି । ଗୋଟେ ଶାନ୍ତିପୂର୍ଣ୍ଣ ବାତରବରଣ ଭିତରେ ଅଶାନ୍ତିର କାୟା ବିସ୍ତାର ହେଇ ଯାଏ । ଆଉ ପଛରେ ବସି ନାଟ ଲଗେଇଥିବା ଲୋକଟି ବସି ଆରାମରେ ଦାନ୍ତ ଚପା ହସ ହସି ମଜା ଦେଖୁଥାଏ ।

ଯୋଉ ଲୋକ, ଆଗରେ ନ କହି ପଛରେ କହେ ଆଉ ସାମନାକୁ ଆସି ନିଜ ମତ ରଖିପାରେନା ସେ ଲୋକଟି କେବେବି ସାହସୀ ଲୋକ ନୁହେ ବୋଲି ବୁଝିବାକୁ ହେବ। ସେମାନଙ୍କୁ ଏହି ସମାଜର ଅନେକ ବ୍ୟବସ୍ଥା, ଅନୁଷ୍ଠାନର କାମ, ଲୋକମାନଙ୍କ କଥା ଓ ସାମୁହିକ ଭାବରେ ନିଆଯାଇଥିବା ନିଷ୍ପତ୍ତି ଭାରି ଅଡୁଆ ଲାଗେ । ସେଥିପାଇଁ ସେମାନେ ସିଧା ସଳଖ ପରିସ୍ଥିତି ଓ ପରିବେଶକୁ ନ ସଜାଡି ଯୋଉ ବାଟର ଆଶ୍ରୟ ନିଅଂତି ତାହା ଦ୍ୱାରା ଏ ସମାଜରେ ଅନେକ କ୍ଷତି ସାଧନ ହୁଏ । ସମାଜର ବାତାବରଣ କଳୁଷିତ ହୁଏ । ଯୋଉଟା ସକାରାତ୍ମକ ଭାବରେ ହେଇପାରନ୍ତା ସେଇଟା ସେହି ପଛ ଧାଡ଼ିଆ ଲୋକ ମାନେ ନକରି ଏପରି ହୀନ ପନ୍ଥା ସବୁ ହାତକୁ ନିଅଂତି ଯାହା ଦ୍ୱାରା ଏ ସମାଜରେ ସେମାନେ ବିଷର ମଂଜି ବୁଣି ଚାଲନ୍ତି । ସେହି ଲୋକମାନଙ୍କୁ ଆମେ ଘରଭଂଗା ବୋଲି କହିଥାଉ । ଜୀବନ କାଳ ଭିତରେ ସେହିଭଳି ଲୋକମାନେ ନିଜେ କରୁଥିବା କାମକୁ କେବେ ଭୁଲ ବୋଲି ବୁଝନ୍ତି ଓ ଭାବନ୍ତି ନାହିଁ । ସେମାନେ ନିଜର ସୁଧାର ଆଣି ପାରନ୍ତି ନାହିଁ କି ଏ ଦୁନିଆର ଭଲ ଚିନ୍ତା କରିପାଆନ୍ତି ନାହିଁ । ଘୁଷୁରୀ ପ୍ରକୃତି ମଲେ ତୁଟେ ଭଳି ସେହି ଭଳି ଲୋକମାନଙ୍କ ପ୍ରକୃତି ମଲା ପରେ ମାଟିରେ ମିଶେ ।

ପଛରେ ଥାଇ ଘରେ ଓ ବାହାରେ ନାଟ ଲଗାଉଥିବା ଲୋକଠାରୁ କିଛି ଲୋକ ହାତେ ମାପି ଚାଖଣ୍ଡେ ଚାଲୁଥାଆନ୍ତି । ଆଉ କିଛି ଲୋକ ସେମାନଙ୍କ କୁଟ ବୁଦ୍ଧିକୁ ନବୁଝି ସେମାନଙ୍କ ରାସ୍ତାରେ ଚାଲି ନାନା ଅସୁବିଧାର ଶୀକାର ହୁଅନ୍ତି । ସେମାନଙ୍କୁ ଜାଣିବା ବେଳକୁ ନେଡିଗୁଡ କହୁଣିକୁ ବୋହିଯାଇଥାଏ । ତେଣୁ ସେ ଭଳି ଲୋକମାନଙ୍କ ଠାରୁ ଯୋଉ ଘର, ଅନୁଷ୍ଠାନ ଓ ଗାଁ ଦୂରେଇ ରହି ପାରିଲା ସେଠି ସବୁ କିଛି ସୁରୁଖୁରୁରେ ଚାଲେ । ଆଉ

ସେମାନେ ଯୋଉଠି ରହିଲେ ସେଠି କେତେବେଳେ କ ପ୍ରକାର ଝଡ ବହିବ ତାହା ଆକଳନ କରିବା ଅସମ୍ଭବ ଅଟେ |

ଏ ଦୁନିଆର ବିଭିନ୍ନ ସ୍ଥାନରେ ରହି ଘରଭଙ୍ଗା ଭୂମିକାରେ ନଜର ଗୋଟି ଚଳାଉଥିବା ଲୋକକୁ ସଜାଡ଼ିବା ଏତେ ସହଜ ନୁହେଁ | ତେଣୁ ସେମାନଙ୍କ ଦୂରରୁ ଜୁହାର କରି ରହିବା ଓ ସେହି ଭଳ ଲୋକମାନଙ୍କ କଥା ଓ କାମକୁ ଅଧିକ ଗୁରୁତ୍ୱ ନ ଦେଲେ ସେମାନେ କଛି ପରିମାଣରେ ବାଟକୁ ଆସିପାରିବେ | ଆଉ ଆମ ମାନଙ୍କର ଏ ସଂସାରରେ ବାଟ ଗ୍ଭଲିବା ସହଜ ହେବ |

ନବଜୀବନ ସମାଜ,
ସଫା,କଟକ-୭୫୪୦୨୨

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଥିଲି ଝିଅ ହେଲି ବୋହୂ



ରମେଶ ଚନ୍ଦ୍ର ବେହେରା

ଝିଅ ଟିଏ ଥିଲି ବୋହୂ ହୋଇ ଗଲି
ବଢିଲା ମୋ କାର୍ଯ୍ୟ ଭାର
ମାଆ ବଦଳରେ ଶାଶୁ ମୁଁ ପାଇଲି
ବାପ ବଦଳେ ଶ୍ୱଶୁର ।
ଭଲ ସାଥି ଟିଏ ପତି ଭାବେ ପାଇ
ଗର୍ବ କରେ ମୁଁ ନିଜକୁ
ଯାଆ କୁ ପାଇଲି ଭଉଣୀ ଭଳି ଯେ
ଭଲ ପାଇବି ସଭିଙ୍କୁ ।।
ଝିଅ ଜନମ ତ ପର ଘରକୁ ଯେ
ସମାଜର ରୀତିନୀତି
ଦୁଃଖରେ ସୁଖରେ ଏକ ମନ ନେଇ
ହୃଦୟ ମୁଁ ଯିବି ଜିତି ।।।
ଆସିଛି ମୁଁ ଏକା ଯିବି ମଧ୍ୟ ଏକା
ଗରବ କାହିଁ କରିବି
ଏହି ମୋର ଘର ଏହି ମୋର ସ୍ୱର୍ଗ
ହସି ହସି ଚାଲି ଯିବି ।।।।
ଗୁରୁଜନ କଥା ମାନି ଚାଲି ଗଲେ
ଆସିବନି ଦୁଃଖ କେବେ
ସୁନାର ସଂସାର ଗଢି ନେବା ଆମେ
ଏକତାରେ ବାନ୍ଧି ସର୍ବେ ।।।।।

ବାଟୀ, ସିମୁଳିଆ, ବାଲେଶ୍ୱର

# ଅଭିଯାନ

ଶରତ ଚନ୍ଦ୍ର ଜାଲି

ମୋ ଉପରେ ଇନ୍ଦୁ ରାଗିଛ କି ତୁମେ
କରିଛ କି ଅଭିମାନ
ଆଞ୍ଜୁଳାଏ ଦିଅ ଶୀତଳ ଜୋଛନା
କରିବି ତହିଁରେ ସ୍ନାନ ॥

ତୁମପରି ହେବି ଶୁଭ୍ର ନିରିମଳ
ତୁମଠୁ ଶିଖିବି ଜ୍ଞାନ
କୋଟିକୋଟି ଦୂରେ ତୁମ ଅବସ୍ଥାନ
ମୁଁ ତୁମଠୁ କେତେ ସାନ॥ ॥

ମୁଁ ଅଛି ମର୍ତ୍ତ୍ୟରେ ତୁମେତ ସ୍ଵର୍ଗରେ
ତୁମେ ବଡ ଭାଗ୍ୟବାନ
ତୁମରି ପାଶକୁ ଯାଇପାରୁନାହିଁ
ନାହିଁ ଅଶ୍ୱ ନାହିଁ ଯାନ ॥

ନିଶାମୁଖେ ବୋଉ ଦେଖାଏ ତୁମକୁ
ମୁଖେକରି ଗୀତ ଗାନ
ଶୈଶବେ ଦର୍ଶନ କରିଛି ଚନ୍ଦ୍ରମା
ଦେଖିନାହିଁ କନ୍ତୁ ଆନ ॥

ସେଦିନୁ ତୁମକୁ ଦେଖି ଏନୟନେ
ହୃଦୟରେ ଦେଲି ସ୍ଥାନ
ନୟନଦେବତା ନୟନରେ ରହି

ଦୁଃଖ କର ଅବସାନ ॥
ହୋଇବ ସଦୟ କଞ୍ଚିତ ଅମୀୟ
କରିବ ମତେ ପ୍ରଦାନ
ତୁମେ ବାଲ୍ୟବନ୍ଧୁ ହେ ରଜନୀବନ୍ଧୁ
କରୁଥିବି ନିତ୍ୟ ପାନ ॥

ପୁନେଇ ସୁନ୍ଦର ସଂଗୀତ ଶ୍ରବଣେ
ଦୂରୁ ଡେରିଥାଏ କାନ
ଶଶାପରି ମତେ ଜୀବନେ ମରଣେ
ଦେବନାହିଁ ଅବମାନ ॥

ଶଶାଙ୍କ ଏ ଅଙ୍କେ ଅଳଙ୍କାର କରି
ଭୁବିଛି ମୋ ଧନଧାନ
ଅନ୍ତକାଳେ ଦେବ ଅନନ୍ତ ଆହ୍ଲାଦ
ତେବେ ଯିବ ପିଣ୍ଡୁ ପ୍ରାଣ ॥

ଅତୁଟ ସଂପର୍କ ତୁମ ସାଥେ ମୋର
ଗଢିଛନ୍ତି ଭଗବାନ
ମୋ ପ୍ରାଣେ ଆଲୋକ ଦେଇଛ ଅନେକ
ଅଭୁଲା ସେ ଅବଦାନ ॥

କରିଛ ପୂରଣ ଅଛି ଯେତେ ମୋର
ସପନରେ ଶୂନ୍ୟସ୍ଥାନ
ନଭଶ୍ଚୁମ୍ବି ହେଉ ସକଳ ଆକାଂକ୍ଷା
ଜୀବନର ଅଭିଯାନ ॥

ପଥର୍,ଖଲିକୋଟ,ଗଂଜାମ

# ନୂଆଁ କଲେଜ୍ ପଢାକଥା

ସୁଧୀର ପଣ୍ଡା

ଗାଁଆର୍ ଇସ୍କୁଲେଁ ପଢି ସାଏଲିଁକ
କଲେଜ୍ ପଠାଲ୍ ମୋର୍ ବୁଆ
ବିଲେଇର୍ କପାଲ୍ କେ ଶିକା ଛିଡଲ୍
ବାଗିର ବାପର୍ ଆଗେଁ ହେଲି ଠିଆ
ପଢାପିଲ୍ର୍ ହାତେଁ ଖଡା ନାଇଁ ଶିଝେ
ଧରି ନପାରୁ ନଙ୍ଗଲ୍ କଏଁଟ୍
ଆଉର୍ କେତେଟା ବଛର୍ ପଢିଥା ବାବୁରେ
ପିନ୍ଧି ଛିଟ୍ ଦଗଲି ନଲି ଗିଜମୁନା ପେଁଟ୍
ଗୃକରି ବାକରି ସେଟା ସବୁ ପଛର୍ କଥା
ମୋର୍ ବାଗିର୍ ମୂରୁଖ୍ ବିଲକୁଲ୍ ନ ବନବୁ
ହେଲେଁ ଜୀବନ୍ ସାର୍ଥ ହେବୁ ଅଥା।।୧

ଟାଙ୍ଗା ଗାଡିଥିଁ ଖଟ୍ ବାକସ୍ ଲଦାହେଲ୍
କେତେ ମୁଗଫଲି ଚନା ଉଖୁର୍
ବହୁମାନେ ବିରଝାଲେ ଘରଜୁଏଁ ଯଉଛନକେଁ
ଆମର୍ ଟିଙ୍ଗାଲି ଦିଅର୍ ବୁପର୍
ମା ବଏଲ୍ ମୋର୍ ପୁଓ ରହେବା ଏକଲ୍
ସାଙ୍ଗେ କାଏଁ ନ ରଖବା ନରିହାଟେ
ସମେ ଅସମେନ ଖାଇ ପାରବା ସିନା
ଭୋକ୍ ଲ୍ଗଲେଁ ଭ୍ତ୍ ପଖାଲ୍ ମୁଠେ

ବୁଆ କର୍ଲେଇ କରି କହେଲେରେ ବେଡି
ତୁନ୍ ଶାଗ୍ ବାଏର୍ ଭିଲ୍ ଉଠେଇ ନେମାକେଁ
ସେନକେ ତେହେରୁଁ ପିଲ୍ ଯିବା କଲେଜ୍ ପଢି ୭

ଏତକ ପଢା କାଏଁ କମ୍ ହେଲାନ କାଏଁଯେ
କାଣା କରବା ବାବୁ ପଢିକରି ଯହ
ଜୁଆନ୍ ପୁଓର୍ ଲାଗି ଆଘୋ ଖଞ୍ଜିଥିତ
କେନୁଗୁଟେ ସୁନ୍ଦରୀ ଗୁରିବହ
ମା ଛୁଆ ବାଗି ର୍ ରହିଥିତୁଁ ଘରେଁ
ମୋର୍ ଗୁଲାପି ଟିଆଁ ବହକେ ଧରି
ଖେତୁଁ ଖଲୁଁ ତମେ ଆଏଲା ମାତର୍କେ
ବାଢିଦେତା ଆମର୍ ବହ ପଖାଲଖୁରି
ବହକେ ଦେଖବାର୍ ଲାଗି ଆସୁଥିବା ପିଲା
ଗାଁ ମା ଛାଡି ଆମର ସୁରୁପିଲ୍ କାଏଁଯେ
ହେବା ହର୍ମେଶା ଛୁଗ୍ଗଟାକେ ଗୁଲଗୁଲା।୩

ନାଇଁତ ପିଲାର୍ ଘର୍ ବସେଇ ଦିଅ ତୁର୍ତୀ
ମୋର୍ ସାଙ୍ଗେ ରହେବା ଭୁଆସେନ୍
ହଁସିଖୁସିଥିଁ ରହେବେ ଆମର୍ ଦୁହିଁ ଛୁଏ
ତାହାକୁଁ ଭିଲ୍ ଲାଗବା ଗୁର୍ଦୁ ଅଏନ୍
କେତେ ଦିନୁ ମୁଇଁ ଟଉନ୍ ନଦେଖି
ରହେମି ଯାଇ ସାଙ୍ଗେ କେତେଦିନ୍
ଅଢିଆ ଖର୍ଚ୍ଚା ତମେ ପହଁଚେଇ ଦଉଥିବ
ଘିବ ଖାଏଲେଁ ଲୁକେ ବନବେ ହୀନ୍
ଦେଖବ ଆମର୍ ବାବୁ କେନ୍ତା ପଢବା ପାଠ
ସୁନ୍ଦରୀ ବହୁ ମୋର୍ ଦେବୀ ବାଗିର୍ ଦିଶୁଥିବା
ସଜେଇ କରି କରି ତାର୍ ଠାଟ୍ ବାଟ୍।୪

ପୁଓ ପାଠ୍ ପଢିଗଲ୍ ଉତ୍ତାରୁଁ ବହ ମତେ
ଶୁନଉଥିବା ମେନ୍ ମେନ୍ୟା କଥାନ
ପୁରାଣ୍ ଶାସ୍ତର୍ କଥା ବହକେ ଶୁନାମି
ଯାହା ମୁଇଁ ପାରିଛେଁ ଟିକେରଁଚେ ଜାନ
କଲ୍ ଅକ୍ଷର୍ ଭଏଁସ୍ ବର୍ବର୍ ହର୍ମେଶା
କହେସ ଇ କଥାପଦେ ମୋର୍ ଲ୍ଗି
ପଢା ମାଇକନଆଁକର୍ କଥା ଚର୍ଚ୍ଚର୍ସି
ଲ୍ଗସି ଘରୁଁ ପଲ୍ମିକେଁ କେନକେ ଭ୍ଗି ।
ପୁଓବହ ଆଉର୍ ମୁଇଁ ହଇଯିମୁ ବଡେ ଜ୍ଞାନୀ
ଘରେଁ ଥାଇ ତମେ ନଙ୍ଗଲ୍ କଏଁଟ୍ ଧରିଥିବ
ଇ କଥା ଏଭେନୁ ପାରଲିନ ମୁଇଁ ଜାନ ।୫

ମୁଇଁ କହେଲିଁ ଆରେ ଜଁତୁ ପିଲ୍ ପାଠ୍ ପଢବା
ନାଇଁ ଯିବାର୍ ଘୁଡା ଚଢି ବର୍ତି
କଁସିପିଲ୍ର୍ ବେକେଁ କାଏଁଯେ ଛନ୍ଦମା ଏଭୁଁ
ସମେ ବାକ ଅଛେ କରବାରକେ ଭୁଜିଭ୍ତି
ତୋର୍ କଥା ଦିନେ ମୋର୍ ମା କହିଥିଲ୍ ବଲି
ଆଏଜ୍ ତକ୍ ଭୁଗୁଛେଁ ସିନା ମୁଇଁ
ତେଲିଘନା ବାଗିର୍ ଜାଙ୍ଗଲ୍ ବଢେଇ ମୁଢାଲୁ
ପାଠର୍ କଥା କାଣା ଜାନବୁ ତୁଇଁ
ଯଦି ତୋର୍ କଥା ମାନ ଚଲି ବସମି ମୁଇଁ
ପିଲ୍ ପାସକଥା ବଡା ଦୂରର୍ କଥା ସେଟା
ବଛରେ ଉତ୍ତାରୁ ନଙ୍ଗଲମୁଡିଆ ନାତୀ ପାଏବୁ ତୁଇଁ ।୬

ମାଆଁବୁଆର୍ କଥା ଶୁନକରି ମୁଇଁ
ହଇ ଯାଉଥିଲି ଗୁର୍ଦୁ ଅଁଗ୍ଠବୁହା
କଲେଜ୍ ପଢା ମଜା କେନ ଅଉର୍ ମିଲବା
ଛୁଆ ବଏସୁଁ ହଇ ପକାଲେଁ ବିହା
କୁଟୁମ୍ କର୍ ଧନ୍ଦା ଛାଡି ପାଁଚ୍ ବଛର୍
ପଢି ପାରଲେଁ ଯାଇକରି ସହରେଁ
ଗ୍ଠକରି ନକଲେଁ ଭିଲ୍ ବୁଦ୍ଧି ଗିଆନ୍ ଦୁର୍
ସଁଖଲି ପାରମି ମନ୍ ଭିତରେଁ
ହେନ୍ତାଭିଲ୍ କାହାର୍ ଝୀ ବୁହେନ୍ ଲ୍ଗି ନାଇଁ ଛିଡିଁ କଥା
ମାକେ ବୁଝେଇ ବାପର୍ କଥମାନ ବସଲି ଟାଙ୍ଗାନ
ମା ହେଁକେଇ କାନ୍ଦି କହୁଥିଲ୍ ନଯାରେ ସହରକେ ପୁତା।୭

ମୁମ୍ବାଇ, ମହାରାଷ୍ଟ୍ର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।

ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# କୃଷ୍ଣ-ବଳରାମଙ୍କର ଗୁରୁ ଦକ୍ଷିଣା



ନରେନ୍ଦ୍ର ପ୍ରସାଦ ବେହେରା

ଅବନ୍ତୀପୁରରେ ସନ୍ଦୀପନ ମୁନି ବାସ କରୁଥିଲେ । ଜଣେ ଶିକ୍ଷକ ରୂପେ ରୂପେ ତାଙ୍କର ଖୁବ ଖ୍ୟାତି ରହିଥିଲା । ରାଜା ଉଗ୍ରେସନ ନିଜର ଦୁଇ ନାତି କୃଷ୍ଣ-ବଳରାମଙ୍କୁ ସନ୍ଦୀପନ ମୁନିଙ୍କ ଆଶ୍ରମକୁ ବିଦ୍ୟାଶିକ୍ଷା ନିମନ୍ତେ ପଠାଇଲେ । ଦୁଇ ଭାଇ ସାଧାରଣ ବିଦ୍ୟାର୍ଥୀଙ୍କ ପରି ଗୁରୁ ଗୃହରେ ରହି ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ମୁନିଙ୍କର ପଦସେବା ଓ ଗୃହକାର୍ଯ୍ୟ ମଧ୍ୟ କରୁଥିଲେ । ବିଦ୍ୟାଶିକ୍ଷା ଶେଷ ହେବା ପରେ ଗୁରୁଦକ୍ଷିଣା ଗ୍ରହଣ କରିବା ପାଇଁ ସେମାନେ ସନ୍ଦୀପନ ମୁନିଙ୍କୁ ଅନୁରୋଧ କଲେ ।

ଗୁରୁଦକ୍ଷିଣା କଅଣ ମାଗିବେ ସନ୍ଦୀପନ ମୁନି ? ସାକ୍ଷାତ ଭଗବାନ ଯେ ତାଙ୍କ ଗୃହକୁ ଆସି ତାଙ୍କ ନିକଟରୁ ବିଦ୍ୟାଶିକ୍ଷା ଲାଭ କରିଛନ୍ତି, ଏହା ହିଁ ତାଙ୍କର ପରମ ସୌଭାଗ୍ୟ । ସେ ଦକ୍ଷିଣା ମାଗିବେ କଅଣ ? ତେବେ ତାଙ୍କ ମନରେ ବହୁ କାଳରୁ ଏକ ଦୁଃଖ ବସା ବାନ୍ଧି ରହିଥିଲା । ତାହା ହେଉଛି ତାଙ୍କ ଶିଶୁପୁତ୍ରର ଅକାଳ ମୃତ୍ୟୁ । ସେ ପ୍ରଭାସତୀର୍ଥକୁ ଯାଇଥିବା ସମୟରେ ସମୁଦ୍ର ଜଳରେ ଭାସି ଯାଇ ପ୍ରାଣ ହରାଇଥିଲା । ସେହି କାଳରୁ ସେ ପୁତ୍ର ଶୋକରେ ରହିଥିଲେ । ତାଙ୍କର ଶିଷ୍ୟ ଯଦି ସ୍ୱୟଂ ଭଗବାନ, ତାହେଲେ ତାଙ୍କର ପୁତ୍ରକୁ ତାଙ୍କ ହାତରେ ଟେକ ଦେଇ ଦୁଃଖ ଦୂର କରନ୍ତୁ । ଏହା ଭାବି ମୁନି ଏଇ ଦକ୍ଷିଣା ମାଗି ବସିଲେ ।

ଗୁରୁଙ୍କର କାମନା ପୂରଣ କରିବା ଉଦ୍ଦେଶ୍ୟରେ କୃଷ୍ଣ ବଳରାମ ଚାଲିଲେ ପ୍ରଭାସତୀର୍ଥକୁ । ପ୍ରଭାସତୀର୍ଥ ସମୁଦ୍ର କୂଳରେ ଅବସ୍ଥିତ । ସମୁଦ୍ର ଜାଣିପାରିଲେ ଯେ ସ୍ୱୟଂ ଭଗବାନ ତାଙ୍କ ନିକଟକୁ ଆସୁଛନ୍ତି । ସମୁଦ୍ର ପ୍ରଣାମ କରି ସେମାନଙ୍କ ଆଗମନର ଉଦ୍ଦେଶ୍ୟ କଅଣ ବୋଲି

ଜିଜ୍ଞାସା କରିବାରୁ କୃଷ୍ଣ କହିଲେ - ହେ ସମୁଦ୍ର, ବହୁ ଦିନ ତଳେ ମୋର ଗୁରୁ ସନ୍ଦୀପନ ମୁନଙ୍କ ପୁତ୍ରକୁ ତୁମେ ଏହି ସ୍ଥାନରେ ତୁମର ବିଶାଳ ତରଙ୍ଗରେ ଗ୍ରାସ କରିଛ । ତାକୁ ଆମ ହାତରେ ଅର୍ପଣ କରି ଦିଅ । ଏହାର ଉତ୍ତରରେ ସମୁଦ୍ର କହିଲେ, ହେ ପ୍ରଭୁ, ଆପଣଙ୍କର ଗୁରୁ ପୁତ୍ରକୁ ମୁଁ ଗ୍ରାସ କରି ନାହିଁ। ମୋ ଜଳ ମଧ୍ୟରେ ଶଙ୍ଖ ରୂପରେ ରହୁଥିବା ଏକ ଅସୁର ସେହି ବାଳକକୁ ଗ୍ରାସ କରିଥିଲା ।

ତତକ୍ଷଣାତ ଶ୍ରୀକୃଷ୍ଣ ସମୁଦ୍ର ମଧ୍ୟରେ ପ୍ରବେଶ କରି ପଞ୍ଚଜନ ନାମକ ଅସୁରକୁ ସଂହାର କଲେ କିନ୍ତୁ ତା ପେଟ ଭିତରେ ବାଳକକୁ ପାଇଲେ ନାହିଁ । ଅସୁର ଅଙ୍ଗଜାତ ପାଞ୍ଚଜନ୍ମ ଶଙ୍ଖକୁ ଧରି ଶ୍ରୀକୃଷ୍ଣ ଫେରିଆସିଲେ । ତାପରେ ଦୁଇ ଭାଇ ଗଲେ ଯମପୁରୀକୁ । ସେଠାରେ ପହଞ୍ଚି କୃଷ୍ଣ ପାଞ୍ଚଜନ୍ୟ ଶଙ୍ଖ ବଜାଇଲେ । ଶଙ୍ଖର ପ୍ରଚଣ୍ଡ ଧ୍ୱନି ଶୁଣି ଯମରାଜ ଛୁଟି ଆସିଲେ । ଶ୍ରୀକୃଷ୍ଣଙ୍କୁ ଦେଖି ଯମରାଜ ପ୍ରଣାମ କରି କହିଲେ ପ୍ରଭୁ, ଆପଣ ସାକ୍ଷାତ ବିଷ୍ଣୁଙ୍କର ଅବତାର । ଏଠାକୁ ଆସିବାର ଅଭିପ୍ରାୟ କଅଣ କୁହନ୍ତୁ । ଭଗବାନ କହିଲେ, ମୋର ଗୁରୁପୁତ୍ରର ମୃତ୍ୟୁ ହୋଇଛି । ଆପଣ ତାକୁ ନେଇ ଆସିଛନ୍ତି । ମୋର ଆଦେଶ,ତାକୁ ଫେରାଇ ଦେବାକୁ ହେବ । ଯମରାଜ ଶ୍ରୀକୃଷ୍ଣଙ୍କର ଆଦେଶ ଶିରୋଧାର୍ଯ୍ୟ କରି ଗୁରୁପୁତ୍ରକୁ ବଞ୍ଚାଇଦେଇ ତାଙ୍କ ହାତରେ ଅର୍ପଣ କଲେ ।

କୃଷ୍ଣ ବଳରାମ ଗୁରୁପୁତ୍ରଙ୍କୁ ସଙ୍ଗରେ ଧରି ସନ୍ଦୀପନ ମୁନଙ୍କ ଆଶ୍ରମକୁ ଫେରିଆସି ତାଙ୍କର ପ୍ରିୟ ସନ୍ତାନକୁ ଗୁରୁଙ୍କୁ ଅର୍ପଣ କଲେ । ମୃତ ସନ୍ତାନଟିକୁ ଜୀବିତ ଫେରିପାଇ ଗୁରୁ ଓ ଗୁରୁପତ୍ନୀ ଆନନ୍ଦରେ ବିଭୋର ହୋଇଯାଇଥିଲେ । ଗୁରୁଙ୍କର ଆଶୀର୍ବାଦ ପାଇ ଦୁଇ ଭାଇ ମଥୁରାକୁ ଫେରିଆସିଲେ ।

ଆଳନ୍ଦା, ଖଇରା, ବାଲେଶ୍ୱର

# ଆହୁରି ମୁକତି ଗୃହୁଁଛି

ନରେନ୍ଦ୍ର ସାହୁ

ସ୍ୱାଧୀନତା ପାଇ ଦେଶଟା ମୋହର
ବିଜୟର ଗାଥା ଗାଉଛି,
ମୋ ମାଟି ପୁଅଟା ପେଟ ଖଣ୍ଡେ ପାଇଁ
ଦୁବାଇରେ ଫସି ରହିଛି ।

ସ୍ୱାଧୀନ ଭ୍ୱବରେ ମୋ ଦେଶ ଭ୍ୱରତ
ସତୁରି ବୟସ ଟପିଛି,
ସତୁରି ବୟସ ବୁଢ଼ା ମଉସାଟା
ନାବାଳକା ସ୍ୱାଦ ଗୃହୁଁଛି ।

ସ୍ୱାଧୀନତା ପରେ ମୋ ଦେଶ ଭିତରେ
ସାମ୍ପ୍ରଦାୟିକତା ଜାଗିଛି,
ଭ୍ୱଇ ଭ୍ୱଇ ମଧ୍ୟେ ରାଜନୀତି ଯୁଦ୍ଧେ
ବୁଢ଼ା ବାପା ବଳ ପଡୁଛି ।

ବିନା ଲାଞ୍ଚରେ କ ସରକାରୀ କଳ
ଫାଇଲ ଗୁଡାକୁ ଦେଖୁଛି,
ଲାଞ୍ଚ କାରବାର ସୀମାଠୁ ବାହାର
ନଗ୍ନତାର ରୂପ ନେଇଛି ।

ପଇସା ନ ଦେଲେ ଡାକ୍ତର ବାବୁଟା
ଅସମ୍ଭବ ବୋଲି କହୁଛି,
ପଇସା ବଳରେ ଭଣ୍ଡ ଅସାଧୁଟା
ଜାମିନରେ ଆସି ପାରୁଛି ।

କୁଜି ରାଜନେତା କାଟି ପୁଣି ଫିତା
ଫାଙ୍କା ଭାଷଣଟି ଦେଉଛି,
ଛୁଆ ଜନ୍ମ ପାଇଁ ଗର୍ଭିଣୀ ନାରୀଟା
ଖଟୁଲିରେ ବୁହା ହେଉଛି ।

ସ୍ୱାଧୀନ ଦିବସ ନ ପାଳବ ଆଜ
ମୋ ଦେଶ କ ମୁକ୍ତି ପାଇଛି,
ସ୍ୱାଧୀନତା ବେଶେ ପରାଧୀନ ହସେ
ଆହୁରି ମୁକତି ଗ୍ରହୁଁଛି ।

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।**

**ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ବୁହେନ୍



ମନୋଜ ମହାନନ୍ଦ

ପରିବାର୍ ଭିନ୍ହେ ପ୍ରେମ୍ ଆଦର୍ ନେ
ବୁହେନର୍ ଗୁଟେ ଅଲଗ୍,
ସୁନ୍ଦ୍ରୀ ମୁନ୍ଦ୍ରୀ ନାଇଁ ଥଉ କ
ନାଇଁ ଥଉ ପଛେ ସଲଗ୍ ।

ଟୁଣ୍ ଫୁଟ୍ଲା ଦିନୁ ଦଦା ଡାକ୍ ଦେଇ
ମନକେ ନେସି ମୁହି,
ବେଭ୍ହର୍ ଗୁଲି ଚଲନ୍ କେତେଟେ ଅଏନ୍
ନାଇଁ ମିଲେ ଆର୍ କାହିଁ ।

ରେଙ୍ଗେସୁଲ୍ ଦିନୁ ହସି ହସି କରି
ଦଦାର୍ ପାଖକେ ଯାଏସି ଧାଇଁ,
ସତେ ଯେନ୍ତା ସମୁଦ୍ରର୍ ମଝି
ଫୁଟିଛେ ପଦମ୍, କଇଁ।

ସକଲେ ପାହା ପକାଲୁ ଦିନୁ
ଦଦାର୍ ନୁ ଶୁନସି ଗାଲି,
ଧପଡ୍, ଚପଡ୍, ଥାପଡ୍ ଖାଇକରି
ମୁହୁଁ ଯାଏସି ତାର୍ ଫୁଲି ।

ଛନେ ପତେ ଦଦାର୍ ପାଖକେ
ଆସେ
ନାଇଁ ହୁଏ ଭିଲ୍ କଥା,
ଭଙ୍ଗା ଘରର୍ ସେ ଚକା ଜହ୍ନର୍
କେତେ ପୂରିଛେ ଗାଥା ।

ଟିକେ ପଁକ୍ ଫୁଟ୍ଲେ ସର୍ଗେ ଉଡି
ସାହେଜ୍ ହେସି ମାଁ'କେ,
ମାଏଟ୍ କାଠ୍ ସଂଗେ ସର୍କା ଜୁଡ୍ ଘଁସି
ସଫା ସୁନ୍ଦ୍ରା ରଖସି ଘର୍କେ ।

ନ'କେ ଛଁ କରି ରାନ୍ଧି ବାଢି ଦେଇ
ଖୁଏଇ ପିଏଇ ଦେଖି ସମକେ,
ବାଟ୍ , ଘାଟ୍ ବି ଗୁନ୍ ସୁମୁରୁସନ୍
ଖଟି ଯାଏସି ଯେଭେ ପର୍କେ ।

ହେନ୍ତା ବୁହେନ୍ ଟେ ପାଇଛେଁ ମୁଇଁ
ଯେନ୍ତା ପୁନ ରାତି ଚକା ଜନ୍,
ଅନ୍ଧାର୍ ଘର୍ ମୋର୍ ଉଜଆ ହେଲା
ଭରି କୁବେର୍ ସମାନ୍ ଧନ୍ ।

ଦୁଇ ହଜାର୍ ନ'ରୁ ମାଁ'ଟା ମୋର୍
ପଡି ଯାଇଛେ ବେମାର୍,
କଅଁଲି ଛୁଆ ଖେଲ୍ବାର୍ ଛାଡି
ସମ୍ଭାଲିଲ୍ ଘର୍ ଦୁଆର୍ ।

ସକାଳୁ ଉଠି ଛେଗ୍ ଛୁଟ୍ ଝିଟି
ଦୁଆର୍କେ ବଣ୍ଡଉ ଥିଲ୍,
ବେମାରି ମା'ର୍ ସେବା କର୍ବାର୍ ସଂଗେ
ଆମର୍ ସେବା ବି କରୁଥିଲ୍ ।

ତପତ୍ ଭାତ୍ ସଂଗେ ଆଲୁ ଭଜାକରି
ସଖାଲୁ ଆମକେ ଖୁଏଇଛେ,
ତାମ୍ନି ଭିଲ୍ ଖାଇ ଆମର୍ ସଂଗେ
ସଇଁନ୍ତଲ୍ ପଢି ଯାଇଛେ ।

ପାଞ୍ଚ୍ ବଜାକେ ସ୍କୁଲ୍'ନୁ ଫିରି
ଫେନ ରନ୍ଧା ବଢା କରୁଥିଲ୍,
ଝାଁଟି ଖଣେ ହେଇ ଧରମ୍ ପାଟି ବନ
ଗୁଟା ଘରର୍ ବୋଝ୍ ବୁହୁଥିଲ୍ ।

ସମିଆଁ ନାଇଁ ଥେଇଁ ତାର୍ ପାଖେ ମୂଲେ
କେନ୍ତେହି ପାଠ୍ ପଢୁଥିଲ୍,
ଫେର୍ ବି ଦଦା ତାର୍ ବାଡି ନ ହେଲେ
ଦୁଇ ହତିଆ ଘଣ୍ଟି ପିଟୁଥିଲ୍ ।

ଘ୍ଗ୍ ରଷା କେଭେଁ ନ ହଉଥାଇଁ
ତୁମ୍ ପଡି ଯାଏ ସହି,
ଉଜଲ୍ ବତୀ ଅନୁ ବନର୍
ଗୁନ୍ ନାଇଁ ହୁଏ କହି ।

ପେଁଟ୍ କୁର୍ତ୍ତା ମଏଲ୍'ଗ୍ ଦେଖି
କଥା କହୁଥିଲ୍ କେତେ,
ହେନ୍ତା କଥା କହେବାର୍ ଲ୍‌ଗି
ଗୁଠେ ନାଇଁନ ଜଗତେ ।

ନାଖୁ ନକ୍ସା ମୋର୍ ସେବା କରିଛେ
ବୁହେନ୍ ହଇ ବି ମାଁ ବନ,
ଖଟି ଗଲ୍ ଦିନୁ ଅନୁ ଗେଲ୍ହେଇ ମୋର୍
ତାର୍ ଗୁନକେ ହଉଛେଁ ହୁର୍ଗୁନ ।

ଧିକ୍ ଯଉ ମୋର୍ ମୁନୁଷ୍ ପନ୍
ଦଦା ହେଇ କରି ତାର୍ ,
ପ୍ରେମ୍ ଆଦର୍ ର ମର୍ଜି ସଂଗେ
ଦିହେଁ ଲ୍‌ଗିଛେ ମୋର୍ ମକାର୍ ।

ଚହ୍ନି ନାଇଁ ପାର୍ନି ଅସଲ୍ ହୀର୍‌କେ
ଧରିକରି ଭିଲ୍ ହାତେ,
ହାଲ୍କା ଝେଁଜ୍ରା ପିଟାମର୍ କରି
ଦୁଃଖ୍ ଦେଇଛେଁ କେତେ ।

ହସି ହସି କରି ସବୁ ସହିଛେ
ବୁହେନ୍ ମୋର୍ କେଡେ ମହାନ୍,
ସତେ ଯେନ୍ତା ମୋର୍ ଲ୍‌ଗି ଗୁଟେ
ଭଗବାନଙ୍କର୍ ବରଦାନ୍ ।

ଯେନ୍ ଦିନୁ ବୁହେନ୍ ଖଟି ଗଲ୍ ମୋର୍
ମେର୍ ଖୁଁଟା ଗଲ୍ ଭ୍‌ଙ୍ଗି,
ଦାଇଁ ବୁଚୁଲ୍ଲା ମାଡେନ୍ ରହେଲ୍
କହେ ନ ଆଏବାର୍ ଶୁଙ୍ଘି ।

ବଡ୍ ଭ୍‌ଗ୍ୟ ବୋଲି ଏନ୍ତା ବୁହେନ୍ ପାଏନ
ପିନ୍ଧୁଛେଁ ହାତେ ଭ୍‌ବର୍ ଡୋର୍,
ଶଙ୍ଖା ସିନ୍ଦୂର ତାର୍ ଚମକୁ ଥାଉ
ଏତକ କାମନା ମୋର୍ ।

ବାଗଯୋର, ସଇଁନ୍ତଲ୍, ବଲ୍‌ଙ୍ଗିର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବୟସର ଅପରାହ୍ନେ

ଶିଶିର କୁମାର ପଣ୍ଡା

ଆଉ ତୁମେମତେ ଜାବୁଡ଼ି ଧରନା
ଆହେ ମୋର ପ୍ରାଣନାଥ
ସବୁତ ସରିଲା କାହିଁକି ଆଉ ମୋ
ଦେହରେ ବୁଲାଅ ହାତ **?**
କାଲି ଗୁରୁବାର ଉଠିବାକୁ ହେବ
ପାହିବା ଆଗରୁ ରାତି
ତୁମକୁ ଶେଯରେ ଛାଡ଼ିକି ଯିବି ମୁଁ
ବିଦାରୀ ହୋଇବ ଛାତି ।
ସଂସାର ଜଞ୍ଜାଳ ଭିତରେ ଆଉ ତ
ସମୟ ପାରୁନ ଦେଇ
ସବୁତ ଜାଣୁଛ ସବୁତ ଦେଖୁଛ
ବୁଝୁକି ନ ବୁଝୁ କେହି ।
ପିଲାମାନେ ଏବେ ବଡ଼ ହୋଇଲେଣି
ମୋ ଆଡ଼େ ବଳାନା ମନ
ଶୋଭା ଦେବନାହିଁ ତୁମ କୋଳେଶୋଇ
ଦେଖିବାକୁ ଏବେ ଜନ ।

କୁଆଁସ, ମେରଦା କାଟିଆ, ଯାଜପୁର

# କି ସୁନ୍ଦର ମୋର ଜନ୍ମ ଭୂମି

ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ

ରାଜେଶ ଆଜି ବହୁତ ଖୁସି ବହୁତ ଦିନ ପରେ ଗାଁ କୁ ଆସିଛି । ତାର ପରିବାର ସହିତ । ପ୍ରଳୟଙ୍କରୀ ଫୋନି ମାୟନଗରୀ ଭୁବନେଶ୍ୱରର ସମସ୍ତ ସୌନ୍ଦର୍ଯ୍ୟକୁ ଲୁଟି ନେବା ସହିତ, ଲୋକ ମାନଙ୍କର ଜୀବନ ଶୈଳୀକୁ ପୁରା ବଦଳେଇ ଦେଇଛି । ଭୁବନେଶ୍ୱରରେ ବିଦ୍ୟୁତ ନାହିଁ, ପାଣି ନାହିଁ, ପଇସା ଥିଲେ ମଧ ଏଟିଏମ ସବୁ ଅଚଳ । ଏସବୁ ପରିସ୍ଥିତି ଭିତରେ ସେ ଗ୍ରାମର ସୁଶୀତଳ ଓ ସୌନ୍ଦର୍ଯ୍ୟ ଭରା ପରିବେଶକୁ ବାହୁଡ଼ି ଆସିଛି । ରାଜେଶ ବାଲୋକନି ରେ ବସିଥିବା ସମୟରେ.. କିଛି ସମୟ ଅତୀତକୁ ଫେରିଯାଇଛି ।

ଦିନେ ସେ ଏହି ଗ୍ରାମରେ ସାଙ୍ଗ ମାନଙ୍କ ସହିତ ମିଶି କେତେ ସ୍ୱପ୍ନ ଦେଖିଥିଲା । ଏଇ ଗାଁରେ ଜମି ପାଇଁ ଭଲ ଡ୍ୟାମଟିଏ ତିଆରି କରିବ ଫଳରେ ଚାଷ ଜମିରେ ପାଣି ପାଇଁ କୃଷକ ମାନେ ଆଉ ଅସୁବିଧାରେ ପଡିବେନି । ସୁନ୍ଦର ପୋଖରୀଟିଏ ର ବ୍ୟବସ୍ଥା କରିବ ମାଛ ଚାଷ ପାଇଁ । ଲୋକମାନେ ଚକସା ପାଇଁ ଶହେ କିଲୋମିଟର ଯିବାକୁ ପଡେ । ସେଥିପାଇଁ ନିଜେ ଡାକ୍ତରୀ ପାସ କରି ନିଜ ଗ୍ରାମରେ ଭଲ ସ୍ୱାସ୍ଥ୍ୟ କେନ୍ଦ୍ରଟିଏ ଖୋଲିକି ଦିନ ଦୁଃଖୀ ଲୋକ ମାନଙ୍କର ସେବା କରିବା ସହିତ । ମା ବାପାଙ୍କ ସେବା ମଧ୍ୟ କରିପାରିବ । ବିଧିର ନିୟମ ଅନୁସାରେ ସ ସେ ଡାକ୍ତରୀ ପରୀକ୍ଷାରେ ଭଲ ଅଙ୍କ ରଖି ଉତୀର୍ଣ୍ଣ ହେଲା । ବାପା ମା ଙ୍କର ଖୁସିର ସୀମା ରହିଲାନି । ରାଜେଶ ପରିବାର କହିଲେ ବାପା,ମା, ବଡ ଭାଇ, ଭାଉଜ ଓ ପୁତୁରା ଗୁଗୁଲୁକୁ ନେଇ ସୁନ୍ଦର ସ୍ନେହ ପୂର୍ଣ୍ଣ ପରିବାରଟିଏ । ଭାଉଜଙ୍କ ରୋଷେଇ ମନମୁଗ୍ଧ କର, ବୋଉ ହାତ ପଖାଳ କ ବାସ୍ନା ଥିଲା ତାର, ପଖାଳ ସହିତ ପୋଖରୀ ମାଛ ଭଜା, ବଡ଼ିଚୁରା, ଲଙ୍କା, ବାଇଗଣ ଆଳୁ ଓଦା, ବାଡ଼ିର ଜହ୍ନି ପୋଟଳ ଭଜା ଆହାଃ କ ସ୍ୱାଦିଷ୍ଟ ଥିଲା । ସାଙ୍ଗମାନଙ୍କ ସହିତ ଗାଁ ଝରଣା ଗାଧୁଆ । ଏମିତି ଖୁସିରେ ରାଜେଶର ଜୀବନ ବିତିଯାଉଥିଲା |

ଯେପରି ଏହି ଖୁସି ତାର ଅଳ୍ପ ଦିନ ପାଇଁ ଥିଲା ହଠାତ ତାର ବଠି ଆସିଲା ଭୁବନେଶ୍ୱର ଛଅ ନମ୍ବର ମେଡିକାଲରେ ପୋଷ୍ଟିଙ୍ଗ । ରାଜେଶର ଗାଁ ଠାରୁ ଭୁବେନେଶ୍ୱର ଦୁଇଶହ km ରାସ୍ତା । ତେଣୁ ସେଠାରେ ତାକୁ ରହିବାକୁ ପଡିବ, ଗାଁ ମେଡିକାଲ ହୋଇପାରିଲା ନାହିଁ କିନ୍ତୁ

ସେ ତାର ସ୍ୱପ୍ନ ସାକାର କରିବା ପାଇଁ ଲାଗିପଡ଼ିଲା । ଭୁବେନେଶ୍ୱରରେ ଡାକ୍ତର ଥାଇ ମଧ ଜିଲ୍ଲାପାଳ ଙ୍କ ସହିତ କଥାବାର୍ତ୍ତା କରି ଗାଁ ରେ ମେଡିକାଲ ଟିଏ ଖୋଲିପାରିଲା ଆଉ ନଜେ ମଧ ବଦଳ ହୋଇ ଗାଁ ରେ ଚକିତ୍ସା କଲା। ଏମିତି ଖୁସିରେ ଦିନଟି ମାନ ବିତିଯାଉଥାଏ ତାର । ହଠାତ ଦେଖା ହେଲା ତାର ନୀଳମା ସହିତ। ପ୍ରଥମ ଦେଖାରେ ନୀଳମା ରାଜେଶକୁ ପ୍ରେମ ଭିକ୍ଷା କରିଥିଲା ଓ ସାରା ଜୀବନ ଜୀବନ ସାଥୀ ହେବା ପାଇଁ ଯାଚନା ରଖିଥିଲା । ରାଜେଶ ମଧ ତାର ରୂପ ଲାବଣ୍ୟ ଓ ନରୀହ ମୁଖ ଦେଖି ତାର କଥାରେ ସମ୍ମତି ଜଣାଇଥିଲା । ଉଭୟଙ୍କର ବିବାହ ମଧ୍ୟ ହୋଇଗଲା । ନୀଳମା ଥିଲା ଧନୀଶାଳୀ ଘରର ଝିଅ ଗାଁ ରେ ଜୀବନ ବିତାଇବା ତା ପାଇଁ ଅସହ୍ୟ ବୋଧ ହୋଇପଡୁଥିଲା । ପ୍ରତିଟି ମୁହୂର୍ତ୍ତ ତାକୁ ଅଣନଶ୍ୱାସୀ ଲାଗୁଥିଲା । ସେ ସର୍ବଦା ରାଜେଶକୁ କହୁଥିଲା କ ଏଠି ମୁଁ ଚାଲିପାରିବିନି। କୂଅରୁ ପାଣି କାଢି ଗାଧୋଇବା ପୁଣି ଏତେ ସକାଳୁ, ଚୁଲି ରୋଷେଇ, ଶୌଚାଳୟରେ ପାଣିର ଅବ୍ୟବସ୍ଥା ମୋତେ ଅଣନଶ୍ୱାସୀ କରିଦେଉଛି ମୁଁ ଆଉ ରହିପାରିବିନ ଏଠାରେ । କନ୍ତୁ ରାଜେଶ କହିଲା -ଏମିତି ହୁଅନ ନୀଳମା ଏଠି ପୁଣି ମୋ ପରିବାର ଆଉ ମୁଁ ତ ରହୁଛି, ତୁମକୁ ସେମିତି ରହିବାକୁ ପଡିବ, ଧୀରେ ଧୀରେ ସବୁ ବ୍ୟବସ୍ଥା ମୁଁ କରିଦେବି। କଛି ଦିନପରେ ରାଜେଶ ଘରେ ପାଣି ମଟର ଲଗାଇଦେଲା । ଗାଧୁଆ ଘର ବି ଠିକ କରିଦେଲା କନ୍ତୁ ତଥାପି ଏଠି ରହିବାକୁ ଚାହୁଁନ। ତାକୁ ଦରକାର ସହରର ସିନେମା ହଲ, ପାର୍କ, ବଡ ବଡ଼ ସପିଙ୍ଗ ମଲ ଆଉ ସ୍ୱାମୀ ଙ୍କ ସହିତ ଏକୁଟିଆ ରହିବା ଓ ଜୀବନକୁ ଉପଭୋଗ କରିବା, ଏସବୁ ଜାଣିଲା ପରେ ରାଜେଶ ପୁନଃବାର ଭୁବନେଶ୍ୱର ବଦଳ ହୋଇ ନଯିବା ପାଇଁ ମନା କରିଦେଇଥିଲା । ସେଥିପାଇଁ ନୀଳମା ଶାଶୂଘର ଛାଡି ବାପା ଘରକୁ ଚାଲିଗଲା, ବାପା, ମା ଭାଇ ଓ ଭାଉଜ ରାଜେଶକୁ ବୁଝାଇଲେ, କହିଲେ ତୁ ନୀଳମାକୁ ନେଇ ଭୁବନେଶ୍ୱର ରେ ରହ। ତୁମେ ଦୁଇଜଣ ଖୁସିରେ ରହିଲେ ଆମେ ଖୁସିରେ ରହିବୁ, ପରିବାର ଲୋକଙ୍କ କଥାକୁ ସମ୍ମାନ ଦେଇ ସେ ଭୁବନେଶ୍ୱରରେ ଯାଇ ରହିଲେ । ନୀଳମାର ସ୍ୱପ୍ନ ସାକାର ହେଲା । ବାନ୍ଧବୀ ମାନଙ୍କ ସହିତ ମିଶିବାର ସୁଯୋଗ... ସବୁଦିନ ପାର୍ଟି, କ୍ଲବ, ପାର୍କ, ବଡ଼ ବଡ଼ ହୋଟେଲ ଏପରି ଜୀବନଚର୍ଯ୍ୟାରେ ସେ ଆଜି ବହୁତ ଖୁସି । ରାଜେଶ ଘରକୁ ନଆସିଲେ ମଧ ତାକୁ କଛି ଫରକ ପଡ଼େନ । ସେ ଭୁଲିଯାଇଛି ରାଜେଶ ପରିବାରର ସମସ୍ତ ସଦସ୍ୟଙ୍କୁ । ତାର ଜୀବନରେ ଖୁସି ଖୁସି ଖାଲି ସୁଖ.. ସୁଖରେ କଣ କଏ ଦୁଃଖୀ ଲୋକଙ୍କୁ ପଚାରେ ।

ଦିନେ ହଠାତ ଟିଭି ରେଡ଼ିଓ ରେ ପ୍ରଗ୍ଚର ହେଲା କୁଆଡୁ ଫୋନ ବାତ୍ୟା ଓଡିଶା ଗ୍ରଜ୍ୟକୁ ମାଡିଆସୁଛି । ବହୁତ କ୍ଷୟ କ୍ଷତି କରିବ ଓଡିଶା ର । ସତରେ ମେ ଦୁଇରେ ଆସିଲା ପ୍ରଳୟଙ୍କରୀ ବାତ୍ୟା । ସେ ଦାନବର ଶିକାର ହେଲେ ଓଡିଶାବାସୀ ପୁରୀ ଆଉ ଭୁବନେଶ୍ୱରର କ୍ଷୟ କ୍ଷତି ହେଲା ଅତୁଳନୀୟ । ଭୁବନେଶ୍ୱରରେ ରହୁଥିବା ବାବୁ ଓ ବାବୁଆଣୀ ମାନେ ବିଦ୍ୟୁତ ଓ ପାଣି ପାଇଁ ଡହଳ ବିକଳ ହେଲେ । ଜୀବନ ନର୍କ ପାଲଟିଗଲା ତାଙ୍କର। ଇନ୍ଦ୍ରପୁରୀରେ ମରୁଭୂମି ପ୍ରତୀୟମାନ ହେଲା । ସବୁଆଡେ ପାଣି ଓ ବିଦ୍ୟୁତ ପାଇଁ ସଂଘର୍ଷ ଗ୍ଚଲିଲା । ଏହି ସମୟରେ ନୀଳମା ଆଉ ଗ୍ରଜେଶ କଣ ବାଦ ପଡ଼ିବେକ ! ସେମାନେ ମଧ ଏହାର ଶିକାର ହେଲେ । ନୀଳମା ଗ୍ରଜେଶକୁ କହିଲା ଗ୍ରଜୁ ଆଉ ମୁଁ ପାରୁନ, ଆକୁଆଗଡ଼ରେ ଯାହା ପାଣି ଥିଲା ସରିଲାଣି, ଏ ସି ବିନା ବଞ୍ଚଇହେବନ। ଗ୍ରଜେଶ କହିଲା ଆଉ କଣ କରିବା ଗାଁ ର ତୁମେ ରହିପାରିବନ ଆଉ କୁଆଡେ ଯିବା କୁହ। ଏଇଠି ରହିବାକୁ ପଡିବ । ନୀଳମା ତାପରେ କେତେ ସମୟ ଚୁପ ରହି ଧୀର ସ୍ୱରରେ କହିଲା -ଗ୍ରଜେଶ ମୋର ଭୁଲ ହୋଇଯାଇଛି, ଗ୍ଚଲ ଗାଁ କୁ ଆମେ ଫେରିଯିବା । ତାପରେ ଦୁଇଜଣ ଗାଁ କୁ ଫେରି ଆସିଲେ । ବଡ ଭ୍ଇ ଭ୍ଉଜ ବାପା ମା ସମସ୍ତେ ଆଦର ସହିତ ନୀଳମା ଓ ଗ୍ରଜେଶ କୁ ସ୍ୱାଗତ କଲେ । ବଡ ଯା ନଜ କାନ ପଣତରେ ଦୁଇଜଣ ଙ୍କର ମୁହଁ କୁ ପୋଛିଦେଲେ । କହିଲେ -କେତେ ଝଡ଼ିଗଲାଣି ଦୁଇଜଣ ଯାକ ! ଆସୁ ଆସୁ କୂଅରୁ ଥଣ୍ଡା ପାଣି କାଢ଼ିଦେଲେ ଭ୍ଇ.. ଓ କ ଶାନ୍ତି ଶୀତଳ ଜଳରେ ଗାଧୋଇବା । ସହରରେ ପାଣି ଟାଙ୍କି ରେ ଗରମ ପାଣିରେ ଗାଧେଇଲେ କେତେ ଯେ କଷ୍ଟ ସେମାନେ କେବଳ ଉପଲବ୍ଧି କଲେ । ତାପରେ ପୁଣି ପଖାଳ ଭ୍ତର ମଜା କ ଆନନ୍ଦ ! ଯେପରି ସ୍ୱର୍ଗ ପୁର ଭଳ ଲ୍ଗିଲା ଗାଁ । ବୋଉ ବାଡ଼ି କବାଟ ଖୋଲିଦେଲା ବହିଆସିଲା ସୁଶୀତଳ ଝରଣା ତଳର ପ୍ରାକୃତିକ ମଳୟ ପବନ । ଏ ସି ର ବାୟୁ ତା ଆଗରେ ଯେପରି ଫିକା ପଡ଼ିଯିବ । ଏହିପରି ଆସିବାର ଦୁଇଦିନ ହୋଇଗଲାଣି । ହଠାତ ଗ୍ରଜେଶର ଭ୍ଉଜ ଡାକଲେ ଆସ ଦିଅର ବାବୁ ଗୋଟେ ସିନେମା ଦେଉଛି ଦେଖବା ସମସ୍ତେ ମିଶିକ ।

ହଠାତ ଗ୍ରଜେଶ ଭ୍ବନା ଗ୍ଇଜରୁ ପ୍ରକୃତିସ୍ଥ ହେଲା । ତାକୁ ଭ୍ରି ଖୁସି ଲ୍ଗିଲା ଘରର ସମସ୍ତ ସଦସ୍ୟଙ୍କ ସହ ନୀଳମା ମଧ୍ୟ ସେନେମାକୁ ଉପଭ୍ୋଗ କରୁଛି । ଦୁଇ ଯା ସନ୍ଧ୍ୟାରେ ସାଙ୍ଗ ହୋଇ ବାଡ଼ିପଟେ ବସି ଗପ ସପ ହୁଅନ୍ତି । ଅନ୍ୟ ସ୍ତ୍ରୀ ଲୋ୍କ ମାନେ ମଧ ସେଠାକୁ ଆସନ୍ତି ନଳୀମାକୁ ଦେଖିବାକୁ କାରଣ ବହୁତ ଦିନ ପରେ ନୀଳମା ଗାଁ କୁ ଆସିଛି।

ନୀଳମା ମଧ୍ୟ ସେମାନଙ୍କ ସାଥିରେ ମିଶିକ ଗାଁ ଓ ସହର ର ଫରକ ବୁଝିସାରିଲାଣି । ସହରରେ ତାର ବାନ୍ଧବୀ ମାନେ ଖାଲି ଦେଖାଇ ହୁଅନ୍ତି । ଦେଖେ ଦଲୁ ଆଜି ମୋ ସ୍ୱାମୀ ଏଇ ନେକେଲେଶେ ଆଣିଛନ୍ତି, କେତେ ଟଙ୍କା ଜାଣିଚୁ ଦୁଇ ଲକ୍ଷ । ସେ ଆହୁରି ଦାମୀ ଆଣିବାକୁ କହୁଥିଲେ ମୁଁ ମନା କଲି, ଏମିତି ଆଉଜଣେ କହିବ ମୋର ଏମିତି ବହୁତ ଅଛି। ସେଠି ନୀଳମା କୁ ଖାଲି ବିରକ୍ତ ଲାଗେ ଯେମିତି ଆଉ କଛି କଥା ନାହିଁ ଏମାନଙ୍କ ଭିତରେ। କନ୍ତୁ ଗାଁ ର ନରୀହ ସରଳ ତରୁଣୀ ମାନଙ୍କର କ ସ୍ନେହ ଭର୍ା କଥା । କୌଣସି ଥିରେ ଶାଢ଼ୀ ଗହଣା କୁ ନେଇ ଦେଖେଇହେବା ଛାପ ନଥାଏ । ନଳୀମାର ଆଉ ଇଚ୍ଛା ହେଲାନ ସହରକୁ ଯିବା ପାଇଁ କାରଣ ଗାଁ ବି ବହୁତ ଉନ୍ନତି ଶୀର୍ଷରେ ପହଞ୍ଚି ସାରିଲାଣି । ସହରର ପଚାଶ ପ୍ରତିଶତ ବିକାଶ ଗାଁରେ ଦେଖା ଗଲାଣି ତା ସହିତ ସୁନ୍ଦର ପରିବେଶ । ସହର ଗାଡିମଟରର ଦାନବ ଶବ୍ଦ ଏଠି ନାହିଁ କ ଶାନ୍ତ ପରିବେଶ ।

ନୀଳମା ଆଜି ବଦଳ ଯାଇଛି । ଗାଁ ପରିବେଶର ଶୀତଳତା ମନୋରମ ଦୃଶ୍ୟ ତାକୁ ଆକୃଷ୍ଟ କରିଛି। ଗାଁ ର ସଂସ୍କୃତି ଓ ପରମ୍ପର୍ା ରେ ସେ ମାଜିଯାଇଛି । ସେ ର୍ାଜେଶକୁ ଯାଇ କାକୁତି ମିନତି ହୋଇ କହିଲା ଶୁଣ ମୋର ଗୋଟେ କଥା ତୁମେ ରଖିବ । ର୍ାଜେଶ କହିଲା ଭୁବେନେଶ୍ୱର ଫେରିଯିବାତ ଏହି କଥା କହୁଚ ଠିକ ଅଛି। କନ୍ତୁ ନୀଳମା କହିଲା ନାଇଁ ଭୁବନେଶ୍ୱର ଆଉ ଯିବନ ଆମେ ଏଇଠି ରହିବା । ତୁମେ ବଦଳ ହୋଇ ଗାଁ ମେଡିକାଲକୁ ଆସଣ୍ଟରି । ଏହାପରେ ର୍ାଜେଶ ଖୁସିରେ ପାଗଳ ହୋଇଗଲା ଆଉ କହିଲା "ଧନ୍ୟମୋର ଜନ୍ମ ଭୂମି ପ୍ରକୃତରେ ତୁ ଯାଦୁକାରୀଣି ମମତାମୟୀ ସ୍ନେହ ରେ ବାନ୍ଧି ରଖିବାର ସାମର୍ଥ୍ୟ କେବଳ ତୋରି ପାଖରେ ଅଛି । ଏହାର କଛି ଦିନ ପରେ ର୍ାଜେଶ ଗ୍ରାମ ର ଯୁବକ ମାନଙ୍କୁ ଏକଜୁଟ କରି ର୍ାସ୍ତାର ଦୁଇ ପାର୍ଶ୍ୱ ରେ ବୃକ୍ଷ ର୍ୋପଣ କଲା । ଉପରିସ୍ଥ ଅଫିସରଙ୍କ ସହ କଥା ବାର୍ତ୍ତା କରି ଗ୍ରାମରେ ଡ୍ୟାମ ପ୍ରସ୍ତୁତ କଲା । ଏହାଦ୍ୱାର୍ା କୃଷିରେ ଉର୍ନ୍ନତି ହୋଇପାରିଲା । ଗ୍ଣରିଆଡେ ଫସଲ ସବୁଜିମା ରେ ଗ୍ରାମ ପରିବେଶ ଆହୁରି ର୍ୋମାଞ୍ଚ କର ହୋଇ ଗଢିଉଠିଲା । ସମସ୍ତ ଙ୍କ ଗୃହରେ ଶୌଗ୍ଣଳୟ ଆଉ ଡଷ୍ଟବିନ ରହିଲା ।ଗାଁ ଟି ଯେପରି ସ୍ୱର୍ଗ ଠାରୁ ଅଧିକ ସୁନ୍ଦର ଦେଖାଗଲା । ର୍ାଜେଶ ର ଅଧୁର୍ା ସ୍ୱପ୍ନ ମଧ୍ୟ ସାକାର ହେଲା।

ବେଦପୁର, ବାଙ୍କୀ, କଟକ

# 'ବାଳ' ଗବେଷଣା



ଡମ୍ବରୁଧର ପଟ୍ଟନାୟକ

ମୁଣ୍ଡର ଆଗରେ ନଥାଏ ଯା' ବାଳ    ଆଗ ଚନ୍ଦା ଧନୀରାମ୍,
ମଝି ଅଂଚଳଟା ଚନ୍ଦା ଥାଏ ଯା'ର    ସେ କୁଆଡେ ଜ୍ଞାନବାନ୍,
ପଛ ଚନ୍ଦା ଲୋକ ଭାରି ନକୁଛିଆ    ସିଏ କାଳେ ବେଇମାନ୍ ।।

ମୁଣ୍ଡେ ଯା'ର ବାଳ ଖୋଜିଲେ ମିଳେନା ପୂରା ଚନ୍ଦା, ଲଣ୍ଡା ପଣ୍ଡା,
ଭିଲିଆନ୍ ପରି ମୁହଁଟା ସୁନ୍ଦର    ଦିଶୁଥାଏ ସଦା ଭେଣ୍ଡା,
ତେଲ, ସାମ୍ପୁ ଅବା ପାନଆ ଲୋଡେନ କେବେବି ନିର୍ବାଳମୁଣ୍ଡା ।।

ବାଳ ଥିଲେ ତାକୁ ଅନେକ ପ୍ରକାରେ    ସେଲୁନରେ କରି ବାଗ,
ହିପ୍ପି, ଚଡୁରି, ବାବୁରି, ତଲ୍ଲରି    କଟିଙ୍ଗର କେତେ ଢଙ୍ଗ,
ହିରୋ ହିରୋଇନ ଅନୁକରଣରେ    ମର୍ ହୁଏ ପୁଣି ରଙ୍ଗ ।।

ବାଳ ନଝଡିବା ସାମ୍ପୁ ବିଜ୍ଞାପନେ    ଖର୍ଚ୍ଚ ଲକ୍ଷଲକ୍ଷ ଟଙ୍କା,
ତଇଳ, ସାବୁନ୍, କ୍ରିମ୍ ଓଗେର    ନେଇଛନ୍ତି ଅବା ଠିକା,
ବାଳ ପାଚଗଲେ କଳା କର ତାକୁ    ଦିଶୁଥିବ ଗଜା ଟୋକା ।।

ବାଳର କାଉଁରୀ ଛୁଆଁରେ କୁଆଡେ    ପ୍ରେମ ହୁଏ ଉତପନ୍ନ,
ଘନକେଶୀ ବାଳା କୁଆଁରୀ ମୁହଁଟା    ତେଣୁ ଲାଗେ ରୂପାଜହ୍ନ,

ସେଇ ବାଳ କନ୍ତୁ ଖାଦ୍ୟ ବାହାରିଲେ ମନ ହୁଏ ଅପ୍ରସନ୍ନ ।।

ବାଳର ମହତ୍ଵ ଯିଏ ଯେତେ ବୁଝେ ମନଟା ତାହାର ଗୋପୀ,

ବାଳ ଶୂନ୍ୟ ଲୋକ ଫେସନ ଦେଖାଏ ନାଇ ନୂଆନୂଆ ଟୋପି,

ବାଳ ଖୋଜି ବାବୁ ହତାଶ ହୁଅନା ବାଳ ତ କମ୍ବଳବ୍ୟାପୀ ।।

ବାଳରେ ପୌରୁଷ, ବାଳରେ ସୌନ୍ଦର୍ଯ୍ୟ ବାଳ-ପ୍ରସାଧନ ମୂଳ,

ସଜାଇ ନଥିଲେ ମୁଣ୍ଡର ବାଳକୁ ଲୋକେ କହିବେ ପାଗଳ,

ସଜଡା ବାଳଟି ସୁନ୍ଦର ଲାଗଇ ଖୋସା ହୋଇଥିଲେ ଫୁଲ ।।

'ବାଳ ପ୍ରମାଣରେ ଖାତିର କରନ୍ତୁ ଘୋଡାମୁହାଁ ପୁଅ ମୋତେ',

ଦ୍ରଉପଦୀ କରିଥିଲେଟି ପ୍ରତିଜ୍ଞା 'ବାଳ ପଖାଳିବି ରକ୍ତେ',

ବାଳ ପାଇଁ ଯାଆ ବିଉଟି ପାର୍ଲର ତହିଁ ବାଳର ଖାତିର ଯେତେ ।।

ମୁଣ୍ଡ, ନଖ, ଦାଢ଼ୀ, ଭ୍ରୂଲତା ବାଳକୁ କାଟି /ଓପାଡିକ ସଜା,

କାହାକୁ କେମିତି ସୁନ୍ଦର ଦିଶିବ ଜାଣିଛି ନାପିତ ରଜା,

ଛାର ବାଳକୁ କାଟି ଫିଙ୍ଗିବାକୁ ଖର୍ଚ୍ଚ କର ନୋଟ୍, ରେଜା ।।

ବାଳଭୋଗ ଲାଗେ ଠାକୁରଙ୍କ ପାଖେ ତହିଁରେ ନଥାଏ ବାଳ,

ବାଳ -ସାହିତ୍ୟକୁ ଲେଖିଲାବେଳକୁ କବି ମୁଣ୍ଡ ଗୋଳମାଳ,

କ ବାଳ -କବିତା ଲେଖି ବସିଲି ମୁଁ ବର୍ବାଦ ହେଲା ସକାଳ ।।

ସାହିତ୍ୟାୟନ, କୋପରେଟିଭ୍ କଲେଜ,
୨ୟ ଗଳ, ରାୟଗଡ

# ଅଭିମାନୀ ଉତ୍କଳ ସନ୍ତାନ

ସଂଯୁକ୍ତା ରାଉତ

ବୀର ପ୍ରସବିନୀ ଉତ୍କଳ ଜନନୀ
ଗଙ୍ଗା ଠାରୁ ଗୋଦାବରୀ
ଯଶ ଅଇଶ୍ୱର୍ଯ୍ୟ ହରାଇଣ ଆଜି
ହୋଇ ଅଛି ହତଶିରୀ

ରାଟୁକାରଙ୍କର ରାଟୁ ଶୁଭେ ଆଜି
କାହିଁ ଗଲେ କର୍ମବୀର
ଜାତିର ଦୁର୍ଦ୍ଦିନ ଦିଶୁ ନାହିଁ କାରେ
ମାଳମାଳ ବାକ୍ୟବୀର

ଜାତିର ସମ୍ମାନ ସର୍ବମୁଖେ ଆଜି
ସ୍ଲୋଗାନ ପାଲଟି ଅଛି
ଜନନୀ ରୋଦନ ଶୁଭେ ଘନ ଘନ
କର୍ଣ୍ଣପାତ କ ହେଉଛି ??

ଜାତି କର୍ଣ୍ଣଧାର କାହିଁ ଗଲେ ହଜି
ଜାତି ଝୁରେ ଯାହା ପାଇଁ
ତୋଷାମୋଦିଆଙ୍କ ସଂଖ୍ୟା ବଢ଼ି ଚାଲେ
ସ୍ୱାଭିମାନ ଆଜି କାହିଁ

କୁକୁର ପ୍ରକୃତି ଅଇଁଠା ପତର
କେତେ ଦିନ ଏହା କୁହ
ସର୍ବ ଜନେ ଯଦି ହେବେ ଏକା ମତି
କେ ପୋଛିବ କା'ର ଲୁହ

ଇତିହାସ ଯା'ର କରେ ଜୟଗାନ
ଆମ ଯେ ସେହି ବଂଶଜ
ତାଙ୍କରି ଔରସୁ ଜାତ ହୋଇ ଆମେ
ସତେ କ ଏତେ ନିର୍ଲଜ୍ଜ

ତନ୍ଦ୍ରା ତେଜି ସର୍ବେ ହୁଅ ଜାଗରିତ
ନିଜ ସ୍ୱାର୍ଥ ମୋହ ତୁଟୁ
ସବୁରି ହୃଦୟେ ଜାତି ପ୍ରେମ ଭାବ
ଆପେ ଆପେ ଜାଗି ଉଠୁ

ତୋଷାମଦ ଛାଡି ହୁଅ ସ୍ୱାଭିମାନୀ
ସାଜ ଜାତିର ପରାଣ
ଜାତିର ଉନ୍ନତି ହେଉ ଆମ ନିତି
ଧର୍ମେ ଥାଉ ସଦା ମନ

ମୁଖର ବଚନ ନହେଉ ଶାଣିତ
ସ୍ୱଭାବ ହେଉ ମାର୍ଜିତ
ଜାତି ପ୍ରେମ ଧାର ଜାତିର ନର୍ଝର
ପ୍ରାଣେ ହେଉ ପ୍ରବାହିତ

ଦେଶ ମାତୃକାର ସୁଯୋଗ୍ୟ ସନ୍ତାନ
ନୋହୁଁ କେବେ ଆମେ ଭୀରୁ
କର୍ମ ପଥ ଧରି ଆଗେଇ ଯିବାରେ
ହୋଇ ନିଜେ ନିଜ ଗୁରୁ

ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# କବିତା... ଭିନ୍ନ ଏକ ପ୍ରେମ କଥା

ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ବର୍ତ୍ତମାନ ସମୟରେ ସମାଜ ପାଇଁ ମୋବାଇଲ ଏକ ଏମିତି ଅଙ୍ଗ ପାଲଟି ଯାଇଛି, ଯେ କେହି ବି ଏହା ପ୍ରେମରେ ପାଗଳ। କେବଳ ଯୁବ ସମାଜ ଏହାର ପ୍ରେମରେ ପଡିଛନ୍ତି ତାହା ନୁହେଁ, ସମାଜର ମୋଟ ଲୋକ ସଂଖ୍ୟାର ଶତକଡା ୮୫ ରୁ ୯୦ ଭାଗ ଲୋକ ଏହାର ବଶୀଭୂତ ଅଟନ୍ତି। ବିଶେଷକରି 4g ନେଟୱାର୍କ ଏବଂ jio ଆସିବା ପରଠାରୁ ଏହା ଯାଦୁ ସଦୃଶ ସମସ୍ତ ସମାଜକୁ ଗ୍ରାସ କରିସାରିଛି। ପ୍ରତ୍ୟକ କ୍ଷେତ୍ରରେ ଏହା ଖୁବ ଦକ୍ଷତା ର ସହିତ କାର୍ଯ୍ୟ ସମ୍ପାଦନ କରିପାରୁଛି।ଯେମିତି ଏହି ଛୋଟିଆ ଯନ୍ତ୍ରଟି ଭିତରେ ରହିଯାଇଛି ବିଶାଳ ପୃଥିବୀ ଟି ।

ସମସ୍ତଙ୍କ ଭଳ ଶ୍ରୀ ମନୋହର ଶର୍ମା ମଧ୍ୟ ମୋବାଇଲ କୁ ଘଡ଼ିଏ ଛାଡି ରହିବା ଭାରି ବିରକ୍ତିକର ଲାଗୁଥିଲା ତାଙ୍କୁ। ସାହିତ୍ୟ ଜଗତର ବେଶ ଜଣାଶୁଣା ଚରିତ୍ର ଅଟନ୍ତି । ତାଙ୍କର ପ୍ରତ୍ୟେକ ଟି ରଚନା ବେଶ ଖୁସି ଭରି ଦେଉଥିଲା ପ୍ରତ୍ୟେକଟି ପାଠକର ମନରେ। ସ୍ୱତନ୍ତ୍ର ଲେଖିବାର ଶୈଳୀ ସୃଷ୍ଟି ଗୁଡିକୁ ଜୀବନ୍ତ କରିଦେଉଥିଲା। ସେଦିନ ସନ୍ଧ୍ୟାରେ ମେଘ ଛାଡିଯିବା ପରେ ଡ୍ରଇଂ ରୁମରେ ଚା କପ ସହିତ ନିଜର ମୋବାଇଲ ଧରି ବସିଯାଇଥିଲେ ବୋଧହୁଏ କିଛି ନୂତନ ସୃଷ୍ଟିର ଆଶାରେ। କିନ୍ତୁ ହଠାତ ଗୋଟିଏ ମେସେଜ ବଦଳେଇ ଦେଲା ତାଙ୍କ ମୁହଁର ରଙ୍ଗକୁ । ମେସେଜଟି ଆସିଥିଲା ତାଙ୍କର ଜଣେ ପରିଚିତା ବାନ୍ଧବୀଙ୍କ whatsapp ରୁ। କିଛି ଲେଖା ସହିତ ଗୋଟିଏ ସୁନ୍ଦରୀ ତରୁଣୀଙ୍କର ଫଟୋ। ଲେଖାଥିଲା ଆପଣଙ୍କ ପାଇଁ ଗୋଟିଏ ଟାସ୍କ ଅଛି ଯେ ଏହି ଫଟୋକୁ ଦେଖି ଏକ କବିତା ଲେଖି ପଠାନ୍ତୁ ସଙ୍ଗେ ସଙ୍ଗେ । ଏ କ୍ଷେତ୍ରରେ ଯେ ଶର୍ମା ବାବୁ ବେଶ ପାରଙ୍ଗମ ଏହା ଥିଲା ନିଃସନ୍ଦେହ। ଏଣୁ ସେ ତୁରନ୍ତ ଲେଖିଦେଲେ ଏକ ରୂପ ପ୍ରଶଂସା ଗୋଟିଏ ପ୍ରେମିକର ଭାବନା ନେଇ । କହି ରଖୁଛି କି ଶ୍ରୀ ଶର୍ମା ବାବୁ ଆଜି ପର୍ଯ୍ୟନ୍ତ ଅବିବାହିତ ଅଟନ୍ତି ଏବଂ ପ୍ରେମ ମଧ୍ୟ

କରନ୍ତି, ନିଜର କବିତାକୁ । ତେଣୁ ଲେଖାଟି ପଠେଇ ସାରିବା ପରେ ମିଳିଥିଲା ଢେର ସାରା ପ୍ରସଂଶା ଓ ଭିନ୍ନ ଏକ ଟାସ୍କ।

ଭିନ୍ନ ଏକ ଟାସ୍କ ମାନେ ପରବର୍ତ୍ତୀ ଫଟୋ ଟି ଆସିଥିଲା ସେହି ବାନ୍ଧବୀଙ୍କ ମୋବାଇଲ ରୁ ଯାହାକି ଶର୍ମା ବାବୁଙ୍କ କଳ୍ପନା ବାହାରେ ଥିଲା। ଏଥରର ଫଟୋ ଟି ଥିଲା ବେଶ ସୁନ୍ଦର କମନୀୟ କାନ୍ତି ବହନ କରୁଥିବା ସେହି ବାନ୍ଧବୀଙ୍କ ଫଟୋ ଏବଂ ତଳେ ଲେଖାଥିଲା ଇଂରାଜୀ ଓ ଓଡ଼ିଆ ମିଶା ଲେଖା ।

--Sir, ଏହା ପାଇଁ ମଧ୍ୟ ଆପଣଙ୍କ ଭାବନାରୁ ଦୁଇ ଧାଡି ଲେଖି ପଠାଇବେ।ଏହା ଆପଣଙ୍କ ପାଇଁ ଆଜିର **H. W (home work)** ।

ହଠାତ ଏଭଳି ଏକ ପରିସ୍ଥିତି ସମ୍ମୁଖରେ ଆସି ପହଁଚିଯିବ ଏହାଥିଲା ଶର୍ମା ବାବୁଙ୍କ କଳ୍ପନା ବାହାରେ। ଆପଣମାନଙ୍କୁ ଜଣେଇ ଦେବାକୁ ଚାହେଁ କି ଶର୍ମା ବାବୁ ଓ ତାଙ୍କର ସେହି ବାନ୍ଧବୀ ଦୁହେଁ ଗୋଟିଏ ବିଭାଗରେ କାର୍ଯ୍ୟରତ। ଏବଂ ସେହିଠାରେ ହିଁ ପ୍ରଥମ ଥର ଦୁହେଁ ଦୁହିଁଙ୍କୁ ଦେଖିଥିଲେ। ଉଭୟ ଗୋଟିଏ ବିଭାଗରେ କାର୍ଯ୍ୟ କରୁଥିବା କାରଣରୁ ଉଭୟ ଉଭୟଙ୍କୁ ବେଶ ସମ୍ମାନ ଦେଉଥିଲେ ଯଦିଓ ଶର୍ମା ବାବୁ ଟିକେ ପୁରୁଣା କର୍ମଚାରୀ ଭାବେ ଆଗରୁ ଥିଲେ। କହି ରଖୁଛି କି ଏହା ଭିତରେ ଶର୍ମା ବାବୁ କେତେବେଳେ ନିଜ ମନ ଭିତରେ ଏହି ବାନ୍ଧବୀଙ୍କୁ ସ୍ଥାନ ଦେଇ ସାରିଥିଲେ ନିଜେ ମଧ୍ୟ ଜାଣି ପାରିନଥିଲେ । ଉଭୟ ଉଭୟଙ୍କୁ ସମ୍ମାନ ଦେଉଥିବା କାରଣରୁ ଏବଂ ନିଜେ ଶର୍ମା ବାବୁ ଟିକେ ରକ୍ଷଣଶୀଳ ସ୍ୱଭାବର ହୋଇଥିବା କାରଣରୁ ନିଜ ମନ କଥାକୁ ନିଜ ମନ ଭିତରେ ସାଇତି ରଖି ନିଜ କାର୍ଯ୍ୟ ସମ୍ପାଦନ କରୁଥିଲେ।

ପୁଣି ଆସିବା ଫଟୋ ପ୍ରସଙ୍ଗକୁ। ସେହି ଫଟୋକୁ ଦେଖି ବେଶ କିଛି ସମୟ ପାଇଁ ନିଜ ପୁରୁଣା ଭାବନା ଭିତରେ ହଜିଯାଇଥିଲେ ସେ। କାରଣ କଥିତ ଅଛି ଯେ, "କେହି ବି କୌଣସି ପରିସ୍ଥିତିରେ ନିଜର ପ୍ରଥମ ପ୍ରେମ କୁ ଭୁଲି ପାରେ ନାହିଁ"। କିନ୍ତୁ ଇଏତ ଆଜିବି ଭଲ ପାଉଛନ୍ତି ମନେ ମନେ ଭୁଲିବେ ବା କେମିତି! ଏଭଳି ଭାବନା ଭିତରେ ପୁଣି ଏକ ମେସେଜର ଶବ୍ଦ ଶୁଣି ପୂର୍ବ ଅବସ୍ଥାକୁ ଫେରିଲେ ଶର୍ମା ବାବୁ। ଏଥର ଲେଖାଥିଲା--

--କଣ ହେଲା କଛି ଉତ୍ତର ନାହିଁ ? କୁଆଡେ ହଜିଗଲେ କ?

ଶର୍ମା ବାବୁ ସଙ୍ଗେ ସଙ୍ଗେ ପ୍ରକୃତିସ୍ଥ ହୋଇ ଉତ୍ତର ଦେଲେ..

-- ଠିକ ଅଛି। କଛି ସମୟ ଦିଅନ୍ତୁ

-- ok,କନ୍ତୁ ମୋ କଥା ଯେମିତି ଭୁଲି ନ ଯାଆନ୍ତି।

ଏହା ପରେ ସେ ପୁଣି ଥରେ ହଜିଗଲେ ନଜର ନରବ ପ୍ରେମ ଭାବନା ମଧ୍ୟରେ। ମନର ମାନସୀ ଫଟୋକୁ ବହୁଦିନ ପରେ ପାଇ ଖୁବ ଭାବୁକ ହୋଇଗଲେ ମୋବାଇଲରେ ଥିବା ଫଟୋକୁ ନଜ ଓଠରେ ଲଗାଇ ଏବଂ ନଜ ଛାତିରେ ଜାବୁଡି ଧରି ।ତାଙ୍କ ଅଜାଣତରେ କଛି ଲୁହ ତାଙ୍କ ଗାଲ କୁ ଓଦା କରିଦେଇଥିଲା ସେଇ କଛି ସମୟ ମଧ୍ୟରେ।

କହିଦେବାକୁ ଗଲେ ବି କ ବାନ୍ଧବୀ ଜଣଙ୍କ କଛି ବର୍ଷ କାର୍ଯ୍ୟ କରିବା ପରେ ତାଙ୍କର ଏଇ ବର୍ଷେ ହେବ ବଦଳ ହୋଇଯାଇଥିଲା ଅନ୍ୟ ଏକ ସ୍ଥାନକୁ। ତେଣୁ ପରସ୍ପର ମଧ୍ୟରେ ଦେଖା ସାକ୍ଷାତ ସମ୍ଭବ ନଥିଲା। ଏମିତି କେତେବେଳେ କେମିତି ଏଇ ସୋସିଆଲ ମିଡିଆ ରେ ଯାହା କଥାବାର୍ତ୍ତା ।

ତେଣୁ ବହୁଦିନ ପରେ ହଠାତ ଫଟୋ କୁ ଦେଖି ନଜର ଭାବନା ରାଜ୍ୟରେ ବୁଲିବା ବେଶ ସ୍ଵାଭାବିକ। ପତଳା ଚେହେରା ଗୌର ବର୍ଣ୍ଣ, ଉଚ୍ଚତା ମଧ୍ୟ ପ୍ରାୟ ସମାନ। ଆଗ୍ରର, ବିଗ୍ରର ବହୁତ ଉନ୍ନତ ଥିଲା। ଆଖିରେ କଳା ଓ ଓଠରେ ଟିକେ ହାଲକା ଲିପିଷ୍ଟିକ ମାରିଦେଲେ କୌଣସି ଅପସରୀ ଠୁଁ ବି କମ ଲାଗୁ ନଥିଲେ ସେହି ବାନ୍ଧବୀ। କୌଣସି ନଥିପତ୍ର ର ଆଦାନ ପ୍ରଦାନ ସମୟରେ ହେଉଥିବା କଛି ସ୍ପର୍ଶ କୁ ସେ ବେଶ ଅନୁଭବ କରି ରୋମାଂଚତ ହୋଇ ଉଠୁଥିଲେ।

ପ୍ରାୟ ସମୟ ଭାବୁଥିଲେ କ ତାଙ୍କ ମନର ମାନସୀ ସଦା ତାଙ୍କ ଆଖି ସମ୍ମୁଖରେ ରୁହନ୍ତା କ? ସେହି ରୂପକାନ୍ତି କୁ ମନ ଭରି ଉପଭୋଗ କରନ୍ତେ, ଏହିଭଳ ଅନେକ ଭାବନା ଭିତରେ ଯେ କେତେ ବେଳେ ଲଞ୍ଚ ବେଳ ହୋଇଯାଇଥିଲା ଜଣା ପଡିନଥିଲା ବାବୁଙ୍କୁ......

**.....**ଭିନ୍ନ ଏକ ଆନନ୍ଦ ର ଅନୁଭବ ରେ ଯଥେଷ୍ଟ ପୂର୍ବରୁ ଶର୍ମା ବାବୁଙ୍କର ଲଞ୍ଚ ସରିଯାଇଥିଲା । ପରେ ପରେ ପୁଣି ସେ ନିଜକୁ ଅଫିସ କାର୍ଯ୍ୟରେ ନିୟୋଜିତ କଲେ କିନ୍ତୁ ମନ ଆଉ ତାଙ୍କର ଅଫିସ କାର୍ଯ୍ୟରେ ସୀମିତ ନଥିଲା। ସେ ପହଁରୁଥିଲେ ନିଜ ରୂପବତୀ ରୂପସୀ ସହିତ ପ୍ରେମ ସାଗର ରେ, ଭାଙ୍ଗୁଥିଲେ ପ୍ରୀତିର ଲହଡି। ଏହା ମଧ୍ୟରେ ଅଫିସ କାର୍ଯ୍ୟ କୁ ଶେଷ କରି ନିଜ ଘରେ ପହଁଚିବା ପରେ ଟିକେ ଫ୍ରେସ ହୋଇ ସେ ସିଧା ଚାଲିଲେ ନିଜର ସାଧନା କକ୍ଷକୁ ଯେଉଁଠି ସେ ହୋଇଯାଉଥିଲେ ସୃଷ୍ଟି କର୍ତ୍ତା ବ୍ରହ୍ମା, ଓ ସୃଷ୍ଟି କରି ପାରୁଥିଲେ ଅନେକ ଗୁଡିଏ ମାନସ ସନ୍ତାନ ନିଜ ଲେଖନୀ ଚାଳନା କରି। ବାସ ଏହା ପରେ ବାହାର କଲେ ନିଜ ପକେଟରୁ ନିଜର ଦାମୀ i phone କୁ ଦେଖିଲେ whatsapp ରେ ଆସିଥିବା ଫଟୋ ଓ ଦିଆଯାଇଥିବା H.W କୁ। ଏହାପରେ ଟେବୁଲ ଉପରେ ଥିବା ନୋଟ ପ୍ୟାଡ଼ ରେ ଶବ୍ଦ ଚାତୁରୀ ମାଧ୍ୟମରେ ଅଙ୍କନ କରିବାକୁ ଲାଗିଲେ ସେଇ ସୁନ୍ଦରୀ ନାୟିକା ର ରୂପ ମାଧୁର୍ଯ୍ୟ କୁ। ବିଭିନ୍ନ ଅଳଙ୍କାର ଦେଇ ଖୁବ ସଜେଇଦେଲେ ନିଜର ମନର ମାନସୀ କୁ ଗୋଟିଏ ନନ୍ଦନବନ ର ପାରିଜାତ ପୁଷ୍ପ ପରି। ଅବଶ୍ୟ ଖୁବ ସଂଯମତା ରକ୍ଷା କରିଥିଲେ ଏଥିପାଇଁ। ଏହା ପରେ ତତ୍ କ୍ଷଣାତ ପଠାଇ ଦେଇଥିଲେ ନିଜ ବାନ୍ଧବୀଙ୍କ ନିକଟକୁ।

ବୋଧହୁଏ ବାନ୍ଧବୀ ଜଣଙ୍କ ଜାଣି ସାରିଥିଲେ ଯେ ଶର୍ମା ବାବୁ ତାଙ୍କୁ ପସନ୍ଦ କରନ୍ତି ଓ ମନେ ମନେ ଭଲ ପାଆନ୍ତି ବୋଲି। ସେଥିପାଇଁ ମନର କଥା ଜାଣିବା ପାଇଁ ସେ ଜାଣିଶୁଣି ପଠାଇଥିଲେ ଫଟୋକୁ ସେଦିନ। ଯାହାକୁ ଠିକ ଭାବରେ ବୁଝି ପାରିଥିଲେ ପଢିଥିବା କବିତା ରୁ। ଏଣୁ ପୁନର୍ବାର ମେସେଜ କଲେ ଶର୍ମା ବାବୁଙ୍କୁ। ଓ ଉଭୟଙ୍କ ମଧ୍ୟରେ ଚାଲିଲା କିଛି ବର୍ତ୍ତାଳାପ।

ବାନ୍ଧବୀ- hello,

ଶର୍ମା ବାବୁ- hii, କୁହନ୍ତୁ

-- ଗୋଟିଏ କଥା ପଚାରିବି, ସତ କହିବେ ।

--ହଁ, ପଚାରନ୍ତୁ। ଭୟ ନା ନିର୍ଭୟ।

-- ସତ କହିବେ ଯଦି ପଚାରିବି।

-- କୁହନ୍ତୁ।

--- ଆପଣ ମୋତେ ପସନ୍ଦ କରନ୍ତି?

-- ମାନେ !

-- Do you love me? Yes or no.

କିଛି ସମୟର ନୀରବତା ପରେ ଶର୍ମା ବାବୁଙ୍କ ଉତ୍ତର ଥିଲା

-- yes, love u so much

---କେବେ ଠାରୁ?

---ଅଫିସର ପ୍ରଥମ ଦେଖାରୁ ହିଁ ଆପଣ ମୋତେ ପସନ୍ଦ ଲାଗିଥିଲେ।

---କାହିଁ, ମୋତେ କେବେ କହି ନାହାନ୍ତି ତ ?

--ନା, ମନରେ ସ୍ଥିର କରି ନେଇଥିଲି ଯେ ଏମିତି ଆପଣଙ୍କ କଥାକୁ ଭାବି ଭାବି ରହିଯିବି ବୋଲି।ହଁ, ଆପଣ ମୋତେ ଭଲ ପାଆନ୍ତି କ ? କୁହନ୍ତୁ।

---ହଁ, ବହୁତ ଭଲ ପାଏ, ନିଜ ଜୀବନ ଠାରୁ ମଧ୍ୟ ଅଧିକ।

---ତେବେ ଆପଣ ମୋତେ ତ କହି ପାରିଥାନ୍ତେ ।

--plz, ଆପଣ ନକହି ତୁ ବୋଲି କୁହନ୍ତୁ ନା। ମୁଁ ବହୁତ ଥର ଭାବିଥିଲି କହିବା ପାଇଁ। କିନ୍ତୁ ତୁମେ କାଳେ କିଛି ଭାବିବ ସେଥିପାଇଁ କହି ନଥିଲି।

ଏହି ଭଳି ପ୍ରାୟ କିଛି ଦିନ ଖୁଲମ ଖୁଲା କଥା ବାର୍ତ୍ତା ପରେ ଦୁହେଁ ପରସ୍ପରକୁ ଭେଟିବା ପାଇଁ ନିଷ୍ପତ୍ତି ନେଲେ ସହରର ଏକ ଜଣାଶୁଣା ପାର୍କ ରେ । ଧାର୍ଯ୍ୟ ତାରିଖରେ ଦୁଇ ଜଣଙ୍କ ମଧ୍ୟରେ ଦେଖା ସାକ୍ଷାତ ଓ କିଛି ଅନ୍ତରଙ୍ଗ ମୁହୂର୍ତ୍ତ ପରେ ଦୁହେଁ ନିଷ୍ପତ୍ତି ନେଲେ ପରସ୍ପର ବିବାହ କରିବା ପାଇଁ ଏବଂ ଏହା ଉଭୟ ପରିବାରର ସମ୍ମତି ରେ ହେବ ବୋଲି ଆଲୋଚନା କରି ଫେରିଥିଲେ ନିଜ ନିଜ ପୂର୍ବ କର୍ମ କ୍ଷେତ୍ରକୁ, ଯଦିଓ କେହି କାହାକୁ ଛାଡି ଯିବାକୁ ପ୍ରସ୍ତୁତ ନଥିଲେ।

ଏହା ପରେ ଆରମ୍ଭ ହୋଇଥିଲା ସମସ୍ୟା।

...ଯେହେତୁ ଦୁହେଁ ଗୋଟିଏ ଜାତି ର ନଥିଲେ, ଉଭୟ ପରିବାର ଏ ସମ୍ପର୍କ ପାଇଁ କେବେ ରାଜି ହୋଇ ନଥିଲେ। କାରଣ ଉଭୟ ପରିବାରର କଛି ଖାତିର ଥିଲା ଗାଁ ରେ। ଶର୍ମା ବାବୁଙ୍କ ପରିବାରର ମୁଖ୍ୟ ଥିଲେ ତାଙ୍କ ବାପା (ଜେଜେ ବାପା)। ବ୍ରାହ୍ମଣ ହେତୁ ବେଶ ରକ୍ଷଣଶୀଳ। ଶାସନୀ ବ୍ରାହ୍ମଣ ଓ ୟାଙ୍କ ବାପା ବ୍ରାହ୍ମଣ ସମାଜର ମୁଖ୍ୟ, ଏଣୁ ସମସ୍ୟା ଟିକେ ଗମ୍ଭୀର ଥିଲା। ସେପଟେ ବାନ୍ଧବୀ ଜଣକ ହେଉଛନ୍ତି ଗୋପାଳ ସମ୍ପ୍ରଦାୟର। ଏଥିପାଇଁ ଦୁହିଁଙ୍କ ପରିବାର ଓ ସମ୍ପ୍ରଦାୟ ମଧ୍ୟରେ ଲାଗି ରହିଲା ଛକା ପଞ୍ଜା। ବାରମ୍ବାର ଉଭୟ ସମାଜର ଆଲୋଚନା, ତର୍କ ବିତର୍କ ରେ କୌଣସି ସୁଫଳ ମିଳୁ ନଥିଲା। ଏପଟେ ପ୍ରେମୀ ଦ୍ୱୟଙ୍କର ମିଳାମିଶା ଏକ ପ୍ରକାର ବନ୍ଦ ହୋଇ ଯାଇଥିଲା ଯାହାକି ଦୁଇ ଜଣଙ୍କ ଆକର୍ଷଣ ଶକ୍ତିକୁ ବଢ଼ାଉ ଥିଲା।

କଛିଦିନ ପରେ ହଠାତ ଦୁଇ ଜଣ ନିଷ୍ପତ୍ତି ନେଲେ ଯେ ଯଦି ଜୀଇଁବା ସାଥି ହୋଇ କମ୍ବା ମରିବ ଯଦି ସାଥି ହୋଇ। କନ୍ତୁ ଶ୍ରୀ ଶର୍ମା ଥିଲେ ଖୁବ ଦୃଢ଼ମନା। ଏଣୁ ସେ ନିଷ୍ପତ୍ତି ନେଲେ କ ସେହି ଦିନ ସନ୍ଧ୍ୟାରେ ସାଙ୍ଗ ହୋଇ ଘର ଛାଡ଼ି ଚାଲିଯିବେ। ତାହାହିଁ ହେଲା ସେହି ଦିନ ସଂଧ୍ୟାରେ ଦୁହେଁ ଘରଛାଡି ଚାଲିଗଲେ ଏବଂ ଜଣେ ବନ୍ଧୁଙ୍କ ଘରେ ରାତ୍ରୀଟି ଆଶ୍ରୟ ନେବା ପରେ ପରଦିନ ସକାଳେ ଟ୍ରେନ ଯୋଗେ ଚାଲିଗଲେ ଦେଶର ରାଜଧାନୀ ଦିଲ୍ଲୀ। ଦିନେ ଦୁଇ ଦିନ ର ବିଶ୍ରାମ ପରେ ଦୁହେଁ ସାଇ ବାବାଙ୍କ ମନ୍ଦିରରେ କଛି ନୂତନ ବନ୍ଧୁଙ୍କ ଉପସ୍ଥିତରେ ପରସ୍ପର ବାନ୍ଧି ହୋଇଗଲେ ଅତୁଟ ବନ୍ଧନରେ ଏବଂ ଏହାର କଛି ଫଟୋ କୁ ସେମାନେ ସେୟାର କରିଦେଇଥିଲେ ସୋସିଆଲ ମିଡିଆରେ।

ଏବେ ଫେରିବା ଗାଁ କୁ। ଦୁଇ ପ୍ରେମୀଙ୍କ ଖବର ଚହଳ ପକେଇ ଦେଇଥିଲା ସକାଳୁ ସକାଳୁ ଦୁଇ ଗାଁ ସହିତ ଆଖପାଖ ଅଞ୍ଚଳରେ ଏବଂ କଛି ସପକ୍ଷରେ ଓ କଛି ବିପକ୍ଷରେ ଟୁପୁର ଟାପର ମଧ୍ୟ ଚାଲିଥିଲା ଗାଁ ମାଇପି, ଛକ ଚାହା ଦୋକାନ ଓ ଗାଁ ମୁଣ୍ଡ ଛକରେ ଥିବା ସେଲୁନ ପାଖରେ। ଏପଟେ ଉଭୟ ସମ୍ପ୍ରଦାୟ ମଧ୍ୟର ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇ ସାରିଥାଏ, ତଥାପି ଉଭୟ ପକ୍ଷର କଛି ବୟୋଜ୍ୟେଷ୍ଠଙ୍କ ଉପସ୍ଥିତିରେ ସମାଧାନ ପାଇଁ ନିଷ୍ପତ୍ତି ହେଲା। ନିଷ୍ପତ୍ତି ଏପରି ଥିଲା କ ଉଭୟ ପରିବାରକୁ ଦୁଇଟି ପ୍ରସ୍ତାବ ଦିଆ ଯାଇଥିଲା।

ପ୍ରଥମ -- ପ୍ରତ୍ୟେକ ଯଦି ଗାଁ ସହିତ ମିଶି ରହିବେ ତେବେ ନିଜ ପିଲାଙ୍କୁ ଠାରୁ ସାରା ଜୀବନ ପାଇଁ ଦୁରେଇ ରହିବାକୁ ହେବ।

ଦ୍ୱିତୀୟ -- ଯଦି ନିଜ ପିଲାଠାରୁ ଦୂରେଇ ନ ରହିବ ତେବେ ଗାଁ ଓ ସମାଜ ଠାରୁ ଅଲଗା ରହିବାକୁ ହେବ।

ଏଭଳି ନିଷ୍ପତ୍ତିରେ କିଛି ଆଶ୍ଚର୍ଯ୍ୟ ହେବାର ନଥିଲା, କାରଣ ଏହାଥିଲା ସେହି ସମୟର ପ୍ରମୁଖ ଦଣ୍ଡାଦେଶ।

କନ୍ୟା ପକ୍ଷର ପରିବାର ପ୍ରଥମ ପ୍ରସ୍ତାବକୁ ଗ୍ରହଣ କରିନେଲେ । କିନ୍ତୁ ଶର୍ମା ବାବୁଙ୍କ ପରିବାର ଲୋକେ ଦ୍ୱିତୀୟ ପ୍ରସ୍ତାବ କୁ ଗ୍ରହଣ କରିନେଲେ। ଗ୍ରହଣ କରନେବାର କିଛି କାରଣ ବି ଥିଲା । ଶ୍ରୀ ଶର୍ମା ଥିଲେ ପରିବାରର ଗୋଟିଏ ବୋଲି ପୁଅ, ଏବଂ ପରିବାରରେ ଧନ ସମ୍ପତ୍ତି ର ଅଭାବ ନଥିଲା। ଅତଏବ ନିଜ ସମାଜ ଠାରୁ ଦୂରରେ ରହିଲେ ମଧ୍ୟ କିଛି ଫରକ ପଡିବ ନାହିଁ ଏହି ବ୍ରାହ୍ମଣ ପରିବାରକୁ । କିନ୍ତୁ ପରିବାରର ମୁଖ୍ୟ ତଥା ଜେଜେବାପା ଖୋକଠୋକ ଶୁଣେଇ ଦେଇଥିଲେ ଯେ ମୁଁ ଥିବା ପର୍ଯ୍ୟନ୍ତ ସେ କୁଳାଙ୍ଗାରଟା ଏଘରର ଛାଇ ଯେମିତି ନ ମାଡ଼େ। ଏହାର ଅର୍ଥ ଏହା ନୁହେଁ ଯେ ଜେଜେ ନାତି ର ଅଭାବ କୁ ଅନୁଭବ କରୁ ନଥିଲେ। ତାଙ୍କୁ କେବଳ ବାନ୍ଧି ରଖିଥିଲା ନିଜ ସ୍ୱାଭିମାନ ନିଜ ଆତ୍ମବଡିମା। ଏଥର ଧୀରେ ଧୀରେ ଖୁବ କମ ସମୟ ମଧ୍ୟରେ ନାତି ର ଚିନ୍ତାରେ ମୁଖ୍ୟଙ୍କ ଦେହ ଖରାପ ହେବାକୁ ଲାଗିଲା। ମନେ ମନେ ବହୁତ ଖୋଜିଲେ ନାତିକୁ ଟିକେ ଦେଖିବା ପାଇଁ, ବିଧିର ନିର୍ଦ୍ଦେଶ ବୋଧେ କିଛି ଅଲଗା ଥିଲା ।

ଏବେ ନବ ଦମ୍ପତିଙ୍କ ପାଖକୁ ଆସିବା ରାଜଧାନୀ ଦିଲ୍ଲୀ କୁ। ଦିଲ୍ଲୀ ଭଳି ସହରରେ ଚଳିବା ଏତେ ସହଜ ନଥିଲା ଦୁହିଁଙ୍କୁ, ଏଣୁ ଧୀରେ ଧୀରେ ଆର୍ଥିକ ସମସ୍ୟା ଦୁହିଁଙ୍କର ମୁଣ୍ଡ ବିନ୍ଧାର କାରଣ ସାଜିଥିଲା। ଉଭୟ ବହୁତ କଷ୍ଟ ସହିବା ପରେ ଶର୍ମା ବାବୁ ଏକ କମ୍ପାନୀ ରେ ସୁପରଭାଇଜର ରୂପେ ମାତ୍ର ବାର ହଜାର ଟଙ୍କାର ବେତନ ରେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ବୋଧହୁଏ ଯଥେଷ୍ଟ ନଥିଲା ଏଡ଼େ ବଡ଼ ସହରରେ ଖାଇବା, ଘରଭଡା ଇତ୍ୟାଦି ପାଇଁ। ଏଣୁ ପତ୍ନୀଙ୍କ ଅନୁରୋଧ କ୍ରମେ ଘରକୁ ଆସିଲା ଏକ ସିଲେଇ ମେସିନ। ଅଳ୍ପ ଅଳ୍ପ ସିଲେଇ କରିବା ପରେ ଧୀରେ ଧୀରେ ବିଭିନ୍ନ ଡ୍ରେସ ସିଲେଇ କରି କିଛି କିଛି ଅର୍ଥ ସଞ୍ଚୟ ମଧ୍ୟ ହେବାକୁ ଲାଗିଲା। ଏବଂ ଏହାର ପ୍ରଭାବରେ ମାସକୁ ପାଖା ପାଖି ଦୁଇ ରୁ ତିନି ହଜାର

ପର୍ଯ୍ୟନ୍ତ ରୋଜଗାର ମଧ ହୋଇଯାଉଥିଲା । ଏଣୁ ଘରଚଳାରେ ଆଉ ଆଗ ଭଳି ପ୍ରାୟ ଅସୁବିଧା ହେଉ ନଥିଲା । ଦୁଇଟି ପ୍ରାଣୀ ବେଶ ଆନନ୍ଦ ରେ ଦିନ କାଟୁଥିଲେ। ଏହିଭଳି କିଛି ଦିନ ଚାଲିବା ପରେ ହଠାତ ଦୁଃଖର ଦଲକାଏ ପବନ ପଶି ଆସିଲା ଶର୍ମା ବାବୁଙ୍କ ଘର ଭିତରକୁ ଅପ୍ରସ୍ତୁତ ଭାବରେ। କିଛି ଅସୁସ୍ଥତା ପାଇଁ ଯିବାକୁ ପଡିଲା ଶର୍ମା ବାବୁଙ୍କୁ ନିଜ ସହଧର୍ମିଣୀଙ୍କୁ ନେଇ ନିକଟରେ ଥିବା ଡାକ୍ତରଖାନାକୁ। ମନରେ କିଛି ଭୟ ଓ କିଛି ଖୁସି ମିଳିତ ଭାବରେ ପରସ୍ପର ମଧ୍ୟରେ ଦ୍ୱନ୍ଦ କରୁଥିଲେ ନିଜ ଅସ୍ତିତ୍ୱକୁ ଜାହିର କରିବା ପାଇଁ ଶର୍ମା ବାବୁଙ୍କ ମନରେ, ସେପଟେ ମଣିଷ ମନ ସବୁବେଳେ ପାପ ଚିନ୍ତା। ଏହିଭଳି ମୂହୂର୍ତ୍ତରେ ବହୁ ପରୀକ୍ଷା ନିରୀକ୍ଷା ପରେ ରିପୋର୍ଟ କାର୍ଡ ସହିତ ବାହାରକୁ ଆସିଲେ ଡାକ୍ତର ବାବୁ ଖୁବ ଖୁସି ମନରେ। ଶର୍ମା ବାବୁଙ୍କ ହାତରେ ହାତ ମିଳାଇ ଶର୍ମା ବାବୁ କିଛି ବୁଝିବା ଆଗରୁ କହିଲେ ***congratulations Sir*** ଆପଣ ବାପା ହେବାକୁ ଯାଉଛନ୍ତି।

ଏହା ଶୁଣିବା ପରେ ଶର୍ମା ବାବୁ ବହୁତ ଖୁସି ହୋଇଯାଇଥିଲେ କିନ୍ତୁ ତାଙ୍କ ମୁହଁରେ କିଛି ସମୟ ପାଇଁ ଖେଳି ଗଲା ଅନ୍ଧାରର ଏକ କଳା ବାଦଲ । ବୋଧହୁଏ ଅନୁଭବ କରିଥିଲେ ନିଜ ପରିବାର ସଦସ୍ୟଙ୍କ ଅନୁପସ୍ଥିତି କୁ। ପରେ ନିଜକୁ ସମ୍ଭାଳି ନେଇ ସ୍ତ୍ରୀଙ୍କୁ ସାଙ୍ଗରେ ଧରି ଫେରି ଆସିଲେ ଘରକୁ। ଖୁବ ଖୁସିର ସହକାରେ ଆଲିଙ୍ଗନ କରି କିଛି ମଧୁର ଚୁମ୍ବନ ଆଙ୍କି ଦେଇଥିଲେ ପତ୍ନୀଙ୍କ ଦୁଇ ଗାଲ ଓ ମଥାରେ ଏବଂ ଧନ୍ୟବାଦ ମଧ ଅର୍ପଣ କରିବାକୁ ଭୁଲି ନଥିଲେ ଏତେ ବଡ଼ ଖୁସି ଉପହାର ଦେଇଥିବାରୁ। ସଂଗେ ସଂଗେ ସିଲେଇ ମେସିନ ର ସବୁ ନଟ ଖୋଲାଗଲା ଏବଂ ବାନ୍ଧି ରଖିଦିଆ ଗଲା ଯତ୍ନ ରେ। ଏହା ପରେ ପରେ କଣ କରାଯିବ ଓ କଣ କରା ନଯିବ ଏହାକୁ ନେଇ ତତ୍ କ୍ଷଣାତ କିଛି ନିୟମର ଏକ ଚଠା ପ୍ରସ୍ତୁତ ହୋଇଗଲା ସହଧର୍ମିଣୀଙ୍କ ପାଇଁ। ଏହା ଭିତରେ ସଂଧ୍ୟା ଗଡି ସାରିଥିଲା କିଛି ଟିଫିନ୍ ଓ ଫଳ ରସ ପିଇବା ପାଇଁ ଦେଇ ସାରିବା ପରେ ଦୁହେଁ ସାମ୍ନାସାମ୍ନି ବସିଗଲେ ଖଟ ଉପରେ ଚାଲିଥିଲା କିଛି ତର୍କ ଦୁହିଁଙ୍କ ଭିତରେ। ପୁଅ ହେବ ନା ଝିଅ? ଯଦି ପୁଅ ହେବ ସେ କାହାଭଳି ହେବ, ତାହାର ନାମ କ'ଣ ଦିଆଯିବ? ଯଦି ଝିଅ ହେବ ତାହାର ନାମ କ'ଣ ଦିଆଯିବ? ସେ କ'ଣ ଡାକିବ ? କେଉଁଠାରେ ତାଙ୍କୁ ପଢାଯିବ? ଏହିଭଳି ଆଲୋଚନା ପ୍ରାୟ ରାତି ଅଧ ଯାଏଁ ଚାଲିବା ପରେ ନୀରବତା ଆସିଯାଇଥିଲା ଘର ମଧ୍ୟରେ, ବୋଧେ ଦିନଯାକ ଶ୍ରମ ବାଧା ରେ ଦୁହେଁ ଶୋଇଗଲେ କିଛି ସମୟ ପାଇଁ ।

...ଏପଟେ ଜେଜେଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଖୋଜିଲେ ନାତିକୁ ଶେଷ ଅବସ୍ଥାରେ ଟିକେ ଦେଖିବା ପାଇଁ, କିନ୍ତୁ ହଠାତ କୁ କୌଣସି ଯୋଗାଯୋଗ ସମ୍ଭବ ହୋଇପାରିଲା ନାହିଁ। ଶେଷରେ ଶେଷ ଇଛାକୁ ଇଛା ରେ ରଖିଦେଇ ଶୋଇଗଲେ ଜେଜେ ଚିର ନିଦ୍ରାରେ, ଚାଲିଗଲେ ସେଇ ଅଫେରା ରାଜ୍ୟକୁ। ସମସ୍ତଙ୍କ ମନରେ ଦୁଃଖ। କେହି କେହି କୁହା କୁହି ହେଉଥାନ୍ତି ମନରେ ଯଦି ନାତି ପ୍ରତି ପ୍ରେମ ଥିଲା ବୁଢା କଣ ପାଇଁ ଆଗରୁ କହିଲାନି। ବିଚରା ଶେଷ ବେଳେ ନିଜ ଅହଂକାର ପାଇଁ ନାତିଟାକୁ ଟିକେ ଦେଖି ପାରିଲାନି ଯାହା। ଏହି ଭଳି ବିଭିନ୍ନ ଆଲୋଚନା ଭିତରେ ବୁଢ଼ାଙ୍କର ଶୁଦ୍ଧିକ୍ରିୟା ସମାପ୍ତ ହୋଇଗଲା ପରେ ଘରଟାରେ ଶର୍ମା ବାବୁଙ୍କର ନନା, ବୋଉ ସହିତ ବୁଢ଼ୀ ମାଆ ଟା ସେମିତି ସୁଖ ଦୁଃଖରେ ଦିନ ବିତାଉ ଥାନ୍ତି। ଦିନେ ସକାଳୁ ମା' ହାତରେ ଚାହା କପ ସହିତ ପହଞ୍ଚିଲେ ଶର୍ମା ବାବୁଙ୍କ ନନା (ବାପା)ଙ୍କ ନିକଟରେ। ଚା' କପଟିକୁ ଟି ପଏ ରଖି ଦେଇ ବସିଗଲେ ସାମ୍ନାରେ ପଡିଥିବା ଚେୟାର ଉପରେ ଏବଂ ଧୀର ଗମ୍ଭୀର କଣ୍ଠରେ କହିଲେ, "ହେଇଟି ଶୁଣୁଛ ଗୋଟିଏ କଥା କହିବି ରଖିବ,ରାଗିବନି ତ। ଶର୍ମା ବାବୁଙ୍କ ନନା ପଢୁଥିବା ଖବରକାଗଜ କୁ ଥୋଇ ଚା' କପ ଟି ହାତରେ ଧରି ପଚାରିଲେ କଣ କହୁଛ? କୋଉ କଥା ଆଉ କହିବ?

ମା'- -ଏଇ ଆମ ମନୋହର କଥା ।

ନନା- -କାହିଁ କଣ ହୋଇଛି ମନୋହର ର, କାହାଠୁ କଣ ଶୁଣିଲ?

ମା'- - ନାଇମ, କାଲି ରାତିରେ କିଛି ଆଉସାଉ ସ୍ୱପ୍ନ କିଛି ଦେଖିଲି ତ ସେଥିପାଇଁ ମନଟା ଟିକେ ଭଲ ଲାଗୁନି। ତାକୁ ଆମ ଘରକୁ ଫେରେଇ ଆଣିଲେ କେମିତି ହୁଅନ୍ତା ?

ନନା- -ହେଉ ଦେଖିବା, କିନ୍ତୁ ତାହାର ତ କିଛି ଖବର କି ଅନ୍ତର ନାହିଁ । ପିଲାଟା ଗଲା ଯେ ବୋପା ମାଆ ମଲେ କି ବଞ୍ଚିଲେ କିଛି ଦିନେ ପଚାରିଲାନି। କୋଉଠି ଖୋଜିବା ତାକୁ। ହେଉ ଦେଖିବା କଣ ହେଉଛି।

ଏହି ଭଳି କିଛି କଥା ବାର୍ତ୍ତା ପରେ ଉଭୟ ନିଜ ନିଜ କାର୍ଯ୍ୟ ରେ ବ୍ୟସ୍ତ ରୁହନ୍ତି, ଯଦିଓ ମଝିରେ ମନେ ପଡ଼ିଲା ବେଳେ ପୁଣି କିଛି ଆଲୋଚନା କରି ଦୁଃଖ ପ୍ରକାଶ ଦିନ ବିତାଉ ଥାନ୍ତି ପରିବାରର ତିନି ପ୍ରାଣୀ। କେବଳ ପୁଅ ଫେରିବାର ମିଛ ଆଶା ନେଇ। ତଥାପି ମାଆ ମନ କେତେ ଦିନ ବା ଚୁପ ରହିଥାନ୍ତା ଆଉ...

ଶୁକ୍ଳପକ୍ଷ ଚନ୍ଦ୍ରମାର କଳା ବୃଦ୍ଧି ଭଳି ସେପଟେ ମିସେସ ଶର୍ମାଙ୍କ ଦିନ ମଧ ଗଡି ଗଡି ଉପଯୁକ୍ତ ସମୟ ଆସି ଉପନୀତ ହୋଇଗଲା । ଏଣୁ ଶ୍ରୀଯୁକ୍ତ ଶର୍ମା ଖୁବ ଶୀଘ୍ର ବ୍ୟବସ୍ଥା କରି ପତ୍ନୀଙ୍କୁ ନେଇ ପହଁଚଲେ ଡାକ୍ତରଖାନାରେ ଚକସିତ ହେଉଥିବା ଡାକ୍ତରଙ୍କ ପାଖରେ । କାରଣ ଶ୍ରୀଯୁକ୍ତ ଶର୍ମା କୌଣସି ପ୍ରକାରର ରିସ୍କ ନେବାକୁ ଚାହୁଁନଥିଲେ । ଠିକ ସମୟରେ ***normal delivery*** ରେ ଜନ୍ମ ନେଇଥିଲା ଗୋଟିଏ ପୁତ୍ର ସନ୍ତାନ ମିସେସ ଶର୍ମାଙ୍କ କୋଳରେ । ଖବର ଶୁଣିବା ପରେ ଖୁସିରେ ପାଦ ତଳେ ଲାଗୁ ନଥାଏ ଶର୍ମା ବାବୁଙ୍କର । ଡାକ୍ତରଖାନାର ସମସ୍ତ କର୍ମଚାରୀଙ୍କ ମୁହଁ ମିଠାର ବ୍ୟବସ୍ଥା କରାଗଲା ଏବଂ ନିଜେ ଶର୍ମା ବାବୁ ଏକ ମିଠା ପୁଡ଼ିଆ ହାତରେ ଧରି ଚାଲିଲେ ଡାକ୍ତରଙ୍କ ନିକଟକୁ ନିଜର କୃତଜ୍ଞତା ଜଣାଇବା ପାଇଁ । ଡାକ୍ତରଖାନାର ସମସ୍ତ ପରୀକ୍ଷା ପରେ ନୂଆ ଅତିଥିକୁ ସାଙ୍ଗରେ ଧରି ଘରକୁ ଫେରିଲେ ଶର୍ମା ଦମ୍ପତି । ଶିଶୁର ସମସ୍ତ କାର୍ଯ୍ୟକ୍ରମ ନୀତି ନିୟମ ଅନୁସାରେ ସମାପନ କରି ନାମକରଣ କରାଯାଇଥିଲା । ମାତା ପିତାଙ୍କ ନାମାନୁସାରେ ଶିଶୁର ନାମ ***ମନପ୍ରିତ ଶର୍ମା*** ଓ ଶ୍ରଦ୍ଧା ନାମ "ସାର୍ଥକ" ରଖାଗଲା ।

ନିଜର ଉଦିଆ ଜହ୍ନକୁ ଦେଖି ବେଶ ଖୁସିରେ ଦିନ କାଟିଦେଉଥିଲେ ସ୍ୱାମୀ ସ୍ତ୍ରୀ ଦୁଇ ଜଣ । କେତେବେଳେ ଆକାଶରେ ଜହ୍ନକୁ ଦେଖେଇ ମାଆ ଖୁସି ହେଉଥିଲେ ତ କେତେବେଳେ ଶର୍ମା ବାବୁ ନିଜେ ଘୋଡା ହୋଇ ନିଜ ବାପ ପାଣିଆକୁ ଜାହିର କରି ଖୁସିରେ ବିଭୋର ହୋଇଯାଉଥିଲେ । ଏ ସବୁକୁ ସାଇତି ରଖିବାରେ କେବେବି ଅବହେଳା କରୁ ନଥିଲେ ଉଭୟ ମାଆ ଓ ବାପା । ଅନେକ ଫଟୋ ତୋଳି ରଖୁଥିଲେ ସ୍ମୃତି ପାଇଁ ନିଜ ସ୍ମାର୍ଟ ଫୋନ ରେ । କେତେ ଭଳି ଭଳି କଣ୍ଢେଇ, ଖେଳନାର ଶବ୍ଦ ଓ ରଙ୍ଗ ବେରଙ୍ଗର ଡ୍ରେସ ଆଦିରେ ପୁରି ଉଠୁଥିଲା ଛୋଟିଆ ଘରଟି ।

ସମୟ ତ ସବୁବେଳେ ତା'ର ବାଟରେ ଏକ ଅବିଶ୍ରାନ୍ତ ବାଟୋଇ ଭଳି ଚାଲୁଥାଏ ଲକ୍ଷହୀନ ଭାବରେ, ଆମକୁ କେବଳ ତା ସହିତ ଚାଲିବାକୁ ପଡିଥାଏ ଆମ ର ଲକ୍ଷକୁ ପୂରଣ କରିବା ପାଇଁ । ଏହା ମଧରେ କେତେ ଶୀଘ୍ର ଯେ ଦଶ ମାସ ପୁରିଯାଇଥିଲା ଜଣାପଡିନଥିଲା ଉଭୟଙ୍କୁ । ଦଶ ମାସରେ ଯଥାବିଧି ସାଇ ବାବାଙ୍କ ଆଶୀର୍ବାଦ ନେଇ ଅନ୍ନପ୍ରାସନ୍ନ କରାଗଲା । ଏମିତି ଖୁସି ଭିତରେ ନିଜ କରୁଣାରନିଧି ହୃଦ ଚନ୍ଦନ ର ସ୍ୱର୍ଣକ୍ଷେତ୍ର ଉତ୍ସବ ଖୁବ ଧୁମଧାମରେ ପାଳନ କରିବାର ଯୋଜନା ପ୍ରସ୍ତୁତ ଚାଲିଥିଲା । ସେଦିନ ଖରାବେଳେ ବାଜି

ଉଠିଥିଲା ଘରର କଲିଂ ବେଲ, ଦୁଆର ସମ୍ମୁଖରେ ଥିଲେ ଡାକ ପିଅନ ହାତରେ ଏକ ଚଠିକୁ ଧରି। ଦ୍ୱାର ଖୋଲିବା ପରେ ଶ୍ରୀମତୀ ଶର୍ମାଙ୍କୁ ଚଠିଟି ଦେବା ପରେ ଚଠିଟିକୁ ଏପଟ ସେପଟ କରି ଦେଖି ଶର୍ମା ବାବୁଙ୍କ ଅଜାଣତରେ ଆଖି ପୋଛିଦେଲେ ଏବଂ ଚଠିଟିକୁ ବଢ଼େଇ ଦେଲେ ଶର୍ମା ବାବୁଙ୍କୁ। ବେଶ ଉତ୍କଣ୍ଠାର ସହିତ ଚଠି ଟିକୁ ଭିଡି ନେଇ ଠିକଣା ଜାଗା ଠିକୁ ପଢ଼ିଲା ପରେ ଶର୍ମା ବାବୁ ତାକୁ ନିଜ ଓଠରେ ଛାତିରେ ଲଗାଇ ଖୁବ ଜୋର ରେ କାନ୍ଦିବାକୁ ଲାଗିଲେ ଛୋଟ ପିଲାଟିଏ ଭଳି। ଏହା କୁ ଦେଖି କେମିତି ବି ସହି ପାରିଥାନ୍ତେ ଶ୍ରୀମତୀ ? ଏତେ ଦୃଢ଼ ମନା ବ୍ୟକ୍ତି ଜଣକ ଏମିତି ଅଧର୍ଯ୍ୟ ହେବା ଖୁବ ବାଧିଲା। ଏଣୁ ନିଜ ସ୍ୱାମୀଙ୍କୁ କୋଳକୁ ଟାଣିନେଇ ବୁଝେଇବାକୁ ଖୁବ ଚେଷ୍ଟା କରିବା ପରେ ସ୍ୱାମୀଙ୍କ ହାତରୁ ଚଠିଟି ନେଇ ପଢିବା ଆରମ୍ଭ କଲେ ଶ୍ରୀମତୀ ଶର୍ମା।

ଚଠିଟି ଶର୍ମା ବାବୁଙ୍କ ମାଆଙ୍କର ହାତ ଲେଖା ଥିଲା, ସେଥିରେ କେବଳ ପରିବାରର ସମସ୍ତଙ୍କ ମନର ଅଭିମାନ, ଦୁଃଖ ଓ କୋହଭରା ଶବ୍ଦରେ ପରିପୂର୍ଣ୍ଣ। ସେଥିରେ ଜେଜେଙ୍କ ସମସ୍ତ ତଥ୍ୟ କୁ ଅତି ସରଳ ଭାବରେ ଲେଖାଯାଇଥିଲା, କପରି ଶେଷ ଅବସ୍ଥାରେ ନିଜର ନାତିକୁ ଦେଖିବା ପାଇଁ ବ୍ୟାକୁଳ ହୋଇଥିଲେ, ଜେଜେ ମାଆଙ୍କ ଅବସ୍ଥା, ନନାଙ୍କ ଇଛା ଇତ୍ୟାଦି। ଏହାକୁ ଖୁବ କଷ୍ଟରେ ମନରେ ଉଠୁଥିବା କୋହକୁ ଚାପିରଖି ନୀରବରେ ପଢି ଚାଲୁଥିଲେ ମିସେସ ଶର୍ମା କିନ୍ତୁ ଆଖି କୋଣରୁ ଝରି ଆସୁଥିବା ଉତ୍ତପ୍ତ ଲୁହକୁ ଅଟକାଇ ରଖିବାରେ ବିଫଳ ହୋଇ ଯାଉଥିଲେ ଶ୍ରୀମତୀ। ଚଠିର ଠିକ ଶେଷରେ ଅନୁରୋଧଟିଏ ଲେଖାଥିଲା ନନାଙ୍କ ତରଫରୁ। ପୁଅ ଯାହା ବି ହେବାର ଥିଲା ହୋଇ ସାରିଲାଣି ଏବେ ତୁ ଯେମିତି ଅଛୁ ଆମ ନିକଟକୁ ଚାଲିଆସ। ଏ ବୟସର ଅପରାହ୍ନରେ ତୋର ସାହାରା ଟିକଏ ଦରକାର ପଡୁଛି। ଏଣୁ ଏ ବୁଢା ବାପା ମାଆଙ୍କ କଥାକୁ ଭାବି ଫେରିଆସ ବାବୁ।

ଚଠିର ଶେଷରେ ଘରେ ବ୍ୟବହାର କରୁଥିବା ଫୋନ ନମ୍ବରଟି ମଧ ଓଡ଼ିଆ ଅକ୍ଷର ରେ ଲେଖାଥିଲା। କାଳ ବିଳମ୍ବ ନକରି ନିଜ ସ୍ମାର୍ଟ ଫୋନ ରୁ ଡାଏଲ କଲେ ଶର୍ମା ବାବୁ। ଦୁଇ ତିନଥର ରିଂ ହେବା ପରେ ସେପଟୁ ଥରଥର କଣ୍ଠରେ ଶୁଣାଗଲା ହେଲୋ, ବୋଧହୁଏ ଫୋନ ଟି ଉଠେଇଥିଲେ ବୁଢ଼ୀ ମାଆ। ଟିକେ ସମୟ ପରେ ଆଉ ଏକ କଣ୍ଠ ସ୍ୱର ଶୁଣି ସ୍ଥିର ହୋଇଯାଇଥିଲେ ଶ୍ରୀଯୁକ୍ତ ଶର୍ମା। କିଛି ସମୟର ନୀରବତା ପରେ ଆଉ ଏକ ଶବ୍ଦ ଭାଙ୍ଗିଦେଇଥିଲା ସହିବାର ସବୁ ସୀମା କୁ। ଶବ୍ଦ ଟି ସେପଟୁ ଥିଲା ବୋଉଙ୍କ ର, ହେଇଟି

ଶୁଣୁଛ ଦେଖ କିଏ ଫୋନ କରିଛି। ମାଆ ଆସନ୍ତୁ ଶୁଣିବେ ମୋ ମନୁ ଫୋନ କରିଛି। ମାଆ ନା ଛୁଆର ନିଶ୍ୱାସ ରୁ ଜାଣି ପାରନ୍ତି ସନ୍ତାନ କୁ, ମୁହଁକୁ ଦେଖିଦେଲେ ପଢ଼ିଦେଇଥାନ୍ତି ଛାତି ତଳର କଷ୍ଟ କୁ। ଏ ଭିତରେ ବେଶ କିଛି ସମୟ ମାନ ଅଭିମାନରେ କଥା ହୋଇଥିଲେ ଉଭୟ ମାଆ ଓ ପୁଅ। ଏହାପରେ ବୋହୂର ହାତରୁ ଫୋନ ଛଡାଇ ନେଇ ଜେଜେ ମାଆ ଦେଇଦେଇଥିଲେ ନିଜ ପୁଅକୁ କିନ୍ତୁ ଇଛା ଥାଇ ମଧ୍ୟ ନାହିଁ କରିଦେଇଥିଲେ କଥା ହେବାପାଇଁ। ବହୁତ ବାଧ୍ୟ ପରେ କଥା ହୋଇଥିଲେ । ଏହିପରି ଭାବରେ ଧୀରେ ଧୀରେ ପ୍ରତ୍ୟେକ ଦିନ ନିୟମିତ ଭାବରେ ଉଭୟଙ୍କ ମଧ୍ୟରେ ଚାଲିଲା କଥାବାର୍ତ୍ତା। ନାତିର ଖନେଇ ଖନେଇ କଥାବାର୍ତ୍ତା ଓ ଭିଡିଓ କଲିଂ ରେ ତା'ର ଜୀବନ୍ତ ଛବି କୁ ଦେଖି ବେଶ ଆନନ୍ଦିତ ହେଉଥିଲେ ବୁଢାବୁଢ଼ୀ ।

ଏମିତି ବାପା, ମାଆ, ନାତି, ଅଣନାତି କଥାବାର୍ତ୍ତା ଭିତରେ ସୁଖ ସମୟର ରଥ ମଧ୍ୟ ଗଡି ଚାଲୁଥାଏ ବୋଧ ହୁଏ ଦୃତ ଗତିରେ। ଏହା ମଧ୍ୟରେ ସାର୍ଥକର ସ୍ୱନ୍ନକ୍ଷତ୍ର ସମୟ ପ୍ରାୟ ପାଖାପାଖି ହୋଇ ଆସିଥାଏ, ଏଣୁ ସମସ୍ତଙ୍କ ଆଲୋଚନା ପରେ ପୁଅ ବୋହୁଙ୍କ ଅନୁରୋଧ କ୍ରମେ ନିଷ୍ପତ୍ତି ହେଲା ଦୁହେଁ ନନା ଓ ବୋଉ ଦିଲ୍ଲୀ ଯିବେ ଏବଂ ସେଠାରେ ସାର୍ଥକ ର ଜନ୍ମ ଉତ୍ସବଟିକୁ ପାଳନ ପରେ ସମସ୍ତେ ତହିଁ ପର ଦିନ ସକାଳ ଟ୍ରେନରେ ଫେରି ଆସିବେ ଗାଁ କୁ। ଯୋଜନା ଆଧାରରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଗଲା। ଶର୍ମା ବାବୁ ନିଜ ନନା ଓ ବୋଉଙ୍କ ପାଇଁ ଆସିବା ଓ ଯିବା ଟିକେଟ ମଧ୍ୟ କରିଦେଇଥିଲେ। ଉପଯୁକ୍ତ ସମୟରେ ଗାଁ ରୁ ନନା ବୋଉ ଆସି ପହଁଚଲେ ଦିଲ୍ଲୀ ଷ୍ଟେସନରେ। ସାଥିରେ କିଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହିତ ନାତିର ପୂଜା ପାଇଁ ଗାଁ ଦୋକାନରୁ କିଛି ଘିଅ ଲଡୁ ଓ ବାଡ଼ିରେ ଫଳଥିବା ପାଚିଲା ଫଳ ମଧ୍ୟ ଆଣିଥାନ୍ତି ସାଥିରେ। ଟ୍ରେନରୁ ଓହ୍ଲାଇବା ପରେ ବୁଢ଼ା ବୁଢ଼ୀ ଦୁଇଜଣ ପ୍ଲାଟଫର୍ମ ର ଚେୟାର ଉପରେ ବସି ଟିକେ ଥକା ମେଣ୍ଟେଇବା ବେଳକୁ ସେମାନଙ୍କ ପାଦକୁ କେହି ଛୁଇଁବାର ଅନୁଭବ କରି ଠିଆ ହୋଇଗଲେ ଦ୍ୱୟ। ଆଖିରେ ଆଖିଏ ଲୁହ ଭରି ଆସିଲା ଦୁଇ ଜଣଙ୍କ ଆଖିରେ। ଆଖି ସମ୍ମୁଖରେ ଦୁଇ ବର୍ଷ ତଳୁ ଦୁରେଇ ଯାଇଥିବା ନିଜ ହୃଦ ଚନ୍ଦନ କୁ ଦେଖି। ପୁଅକୁ ନନା ଓ ବୋଉ ଜଣଙ୍କ ପରେ ଜଣେ କୋଳକୁ ଟାଣି ନେଇ ମୁଣ୍ଡ ଦେହକୁ ଆଉଁସି ଦେଇ ଭଲମନ୍ଦ ସବୁ ପଚାରିଦେଲେ ଏବଂ ପରେ ପରେ ବାହାରି ଆସିଲେ ପୁଅ ରହୁଥିବା ଘରକୁ।

ଘରଟି ବେଶ ସୁନ୍ଦର ଦିଶୁଥାଏ ସାଜସଜ୍ଜା କାରଣରୁ, ଦ୍ୱାର ସମ୍ମୁଖରେ ତୋରଣ ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ମଧ୍ୟ ହୋଇଥାଏ।

ଘର ଭିତରେ ରଙ୍ଗ ବେରଙ୍ଗର ଲିଚୁ ସାଙ୍ଗକୁ ଭଳକ ଭଳ ବେଲୁନରେ ସଜା ହୋଇଥାଏ birthday ପେଣ୍ଡାଲ ଟି। ଅନ୍ୟ ପଟରେ ରୋଷେଇ ସାମଗ୍ରୀ ସହିତ ରୋଷେଇୟା ତା'ର ଖାଦ୍ୟ ପ୍ରସ୍ତୁତି ରେ ଲାଗିଯାଇଥାଏ। ପୁରୋହିତ ନନା ପ୍ରଭୁ ଶ୍ରୀ ସତ୍ୟନାରାୟଣଙ୍କ ପୂଜା ନିମନ୍ତେ ବିଭିନ୍ନ ମଣ୍ଡଳ କାଟୁଥାନ୍ତି, ଏଭଳ ଦୃଶ୍ୟ ଖୁବ ଖୁସି ପ୍ରଦାନ କରୁଥିଲା ଗାଁ ରୁ ଆସିଥିବା ନନା ବୋଉଙ୍କୁ। ଏଣୁ ବୁଲି ବୁଲି ସମସ୍ତ କାର୍ଯ୍ୟକୁ ଦେଖୁଥାନ୍ତି। ଧୀରେ ଧୀରେ ଅତିଥିମାନଙ୍କ ଆସିବା ଲାଗିଲା ଜଣଙ୍କ ପରେ ଜଣେ ହାତରେ କିଛି ଉପହାର ସହିତ।

ଏଣେ ପୂଜା ମଧ୍ୟ ସରିଯାଇଥାଏ, ଠାକୁର ଶ୍ରୀ ସତ୍ୟନାରାୟଣଙ୍କ ଉଦ୍ଦେଶ୍ୟରେ ହରିବୋଲ ହୁଳହୁଳି ପରେ ଠାକୁରଙ୍କ ଦେହରେ ଲାଗି ହୋଇଥିବା ସୁନାର ଲକେଟ ଥିବା ଚେନ ଟିଏ ଯାହା ସିଦ୍ଧାର୍ଥ ପାଇଁ ତା ମିଃ ଶର୍ମା ଙ୍କ ତରଫରୁ ଉପହାର ଥିଲା ତାକୁ ପିନ୍ଧା ଯାଇ ପ୍ରସାଦ ସେବନ ପରେ ଆରମ୍ଭ ହୋଇଥିଲା ଜନ୍ମ ଦିନ ପାର୍ଟି। ବେଲୁନ ଫଟା ଓ *happy birthday to you, happy birthday to you, happy birthday to you Sarthak* ଶବ୍ଦରେ ଘରଟି ସାରା ପ୍ରକମ୍ପିତ ହେବାକୁ ଲାଗିଲା ଏବଂ ଜେଜେବାପା ଓ ଜେଜେମାଆଙ୍କ ମଝିରେ ସାର୍ଥକ ଖୁବ ଆନନ୍ଦ ରେ କାଟିଥିଲା କେକ। ଏହାର କିଛି ସମୟ ପରେ ଚାଲିଲା ଖା ପିଆର ମାହୋଲ ଯାହା ଚାଲିଥିଲା ପ୍ରାୟ ରାତି ଏଗାରଟା ପର୍ଯ୍ୟନ୍ତ।

ଏପଟେ ବୁଢା ବୁଢ଼ୀଙ୍କ ଆଖିରେ ନିଦ ନଥାଏ, କେତେବେଳେ ରାତି ପାହିବ ତା'ରି ପ୍ରତିକ୍ଷାରେ ଥାଆନ୍ତି, କିନ୍ତୁ ବିଧିର ବିଧାନ ଥିଲା ଅଲଗା କିଛି। ସେପଟେ ପୁଅ ବୋହୂ ନିଜ ନିଜ ଭିତରେ ଆଲୋଚନା କରୁଥାନ୍ତି ଗାଁ କୁ କେଉଁ ମୁହଁ ନେଇ ଯିବା? କି ଉତ୍ତର ରଖିବା ବନ୍ଧୁ ବାନ୍ଧବଙ୍କ ପାଖରେ? ଏହିଭଳି ଅନେକ ପ୍ରଶ୍ନର ଅଡୁଆ ସୂତା ଭିତରେ ଛନ୍ଦି ହୋଇଗଲେ ଦୁଇ ଦମ୍ପତି। କାରଣ ଶ୍ରୀଯୁକ୍ତ ଶର୍ମା ଥିଲେ ବହୁତ ସ୍ୱାଭିମାନ, କୌଣସି ବି ପରିସ୍ଥିତିରେ ସେ ମୁଣ୍ଡ ନୁଆଇଁ ଚାଲିବାକୁ ପସନ୍ଦ କରୁ ନଥିଲେ । ଏଣୁ ଦୁହେଁ ନିଷ୍ପତ୍ତି କଲେ ଯେ କାଲି ସକାଳେ ଆମେ ନୁହେଁ କେବଳ ଆମ ପୁଅ ସାର୍ଥକ ହିଁ ନନା ବୋଉଙ୍କ ସହିତ ଗାଁ କୁ ଫେରିବ।ଏହା ଶର୍ମା ବାବୁଙ୍କ ପୂର୍ବ ଯୋଜନା ଥିଲା ଏଥିପାଇଁ ଜାଣିଶୁଣି କେବଳ ନନା

ବୋଉଙ୍କ ପାଇଁ ଟିକେଟ ର ବ୍ୟବସ୍ଥା କରିଥିଲେ। ଗୋଟିଏ କାଗଜ ଆଣି ନିଜ ନନା ବୋଉଙ୍କୁ ନିଜ କର୍ମ ପାଇଁ ଭୁଲ ମାଗି ଏକ ଚିଠି ଲେଖିଥିଲେ ଏବଂ ଚିଠିର ପାଖରେ ସେମାନଙ୍କ ଯିବାର ଟିକେଟ କୁ ରଖି ଉଭୟ ସ୍ୱାମୀ ସ୍ତ୍ରୀ ଆଦରି ନେଲେ ବିଷକୁ ଓ ଶୋଇଗଲେ ଚିର ନିଦ୍ରାରେ।

ରାତି ପାହିବା ପରେ ସାର୍ଥକ ର କାନ୍ଦ କେବଳ ଶୁଣା ଯାଉଥିଲା ବାହାର କିନ୍ତୁ ଏ କାନ୍ଦକୁ ରୋକିବା ପାଇଁ କେହି ଚେଷ୍ଟା କରୁନଥିବାରୁ ଭିତରକୁ ଯାଇଥିଲେ ବୁଢ଼ା ବୁଢ଼ୀ ଦୁଇଜଣ। ଭିତରର ଅବସ୍ଥା ଯାହା ବର୍ଣ୍ଣନା କରୁଥିଲା ତାକୁ ଦେଖି ଦୁଇଜଣ ଯାକ ପଥର ପାଲଟି ଯାଇଥିଲେ। ନା ତାଙ୍କ ପାଖରେ ଥିଲା କହିବାକୁ କିଛି ଶବ୍ଦ ନା ସାମର୍ଥ୍ୟ। ବିକଳରେ ପୁଅ ବୋହୁଙ୍କ ପାଖରୁ ସ୍ୱାର୍ଥକକୁ ଆଣିଲା ବେଳକୁ ସେ ପିନ୍ଧିଥିବା ଚେନ ଟି ଛିଡି ପଡି ଯାଇଥିଲା ତଳେ ଓ ସାଇ ବାବାଙ୍କ ଲକେଟ ଟି ହୋଇଯାଇଥିଲା ଦୁଇ ଫାଳ। ଚେନ ଟିକୁ ତଳୁ ଗୋଟେଇ ଆଣି ଦେଖିଲା ବେଳକୁ ସେଥିରେ ଦୁଇଟି ଶବ୍ଦ ଖୁବ ସ୍ପଷ୍ଟ ଭାବରେ ଦେଖା ଯାଉଥିଲା ଯାହା ଥିଲା - """ମନୋହର କବିତା"""

ସା/ପୋ-ଚକାପଦା, ବେଗୁନିଆ, ଖୋର୍ଦ୍ଧା

# ଭିନ୍ନ ଏକ ଅନୁଚନ୍ତା



ଅବିନାଶ ବେହେରା

ଅହଂକାର ଯେବେ ବସା ବାନ୍ଧେ ମନେ,
ଅଧପତନର ସମୟ ଆସେ ଜୀବନେ ।
ରହି ନାହିଁ କାହା ରହିବ ନାହିଁ ଅହଂକାର,
ଗ୍ରାସେ ଯାକୁ ହୁଏ ନଷ୍ଟେ ସର୍ବନାଶ ତାର ।

କର୍ମମୟ ସଂସାରେ, ଯେ କରେ ସୁକର୍ମ,
ସେ ହୁଏ ଅମର, ମର ଧାମେ ଅର୍ଜି ଧର୍ମ ।
ଯେ କରେ ପରୋପକାର, ଧନ୍ୟ ସେ ନର,
ଦେବତା ଆସନେ ବସାଇ, ପୂଜେ ସଂସାର ।

ନ ହୋଇ ମ୍ରିୟମାଣ, କରି ଦୁଃଖକୁ ଆପଣାର,
କଷ୍ଟକର ସମୟରେ କେବେ ହୁଅନା ଅଧିର ।
ସମସ୍ୟାରେ ବ୍ୟସ୍ତ ନହୋଇ ରୁହରେ ସ୍ଥିର,
ଦେଖିବ ନଷ୍ଟେ ପଥ ମିଳଯିବ ସମାଧାନର ।

ହିଂସା ଦ୍ୱେଷ ଘୃଣା ହେଲେ ଉଭା ମନେ,
ଆଶାନ୍ତିର ଘନ କୁହୁଡି ମାଡେ ଜୀବନେ ।
ସବୁକୁ କରି ନିଜମନରୁ ଅନ୍ତର,
ଆୟତ୍ତ କରରେ ମନକୁ ନିଜର ।

ଭାବନା ରାଇଜେ ସଦା ନ କରି ଭ୍ରମଣ,
ସତ୍ୟକୁ କରି ଉପଲବ୍ଧି ଖୋଜ କାରଣ ।

ବୈରାଗ୍ୟର ଭାବ ଘେନ ହୁଅ ଅଗ୍ରସର,
ଲୋଭ ମୋହରେ ଛନ୍ଦି ନ ହୁଅ ତତ୍ପର ।

ନାନା ଉପାଖ୍ୟାନ ମହାପୁରୁଷ ଜୀବନୀ,
ପରିବର୍ତ୍ତନ ଆଣେ ମନେ କଛି କାହାଣୀ ।
ବୁଝିବା ସୁଝିବା ମଣିଷ ପାଇଁ ସବୁ ଅଛି,
ଅବୁଝା ଯିଏ ତାକୁ କଏ ଅବା ବୁଝଉଛି ।

ଧର୍ମ ଅର୍ଥ କାମ ମୋକ୍ଷ ଏ ଶବ୍ଦ ଗୁରି,
ବୁଝିବାକୁ ବେଳ ନାହିଁ ଯେ କାହାରି ।
କାମ ଆଉ ଅର୍ଥ ଦରକାର ସବୁରି,
ଭାବନ୍ତି ଧର୍ମ ମୋକ୍ଷ ନୁହେଁ ଦରକାରୀ ।

ଜାଣିଶୁଣି କେ ବାଛେ ନା ବାଟ କଷ୍ଟକର,
ସିଧା ବାଟେ ଯିବା ପାଇଁ ଇଚ୍ଛା ସଭିଙ୍କର ।
କଷ୍ଟରେ ଯେ ପାଏ ଲକ୍ଷପଥର ସନ୍ଧାନ,
ତାର ସାଧନା ହୁଏ ସଫଳ ରୂପାୟନ ।

ସବୁକୁ ସଜାଡିବା ପାଇଁ ଅକାରଣେ ଚେଷ୍ଟା,
ସମୟର ଅପଚୟ ସହ, ପଣ୍ଡ ହୁଏ ସବୁ ନିଷ୍ଠା ।
ନିଜେ ଯିଏ ନିଜକୁ ସଜାଡେ ସବୁଠୁ ବଢିଆ,
ଅସଜଡା ସଜାଡି ଯାଏ ଆପେ ଆପେ ତାହା ।

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ

# ସବୁଠୁ ସରସ



ଭଗିରଥୀ ଯାନୀ

ଆମରି ଦେଶର ଗର୍ବ ଓ ଗୌରବ
ଆଜିର ଏହି ଦିବସ
ଶୁଭ ଅବସର ଆସିଅଛି ଆଜି
ସଭିଏଁ ଏଠି ହରଷ ।୧।

ଜାତୀୟ ପତାକା ଜାତିର ସମ୍ମାନ
ଏ ଜାତିର ଶ୍ରେଷ୍ଠ ଚହ୍ନ,
ଏ ମାଟିର ଆମେ ସଭିଏଁ ସନ୍ତାନ
ଏଇଠି ଆମର ଜନ୍ମ ।୨।

ଆମେ ଏ ଦେଶର ଆମେ ଏ ଜାତିର
ରଖିବା ଆମେ ସମ୍ମାନ,
ଉତ୍ସବ ମଧ୍ୟରେ ଏହି ଉତ୍ସବଟି
ସବୁଠୁ ଅଟେ ପ୍ରଧାନ ।୩।

ଆମେ ଏ ଜାତିର ଜାତୀୟ ଉତ୍ସବ
ସବୁଠୁ ଲାଗେ ସରସ,
ଗ୍ରାମରୁ ସହର ଜନ ମନ ପ୍ରାଣ
ସ୍ୱାଧୀନତାର ସ୍ପରଶ ।୪।

ଜାତିର ସମ୍ମାନ ରକ୍ଷା କରିବାର
ଆମର ପରମ ଧର୍ମ,
ଦେଶ ହିତ ପାଇଁ ଶ୍ରମ ଦାନ କରି
କରିବା ଉତ୍ତମ କର୍ମ ।୫।

ରାମଚନ୍ଦ୍ର ପ୍ରାଣବନ୍ଧୁ ନୋଡାଲ ବିଦ୍ୟାପୀଠ,
ରାସଙ୍ଗ, ଗଣିଆ, ନୟାଗଡ

# ବଗିଚ୍ଚର ଫୁଲ



ଚିତ୍ତରଞ୍ଜନ ପଧାନ

ବଗିଚ୍ଚର୍ ଫୁଲ୍‌ଟେ ଫୁଟି
ଚ୍ଚରିକୁତି ଗଲ୍ ମହକ,
ଭଅଁର୍ ରଜାକେ ଦେଖ୍‌ଲେ
ଆକୁଲେ ହେସିରେ ଗହକ ।
ସାତ୍ ଜନମର୍ ସାଥି ହେମା
କଥା ଦେଇଦେଲ୍ ଭଅଁର୍,
ଉସତ୍ ମନେ ଫୁଲ୍ ବିଚ୍ଚରୀ
ହଁ ରେ ଭରିଦେଲ୍ ଉତ୍ତର୍ ।
ରସ୍ ଚୁହିନେଲ୍ ରସିଆ
ଧିରେଧିରେ ବତ୍‌ରେ ସବୁ,
ଅଉ ଫୁଲ୍‌କେ ନାଇଁ ମନ୍
ପାଖ୍‌କେ କଏ ଯିବା ବାବୁ ।
ସ୍ୱାର୍ଥର୍ ଶିକାର୍ ହେଇରେ
ଫୁଲ୍ ନାଇଁ ପାର୍‌ଲ୍ ଜାନ,
ତଥାପି କହେସି ଭଅଁର୍
ଆସି ବନାବା ତାର୍ ରାନୀ ।

ବାଟ୍‌ଦେଖି ଥକ ଗଲ୍‌ରେ
ଠକଦେଲ୍ ନଠୁର ଭଅଁର୍,
କେଡେ ସୁନ୍ଦର୍ ଜୀବନ୍ ଥିଁ
ଭରିଦେଲ୍ ଘାଏ ଜହର୍ ।
ସବୁ ଦୁଖ୍‌କେ ଚ୍ଚପି ଫୁଲ୍
ବଗିଚ୍ଚ ଭିତ୍‌ରେ ରହିଛେ,
କଥା ନାଇଁ କ ବାର୍ତ୍ତା ନାଇଁ
ଗୁମ୍‌ସୁମ୍ ଖାଲି ରହୁଛେ ।
ଭ୍ଵିଭ୍ଵି ରଜାର୍ କଥା
ମରିମରି କରି ଜିଉଁଛେ,
ହେଲେ ଦୁନଆଁ କହୁଛେ ହୋ
ଦେଖ କେନ୍ତା ଫୁଲ୍ ହଁସୁଛେ ।
ଦେଖ ଫୁଲ୍ ହଁସୁଛେ ।

ଡୁଙ୍ଗୁରିପାଲି,ଜମଲ୍, ପଦମ୍‌ପୁର୍ ,ବରଗଡ଼

# ତୁମକୁ ଲ୍‌ଗେ ଭ୍‌ରି ଡର



ଆନନ୍ଦ ସାଗରିଆ

ତମକୁ ଦେଖିଲେ ଲ୍‌ଗେ ମୋତେ ଡର
କାଳେ କେଉଁ ଅଜାଣତରେ କରିଦେବ
ଚୁରମାର
ତମ ନ ଆସିଲ୍‌ ପର୍ଯ୍ୟନ୍ତ
ରହେ ଥାଏ ମୁଁ କେତେ ଆନନ୍ଦିତ
ତୁମେ ଯେ ଆସ ଡିସେମ୍ବର ଜୁନରେ
କରିଦିଅ ମୋ ଛାତିକୁ ଥର ଥର
ତମରି ପାଇଁ ର୍‌ତିରେ ନଦ ଆସେ ନ
ତମ କଥା ଭ୍‌ବି ଭ୍‌ବି ଦିନ ସରେ ନ
ଦିନେ ପରେ ଦିନେ ଆସି
କରିଦିଅ ମୋ ମନକୁ ଦୁଃଖି
ତମକୁ ଦେଖିବାକୁ ଗ୍ଭହେଁ ମୁଁ
ଦେଖିତ ପାରେ ନ
ଖାଲି ତମ ବାସ୍ନାକୁ ଅନୁଭବ କରେ
ପବନ ପରିକା ଆସି
କରିଦିଅ ମୋ ଛାତିକୁ ଥର ହର
ଧରିବାକୁ ଗ୍ଭହେଁ ମୁଁ
ଧରିତ ପାରେ ନ
ଉଭେଇ ଯାଅ ମୋ ଆଖି ସାମ୍ନାରୁ
କମ୍ପିତ କରିଦେଇ
ଗ୍ଭଲିଯାଅ ମୋ କାନ ଠୁ
ତମର ସେହି ନସ୍ଥଣ ଯୌବନ
ଥରେ ଦେଖିବାକୁ ଗ୍ଭହେଁ
ଦେଖାଦିଏ ତମ ଆଖି ଓ ମୁହଁ
ଅନ୍ଧାର ର୍‌ତିରେ ସ୍ୱପ୍ନ
ସେୟା ସ୍ୱପ୍ନ ନା ଭ୍ରମିତା
କହିତ ପାରେ ନା ମୁଁ
ତୁମରି ଠାରେ ରହିଥାଏ ମନ
ଦିନ ନା ର୍‌ତି ବୋଲି ଜାଣି ପାରେନା ମୁଁ
କର ନ ମୋତେ ଆଉ ଭୟବିତ
ରହିବ ବୋଲେ ରହିଯାଅ ମୋ ଜୀବନେ
ଶାନ୍ତି ନେ
କରେ ତୁମକୁ ଫୁଲମାଳ ଦେଇ ସ୍ୱାଗତ
କର ନ ମୋତେ ଆଉ ଭୟ ବିତ ର୍‌ତି
ଦିନେ ।

ବାଲିଗୁଡା କନ୍ଧମାଳ

# ଅସହାୟ ଦୁଇ ବନ୍ଧୁ



କୃଷ୍ଣ ଚନ୍ଦ୍ର ଡାକୁଆ

ସତରେ ଭଗବାନଙ୍କ ସୃଷ୍ଟିଟା ବିଚତ୍ର ! କଏବା କେଉଁ ବେଳେ କେଉଁ ଅବସ୍ଥାରେ ଥିବ ବର୍ତ୍ତମାନ ଠାରୁ କଳ୍ପନା କରିବା କଷ୍ଟ ସାଧ, ସେ ମଣିଷ ହେଉ ଅବା ପଶୁ । ମନେ ହେଉଛି ଯେମିତି ଜୀବନ ମାତ୍ରକେ ଜିଇଁବାର ସଂଘର୍ଷ । ଅନ୍ୟ ପଟେ ତ ଗୋଟିଏ ମୁଦ୍ରାର ଦୁଇ ପାର୍ଶ ସୁଖ ଦୁଃଖ ଭଳି ମନେ ହୁଏ ।

ସୃଷ୍ଟି କର୍ତ୍ତା କେତେବେଳେ କାହା ମୁଣ୍ଡରେ ସୁନା କଳସ ଢାଳ ଦିଅନ୍ତି ତ ଆଉ କାହା ମୁଣ୍ଡରେ ଫମ୍ପା କଳସ । ଉକ୍ତ କଥା ଏଠି କହିବାର ଉଦେଶ୍ୟ କଏ ସୁଖରେ ଜୀବନ କାଟେ ତ ଅନ୍ୟ କଏ ଦୁଃଖ ରେ ଅର୍ଥାତ ଜୀବନ ଥାଇ ମଧ ନଥିବା ଭଳି। ମନରେ ସର୍ବଦା ଗୋଟିଏ ପ୍ରଶ୍ନ ଉଙ୍କି ମାରେ ଏ ସବୁ କାହିଁକି, ଇଏ ଭଗବାନଙ୍କ  କେଉଁ ବିଗ୍ଭର ! ଏସବୁ ପୂର୍ବ ଜନ୍ମର କର୍ମ ଫଳ ନେହେଁ ତ । ଯାକୁ ବୁଝିବା କାଠିକର ପାଠ । ସାଧାରଣତଃ ଜୀବନ ବଞ୍ଚି ରହିବା ପାଇଁ ଖାଦ୍ୟ ଆବଶ୍ୟକ ଅନ୍ୟପଟେ ଯେକୌଣସି କର୍ମ କାଲେ ହେଁ ପାଟିକୁ ଦାନା ଓ ଦେହକୁ ପୋଷାକ ଖଣ୍ଡେ ହେବ । ଏମିତିରେ ତ କଥାରେ ଅଛି ଅଳସୁଆ ଦୁଃଖ ପାଏ । ଯିଏ କୌଣସି କର୍ମ କରିବା ପାଇଁ ପଛ ଘୁଞ୍ଚା ଦିଏ ସେ ତ ଅବଶ୍ୟ ଭୋକ ଉପାସରେ ରହେ ।

ଏକଦା ଗୋଟିଏ ଗ୍ରାମରେ ଜଣେ ବ୍ୟକ୍ତି ସର୍ବଦା ବେଶ୍ ହସ ଖୁସିରେ ରହୁଥିଲେ । ହଠାତ ଦିନେ ଏମିତି କଛି ଘଟିଲ୍ ନଜ ପରିବାର ମଧ ଘୃଣା କରିବାରେ ଲ୍ଗିଲ୍ । ଆପଣ ଭ୍ବୁଛନ୍ତି ନା କାରଣ କଣ ହୋଇଥିବ ବୋଲି ? କହିଲେ ଦେଖିବା, ନା ମୁଁ ଜାଣେ ଆପଣ

କହିପାରିବେନ କାରଣ ସେ କାହାଣୀ ସଂକ୍ଷିପ୍ତ ନଥିଲା । ଦେଖିବାରେ ବ୍ୟକ୍ତି ଜଣକ ଭଦ୍ର ଓ ସରଳ ଭଳ ଲାଗନ୍ତି କନ୍ତୁ କଛିଟା ଖରାପ ଗୁଣ ରହିଥିଲା ଯାହା ତାଙ୍କୁ ଦିନେ ପରିବାର ଠାରୁ ଅଲଗା କରିଲା । ପରିବାର ଲୋକେ ସେହି ଖରାପ ଗୁଣ ବା ବଦ ଅଭ୍ୟାସରୁ ବିରତ କରିବା ପାଇଁ ଯେତେ ଚେଷ୍ଟା କଲେ ମଧ ସଫଳ ହୋଇ ନଥିଲେ । ଦିନେ ସେହି ବ୍ୟକ୍ତିଙ୍କୁ ପକ୍ଷାଘାତ ବା ପାରାଲିସିସ୍ ହେଲା । ଘର ଲୋକ ସେହି ରୋଗ ଭଲ କରିବା ପାଇଁ ବହୁ ଡାକ୍ତରଖାନା ତଥା ଓଷା ଉପବାସ କଲେ, ହେଲେ ସେହି ରୋଗ ଛାଡ଼ିବାରେ ନା ନେଉନଥିଲା। ସେହି ବ୍ୟକ୍ତିଙ୍କ ବ୍ୟତିତ ଆଉ ଦୁଇ ଭାଇ ତାହାଙ୍କ ଥିଲେ ଓ ସେମାନଙ୍କ ପରିବାର ମଧ ଥିଲା । ଏମିତିରେ ତ ସେ ଅଣରୋଜଗାରୀଆ ଥିଲେ ତେଣୁ ପରିବାର ଲୋକେ ଧୀରେ ଧୀରେ ତାଙ୍କୁ ପଚାରା ଉଚୁରା ବନ୍ଦ କରିଦେଲେ ।

ଏମିତିରେ ତ ଜୀବନ ମାତ୍ରକେ ଯନ୍ତ୍ରଣା, ବ୍ୟକ୍ତି ଜଣକ ପରିବାର ଠାରୁ ଅଲଗା ହେଲା ପରେ ନଜ ପେଟ ପୋଷିବା ତାଙ୍କ ପାଇଁ କାଠିକର ପାଠ ହୋଇ ପଡ଼ିଲା । ଜୀବନ ବଞ୍ଚାଇବା ପାଇଁ ସେ କେତେବେଳେ ବାର ଦ୍ୱାର ସୁଣ୍ଢି ପିଣ୍ଡା ହୁଅନ୍ତି ତ କେତେବେଳେ ନକଟରେ ଥିବା ଗ୍ରାମ ମନ୍ଦିର ରେ ଆଶ୍ରୟ ନଅନ୍ତି । ହେଲେ କଏ ବା କେତେ ଦିନ ଖାଇବା ପାଇଁ ଦେବ । ଦିନେ ଦିନେ ଉପବାସରେ ଜୀବନ କାଟୁଥିବା ବେଳେ କେତେବେଳେ ଚୁଡ଼ା ବିସ୍କୁଟ୍ ସାହା ଭରସା ହୋଇଥାଏ।

ଉପରିକ୍ତ କାହାଣୀ ଗୋଟିଏ ବ୍ୟକ୍ତିଙ୍କ ଥିବା ବେଳେ ଅନ୍ୟ ବ୍ୟକ୍ତିଙ୍କ କାହାଣୀ ନମ୍ନରେ ବର୍ଣ୍ଣନା କରାଗଲା, ଯେହେତୁ ଗଳ୍ପଟିର ନାମ ଦୁଇ ଅସହାୟ ବନ୍ଧୁ -

ଗୋଟିଏ ବୃହତ ଗ୍ରାମରେ ଏକ ମାଳ ବା ମୁନ ପରିବାର ଏକଦା ବେଶ୍ ହସ ଖୁସିରେ ବସବାସ କରି ଆସୁଥିଲେ । ନଜର ପରିବାର ପେଟ ପୋଷଣ କରିବା ପାଇଁ ସେ କୌଳକ ବୃତ୍ତି ମନ୍ଦିର ପୂଜା ଆପଣାଇ ଥିଲେ ଓ ସ୍ୱଳ୍ପ ପାଉଣା ମଧ ମନ୍ଦିର ପ୍ରଶାସନ ଠାରୁ ପାଉଥିଲେ । ସେତିକରେ ସେ ପରିବାର ଚଳାଇବା ସହ ଦୁଇରୁ ତିନ ଝିଅର ବାହାଘର

କରିବା ସହ ପୁଅର ମଧ ବାହାଘର କରିଥିଲେ । ହେଲେ ଆଜିର ମାହାଙ୍ଗା ଯୁଗରେ ମନ୍ଦିର ପ୍ରଶାସନ ଠାରୁ ପାଉଥିବା ସ୍ୱଳ୍ପ ବେତନ ପରିବାର ଚଳାଇବା ପାଇଁ କଷ୍ଟ ସାଧ ହୋଇପଡିଲା । ତେଣେ ପରିବାର ଚଲାଇବା ପାଇଁ ଅନ୍ୟ ଉପାୟ ତଥା ମନ୍ଦିର ପୂଜା କରିବା ପାଇଁ ନିକଟବର୍ତ୍ତୀ ଗ୍ରାମ ମାନଙ୍କରେ ଅନୁସନ୍ଧାନ କରିବାରେ ଲାଗିଲେ, ଏହା ପୁଅକୁ ଭଲଲାଗିଲା ନାହିଁ । ହେଲେ ରୋଜଗାରୀଆ ପୁଅ ବାପାଙ୍କ ଏହି ଅବସ୍ଥା ଦେଖି ସେ ବିଦେଶ ଯିବା ଛାଡ଼ି ଦେଲା ଓ ନିଜ ଗ୍ରାମ ଠାରୁ ଅଳ୍ପ ଦୂରରେ ଥିବା ଏକ ଗ୍ରାମରେ ମନ୍ଦିର ସେବା କରିବା ପାଇଁ ମନ୍ଦିର ପ୍ରଶାସନ ସହ ଚୁକ୍ତିନାମା କଲା ଏବଂ ସପରିବାର ଆସି ସେହି ଗ୍ରାମରେ ବସତି ସ୍ଥାପନ କଲେ । ଦୀର୍ଘ ବର୍ଷ ସେହି ଗ୍ରାମରେ ରହି ମନ୍ଦିର ପୂଜା କରିବା ସହ ଅନ୍ୟାନ କାମ କରୁଥିଲେ । ସେହି ପୁଅର ଗୋଟଏ ପୁଅ ଓ ଝିଅ ଥିଲା, ସେମାନଙ୍କ ଭବିଷ୍ୟତର ଉଜ୍ଜ୍ୱଳ କାମନା କରି ସ୍କୁଲରେ ନାମ ଲେଖାଇଥିଲେ । ଏତିକ ବେଳକୁ ବାପାଙ୍କ ବୟସ ବଢ଼ି ଯାଇଥିଲା ।

ଦୁଃଖର ବିଷୟ ଦିନେ ପୁଅ ନିଜର ମନ୍ଦିର ପୂଜା ଶେଷ କରି ଅନ୍ୟାନ୍ୟ କାମ ପାଇଁ ବାହାରକୁ ଯାଇଥାଏ ହେଲେ ଏମିତି ଖବର ଆସିଲା ପୁଅର ସ୍ୱାସ୍ଥ୍ୟ ଅବସ୍ଥା ଖରାପ । ଖବର ପାଇ ଘର ଲୋକେ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପହଞ୍ଚିଲେ, ପହଞ୍ଚିଲା ବେଳକୁ ସେ ଗୁରୁତ୍ୱର ଏବଂ ଶେଷରେ ପ୍ରାଣ ମଧ ଚାଲିଗଲା । ଦୁଃଖ କଷ୍ଟରେ ଶୁଦ୍ଧିକ୍ରିୟା ସମାପ୍ତ ହେଲା, ଶେଷରେ ବୋହୂ ଘର ଲୋକେ ନିଜ ଝିଅକୁ ନିଜ ଗ୍ରାମକୁ ନେବା ସହ ତା'ର ପୁଅ ଝିଅକୁ ମଧ ନେଇଗଲେ । ଏଣେ ବୃଦ୍ଧ ବୟସରେ ଶଶୁର ବୁଢାଟି ଦୁଃଖ ଦୁର୍ଦ୍ଦିନରେ ଜୀବନ କାଟୁଥିବା ବେଳେ ସମୟେ ସମୟେ ସେ ତାର ଝିଅ ଘରକୁ ଯାଇ କିଛି ଦିନ ରହିଯାଏ । ଏମିତି କିଛି ଦିନ ଗଲା ପରେ ଗୋଟଏ ଗୋଡ଼ ଓ ହାତ ପକ୍ଷାଘାତ ଆକ୍ରମଣ ହେଲା । ଝିଅ ମାନେ ବୃଦ୍ଧ ବାପାଙ୍କୁ କିଛି ଦିନ ଦେଖା ଶୁଣା ପରେ କେହିବି ପଚାରିଲେନି । ବୃଦ୍ଧ ବୟସରେ ବ୍ୟକ୍ତି ଜଣକ ଘୋସଡି ଘୋସଡି ଯିବା ଆସିବା କରନ୍ତି ।

ଦିନେ ଉଭୟ ଦୁଇ ଅସହାୟ ଭେଟ ହୁଅନ୍ତି ଓ ଯୋଜନା କରନ୍ତି ଜୀବନ ଜିଇଁବା ପାଇଁ ଏବଂ ନିଷ୍ପତି ନିଅନ୍ତି ଗ୍ରାମରେ ଥିବା ଯାତ୍ରୀ ବିଶ୍ରାମଗାରରେ ରହିବା ପାଇଁ । ଏମିତିରେ ତ ଦୁହେଁ ଏକେଲା ମଣିଷ ଖାଇବା ପାଇଁ କିଏ ଦେବ ? ଯଦିଓ କେହି ସହୃଦୟ ବ୍ୟକ୍ତି ହାବୁଡ଼ରେ ପଡ଼ନ୍ତି ତେବେ ଖାଇବା ପାଇଁ ମିଳେ ନଚେତ ଭୋକ ଉପାସରେ ଜୀବନ କଟେ ।

ସେହି ସମୟରେ ଗ୍ରାମର କିଛି ସଚେତନ ଯୁବକ ଓ ଲୋକମାନେ ମିଶି ଯୋଜନା କରନ୍ତି ଦୁହେଁଙ୍କ ଥଇଥାନ ସଂପର୍କରେ ଏବଂ ସ୍ଥିର କରନ୍ତି ସ୍ଥାନୀୟ ପ୍ରଶାସନକୁ ଜଣାଇବା ପାଇଁ । ଏକ ଦରଖାସ୍ତ ଲେଖନ୍ତି ସ୍ଥାନୀୟ ବି.ଡି.ଓ.ଙ୍କୁ, ବି.ଡି.ଓ. ମହୋଦୟ ହଠାତ ବିନା ସୂଚନାରେ ତଦନ୍ତ ପାଇଁ ଘଟଣା ସ୍ଥଳକୁ ନିଜେ ଆସିବା ସହ କିଛି କର୍ମଚାରୀଙ୍କୁ ମଧ୍ୟ ତଦନ୍ତ କାର୍ଯ୍ୟରେ ନିୟୋଜନ କରି ଫେରନ୍ତି । ପରଦିନ ପ୍ରାୟତଃ ସମସ୍ତ ଖବର କାଗଜରେ ଏ ସମ୍ପର୍କରେ ଏକ ବିସ୍ତୃତ ଖବର ପ୍ରକାଶ ପାଏ । ଖବର ପ୍ରକାଶ ପରେ ଏହି ପଦକ୍ଷେପକୁ ପ୍ରଶଂସା କରି କିଛି ବ୍ୟକ୍ତି ବିଶେଷଙ୍କ ଗ୍ରାମକୁ ସୁଅ ଛୁଟି ଥିବା ବେଳେ କେହି କେହି ପହଞ୍ଚି ସୁସ୍ୱାଦ ଫଳମୂଳ ଆଣି ଦୁଇ ଅସହାୟଙ୍କ ହାତରେ ଦେଇ ଯିବା ସହ ଦେଖି ଯାନ୍ତି । ଏମିତିରେ କିଛି ଦିନ ବିତିଗଲା ହେଲେ ପ୍ରଶାସନ ପକ୍ଷରୁ ସେମିତି କିଛି ପଦକ୍ଷେପ ଗ୍ରହଣ କରିବାର ଜଣା ପଡ଼ିଲା ନାହିଁ । ତେଣେ ସେହି ଗୋଷ୍ଠି ବ୍ୟସ୍ତ ହୋଇ ପୁଣି ବି.ଡି.ଓ. ନିକଟକୁ ଯାଇ ଥଇଥାନ ସମ୍ପର୍କରେ ଖବର ନିଅନ୍ତି ଓ ସେ କୁହନ୍ତି ମୁଁ ଦିନେ ଦୁଇ ଦିନ ମଧ୍ୟରେ କଣ ଗୋଟଏ ବ୍ୟବସ୍ଥା କରୁଛି । ତେଣେ ବି.ଡ଼ି.ଓ.ଙ୍କ ଏହି କଥା ଶୁଣି ସମସ୍ତେ ଗାଁକୁ ଫେରି ଆସନ୍ତି ।

ଦିନେ ଗାଁରେ ଝିପ୍ ଝିପ୍ ବର୍ଷା ଲାଗିଥାଏ ସମୟ ପ୍ରାୟ ପାଖାପାଖି ଦିନ ତିନଟାରୁ ଚାରିଟା ମଧ୍ୟରେ ହେବ ଏକ ସରକାରୀ ଜିପ୍ ରେ ବୁଟ୍ ସୁଟ୍ ପିନ୍ଧା ଅଫିସର ମାନେ ଯାତ୍ରୀ ବିଶ୍ରାମଗାର ଠାରେ ନିଜ ଜିପ୍ ରଖୀ ବିଶ୍ରାମଗାର ଭିତରକୁ ଯାନ୍ତି ଓ ଦେଖନ୍ତି ଦୁଇ ଅସହାୟଙ୍କ ଅବସ୍ଥା ଏବଂ ପଚାରି ବୁଝନ୍ତି ଭଲ ମନ୍ଦ । ସରକାରୀ ବାବୁଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେଲା ପରେ ଅସହାୟ ଦୁଇ ପଚାରନ୍ତି ଆପଣ କିଏ ? ଏତିକି ବେଳକୁ ଗାଁର କିଛି

ଲୋକ ସେଠାରେ ପହଞ୍ଚି ଯାଇଥାନ୍ତି , ସେହି ବୁଟ୍ ସୁଟ୍ ପିନ୍ଧା ବାବୁ ମାନେ ମୁରୁକ ହସନ୍ତି ଓ କୁହନ୍ତି ଆମେ ବ୍ଲକରୁ ଆସିଛୁ ଆଜ୍ଞା ଆପଣ ଦୁହେଁଙ୍କୁ ନେଇ ଯିବା ପାଇଁ ! ଏହି ସବୁ କଥୋପ କଥନ ପରେ ଖୋଜା ପଡ଼ନ୍ତି ସେହି ଯୁବ ଗୋଷ୍ଠି । କଏ ଗାଁରେ ଥାଏ ତ ଆଉ କଏ ବାହାରେ । ବିଶ୍ରାମଗାର ରାସ୍ତା ଦେଇ ଜଣେ ସେହି ଗୋଷ୍ଠିର ଯୁବକ ସାଇକେଲରେ ଯାଉଥାଏ । ସେତିକ ବେଳକୁ କଛି ଲୋକ ତାଙ୍କୁ ପାଖକୁ ଡାକନ୍ତି ଓ ସେମାନଙ୍କ ସହ ଜରାଶ୍ରମକୁ ଯିବାକୁ କୁହନ୍ତି । ଏତିକରେ ସେହି ଯୁବକ ବ୍ୟସ୍ତ ହୋଇ ଫୋନ ଲଗାନ୍ତି ଅନ୍ୟ ସାଙ୍ଗ ମାନଙ୍କ ପାଖକୁ ସେମାନେ କୁହନ୍ତି ତୁ ବ୍ୟସ୍ତ ହେବାର ନାହିଁ ସେମାନଙ୍କ ସହ ଆସେ ଆମେ ବାଟରେ ମିଶିବୁ । ଦୁଇ ଜଣଙ୍କ ଲୁଗା ପଟା ପେକ୍ କରିବା ବେଳକୁ ବର୍ଷା ଛାଡ଼ି ଯାଇଥାଏ ଓ ଗାଁରେ ଭ୍ରଳେଣି ପଡ଼େ ଆଜି ଦୁଇ ଅସହାୟ ଆଶ୍ରମ ଛାଡି ଚ୍ଲି ଯାଉଛନ୍ତି । ଧୀରେ ଧୀରେ ଲୋକଙ୍କ ଗହଳ ସେଠାରେ ବଢିବାରେ ଲାଗେ କଏ ଯୁବକଙ୍କ ପ୍ରୟାସକୁ ପ୍ରଶଂସା କରେତ ଆଉ କଏ କୁହେ ଏମାନଙ୍କ କଛି କାମ ଧନ୍ଦା ନାହିଁ ତ ଗୋଟଏ ପ୍ରହସନ ଲଗାଇଛନ୍ତି । ଲୋକମାନଙ୍କ କଥା ଶୁଣି ସମସ୍ତ ଯୁବକଙ୍କ ଘରେ ମଧ ନାନା କଥା ପଡ଼େ ହେଲେ ଗାଡ଼ି ସେତିକ ବେଳେକୁ ଆଶ୍ରମ ଅଭିମୁଖେ ବାହାରି ଚ୍ଲିଯାଏ ଏବଂ ଗାଡିରେ ବସିଥିବା ଯୁବକ ଜଣକ ବାରମ୍ବାର ଫୋନ ଲଗାଏ ଅନ୍ୟ ସାଙ୍ଗ ମାନଙ୍କୁ କୁହେ ତୁମେ ଜଲଦି ରେଡି ହୁଅ ଗାଡ଼ି ଏଠୁ ବାହାରିଲା ।

ଯୁବ ଗୋଷ୍ଠିର କଛି ଅଗ୍ରଣୀ ସଭ୍ୟ କଲେଜରେ ପଢ଼ନ୍ତି । ଗାଡ଼ିରେ ବସିଥିବା ଯୁବକଙ୍କ କଥାନୁସାରେ କଲେଜ ସମ୍ମୁଖରେ ଜିପ୍ ଅଟକ ଯାଏ ଏବଂ ସେହି ଯୁବକଙ୍କୁ ଅପେକ୍ଷା କରେ। ଯୁବକ ତିନ ଜଣ ପଢ଼ନ୍ତି କନ୍ତୁ ଜଣେ ସାଙ୍ଗରେ ଯିବା ପାଇଁ ରାଜି ଥିବା ବେଳେ ଆଉ ଦୁଇ ଜଣ ନାରାଜ । ରାଜି ହୋଇଥିବା ଯୁବକ ଜିପ୍ ରେ ବସନ୍ତି ଓ ଗାଡି ଜରାଶ୍ରମ ଅଭିମୁଖେ ବାହାରିଯାନ୍ତି। କଛି ସମୟ ଗଲା ପରେ ଜିପ୍ ଆଶ୍ରମ ନକଟରେ ଲାଗେ ଓ ସମସ୍ତେ ଓଲ୍ହାଇ ପଡ଼ନ୍ତି । ଦୁହେଁ ଭଲରେ ଚଳବା ପାଇଁ କହିଦେଇ ଲେଖା ପଢ଼ା ସାରି ବ୍ଲକ ନକଟକୁ ଆସନ୍ତି, ବି.ଡ଼ି.ଓ. ତଥା ବ୍ଲକର ସମସ୍ତ କର୍ମଚାରୀ ପ୍ରଶଂସାରେ ଯୁବକ ଦୁହିଁଙ୍କୁ ପୋତି ପକାନ୍ତି । ଗାଁକୁ ସେହି ଯୁବକ ମାନେ ରାତି ପ୍ରାୟ ସାତଟା ବେଳକୁ ଆସନ୍ତି, ହେଲେ

ଆସିଲା ବେଳେ କଏ କେଉଁ କଥା କହେ ଏମିତିରେ ତ ଘର ଲୋକ ଅନ୍ୟମାନଙ୍କ କଥା ଶୁଣି ବିରକ୍ତ କଛି ପ୍ରଶଂସା ଏବଂ ଗାଳ ସୁଣି ସେହି ରାତି କଟିଯାଏ । ଏମିତିକ ଦିନେ ଦୁଇ ଦିନ ଘରେ ଲୁଚ ରହିବାକୁ ପଡ଼େ ଲୋକଙ୍କ ଗାଳ ଠାରୁ ମୁକ୍ତି ପାଇବା ସକାଶେ ।

କଛି ଦିନ ଗଲା ପରେ ଖବର ଆସେ ସେହି ହାତ ଗୋଡ଼ ପକ୍ଷାଘାତ ଆକ୍ରାନ୍ତ ଥିବା ବୃଦ୍ଧ ଜଣକ ଅବସ୍ଥା ଗୁରୁତର ଓ ସେ ଅନ୍ୟ ଏକ ଆଶ୍ରମକୁ ସ୍ଥାନାନ୍ତରିତ ହୋଇଛନ୍ତି । ଆଉ କଛି ଦିନ ଗଲା ପରେ ପୁଣି ଏକ ଖବର ଆସେ କେବେଳ ଗୋଡ଼ ପକ୍ଷାଘାତ ଆକ୍ରାନ୍ତ ଥିବା ବ୍ୟକ୍ତି ଜଣକ ଲୁଚ ଜରାଶ୍ରମରୁ ଆସିଛନ୍ତି ! ଦିନେ ତାହାର କାରଣ ଖୋଜୁ ଖୋଜୁ ସେହି ବ୍ୟକ୍ତି ଜଣକ ଆଶ୍ରମରେ ଛାଡ଼ି ଆସିଥିବା ଜଣେ ଯୁବକଙ୍କ ହାବୁଡ଼ରେ ପଡେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅସହାୟଟି କୁହେ ମୋତେ ସେଠି ରହିବା ପାଇଁ ଭଲ ଲାଗିଲା ନାହିଁ । ଯୁବକ ଜଣକ କୁହନ୍ତି ସେଠି ତ ସବୁ ସୁବିଧା ଅଛି ତୁମର ଅବା କଣ ଅସୁବିଧା ହେଲା, ଅସହାୟଟି କଛି ନ କହି ଗ୍ଭଲିଯାଏ । ଏବେ ସେହି ଅସହାୟ ବାର ଦ୍ୱାର ବୁଲି ପିଣ୍ଡା ହେଉଥିବା ବେଳେ କେତେବେଳେ କେମିତି ମନ୍ଦିର ପିଣ୍ଡାରେ ପର୍ବ ପର୍ବାଣି ଦେଖି ବସେ କଏ ଭୋଗ କମ୍ବା ଖାଇବାକୁ ମୁଠାଏ ଦେବ । ଏହି ଜଣକ କଥା ବୁଝୁ ବୁଝୁ ପୁଣି ଖବର ଆସେ ବୃଦ୍ଧ ଜଣକ ବହୁ ଚକତ୍ସା ସତ୍ତ୍ୱେ ମୃତ୍ୟୁବରଣ କରିଛନ୍ତି । ଏହି ଖବର ସୁଣି ଯୁବକ ମାନଙ୍କୁ ଦୁଃଖ ଲାଗେ ହେଲେ କଣ କରିବେ ଏହା ତ ସୃଷ୍ଟିର ନୟମ ।

ଜୟ ଜଗନ୍ନାଥ, ଭଗବାନ କରନ୍ତୁ ସମସ୍ତେ ସର୍ବଦା ଭଲରେ ରୁହନ୍ତୁ ।

କରଚୁଲି(ବୁଗୁଡ଼ା) ଗଞ୍ଜାମ

# ଭୋକର ଭୂଗୋଳ

ଅରୂପ କୁମାର ବିଶ୍ୱାଳ

ଭୋକର ନଆଁରେ ମଣିଷର ସଜ୍ଞା
ବଦଳୁଛି ଘଡିଘଡି।
ଭୋକ ବିକଳରେ ବୁଦ୍ଧି ହଜିଯାଏ
ବିପଦରେ ଯାଏ ପଡି।
ଆମ୍ବ ଟାକୁଆ ବି ଖାଉଛନ୍ତି ଲୋକେ
ଖାଉଛନ୍ତି ବାସି ଖାଦ୍ୟ।
ବିଷାକ୍ତ ଖାଦ୍ୟକୁ ଖାଇକ ଭୋକରେ
ରୋଗକୁ ନଚହ୍ନେ ବୈଦ୍ୟ।
ଅନଳକୁ ଯେହ୍ନେ ଦେଖିଣ ପତଙ୍ଗ
ଲମ୍ଫ ଦିଏ ବାରମ୍ବାର।

ବୁଦ୍ଧିକୁ ହଜାଏ ଭୋକର ତାଣ୍ଡବ
ଭୋକଲ୍ ହୁଏ ଶୀକାର।
ବୁଭୂକ୍ଷୁ କରଇ ଜୀବନ ବିକଳେ
ପାପ ଭଳ ହୀନ କର୍ମ।
ଭୋକର ଭୁଗୋଳ ଭରି କଦାକାର
ନଗଡାର ଶିଶୁ ସମ।
ଅନ୍ତ ସାର ଶୂନ୍ୟ ଦିଶଇ ମଣିଷ
ଖାଦ୍ୟ ବିନା ପ୍ରାଣ କାନ୍ଦେ।

ଜୀବନ ବିକଳେ ଅଖାଦ୍ୟ ଖାଇବା
ପାଇଁ ଜୀବ ପଡେ ବାଧେ।
ପେଟ ପାଇଁ ନାଟ ଜଗତେ ଚାଲିଛି
ପୋଡା ପେଟ ଦିଏ କଷ୍ଟ।
ତେଲ ଲୁଣ ଏଇ ସଂସାର ଭିତରେ
ମଣିଷ ସର୍ବଦା ବ୍ୟସ୍ତ।
ବଞ୍ଚିବାକୁ କଏ ଖାଦ୍ୟ ଖାଇଥାଏ
ଖାଇବାକୁ କଏ ବଞ୍ଚେ।
ଭୋକଲ୍ ରହିକ ସନ୍ତାନର ପାଇଁ
କଏ ନତି ଖାଦ୍ୟ ସଞ୍ଚେ।

ଭୋକ ବିରୁଦ୍ଧରେ ସଂଗ୍ରାମ ଚାଲିଛି
ସଭ୍ୟତାର ଆରମ୍ଭରୁ।
ତଥାପି ଭୋକର ବଢେ କଳେବର
ନିସ୍ତାର ନାହିଁ ଭୋକରୁ।
ଜନସଂଖ୍ୟା ବଢେ ଭୋକବି ତ ବଢେ
ଉତ୍ପାଦନ ହୁଏ ହ୍ରାସ।
କେବେ ଆସିବ ଯେ ସେହି ଶୁଭଦିନ
ଭୋକର ହୋଇବ ଶେଷ।

ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳକା ଉଚ୍ଚ ବିଦ୍ୟାଳୟ,
ପାରାଦ୍ୱୀପ

# ମାଟିର ମଣିଷ



କୁମୁଦିନୀ ବେହେରା

ମାଟିରେ ଗଢା ମୁଁ ମାଟିର ମଣିଷ
ମାଟିରେ ହୋଇବି ଲୀନ
ଅଳକ ଜୀବନେ ଗର୍ବ ଦମ୍ଭ ମୋର
କବା ଅଛି ପ୍ରୟୋଜନ ।

ଘାସ ଫୁଲର ଏ କ୍ଷଣିକ ସୁଖରେ
ଖୋଜେ ତୁମ ଅନୁଗ୍ରହ
ଅରଚନା ଘେନ ଅରପେ ଚରଣେ
ଆହେ ପ୍ରଭୁ ଦୟାମୟ ।

ମୋ ମନର ସୁପ୍ତ ବୀଣାରେ ହେ ପ୍ରଭୁ
ତୁମେ ମୋ ମଧୁ ଝଙ୍କାର
ହଜିବାକୁ ଗ୍ୱହେଁ ତୁମ ପ୍ରେମ ଗୁଣେ
ଝର୍‌ଅ ପ୍ରେମ ନର୍ଝର ।

ଏ ଘନ ଅନ୍ଧାରେ ପାପ ସାଗରରେ
ଭାସୁ ଅଛି ମନ ଘର
ଅନ୍ୟାୟ, ଅନୀତି, ଦୁର୍ନୀତିକୁ ଦେଖି
ଅଣାୟତ ନେତ୍ର ମୋର ।

ବିରହ ବିଶାଦେ ନୟନରୁ ମୋର
ଝରି ଯାଏ ଲୁହ ଧାର
ହେ ପର୍‌ଣ ବନ୍ଧୁ ମୋ ଲୋ୍ତକ ବିନ୍ଦୁ
ହେଉ ସୁଗ୍ରାହ୍ୟ ତୁମର ।

ପ୍ରେମ ଭର୍‌ ସେହି ମଧୁର ଗୁଞ୍ଜନ
ଶୁଣାଅ କର୍ଣ୍ଣ ରେ ମୋର
ଶୂନ୍ୟ ହୃଦୟକୁ ପୂର୍ଣ୍ଣ କର ଆସି
ଏହି ନବେଦନ ମୋର ।

ଫଳବତୀ ବୃକ୍ଷ କରିଦିଅ ପ୍ରଭୁ
ଉଦ୍ଦୀପନା ମନେ ଦେଇ
ପ୍ରାଣୀ ମଙ୍ଗଳାର୍ଥେ ଲାଗି ଯିବି ମୁହିଁ
ଶେଷ ରକ୍ତ ବିନ୍ଦୁ ଦେଇ ।

ଛେଣ୍ଡିପଦା, ଅନୁଗୁଳ

# ନମୋ ସିଦ୍ଧି ବିନାୟକ



ଅରୂପ କୁମାର ବିଶ୍ୱାଳ

ଆହେ ଗଜାନନ ପାର୍ବତୀ ନନ୍ଦନ
ନମୋ ସିଦ୍ଧି ବିନାୟକ,
ବିଘ୍ନେଶ୍ୱର ନାମେ ପୂଜେ ଧର୍‌ଧାମ
ମନ ପ୍ରାଣ କରି ଏକ।
ଆହେ ଗଜାନନ...
ତୁମେ ବିଦ୍ୟାଦାତା ହେ ଶୁଭ କରତା
ଦେବ ପ୍ରଭୁ ଗଣପତି,
ଇନ୍ଦୁର ବାହନ ବିଘ୍ନ ବିନାଶନ
ଚରଣେ ଘେନ ପ୍ରଣତି,
ତୁମରି ମହିମା ତ୍ରିପୁର ବିଦିତ
ଜାଣିଛି ସାର୍‌ ମୂଳକ।
ଆହେ ଗଜାନନ...
ହେ ମଙ୍ଗଳମୟ ଦିଅ ହେ ଅଭୟ
ତୁମ ଚରଣେ ଶରଣ,
ତବ ଆଶୀର୍ବାଦେ ସର୍ବସିଦ୍ଧି ହୁଏ
ଜ୍ଞାନ ଦାତା ଦିଅ ଜ୍ଞାନ,
ହେ ମୋଦକ ପ୍ରିୟ ହୁଅ ଏ ସହାୟ
ଶିବ ସୁତ ବିନାୟକ।
ଆହେ ଗଜାନନ ପାର୍ବତୀ ନନ୍ଦନ
ନମୋ ସିଦ୍ଧି ବିନାୟକ।

# କେବଳ ଆଧ୍ୟାତ୍ମିକତା ହିଁ ନୈତିକତାର ଆଧାର ନୁହେଁ



ବାଲ୍ମୀକ ନାୟକ

ଆସ୍ତିକବାଦୀ ଲୋକମାନେ ପ୍ରାୟ ଅଭିଯୋଗ କରିଥାନ୍ତି ଯେ, ହେତୁବାଦୀ ବା ନିରୀଶ୍ୱରବାଦୀମାନଙ୍କ ଭିତରେ ନୈତିକତାର ଘୋର ଅଭାବ ଥାଏ। ସେମାନଙ୍କ ମତରେ – "ନୈତିକତାର ଆଧାର ବା ମୂଳ ହେଉଛି ଆଧ୍ୟାତ୍ମିକତା। କାରଣ ସଚ୍ଚୋଟପଣ, ପ୍ରେମ, ଦୟା, ଇମାନଦାରୀ ଓ ଶୁଦ୍ଧତା ଆଦି କେବଳ ଆଧ୍ୟାତ୍ମିକତା ଓ ଈଶ୍ୱରଙ୍କଠାରୁ ପ୍ରାପ୍ତ ହୋଇଥାଏ। ଏହାର ବିପରୀତ ନିରୀଶ୍ୱରବାଦୀମାନେ କେବେ ବି ନୈତିକ ହୋଇପାରିବେ ନାହିଁ। କାରଣ ସେମାନେ ନୈତିକତାର ଆଧାରକୁ ଈଶ୍ୱର ଓ ଆଧ୍ୟାତ୍ମିକତାକୁ ହିଁ ଅସ୍ୱୀକାର କରୁଛନ୍ତି।" ଏହା ସତ୍ୟ ନୁହେଁ।

**ନୈତିକତା କଅଣ?**

ନୈତିକତାର ଅର୍ଥ ସଦାଚାର। ସଦାଚାର ଭିତରେ ସତ୍ୟନିଷ୍ଠ, ଇମାନଦାରୀ ଏବଂ ଶୁଦ୍ଧତା, ଏହି ତିନୋଟି ଗୁଣ ସମ୍ପୃକ୍ତ ଥାଏ। ନୈତିକତା ହେଉଛି ମଣିଷ ପାଇଁ ପ୍ରକୃତିଦତ୍ତ ଏକ ଆନ୍ତରିକ ପ୍ରବୃତ୍ତି। ଏହା ମାନବ ସମାଜ ଓ ଆଚାର ଦର୍ଶନର ଏକ ମୁଖ୍ୟ ଅଂଶ। ଏହା ପଛରେ ଅଛି – ମାନବର ବ୍ୟବହାର, ପ୍ରକୃତି, ମାନବ ବିଜ୍ଞାନ ଓ ସମାଜ ବିଜ୍ଞାନ ସଂପର୍କରେ ହୋଇଥିବା ବାରମ୍ବାର ଅନୁସନ୍ଧାନ ଓ ଗବେଷଣାର ପରିଣାମ।

ପଶ୍ଚିମ ଦେଶମାନଙ୍କରେ ଆସ୍ତିକବାଦୀ ଓ ହେତୁବାଦୀ ଲୋକମାନଙ୍କ ମଧ୍ୟରେ ତର୍କବିତର୍କ ଲାଗି ରହିଛି। କେତେକ ଦେଶରେ ହେତୁବାଦୀମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଭାରତରେ ଆଜି ବି ହେତୁବାଦୀମାନଙ୍କ ସଂଖ୍ୟା ନଗଣ୍ୟ ଏବଂ ଆସ୍ତିକବାଦୀଙ୍କ ସଂଖ୍ୟା ଅଧିକ। ତଥାପି ଆମ ଦେଶର ତଳୁ ଉପର ପାହ୍ୟା ପର୍ଯ୍ୟନ୍ତ ହେଉଥିବା ଭ୍ରଷ୍ଟାଚାର,

ଶୋଷଣ ଓ ବେଇମାନୀ ଯୋଗୁଁ ସାଧାରଣ ଆସ୍ତିକବାଦୀ ଲୋକମାନେ ହିଁ ହାହି ହାହି ଚକ୍ରାର କରି ପ୍ରତିଦିନ ଗଗନପବନ କମ୍ପାଉଛନ୍ତି । କଛି ଆସ୍ତିକବାଦୀ ବୋଲାଉଥିବା ତଥାକଥିତ ସାଧୁ, ସନ୍ନ୍ୟାସୀ, ବାବା, ଗୁରୁ ଓ ନେତାମାନଙ୍କ ନୈତିକତା ଜାଗ୍ରତ କରିବା ପାଇଁ ତଥାକଥିତ ଈଶ୍ୱର ଓ ଶଗଡ ଶଗଡ ଧର୍ମଶାସ୍ତ୍ର କୌଣସି ଚମତ୍କାର ଦେଖାଇ ପାରୁନାହିଁ । ସମୟ ସମୟରେ ଅନୈତିକ କାମ କରୁଥିବା ଅପରାଧରେ ପୋଲିସ ସେମାନଙ୍କୁ ଧରିନେଇ ଜେଲ ଭିତରେ ବନ୍ଦୀ କରି ରଖୁଛନ୍ତି ।

ନୈତିକତାର ଆଧାତ୍ମୀକତା ସହିତ କୌଣସି ସମ୍ପର୍କ ନାହିଁ । ତଥାକଥିତ ଈଶ୍ୱର ଓ ଆଧାତ୍ମୀକତା ବିନା ବି ଜଣେ ବ୍ୟକ୍ତି ନୈତିକ ସମ୍ପନ୍ନ ହୋଇପାରିବ । ବ୍ୟକ୍ତିର କ୍ରିୟାକଳାପ ପାଇଁ ନୈତିକତା ଏକ ମାର୍ଗଦର୍ଶକ ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତିର ଏକ ସ୍ୱତନ୍ତ୍ର ଇଚ୍ଛା ବା କାମନା ଥାଏ । ସେ ନିଜର ଇଚ୍ଛା ପୂର୍ଣ୍ଣ କରିବା ପୂର୍ବରୁ ପ୍ରଥମେ ଚିନ୍ତା କରି ଦେଖେ ଯେ ମୁଁ ଯେଉଁ କାମ କରିବାକୁ ଯାଉଛି ତାହା ନୈତିକ ରୂପେ ଠିକ୍ ନା ଭୁଲ? ଏହି ନିର୍ଣ୍ଣୟ ବି କଛି ଲୋକଙ୍କ ପାଇଁ ନୈତିକ ଏବଂ କଛି ଲୋକଙ୍କ ପାଇଁ ଅନୈତିକ ହୋଇପାରେ । ବ୍ୟକ୍ତିର ବ୍ୟବହାର କପରି ଓ ସେ ବ୍ୟବହାରକୁ କପରି ଢଙ୍ଗରେ ପାଳନକରନ୍ତି ତାହା ନୈତିକତାର ଏକ ମହତ୍ୱପୂର୍ଣ୍ଣ ଅଙ୍ଗ ।

ନୈତିକତାକୁ ନେଇ କେତେକ ପ୍ରଶ୍ନ ଉଠିଥାଏ । **(କ)** ଯଦି ଆନ୍ତରିକ ମୂଲ୍ୟ ଆମ ଭିତରେ ଅଛି, ତେବେ ତାକୁ କଭଳ କର୍ମରେ ବିନିଯୋଗ କରାଯାଇପାରିବ? **(ଖ)** ଗ୍ଣରିତ୍ରିକ ମୂଲ୍ୟବୋଧ କଅଣ ପ୍ରତ୍ୟେକ ମଣିଷ ଭିତରେ ସୃଷ୍ଟି କରାଯାଇପାରିବ?

ଏହି ପ୍ରଶ୍ନଗୁଡିକର ଉତ୍ତର ପାଇଁ ଆଧାତ୍ମିକତା ବା ତଥାକଥିତ ଈଶ୍ୱରଙ୍କ କୌଣସି ଆବଶ୍ୟକତା ନାହିଁ । ମାନବ ମନର ମନସ୍ତତ୍ତ୍ୱ ବିଜ୍ଞାନ ଓ ସମାଜ ବିଜ୍ଞାନ ହିଁ ଏହାର ସଠିକ୍ ଉତ୍ତର ଖୋଜିବା ପାଇଁ ଉପଯୁକ୍ତ ଆଧାର ସୃଷ୍ଟି କରିପାରିବ ।

ଅନୈତିକତାକୁ ସୁନ୍ଦର ଭାବେ ଲୁଗ୍ଣଇ ରଖିବା ପାଇଁ ଧର୍ମ ହିଁ ବେଶୀ ସାହାଯ୍ୟ କରିଥାଏ । ଏହାର ଉଦାହରଣ ମଣିଷ ସମାଜରେ ଗୋଟିଏ ନୁହେଁ, କୋଟିଏ ମିଳବ । ଜନତାଙ୍କ

ଅଗୋଚରରେ କରିଥିବା ଅନୈତିକ କର୍ମ ପାଇଁ ମାନସିକ ସ୍ତରରେ ଅପରାଧବୋଧ ଅନୁଭବ କରୁଥିବା ବ୍ୟକ୍ତି ମନ୍ଦିରକୁ ଯାଇ ଦାନ, ଦକ୍ଷିଣା ଦେଇ କମ୍ବା କୌଣସି ତୀର୍ଥସ୍ଥଳର ତଥାକଥିତ ପବିତ୍ର ନଦୀରେ ବୁଡ ପକାଇ ନିଜକୁ ପାପ (ଅନ୍ୟାୟ, ଅତ୍ୟାଚାର, ଭ୍ରଷ୍ଟାଚାର, କୁକାର୍ଯ୍ୟ ଜନିତ ଅପରାଧ) ମୁକ୍ତ କରାଇଥାଏ । ପୁଣି ସେହି ଅପକର୍ମ କରିଥାଏ ।

ବିଭିନ୍ନ ସତସଙ୍ଗ ମାନଙ୍କରେ ପ୍ରବଚନ ଦେଉଥିବା ବାବାମାନେ କହିଥାନ୍ତି – ବହୁତ ଲୋକ ଅନେକ ପ୍ରକାର ଜ୍ଞାନ ପ୍ରାପ୍ତ କରୁଛନ୍ତି କିନ୍ତୁ ଯେଉଁମାନେ ଆଧାତ୍ମିକ ଜ୍ଞାନପ୍ରାପ୍ତ କରନ୍ତି, ସେହିମାନଙ୍କର ଜ୍ଞାନ ହିଁ ସର୍ବଶ୍ରେଷ୍ଠ ଜ୍ଞାନ । ଅନ୍ୟ ସମସ୍ତ ଜ୍ଞାନ ଭୌତିକ ସୁଖ ପ୍ରାପ୍ତି ପାଇଁ ହୋଇପାରେ କିନ୍ତୁ ଆଧାତ୍ମିକ ଜ୍ଞାନରୁ ହିଁ ନୈତିକତା ପ୍ରାପ୍ତ ହୋଇପାରିବ । ଅର୍ଥାତ ନୈତିକତା ସହିତ ଆଧାତ୍ମିକତାର ସିଧା ସମ୍ବନ୍ଧ ରହିଛି । ଏହିଭଳି ପ୍ରବଚନରେ କେତେ ସତ୍ୟତା ରହିଛି, ସେସବୁ ଆଜିର ଚଳନ୍ତି ତଥାକଥିତ ଭଗବାନମାନଙ୍କୁ ଦେଖିଲେ ସ୍ପଷ୍ଟ ହୋଇଯାଉଛି ।

ଆଧାତ୍ମବାଦୀ ଲୋକମାନଙ୍କ ମନରେ ଉଚ୍ଚନୀଚ ଜାତିଭେଦ ଈଶ୍ୱର ତିଆରି ନିୟମ ବୋଲି ବିଶ୍ୱାସ ରହିଛି । ଏପରିକି ଶିକ୍ଷା, ସଂପତ୍ତି, ମାନସମ୍ମାନ ଆଦିରେ ବି ଅନେକ ବିଭେଦ ରହିଛି । ଏହିସବୁ ପ୍ରଭେଦ ଆଧାତ୍ମିକ ନୀତି ଅନୁସାରେ ନୈତିକ ବୋଲି କିପରି କହିପାରିବା?

ଅନ୍ୟପକ୍ଷରେ ହେତୁବାଦୀମାନେ ମାନବୀୟ ଦୃଷ୍ଟିକୋଣରୁ ବିଚାର କରି ଏହି ପ୍ରଥା ବା ନୀତିକୁ ଏକ ଭୁଲ ପରମ୍ପରା ବୋଲି ମାନୁଛନ୍ତି । ହେତୁବାଦୀ ଚାହୁଁଛି ଗୋଟିଏ ଅସହାୟ, ଗରିବ ଦଳିତ ବ୍ୟକ୍ତିକୁ ସାହାଯ୍ୟ କରିବାପାଇଁ । ସେଇଠି ଆଧାତ୍ମବାଦୀ କହୁଛି ଏହା ତାର ପୂର୍ବଜନ୍ମର ପାପର ଫଳ । ଭଗବାନ ତା କଥା ବୁଝିବେ । ଏଇଥିରୁ ବୁଝାପଡୁଛି କିଏ ବେଶୀ ମାନବୀୟ ଓ ନୈତିକ ବ୍ୟକ୍ତି ।

ଜଣେ ହେତୁବାଦୀ ବ୍ୟକ୍ତି ଯଦି ସଚ୍ଚୋଟ ଓ ସଦାଚାରୀ ହୋଇପାରେ, ତେବେ ଜଣେ ଆସ୍ତିକବାଦୀ ବ୍ୟକ୍ତି ବେଇମାନ ହେବା ଉଚିତ କି? ଏହାର ବିପରୀତ ଆମେ ଦେଖୁଛୁ ଆମ

ଦେଶର ଅନେକ ତଥାକଥିତ ସାଧୁ, ସନ୍ନ୍ୟାସୀ, ବାବା, ଧର୍ମଗୁରୁ, ମାତା ଆଦି ଅନେକପ୍ରକାର ଅନୈତିକ କର୍ମ କରି ଜେଲ ଦଣ୍ଡ ଭୋଗ କରୁଛନ୍ତି କାହିଁକି?

ବାସ୍ତବ କ୍ଷେତ୍ରରେ ଦେଖାଯାଏ, ଆପଣ ଯଦି ଧନୀବ୍ୟକ୍ତି (ଯେଉଁ ଉପାୟରେ ହେଉ ଧନ ଅର୍ଜନ କରିଛନ୍ତି) ଆସ୍ତିକବାଦୀ ବ୍ୟକ୍ତିମାନେ ଆପଣଙ୍କୁ ସମ୍ମାନ ଦେବେକିନ୍ତୁ ଆପଣ ଯଦି ସଚ୍ଚୋଟ କିନ୍ତୁ ଗରିବ ତେବେ ଆପଣଙ୍କୁ ଉପେକ୍ଷା କରିବେ, ଅପମାନିତ କରିବେ । ଏହାକୁ ଆମେ ନୈତିକତା ବୋଲି କହିବା କି? ଜଣେ ହେତୁବାଦୀ ଧନୀ ଓ ଗରିବଙ୍କୁ ସମାନ ଭାବେ ସମ୍ମାନ ଦେଲେ ତାକୁ ଆମେ ଅନୈତିକ ବୋଲି କହିପାର୍ବା କି? ଆଧ୍ୟାତ୍ମବାଦୀ ବ୍ୟକ୍ତିର ଅଭିମାନ ବା ଅହଂକାର ରହିବା ଉଚିତ ନୁହେଁ । ତଥାକଥିତ ସାଧୁ ସନ୍ନ୍ୟାସୀ କହନ୍ତି ଅଭିମାନ ତ୍ୟାଗ କର, ମୋହ ମାୟା ତ୍ୟାଗ କର । କିନ୍ତୁ ଆଧ୍ୟାତ୍ମବାଦୀ ବ୍ୟକ୍ତିମାନେ ଏସବୁ ତ୍ୟାଗ କରିପାରୁଛନ୍ତି କି? ଚଳନ୍ତି ସମାଜରେ କୌଣସି ଆଧ୍ୟାତ୍ମବାଦୀ ବ୍ୟକ୍ତିର ଅଭିମାନଙ୍କୁ ଆମେ ସଦାଚାର ବା ନୈତିକତା ବୋଲି କହିପାରିବା କି? ଏହାର ବିପରୀତ ଜଣେ ସାଧାରଣ ହେତୁବାଦୀ ଅଭିମାନୀ ହେଲେ ବି ତା ଭିତରେ ଦୟା, କ୍ଷମା, ସ୍ନେହ ଓ ତ୍ୟାଗ ଗୁଣ ସବୁ ଥାଇପାରେ । କାରଣ ଏହା ତାର ପ୍ରକୃତିଦତ୍ତ ଆନ୍ତରିକ ଗୁଣ । ଏହା ତାକୁ କୌଣସି ଆଧ୍ୟାତ୍ମ୍ୟତା ଓ ତଥାକଥିତ ଈଶ୍ୱରଙ୍କଠାରୁ ପ୍ରାପ୍ତ ହୋଇନଥାଏ । ମାଂସାହାର ଗୋଟିଏ ହେତୁବାଦୀ ପାଇଁ ରୁଚିଯୁକ୍ତ ସାଧାରଣ ଖାଦ୍ୟ ହୋଇପାରେ, କିନ୍ତୁ ଅହିଂସାର ପ୍ରଚାରକ ଆଧ୍ୟାତ୍ମବାଦୀ ବ୍ୟକ୍ତି ନିର୍ଦ୍ଦୋଷ ପଶୁକୁ ଦେବୀଙ୍କ ଆଗରେ ବଳିଦେଇ ମାଂସ ଭକ୍ଷଣ କରିବା କିଅଣ ହିଂସା ଶ୍ରେଣୀରେ ଆସିବ ନାହିଁ?

କିଛି ଆଧ୍ୟାତ୍ମବାଦୀ ବ୍ୟକ୍ତି ମଣିଷର ଏକ ପ୍ରାକୃତିକ ମୌଳିକ ଆବଶ୍ୟକତା ସେକ୍ସ ଓ ପ୍ରେମାଳାପକୁ ପାପତଥା ଘୃଣ୍ୟକର୍ମ ବୋଲି ମାନନ୍ତି । ଏହା ଯଦି ଅନୈତିକ ତେବେ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ତଥାକଥିତ ଅବୈଧ ଯୌନ ସମ୍ବନ୍ଧକୁ ଆମେ କେଉଁ ଶ୍ରେଣୀରେ ଗଣନା କରିବା?

ଆଧ୍ୟାତ୍ମବାଦୀମାନେ ପ୍ରତ୍ୟେକ କର୍ମ ପଛରେ ତଥାକଥିତ ଈଶ୍ୱରଙ୍କ ଇଚ୍ଛା ଥିବା କଥା ମାନନ୍ତି । ସେମାନେ ପ୍ରେତ୍ୟେକ ଘଟଣାର ସୁପରିମାଣକୁ ଈଶ୍ୱରଙ୍କ କୃପା ଭାବି ଧନ୍ୟବାଦ ଜଣାଇଥାନ୍ତି । କିନ୍ତୁ ହେତୁବାଦୀମାନେ ପ୍ରତ୍ୟକ୍ଷ ଭାବେ ପ୍ରମାଣିତ ବ୍ୟକ୍ତି ବିଶେଷଙ୍କୁ, ସେମାନଙ୍କ ସୁକର୍ମ ପାଇଁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଥାନ୍ତି । ଯଥା: ଆମେ ଯେଉଁ ଖାଦ୍ୟ ଖାଉ, ସେହି ଖାଦ୍ୟ ଉତ୍ପାଦନ କରୁଥିବା କୃଷକକୁ ଧନ୍ୟବାଦ, ରୋଗୀକୁ ଚିକିତ୍ସା କରି ସୁସ୍ଥ କରିଥିବା ଡାକ୍ତରଙ୍କୁ ଧନ୍ୟବାଦ, ଉଚ୍ଚଶିକ୍ଷା ପ୍ରାପ୍ତହୋଇ ଚାକିରୀ କରିବାକୁ ଯୋଗ୍ୟ କରିଥିବା ଶିକ୍ଷକଙ୍କୁ ଧନ୍ୟବାଦ, ଆମର ନିତିଦିନିଆ ଜୀବନକୁ ସୁଗମ କରିଥିବା ଭୌତିକ ଯନ୍ତ୍ରପାତି, ଯାନବାହାନ ଆଦି ଉଦ୍ଭାବନ କରିଥିବା ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ଧନ୍ୟବାଦ ନଦେଲେ, ସେମାନଙ୍କୁ ଆମେ ଅପମାନ କରିବା ଭଳି ହେବ ଏବଂ ଏହା ଅନୈତିକ ଶ୍ରେଣୀରେ ହିଁ ଆସିବ ।

ଟ୍ରେନ୍ ଦୁର୍ଘଟଣାରେ କେହି ବଞ୍ଚିଗଲେ ଆସ୍ତିକବାଦୀମାନେ କହନ୍ତି ଈଶ୍ୱରଙ୍କ ଦୟାରୁ ବଞ୍ଚିଗଲା କିନ୍ତୁ କେହି ମରିଗଲେ କହନ୍ତି ଭଗବାନଙ୍କ ଏହା ହିଁ ଇଚ୍ଛା ଥିଲା । ସେମାନେ ଆଉ କୌଣସି କର୍ମ ଶୁଣିବାକୁ ଚାହାନ୍ତି ନାହିଁ । ବରଂ କହନ୍ତି ଆସ୍ତିକମାନେ ସର୍ବଦା ଠିକ୍ ଏବଂ ହେତୁବାଦୀମାନେ ସର୍ବଦା ଭୁଲ ।

ମଜାକଥା ହେଉଛି ଯେ ଦୁନିଆର ସମସ୍ତ ଧର୍ମଗୁରୁ ନିଜ ଆସ୍ତିକବାଦୀମାନଙ୍କୁ ଉପଦେଶ ଦିଅନ୍ତି – ତୁମେ ଦୟାବାନ ହୁଅ, ପ୍ରେମକୁ ବିସ୍ତାର କର, ସତ୍ୟପଥରେ ଚାଲ, ହିଂସା କର ନାହିଁ, ତଥାପି ସେମାନେ ସଦାଚାରୀ ହୋଇପାରନ୍ତି ନାହିଁ । କାରଣ ଅସଲକଥା ହେଉଛି ନୈତିକତା ଦ୍ୱାରା ଆଧ୍ୟାତ୍ମିକତା ତିଆରି ହେବା ସମ୍ଭବ କିନ୍ତୁ ଆଧ୍ୟାତ୍ମିକତା ଦ୍ୱାରା ନୈତିକତା ସୃଷ୍ଟି କରିବା ସମ୍ଭବ ନୁହେଁ । ଏହା ଅନେକ ଥର ପ୍ରମାଣିତ ହୋଇସାରିଛି । ନୈତିକତା ମଣିଷର ଜନ୍ମଜାତ ପ୍ରବୃତ୍ତି ଯାହା ତାର ବ୍ୟବହାର ଦ୍ୱାରା ନିର୍ଣ୍ଣୟ କରିହୁଏ । ଯେଉଁ ବ୍ୟକ୍ତି ସମାଜର କୌଣସି ନୀତି ନିୟମକୁ ମାନି ଚଳିବାକୁ ଚାହେଁ ନାହିଁ, ସେଭଳି ମଣିଷ ଯେ କୌଣସି ମନ୍ଦିର, ମସଜିଦ୍, ଚର୍ଚ୍ଚ ବା ଗୁରୁଦ୍ୱାରକୁ ଯାଇ ପୂଜାପାଠ କଲେବି ନୈତିକତାର ପାଠ ପଢିପାରିବ ନାହିଁ । ସେ ତାର ମନ୍ଦ ପ୍ରବୃତ୍ତିଗୁଡିକ ତ୍ୟାଗ କରିପାରିବ ନାହିଁ । କାରଣ

ଯଦି ସତରେ ତଥାକଥିତ ଈଶ୍ୱର ବା ଆଧ୍ୟାତ୍ମିକତା ବ୍ୟକ୍ତିକୁ ସଦାଚାରି କରିବାର ଶକ୍ତି ରଖୁଥାଆନ୍ତା, ତେବେ ଦୁନିଆରେ ପ୍ରାୟ ସମସ୍ତେ ସତ୍ୟବାଦୀ, ପରୋପକାରୀ ଓ ଶାନ୍ତିପ୍ରିୟ ହୋଇଥାନ୍ତେ । ଅନ୍ୟ ଦେଶ କଥା ଛାଡନ୍ତୁ, ଆମ ଦେଶରେ ଯୁଗ ଯୁଗରୁ ଅନେକ ତଥାକଥିତ ଅବତାର ଜନ୍ମଗ୍ରହଣ କରିଛନ୍ତି, ଶାସ୍ତ୍ର ଅନୁସାରେ ତେତିଶିକୋଟି ଦେବ, ଦେବୀ ବାସ କରୁଛନ୍ତି । ହଜାର ହଜାର ତଥାକଥିତ ମୁନିଋଷି ଆସିଥିଲେ। ତଥାପି ଆମର ଜନତା ନୈତିକତାର ଅର୍ଥ ବୁଝିପାରୁନାହାନ୍ତି । ସେଥିପାଇଁ ନୈତିକତାର ପ୍ରକୃତ ଅର୍ଥ ବୁଝିବା ଓ ପାଳନ କରିବା ପାଇଁ ଆସନ୍ତୁ ଏକ ବିକଳ୍ପ ପନ୍ଥା ଉପରେ ବିଚାର କରିବା। ତାହା ହେଉଛି ହେତୁବାଦୀ ଚନ୍ତାଧାର୍ । ଯଥା: ସମାଜ ତିଆରି ନୀତି ନିୟମକୁ ନିଷ୍ଠାର ସହ ମାନି ଚଳିବା, ମୁଁ ଯାହା ଶୁଣିବାକୁ ପସନ୍ଦ କରେ ନାହିଁ ଅନ୍ୟକୁ ସେହି କଥା ନଶୁଣାଇବା, ତଥାକଥିତ ଈଶ୍ୱର ଓ ଆଧ୍ୟାତ୍ମିକତା ଉପରେ ଭରସା କର୍ବା ଅପେକ୍ଷା ନିଜ ଉପରେ ଭରସା ରଖିବା ଏବଂ ଅନୈତିକ କର୍ମ କରୁଥିବା ବ୍ୟକ୍ତିଙ୍କୁ ଧରି କାନୁନ ବ୍ୟବସ୍ଥା ଅନୁସାରେ କଠୋର ଦଣ୍ଡ ଦେବା ।

ଯଦି ଆଜି ବି ଆମେ ନିର୍ଭୟରେ ଯାତାୟତ କରିପାରୁଛୁ ଏବଂ ଘରେ ଶାନ୍ତିରେ ଶୋଇପାରୁଛୁ, ତାର ଅସଲ କାରଣ ତଥାକଥିତ ଈଶ୍ୱର ବା ଆଧ୍ୟାତ୍ମିକତା ନୁହେଁ ବରଂ ପୋଲିସ ଓ ପ୍ରଶାସନ ବ୍ୟବସ୍ଥା ପାଇଁ ଚୋର, ବଦମାସଙ୍କ ମନରେ ଥିବା ଭୟ। ବିଚାର କରି ଦେଖନ୍ତୁ, କଥାଟା କେତେଦୂର ସତ୍ୟ?

କେ.ଆର. ପୂରମ, ବାଙ୍ଗାଲୋର

# ଅହଂକାରୀ ମଣିଷ

ପ୍ରଭାସ ଚନ୍ଦ୍ର ଟୋଲଟିଆ

ବଞ୍ଚିଥିବା ବେଳେ ମାଆ ବାପାଙ୍କୁ
କରିଦେଇଥିଲୁ ପର
ଯେତେ ଜମି ବାଡି ବାପା ରଖିଥିଲା
ଏବେ କରୁଅଛୁ ଅକ୍ତିଆର
ବା ରେ ମଣିଷ ବା ନିଜକୁ ଭାବୁଛୁ ବଳଆର
କେତେ ଅର୍ଜିବୁ ତୁ ପାପ ଭାର ।

ଯେତେ ଅରଜିବୁ ପେଟ ପୁରିବନି
ଏମିତି ତୁ ବଞ୍ଚିରହିବୁ
କେହି ନଥିବେ କାନ୍ଦିବା ଲୋକ
ଯେଉଁ ଦିନ ତୁ ମରିବୁ

ବୁଢ଼ା ବାପଟିର ତଣ୍ଟି ଧରୁଥିଲୁ
ମାଆ କୁ ମାରିଲୁ ଗୋଇଠା
ଦରିଦ୍ର ହେଇଙ୍କ ବୋଧେ ସେଥିପାଇଁ
ଖାଇ ବୁଲୁଅଛୁ ଅଇଁଠା ।

ଅର୍ଜି ଦେଇଥିଲା ବାପା ସମ୍ପତି
ବିକି ଭାଙ୍ଗି କରି ଖାଇଲୁ
ପୁଣି ମାଗୁଅଛୁ ଭାଇ ଭାଗ
ହାହାକାର କରି ଅକର୍ମା ହୋଇ ଦୁନିଆ ଟା ସାରା ବୁଲିଲୁ
ଏବେ ଲଗାଉଛୁ ପୁଣି ଦାଗ ।

ଭାଇ ଭାଇ ଭିତରେ କେତେ ଆଉ କଳହ କରିବୁ
କେତେ ଅହଙ୍କାର କରିବୁ
ଅଛି ଯଦି ମଣିଷ ପଣିଆ
ଏବେ ବି ସୁଧୁରି ପାରିବୁ ।

ସମୟର ଜାଲେ ଛନ୍ଦି ହୋଇ ଯାଇ
ଦିନେ ଅନୁତାପ କରି ମରିବୁ ।
କେତେ ଆଉ ଅହଙ୍କାର କରିବୁ
କେତେ ଆଉ ଅହଙ୍କାର କରିବୁ.....

ଚଞ୍ଚର୍ମୁଣ୍ଡା, ଗୋଲ୍ମୁଣ୍ଡା, କଳାହାଣ୍ଡି

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବେଙ୍ଗୁଲି ରାଣୀ
# (ଗଦ୍ୟକବିତା)

ଗୁରୁ ସୋମନାଥ ରାଜଗୁରୁ

ଘୁଂଘର୍ଘର ଶବ୍ଦରେ ମେଦିନୀ କମ୍ପାଇ
ଘଡଘଡି ଚଡ଼ଚଡ଼ି ର ହୃଦୟ ଫଟା ଗର୍ଜନ
ମୋତେ ପାଗଳ କରିଛି ସିନା
ବର୍ଷା ଟୋପାଏ ନାହିଁ
# # # # # #
ହେ ବେଙ୍ଗୁଲି ରାଣୀ
ତୋତେ କଣ ଜଣା ପଡୁନ କ
ଟୋପା ଟୋପା ବରଷା ରେ
ଫସଲ କଣ ହସିବକ କ୍ଷେତ ରେ କ୍ଷେତ ରେ
ଗୃଷୀର ମନତଳେ ଯେଉଁ
ନିରାଶାର ଶୁଷ୍କ ନଈ ଅବବାହିତ ହୁଏ
ତାହା କଣ ତୁମେ ଅନୁଭବ ରେ ଆଣିପାରନା
## #   #  #  #
ଛାଡ଼ ସେ କଥା ହେ ବେଙ୍ଗୁଲରାଣୀ
ତୁମେ ଉତଫୁଲିତ ହୃଦୟ ରେ ଗୀତ ଗାଅ
ସେ ଗୀତରେ ଥରି ଉଠୁ
ଇନ୍ଦ୍ରରାଜର ତନୁ ମନ ଚଇତନ୍ୟ
ତାର ଇଛାରେ ବରଷାର ସ୍ରୋତ ବହୁ ଏ ଧରା ଉପରେ
ଫସଲ ବିରାଜି ଉଠୁ ବିଲରେ ବିଲରେ
ଗୃଷୀକୁଳ ହୁଅନ୍ତୁ ଉଲ୍ଲସିତ
ଘୁଂଚଯାଉ   ଅବସାଦ     ମାନବ ହୃଦୟୁ
ସର୍ବେ ଆନନ୍ଦ ରେ କାଳାତିପାତ କରନ୍ତୁ
ଜୟ ହିନ୍ଦ

# ସମ୍ପର୍କର ସଂଜ୍ଞା



ପ୍ରୀତିରେଖା ପରିଡ଼ା

ସମ୍ପର୍କ କେବେ ବନ୍ଧା ରେଶମୀ ଡୋରି ରେ
ତ କେବେ ବନ୍ଦୀ ଅବିସ୍ୱାଶ ର କାର୍‌ଗାରେ,
ସମ୍ପର୍କ
ଆଦି ଅନ୍ତ ନ ଥାଏ ତ ତା'ର
ହୃଦୟର କଆରିରେ
          ମନର ମଞ୍ଜି ବୁଣି
ସ୍ନେହର ପିଡିଆ ଦେଇ
ବିଶ୍ୱାସର ଜଳ ଢାଳି
ସମ୍ପର୍କ ବଢ଼ି ଗୃଲେ।
     ତଥାପି
ଅବଶୋଷ ରହିଯାଏ
ଯେବେ ଫିକା ପଡେ ଏସବୁର
ସେତେବେଳେ ତୁମ ବିନା
ଏସବୁର ମାନେ କଛି ହୁଏନା
ମୋତେ ଲ୍‌ଗେ ତୁମେ ମୋର
ମାତା ପିତା ସଖା ସହୋଦର
ଯଦି ଭ୍‌ବେ ସମର୍ପଣର
  ସମ୍ପର୍କ
          ରୁପନଏ ସ୍ୱର୍ଗୀୟ ପ୍ରେମର ।।

ଜରଡା, ଅନୁଗୁଳ

# ଜଗନ୍ତ ଗୀତା- ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସମର୍ପିତ

ଗୀତା ଷଡଙ୍ଗୀ

କାହ୍ନାରେ.......
କଦମ୍ବ ଗଛକୁ ଛାଡି କଳ୍ପବଟ ମୂଳେ
ରହିଲ ମନ୍ଦିର ଗଢି
ଯମୁନା ନଈକୁ ଭୁଲି ମହୋଦଧି କୂଳେ
ତମେତ ରହିଲ ପଡି ||୦||

ଗୋପଦାଣ୍ଡ ନଈଘାଟ
ଆଜିବି ରହିଛି ଶୂନ୍ୟ
ଗଦ୍‌ଗଦ ନାଦ ଏଠି
ତୁମକୁ ପାଇକ ଧନ୍ୟ
ବିଦ୍ୟାର୍‌ଣ ଦେଇ କୁହ ଶ୍ରୀରାଧାକୁ ତମେ
ଦେଇଛ ହୃଦରୁ କାଢି ||୧||

ଗୋପାଳୁଣୀଙ୍କ ଲବଣି
ଗ୍ଲେଇ ଖାଉନ କେହି
ନଈପାର ହୋଇ ଆଉ
ଯାଏନାକେ ବିକ ଦହି
ତମେ ଗଲ୍ ପରେପରେ ଗୋପପୁର ଶିରି
ସବୁ ଯାଇଛି ଉଜୁଡି ||୨||

||ଜୟ ଜଗନ୍ନାଥ||

# ବିଦେଶ ଖବର

Bahrain Odia Samaj , Founder Shri Arun Kumar Praharaj met the Honourable Prime Minister Sri Narendra Modi Ji and appraised him about the existence of Mahaprabhu Jagannatha culture in Bahrain.



**(Baharin Odias getting ready to visit National Stadium for PM'saddress to the Indians)**



# ଶିଶୁ ବିଭାଗ



# ଜଗନ୍ନାଥଙ୍କ ଗଣେଶ ବେଶ



ମମତା ଦାଶ

ବହୁ ଯୁଗ ପୂର୍ବେ କର୍ଣ୍ଣାଟ ଦେଶରେ ଜଣେ ବଡ ଭକ୍ତ ଥିଲେ, ନାମ ଥିଲା ପ୍ରିୟମ୍ବଦ । ସେ ଗଣେଶ ରୂପରେ ଭଗବାନଙ୍କୁ ପୂଜା କରୁଥିଲେ । ସେ ଜାଣିପାରିଲେ ଯେ ଶ୍ରୀକ୍ଷେତ୍ରରେ ବ୍ରହ୍ମ ଦାରୁ ରୂପ ଧରି ଜଗନ୍ନାଥ ନାମରେ ପୂଜା ପାଉଛନ୍ତି । ବ୍ରହ୍ମଙ୍କୁ ଦର୍ଶନ କରିବା ଲାଗି ପ୍ରିୟମ୍ବଦ ପୁରୀଧାମରେ ପହଞ୍ଚିଲେ । ସେଦିନ ଥିଲା ସ୍ନାନ-ପୂର୍ଣ୍ଣିମା । ସ୍ନାନ ମଣ୍ଡପ ଉପରେ ବିଜେ କରିଥିବା ଜଗନ୍ନାଥ, ବଳଭଦ୍ର ଆଉ ସୁଭଦ୍ରାଙ୍କୁ ପ୍ରିୟମ୍ବଦ ଦର୍ଶନ କଲେ, ମାତ୍ର ନିଜ ଇଷ୍ଟ ଦେବତା ଗଣେଶଙ୍କୁ ସେଠି ନ ଦେଖି ବିଚାରିଲେ, ଜଗନ୍ନାଥ ଯଦି ସତରେ ବ୍ରହ୍ମ, ତେବେ ସେ ଗଣେଶ ରୂପ ଧରୁନାହାନ୍ତି କାହିଁକ? ଗଣେଶଙ୍କ ଦର୍ଶନ ନ ମିଳିବାରୁ ସେ ନିରାଶ ହୋଇ ନିଜ ଦେଶ ଚାଲିଗଲେ ।

ଏପଟେ ଭକ୍ତ ନିରାଶ ହୋଇ ଫେରି ଯାଉଥିବା ଯୋଗୁଁ ଜଗନ୍ନାଥ ଗୋଟିଏ ଯାତ୍ରୀ ବେଶ ଧରି ତାଙ୍କୁ ଅଠରନଳା ପାଖରେ ଭେଟିଲେ । କାହିଁକ ଫେରି ଯାଉଛନ୍ତି ପଚାରିବାରୁ ପ୍ରିୟମ୍ବଦ କହିଲେ ଯେ "ଜଗନ୍ନାଥ ସତରେ ବ୍ରହ୍ମ ହୋଇଥିଲେ ମତେ ଗଣେଶ ରୂପ ଦେଖାନ୍ତେ ।" ଯାତ୍ରୀ ବେଶ ଧରିଥିବା ଜଗନ୍ନାଥ କହିଲେ, "ଆଉଥରେ ସ୍ନାନ ମଣ୍ଡପକୁ ଯାଅ । ଗଣେଶ ରୂପ ଏଥର ନିଶ୍ଚୟ ଦେଖି ପାରିବ" । ସ୍ନାନ ମଣ୍ଡପକୁ ଫେରି ଯାଇ ପ୍ରିୟମ୍ବଦ ସତକୁ ସତ ଜଗନ୍ନାଥଙ୍କ ଗଣେଶ ରୂପ ଦେଖି ବଡ ସନ୍ତୁଷ୍ଟ ହେଲେ । ସେଇ ରାତିରେ ଦେଉଳର ବଡପଣ୍ଡାଙ୍କୁ ସ୍ୱପ୍ନରେ ଜଗନ୍ନାଥ କହିଲେ – "ଏଣିକ ପ୍ରତି ସ୍ନାନ ପୂର୍ଣ୍ଣିମାରେ ମତେ ଗଣେଶ ବେଶ କରାଇବ" । ସେଇ ଦିନଠାରୁ ଜଗନ୍ନାଥଙ୍କୁ ଗଣେଶ ବେଶ କରାଯାଏ ।

ଲକ୍ଷ୍ନୌ, ଉତ୍ତର ପ୍ରଦେଶ

# ଶରତ କଥା



ସତ୍ୟବ୍ରତ ସାହୁ

ଧରାପରେ ଏବେ ଶରତ ଆସିଛି ଖରା ଓ ଶୀତକୁ ଡରନାହିଁ,
ଫୁଟି ଚହଟୁଛି କାଶତଣ୍ଡି ଏବେ ପବନ ସହିତ ଗୀତଗାଇ ।୧।
ରାତିରେ ଫୁଟୁଛି ଗଙ୍ଗଶିଉଳଟି ସକାଳୁ ଯାଉଛି ତଳେପଡ,
ସବୁଜ ଶୋଭାରେ ଶୋଭିତା ଧରଣୀ ସବୁଜ ଚାଦର ହୋଇ ଘୋଡି ।୨।
ପୋଖରୀ ଜଳରେ ଫୁଟି ହସୁଛନ୍ତି ପଦୁଅଁ ଓ କଇଁ ଦିନରାତି,
ଜହ୍ନିଫୁଲ ସାଥେ ଉଡି ଉଡି ଖେଳେ ବାଡି ବଗିଚାରେ ପ୍ରଜାପତି ।୩।
ନଦୀର ଜଳରେ ପହଁରୁଛି ମାଛ ଦିଶେ ସତେ ରୁପା ଖଣ୍ଡ ପରି,
ଜହ୍ନର ଆଲୋକ ଏମିତି ଲାଗୁଛି ପିନ୍ଧିଛି କି ସତେ ରୁପା ଜରି ।୪।
ବରଷାରେ ତିନ୍ତି ବୁଡି ଚାଷୀ ଭାଇ ଧାନ ରୋଇଥିଲା ଯେଉଁ କ୍ଷେତେ,
ଶରତେ ଅବା ତା ପେଟ ପୁରିଯାଏ ଦେଖି ସବୁଜିଆ ଧାନ ଯେତେ ।୫।
ଶରତର ଶୋଭା ଦେଖିବା ପାଇଁକି ଦେବତା ମାନଙ୍କ ମନବଳେ,
ଅଗ୍ରପୂଜ୍ୟ ଗଣପତି ଆସିଥାନ୍ତି ଭକ୍ତି ଢାଳଦେଉ ପାଦତଳେ ।୬।
ମନ୍ଦିର ବେଢାକୁ ପ୍ରଦକ୍ଷିଣ କରେ ବିରଜାଙ୍କ ସିଂହଧ୍ୱଜ ରଥ,
ଦ୍ୱିତୀୟା ଓଷା, କୁଆଁର ପୂନେଇଁରେ ବନ୍ଧୁ ବାନ୍ଧବଙ୍କ ଆତଯାତ ।୭।
ବିଶ୍ୱକର୍ମା ପୂଜା, ଭାଗବତ ଜନ୍ମ, ଅନନ୍ତ ବ୍ରତ ଓ ଦଶହରା,
ମା ଦୁର୍ଗାଙ୍କର ମୃଣ୍ମୟ ମୂରତୀ ମନ, ହୃଦୟରୁ ଅପାଶୋରା ।୮।
ଲାଉ ଲତା ସବୁ ମାଡିଛି ଚାଳରେ କଖାରୁ ଓଳଛି ମଞ୍ଚାପରେ,
ବରକୋଳ କଷି ଧରିଲାଣି ଏବେ ଧଳା ଟିକ ଫୁଲ ଡାଳେ ଡାଳେ ।୯
ଏମିତିରେ ସରେ ଶରତ ଋତୁଟି ଭାଦ୍ରବ, ଅଶ୍ୱିନ ମାସ ନେଇ,
ହେମନ୍ତ ପଛରୁ ଡାକ କହୁଥାଏ ଦଶ ମାସ ପାଇଁ ପଳା ତୁହି ।୧୦।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ଆମେରେ ସ୍ୱାଧୀନ ଭାରତ ପିଲା



ପ୍ରଣତି ମହାପାତ୍ର

ଆମେରେ ସ୍ୱାଧୀନ ଭାରତ ପିଲା,
ନାହିଁ ଉଚ୍ଚ ନୀଚ, ନାହିଁ ଜାତିଭେଦ,
ନାହିଁ ତ କଛି ଝାମେଲା ।
ଆମେରେ...
ପରାଧୀନ ଥିଲା ମାଆ ଏ ଭାରତ
ସହିଥିଲା ସିଏ କଷଣ ବହୁତ,
ବୀରପୁର କେତେ ଜନମି ତା ଗର୍ଭୁ
ଗୋରା ବେପାରୀଙ୍କୁ ତଡିଦେଲେ ଭଲା ।
ଆମେରେ ...
ମାଟି ମାଆ ପାଇଁ ଦେଲେ ବଳୀଦାନ
ଭୁଲିଗଲେ ଘର ଦ୍ୱାର ଓ ସନ୍ତାନ,
ବନ୍ଧୁକ ଆଗରେ ପାତିଦେଲେ ଛାତି
ବନ୍ଦେ ଉତ୍କଳ ଜନନୀ ସ୍ଲୋଗାନ ଥିଲା ।
ଆମେରେ...
ସେହି ବୀରରକ୍ତ ଦେହେ ଅଛି ଆମ,
ଏକତା ରଜ୍ଜୁରେ କରି ମହତ୍ କାମ,
ସାହସ ବିଶ୍ୱାସ ଶାନ୍ତିର ପତାକା
ଉଡାଇବୁ ଆମେ କରି ମନଖୋଲା ।
ଆମେରେ ସ୍ୱାଧୀନ ଭାରତ ପିଲା ।

ଫକୀରମୋହନ ନଗର, ବାଲେଶ୍ୱର

# ଲହୁଣୀ ଚୋର
# ନବନୀତ ଚୋର



ରାଜଶେଖର ସି "ଚମା"

କେତେ ନାମ ରଖିଛନ୍ତି ଲହୁଣୀପ୍ରିୟ କାଳଆ କହ୍ନେଇ,
ହସୁଛନ୍ତି ଲହୁଣୀଚୋର ନବନୀତ ଚୋର ନାମପାଇ,
ନାଟ କରିଲେ ମାତା ଯଶୋଦାଙ୍କ ଦୁଃଖୀଧନ ହୋଇ,
ଗୋକୁଳବାସୀ ତରିଲେ ତାଙ୍କ ଶୈଶବର ଗୁଣଗାନ ଗାଇ।୧।

ରଖୁଥିଲେ ଗଉଡୁଣୀ ଦହିହାଣ୍ଡିକୁ ଯେ ଲୁଚେଇ,
କନ୍ତୁ ବଂଶୀଧର ସବୁକଛି ତ ଭଲଭାବେ ଜାଣଇ,
ମଉଜ କରୁଥିଲେ ସଖାଙ୍କ ସହ ମିଳମିଶି ତେଇଁ,
ଗୋପାଙ୍ଗନାଙ୍କୁ ନଚଉଥିଲେ ନବନୀତ ଚୋରେଇ|୨|

ଯଶୋଦାଙ୍କ ପାଖରେର ଗୋପିକାଙ୍କ ଅଭିଯୋଗ ଆସଇ,
ପଳାନ୍ତି କହ୍ନେଇଙ୍କ ସବୁ ଦୁଷ୍ଟାମୀ ଚଗଲାମୀ ବୁଝେଇ,
ନନ୍ଦନନ୍ଦନ କୁହନ୍ତି ଯେ ସବୁ ଗୋକୁଳ ସ୍ତ୍ରୀ ଯେ ମିଛେଇ,
ନନ୍ଦରାଣୀ ଏହି ଆରୋପର ସମାଧାନ ଯେ ଖୋଜଇ|୩|

ଶ୍ରୀକୃଷ୍ଣ ଜଣାନ୍ତି ସେ ମାଖନ ଚୋର ନୁହଁଇ,
ମାତା ଖୁସି ହୁଅନ୍ତି ଘରର ଲହୁଣୀ ଦେଖେଇ,
ଆନନ୍ଦିତ ହୁଅନ୍ତି ସ୍ୱହସ୍ତେ ନବନୀତ ଖୁଆଇ,
ଲହୁଣୀ ଚୋର କେତେଯେ ନରୀହ ଦେଖଇ|୪|

chvrajasekhar@gmail.com

# ନାଲି



ଲକ୍ଷ୍ମୀକାନ୍ତ ପଟ୍ଟନାୟକ

ନିତି ସକାଳେ ପୂରବୁ ଦିଗେ
ନାଲି ସୂରୁଜ ଉଏଁ
ବଣ ପାହାଡ ନଈ ନାଳ ତା
ନାଲି କରଣ ଛୁଏଁ ।
ସବୁଜ ଘାସେ ଦିଶଇ ଶୋଭି
ନାଲି ସାଧବ ବୋହୂ
ଶିଶୁର ନାଲି ଓଠରୁ ଝରେ
କଅଁଳ କଥା ମହୁ ।
ନାଲି ନାଲିକା କୃଷ୍ଣଚୂଡା
ନାଲି ଗୋଲାପ ଫୁଲ
ମନ୍ଦାର ନାଲି ସିନ୍ଦୂର ନାଲି
ନାଲି ନଆଁର ଝୁଲ ।
ନୂଆ ବୋହୂଟି ପାଦରେ ନାଲି
ଅଳତା ପାଏ ଶୋଭି
ଶୁଆଉ ନାଲିଟିକ ଥଣ୍ଟଟି
ଆହା କ ମନୋଲୋଭି!

କୁକୁଡା ମୁଣ୍ଡେ ନାଲି ମୁକୁଟ
କେଡେ ସୁନ୍ଦର ଦିଶେ
ପୋଖରୀ ଜଳେ ଝୁଲି ଝୁଲିକା
ନାଲି ପଦୁଅଁ ହସେ ।
ବଡ ଦେଉଳ ଚୂଳରେ ବଡ
ନାଲିଆ ନେତ ଶୋହେ
ନାଲିଆ ପାଟ ପିନ୍ଧି କାଳିଆ
ଭକତ ମନ ମୋହେ ।
ସେଇତ ସବୁ ଲୁଚ ଲୁଚକା
ସଜାଡି ଏତେ ଚଜ
ଖୁସିରେ ତୁମ ମନ ହଜାଏ
ପିଲାଏ ତାକୁ ହେଜ ।

ଅବସର ପ୍ରାପ୍ତ ଶିକ୍ଷକ
କୁରୁମ ବାଙ୍କତର୍, ଓଡଗାଁ, ନୟାଗଡ

# ବାଇଗଣୀ ବର୍ଣ୍ଣ ଆଳୁ



ରଞ୍ଜିତ କୁମାର ସାହୁ

ଉଫଫ.. ବୁବୁନ ପାଟିରୁ ବାହାରି ଗଲ୍ । ସୁନ୍ଦର ଧଳା ଆଉ ଫିକା ଘିଅ ରଙ୍ଗ ବଦଳରେ ଏ ସବୁ ବାଇଗଣୀ ବର୍ଣ୍ଣ ଜିନଷ ଗୁଡାକ କଣ? ଦେଖିଲେ ହିଁ ମନ ହଉନ ପାଟିରେ ପକେଇବାକୁ, ଏହାକୁ ପୁଣି ଖାଇବ କଏ, ସ୍ୱାଦ ଯାହା ହେଉ ନା କାହିଁକ? ଲ୍ଗୁଛି ଯେମିତି କଏ ଆଳୁ ଚପ୍ସ ଗୁଡାକୁ ହୋଲିର ରଙ୍ଗରେ ବୁଡ଼େଇକ ଶୁଖେଇ ଦେଇଛି ତା'ପରେ ଚପ୍ସ ତିଆରି କରିଛି ! ନୀଳ ବର୍ଣ୍ଣ ଶୃଗାଳ ଗପଟି ସିନା ଶୁଣିବାକୁ ଭଲ ଲ୍ଗେ, କନ୍ତୁ ବାଇଗଣୀ ବର୍ଣ୍ଣ ଆଳୁ କଣ ସେମିତି ଖାଇବାକୁ ଭଲ ଲ୍ଗିବ? ବାପା ମାଆ ଜଣେ ବନ୍ଧୁଙ୍କର ଅକସ୍ମାତ ଦୁର୍ଘଟଣା କଥା ଶୁଣି ଚାଲି ଯାଇଛନ୍ତି ବୁବୁନକୁ ଏକା ଛାଡି ଘରେ । କେତେବେଳେ ଫେରିବେ କଛି ଠିକଣା ନାହିଁ । ଗଲ୍ ବେଳେ କଛିଟା ସ୍ନାକ୍ସ ପ୍ୟାକେଟ ଧରେଇ ଦେଇଛନ୍ତି ଆଉ କହିଛନ୍ତି ରୋଷେଇ ବି ସରିଛି, ଯାହା ମନକୁ ଆସିଲେ ଖାଇବୁ । କୌତୁହଳ ବଶତଃ ବୁବୁନ ଖୋଲିଦେଲ୍ ଆଳୁ ଚପ୍ସ ଲେଖା ହେଇଥିବା ପ୍ୟାକେଟଟିକୁ । ଏଗୁଡିକ କୁଆଡେ ବାପାଙ୍କର ସାଙ୍ଗ ଜଣେ କେହି ଦେଇଥିଲେ ଦପ୍ତରରେ । ସାଙ୍ଗ ଜଣକ ନଜେ ଏହି ସବୁ ଚପ୍ସ ଘରେ ତିଆରି କରିଛନ୍ତି, ତେଣୁ ଏଇଗୁଡାକ କୁଆଡେ ସ୍ୱାସ୍ଥ୍ୟକର ! ବାପା ଚପ୍ସ ଖାଆନ୍ତି ନାହିଁ, କନ୍ତୁ ମନା କରି ପାରିଲେ ନାହିଁ ନାହିଁ, ତେଣୁ ଘରକୁ ଆଣି ଧରେଇଦେଲେ ବୁବୁନକୁ କଛି ପ୍ୟାକେଟ ମିଳଥିବା ବିଭିନ୍ନ ରଙ୍ଗର ସ୍ନାକସ ସବୁ । ସେଥିରୁ ଗୋଟାଏ ଖୋଲି ଦେଇଥିଲ୍ ବୁବୁନ ! ଆଶ୍ଚର୍ଯ୍ୟରେ ନଜକୁ ପ୍ରଶ୍ନ କରିବାରେ ଲ୍ଗିଲ୍ ବୁବୁନ । ବାପା କୃତ୍ରିମ ରଙ୍ଗ ଆଉ ଖାଦ୍ୟର ବିରୋଧୀ ହୋଇ ମଧ୍ୟ ଏ ପ୍ରକାର ରଙ୍ଗୀନ ଚପ୍ସ କେମିତି ଧରେଇ ଦେଲେ ତାହା ହାତରେ ? ବାପା ନଶ୍ଚୟ ଖୋଲିକ ଦେଖି ନାହାନ୍ତି ! ନଚେତ ଏମିତି ଭୁଲ କେବେ କରନ୍ତେ ନାହିଁ । କେତେ ଥର ମନା କରିଛନ୍ତି ବଜାରରେ ମିଳୁଥିବା ରଙ୍ଗ ବିରଙ୍ଗ ମିଠାଇ ଖାଇବା ଲ୍ଗି, କାରଣ କେଉଁ ରଙ୍ଗଟି ଭଲ ଆଉ କେଉଁଟି ଭେଜାଲ ସହଜରେ ଜଣା ପଡେ ନାହିଁ!

ବୁବୁନଟା ଭରି ଗବେଷଣା ପ୍ରବଣ ପିଲ୍‌ଟିଏ । ମନେ ପଡିଗଲ୍ ନକଟରେ ସୋସିଆଲ ମିଡିଆରେ ଦେଖିଥିବା ଭିଡିଓଟିଏ, କେମିତି କୃତ୍ରିମ ରଙ୍ଗକୁ ଠାବ କରା ଯାଇ ପାରିବ । ଆଜି ଏହି ଆଳୁର ରଙ୍ଗ ବାହାର କରି ରଖିବ ଆଉ ବାପାଙ୍କୁ ଆସିଲେ ଦେଖେଇବ ! ବାପା ଖୁସି ହେଇଯିବେ, ବୁବୁନର କରାମତି ଦେଖିକ ! ଜାମୁ କୋଳ ଭଳ ଦେଖାଯାଉଥିବା ଆଳୁ ଯେତେବେଳେ ଧଳା କ ହଳଦିଆ ହବ ବହୁତ ମଜା ଆସିବ, ପାଣିରେ କଛି ଚପ୍ସ ବୁଡାଉ ବୁଡାଉ ଭାବିବାକୁ ଲାଗିଲ୍ ବୁବୁନ । ଆଜି ହେବ ନୀଳବର୍ଣ୍ଣ ଆଳୁର ରଙ୍ଗ ଧୁଆ !

ଦଶ ମିନଟ ଗଲ୍, 15 ମିନଟ ଗଲ୍ ଆଉ ଅଧା ଘଣ୍ଟା ମଧ ସରିଲ୍, ଆଳୁ ଚପ୍ସ ପାଣିରେ ବତୁରି, ଚକଟା ରେ ପରିଣତ ହେଲ୍, କନ୍ତୁ ତାହାର ରଙ୍ଗ ସେମିତି ଥିଲ୍ ! ଆଉ ଥୋଡାଏ ଆଳୁ ଚପ୍ସ ନେଇ ଲୁଣ ପାଣିରେ ଭିଜେଇଲ୍ ଆଉ କଛିକୁ ତେଲରେ ବତୁରେଇ ରଖିଲ୍ । କନ୍ତୁ ଆଳୁ ଚପ୍ସ ର ରଙ୍ଗ ସେମିତି ହିଁ ରହିଥିଲ୍ ଘଣ୍ଟାଏ ଯାଏଁ । ଭାବିବାକୁ ଲାଗିଲ୍ ବୁବୁନ, କେତେ ବୁଦ୍ଧିମତ୍ତା ସହିତ ଏହି ଆଳୁକୁ ରଙ୍ଗ ଦିଅ ଯାଇଛି ! ବୁବୁନ ଭାରି ସିଆଣିଆ ଟୋକାଟା । ଭାବିଲ୍ ସିଏ ମଧ ଦେଖିବ ଆଳୁକୁ କେମିତି ରଙ୍ଗ ବୋଳା ଯାଏ । ହୋମଓ୍ବାର୍କ ତ ସାରିଛି, ବାପା ମାଆ ଫେରିଲ୍ ଯାଏଁ କରିବ କଣ? ନଦ ତ ଲାଗିବ ନାହିଁ!



କଛି ଭ୍ବିକ ଖୋଜିବାକୁ ଲ୍ଗିଲ୍ ରଙ୍ଗୀନ ଆଳୁ ବିଷୟରେ । ଅଳ୍ପ ସମୟରେ ଜାଣିବାକୁ ପାଇଲ୍ ଆଳୁର ଉତ୍ପତ୍ତି ସ୍ଥଳ ଦକ୍ଷିଣ ଆମେରିକାର ଆଣ୍ଡିଜ ପର୍ବତମାଳା । ସେହିଠାରେ ଆଳୁ ପ୍ରଥମେ ଆଦିମ ଜନଜାତି ମାନଙ୍କ ଦ୍ୱାର୍ ଗୃଷ ହୋଇଥିଲ୍ । ପ୍ରାଚୀନ ଆଳୁ ଗୁଡାକ ଦେଖିବାକୁ ବିଭିନ୍ନ ରଙ୍ଗର ହୋଇଥିଲ୍, ଆଜିର ଆଳୁ ଭଳ ଗୋଳଆ ଆଉ ଭିତରେ ଧଳା ହୋଇ ନଥିଲ୍ ଏବଂ ଆଜିର ଆଳୁ ଠାରୁ ଅନେକ ପୃଷ୍ଟିକର ଥିଲ୍ । କେତେକ ଆଳୁ ମହମ ତିଆରି ହେଲ୍ ଭଳ ଦେଖାଯାଏ ମଧ । ଆଜି ମଧ କେତେକ ସ୍ଥାନରେ ମିଳେ ଏହି ରଙ୍ଗ ବିରଙ୍ଗ ଆଳୁ । ମଣିଷ ମଧ ଅଦ୍ଭୁତ ପ୍ରାଣୀଟିଏ, ରଙ୍ଗୀନ ଆଳୁକୁ ଧଳା କରୁଛି ଆଉ ଧଳା ରଙ୍ଗର ପରିବା ସବୁକୁ ରଙ୍ଗୀନ !



ଏହାର ଚ୍ଛେପା ଓ ଭିତରେ ନାଲି ବାଇଗଣୀ, କମଳା, କମ୍ବା ହଳଦିଆ ହୋଇ ପାରେ । ବିଲ୍ତି, ଲଙ୍କା ଆଉ ଆଳୁ ଉଦ୍ଭିଦ ବିଜ୍ଞାନୀ ମାନଙ୍କ ଅନୁସାରେ ଗୋଟିଏ ପରିବାରରେ ଅନ୍ତର୍ଭୁକ୍ତ ଆଉ ଏହି ତିନଟି ସଦସ୍ୟ ଆମେରିକାରୁ ଆସିଛନ୍ତି ସମଗ୍ର ବିଶ୍ୱକୁ ।

ଏମିତି ଅନେକ ବିଷୟ ପଢୁ ପଢୁ କେତେବଳେ ନଜର ଗବେଷଣାକୁ ଭୁଲି ନଦରେ ଶୋଇ ପଡିଥିଲା ବୁବୁନ । କାହାର ହାତର ଛୁଆଁରେ ଆଖି ଖୋଲିଲା ବେଳକୁ ସାମନାରେ ବାପା ତାହାର ଗବେଷଣା ଆଡକୁ ଆଙ୍ଗୁଠି ଦେଖେଇ ପ୍ରଶ୍ନ ଭଙ୍ଗୀରେ ଗ୍ରହିଁଛନ୍ତି ।

କାଳେ ଚପ୍ସ ସବୁ ବର୍ବାଦ ହେଇଥିବାରୁ ବାପା ଗାଳି ଦେବେ, ସେହି ଭୟରେ ଅଧା ନଦରୁ ଉଠି ବାପାଙ୍କୁ ସବୁ କହି ଦେଲା ବୁବୁନ ।

ବାପା କନ୍ତୁ ହସିଲେ, କହିଲେ, "ମୁଁ ଖୁସି ତୁ ସମୟର ଉପଯୁକ୍ତ ବ୍ୟବହାର କରିଛୁ ଆଉ ଇଣ୍ଟରନେଟରେ ମଧ୍ୟ, ଆଳୁ ଚପ୍ସ ପୁଣି ଆଣି ହେବ, ସମୟ ଫେରିବା ନାହିଁ ।" ବାପାଙ୍କୁ କୁଣ୍ଢେଇ ଧରିଲା ବୁବୁନ, ପୁଣି କଛି କହିବା ପୂର୍ବରୁ ତାହାର ଘୁଂଘୁଡି ଶବ୍ଦ ଆରମ୍ଭ ହୋଇ ସାରିଥିଲା ।

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ସ୍ବର ଲେଟସଭିଲ୍ଲ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ଛୋଟିଆ ଗାଁ ଟି



ଅଭୟ କୁମାର ହେର୍ଣ୍ଡା

ମନେପଡେ ଆଜି ଆମରି ଗାଁ ର
ଉଦନ୍ତୀ ର ଉପ ନଈ
ବର୍ଷା ଋତୁ ହେଲେ ଭରପୂର ପାଣି
ଯାଉ ଥିଲା ଯେହ୍ନେ ବୋହି

ଆମ ଗାଁ ବଧୂ ର କାଖ ରେ ମାଠିଆ
ଲାଗୁଥିଲା ମନଲୋଭା
ନଈ ଆରପଟ ସାଗୁଆନ ବଣ
ଆହା କି ସୁନ୍ଦର ଆଭା

ମନେପଡେ ଆଜି ଗୋପାଳ ପୁଅର
ସୁମଧୁର ବଂଶୀସ୍ୱନ
ସଞ୍ଜ ନଇ ଗଲେ ଗୋଧୂଳି ର ସାଥେ
ସୂର୍ଯ୍ୟ ଲୋହିତ କିରଣ

ଗାଁ ର ଦ୍ୱାରରେ ଗାଈଗୋଠ ନାମେ
ଥିଲା ବିରାଟ ପ୍ରାଙ୍ଗଣ
ପ୍ରଭାତରେ ଯେହ୍ନେ ବିପୁଳ ମାତ୍ରାରେ
ଗାଁ ଧେନୁ ଙ୍କ ସଙ୍ଗମ

ସେ ଜଳ ବର୍ଷିତ  ହଳ ରେ କର୍ଷିତ
ଜମି ର ସୁଗନ୍ଧ ବାସ
ନଈତୀରେ ଯାଇ  ବାଡି ଡିଆଁ ଖେଳ
ନଈ ର ସଫରୀ ଝସ

ସେ ଦୋରୁଅ ରସ  କେତେ ଯେ ମଧୁର
ସତେ ସୁଧା ର ସମାନ
କୁମୁଦ ରେ ଭର୍‌  ସେ ଛୋଟ ସରସୀ
ଦେଖି ଚତ୍ତ ମୋହାଛନ

ଗାଁ ର ପୂରବେ  ଗାଁ ପାଠଶାଳ
ଦର୍ଶାଉ ଥିଲ୍‌ ସୁନ୍ଦର
ପୂରୁବ ଦକ୍ଷିଣ  ସେ କୋଣରେ ସିନା
ମହାଦେବ ଙ୍କ ମନ୍ଦିର

ହେତୁ କରିଲେ ସେ  ବାଲ୍ୟକାଳ ମୋର
ବହିଯାଏ ଅଶ୍ରୁଧାର
ଲ୍‌ଗେ ସର୍ବଶ୍ରେଷ୍ଠ  ଏଇ ଧର୍‌ଧାମେ
ଛୋଟିଆ ଗାଁ ଟି ମୋର
ଛୋଟିଆ ଗାଁ ଟି ମୋର

କଇଟ ପଦର, ସିନା ପାଲୀ, ନୂଆପଡା

# କୁନା ପଢ଼ିବ ପାଠ



ନରେନ୍ଦ୍ର ପ୍ରସାଦ ବେହେର୍

କୁନା ତ ଆମର ସୁନା ପିଲ୍‌ଟା
ପଢ଼ିବାକୁ ମନକଲ୍
କହିଲ୍ ଯାଇସେ ମାଆର କାନେ
ସ୍କୁଲ ଯିବା ବେଳ ହେଲ୍ ।

ଖାଇବାକୁ ମୋତେ ଦିଅ ଶୀଘ୍ର ମା
ବସ୍ତାନ କାନ୍ଧରେ ଧରି
ବାହାରିଲ୍ କୁନା ବସ୍ତାନ ଧରି
କହିଲ୍ (ମା) କରନ ଡେରି ।

ଏଡେ ବକଟେ କୁନାଟା ଆମର
ସ୍କୁଲ ଯିବାକୁ ଅଧିର
ସକଳ କାମକୁ ସାରିଣ ମାଆ
ଗଲ୍‌ତ ନେଇ ସାଙ୍ଗର ।

କହିଲ୍ ମାଆ ତା ମାଷ୍ଟର କାନେ
କୁନା ତ ପଢ଼ିବ ପାଠ
ପଢ଼ିବାକୁ ସେ କରେ ତ ଅଝଟ
ଯେତେ ମାଠିବ ତ ମାଠ ।

ମାଆଠାରୁ ଶୁଣି କୁନାର କଥା
ଅବାକ ହୋଇଲେ ସର୍ବେ
ଏହି ପିଲା ଦିନେ ରଖିବ ନାଁ
ସମସ୍ତ କହିଲେ ଗର୍ବେ ।।

ଆଳନ୍ଦା, ଖଇରା, ବାଲେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମନରେ କରିଛି ପଣ



ତପନ କୁମାର ସ୍ୱାଇଁ

ସକାଳୁ ସକାଳୁ କାଉ କାଆ କଲେ
ନିଦରୁ ଉଠଇ କୁନା
ଯିଏ ବି ପଛରୁ ଡାକଲେ ଶୁଣିଯା
କୁନା କରିଦିଏ ମନା ।

ସାଇକେଲ ଧରି ଏକ ମୁହଁ ହୋଇ
ଗୁଲିଯାଏ ତର ତର,
କହଇ ଡାକନା ଡେରି ହୋଇଯିବ
ଉଚ୍ଛୁର ହେଲାଣି ମୋର ।

ସକାଳୁ ସକାଳୁ ଖବରକାଗଜ
ଆଣି ଦିଏ ଘରେ ଘରେ,
କହେ ବାହାରିଛି ଦେଶର ଖବର
ପଢି ଦେଖ ଭାଇ ଥରେ ।

ସଅଳ ସଅଳ ବାଣ୍ଟିଦେଇ କୁନା
ଘରକୁ ଲେଉଟି ଯାଇ,
ପାଠ ବହି ଧରି ମନ ଦେଇ ପଢେ
ଯାହାବି ମୁଠାଏ ଖାଇ ।

ଗାଆଁ ସାରା ଲୋକ ସଭିଏଁ କୁନାକୁ
ଆଶିଷ ଦିଅନ୍ତି ଢାଳ,
କେହି ହେଲେ ଦିନେ କୁନାକୁ ଜଣିଏ
ଦିଏ ନାହିଁ କେବେ ଗାଳ ।

ପାଠ ପଢ଼ି କୁନା ବଡ ହେବ ଦିନେ
ମନରେ କରିଛି ପଣ,
ନିଜେ ଦୁଃଖେ ରହି ବାଂଟିଦେବ ସୁଖ
ସଭିଙ୍କୁ ସେ ଜଣ ଜଣ ।

ଆଇବିଲି, ଜଗତସିଂହପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବାଲୁତ ବୀର

ନିବେଦିତା ମହାପାତ୍ର

ବୀରଭୋଗ୍ୟା ମୋର ବସୁନ୍ଧରା କୋଳେ
କେତେ ଯେ ବୀରପୁତ୍ର ଜନମି ଥିଲେ
ଦେଇଦେଲେ ନିଜ ପ୍ରାଣ ବଳିଦାନ
କରିବାକୁ ଏହି ଦେଶକୁ ସ୍ୱାଧିନ ।୧।
ବାର ବରଷର ସେ ବାଲୁତ ବୀର
ବାଜି ରାଉତ ନାମ ଅଟେ ତାହାର
ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠ ପୁର
ବ୍ରାହ୍ମଣୀ ନଦୀ କୂଳେ ତାହାରି ଘର ।୨।
ସିପାହୀ ସାଜି ସେ ପ୍ରଜାମଣ୍ଡଳର
ବିଦ୍ରୋହୀ ପ୍ରଜାଙ୍କୁ କରୁଥିଲେ ପାର
ଆଶଙ୍କା କରିଣ ଗୋରା ସରକାର
ଆସିଲେ କରିବାକୁ ଦମନ ତାହାର ।୩।
ଦେଲେ ସେ ଆଦେଶ କରିଦିଅ ପାର
ଯିବାକୁ ଅଛି ତ ଗଡଜାତ ପୁର
ମାନିଲାନି ସେତ ଆଦେଶ ଶତ୍ରୁର
ନ ଡରିଲା ଶୁଣି ଧମକ ତାଙ୍କର ।୪।
ଦୃଢ ଭାବେ ରହି ବଚନରେ ସ୍ଥିର
ବୀରଦର୍ପେ ଦେଲା ତାଙ୍କୁ ଯେ ଉତ୍ତର
ଫିଟାଇବି ନାହିଁ ନଉକା ଘାଟର
ଦେବିନି ମଉକା ଗ୍ରାମେ ପଶିବାର ।୫।
ଉତ୍ୟକ୍ତ ହୋଇ ଇଂରେଜ ସରକାର
ଗୁଳି ବର୍ଷଣ କରିଲେ ତା ଉପର

ରକ୍ଷା କରିବାକୁ ସାଥି ସହଚର
ଢାଳ ଦେଇଥିଲା ନିଜର ରୁଧିର ।୬ ।
ଟଳି ପଡିଲା ସେ ପାର୍ଥିବ ଶରୀର
ଲିଭିଗଲା ସଳିତା ତା ଜୀବନର
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହୋଇଗଲା
ଅମର ଶହିଦ ସେ ମାଟି ମାଆର ।୭ ।

ମୁକୁନ୍ଦ ମିଶ୍ର ନଗର,ପୁରୀ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୦୯/୨୦୧୯ | ଗୌରୀ ଓ ଗଣେଶ ଚତୁର୍ଥୀ ଓ ବାଲି ତୃତୀୟା |
| ୦୩/୦୯/୨୦୧୯<br>୦୪/୦୯/୨୦୧୯ | ନୂଆଖାଇ ଓ ଋଷି ପଞ୍ଚମୀ<br>ଷଷ୍ଠୀ ଓଷା ଓ ସୋମନାଥ ବ୍ରତାରମ୍ଭ |
| ୦୫/୦୯/୨୦୧୯ | ଗୁରୁ ଦିବସ |
| ୦୬/୦୯/୨୦୧୯<br>୦୭/୦୯/୨୦୧୯ | ରାଧାଷ୍ଟମୀ<br>ପାର୍ଶ୍ୱପରିବର୍ତ୍ତନ ଏକାଦଶୀ, ଶରଣ ଆରମ୍ଭ |
| ୧୦/୦୯/୨୦୧୯ | ମହରମ, ବାମନ ଜନ୍ମ |
| ୧୨/୦୯/୨୦୧୯ | ଅଘୋର ଚତୁର୍ଦ୍ଦଶୀ, ଅନନ୍ତ ବ୍ରତ |
| ୧୪/୦୯/୨୦୧୯ | ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭାଗବତ ଜନ୍ମ |
| ୧୭/୦୯/୨୦୧୯ | କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା |
| ୨୦/୦୯/୨୦୧୯ | ଗଜଷଷ୍ଠୀ |
| ୨୨/୦୯/୨୦୧୯ | ମୂଳାଷ୍ଟମୀ,ଶ୍ରୀଦୁର୍ଗାଦେବ୍ୟାଃ ଷୋଡଶଦିନାତ୍ମକ ପୂଜାରମ୍ଭ |
| ୨୫/୦୯/୨୦୧୯ | ଇନ୍ଦିରା ଏକାଦଶୀ |
| ୨୭/୦୯/୨୦୧୯ | ଫୁଲ୍ଲେରୀ ଓଷା |
| ୨୮/୦୯/୨୦୧୯ | ମହାଳୟା ଅମାବାସ୍ୟା |
| ୨୯/୦୯/୨୦୧୯ | ମା ବିରଜାଦେବୀଙ୍କ ରଥଯାତ୍ରା |
| ୩୦/୦୯/୨୦୧୯ | ଚନ୍ଦ୍ରଦର୍ଶନ |

# ଚହ୍ନ କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ବିଜେତାଙ୍କ ନାମ



ଆଖି ଦୁରୁଶିଆ ବ୍ୟଞ୍ଜନରେ ଭରି
ଭାତଥାଳି ଦେଖି ଲୋଭ,
ମାତ୍ର!
ଆଧୁନିକ ଯୁଗେ, ସିଝା ସନ୍ତୁଳାରେ
ନୀରୋଗ ଦେହଟି ଲାଭ

ବିଜେତା: ସୁମିତ୍ରା ପଣ୍ଡା, ରସୁଲଗଡ, ଭୁବନେଶ୍ୱର

ସୁନ୍ଦର ଭାବେ ପ୍ରସ୍ତୁତ ହୋଇଛି ଶାକାହାର ଭୋଜନ,
ସ୍ୱାଦିଷ୍ଟ ଆକୃଷ୍ଟ ଲାଗୁଛନ୍ତି ଅର୍ଣ୍ଣ ବିଭିନ୍ନ ଭଜା ବ୍ୟଞ୍ଜନ,
ପୁଷ୍ଟିକର ଯେ ଡାଲି ଶାଗ କଖାରୁ ଭେଣ୍ଡି ଶୋଭାଞ୍ଜନ,
ଭୋଜ୍ୟ ରୂପରେ ନିତ୍ୟେ ଆଶୀର୍ବାଦ ଦିଅନ୍ତୁ ନିରଞ୍ଜନ ||

ଶ୍ରୀ ରାଜଶେଖର ସି 'ଚମା'

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**